◀◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-196 ♦SUNDAY ♦11 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୯୬ ♦ରବିବାର ♦୧୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)

ହାଡ଼ଭଙ୍ଗା ଜାଡ଼; ଥରୁଛି ଓଡ଼ିଶା

■ ଭୁବନେଶ୍ୱର, ୧୦।୧ (ସମିସ): ହାଡ଼ଭଙ୍ଗା ଜାଡ଼ରେ ପୂରା ଓଡ଼ିଶା ଥରୁଛି । ବିଶେଷକରି ଶୁକ୍ରବାର ରାତିରେ ରାଜ୍ୟର ୨୮ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ଜାନୁଆରୀ ମାସରେ ପ୍ରବଳ ଶୀତ ୭୦ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି । ଶୁକ୍ରବାର ରାତିରେ ଝାରସୁଗୁଡ଼ାରେ ୪.୫ ଡିଗ୍ରୀ ରାତି ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଜାନୁଆରୀ ମାସରେ ଗତ ୭୩ ବର୍ଷର ସବୁଠାରୁ ଥଣ୍ଡା ରାତି ବୋଲି କୁହାଯାଉଛି । ସେହିପରି ଭୁବନେଶ୍ୱରରେ ୯.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ଗତ ୨୨ ବର୍ଷରେ ସବୁଠାରୁ ଥଣ୍ଡା ରାତି ବୋଲି ପାଣିପାଗ ବିଜ୍ଞାନୀ କହୁଛନ୍ତି । ଗତ ଗୁରୁବାର ରାତିରେ ରାଉରକେଲାରେ ରାତି ତାପମାତ୍ରା ୩.୬ ଡିଗ୍ରୀ ରହିଥିବା ବେଳେ ଏହା ଜାନୁଆରୀ ମାସରେ ସହରର ଇତିହାସରେ ସବୁଠାରୁ ▶ପୃଷ୍ଠା-୧୦

୨୮ ସହରରେ ପାରଦ ୧୦ ଡିଗ୍ରୀ ତଳେ

୭୩ ବର୍ଷର ରେକର୍ଡ ଭାଙ୍ଗିଲା ଝାରସୁଗୁଡ଼ା

ଜାନୁଆରୀ ମାସରେ ସର୍ବନିମ୍ନ ୪.୫ ଡିଗ୍ରୀ ତାପମାତ୍ରା ରେକର୍ଡ

୩୬ରୁ ଅଧିକ ନିଖୋଜ

ଧସିଲା ଆବର୍ଜ୍ଜନା ପାହାଡ଼: ୪ ମୃତ

■ ମାନିଲା, ୧୦।୧ (ଏଜେନ୍ସି): ଫିଲିପାଇନ୍ସର ସେବୁ ସିଟିରେ ଲାଣ୍ଡଫିଲ ଅର୍ଥାତ ଆବର୍ଜ୍ଜନାର ପାହାଡ଼ ଧସିଛି । ୧୬ ମହଲା ଉଚ୍ଚ ବିଶିଷ୍ଟ ଏହି ଆବର୍ଜ୍ଜନା ଗଦା ଅଚାନକ ଧସିବା ଫଳରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩୬ରୁ ଅଧିକ ଲୋକ ଆବର୍ଜ୍ଜନା ତଳେ ଦବି ରହିଛନ୍ତି ବା ନିଖୋଜ ହୋଇଛନ୍ତି । ତେଣୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଏବେ ସେଠାରେ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆବର୍ଜ୍ଜନାରେ ଦବି ରହିଥିବା ବ୍ୟକ୍ତିଙ୍କୁ ଖୋଜିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ୩୦୦ ଉଦ୍ଧାରକାରୀଙ୍କୁ ନିୟୋଜିତ କରାଯାଇଛି । ବିନଲିଭ ଗାଁସ୍ଥିତ ଏକ ୱେଷ୍ଟ ସେଗ୍ରେସନ ଫ୍ୟାସିଲିଟିରେ ଏହି ଦୁର୍ଘଟଣା ଘଟିଛି । ସେତେବେଳେ ଆବର୍ଜ୍ଜନାକୁ ଅଲଗା କରିବାକୁ ଶ୍ରମିକମାନେ କାର୍ଯ୍ୟ କରୁଥିଲେ । ପୁଲିସ ଦେଇଥିବା ସୂଚନା ଅନୁସାରେ ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଜୀବିତ ଅବସ୍ଥାରେ ବାହାର କରାଯାଇଛି । ଏଠାରେ ୧୧୨ ଜଣ କର୍ମଚରରା କାର୍ଯ୍ୟରତ ଥିଲେ ବୋଲି ଜଣାପଡ଼ିଛି ।

ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଧାନକିଣାରେ ମାଳମାଳ ଅବ୍ୟବସ୍ଥା

ମିଲର୍ ଅଧା ଖୁସି; ଦହଗଞ୍ଜା ଚାଷୀ

- ଧାନ ଧରି ବସିଛନ୍ତି; ଟୋକନ ମିଳୁନି
- ଟୋକନ ମିଳିଥିଲେ ବି ମଣ୍ଡି ଖୋଲୁନି
- ଏବେ ବି ୫ କେଜି ଯାଏଁ କଟ୍‌ନୀଛଟ୍‌ନୀ
- ଦଲାଲ୍‌ଙ୍କୁ ୧୮୦୦ରେ ଧାନ ବିକୁଛି ଚାଷୀ
- ଘୋଷଣାରେ ସୀମିତ ରହିଛି ମଡେଲ ମଣ୍ଡି

■ ଭୁବନେଶ୍ୱର, ୧୦।୧ (ସମିସ): ଉତ୍ତରରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ ଯାଏଁ, ରାଜ୍ୟର ସବୁଆଡ଼େ ଧାନକିଣାରେ ଚରମ ଅବ୍ୟବସ୍ଥା ଜଳଜଳ ଦିଶୁଛି । କେଉଁଠି ଚାଷୀ ଧାନ ଧରି ବସିଛି, ହେଲେ ସରକାର ଟୋକନ ଦେଉନାହାନ୍ତି । କେଉଁଠି ଚାଷୀଙ୍କୁ ଟୋକନ ଜାରି ହୋଇସାରିଛି; ମାତ୍ର ମଣ୍ଡି ଖୋଲୁନାହିଁ । ଏପରିକି ଅନେକ ସ୍ଥାନରେ ମିଲରମାନେ ଧାନ ଉଠାଇବାକୁ ଯାଉନାହାନ୍ତି । ରାଜ୍ୟ ସରକାର ମଡେଲ ମଣ୍ଡିର ସ୍ୱପ୍ନ ଦେଖାଇଥିବା ବେଳେ ମଣ୍ଡିରେ ଖୋଲା ଆକାଶ ତଳେ ଚାଷୀ ରାତି ବିତାଉଛନ୍ତି । ପୁଳାପୁଳା ସମସ୍ୟାରେ ଜର୍ଜରିତ ଚାଷୀକୁଳ ବାଧ୍ୟହୋଇ ଦଲାଲ୍‌ଙ୍କୁ ଧାନ କ୍ୱିଣ୍ଟାଲ ପିଛା ୧୫୦୦ରୁ ୧୮୦୦ ଟଙ୍କାରେ ବିକ୍ରି କରିଦେଉଛନ୍ତି । ସବୁ ଦେଖି-ଶୁଣି ସରକାର ଚାଷୀଙ୍କ ସମସ୍ୟାକୁ ଏକପ୍ରକାର ନଜରଅନ୍ଦାଜ କରିଦେଇଥିବା ବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ କୁହୁଳିଲାଣି । ସରକାରୀ ପ୍ରତିଶ୍ରୁତି ପାଇ ମିଲର୍‌ମାନେ ଖୁସି ଥିବାବେଳେ ଦହଗଞ୍ଜା ହେଉଛନ୍ତି ଚାଷୀ । ସରକାର ଧାନ ନ କିଣିବା ପାଇଁ ଏତେ ସବୁ ଫନ୍ଦି କରିଛନ୍ତି ବୋଲି ▶ପୃଷ୍ଠା-୧୦

ନବୀନଙ୍କ ଉଦ୍‌ବେଗ

ରାଜ୍ୟରେ ଭୁଶୁଡ଼ିପଡ଼ିଛି ଧାନ ସଂଗ୍ରହ ବ୍ୟବସ୍ଥା

■ ଭୁବନେଶ୍ୱର, ୧୦।୧ (ସମିସ): ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଖୋଦ୍ ସରକାରଙ୍କ ଦ୍ୱାରା ଚାଷୀ ପ୍ରତାରିତ, ଅସହାୟ ଓ ହତାଶ ହୋଇପଡ଼ିଛନ୍ତି ବୋଲି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । 'ଚାଷୀଙ୍କୁ ସମ୍ମାନ'ର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି । ସମ୍ମାନ ବଦଳରେ ଏ ସରକାରରେ ଚାଷୀ ସବୁଠୁ ଅସମ୍ମାନିତ ଓ ପ୍ରତାରିତ ବୋଲି ବିଜେଡି ସୁପ୍ରିମୋ ନବୀନ କହିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଅସହ୍ୟ ଥଣ୍ଡା-କାକର, ▶ପୃଷ୍ଠା-୧୦

ବିଜେପି ସରକାରର ସବୁ ଘୋଷଣା ଏବେ ମିଛ ପ୍ରତିଶ୍ରୁତିରେ ପରିଣତ

ଚାଷୀ ଆନ୍ଦୋଳନକୁ 'ନୌଟଙ୍କି' କହୁଛନ୍ତି

ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ଏମିତି

ଚାଷୀଙ୍କ ହକ୍ ପାଇଁ ସ୍ୱର ଶାଣିତ କରିବ ବିଜେଡି

କ୍ଷେତରେ ଖସିପଡ଼ିଲା ବିମାନ

୨ ପାଇଲଟଙ୍କ ସମେତ ୬ ଗୁରୁତର

■ ରାଉରକେଲା, ୧୦।୧ (ସମିସ): ଭୁବନେଶ୍ୱରରୁ ରାଉରକେଲା ଯାଉଥିବା ଇଣ୍ଡିଆ-ୱାନ୍ ଏୟାର ସେସ୍ନା ଗ୍ରାଣ୍ଡ କାରାଭାନ୍ ଏକ୍ସ ବିମାନ ଶନିବାର ଅପରାହ୍ଣରେ ରାଉରକେଲାର ଜଲଦା ଅନ୍ତର୍ଗତ କଂସର ନିକଟବର୍ତ୍ତୀ ଗାଡିଆଟୋଲା ଅଞ୍ଚଳରେ ଜରୁରୀକାଳୀନ ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିମାନରେ ଥିବା ୨ ପାଇଲଟ ଓ ୪ ଯାତ୍ରୀ ଆହତ ହୋଇଛନ୍ତି । କୋଲକାତା ଓ ରାଉରକେଲା ଏଟିସିରୁ ସୂଚନା ପାଇବା ପରେ ସ୍ଥାନୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି ।

ସୂଚନାନୁଯାୟୀ, ବିମାନଟି ଇଣ୍ଡିଆ-ୱାନ୍ ଏୟାର ସେବା ଅଧୀନରେ ଭୁବନେଶ୍ୱରରୁ ରାଉରକେଲାକୁ ନିୟମିତ ଉଡ଼ାଣ କରୁଥିଲା । ପ୍ରତିଦିନ ଭଳି ବିମାନଟି ଭୁବନେଶ୍ୱର ଆନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ନିର୍ଦ୍ଧାରିତ ସମୟରେ ଉଡ଼ାଣ ଭରିଥିଲା । ମଝି ଆକାଶରେ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଅପରାହ୍ଣ ୧ଟା ୧୮ ମିନିଟ୍‌ରେ କୋଲକାତା ଏଟିସି ରାଡାର ସହ କିଛି ସମୟ ପାଇଁ ଯୋଗାଯୋଗ ହରାଇଥିଲା । ପାଇଲଟ୍ ତୁରନ୍ତ ଏଟିସିକୁ ସୂଚନା ଦେବା ସହ

ଭୁବନେଶ୍ୱରରୁ ରାଉରକେଲା ଯାଉଥିଲା ୯ ସିଟ୍‌ର ବିମାନ

ଜରୁରୀ ଅବତରଣ ବେଳେ ଦୁର୍ଘଟଣାର ସମ୍ମୁଖୀନ

ସତର୍କତାର ସହିତ ପ୍ରାୟ ୧ଟା ୪୦ ମିନିଟରେ ରାଉରକେଲାର ଜଲଦା ଅନ୍ତର୍ଗତ କଂସର ନିକଟବର୍ତ୍ତୀ ଗାଡିଆଟୋଲା ▶ପୃଷ୍ଠା-୧୦

ସିଲିକନ୍‌ର ପୁଲିସ ନିଯୁକ୍ତି ପରୀକ୍ଷା ପରିଚାଳନା

'ପ୍ରଥମେ କ୍ଲିନ୍‌ଚିଟ୍, ପରେ ମାଷ୍ଟରମାଇଣ୍ଡ'

■ ଭୁବନେଶ୍ୱର, ୧୦।୧ (ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ଘଟଣାରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି । ଏହି ଘଟଣାରେ ଏବେ ଏକ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି । ଏସ୍‌ଆଇ ଚାକିରି ପରୀକ୍ଷା ପରିଚାଳନା ପାଇଁ ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍‌କୁ କ୍ରାଇମବ୍ରାଞ୍ଚ କ୍ଲିନ୍‌ଚିଟ୍ ଦେଇଥିଲା ବୋଲି ଜଣାଯାଇଛି । ତେବେ କ୍ରାଇମବ୍ରାଞ୍ଚ ଭଳି ପାରିବାର ସଂସ୍ଥା କେଉଁ ଆଧାରରେ ସିଲିକନ୍‌କୁ କ୍ଲିନ୍‌ଚିଟ୍ ଦେଲା, ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

କ୍ରାଇମବ୍ରାଞ୍ଚର ଅନୁସନ୍ଧାନ

ଫୋନ୍ କଲ୍‌ରେ ତଥ୍ୟ ଯାଞ୍ଚ କରିଥିଲେ ତଦନ୍ତ ଅଧିକାରୀ

ଗୁଗଲ୍ ଓ ୨ ପୋର୍ଟାଲ ଦେଖି ଦିଆଯାଇଥିଲା କ୍ଲିନ୍‌ଚିଟ୍

ସୂଚନାନୁଯାୟୀ, ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ କୌଣସି ସଂସ୍ଥାକୁ ଦାୟିତ୍ୱ ଦେବା ପୂର୍ବରୁ ସରକାର ସଂପୃକ୍ତ ସଂସ୍ଥା ସଂପର୍କରେ ଆମୂଳଚୂଳ ତଥ୍ୟ ସଂଗ୍ରହ କରିଥା'ନ୍ତି । ଏସ୍‌ଆଇ ପରୀକ୍ଷା ପରିଚାଳନା ପାଇଁ ସିଲିକନ୍‌କୁ ବଛାଯିବା ପୂର୍ବରୁ ସଂସ୍ଥା ସଂପର୍କରେ ▶ପୃଷ୍ଠା-୧୦

'ଆଇ-ପ୍ୟାକ୍'ରେ ଚଢ଼ଉକୁ ନେଇ ପଶ୍ଚିମବଙ୍ଗ ରାଜନୀତି ସରଗରମ

ମମତାଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲା ଇଡି

■ କୋଲକାତା, ୧୦।୧ (ଏଜେନ୍ସି): ଆଇ-ପାକ୍ ଅଫିସରେ ଗତ ଗୁରୁବାର ଦିନ ଚଢ଼ଉ ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଉପୁଜାଇବାକୁ ବିରୋଧ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ସମ୍ବିଧାନର ଧାରା ୩୨ ଅନୁଯାୟୀ ଇଡି ସର୍ବୋଚ୍ଚ ଅଦାଲତରେ ଏକ ପିଟିସନ ଦାୟର କରି ମମତା ଓ ରାଜ୍ୟ ପ୍ରଶାସନ ବିରୋଧରେ ଅଭିଯୋଗ ଆଣିବା ସହିତ କୋଇଲା ଦୁର୍ନୀତିର ସିବିଆଇ ଦ୍ୱାରା ତଦନ୍ତ କରାଇବାକୁ ଅନୁରୋଧ କରିଛି । ଅନ୍ୟପକ୍ଷରେ ଇଡିର ଆବେଦନକୁ ବିରୋଧ କରିବା ସହିତ ଏହି ମାମଲାରେ ପକ୍ଷଭୁକ୍ତ ହେବାଲାଗି ମମତା ଆଜି ସୁପ୍ରିମ୍‌କୋର୍ଟରେ କେଭିଏଟ୍ ପିଟିସନ୍ ଦାୟର କରିଛନ୍ତି ।

ସୁପ୍ରିମ୍‌କୋର୍ଟରେ କରିଥିବା ଆବେଦନରେ ଇଡି ଦର୍ଶାଇଛି ଯେ, କୋଇଲା ଦୁର୍ନୀତି ମାମଲାର ନିରପେକ୍ଷ ତଦନ୍ତ ଚାଲୁଥିଲେ ହେଁ ରାଜ୍ୟ ପ୍ରଶାସନ ଏଥିରେ ବାଧା ଇଡି ଅଧିକାରୀଙ୍କଠାରୁ ଫାଇଲ ଛଡ଼ାଇ ନେଇଥିଲେ । ଏହି ଫାଇଲ ସହିତ ଇଲେକଟ୍ରୋନିକ ଡିଭାଇସ ମଧ୍ୟ ଥିଲା ଏବଂ ଏଥିରେ ଦୁର୍ନୀତି ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଥିବା

କାଭିଏଟ୍ ପିଟିସନ ଦାଖଲ କଲେ ମମତା

ମମତାଙ୍କୁ ଶୁଭେନ୍ଦୁ ଅଧିକାରୀଙ୍କ ଓକିଲ ନୋଟିସ୍

ଦେଉଛି । ତେଣୁ ସିବିଆଇ ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ । ଏଥିରେ ଦର୍ଶାଯାଇଛି ଯେ ଏହି ମାମଲାରେ ଗତ ଗୁରୁବାର ଦିନ ଆଇ-ପାକ୍ ଅଫିସ୍ ଏବଂ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ଉ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ଅଧିକାରୀଙ୍କ ସହ ସେଠାରେ ପହଞ୍ଚି ଇଡି ଆବେଦନରେ ଦର୍ଶାଇଛି ।

କଲିକତା ହାଇକୋର୍ଟରେ ଇଡି ପକ୍ଷରୁ ଏଭଳି ପିଟିସନ ଦାଖଲ କରାଯାଇଥିଲା ଏବଂ ମମତାଙ୍କ ବିରୋଧରେ ମାମଲା ଲାଗି ଅନୁମତି ଲୋଡ଼ାଯାଇଥିଲା । ମାତ୍ର ମାମଲାର ଶୁଣାଣି ବେଳେ କୋର୍ଟ ରୁମରେ ଅତ୍ୟଧିକ ଗହଳି ଯୋଗୁଁ ▶ପୃଷ୍ଠା-୧୦

ଖୋଲୁନି ଓଏସ୍‌ଏସ୍‌ସି, ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍

ଆବେଦନ ହେଉନି; ଆଶାୟୀ ନିରାଶ

■ ଭୁବନେଶ୍ୱର, ୧୦।୧ (ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନୁରୂପ ଭାବେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୩୨୫୦ ପଦରେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି । ମାତ୍ର ଆବେଦନ ଆରମ୍ଭରୁ ହିଁ ଆବେଦନ ପ୍ରକ୍ରିୟା ଝୁଣ୍ଟିଛି । ଉଭୟ ୱେବସାଇଟ୍ ଅନେକ ସମୟରେ ଖୋଲୁ ନଥିବା ବେଳେ ମାତ୍ରାଧିକ ସମୟ ଅତ୍ୟନ୍ତ ଧିମା ଚାଲୁଛି । ଫଳରେ ଆବେଦନ ପାଇଁ ଲକ୍ଷାଧିକ ଆଶାୟୀ ଅପେକ୍ଷା କରି ରହିଛନ୍ତି ।

ଓଏସ୍‌ଏସ୍‌ସି ପକ୍ଷରୁ ସିଜିଏଲ୍ ପାଇଁ ଆବେଦନ ପ୍ରକ୍ରିୟା ଗତ ୧୯ ତାରିଖରୁ ଆରମ୍ଭ ହୋଇଛି । ଆସନ୍ତା ୨୧ ତାରିଖ ଅର୍ଥାତ୍ ମାତ୍ର ୧୧ ଦିନ ପରେ ଆବେଦନ ଅବଧି ସରିବ । ମାତ୍ର ୱେବସାଇଟ୍ ମାତ୍ରାଧିକ ▶ପୃଷ୍ଠା-୧୦

SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ପୁଞ୍ଜିବଜାରରେ ଟ୍ରେଡିଂ ଆଳରେ ଠକେଇ

୯୦ ଲକ୍ଷ ଟଙ୍କା ଥିବା ଆକାଉଣ୍ଟ ଅଚଳ; ୬ ଗିରଫ

■ କଟକ, ୧୦।୧ (ସମିସ): ମଧୁପାଟଣା ଥାନା ଅଞ୍ଚଳରେ ଚାଲିଥିବା ଏକ ଅନ୍ତଃରାଜ୍ୟ ସାଇବର ଲୁଟେରା ଗ୍ୟାଙ୍ଗକୁ ପୁଲିସ କାବୁ କରିଛି । ଦୀର୍ଘ ଦିନ ହେବ ଏହି ସାଇବର ଲୁଟେରାମାନେ ସାଧାରଣ ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସାଇବର୍ ଲୁଟେରାଙ୍କ ସମେତ ବେସରକାରୀ ବ୍ୟାଙ୍କ୍ କର୍ମଚାରୀ ସମ୍ପୃକ୍ତ ରହିଛନ୍ତି । ଅଭିଯୁକ୍ତମାନେ

ହେଲେ, ବାଲିକୁଦା ଥାନା ଅନ୍ତର୍ଗତ ବବ୍ଲୁ ନାୟକ(୨୬), ମାହାଙ୍ଗ ଥାନା ଅନ୍ତର୍ଗତ ପନ୍ନାଗ ନାରାୟଣ ଦାସ(୨୫), ତିର୍ତ୍ତୋଲ ଥାନା ଅନ୍ତର୍ଗତ ରୁଦ୍ରମାଧବ ମହାପାତ୍ର(୨୩) । ଏହାଛଡ଼ା ଏହି ଘଟଣାରେ ଗିରଫ ହୋଇଥିବା ବେସରକାରୀ ବ୍ୟାଙ୍କ କର୍ମଚାରୀମାନେ ହେଲେ ଉତ୍କର୍ଷ ବ୍ୟାଙ୍କ୍‌ର ରିଲେସନ୍‌ସିପ୍ ମ୍ୟାନେଜର ହରେକୃଷ୍ଣ ସାହୁ(୩୦), ବନ୍ଧନ

ନିବେଶ ଆଳରେ ଲୋକଙ୍କୁ ଭୁଆଁ ବୁଲାଉଥିଲେ

୬୯ଟି ମୋବାଇଲ୍, ୪ଟି ଲ୍ୟାପଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, କାର୍ ଓ ବାଇକ୍ ଜବତ

ବ୍ୟାଙ୍କ୍‌ର ଡେପୁଟି ମ୍ୟାନେଜର ଅଭିଷେକ ମହାନ୍ତି(୩୧), ଆକ୍ସିସ୍ ବ୍ୟାଙ୍କ୍‌ର ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ମଲ୍ଲିକ(୩୭) ଓ ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍‌ର ସହକାରୀ ପରିଚାଳକ ସ୍ୱରାଜ କୁମାର ସାମଲ(୩୨) । ଏମାନଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି । ଏହି ଘଟଣାରେ ୬୯ଟି ମୋବାଇଲ୍ ଫୋନ୍, ୪ଟି ଲ୍ୟାପଟପ୍, ୩ଟି ଡେକ୍ସଟପ୍, ୨୧୫ଟି ସିମ୍‌କାର୍ଡ, ୫୫୪ଟି ବ୍ୟାଙ୍କ୍ ପାସବୁକ୍, ୭୦୨ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ, ଗୋଟିଏ କାର୍ ଓ ବାଇକ୍‌କୁ ଜବତ କରାଯାଇଛି । ୯୦ଲକ୍ଷ ଟଙ୍କା ଗଚ୍ଛିତ ଥିବା ଏକ ବ୍ୟାଙ୍କ୍ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି । ▶ପୃଷ୍ଠା-୧୦

ଡୁର୍କେଲ୍ ବ୍ରିଜ ନିରୀକ୍ଷଣ କଲେ ସିଏସଆଇଆର୍ ଟିମ୍

ଭବାନୀପାଟଣା, ୧୦।୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ନୂଆପଡ଼ା ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୬ର ଡୁର୍କେଲ୍ ବ୍ରିଜ ଗତ ସେପ୍ଟେମ୍ବର ୨୭ ତାରିଖରେ ଫାଟ ଆସିବା ସହିତ ଦବି ଯାଇଥିଲା। ପରେ ଅକ୍ଟୋବର ୫ ତାରିଖରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ରିପୋର୍ଟ ପରେ ବ୍ରିଜ ଉପରୁ ଚାରି ଚକିଆ ବାହାନ ସହ ଭାରିଯାନ ଗମନାଗମନ ବନ୍ଦ କରାଯାଇଥିଲା। ଏହା ଦ୍ୱାରା ଭବାନୀପାଟଣା ସଦର ବ୍ଲକର କିଛି ପଞ୍ଚାୟତ ବାସୀ ବ୍ଲକ କାର୍ଯ୍ୟାଳୟ ହେଉ ଅବା ଜିଲ୍ଲା ସଦର ମହକୁମା ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ରିଜ ବନ୍ଦ ଯୋଗୁଁ ସେମାନେ ଏବେ ୩୦ କିଲୋମିଟର୍ ବୁଲି କି ଯିବାକୁ ପଡୁଛି। ଏହି ରାସ୍ତା ନୂଆପଡ଼ା ସହିତ ରାୟପୁରକୁ ମଧ୍ୟ ସଂଯୋଗ କରୁଛି।ଏହି ପରିପ୍ରେକ୍ଷୀରେ ଶନିବାର ଭାରତ ସରକାରଙ୍କ ନୂଆଦିଲ୍ଲୀ ସ୍ଥିତ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିଏସଆଇଆର)ର ଟିମ ବ୍ରିଜକୁ ପରିଦର୍ଶନ କରିବା ସହ ଏହାର ପରୀକ୍ଷଣ କରିଛନ୍ତି। ବ୍ରିଜକୁ କେମିତି ରକ୍ଷା କରାଯାଇପାରିବ ସେ ନେଇଁ ବିଭିନ୍ନ ଯାଞ୍ଚ ମଧ୍ୟ କରିଥିଲେ।ଏହାର ରିପୋର୍ଟ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଦେବେ। ପରେ ବ୍ରିଜର ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଏହି ପରୀକ୍ଷଣରେ ସିଏସଆଇଆର ୨ ବରିଷ୍ଠ ବୈଜ୍ଞାନିକ ଜିତେନ୍ଦ୍ର କୁମାର ଗୋୟଲ ଓ ଗଣେଶ କୁମାର ସାହୁ ସାମିଲ ଥିଲେ। ସେହିପରି ବ୍ରିଜ ପରୀକ୍ଷଣ ସମୟରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଓ ପିଡବ୍ଲୁଡି ଅଧକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଶୀଘ୍ର ଏହି ବ୍ରିଜର ସମାଧାନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ବିଧାୟକ ଦାସ ସିଏସଆଇଆର ଟିମ ଓ ପିଡବ୍ଲୁଡି ଅଧକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

କ୍ୟାବିନେଟ ମଞ୍ଜୁର ପରେ ମଧ୍ୟ କାର୍ଯ୍ୟକାରୀ ହେଉନି ଓପେଲିପ-୨

ଭବାନୀପାଟଣା, ୧୦।୧(ସମିସ)

ଓଡ଼ିଶାରେ ବିଶେଷ ଭାବେ ଅନୁନ୍ନତ ଜନ ଜାତି ସମୂଦାୟ ସଶକ୍ତିକରଣ ଓ ଜୀବିକା ଉର୍ନ୍ନତି କରଣ କାର୍ଯ୍ୟକ୍ରମ-୨(ଓପେଲିପି-୨) ଆର୍ଥିକ ବର୍ଷ ୨୦୨୪-୨୫ ରୁ ୨୦୩୦-୩୧ ପର୍ଯ୍ୟନ୍ତ ପ୍ରଣୟନ ଅବଧି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଅଧକ୍ଷତାରେ ଓଡ଼ିଶା ଅନୁସୂଚିତ

ପଦାରେ ପଡ଼ିଲା ସରକାରଙ୍କ ଆଦିବାସୀ ଜନଜାତି ପ୍ରୀତି

ଆରମ୍ଭ କରିଥିଲେ ନବୀନ

ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଅନୁଷ୍ଠିତ କବିନେଟ ବୈଠକରେ ନିଷ୍ପତ୍ତି ସତ୍ତ୍ୱେ ମଧ୍ୟ ଅଦ୍ୟବଧି କାର୍ଯ୍ୟକାରୀ ନହେବା ରାଜ୍ୟ ସରକାରଙ୍କ ଆଦିବାସୀ ଜନଜାତି ପ୍ରୀତି ପଦାରେ ପଡ଼ିଛି। ଗତ ୭ଡିସେମ୍ବର ୨୦୨୪ରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ନିଷ୍ପତ୍ତି ଅନୁଯାୟୀ ମିଳିତ ଜାତିସଂଘର ଏକ ସଂସ୍ଥା ଆଇଫାଡ଼ (ଇଣ୍ଟରନ୍ୟାସନାଲ ଫଣ୍ଡ ଫର୍ ଏଗ୍ରୀକଲଚର ଡେଭଲପମେଣ୍ଟ) ସହାୟତାରେ ସମଗ୍ର ଓଡ଼ିଶାର ଅନୁନ୍ନତ ଜନଜାତି ସମୁଦାୟଙ୍କ ଦ୍ରୁତ ଉନ୍ନତି ଓ ଅଗ୍ରଗତି ଲାଗି ୨୪୨୨.୧୩ କୋଟି ଟଙ୍କାର ବଜେଟ ନିର୍ବାଚନ ପୂର୍ବରୁ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ ପରେ ବିଜେପି ସରକାର ଜନଜାତି ସଂମୂହ

ପାଇଁ ୯୦ କୋଟି ରଖିଥିବା ସତ୍ତେ ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇନାହିଁ। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ଓପେଲିପ୍ ପାଇଁ ୨୦୦କୋଟି ଟଙ୍କା ବଜେଟରେ ରଖାଯିବା ସତ୍ତ୍ୱେ ଟଙ୍କା ଖର୍ଚ୍ଚ କରାଯାଉ ନାହିଁ କି ୨୦୨୫-୨୬ ଆର୍ଥିକ ବର୍ଷରେ ଅପେଲିପି-୨ ପାଇଁ କୌଣସି ବ୍ୟବସ୍ଥା ବିଭାଗ ପକ୍ଷରୁ କରାଯାଉ ନଥିବାରୁ ସରକାରଙ୍କ ଘୋଷିତ ୧୧୩୮ ଜନଜାତି ଗ୍ରାମର ବିକାଶ ସ୍ୱପ୍ନ ହୋଇ ରହିଯାଇଛି। କେନ୍ଦ୍ର ସରକାରଙ୍କ ପିଏମ୍ ଜନମନ ଯୋଜନା ସହ ଅପେଲିପ-୨ ପ୍ରଣୟନ ହୋଇ ପାରିଥିଲେ ଓଡ଼ିଶାର ଅନୁନ୍ନତ ଜନଜାତିଙ୍କ ବିକାଶ ହୋଇପାରିଥାନ୍ତା। ଓଡ଼ିଶାରେ ୧୩ ପ୍ରକାର ଅନୁନ୍ନତ ଜନଜାତି ଗୋଷ୍ଠି ଅଛନ୍ତି ଯାହାକି ଭାରତ ବର୍ଷରେ ୭୫ ଗୋଷ୍ଠି ମଧ୍ୟରୁ ସର୍ବାଧିକ ଅଟେ। ଏମାନଙ୍କ ଆବଶ୍ୟକତାର ଗୁରୁତ୍ୱ ଉପଲବ୍ଧି କରି ଓଡ଼ିଶାର ପୂର୍ବ ବିଜେଡି ସରକାର ୨୦୧୬ ମସିହାରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘ ସହଯୋଗରେ ଓଡ଼ିଶା ଅନୁନ୍ନତ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ (ଅପେଲିପ) ଆରମ୍ଭ କରିଥିଲେ। ଏହି କ୍ରମରେ ଓଡ଼ିଶା ସରକାର ଆନ୍ତଜାତିକୁ କୃଷି ଉନ୍ନୟନ ପାଣ୍ଠି (ଆଇଫଡ଼) ଏବଂ ଭାରତ ସରକାରଙ୍କ ସହ ଗତ ୧୮/୩/୨୦୧୬ରେ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ କରିଥିଲେ। ଏଥିରେ ଓଡ଼ିଶାର ୧୭ ଜିଲ୍ଲାର ଅଣୁ ପ୍ରକଳ୍ପ ସଂସ୍ଥା ମାଧ୍ୟମରେ ୨୨ଟି ବ୍ଲକର ୮୯ପଞ୍ଚାୟତରେ ବସବାସ କରୁଥିବା ୧. ୩୪ ଲକ୍ଷ ଅନୁନ୍ନତ ଜନଜାତି ଜନସଂଖ୍ୟା ର ସମୂହିକ ସଶକ୍ତିକରଣ ଓ ଜୀବିକାଉନ୍ନତି କରଣ ପାଇଁ ୧୭ଟି ସ୍ୱେଛାସେବୀ ସଂଗଠନ ସହାଭାଗିତାରେ ଆରମ୍ଭ କରାଯାଇଥିଲା। ଏଥିପାଇଁ ୭୯୫କୋଟି ଖର୍ଚ୍ଚ ହୋଇଥିବା ବେଳେ ଆଇଫଡ଼ ୩୧୨ କୋଟି ଏବଂ ରାଜ୍ୟ ସରକାର ୪୮୩ କୋଟି ଟଙ୍କା ପ୍ରଦାନ କରିଥିଲେ। ଫଳରେ ଗ୍ରାମ୍ୟଉନ୍ନୟନ ଯୋଜନା ପ୍ରସ୍ତୁତି, ପ୍ରଣୟନ, ତଦାରଖ ଓ ସବୁକିଛି ଗ୍ରାମବାସୀଙ୍କ କରାଯାଉଥିଲା। ସ୍ୱୟଂ ସହାୟକ ଗୋଷ୍ଠି ଗଠନ, କୃଷି ଓ କୃଷକର ଉନ୍ନତି ଦାଦନ ଶ୍ରମିକ ରୋକିବାପାଇଁ ପୁରୁଷ ଓ ମହିଳାଙ୍କୁ କ୍ଷୁଦ୍ର ଶିଳ୍ପ, ଜୀବିକା ନିର୍ବାହ ପାଇଁ ସହାୟତା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜଙ୍ଗଲ ଜାତ ଦ୍ରବ୍ୟକୁ ପ୍ରୋତ୍ସାହନ, ଗୃହ, ରାସ୍ତା ଘାଟ ପିଇବା ପାଣି, ପାଠଶାଳା ଆଦି କାର୍ଯ୍ୟରେ ଅର୍ଥ ବିବିଯୋଗ କରି ଆଦିମ ଜନଜାତି ସମୂହମାନଙ୍କ ବିକାଶ ହେଉଥିଲା।କିନ୍ତୁ ବର୍ତ୍ତମାନର ସରକାରରେ କ୍ୟାବିନେଟ ନିଷ୍ପତ୍ତି ପରେ ମଧ୍ୟ ଅପେଲିପ-୨ ଯୋଜନା କାର୍ଯ୍ୟକାରୀ ହେଇପାରୁନଥିବାରୁ ଜନଜାତିଙ୍କ ବିକାଶ ଠପ ହୋଇପଡ଼ିଛି। ଜନଜାତିଙ୍କ ଏଭଳି ସମ୍ବେଦନଶୀଳ ନିମିତ୍ତ ତୁରନ୍ତ କ୍ୟାବିନେଟ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ମହାଲରେ ଦାବି ହେଉଛି।

ଖଡିଆଳ ରାଜଦରବାରରେ କନକ ବର୍ଦ୍ଧନ

ଖଡ଼ିଆଳ ରାଜ ଦରବାରରେ ପହଞ୍ଚି ସ୍ୱର୍ଗତ ଡ଼.ଜିତାମିତ୍ର ସିଂ ଦେଓଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇଛନ୍ତି। ପରିବାର ଲୋକଙ୍କ ସହ ବସି ବାର୍ତ୍ତାଳାପ କରିଥିଲେ।

ନୂଆପଡ଼ା/ଖଡ଼ିଆଳ, ୧୦।୧(ସମିସ): ଗତ ରବିବାର ଦିନ ଖଡ଼ିଆଳ ଗଡ଼ଜାତ ରାଜା ଡ଼.ଜିତାମିତ୍ର ସିଂ ଦେଓଙ୍କ ପରଲୋକ ଘଟିଛି। ଶନିବାର ଦିନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ନୂଆପଡ଼ା ଜିଲ୍ଲା ଗସ୍ତ ଅବସରରେ ତାଙ୍କ ସହ ନୂଆପଡ଼ା ବିଧାୟକ ଜୟ ଡୋଲକିଆ ମଧ୍ୟ ଯୋଗ ଦେଇଥିଲେ। ପରିବାର ପକ୍ଷରୁ ରାଜ ମାତା ରାଜଶ୍ରୀ ଦେବୀ, ପୁତ୍ର ତଥା ବର୍ତ୍ତମାନର ରାଜଦରବାର ଦାୟିତ୍ୱ ନେଇଥିବା ଦେବ ଦେବ ସିଂ ଦେଓଙ୍କୁ ସାକ୍ଷାତ କରିଥିଲେ।

ଟ୍ରାନ୍ସପୋର୍ଟ ଗାଡ଼ିରୁ ଚାଉଳ ଚୋରି ; ୩ ଗିରଫ

ନୂଆପଡ଼ା, ୧୦।୧(ସମିସ): ରାୟପୁରରୁ ବିଶାଖାପାଟଣା ଅଭିମୁଖେ ଏକ ଚାଉଳ ବୋଝେଇ ଟ୍ରକ୍ ଯାଉଥିବାବେଳେ ଖଡ଼ିଆଳ ନିକଟରେ ଚାଉଳ ଚୋରି ଘଟଣାରେ ଖଡ଼ିଆଳ ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚୋରି ଚାଉଳ ସହ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ଖଡ଼ିଆଳ ଥାନା ଗୋଇମୁଣ୍ଡି ଗାଁର ଝଳେନ୍ଦ୍ର ଚଲାନ(୨୫), ଲଇବାନିଧି ଚଲାନ (୨୭)ଏବଂ ଘର ଧରା ଗାଁର ଚିତ୍ତଦେବ ବେହେରା(୩୮)। ପ୍ରକାଶ ଯେ ଗତ ଜାନୁୟାରୀ ୮ ତାରିଖରେ ରାୟପୁର ଟ୍ରାନ୍ସପୋର୍ଟର ଗୋବିନ୍ଦ ପ୍ରଶାଦ ଜିନ୍ଦଲ ତାଙ୍କ ଗାଡିରୁ ଚାଉଳ ଚୋରି ହୋଇଥିବା ନେଇ ଖଡ଼ିଆଳ ଥାନାରେ ଲିଖିତ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ସୂତ୍ରରୁ ପ୍ରକାଶ ଯେ ରାୟପୁରରୁ ବିଶାଖାପାଟଣାକୁ ଟ୍ରକ୍ ନଂ-ସିଜିଠ୪ ଏନଏକ୍ସ-୭୨୭୭ ଜରିଆରେ ୭୦୦ ବସ୍ତା ଚାଉଳ ଯାଉଥିବା ବେଳେ ଖଡ଼ିଆଳ ଥାନା ବଡପୋଲ ଛକ ନିକଟରେ ଟ୍ରକ୍ ଅଟକି ଥିବା ବେଳେ ଟ୍ରକରୁ ୨୮୨ ବସ୍ତା ଚାଉଳ ଚୋରି ହୋଇଯାଇଥିଲା। ପୁଲିସ ଛାନ ଭିନ କରି ଅଭିଯୁକ୍ତଙ୍କୁ ଠାବ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ଚୋରି ହୋଇଥିବା ୨୮୨ବସ୍ତା ମଧ୍ୟରୁ୨୪୦ବସ୍ତା ଚାଉଳ ଉଦ୍ଧାର ହୋଇଥିବା ବେଳେ ୪୨ ବସ୍ତା ଚାଉଳକୁ ବିଭିନ୍ନ ସ୍ଥାନରେ ବିକ୍ରି କରିଦେଇଥିଲେ। ୪୨ ବସ୍ତା ଚାଉଳ ବିକ୍ରିବିକ୍ରି କରି ଦେଇଥିଲେ ବୋଲି ସେହି ବାବଦକୁ ୫୪, ୪୦୦ ଟଙ୍କା ଅଭିଯୁକ୍ତଙ୍କ ଠାରୁ ପୁଲିସ ଜବତ କାଟିବା ସହିତ ଚୋରିରେ ବ୍ୟବହୃତ ଦୁଇଟି ଚାରି ଚକିଆ ଗାଡିକୁ ଜବତ କରାଯାଇଛି।

ନୂଆଦିଲ୍ଲୀ ସାଧାରଣତନ୍ତ୍ର ପରେଡରେ କଳାହାଣ୍ଡିରୁ ଯୋଗ ଦେବେ ୩୫ କଳାକାର

ଭବାନୀପାଟଣା, ୧୦।୧(ସମିସ): ଭବାନୀପାଟଣା ସହରର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭାର ଘୁମୁରା ଓ

ବଜାଶାଲ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ଉତ୍ସବରେ ଦୁଲୁକିବ। ୩୫ ଜଣିଆ ଟିମ୍ ଶୁକ୍ରବାର ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି।ଜାନୁଆରୀ ୧୦ତାରିଖରେ ପହଞ୍ଚିବା ପରେ ଅଭ୍ୟାସ ଆରମ୍ଭ ହେବ। ଲୋକନୃତ୍ୟ କଳାହାଣ୍ଡିବାସୀଙ୍କ ହୃଦୟର ସ୍ପନ୍ଦନ।ପ୍ରତିଭା ଅନୁଷ୍ଠାନର ପ୍ରତିଭାବାନ କଳାକାରମାନେ ଦେଶ ବିଦେଶରେ ନୃତ୍ୟ ପ୍ରଦର୍ଶନ କରି ବେଶ ପ୍ରଶଂସା ସାଉଁଟିଛନ୍ତି। ଦିଲ୍ଲୀରେ ମଧ୍ୟ ନିଜ କଳାର ଯାଦୁକରୀ ଛନ୍ଦରେ ଲୋକବାଦ୍ୟର ତାଳରେ ନାଚି ନଚେଇ କଳାହାଣ୍ଡି ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି। ଜାନୁଆରୀ ୨୬ ତାରିଖରେ ରାଜପଥରେ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ପ୍ରତିଭାର ସଭାପତି ଧାନାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବା କୁ ଥିବା କାର୍ଯ୍ୟକ୍ରମ ନିମନ୍ତେ କୋଲକତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଏହି ଟିମ ଯାଇଛନ୍ତି। ୧୫ଜଣିଆ ଟିମ୍ ଘୁମୁରା ଓ ୨୦ଜଣିଆ କଳାକାର ବଜାଶାଲ ପ୍ରଦର୍ଶନ କରିବେ। ପୂର୍ବରୁ ଗତ ୨୦୨୧ ମସିହାରେ ପ୍ରତିଭା ପକ୍ଷରୁ ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜପଥ ରେ ବଜାଶାଲ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲେ।

ଇନ୍ଦ୍ରା ପ୍ରଧାନୀଙ୍କ ପରଲୋକ

କୋମନ, ୧୦।୧(ସମିସ): କୋମନା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଜେଠୁପାଲି ଗାଁର ସାମ୍ବାଦିକ ଚେତୁରାମ ପ୍ରଧାନୀଙ୍କ ମାଆ ଇନ୍ଦ୍ରା ପ୍ରଧାନୀଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଜେଠୁପାଲିସ୍ଥିତ ନିଜ ବାସଭବନରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ଅନ୍ତିମ ସଂସ୍କାର ସମୟରେ ସାମ୍ବାଦିକ ଚେତୁରାମ ପ୍ରଧାନୀ, ବଡ ଭାଇ ଝିମୁ ପ୍ରଧାନୀ, ବଲ୍ଲବ ପ୍ରଧାନୀ, ବୁଦ୍ଧି ସାଗର ପ୍ରଧାନୀ, ଗୋଲଡି ପ୍ରଧାନୀ, ଓକିଲ ପ୍ରଧାନୀ ଲୋଚନ ପ୍ରଧାନୀ, ପୌରସ ପ୍ରଧାନୀ, ଜନ୍ନ ପ୍ରଧାନୀ, ଗଜପତି ପ୍ରଧାନୀ ଓ ପ୍ରଧାନୀ ପରିବାର ସହ ବହୁ ସଂଖ୍ୟାରେ ବନ୍ଧୁ ବର୍ଗ ଉପସ୍ଥିତ ରହି ସ୍ଥାନୀୟ ସ୍ୱର୍ଗ ଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଛି।

ଆଜିଠୁ ବ୍ୟାସଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

କୋମନା, ୧୦।୧(ସମିସ): ସ୍ଥାନୀୟ ଜେଏମ୍ ହାଇସ୍କୁଲ ଖେଳପଡ଼ିଆ ଠାରେ ଆସନ୍ତା ୧୧ ତାରିଖରୁ ପ୍ରତିଷ୍ଠିତ '୧୯ତମ ବ୍ୟାସଦେବ ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। କୋମନା ଫୁଟବଲ ଆସୋସିଏସନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଅନେକ ନାମୀଦାମୀ ଦଳ ଅଂଶଗ୍ରହଣ କରୁଛନ୍ତି।ଟୁର୍ଣ୍ଣାମେଣ୍ଟକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ସମସ୍ତ ମ୍ୟାଚ୍ ଅପରାହ୍ନ ୩ଟା ସମୟରେ ଖେଳାଯିବ।ଟୁର୍ଣ୍ଣାମେଣ୍ଟରେ ମୋଟ ଆଠଟି ଦଳ ଭାଗ ନେଉଥିବା ବେଳେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଆସନ୍ତା ଜାନୁଆରୀ ୧୭ ତାରିଖ ଅପରାହ୍ନ ୩ଟା ସମୟରେ ଅନୁଷ୍ଠିତ ହେବ ଆୟୋଜକ କମିଟି ସଭାପତି ସୂଚନା ଦେଇଛନ୍ତି।

ଲାଞ୍ଜିଗଡ଼ରେ ମୁକ୍ତ ବିଦ୍ୟାଳୟ ନାମଲେଖା ପାଇଁ ମେଗା କ୍ୟାମ୍ପ

ନାମ ଲେଖାଇଲେ ୧୯୫୧ ଡ୍ରପ୍‌ଆଉଟ୍ ଛାତ୍ରଛାତ୍ରୀ

ଲାଞ୍ଜିଗଡ଼, ୧୦।୧(ସମିସ): ଲାଞ୍ଜିଗଡ଼ ଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ ଓ ମେ'ମାସରେ ସିଟିଏସ୍ ସର୍ଭେରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ ରହିଥିବା ଛାତ୍ରଛାତ୍ରୀ ଚିହ୍ନଟ କରାଯାଇ ଥିଲା। ବିଦ୍ୟାଳୟରୁ ବାହାରେ ରହିଥିବା କିମ୍ବା ଅଧାରୁ ପାଠ ଛାଡ଼ିଦେଇଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଇବାର ବୃହତ୍ ପଦକ୍ଷେପ ଭାବରେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏଆଇଓଏସ୍) ଏବଂ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (ଏନ୍‌ଆଇଓଏସ୍)ରେ ନାମଲେଖା ପାଇଁ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ମୋଟ ୧୯୫୧ ଜଣ ଛାତ୍ରଛାତ୍ରୀ ନିଃଶୁଳ୍କ ଭାବରେ ନାମ ପଞ୍ଜୀକରଣ କରିଛନ୍ତି। ଚତୁର୍ଥ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ସ୍କୁଲ ଛାଡ଼ିଥିବା ୧୪ ବର୍ଷରୁ ଅଧିକ ଓ ୧୮ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ଦଶମ ଏବଂ (+୨) ପାଇଁ ଏହି ନାମଲେଖା ଅଭିଯାନ ସାରା ରାଜ୍ୟ ଆରମ୍ଭ ହୋଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ନେତୃତ୍ୱ ନେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁଡ଼ଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଏବଂ ବ୍ଲକର ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନେ ସହଯୋଗ କରିଥିଲେ। ତେବେ (ଏନ୍‌ଆଇଓଏସ୍) ୧୩୯ଜଣ ଛାତ୍ରଛାତ୍ରୀ ଓ (ଏସ୍‌ଆଇଓଏସ୍)ରେ ୧୨ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଫର୍ମ ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ୍ ଦାଖଲ କରିଥିଲେ। ବ୍ଲକର ୧୩ଟି କ୍ଲଷ୍ଟରରୁ ଶନିବାର ସମୁଦାୟ ୧୫୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି ଯେ ପରବର୍ତ୍ତୀ ସମୟରେ ଆହୁରି ଅଧିକ ପିଲାଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯାଇ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରହିବ। ଏହି ଉଦ୍ୟମ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ସହିତ ଯୁବପିଢ଼ିକୁ ଶିକ୍ଷିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଆଇନ ସଚେତନତା ଶିବିର

କେସିଙ୍ଗା, ୧୦।୧ (ସମିସ): ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ପଞ୍ଚାୟତ ଉଚ୍ଚ ବୋରିଆରେ ପରିବେଶ ସୁରକ୍ଷା ଓ ପ୍ରଦୂଷଣରୋକିବା ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣକୁ ରୋକିବା ଏବଂ ତତ୍ସଂଲଗ୍ନ ବିଭିନ୍ନ ଆଇନ ଓ ଉପକ୍ରମରେ ଜନସାଧାରଣଙ୍କ ଅଧିକାର ଓ ପରିବେଶ ପ୍ରତି କର୍ତ୍ତବ୍ୟ ଆଦି ବିଷୟ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ସାହୁ, ଆଇନଜୀବି ସଞ୍ଜୀବ କୁମାର ସ୍ୱାଇଁ, କେସିଙ୍ଗା ଆଦର୍ଶ ଥାନାର ଏଏସ୍‌ଆଇ ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ଚାଲିଥିବା ସଚେତନତା ଶିବିରର ଅଂଶବିଶେଷ ଅଟେ।

ମନରେଗା ଯୋଜନାକୁ ପୁନଃ ପ୍ରଚଳନ ପାଇଁ ଦାବି

ହେୟଜ୍ଞାନ କଲେ ଜନ ଆନ୍ଦୋଳନ ନିଶ୍ଚିତ

ଭବାନୀପାଟଣାର,୧୦।୧(ସମିସ): ଦୀର୍ଘ କୋଡ଼ିଏ ବର୍ଷ ପୂର୍ବରୁ ମନମୋହନ ସିଂ ସରକାର କାଳରେ ଶ୍ରମିକଙ୍କ କଲ୍ୟାଣ ପାଇଁ ମନରେଗା ପ୍ରଣୟନ କରି ଦେଶର ଶ୍ରମିକ ମାନଙ୍କୁ ବାର୍ଷିକ ୧୦୦ଦିନର ନିଶ୍ଚିତ କର୍ମ ଯୋଜନା ଯୋଗାଇ ଦେଇଥିଲେ। ତେବେ ବର୍ତ୍ତମାନର କେନ୍ଦ୍ର ବିଜେପି ସରକାର ଏହି ଯୋଜନାକୁ ବନ୍ଦ କରି ଦେଇ ଏକ ନୂତନ ନାମକରଣ କରି ରାମଜୀ ଉପରେ ପ୍ରାଧାନ୍ୟତା ଦେଇଛନ୍ତି। ଏହି ନୂଆ ପରିକଳ୍ପନାର ଯୋଜନା ଯାହା ପ୍ରଣୟନ କରିଛନ୍ତି ତାକୁ ଦେଶରେ ଜାତୀୟ କଂଗ୍ରେସ ଘୋର ବିରୋଧ କରି ଦେଶ ସାରା ଜନ ପ୍ରତିକ୍ରିୟା ପାଇଁ ଆହ୍ୱାନ ଦେଇ ପ୍ରତିବାଦ ଆରମ୍ଭ ହୋଇଛି।ଏହି ପରିପ୍ରେକ୍ଷୀରେ ଓଡ଼ିଶା କଂଗ୍ରେସ ଦଳ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲ୍ଲାରେ କଂଗ୍ରେସ ଆନ୍ଦୋଳନ ଜାରି ରଖିଛି। ଶନିବାର କଳାହାଣ୍ଡି ଜିଲ୍ଲା କଂଗ୍ରେସ ଦଳ ମନରେଗା ଯୋଜନାର ପୁନଃ ପ୍ରଚଳନ ଲାଗି ମୁଣ୍ଡ ଟେକିଛି। ଦୁଇ ଚାରି ଚକିଆ ଯାନ ଠାରୁ ପ୍ରଦୂଷଣ ପ୍ରମାଣ ପତ୍ର ନାମରେ ବେଆଇନ ଅର୍ଥ ଆଦାୟ କରାଯାଉଥିବା, ବିଦ୍ୟୁତ୍ ଉପଭୋକ୍ତଙ୍କ ଠାରୁ ଅତିରିକ୍ତ ଶୁଳ୍କ ଆଦାୟ କରୁଥିବା ଘଟଣାକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତାମାନେ ବିଜେପି ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରକୁ ତିରସ୍କାର କରିବା ସହିତ ସମାଲୋଚନା କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ ନାୟକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ ପ୍ରମୁଖ ନିନ୍ଦା ପ୍ରକାଶ କରିଥିଲେ। କେନ୍ଦ୍ରର ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଶ୍ରମିକଙ୍କ ଆର୍ଥିକ ସ୍ୱଚ୍ଛଳ ବୃଦ୍ଧି ଏବଂ ଦାଦନ ରୋକିବା ନେଇ କରିଥିବା ଯୋଜନାର ଭାବପ୍ରବଣତାକୁ ଭୁଲିଗଲା କେନ୍ଦ୍ର ସରକାର। ଶ୍ରମିକମାନଙ୍କ ଆର୍ଥିକ ସ୍ୱଚ୍ଛଳ ବଦଳରେ ହତାଶ ହେବାରୁ ତୁରନ୍ତ ପ୍ରଣୟନ କରିଥିବା ଯୋଜନାକୁ ବନ୍ଦ କରାଯାଉ ବୋଲି କୁହାଯାଇଛି।ସେହିପରି ବାୟୁ ପ୍ରଦୂଷଣ ନାମରେ ରାଜ୍ୟର ବିଜେପି ସରକାର ଦୁଇ ଚକିଆ ଓ ଚାରି ଚକିଆ ଯାନ ଠାରୁ ବେନିୟମ ଅର୍ଥ ଆଦାୟକୁ ବିରୋଧ କରାଯାଇଥିଲା।ରାଜ୍ୟର କଳକାରଖାନା, ଶିକ୍ଷାନୁଷ୍ଠାନ ଗୁଡିକ ଅଧିକ ବାୟୁ ପ୍ରଦୂଷଣ କରୁଥିବା ବେଳେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ବଦଳରେ ନିରବ ରହିଛନ୍ତି। ବେନିୟମ ଅର୍ଥ ଆଦାୟର ନୀତିରୁ ଦୂରେଇ ରୁହନ୍ତୁ ରାଜ୍ୟ ସରକାର। ମାଗଣା ବିଦ୍ୟୁତ୍ ସେବା ପରିବର୍ତ୍ତେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ କମ୍ପାନୀ ଅତିରିକ୍ତ ଶୁଳ୍କ ଆଦାୟ ଦୁର୍ଭାଗ୍ୟଜନକ। ସାମ୍ବାଦିକ ସମିଳନୀରେ ଜିଲ୍ଲା ଉପସଭାପତି ଉତ୍ସବ ସାହୁ, ସୁକାନ୍ତି ସରାଫ, ସୁକାନ୍ତ ବିଶି ବ୍ରଜ ମୋହନ ସାହୁ, ଲକ୍ଷ୍ମୀ ପ୍ରିୟା ନାୟକ, ସୌଭାଗ୍ୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ଆଇଟିଏଫ୍ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

କଳାହାଣ୍ଡିର ୫କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା, ୧୦।୧(ସମିସ)

ତାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଇଣ୍ଡିଆ ଏବଂ ତାଏକ୍ୱେଣ୍ଡୋ ଫାଇଟର୍ସ ଆସୋସିଏସନ୍ ଅଫ୍ ଗୁଜୁରାଟ ଆନୁକୂଲ୍ୟରେ ଗୁଜୁରାଟର ଅହମଦାବାଦ କୋବାସ୍ଥିତ ପ୍ରେକ୍ଷାଧାନ ଏକାଡେମୀ ଠାରେ ଜାତୀୟ ଆଇଟିଏଫ୍ ତାଏକ୍ୱେଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ଦେଶବ୍ୟାପି ୬୭୧ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଓଡ଼ିଶାରୁ ୨୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ କଳାହାଣ୍ଡି ତାଏକ୍ୱୋଣ୍ଡୋ ଆସୋସିଏସନର ମୁଖ୍ୟ ଶେଖ ମୁନାୱାରଙ୍କ ନେତୃତ୍ୱରେ କଳାହାଣ୍ଡିରୁ ୧୦ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ୧୮ଟି ପଦକ ମିଳିଥିବା ବେଳେ କଳାହାଣ୍ଡିର ପାଞ୍ଚଜଣ ପ୍ରତିଯୋଗୀ ସଫଳତା ହାସଲ କରି ପଦକ ଲାଭ କରିଛନ୍ତି। ପଦକ ତାଲିକାରେ ବ୍ୟକ୍ତିଗତ ତୁଲ୍ ବା ପାର୍ଟନ କଲର ବେଲ୍ଟରେ ଦୟା ରାଉତ ରୌପ୍ୟ ପଦକ ହାସଲ କରିଥିବା ବେଳେ ବ୍ୟକ୍ତିଗତ ବ୍ଲାକ୍‌ବେଲ୍ଟ ତୁଲରେ ୧ମ ଡାନ୍‌ରୁ ୩ୟ ଡାନ୍‌ରେ

ଶେଖ୍ ମୁନାୱର୍ ବ୍ରୋଞ୍ଜ ପଦକ, ବ୍ୟକ୍ତିଗତ ସ୍କାରିଙ୍ଗ ବାଳିକା ବିଭାଗ ୧୧୧୩ ବର୍ଷ ବୟସ ବର୍ଗରେ ରିଧି ସାହୁ ବ୍ରୋଞ୍ଜ ପଦକ, ବାଳକ ବର୍ଗରେ ୮-୧୦ ବର୍ଗ ଏବଂ ୪୦-୪୫ କେଜି ବର୍ଗରେ ସୋମନାଥ ମହାପାତ୍ର ବ୍ରୋଞ୍ଜ ପଦକ ଏବଂ ବ୍ଲାକ୍‌ବେଲ୍ଟସ୍ ୧ମ ଡାନ୍‌ରୁ ୩ୟ ଡାନ୍ ଏବଂ ୩୫ ବର୍ଷ ଉର୍ଦ୍ଧ୍ୱ ବର୍ଗରେ ଶେଖ୍ ମୁନାୱର ବ୍ରୋଞ୍ଜ ପଦକ ଲାଭ କରି ସଫଳତା ହାସଲ କରିଛନ୍ତି। କେବଳ ସେତିକି ନୁହେଁ ଏହି ପ୍ରତିଯୋଗିତାରେ ଭାଗ ନେଇ କଳାହାଣ୍ଡିର ପ୍ରଥମ ମହିଳା ତାଏକ୍ୱୋଣ୍ଡୋ ବ୍ଲାକବେଲ୍ଟ ପ୍ରଥମ ଡାନ ହାସଲ କରିଛନ୍ତି ରେଶମା ବେଗମ। ଜଣେ ଗୃହିଣୀ ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇବା ସହିତ ନିଜର କଠିନ ପରିଶ୍ରମ ଓ ଅଧବସାୟ ବଳରେ ସେ ସଫଳତା ହାସଲ କରିଛନ୍ତି। ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଇଣ୍ଡିଆର ସଭାପତି ତଥା ଗ୍ରାଣ୍ଡମାଷ୍ଟର ବି. ରାଜେନ୍ଦ୍ରନଙ୍କ ଠାରୁ ସେ ପ୍ରଥମ ଡାନ୍ ବ୍ଲାକବେଲ୍ଟ ଉପାଧି ଓ ବ୍ଲାକବେଲ୍ଟ ସାର୍ଟିଫିକେଟ ଗ୍ରହଣ କରିଥିଲେ। କୋଚ ଶେଖ ମୁନାୱାରଙ୍କ ସହିତ ମାଷ୍ଟର ରଚନା ଚୌରାସିଆ, ମାଷ୍ଟର ନରେନ୍ଦ୍ର କୌଶଳ କୁମାର, ନିରଜ କୁମାରଙ୍କ ଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଭାଗିରଥୀ ଇନ ସମ୍ମିଳନୀ କକ୍ଷରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ପର୍ବ ଓ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡ.ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ସମାଜସେବୀ ଧର୍ମେନ୍ଦ୍ର ନାଏକ, ସରୋଜ ବାଗ, ରେଶମା ବେଗମ ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତେ ତାଏକ୍ୱୋଣ୍ଡା ସରକାରୀ ସ୍ତରରେ ହେଉ କି ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପୃଷ୍ଟପୋଷକତାର ଘୋର ଅଭାବକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଶେଖ ମୁନାୱାର ସ୍ୱାଗତ ଅଭିଭାଷଣ ସହିତ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଭବାନୀପାଟଣା, ୧୦।୧ (ସମିସ): ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ମହିଳା ୟୁନିଟ ପକ୍ଷରୁ ପୋଷ୍ୟଗ୍ରାମ ରିସିଗାଁରେ ସଡ଼କ ସୁରକ୍ଷା ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଗ୍ରାମବାସୀଙ୍କ ମଧ୍ୟରେ ସଡକ ସୁରକ୍ଷା, ହେଲମେଟ ପିନ୍ଧିବା, ଯାତାୟାତ ନିୟମ ମାନିବା ଏବଂ ଅତିଦ୍ରୁତ ଗାଡ଼ି ଚାଳନାର ଦୁର୍ଘଟଣାଜନିତ ପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରିସିଗାଁ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଶିକ୍ଷୟିତ୍ରୀ ଅନୀତା ମହାନ୍ତି ମୁଖ୍ୟ ଅତିଥି ଭାବେ ରାଲିରେ ଯୋଗଦେଇଥିଲେ।ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ.ତ୍ରିଲୋଚନ ଜେନା, ପ୍ରଶାସନିକ ବର୍ସାର ଧିରେଶ ଚନ୍ଦ୍ର ନନ୍ଦ, ଅଧ୍ୟାପକ ଡା. ସୁଭମ ତ୍ରିପାଠୀ ଏବଂ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ରାଧାରାଣୀ ନାୟକ ୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବିକାଙ୍କ ସହ ରାଲିରେ ସାମିଲ ହୋଇଥିଲେ। ରାଲିଟି ରିସିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ଗ୍ରାମ ପରିକ୍ରମା କରିଥିଲା। ହେଲମେଟ ପିନ୍ଧନ୍ତୁ, ଜୀବନ ବଞ୍ଚାନ୍ତୁ, ଯାତାୟାତ ନିୟମ ମାନନ୍ତୁ, ଅତିଦ୍ରୁତ ଗତି ଜୀବନକୁ ବିପଦରେ ପକାଏ ପରି ସ୍ଲୋଗାନ୍ ସହ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀକାମାନେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

୧୦/୧/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୪,୩୯୨/- ସୁନା: ୦୩.୯୦୦ ଗ୍ରାମ୍ ରୁପା: ୮୪.୭୦୦ ଗ୍ରାମ୍



୨୧୫ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ

ପୁରୀ,୧୦।୧(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟବସ୍ଥାକୁ ସ୍ୱଚ୍ଛ କରାଯାଇଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ସାମିଲ କରାଯାଇ ରାସନ ସାମଗ୍ରୀ ଦିଆଯିବ। କିନ୍ତୁ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ନାମ ବାଦ୍ କରାଯାଉଛି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୁରୀ ପୌରାଞ୍ଚଳର ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୧୫ ନୂତନ ହିତାଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର କାର୍ଡ ବଣ୍ଟନ କରିବା ସହ ଇ-କେୱାଇସି ମାଧ୍ୟମରେ ଟିପ ଓ ଆଖି ସ୍କାନ୍ ଦ୍ୱାରା ୯୬ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପୂର୍ବରୁ ପ୍ରାୟ ୭ ଲକ୍ଷ ଲୋକ ମୃତ୍ୟୁ ପରେ ମଧ୍ୟ ରାସନ ସାମଗ୍ରୀ ପାଉଥିଲେ। ୭୮ ହଜାର ଅଯୋଗ୍ୟ ହିତାଧିକାରୀ, ୪୫ ହଜାର ଆୟକର ଦେଉଥିବା ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ପ୍ରାୟ ୮ ଲକ୍ଷ ୧୬ ହଜାର କାର୍ଡ କଟିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଯଦି କିଏ ଭାବୁଛନ୍ତି ତାଙ୍କର କାର୍ଡ ଭୁଲ୍‌ରେ କଟିଯାଇଛି ତେବେ ସେମାନେ ପ୍ରମାଣ ସହ ଆବେଦନ କଲେ ତାହା ବିଚାର କରାଯାଇପାରେ।

ସେହିପରି ଧାନର ସହାୟକ ମୂଲ୍ୟ ବୃଦ୍ଧି ପରେ ବର୍ତ୍ତମାନ ଚାଷ ପାଇଁ ଲୋକଙ୍କ ଆଗ୍ରହ ବଢ଼ିଛି। ଧାନ ଦେବାର ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ଚାଷୀଙ୍କ ଆକାଉଣ୍ଟକୁ

୮ ଲକ୍ଷ ୧୬ ହଜାର ଅଯୋଗ୍ୟଙ୍କ କାର୍ଡ କଟିଛି: ମନ୍ତ୍ରୀ

ଯାଉଛି। ଚଳିତ ବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୨ ଲକ୍ଷ ୧୭ ହଜାର ଅଧିକ। ଚାଷୀମାନେ ବର୍ତ୍ତମାନ ଖୁସିରେ ଅଛନ୍ତି ବୋଲି ମନ୍ତ୍ରୀ କହିବା ସହ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଘଟି ନାହିଁ। ମହାପ୍ରଭୁଙ୍କ ଦର୍ଶନ ସହ ହିତାଧିକାରୀଙ୍କ ଦର୍ଶନ ଉଦ୍ଦେଶ୍ୟରେ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ପୌରାଞ୍ଚଳ ସହକାରୀ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

'ମନରେଗା' ଯୋଜନାର ହତ୍ୟା କରାଯାଇଛି: ଜଗନ୍ନାଥ

ପୁରୀ,୧୦।୧(ସମିସ): ସ୍ପଷ୍ଟ ଦିବାଲୋକରେ 'ମନରେଗା' ଆଇନର ହତ୍ୟା କରାଯାଇଛି। ଭିବି-ଜୀ-ରାମ୍‌ଜୀ ଆଇନ ହେଉଛି କୋଟି କୋଟି ଶ୍ରମିକଙ୍କ ଅଧିକାର ଉପରେ ଡକାୟତି। ଏହାଦ୍ୱାରା ମେହନତି ଲୋକଙ୍କ ପେଟରେ ଲାତ ମରାଯାଇଥିବା ବେଳେ ଗରିବଙ୍କ କାମ ମାଗିବାର ଅଧିକାରକୁ ଛଡ଼ାଇ ନିଆଯାଇଛି ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ। ଶନିବାର ଭିଆଇପି ରୋଡ୍‌ସ୍ଥିତ ପୁରୀ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ 'ଇନ୍ଦିରା ଭବନ'ରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ବିଶେଷତଃ ୩ଟି ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରଥମତଃ ସେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ଏବଂ ସମ୍ପୂର୍ଣ୍ଣ ରୂପରେଖ ପରିବର୍ତ୍ତନକୁ ନିନ୍ଦା କରିଥିଲେ।

ସେ କହିଥିଲେ ଯେ, ଏହାଦ୍ୱାରା ଏସ୍‌ସି, ଏସ୍‌ଟି ଓ ଓବିସିର ମନରେଗା ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରିବାର ଏହା ଏକ ଚକ୍ରାନ୍ତ। ଏହା ନାଥୁରାମ ଗଡ୍‌ସେଙ୍କ ଅନୁଗାମୀଙ୍କ ଦ୍ୱାରା ଗାନ୍ଧୀଙ୍କ ଗ୍ରାମୀଣ ଭାରତ ଦର୍ଶନକୁ ଧ୍ୱଂସ କରିବାର ଏକ ଷଡ଼ଯନ୍ତ୍ର, ଯାହାକି ଶ୍ରମିକ ଏବଂ କୃଷକମାନଙ୍କ ମଧ୍ୟରେ ବିଭେଦତା ସୃଷ୍ଟି କରୁଛି। ସେହିପରି ଟାଟା ପାୱାରର ନିୟମିତ ଜୁଲମ୍ ବିରୋଧରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ଟାଟା ପାୱାର ସହିତ ଥିବା ସଲାସୁତରା ବିଷୟରେ ବର୍ଣ୍ଣନା କରିଥିଲେ। ରାଜ୍ୟବାସୀଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇଦେବା ଏବଂ ଟାଟା ପାୱାରର ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ୍ ପ୍ରତ୍ୟାହାର ନିମନ୍ତେ ଦାବି ରଖିଥିଲେ। ଶେଷରେ ଧାନମଣ୍ଡିଗୁଡ଼ିକ ଉପରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ବିଶ୍ୱନାଥ ଦାଶ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, ସ୍ୱାଧୀନ ପଣ୍ଡା, ନିର୍ମଳ ସାମନ୍ତରାୟ, କାଳୀ ପ୍ରସାଦ ନାୟକ, ଆଶୁତୋଷ ମିଶ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଉମାକାନ୍ତ ବେହେରା, ଅମିୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

'ଦୟାନିଧି ସଙ୍ଗୀତ ସୁଧା'ର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ

ପୁରୀ,୧୦।୧(ସମିସ): ଭୋଳାନାଥ ବିଦ୍ୟାପୀଠ ପରିସରରେ ଚାଲିଥିବା ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ "ଦୟାନିଧି ସଙ୍ଗୀତ ସୁଧା"ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କଣ୍ଠଶିଳ୍ପୀମାନେ ହେଲେ କଲ୍ୟାଣମୟୀ ନାୟକ, ବନ୍ଦନା ଦାଶ, ପ୍ରିତମ୍ ବରାଡ଼, ଆଦ୍ୟାଶା ଗଜେନ୍ଦ୍ର, ଅସିତ୍ ସାହୁ, ଲକ୍ଷ୍ମୀପ୍ରିୟା ସମର୍ଥା ଏବଂ ଦିବ୍ୟଜ୍ୟୋତି ଦାଶ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁ ଶାରଦା ପ୍ରସନ୍ନ ମିଶ୍ର, ମନେଷ କୁମାର ଶତପଥୀ ଏବଂ ପ୍ରଶାନ୍ତ ରାଉତ। ଏଥିରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଅନୁଷ୍ଠାନ ତରଫରୁ ଜିଲ୍ଲା ପ୍ରଶାସନ, ପୁସ୍ତକ ମେଳା କମିଟି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କୁ ଧନ୍ୟବାଦ ଦିଆଯାଇଛି।

ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପୁରୀ,୧୦।୧(ସମିସ): ପୁରୀ ସଦର ବ୍ଲକ୍ ରଘୁରାଜପୁରସ୍ଥିତ ସରକାରୀ କପୋତେଶ୍ୱର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଅନୁସୂୟା ପୃଷ୍ଟି ସଭାପତିତ୍ୱ କରିଥିଲେ। ଏଥିରେ ଆଦିତ୍ୟ ବିର୍ଲା ଫ୍ୟାସନର ମ୍ୟାନେଜର କେଦାର କୁମାର ପତି, ନାୟକ ପାଟଣାର କଳାକୃତି ବିକାଶ କେନ୍ଦ୍ରର ସମ୍ପାଦକ ପ୍ରସନ୍ନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ବେହେରା ଓ ଅନ୍ୟ ସଦସ୍ୟ ସଦସ୍ୟା ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତା ମିଶ୍ର ଓ ଚନ୍ଦ୍ରକାନ୍ତ ପଣ୍ଡା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତାକର୍ଷକ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସାଫଲ୍ୟମଣ୍ଡିତ ହୋଇଥିଲା।

ଆରମ୍ଭ ମହୋତ୍ସବରେ ପ୍ରତିଭା ସମ୍ମାନିତ

ପୁରୀ, ୧୦।୧ (ସମିସ): ସ୍ଥାନୀୟ ପୌରସଦନରେ ଆରମ୍ଭ ୟୁଥ୍ କଲ୍‌ଚରାଲ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ୭ମ ଆରମ୍ଭ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ଆର୍ତ୍ତତ୍ରାଣ ଖୁଣ୍ଟିଆ, ହରେକୃଷ୍ଣ ମହାନ୍ତି ଓ ଅନୁଷ୍ଠାନର ଉପଦେଷ୍ଟା ରୁଚିମିତ୍ର ଜଗଦେବ ଓ ସଂସ୍କୃତି ସଞ୍ଚାଳକ ଶ୍ୟାମପ୍ରକାଶ ସେନାପତି ମଞ୍ଚାସିନ ଥିଲେ। ଏହି ଅବସରରେ ମାହାରୀ ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ରଙ୍କୁ ଆରମ୍ଭ ସଂସ୍କୃତି ସମ୍ମାନ, ପଦ୍ମନାଭ ତ୍ରିପାଠୀଙ୍କୁ ଆରମ୍ଭ ସମାଜସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ବରେଣ୍ୟ ଅତିଥି ବୃନ୍ଦ ନାରୀ ଓ ମାତୃଶକ୍ତିମାନଙ୍କ ମଧ୍ୟରେ ଲୁକ୍କାୟିତ ଅନ୍ତର୍ନିହିତ ପ୍ରତିଭାକୁ ନେଇ ପ୍ରତିଯୋଗିତା ଓ 'ଶ୍ରୀକ୍ଷେତ୍ର ଲକ୍ଷ୍ମୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଭାପର୍ବ ପରେ ମନୀଷା କଳାନିକେତନ, ନୃତ୍ୟରଖୀ ଅନୁଷ୍ଠାନ, ସଙ୍ଗୀତ ସାଧନା ଅନୁଷ୍ଠାନ ଲୋଇସିଂହା ବଲାଙ୍ଗିର, ନଟରାଜ ସଂସ୍କୃତି ଅନୁଷ୍ଠାନ ପୁରୀ, ଅଲ୍ ସାଇନ୍ ଷ୍ଟୁଡିଓ ଗ୍ରୁପ୍ ପୁରୀ ଆନୁଷ୍ଠାନ ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୀୟୂଷ ପଟ୍ଟନାୟକ ମଞ୍ଚ ସଞ୍ଚାଳନ କରିଥିଲେ। ସାଧାରଣ ସମ୍ପାଦକ ଦେବାଶିଷ ସିଂ, ଉପସଭାପତି ସୌମ୍ୟରଞ୍ଜନ ମିଶ୍ର, ସମୀର ଶତପଥୀ, ଆଶୁତୋଷ ପଟ୍ଟନାୟକ, ସୁଜିତ୍ ରାଉତ ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟକ୍ରମ ବେଶ୍ ଶୃଙ୍ଖଳିତ ରହିଥିଲା।

'ଶିକ୍ଷା ଦ୍ୱାରା ହିଁ ନାରୀ ସଶକ୍ତୀକରଣ ସମ୍ଭବ'

ପୁରୀ,୧୦।୧(ସମିସ): ସ୍ମାରକୀ ପୁରସ୍କାର ଟ୍ରଷ୍ଟ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ଚତୁର୍ଭୁଜ ଭୂୟାଁ ଓ ସମ୍ମାନିତ ଅତିଥି ଭାବରେ ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଡ. ଶ୍ରୀକାନ୍ତ ପଣ୍ଡା, ଡ. ସବ୍ୟସାଚୀ ପଟ୍ଟନାୟକ, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ରେଣୁକା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବିଦ୍ୟାଳୟର ୫ ଶ୍ରେଷ୍ଠ ବାଳିକାଙ୍କୁ ବିଦ୍ୟାଳୟ କଳିକା, ବିଦ୍ୟାଳୟ ପ୍ରସୂନ କନ୍ୟାରତ୍ନ, ବିଦ୍ୟାଳୟଶ୍ରୀ, ବିଦ୍ୟାଳୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ବିଷୟଗତ, ସାଂସ୍କୃତିକ, ସାମାଜିକ, ବ୍ୟାବହାରିକ, ପାରମ୍ପରିକ କ୍ଷେତ୍ରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୪୧ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ଅନୁପମା ପଣ୍ଡା ପାଞ୍ଚ ଜଣଙ୍କୁ ଟ୍ରଫି, ଖାତା କଲମ ପ୍ରଦାନ କରିଥିଲେ। ନାରୀ ସଶକ୍ତୀକରଣ ଶିକ୍ଷା ଦ୍ୱାରା ହିଁ ସମ୍ଭବ। ନାରୀ ହେଉଛି ସେହି ପ୍ରଦୀପ ଯିଏକି ସମାଜରୁ ସମସ୍ତ ପ୍ରକାର କଳୁଷ କାଳିମାକୁ ଦୂର କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ସୁଜାତା ପ୍ରଧାନ, ରଶ୍ମିତା ତ୍ରିପାଠୀ, ମନସ୍ୱିନୀ ମିଶ୍ର ପୁରସ୍କାର ପରିଚାଳନା କରିଥିଲେ। ଶିକ୍ଷକ ନବକୁମାର ନାୟକ, କୋକିଳ ସେଠୀ, ଦିଲ୍ଲୀପ ସାହୁ, ଅଭିଷେକ ମହାପାତ୍ର, ସଞ୍ଜୀବ ଲୋଚନ ମହାନ୍ତି ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଟ୍ରଷ୍ଟ ସଦସ୍ୟ ଅବନୀଶ ରଥ, ପ୍ରତିମାରାଣୀ ମିଶ୍ର, ସବିତା ପୃଷ୍ଟି, ଯମୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ସ୍ୱର୍ଗଦ୍ୱାର ନିକଟରେ ଯୁବକଙ୍କୁ ହତ୍ୟା ଘଟଣା

ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କଲା ପୁଲିସ

ପୁରୀ,୧୦।୧(ସମିସ): ଗୁରୁବାର ବିଳମ୍ବିତ ରାତିରେ ସ୍ୱର୍ଗଦ୍ୱାର ନିକଟରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ଛୁରି ଭୁସି ହତ୍ୟା କରାଯାଇଥିଲା। ଶବଦାହ କରିବା ପାଇଁ ଆସିଥିବା ଭଦ୍ରକ ବନ୍ତ ଥାନା ଅନ୍ତର୍ଗତ ଆପଣ୍ଡାର ରଞ୍ଜନ ଦାସ ନିଜେ ଶବ ହୋଇଗଲେ। ଏହି ଦୁଃଖଦ ଘଟଣାର ଅଭିଯୁକ୍ତ ଟାଉନ ଥାନା ଅନ୍ତର୍ଗତ ବାଲିସାହିରେ ରହୁଥିବା କେନ୍ଦ୍ରାପଡ଼ାର ତନ୍ମୟ ମହାପାତ୍ରକୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ ହତ୍ୟାକାଣ୍ଡ କିଭଳି ଘଟିଲା ସେ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଭଦ୍ରକରୁ କିଛି ଲୋକ ଶବଦାହ ପାଇଁ ଗୁରୁବାର ରାତିରେ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ରାତି ପ୍ରାୟ ୧ଟା ୪୫ ପାଖାପାଖି ହେବ ସେମାନଙ୍କ ମଧ୍ୟରୁ ୪ ଜଣ ପଇଡ଼ ପାଇଁ ଚୈତନ୍ୟ ଛକକୁ ଆସିଥିଲେ। ସେମାନେ ତାଙ୍କ ସ୍ଥାନୀୟ ଭାଷାରେ ବଡ଼ପାଟିରେ କଥା ହେଉଥିଲେ। ନିକଟରେ ଥିବା ଅଭିଯୁକ୍ତ ତନ୍ମୟ ଭାବିଲା ତାକୁ ନେଇ ସେମାନେ ଏପରି କିଛି କହୁଛନ୍ତି। ତେଣୁ ସେ ଆସି ପଚାରିଥିଲା। ଏହାକୁ ନେଇ ପାଟିତୁଣ୍ଡ ପରେ ତନ୍ମୟ ନିଜ ପାଖରେ ରଖିଥିବା ଏକ ଛୁରୀରେ ରଞ୍ଜନଙ୍କ ସମେତ ଅଭିଯୋଗକାରୀ ମାନସଙ୍କୁ ଆକ୍ରମଣ କରିଥିଲା। ରଞ୍ଜନଙ୍କ ବେକରେ ଛୁରୀ ଭୁସି ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହି ଘଟଣା ପରେ ଅଭିଯୁକ୍ତ ସେଠାରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ପୁଲିସ ପହଞ୍ଚି ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଅଭିଯୁକ୍ତକୁ କାବୁ କରିଥିଲା। ଶନିବାର ତାକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ଦଲିଲ୍ ଲେଖକ ମୋହରିର୍ ମହାସଂଘର ରାଜ୍ୟସ୍ତରୀୟ ସମାବେଶ

ପୁରୀ,୧୦।୧(ସମିସ): ସ୍ଥାନୀୟ ଟାଉନ ହଲ୍‌ଠାରେ ଶନିବାର ନିଖିଳ ଉତ୍କଳ ଦଲିଲ୍ ଲେଖକ ମୋହରିର ମହାସଂଘର ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଲିଲ୍ ଲେଖକ ମୋହରିରମାନଙ୍କର ବୃତ୍ତିଗତ ସୁରକ୍ଷା ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ରାଜ୍ୟର ସମସ୍ତ ସବ୍‌ରେଜିଷ୍ଟ୍ରାର ଅଫିସରେ କାର୍ଯ୍ୟରତ ଦଲିଲ୍ ଲେଖକ ମୋହରିର ଓ ଏମାନଙ୍କ ସହଯୋଗୀ ଶୃଙ୍ଖଳାର ସହ ଜନସାଧାରଣଙ୍କ ବିଭିନ୍ନ ପ୍ରକାରର ଦଲିଲ୍ ଲେଖି, ଆବଶ୍ୟକୀୟ ସମସ୍ତ ଦସ୍ତାବିଜ୍ ତନଖି କରି ପକ୍ଷଙ୍କଠାରୁ ସମସ୍ତ ବିଷୟ ଅବଗତ ହୋଇ ବିଭିନ୍ନ ଆଇନକୁ ତର୍ଜମା କରି ଦଲିଲ୍ ରେଜିଷ୍ଟ୍ରେସନ ପାଇଁ ପ୍ରସ୍ତୁତ କରନ୍ତି। ଏହାଦ୍ୱାରା ଷ୍ଟାମ୍ପ ଓ ଫି' ବାବଦରେ ସରକାରୀ ରାଜସ୍ୱ ଆଦାୟ କରାଯାଇ ରାଜକୋଷକୁ ଅର୍ଥ ଯାଇଥାଏ। ସରକାରଙ୍କଠାରୁ କୌଣସି ପାରିଶ୍ରମିକ ପାଇ ନ ଥା'ନ୍ତି। ତେଣୁ ସମାବେଶରେ କେତେକ

ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିମଧ୍ୟରେ ଦଲିଲ୍ ଲେଖକଙ୍କ ପାଇଁ ସରକାରୀସ୍ତରରେ ଏକ ୱେଲ୍‌ଫେୟାର ଫଣ୍ଡ ଖୋଲାଯାଉ। ୬୦ରୁ ଊର୍ଦ୍ଧ୍ୱ ବୟସର ଦଲିଲ୍ ଲେଖକ, ମୋହରିର କିମ୍ବା ଶାରୀରିକ ଅସୁବିଧା ଯୋଗୁଁ କାର୍ଯ୍ୟକ୍ଷମ ନ ଥିବା ଦଲିଲ୍ ଲେଖକଙ୍କୁ ସରକାର ପେନ୍‌ସନ ଦେବାର ବ୍ୟବସ୍ଥା କରନ୍ତୁ। ସେମାନଙ୍କୁ ସ୍ୱାସ୍ଥ୍ୟକାର୍ଡର ସୁବିଧା ଦିଆଯାଉ। ଯଦି ଅନ୍‌ଲାଇନ୍ ରେଜିଷ୍ଟ୍ରେସନ କରାଯାଏ ତେବେ ଦଲିଲ୍ ବୃତ୍ତିଗତ କ୍ଷତି ହେବା ସମ୍ଭାବନା ରହିଛି। ଏହାଦ୍ୱାରା ୧୦ ହଜାରରୁ ଊର୍ଦ୍ଧ୍ୱ ମୋହରିରଙ୍କ ପରିବାର କ୍ଷତିଗ୍ରସ୍ତ ହେବା ସମ୍ଭାବନା ଦେଖାଦେଇଛି। ଏଣୁ ସରକାର ଦଲିଲ୍ ଲେଖକ ମୋହରିରଙ୍କ ଜୀବନ ଜୀବିକାର ବିକଳ୍ପ ବ୍ୟବସ୍ଥା କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସଭାପତି ବଂଶୀଧର ବେହେରା, ସାଧାରଣ ସମ୍ପାଦକ ଅଶୋକ ଦାଶ ପ୍ରମୁଖ ଯୋଗଦେଇଥିଲେ।

ଭକ୍ତ ନିବାସ ପାର୍କିଂ ଫି' ପ୍ରତ୍ୟାହାର ହେଉ: ଉମା

ପୁରୀ,୧୦।୧(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନ ଜବରଦସ୍ତ ଆର୍ଥିକ ବୋଝ ଲଦି ଦେଉଥିବା ଅଭିଯୋଗ କରିଛନ୍ତି ସମାଜସେବୀ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ। ଭକ୍ତ ନିବାସରେ ରହୁଥିବା ଶ୍ରଦ୍ଧାଳୁଙ୍କ ଗାଡ଼ି ପାର୍କିଂ ପାଇଁ ଦୈନିକ ୫୦୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରିବା ନିଷ୍ପତ୍ତିକୁ ସେ ତୀବ୍ର ନିନ୍ଦା କରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଶ୍ରୀ ରଥ କହିଛନ୍ତି ଯେ, ସୁଲଭ ଦରରେ ରହିବା ପାଇଁ ଭକ୍ତ ନିବାସ ନିର୍ମାଣ ହୋଇଥିବାବେଳେ ଏତେ ଅଧିକ ପାର୍କିଂ ଫି' ନେବା ଦ୍ୱାରା ଶ୍ରଦ୍ଧାଳୁମାନେ ସେଠାରେ ରହିବାକୁ ଅନିଚ୍ଛା ପ୍ରକାଶ କରିବେ। ଏହା ପରୋକ୍ଷରେ ପୁରୀର ଘରୋଇ ହୋଟେଲ ମାଲିକମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ଭାରତର କୌଣସି ପ୍ରମୁଖ ଦେବସ୍ଥଳୀରେ ପାର୍କିଂ ପାଇଁ ଏଭଳି ଦୈନିକ ୫୦୦ ଟଙ୍କା ନେବାର ନଜିର ନାହିଁ। ସରକାରଙ୍କ ଅଗୋଚରରେ ପ୍ରଶାସନ ଏଭଳି ଅଦ୍ଭୁତ ଓ ଜନବିରୋଧୀ ନିଷ୍ପତ୍ତି କିଭଳି ନେଉଛି ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନିକ ଅବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରି ଶ୍ରୀ ରଥ କହିଛନ୍ତି ଯେ ଅତୀତରେ ମହାପ୍ରଭୁଙ୍କର ପ୍ରାୟ ୧୩୦୦ ଏକର ମୂଲ୍ୟବାନ ଅମୃତମଣୋହି ଜମିକୁ ବେଦାନ୍ତ ପ୍ରକଳ୍ପ ପାଇଁ ବେଆଇନ ଭାବେ ବିକ୍ରି କରିଦିଆଯାଇଥିଲା। ଯେଉଁ ପ୍ରଶାସନ ମହାପ୍ରଭୁଙ୍କ ସମ୍ପତ୍ତିର ସୁରକ୍ଷା କରିପାରୁନାହିଁ, ସେ ଆଜି ଭକ୍ତଙ୍କୁ ଲୁଟିବାକୁ ଯୋଜନା କରୁଛି। 'ଭକ୍ତଙ୍କୁ ଲୁଟିବା ମହାପାପ' ବୋଲି ଉଲ୍ଲେଖ କରି ଶ୍ରୀ ରଥ କହିଛନ୍ତି ଯେ ସରକାର ଏହି ବିଷୟରେ ହସ୍ତକ୍ଷେପ କରି ତୁରନ୍ତ ପାର୍କିଂ ଫି' ପ୍ରତ୍ୟାହାର କରନ୍ତୁ। ଆଗାମୀ ଦିନରେ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ବର୍ଦ୍ଧିତ ପେନ୍‌ସନ ୬୫ ବର୍ଷରୁ ଲାଗୁ କରାଯାଉ



ପୁରୀ,୧୦।୧(ସମିସ): ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପେନ୍‌ସନଭୋଗୀ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପେନ୍‌ସନ୍‌ଭୋଗୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନିନ୍ଦା କରାଯାଇଥିଲା। ଚିକିତ୍ସା ଭତ୍ତା ପ୍ରଦାନ, ବର୍ଦ୍ଧିତ ପେନ୍‌ସନ ୮୦ ବର୍ଷ ପରିବର୍ତ୍ତେ ୬୫ ବର୍ଷରୁ ଲାଗୁ କରିବା ସମ୍ପର୍କରେ ସରକାର ବିଚାର ନ କରିବା ଦୁର୍ଭାଗ୍ୟଜନକ ବୋଲି ସଂଗଠନର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ରାଜ୍ୟ ସରକାର ବିଧାୟକଙ୍କ ଦରମା, ଚିକିତ୍ସା ଭତ୍ତା, ପେନ୍‌ସନ ସହ ଅନ୍ୟ ଭତ୍ତା ବୃଦ୍ଧି କରିଥିବାବେଳେ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ଦାବିକୁ ଉପେକ୍ଷା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି। ସେହିପରି ଧାରଣାରେ ବସିଥିବା ବିଭିନ୍ନ ସଂଗଠନର ଦାବି ପ୍ରତି ସରକାରଙ୍କ ଉଦାସୀନ ମନୋଭାବ ଓ ନିରବତା ଦୁଃଖଦାୟକ। ତୁରନ୍ତ ଦାବିଗୁଡ଼ିକ ଉପରେ ବିଚାର କରି ପଦକ୍ଷେପ ନେବାକୁ ଦାବି ହୋଇଛି। ବୈଠକରେ ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ମନୋଜ କୁମାର ରଥ, କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁରୀର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ ଓ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଆଲୋଚନାରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ସନ୍ତୋଷ ମହାନ୍ତି, ରମେଶ ଚନ୍ଦ୍ର ପଣ୍ଡା, ବିଜୟ ପଣ୍ଡା, ମିନତି ଓତା, ବ୍ରହ୍ମାନନ୍ଦ ଦାସ, ମନୋଜ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ସତ୍ୟବାଦୀ ଦାସ, ସୁରେନ୍ଦ୍ରନାଥ ଦାସ, ବାଇଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରମେଶ ଚନ୍ଦ୍ର ବଳିୟାରସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA

www.sakalaepaper.com

ଅସ୍ତକ, ବେହେରାସାହିରେ ବେଧଡ଼କ ବାଲି ଉତ୍ତୋଳନ

ଅସୁରାଳି,୧୦।୧(ସମିସ): ଧାମନଗର ବ୍ଲକ୍ ହସନାବାଦର ଅସ୍ତକ, ବେହେରାସାହି ତଥା ବୈତରଣୀ କୂଳରେ ଦିନରାତି ବେଆଇନ ବାଲି ଉଠା ଚାଲିଛି । ଜେସିବି ଲଗାଇ ସହସ୍ର ଟ୍ରାକ୍ଟର ମାଧ୍ୟମରେ ରାସ୍ତାରେ ଯାଉଥିବା ଯାତ୍ରୀମାନେ ସବୁଠାରୁ ବେଶି ହଇରାଣ ହେଉଛନ୍ତି । ଧୂଳି, ଶବ୍ଦ ଓ ଦୁର୍ଘଟଣାର ଭୟରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି । ପୁଣି ବାଲି ଷ୍ଟକ୍ ରଖି ଅନବରତ ଭାବେ ବାଲି ଉଠା ଚାଲିଛି ଓ ବାଲିଚାଲାଣ କରାଯାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ଏହାଛଡ଼ା ହସନାବାଦ ପଞ୍ଚାୟତ ଅଧୀନରେ ଅସ୍ତକର ଲୋକନାଥପୁର ନିକଟରେ କୋଚିଳା ନଦୀର ବାମପାର୍ଶ୍ୱରେ ଦିନରାତି ବାଲି ଉଠା ଚାଲିଛି ଓ ବାଲି ଚାଲାଣ ସମୟରେ ରାସ୍ତାରେ ଧୂଳି ଉଡ଼ି ଯାତ୍ରୀଙ୍କ ଯାତାୟାତ ଅସମ୍ଭବ ହେଉଛି । ବାଟରେ ଯାଉଥିବା ମଣିଷଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଯାଏଁ ସମସ୍ତେ ହଇରାଣ ହେଉଛନ୍ତି ଓ ଧୂଳିରେ ଦେଖିବା ଅସ୍ପଷ୍ଟ ହେବାରୁ ବିଭିନ୍ନ ଛୋଟମୋଟ ଦୁର୍ଘଟଣା ଘଟୁଛି । ବେଆଇନ ବାଲି ଉଠାରୁ ବୈତରଣୀ ନଦୀର ପଥ ପରିବର୍ତ୍ତନ ହୋଇ ପରିବେଶୀୟ ସମସ୍ୟା ସୃଷ୍ଟି ହୋଇଛି । ବାରମ୍ବାର ଲୋକେ ଏହି ବେଆଇନ ବାଲି ଚାଲାଣ ଉପରେ ଅବଗତ କରାଇଲେ ମଧ୍ୟ ପ୍ରଶାସନ କାନ, ଆଖି ବନ୍ଦ କରି ବସିବା ଭଳି ପ୍ରତ୍ୟୟ ହେଉଛି । ଏହି ପରିପ୍ରେକ୍ଷୀରେ ତହସିଲ୍‌ଦାର ସାଇ ଲୋକନାଥ ସେଠୀଙ୍କୁ ପଚାରିବାରୁ ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ସହ ଯୋଗାଯୋଗ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ସ୍ଥାନୀୟ ଲୋକଙ୍କ ଆଶା ପ୍ରଶାସନ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେଇ ବେଆଇନ ବାଲି ଚାଲାଣକୁ ରୋକିବେ । ଯାହା ଫଳରେ ନଦୀର ପ୍ରାକୃତିକ ପଥ ପୂର୍ବଭଳି ରହିବ ।

ମଣିନାଥପୁରରୁ ବେଆଇନ ବାଲି ବୋଝେଇ ୩ ଟ୍ରାକ୍ଟର ଓ ଜେସିବି ଜବତ

ପୁଲିସ ଆଖି ଆଗରୁ ଖସିଗଲା ୩ ଟ୍ରାକ୍ଟର

ବାରିକପୁର,୧୦।୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୈତରଣୀ ନଦୀର ମଣିନାଥପୁରଠାରୁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ବେଆଇନ ବାଲି ବୋଝେଇ ୩ ଟ୍ରାକ୍ଟର ଓ ୧ ଜେସିବି ମେସିନ୍ ଜବତ କରାଯାଇଛି । ଆଉ ୩ଟି ଟ୍ରାକ୍ଟର ଜଣେ ପୁଲିସ ଅଧିକାରୀଙ୍କ ଆଖି ସାମ୍ନାରୁ ଖସିଯିବାରେ ସକ୍ଷମ ହୋଇଥିଲେ । ଏନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନା ମୁତାବକ, ନଦୀର ବ୍ୟାରେଜ୍ ନିକଟସ୍ଥ ସ୍ଥାନରୁ ଜେସିବି ଦ୍ୱାରା ବାଲି ଉତ୍ତୋଳନ ହେଉଥିବାବେଳେ ସ୍ଥାନୀୟ ପୁଲିସ ସହିତ ଖଣି ନିଗମ ଅଧିକାରୀ ଅତର୍କିତ ଚଢ଼ଉ କରିଥିଲେ । ଚଢ଼ଉବେଳେ ଜଣେ ପୁଲିସ ଅଧିକାରୀଙ୍କ ନିକଟରୁ ୩ଟି

ବାଲି ବୋଝେଇ ଟ୍ରାକ୍ଟର ଖସିଯାଇଥିଲା । ଜାଣିଶୁଣି ଜନୈକ ଅଧିକାରୀ ଗାଡ଼ି ତିନିଟିକୁ ଖସାଇ ଦେଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଅନ୍ୟ ତିନିଟି ଟ୍ରାକ୍ଟର ଓ ବାଲି ଖୋଳୁଥିବା ଜେସିବିକୁ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି । ଏନେଇ ପ୍ରଶାସନିକ ଅଧିକାରୀଙ୍କ ନିକଟରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ଏଠାରେ ସୂଚିତ, ବର୍ଷସାରା ନଦୀରୁ କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ୍ ହେଉଛି । କେତେବେଳେ ମଞ୍ଜୁରୀରୋଡ୍ ଅଞ୍ଚଳରେ ତ ପୁଣି କେତେବେଳେ ମଣିନାଥପୁର ଅଞ୍ଚଳରେ ପ୍ରଶାସନ ବିଭିନ୍ନ ସମୟରେ ଚଢ଼ଉ କରୁଛି । ପରିତାପର ବିଷୟ ବେଆଇନ ପରିବହନ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖାଯାଇଛି ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିକପୁର,୧୦।୧(ସମିସ): ଭଣ୍ଡାରିପୋଖରୀ ଥାନା ରଣଜିତ୍ ପଞ୍ଚାୟତ ସିମିଳିଆ ଗ୍ରାମରେ ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି । ପ୍ରାପ୍ତ ସୂଚନା ମୁତାବକ, ଗ୍ରାମର ପଧାନ ମୁଣ୍ଡାଙ୍କ ପୁଅ ଟସିଆ(୨୪) ଶନିବାର ସକାଳୁ ସ୍ଥାନୀୟ ଛକଠାରେ ଲୋକଙ୍କ ସହିତ କଥାବାର୍ତ୍ତା ହୋଇଥିଲେ । କିଛି ସମୟ ପରେ ସକାଳ ପ୍ରାୟ ୮ଟା ବେଳେ ନିକଟସ୍ଥ ବୃକ୍ଷରେ ଟସିଆଙ୍କ ମୃତଦେହ ଝୁଲୁଥିବା ଲୋକମାନେ ଦେଖିବାକୁ ପାଇଥିଲେ । ଖବର ପାଇ ପୁଲିସ ତୁରନ୍ତ ସିମିଳିଆଠାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ଜିଲ୍ଲା କାରାଗାରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଦ୍ରକ,୧୦।୧(ସମିସ): ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଜିଲ୍ଲା କାରାଗାରରେ ଅନ୍ତେବାସୀମାନଙ୍କୁ ଧୂପକାଠି ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବନ୍ଦୀ ଜୀବନରୁ ମୁକ୍ତ ହେବା ପରେ ନିଜେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେଥି ନିମନ୍ତେ ସଚେତନ କରାଯାଇଥିଲା । ତତ୍‌ସହିତ ନିଶା ନିବାରଣ ନିମନ୍ତେ ଉପସ୍ଥିତ ଅନ୍ତେବାସୀମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଭଦ୍ରକ ଜିଲ୍ଲା କାରାଗାର ଅଧୀକ୍ଷକ ବିକାଶ ସେଠୀ, ପ୍ରଶିକ୍ଷକ କମଳା ମିଶ୍ର, କାଦବରାଙ୍ଗର ବାବା ଧବଳେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠୀର ଜୟନ୍ତୀ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅଗ୍ନିବିପନ୍ନ ପରିବାରକୁ ଭେଟିଲେ କଂଗ୍ରେସ ନେତା ସତ୍ୟାନନ୍ଦ

ତିହିଡ଼ି,୧୦।୧(ସମିସ): ତିହିଡ଼ି ତହସିଲ୍ ପୀରହାଟ ଥାନା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଛତ୍ରପଦା ଗାଁ ପଣ୍ଡିତ ସାହିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ବିପନ୍ନ ପରିବାରକୁ କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ ଭେଟି ସମବେଦନା ଜଣାଇବା ସହିତ ପ୍ରତି ପରିବାରକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ସ୍ୱାଇଁ, ଲକ୍ଷ୍ମୀଧର ମାଝୀ, ପ୍ରଭାତ ବିଶ୍ୱାଳ, ବସନ୍ତ ନାୟକ, ଭରତ ପଣ୍ଡା, ଦିଲ୍ଲୀପ ବିଶ୍ୱାଳ, ପ୍ରମିଳା ମାଝୀ, ଚୈତନ୍ୟ ସେଠୀ, ବଟକୃଷ୍ଣ ନାୟକ, ସୁଧାଂଶୁ ନାୟକ, ଶଶଧର ବେହେରା, ସନ୍ୟାସୀ ବାରିକ, ପୀତବାସ ନାୟକ, ସୁଶାନ୍ତ ସ୍ୱାଇଁ, ହେମନ୍ତ ସ୍ୱାଇଁ, ରବିନ୍ଦ୍ର ମାହୁନ୍ତ, ଜ୍ୟୋତିରଞ୍ଜନ ନାୟକ, ସୁଭାଶିଷ ମଲ୍ଲିକ, ଶୈଳଜା ଶଙ୍କର ବାରିକ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ଅଗ୍ନିକାଣ୍ଡରେ ୬ ପରିବାରର ୧୬ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା । ଏହା ବ୍ୟତୀତ ୮ ଗୋରୁ ଓ ୫ ଛେଳି ମଧ୍ୟ ଜୀବନ୍ତ ଦଗ୍ଧ ହୋଇଥିଲେ । ଦାଶରଥି ନାୟକ, ଚକ୍ରଧର ନାୟକ, ଗୁଣନିଧି ନାୟକ, ସନାତନ ନାୟକ ଓ ରାଧାଶ୍ୟାମ ନାୟକ ପ୍ରମୁଖ ଏହି ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିଲେ ।

● ପୀରହାଟରେ ବିଜେପିର ବିକାଶ ଚିନ୍ତନ ସମ୍ମିଳନୀ

ଚୋରା ମଦ କାରବାରକୁ ବିରୋଧ

ତିହିଡ଼ି,୧୦।୧(ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଦୌଲତପୁର ପଞ୍ଚାୟତ ବିଜେପି ପକ୍ଷରୁ ପୀରହାଟ ବାସନ୍ତୀ ପଡ଼ିଆଠାରେ ବିକାଶ ଚିନ୍ତନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ଆନନ୍ଦ ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ । ସ୍ଥାନୀୟ ବଜାରରେ ଚାଲିଥିବା ଚୋରା ମଦ କାରବାର ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରୁଥିବାରୁ ଏହାକୁ ବିରୋଧ କରିବା ସହିତ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାମକୁ ଆଗେଇ ନେବା ଲାଗି ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ବରିଷ୍ଠ ନେତା ମଙ୍ଗରାଜ ନାୟକ, ପଞ୍ଚାୟତ ସଭାପତି ପରୀକ୍ଷିତ ମହାନ୍ତି, କମଳାକାନ୍ତ ନାୟକ, ମୋହିନୀ ମୋହନ ବେହେରା, ସୁଧାରଞ୍ଜନ ମହାନ୍ତି, ବାସନ୍ତୀଲତା ବଳ, ସୁବାସ ଚନ୍ଦ୍ର ସେଠୀ, ଜୟବାଙ୍ଗଲା ବେହେରା, ସୁବାସ ମୁଦୁଲି, ସଦାଶିବ ମିଶ୍ର, ଧନେଶ୍ୱର ଗାହାଣ, ବିଭୂତିଭୂଷଣ ନାୟକ, ସସ୍ମିତା ମୁଦୁଲି, ଗୀତାରାଣୀ ବେହେରା ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ଓ ନୂତନ ନିର୍ମାଣ କାର୍ଯ୍ୟ ଦିଗରେ ଆଲୋଚନା କରିଥିଲେ । ରବିନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

ନେତାଜୀ କ୍ରିକେଟ ଲିଗ୍: ପ୍ରଗତି ୧୧ ଚାମ୍ପିଅନ

ଭଦ୍ରକ,୧୦।୧(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଅଧୀନ କରଣ ପୋଖରୀ ଲକ୍ଷ୍ମୀନାରାୟଣ ପଡ଼ିଆରେ ନେତାଜୀ କ୍ରିକେଟ ଲିଗ୍ (ଏନ୍‌ସିଏଲ୍ ୨.୦) ଅନୁଷ୍ଠିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ୮ଟି ପ୍ରମୁଖ ଦଳ ଅଂଶଗ୍ରହଣ କରିଥିଲାବେଳେ ପ୍ରଗତି ୧୧ ଚାନ୍ଦବାଲି ଏବଂ ଡିଜି ମଧୁପୁର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହୋଇଥିଲା । ଏଥିରେ ପ୍ରଗତି ୧୧ ଚାମ୍ପିଅନ ହୋଇଛି । ପ୍ରଗତି ୧୧ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୪ ୱିକେଟ ବିନିମୟରେ ୬୪

ରନ୍ କରିଥିଲାବେଳେ ଡିଜି ମଧୁପୁର ସମସ୍ତ ୱିକେଟ ହରାଇ ମାତ୍ର ୪୨ ରନ୍ କରିବାରେ ସକ୍ଷମ ହୋଇଥିଲା । ପରିଶେଷରେ ଏକ ସ୍ୱତନ୍ତ୍ର ସଭା ସହ ବିଜେତା ପ୍ରଗତି ୧୧କୁ ଚାମ୍ପିଅନ ଟ୍ରଫି ସହ ନଗଦ ୬୦୦୦ ଟଙ୍କା ଏବଂ ଡିଜି ମଧୁପୁରକୁ ରନର୍ସ ଅପ୍ ଟ୍ରଫି ସହ ନଗଦ ୫୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଲିଗ୍‌ର ଶ୍ରେଷ୍ଠ ଖେଳାଳିମାନଙ୍କୁ ମେଡାଲ ସହ ଫାଇନାଲ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଆକାଶ ଦାସଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ସହ ମେଡାଲ ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ନେତାଜୀ ଯୁବ ସାଂସ୍କୃତିକ ପରିଷଦର ସଦସ୍ୟ ଓ କନିଷ୍ଠ ଟିମ୍‌ର ଯୁବ ପ୍ରତିଭାଙ୍କ ଦ୍ୱାରା ପରିଚାଳିତ ହୋଇଯାଇଛି ।

ସରକାରୀ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା

ବନ୍ତ/ଆଗରପଡ଼ା,୧୦।୧(ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ସରକାରୀ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ଉତ୍ସବ କ୍ରୀଡ଼ା ଶିକ୍ଷୟିତ୍ରୀ ଡଲିରାଣୀ ଦାସ ଓ ଶିକ୍ଷକ ପ୍ରସନ୍ନ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ପଞ୍ଚାନନ ଦାସ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ପୁରାତନ ଛାତ୍ର ସଂସଦ ସଭାପତି ନିତ୍ୟାନନ୍ଦ ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ପରିଚାଳନା ସଭ୍ୟ ମନୋରଞ୍ଜନ ଘଡ଼ାଇ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ । କ୍ରୀଡ଼ା କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୪ଟି ଗ୍ରୁପ୍‌ରେ ଶଟ୍‌ପୁଟ୍, କବାଡ଼ି, ମ୍ୟୁଜିକ୍ ଚେୟାର, ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗଣିତ ଦୌଡ଼, ଅଖା ଦୌଡ଼ ସମେତ ୩୨ଟି କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ କ୍ରୀଡ଼ା ଶିକ୍ଷୟିତ୍ରୀ ଡଲିରାଣୀ ଦାସ ଓ ଶିକ୍ଷକ ପ୍ରସନ୍ନ ଜେନା, ଶିକ୍ଷୟିତ୍ରୀ ନିତୁସ୍ମିତା ଗିରି, ଶିକ୍ଷକ କରୁଣାକର ନାୟକ, ବଳରାମ ସେଠୀ, ଶରତ ନାୟକ, ପ୍ରକାଶ ପରିଡ଼ା, ପ୍ରଫୁଲ୍ଲ ନାୟକ, ଜଗନ୍ନାଥ ପତି ଆଦି ଖେଳ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ନମିତା ଜେନା, ଶୁଭଶ୍ରୀ ବେହେରା, ଯୋଗଦିପ୍ତା ନାୟକ, ସ୍ମିତାଲି ମଧୁସ୍ମିତା ପଣ୍ଡା, ସଂଯୁକ୍ତା ସାହୁ, ରତ୍ନମୟୀ ବାରିକ, ମଧୁସ୍ମିତା ରାଉତ, ଶିକ୍ଷକ ଅନାଦି ନାୟକ, ରତିକାନ୍ତ ରାୟ, ଦିବ୍ୟରଞ୍ଜନ ସାହୁ, ସଞ୍ଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ ।

କ୍ଷେତ୍ରବାସୀ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଧାମନଗର,୧୦।୧(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ଜୟନଗର ମହୋତ୍ସବ ପଡ଼ିଆଠାରେ କ୍ଷେତ୍ରବାସୀ ମେମୋରିଆଲ ୨ ଦିନିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ-୨୬ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଶିକ୍ଷକ ସଦାଶିବ ପତିଙ୍କ ସଭାପତିତ୍ୱରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ପ୍ରମୋଦ ସ୍ୱାଇଁ, ମାନସ ପରିଡ଼ା, ଜୟନ୍ତ ବିଶ୍ୱାଳ, ମନୋଜ ସିଂହ, ରାମଚନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ରାଉତ, ଶରତ ଚନ୍ଦ୍ର ମିଶ୍ର, ମନୋଜ ନାୟକ, ବିରେନ୍ଦ୍ର ଜେନା, ସେକ୍ ହଲିମ(କାନୁ), ସୁଶାନ୍ତ ରାଉତ, ସେକ୍ ଜାଫର ଅଲ୍ଲୀ, ଦୀନକୃଷ୍ଣ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, ସନ୍ତୋଷ ମହାପାତ୍ର, ଭାବଗ୍ରାହୀ ଖୁଣ୍ଟିଆ, ଜଗଦୀଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଫୁଟ୍‌ବଲ୍ ଖେଳାଳି ସ୍ୱର୍ଗତ କ୍ଷେତ୍ରବାସୀଙ୍କ ସୁପୁତ୍ର ବିଜେପି ନଗର ସଭାପତି ପ୍ରଶାନ୍ତ ପରିଡ଼ା ବାପାଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ୨ଦିନିଆ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାବେଳେ ଅନନ୍ତ କେଶରୀ ଯୁବକ ସଂଘ ଆନୁକୂଲ୍ୟରେ ପ୍ରଥମ ଦିନରେ ୮ଟି ଟିମ୍ ଭାଗ ନେଇଥିଲେ । ଶନିବାର ଖେଳରେ ୪ଟି ଟିମ୍ ଭଦ୍ରକ ମବିର କ୍ଲବ୍, ଆଳି ଅଲୁ ଆସୋସିଏସନ, ବରି ଯୁବକ କ୍ଲବ୍, ଜାରକା ଡିଏଫ୍ କ୍ଲବ୍ ସେମି ଫାଇନାଲ୍‌କୁ ମନୋନୀତ ହୋଇଛନ୍ତି । ୨ୟ ଦିନରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଶେଷରେ ବାବାଜୀ ଚରଣ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ଅଖିଳ ଭାରତୀୟ ଦୁଃଖୀ ସମାଜର ବୈଠକ

ଭଦ୍ରକ,୧୦।୧(ସମିସ): ଭଦ୍ରକର ସୁପ୍ରସିଦ୍ଧ ସୁଫି ସାନ ସରକାର ବାବା ସୈୟଦ ଶାହା ୱସିମ୍ ଅଖତର କାଦରୀ ଓରଫ 'ମାମାଜାନ'ଙ୍କ ଜନ୍ମଦିନ ପାଳନ ଅବସରରେ ଭଦ୍ରକ "ଅଖିଳ ଭାରତୀୟ ଦୁଃଖୀ ସମାଜ'

ଆନୁକୂଲ୍ୟରୁ ଏବିଡିଏସ୍ ରକ୍ତଦାନ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କମିଟି ସଭାପତି ଇଂ. ମନାୱର ହୋସେନ ସଭାପତିତ୍ୱ ଓ ସମ୍ପାଦକ ଇଂ. ରେଜାଏ ରସୁଲ ସଂଯୋଜନା କରିଥିଲେ । ପ୍ରତ୍ୟେକ ବର୍ଷ ପରି ଆସନ୍ତା ୨୪ ତାରିଖ ସକାଳ ୬ଟାରୁ ୮.୩୦ ପର୍ଯ୍ୟନ୍ତ ସହରସାରା ସଫେଇ କାର୍ଯ୍ୟକ୍ରମ, ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ମେଗା ରକ୍ତଦାନ ଶିବିର ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାର ନଗର (ଗୁଲ୍‌ସେନ୍ ନସୀମ) ଖାନ୍‌କାହା ସରିଫ ସାମ୍ନା ସହିତ ସୋର, ବାଲେଶ୍ୱର, ଜଳେଶ୍ୱର ଓ ବାରିପଦାଠାରେ ଅନୁଷ୍ଠିତ ହେବ । ଏହି ପ୍ରସ୍ତୁତି ବୈଠକରେ ଇଂ. ହବିବୁଲା ଖାନ୍, ହାଜି ସବବୀର ଅଲ୍ଲି, ଜମିଲ୍ ଅଖ୍ତର ଖାନ୍, ଇଂ. ମୁଖତାର ଅହେମଦ ରସିଦ୍, ହାଜି ତବାରକ ଅଲି, ଲିୱା ମାଷ୍ଟର, ହାଜି ଅବୁ ହୋସେନ ଖାନ, ମାଷ୍ଟର ମୁସ୍ତାକ ଗୌହର, ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର, ମହେବୁବ ଖାନ୍, ଶେଖ୍ ରଫିକ୍, ଜହୁର ଖାନ, ଇମ୍‌ତୀୟାଜ୍ ଖାନ୍, ଶିକ୍ଷାବିତ୍ ଶେଖ୍ ମୈରାଜୁଦ୍ଦିନ ଓ ଗୁଲ୍ଲୁ ଖାନ୍ ପ୍ରମୁଖଙ୍କ ସହିତ ପ୍ରତ୍ୟେକ ବସ୍ତିର ରକ୍ତଦାନ ଶିବିର ଗାଇଡ୍‌ମାନେ ଉପସ୍ଥିତ ଥିଲେ ।

୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ

ଭଦ୍ରକ,୧୦।୧(ସମିସ): ଭଦ୍ରକ ଚରମ୍ପା ରେଲ୍‌ୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ୪ର୍ଥ ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶନିବାର ୨ୟ ସେମି ଫାଇନାଲ୍ ମ୍ୟାଚ୍‌ରେ ଇଷ୍ଟ କୋଷ୍ଟ ରେଲ୍‌ୱେ ଖୋର୍ଦ୍ଧାକୁ ୨ ରନ୍‌ରେ ପରାସ୍ତ କରି ରାଇଜିଂ ଷ୍ଟୁଡେଣ୍ଟ କଟକ ଫାଇନାଲକୁ ଉନ୍ନୀତ ହୋଇଛି । ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୫ ରନ୍ କରିଥିଲା । ସ୍ୱାଧୀନ କୁମାର ପାତ୍ର ୬୨ ଓ ସ୍ୱପ୍ ସମିତ୍ ଭୂୟାଁ ୪୬ ରନ୍ କରିଥିଲେ । ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରେଲ୍‌ୱେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୱିକେଟ ହରାଇ ୧୮୦ ରନ୍ କରି ମ୍ୟାଚ୍‌କୁ ୨ ରନ୍‌ରେ ହାରିଯାଇଥିଲା । ରେଲ୍‌ୱେ ପକ୍ଷରୁ ଏମ୍.ଜି. ଗୋପାଳ ୫୫ ଓ ସମୀର ରଞ୍ଜନ ମହାନ୍ତି ୪୭ ରନ୍ କରିଥିଲେ । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ସ୍ୱପ୍ ସମିତ୍ ଭୂୟାଁ ୩ ଓ କେ.

ଈଶ୍ୱର ପ୍ରସାଦ ୨ଟି ୱିକେଟ ନେଇଥିଲେ । ସ୍ୱପ୍ ସମିତ୍ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଓବିସିସିର ଚିଫ୍ ଇଞ୍ଜିନିୟର ଶ୍ରୀଧର ରାଉତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଦେବବ୍ରତ ଦାଶ ଓ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବାବେଳେ ରାଜେଶ ନାୟକ ମ୍ୟାଚ୍ ରେଫେରୀ ଓ କରନ୍ ଖାନ୍ ସ୍କୋରର ଥିଲେ । ରବିବାର ଫାଇନାଲ୍ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଶ୍ରୀଧର ମିଶ୍ର ଜଣାଇଛନ୍ତି ।

ଜାତୀୟସ୍ତରୀୟ ବିଦ୍ୟାଳୟ ବାସ୍କେଟବଲ୍ ପ୍ରତିଯୋଗିତା

ଭଦ୍ରକ ଜିଲ୍ଲାରୁ ଜିସ୍ନୟୀ ମନୋନୀତ

ଭଦ୍ରକ,୧୦।୧(ସମିସ): ଛତିଶଗଡ଼ର ରାଜନନ୍ଦଗାଁରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟସ୍ତରୀୟ ବିଦ୍ୟାଳୟ (୧୭ ବର୍ଷରୁ କମ୍) ବାସ୍କେଟବଲ୍ ପ୍ରତିଯୋଗିତା ଆସନ୍ତା ୧୧ରୁ ଆରମ୍ଭ ହୋଇ ୧୫ ତାରିଖରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୨ ଜଣ ବାଳିକା ବାସ୍କେଟବଲ୍ ଖେଳାଳିଙ୍କ ନାମ ଘୋଷଣା କରିଛି । ଏହି ବାଳିକା ଦଳରେ ଭଦ୍ରକ ଜିଲ୍ଲାରୁ ଜିସ୍ନୟୀ ନାୟକ ସ୍ଥାନ ପାଇଛନ୍ତି । ଏହି ସଫଳତା ଲାଗି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଶୁଭେଚ୍ଛା ଜଣାଇବା ସହିତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ,

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, କ୍ରୀଡ଼ା ଶିକ୍ଷୟିତ୍ରୀ ମିତାଲୀ ମଧୁସ୍ମିତା ବାରିକ, ବାସ୍କେଟ୍‌ବଲ୍ କୋଚ୍ ମନୋଜ କୁମାର ସାହୁ, ରାଜେନ୍ଦ୍ର ନାୟକ ଓ ସମସ୍ତ ବରିଷ୍ଠ ଖେଳାଳି ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି । ଦଣ୍ଡପାଣି ନାୟକ ଓ ସୁଜାତା ନାୟକଙ୍କ ଝିଅ ଜିସ୍ନୟୀଙ୍କ ଘର ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଗବସାହି ଗାଁରେ । ସେ ଅଧୁନା ଭଦ୍ରକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିବାବେଳେ ଗତ ୪ବର୍ଷ ହେଲା କୋଚ୍ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଭଦ୍ରକ କଲେଜ ବାସ୍କେଟବଲ୍ କୋର୍ଟରେ ଅଭ୍ୟାସ ଜାରି ରଖିଛନ୍ତି ।

ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା

'ସମାଜରେ ବ୍ୟକ୍ତିଗତ ଅଧିକାରକୁ କ୍ଷୁଣ୍ଣ କରିବାକୁ ଦିଆଯିବନି'

ଭଦ୍ରକ,୧୦।୧(ସମିସ): ମାନବ ସମାଜରେ ସମସ୍ତଙ୍କର ବ୍ୟକ୍ତିଗତ ଅଧିକାର ରହିଛି । ଅଧିକାର ସମ୍ପର୍କୀୟ ବିଧିବ୍ୟବସ୍ଥା ସହ ଆମର ପରିଚୟ ପ୍ରାୟତଃ ସୀମିତ । ସାଧାରଣ ସଂଜ୍ଞାନୁଯାୟୀ ମାନବ ଅଧିକାରର ଅର୍ଥ ସେହି ଅଧିକାର ଯାହା ପ୍ରତ୍ୟେକ ବ୍ୟକ୍ତି ଉପଭୋଗ କରନ୍ତି ଓ ପ୍ରତ୍ୟେକଙ୍କ ପାଇଁ ଯାହା ସୁରକ୍ଷିତ ରହେ ତେଣୁ କେହି ନିଜର ଅଧିକାର କ୍ଷୁଣ୍ଣ ହେବାକୁ ଦିଅ ନାହିଁ ବୋଲି ମାନବାଧିକାର ସୁରକ୍ଷା ପରିଷଦ ପକ୍ଷରୁ ଆୟୋଜିତ ମଞ୍ଚରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟିର ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଜାତା ଜେନା, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ମୁଖ୍ୟବକ୍ତା ଭାବେ ମାନବାଧିକାର ସଂଗଠନର ରାଜ୍ୟ ଉପସଭାପତି କ୍ଷୀତିଶ ସାମନ୍ତ, ସମ୍ମାନିତ ଅତିଥି ଭାବେ ପ୍ରଭାସ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସଂଗଠନ ସମ୍ପାଦକ ଜଗବନ୍ଧୁ ବେହେରା ମଞ୍ଚ ଆମନ୍ତ୍ରଣ କରିଥିଲେ ।

ଉପସଭାପତି ମନୋରମା ରାୟ, ଉପଦେଷ୍ଟା ଅଞ୍ଜନା ମିଶ୍ର, ଶାନ୍ତିଲତା ବାରିକ, ତେଜସ୍ୱିନୀ ଦାସ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ରୋଜାଲିନ୍ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ଉପଦେଷ୍ଟା ଅତିସ ବେହେରା, ତପନ ସ୍ୱାଇଁ, ଡ. ହରିହର ନାୟକ, ସ୍ମୃତିରଞ୍ଜନ ସାହୁ, ଉମାକଲ୍ୟାଣ ମହାପାତ୍ର, ପାର୍ଥସାରଥୀ ନାୟକ, ପ୍ରଭାତ ଦାଶ, ଶିବାନନ୍ଦ ଦାସ, ଅବିନାଶ ପଣ୍ଡା, ରାଜେଶ ଦାସ, ଅଜୟ ପଣ୍ଡା, ଶୁଭଦୀପ ମଲ୍ଲିକ, ରମେଶ ଚନ୍ଦ୍ର ପାଗଳ, ରଶ୍ମିରଞ୍ଜନ ସାହୁ, ବାପି ଦାସ, ଜଗନ୍ନାଥ ବେହେରା, ଜୟ ଜଗନ୍ନାଥ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, କମଳଲୋଚନ ପଣ୍ଡା, ଜି. ଶିବ ଶଙ୍କର, ସୁବ୍ରତ ଦୀକ୍ଷିତ, ଶାନ୍ତନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ସନ୍ଧ୍ୟାରେ ଏମ୍‌ଏମ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ କୌଶିକ ଶତପଥୀ, ମଞ୍ଜୁଶ୍ରୀଙ୍କ ସଂଗୀତ ଓ ମେଲୋଡ଼ି ଦର୍ଶକଙ୍କ ମନକୁ ଛୁଇଁଥିଲା । ଏହି ଅବସରରେ କୁନି କଣ୍ଠଶିଳ୍ପୀ ବୈଷ୍ଣବୀ ଦିବ୍ୟାଂଶୀ ବୋଇତି, ସମାଜସେବୀ ଜିତେନ୍ଦ୍ର ସାହୁ, ବିକାଶ ଧଳ, କବି ବିପ୍ଳବ ହୋତା, ଚିତ୍ତରଞ୍ଜନ ପୋଥାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରଧାନମନ୍ତ୍ରୀଙ୍କୁ ପେନ୍‌ସନ୍‌ଭୋଗୀ ସଂଘର ଦାବିପତ୍ର

ଢେଙ୍କାନାଳ,୧୦।୧(ସମିସ): ରାଜ୍ୟ ଇପିଏଫ ପେନସନର୍ସ ସଂଘ ଆହ୍ୱାନ କ୍ରମେ ଢେଙ୍କାନାଳ ଶାଖା କର୍ମକର୍ତ୍ତାଙ୍କ ସହ ପ୍ରାୟ ୩୦ରୁ ଅଧିକ ପେନସନଭୋଗୀ ଶୋଭାଯାତ୍ରାରେ ଆସି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସର୍ବଭାରତୀୟ ସ୍ତରରେ ଇପିଏଫ ପେନସନଭୋଗୀମାନେ ସଂଗଠନ କରି ଦୀର୍ଘ ୬/୭ ବର୍ଷ ଧରି ପେନ୍‌ସନ୍ ବୃଦ୍ଧି ସହ ଅନ୍ୟାନ୍ୟ ସୁବିଧା ପାଇଁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଅର୍ଥ ଅଭାବ ଆଳ ଦେଖାଇ ଏହାକୁ ଅଣଦେଖା କରି ଆସୁଛନ୍ତି। ସାରା ଦେଶରେ ପ୍ରାୟ ୮୨ ଲକ୍ଷ ପେନସନଭୋଗୀ ୫୦୦ରୁ ନେଇ ସର୍ବାଧିକ ୩୫୦୦ ଯାଏଁ ପେନସନ ପାଉଛନ୍ତି। ସର୍ବନିମ୍ନ ମାସିକ ପେନସନ ୧୦୦୦ ଟଙ୍କା ପୈଠ କରିବାକୁ ୨୦୧୪ ସେପ୍ଟେମ୍ବର ୧ରୁ ସରକାର ନିୟମ ପ୍ରଣୟନ କରିଥିଲେ ମଧ୍ୟ ଯେଉଁମାନେ ୫୦ବର୍ଷ ବୟସରୁ ପେନସନ୍ ନେଉଛନ୍ତି, ସେମାନଙ୍କୁ ୧୯୯୫ରୁ ଆଜିପର୍ଯ୍ୟନ୍ତ ୫୦୦ରୁ ୯୦୦ ପର୍ଯ୍ୟନ୍ତ ପେନସନ ଦିଆଯାଉଛି। ୧ ହଜାର ଟଙ୍କା କରି ଦିଆଯାଉ ନାହିଁ। ଏହାସହ କାହାକୁ ମଧ୍ୟ ଡିଏ ଦିଆଯାଉ ନାହିଁ। ଏହି ସ୍ୱଳ୍ପ ପେନସନ ପାଉଥିବାରୁ ଏହି ବର୍ଗର ଲୋକମାନେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି କଲ୍ୟାଣକାରୀ ସାମାଜିକ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁ ନାହାନ୍ତି। ଏତେ କମ୍ ଟଙ୍କାରେ ପରିବାର ଚଳାଇବା ତ ଦୂରକଥା, ପରିଣତ ବୟସରେ ଔଷଧ ଖର୍ଚ୍ଚକୁ ମଧ୍ୟ ନିଅଣ୍ଟ ହେଉଛି। ଏହି ବର୍ଗର ଲୋକମାନେ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମଧ୍ୟ ସେମାନଙ୍କ ନ୍ୟାଯ୍ୟ ଦାବିକୁ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ତେଣୁ ରାଜ୍ୟର ୩୦ ଜିଲ୍ଲାରେ ଇପିଏଫ ପେନସନଭୋଗୀମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ସହ ଭୁବନେଶ୍ୱର ଇପିଏଫ କାର୍ଯ୍ୟାଳୟ ଘେରଉ କରିବାକୁ ଯୋଜନା କରିଛନ୍ତି। ସର୍ବନିମ୍ନ ମାସିକ ୯୦୦୦ଟଙ୍କା ପେନସନ ସହ ମହଙ୍ଗାଭତ୍ତା ଲାଗୁ, ସମସ୍ତ ଇପିଏଫ ପେନସନର୍ସଙ୍କୁ ମାଗଣା ଚିକିତ୍ସା ସୁବିଧା, ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବର୍ଦ୍ଧିତ ପେନସନ ଲାଗୁ କରିବାକୁ ଦାବି କରାଯାଇଛି। ଶାଖା ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉପସଭାପତି ହୃଦାନନ୍ଦ ପ୍ରଧାନ, ଶରତ କୁମାର ରଥ, ସମ୍ପାଦକ ସଦାଶିବ ମିଶ୍ର, କୋଷାଧ୍ୟକ୍ଷ ନେତ୍ରାନନ୍ଦ ସାହୁ, କାର୍ଯ୍ୟକାରୀ ସଦସ୍ୟ ରମେଶ ଚନ୍ଦ୍ର ସାମଲ, ନିରୋଦ ପଟ୍ଟନାୟକ, ପଠାଣି ପୃଷ୍ଟି, ଯୁଗ୍ମ ସମ୍ପାଦକ ଗୋଲକ ବରାଳ, ଉପଦେଷ୍ଟା ବିରଞ୍ଚି ନାରାୟଣ ମିଶ୍ର, ସଦସ୍ୟ ଗୋପୀନାଥ ଜେନା, ପ୍ରଫୁଲ୍ଲ ପରିଡ଼ା, ବାଇଧର ଚକ୍ର, ବାସୁଦେବ ଦେହୁରୀ, ମିର୍ଜା ଜାବିର ବେଗ୍, ଦୁଷ୍ମନ୍ତ କୁମାର ସାମଲ, ରାମଚନ୍ଦ୍ର ବେହେରା, କେଶବ ସାମଲ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

ବିଦ୍ୟାଳୟ ନିକଟରୁ ଟ୍ରାନ୍ସଫର୍ମର ସ୍ଥାନାନ୍ତର ଦାବି

ବଇଣ୍ଡା,୧୦।୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପେଡ଼ିପଥର ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗୁରୁବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ବିଦ୍ୟାଳୟ ନିକଟରେ ଟ୍ରାନ୍ସଫର୍ମର ଥିବାରୁ ତାହା ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ରତେକ ଦିନ ଏହି ଟ୍ରାନ୍ସଫର୍ମର ନିକଟକୁ ଅନେକ ପିଲା ପଳାଇ ଆସୁଛନ୍ତି। ଟ୍ରାନ୍ସଫର୍ମରକୁ ବାଡ଼ ଦିଆଯାଇ ନ ଥିବାରୁ ତାହା ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବହୁବାର ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନନ୍ତର କରିବା ପାଇଁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ବଙ୍ଗଳା ନିର୍ମାଣ ବିଳମ୍ବକୁ ନେଇ ଅସନ୍ତୋଷ

ବଇଣ୍ଡା,୧୦।୧(ସମିସ): ଅନୁଗୋଳ ଜିଲ୍ଲା ବଇଣ୍ଡାଠାରେ ପୂର୍ତ୍ତ ବିଭାଗ ବଙ୍ଗଳା ନିର୍ମାଣ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୮ରେ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଏହି ବଙ୍ଗଳା ଉଚ୍ଛେଦ କରାଯାଇଥିଲା। ୭ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ ହୋଇପାରୁ ନାହିଁ। ବଙ୍ଗଳା ନିର୍ମାଣ ପାଇଁ ନୁନୁକାପସି ମୌଜାରେ ୧ ଏକର ଜମି ଯୋଗାଇ ଦିଆଯାଇଥିଲେ ମଧ୍ୟ ଜମିକୁ ରାଜସ୍ୱ ବିଭାଗ ଚିହ୍ନଟ କରି ନ ଥିବାରୁ ନିର୍ମାଣ ହୋଇପାରୁ ନାହିଁ। ୫୦ ଲକ୍ଷ ଟଙ୍କାରେ ଏହି ବଙ୍ଗଳା ନିର୍ମାଣ ପାଇଁ ଡିସେମ୍ବର ୨୮ରେ କିଶୋରନଗରଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିଳାନ୍ୟାସ କରିଥିଲେ। ହେଲେ ରାଜସ୍ୱ ବିଭାଗ ଜମି ଚିହ୍ନଟ କରିବାରେ ବିଫଳ ହୋଇଛି। ନୁନୁକାପସି ମୌଜା ବଇଣ୍ଡା ଛକରେ ଥିବା ଜମି ଚିହ୍ନଟ ପାଇଁ ବୁଧବାର କିଶୋରନଗର ତହସିଲ କର୍ତ୍ତୃପକ୍ଷ ଓ ହଣ୍ଡପା ପୁଲିସ ଆସିଥିବା ବେଳେ ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି। ଏ ନେଇ କିଶୋରନଗର ତହସିଲଦାର ବିକ୍ରମ ନାୟକ କୁହନ୍ତି, ବଇଣ୍ଡା ଛକରେ ଥିବା ପୂର୍ତ୍ତ ବିଭାଗ ଜମିକୁ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିର୍ମାଣ ପାଇଁ ଯୋଗାଇ ଦିଆଯାଇଛି। ପୁଲିସ ମୁତୟନ କରାଯାଇ ଖୁବଶୀଘ୍ର ଜମି ଚିହ୍ନଟ କରାଯିବ।

ଗଁଦିଆରେ ବ୍ଲକସ୍ତରୀୟ ମହୋତ୍ସବ

ଗଁଦିଆ,୧୦।୧(ସମିସ): ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଉପଲକ୍ଷେ ଗଁଦିଆ ବ୍ଲକ ପରିସରରେ ଦୁଇଦିନିଆ ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ସାଂସଦଙ୍କ ପ୍ରତିନିଧି ଲଳିତ ଦାସ, ମୁଖ୍ୟବକ୍ତା ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପୋରୁହଖୋଜ ପଞ୍ଚାୟତରୁ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ଆରମ୍ଭ କରାଯାଇଥିଲା। ଏଥିରେ ବ୍ଲକ ଅଞ୍ଚଳର ବହୁ ଜନସାଧାରଣ ଓ କଳାକାର ଅଂଶଗ୍ରହଣ କରିଥିଲେ। ଜାନୁଆରୀ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଢେଙ୍କାନାଳ ମହୋତ୍ସବରେ ଗଁଦିଆ ବ୍ଲକରୁ ୭୦୦ରୁ ଅଧିକ କଳାକାର ଅଂଶଗ୍ରହଣ କରିବେ ବୋଲି ବିଡିଓ ସୂଚନା ଦେଇଛନ୍ତି।

ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର

ଅନୁଗୋଳ,୧୦।୧(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଶିମିଳିପଡ଼ାସ୍ଥିତ ମେଡିକ୍ସ କାର୍ଯ୍ୟାଳୟରେ ଆଇନ ସଚେତନତା ଶିବିର ଅନଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ସେହିପରି ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଅନୁଗୋଳ ଡିଏସପି ତଥା ଡନ୍ ଓ ଆଶା ୟୁନିଟର ସଦସ୍ୟ ଯୋଗେଶ୍ୱରୀ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ପ୍ୟାନେଲ ଆଡଭୋକେଟ ତଥା ଡନ୍ ଓ ଆଶା ୟୁନିଟ ସଦସ୍ୟ ସୁମନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କିନ୍ନରମାନଙ୍କ ବିଭିନ୍ନ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ନରମାନଙ୍କୁ ମାଗଣାରେ ଆଇନସେବା ଯୋଗାଇ ଦେବା ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲ୍ଲା ଓ ତାଲୁକ୍ ସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ପ୍ରାଧିକରଣ ଓ କମିଟି ଦ୍ୱାରା ଯୋଗାଇ ଦିଆଯାଇଥାଏ। ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ ପାଇଁ ନାଲସା ହେଲ୍ପଲାଇନ ନମ୍ବର-୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ଅତିଥିମାନେ କହିଥିଲେ। ଏହାସହ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ଓ ନିଶାସକ୍ତ ବ୍ୟକ୍ତିମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ବାଲ୍ୟବିବାହର ପ୍ରଭାବ ଓ ତାହାର ପ୍ରତିକାର ଉପରେ ମଧ୍ୟ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର କିନ୍ନରମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଡିକ୍ସର ଡ. ଦିଳୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ଠାକୁର ଅନୁକୂଳଚନ୍ଦ୍ରଙ୍କ ବନମହୋତ୍ସବ ସତସଙ୍ଗ



କାମାକ୍ଷାନଗର,୧୦।୧(ସମିସ): କାମାକ୍ଷାନଗର ସହର ନିକଟ ରେକୁଳା ସତସଙ୍ଗ କେନ୍ଦ୍ରରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବନମହୋତ୍ସବ ସତସଙ୍ଗ ଅନୁଷ୍ଠିତ ହୋଇଛି। ବରିଷ୍ଠ ରିତିକ ବିନୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସତସଙ୍ଗରେ ରତିକ ରତ୍ନାକର ଦାସ, ଅଜୟ କୁମାର ପଣ୍ଡା, ଯାଜକ ଭାବେ ରବିନାରାୟଣ ବେହେରା, ମନୋଜ କୁମାର ପଣ୍ଡା, ଅମ୍ବୁଜ କୁମାର ସାହୁ, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଭାବାଦର୍ଶ ଓ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏଥିରେ କାମାକ୍ଷାନଗର ସହର ସମେତ ଆଖପାଖ ଅଞ୍ଚଳର ଶତାଧିକ ଗୁରୁଭାଇ ଓ ମା'ମାନେ ଉପସ୍ଥିତ ଥିଲେ। ଶ୍ରୀକାନ୍ତ ବିଶ୍ୱାଳ ସତସଙ୍ଗ ପରିଚାଳନା କରିଥିଲେ।

ସାଇ ସତ୍‌ସଙ୍ଗ ତରଫରୁ ପାଲିଙ୍କି ଶୋଭାଯାତ୍ରା

ଢେଙ୍କାନାଳ,୧୦।୧(ସମିସ): ସ୍ଥାନୀୟ ସାଇ ସତସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ବିଶାଳ ପାଲକି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି।

ଶିରିଡ଼ିସ୍ଥିତ ପ୍ରସିଦ୍ଧ ଖଣ୍ଡୋବା ମନ୍ଦିର ପରିସରରୁ ଶିରିଡ଼ିର ପୂଜକ ଓ ଅନୁଷ୍ଠାନର ଅଧ୍ୟକ୍ଷ ଶିବପ୍ରସାଦ ପଣ୍ଡାଙ୍କ ଦ୍ୱାରା ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବାବାଙ୍କ ସୁସଜ୍ଜିତ ପାଲଙ୍କି, ଘୋଡ଼ାଗାଡ଼ି, ସାଇ ପାଦୁକା, ଆଲଟ, ଚାମର ଛତ୍ରୀ ସହ ମହାରାଷ୍ଟ୍ରର ପ୍ରସିଦ୍ଧ ଟାଙ୍ଗୁ ବାଦ୍ୟ, ତୂରୀ ଓ ଘଣ୍ଟଘଣ୍ଟା ବାଦ୍ୟର ତାଳେ ତାଳେ ଶୁଭ୍ର ବସ୍ତ୍ର ପରିହିତ ୨୦୦ରୁ ଉର୍ଦ୍ଧ୍ୱ ସାଇ ଅନୁଗାମୀ ଓ ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ଆଦୃତା ଶିଶୁଗୃହର ୩୦ ଅନ୍ତେବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭଯାତ୍ରା ସପ୍ତାଧି ମଣ୍ଡପରେ ପହଞ୍ଚିବା ପରେ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟାରେ ସାଇ ସତସଙ୍ଗ ସେବା ଟ୍ରଷ୍ଟର ମହିଳା ମଣ୍ଡଳ, ଶିଶୁ କଳକାର ଓ ଆଦୃତା ଶିଶୁଗୃହ ଅନ୍ତେବାସୀଙ୍କ ପକ୍ଷରୁ ସାଇ ସପ୍ତାଧି ମଣ୍ଡପରେ ନୃତ୍ୟ, ଭକ୍ତି ରସାତ୍ମକ ନାଟକ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶିରିଡି ସାଇ ସଂସ୍ଥାନର ସିଇଓ ଗୋରକ୍ଷ ଗାଡ଼ିଲକର ସାଇ ସତସଙ୍ଗ ସେବା ଟ୍ରଷ୍ଟ ଓ ଆଦୃତା ଶିଶୁଗୃହର ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିଶୁଗୃହ ଅନ୍ତେବାସୀମାନେ ଶନିସିଗ୍ନାପୁର ଔରଙ୍ଗବାଦସ୍ଥିତ ପ୍ରାଚୀନ ଐତିହ୍ୟସମ୍ପନ୍ନ ଅଜନ୍ତା ଗୁମ୍ଫା, ମିନି ତାଜମହଲ, ଜ୍ୟୋତିର୍ଲିଙ୍ଗ, ଘୁଷନେଶ୍ୱର ଓ ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ।

ବିଦ୍ୟାଳୟରେ ଛାୟା ବିଧାନସଭା କାର୍ଯ୍ୟକ୍ରମ

ଢେଙ୍କାନାଳ,୧୦।୧(ସମିସ): ପିଏମଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଛାୟା ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ନେତୃତ୍ୱରେ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ ଅପରାହ୍ନ ୨ଟାରେ କାର୍ଯ୍ୟକ୍ରମ ହୋଇଥିଲା। ବିଚାରକ ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପକ ଡ. ଦିଲୀପ କୁମାର ମଲ୍ଲିକ, ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଗୋକୁଳାନନ୍ଦ ମହାପାତ୍ର ଏବଂ ପଞ୍ଚସଖା ଶିକ୍ଷାସେତୁର ସଭାପତି କୃଷିଦା ବେଗମ୍ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାସକ ଦଳ, ବିରୋଧୀ ଦଳ, ବାଚସ୍ପତି ଏବଂ ସଚିବାଳୟ ଆଦି ପ୍ରସ୍ତୁତ କରାଯାଇଥିଲା।

ଗୁଣ୍ଡିଚାନାଳୀରେ ପଞ୍ଚାୟତ ସମିତି ବୈଠକ

କାମାକ୍ଷାନଗର,୧୦।୧(ସମିସ): କାମାକ୍ଷାନଗର ପଞ୍ଚାୟତ ସମିତିର ଏକାଦଶ ସାଧାରଣ ଅଧିବେଶନ କାନପୁରା ପଞ୍ଚାୟତ ଗୁଣ୍ଡିଚାନାଳୀଠାରେ ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଉଭୟ ଲୋକ ପ୍ରତିନିଧି ଓ ଅଧିକାରୀମାନେ ସମନ୍ୱୟ ରକ୍ଷାକରି ଲୋକଙ୍କ ହିତରେ କାମ କରିବା ପାଇଁ କହିଥିଲେ। ବିଧାୟକ ଶତ୍ରୁଘନ ଜେନା ନୂଆ ଯୋଜନା ଓ ତାହାର ରୂପରେଖ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ, ବିଡିଓ ପ୍ରଭୁକଲ୍ୟାଣ ଦାସ, ତହସିଲଦାର ଶୁଭଙ୍କର ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବୈଠକ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା, ଯାହାକି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅସହାୟଙ୍କ ଆଶାବାଡ଼ି ପାଲଟିବ 'ତପସ୍ୟା'

ବଅଁରପାଳ,୧୦।୧(ସମିସ): ବଅଁରପାଳ ବ୍ଲକ ମହୀଧରପୁରର କେତେକ ସ୍ୱେଚ୍ଛାସେବୀ ଯୁବକଙ୍କୁ ନେଇ ଗଠନ ହୋଇଛି ସାମାଜିକ ଅନୁଷ୍ଠାନ ତପସ୍ୟା। ତପସ୍ୟା ଏବେ ଅସହାୟମାନଙ୍କ ଆଶାବାଡ଼ି ପାଲଟିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଅସହାୟ ବ୍ୟକ୍ତିଙ୍କ ସମ୍ପର୍କରେ ଖବର ପାଇବା ପରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ପହଞ୍ଚି ସେମାନଙ୍କ ସମସ୍ୟା ସମାଧାନ କରିବେ। ସେମାନଙ୍କ ରହିବା, ଖାଇବା ଓ ବଞ୍ଚିବା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇ ଦିଆଯିବ ବୋଲି ସଭାପତି ମାନସ କୁମାର ସାହୁ କହିଛନ୍ତି। ଏହି ଅବସରରେ ମହୀଧରପୁର ଖଳାମାଳ ସାହି, ଶାଳବଣୀ ସାହି, ସେରେଣାବେଡ଼ା ହରିଜନ ସାହିରେ ଶତାଧିକ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଭାପତି ସାହୁ, ଉପସଭାପତି ରମେଶ ଚନ୍ଦ୍ର ବାରିକ, ସାଧାରଣ ସମ୍ପାଦକ ତାପସ କୁମାର ଜେନା, ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏସଦସ୍ୟ ବିକ୍ରମ କୁମାର ବେହେରା, ତୀର୍ଥବାସୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏ ନେଇ ସମ୍ପାଦକ ଜେନା କହିଛନ୍ତି, ସମାଜରେ ଅନେକ ଅବହେଳିତ ଲୋକ ରହିଛନ୍ତି। ସେମାନଙ୍କୁ ସହଯୋଗ ପାଇଁ କିଛି ଲୋକ ଇଚ୍ଛା ପ୍ରକାଶ କରୁଛନ୍ତି। ସେମାନେ ମାଧ୍ୟମ ପାଉନାହାନ୍ତି। ତପସ୍ୟା ଏହି ପରିସ୍ଥିତିରେ ଏକ ସେତୁ ଭଳି କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଏନଟିପିସି ତାଳଚେର ଥର୍ମାଲ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ତାଳଚେର ସହର, ୧୦।୧(ସମିସ): ଏନଟିପିସି ତାଳଚେର ଥର୍ମାଲ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ପ୍ରକଳ୍ପର ପ୍ରଗତି, ସ୍ଥାୟୀ ପଦକ୍ଷେପ ଏବଂ ସାମୁଦାୟିକ ବିକାଶର ପ୍ରୟାସ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମୁଖ୍ୟ ବିଜୟ ଚାନ୍ଦ, ଜିଏମ (ପ୍ରୋଜେକ୍ଟ) ପ୍ରବୀର କୁମାର, ଏଜିମ (ଏଚଆର) ରୋହିତ କୁମାର, ଏଜିଏମ (ବୈଦ୍ୟୁତିକ ପ୍ରତିଷ୍ଠା) ସୁରେଶ ଚନ୍ଦ୍ର ବେହେରା ଏବଂ ଏଜିଏମ (ଯୋଜନା ଏବଂ ସିଷ୍ଟମ) ପ୍ରକାଶ ଚନ୍ଦ୍ର ନୈନୱାଲ ଯୋଗଦେଇ ଟିଟିପିଏସ ଦ୍ୱାରା ଏନଟିପିସି ତାଳଚେର ଥର୍ମାଲର ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଉପସ୍ଥାପନ କରିଥିଲେ। ପ୍ରକଳ୍ପର ପର୍ଯ୍ୟାୟ ତୃତୀୟ ୟୁନିଟ୍ ୨୦୨୭ ମାର୍ଚ୍ଚ ୧ ସୁଦ୍ଧା ସମାପ୍ତ ଏବଂ କାର୍ଯ୍ୟକ୍ଷମ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରମୁଖ ନିର୍ମାଣ କ୍ଷେତ୍ରରେ ଅଗ୍ରଗତି, ଉନ୍ନତ ପରିବେଶଗତ ସୁରକ୍ଷା ଗ୍ରହଣ ଏବଂ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପ୍ରକଳ୍ପର ଭୂମିକା ମଧ୍ୟ ଅଂଶୀଦାର କରାଯାଇଥିଲା। ଏନଟିପିସି ତାଳଚେର ଥର୍ମାଲ୍ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମହିଳା ସଶକ୍ତୀକରଣ, ଦକ୍ଷତା ବିକାଶ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଦୁର୍ବଳ ବର୍ଗଙ୍କ ପାଇଁ ତାଲିମ ଏବଂ ଉତ୍ଥାନ ପାଇଁ ୩୦ କୋଟି ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି ବୋଲି ସୂଚନା ଦିଆଯାଇଥିଲା।



ମକା ମିଶନ ଯୋଜନାରେ ମକାମଞ୍ଜି ବଣ୍ଟନ

ପାଲଲହଡ଼ା,୧୦।୧(ସମିସ): ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନାରେ ଗୁରୁବାର ଝାରବେଡ଼ା ପଞ୍ଚାୟତ ଖୁଲୁଡ଼ି ଗ୍ରାମରେ କ୍ଷେତ୍ର ପରିଦର୍ଶନ ଏବଂ ମିଠା ମକାମଞ୍ଜି ବଣ୍ଟନ କରାଯାଇଛି। ଏଥିରେ ପାଲଲହଡ଼ା ବ୍ଲକ କୃଷି ଅଧିକାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଗ୍ରାମ୍ୟ କୃଷି ଅଧିକାରିଣୀ ସୁବାସିନୀ ହାଁସଦା ଯୋଗଦେଇଥିଲେ। ମକା ମିଶନର କାର୍ଯ୍ୟକାରୀ ସଂସ୍ଥା କାଷ୍ଟର ବ୍ଲକ ସଂଯୋଜକ କରୁଣାମୟ ପ୍ରଧାନ, ନବ କିସାନ କୃଷକ, ଉତ୍ପାଦକ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ଜେନା, ନିର୍ବାହୀ ଅଧିକାରୀ ତନ୍ମୟ କୁମାର ସାହୁ ଉପସ୍ଥିତ ରହି ମଞ୍ଜି ବଣ୍ଟନ କରିଥିଲେ। କପିଳ ଦେହୁରୀ, ବାବୁରାମ ବାନାରା, ବଳଭଦ୍ର ନାୟକ, ବୈରାଗୀ ସାହୁ, ଦ୍ୱିତୀକୃଷ୍ଣ ସାହୁ ପ୍ରମୁଖ ଚାଷୀଙ୍କୁ ମଞ୍ଜି ପ୍ରଦାନ କରାଯାଇଥିଲା।

ଦାନ୍ତ ଚିକିତ୍ସା ସଚେତନତା କର୍ମଶାଳା

ଢେଙ୍କାନାଳ,୧୦।୧(ସମିସ): ସ୍ଥାନୀୟ ଆଇଆଇଏମସି ପରିସରରେ ଦାନ୍ତର ସ୍ୱାସ୍ଥ୍ୟ ଓ ଚିକିତ୍ସା ନେଇ ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡା. ଆରକେ ମିଶ୍ର ଆଲୋଚକ ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦାନ୍ତ ଓ ପାଟିର ସ୍ୱଚ୍ଛତା ଏବଂ ନିରାପତ୍ତା ନେଇ ସାଧାରଣ ପ୍ରକ୍ରିୟା, ଦାନ୍ତ ବ୍ରସ କରିବାର ପଦ୍ଧତି, ଖାଦ୍ୟ ଓ ଡାଏଟ ପ୍ଲାନ, ଜିଭ ସଫା କରିବା ପ୍ରକ୍ରିୟା ଆଦି ଉପରେ ବିଦ୍ୟାର୍ଥୀଙ୍କୁ ମାର୍ଗଦର୍ଶନ କରିଥିଲେ। ଦାନ୍ତ ଘସିବାର ବିଭିନ୍ନ ଭୁଲ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଏଥିରେ ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା ଏବଂ କର୍ପୋରେଟ କମ୍ୟୁନିକେସନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ବିଦ୍ୟାର୍ଥୀ ଯୋଗଦେଇ ପରାମର୍ଶ ନେବା ସହ ଦେୟମୁକ୍ତ ଦାନ୍ତ ଚିକିତ୍ସା କରାଇଥିଲେ। ଡା. ମିଶ୍ର ତାଙ୍କ ତିନିଜଣିଆ ଟିମ ସହ ବିଦ୍ୟାର୍ଥୀଙ୍କ ଦାନ୍ତ ଚିକିତ୍ସା କରିଥିଲେ। ଆବଶ୍ୟକ ସ୍ଥଳେ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରିବା ସହ ଔଷଧ ଲେଖିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଡ. ଚିରସ୍ରୋତା ଜେନା, ପାରସ ଯାଦବ, ଆଭା ସିଂ, ହରେକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ।

ଜାତୀୟ ମୂକ-ବଧିର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପ୍ରଥମ ଦିବସ ମ୍ୟାଚ୍‌ରେ ଆନ୍ଧ୍ରକୁ ହରାଇଲା ଓଡ଼ିଶା

ଅନୁଗୋଳ,୧୦।୧(ସମିସ): ଓଡ଼ିଶା-ଆନ୍ଧ୍ରପ୍ରଦେଶ-ଉତ୍ତରପ୍ରଦେଶର ୩ ଦଳକୁ ନେଇ ଗୁରୁବାର ପୂର୍ବାହ୍ନରେ ଆରମ୍ଭ ହୋଇଛି ଜାତୀୟ ମୂକ-ବଧିର ଟ୍ରାଏ୍ ସିରିଜ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ୍ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଓ ଜିନ୍ଦଲ୍ ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ପ୍ରବନ୍ଧକ ଜୟନ୍ତ ମହାନ୍ତି ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଜୟୀ ହୋଇଛି। ଆନ୍ଧ୍ରପ୍ରଦେଶ ଟସ୍ ଜିତି ପ୍ରଥମେ ଫିଲଡିଂ କରିଥିଲା। ଓଡ଼ିଶା ଦଳ ନିର୍ଦ୍ଧାରିତ ୩୦ ଓଭରରେ ୮ ୱିକେଟ୍ ହରାଇ ୨୨୩ ରନ୍ କରିଥିଲା। ଆନ୍ଧ୍ରପ୍ରଦେଶ ଦଳ ୨୨.୨ ଓଭରରେ ମାତ୍ର ୭୬ ରନ କରି ସମସ୍ତ ୱିକେଟ୍ ହରାଇଥିଲା। ଓଡ଼ିଶାର ବ୍ୟାଟର ସିବୁନ୍ ନନ୍ଦ ୪୨ ବଲରେ ୫୦ ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଓସିଏ ପ୍ୟାନେଲ୍ ଅମ୍ପାୟର ଜୟକୃଷ୍ଣ ରାଉତ, ଅଭିଷେକ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନୁଗୋଳ ବଧିର ସଂଘ ସଭାପତି ପର୍ଶୁରାମ ଦାଶ, ଓଡ଼ିଶା ବଧିର କ୍ରିକେଟ୍ ଆସୋସିଏସନ୍ ସମ୍ପାଦକ ସାଗରକାନ୍ତ ସେନାପତି, ଉପସଭାପତି ଦ୍ୱିତୀକୃଷ୍ଣ ମିଶ୍ର, ଆସ୍ଥା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପ୍ରିନ୍ସିପାଲ୍ ଶର୍ମିଳା ଶୁବ୍ରମନ୍ୟମ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନିୟନ୍ତ୍ରଣକୁ ଆସୁନି ତାଳଚେର ବାୟୁ ପ୍ରଦୂଷଣ

ତାଳଚେର,୧୦ ।୧(ସମିସ)

ରାଜ୍ୟର ସବୁଠାରୁ ଅଧିକ ବାୟୁ ପ୍ରଦୂଷିତ ସହର ତାଲିକାରେ ତାଳଚେର ରହିଛି। ଦେଶର ବାୟୁ ପ୍ରଦୂଷଣ ତାଲିକାରେ ଥିବା ତାଳଚେର, ଅନୁଗୋଳ, ବାଲେଶ୍ୱର, କଟକରେ ବାୟୁ ଗୁଣବତା ସୂଚକାଙ୍କ (ଏକ୍ୟୁଆଇ) ୨ଶହ ତଳକୁ ଖସିଛି କିନ୍ତୁ ଏବେବି ପ୍ରଦୂଷଣ ସ୍ଥିତି ସଙ୍ଗିନ ରହିଛି। ଶନିବାର ଶିଳ୍ପନଗରୀ ତାଳଚେରରେ ବାୟୁ ଗୁଣବତା ସୂଚକାଙ୍କ ୨୧୭ ସର୍ବୋଚ୍ଚ ରହିଥିବା ବେଳେ ସର୍ବନିମ୍ନ ୧୧୦ ରହିଥିବା ଇଣ୍ଟନେଟ୍ ତଥ୍ୟରୁ ଜଣାପଡ଼ିଛି। ଗତକାଲି ସହରରେ ଏକ୍ୟୁଆଇ ୨୨୭ ରହିଥିବା ବେଳେ ଆଜି ୨୧୭ ରହିଥିବା ଜଣାପଡ଼ିଛି, ଯାହାକି ଅତି ଦୁର୍ବଳ ସ୍ଥିତିରେ ରହିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ରାସ୍ତାରେ ପାଣି ସିଞ୍ଚନ ବ୍ୟବସ୍ଥା, ସହରରେ ଭାରୀଯାନ ଚଳାଚଳ ନିଷିଦ୍ଧ, ଢାବା ଓ ହୋଟେଲଗୁଡ଼ିକରେ କଞ୍ଚା କୋଇଲା ଜଳେଣି ଉପରେ କଟକଣା କରାଯାଇଥିଲା। ପ୍ରଥମ ଦିନ ସୁରୁଖୁରୁରେ ଚାଲିଥିଲା ଏବଂ ପ୍ରଦୂଷଣ ମଧ୍ୟ ୩ଶହରୁ ଖସି ଆସିଥିଲା। ମାତ୍ର ଜିଲ୍ଲାପାଳ ଜାତୀୟ ରାଜପଥ ସମେତ କୋଇଲା ଖଣି ଅଞ୍ଚଳର ରାସ୍ତାଗୁଡ଼ିକରେ ନିୟମିତ ପାଣି ସିଞ୍ଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କେବଳ ଜାତୀୟ ରାଜପଥ ଓ ଆଉ କାଁଭାଁ କିଛି ରାସ୍ତାରେ ଅଳ୍ପ ପାଣି ସିଞ୍ଚନ ହେଉଥିବାରୁ ଭାରୀଯାନ ଚଳପ୍ରଚଳ ଫଳରେ ପାଣି ଶୁଖି ପ୍ରଚୁର ଧୂଳି ଉଡ଼ୁଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏହି ପାଣି ସିଞ୍ଚନ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବାକୁ ଦାବି ହେଉଛି। ରାସ୍ତା ସମେତ ଏହାର ଉଭୟ ପାଶ୍ୱର୍ରେ ପ୍ରଚୁର ଧୂଳି ଜମି ରହୁଥିବାରୁ, ଭାରୀଯାନ ଚଳାଚଳ ବେଳେ ଧୂଳି ଉଡ଼ି ରାସ୍ତା ଦୃଶ୍ୟମାନ ହେଉନାହିଁ। ଏହାର ପ୍ରତିକାର ପାଇଁ ଜିଲ୍ଲାପାଳ ତୁରନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଜମି ରହିଥିବା ଧୂଳିକୁ ଉଠାଇବା ବ୍ୟବସ୍ଥା କରିବା ସହ ବ୍ୟାପକ ପାଣି ସିଞ୍ଚନ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ କରିବାକୁ ଏମସିଏଲ, ତାଳଚେର ପୌରପରିଷଦ, ପରିବହନ ବିଭାଗ, ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଦାବି ହେଉଛି।

ଜାତୀୟ ଭୋଟର ଦିବସ ଉପଲକ୍ଷେ ପ୍ରସ୍ତୁତି

ଅନୁଗୋଳ,୧୦ ।୧(ସମିସ): ୧୬ତମ ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ଜାନୁୟାରୀ ୨୫ ତାରିଖ ହେବାକୁ ଥିବା ଜିଲ୍ଲାସ୍ତରୀୟ ଭୋଟର ଦିବସ ପାଳନ କାର୍ଯ୍ୟକ୍ରମ, ସଚେତନତା ରାଲି, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା, ଶ୍ରେଷ୍ଠ ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ସଂସ୍ଥାଙ୍କୁ ସମ୍ବର୍ଦ୍ଧନା ଏବଂ ନୂତନ ଭୋଟରମାନଙ୍କୁ କାର୍ଡ ବିତରଣ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ସ୍ୱହା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ସ୍ୱର୍ଶ କୁଷ୍ଠ ସଚେତନତା ପାଇଁ ସମନ୍ୱୟ କମିଟି ବୈଠକ

ଅନୁଗୋଳ,୧୦ ।୧(ସମିସ): ଜାନୁଆରୀ ୩୦ରୁ ଫେବୃଆରୀ ୧୩ ମଧ୍ୟରେ ହେବାକୁ ଥିବା ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ ଉପଲକ୍ଷେ ଅନୁଗୋଳ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଜାନୁଆରୀ ୩୦ରୁ ଫେବୃଆରୀ ୧୩ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଗାଁ କଲ୍ୟାଣ ସମିତି, ପଞ୍ଚାୟତ, ବିଦ୍ୟାଳୟ, ତଥା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କୁଷ୍ଠ ରୋଗ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। କେନ୍ଦ୍ରୀୟ କୁଷ୍ଠରୋଗ ବିଭାଗ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠମୁକ୍ତ ଭାରତ ଗଠନ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ବୈଠକ ପରିଚାଳନା କରିଥିବାବେଳେ ଜିଲ୍ଲା କୁଷ୍ଠ ରୋଗ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର ଓ ସୂର୍ଯ୍ୟନାରାୟଣ ଦଣ୍ଡ ଏହି ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଡାକ୍ତର ଉପସ୍ଥିତ ଥିଲେ।

କିଶୋରନଗର ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା

କିଶୋରନଗର,୧୦ ।୧(ସମିସ): କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ବିଶିଷ୍ଟ ଅତିଥି, କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା, ଅଧ୍ୟାପିକା ବୀଣାପାଣି ସାହୁ, ଶୁଭଶ୍ରୀ ବିଶ୍ୱାଳ, ପୁରୁଷୋତ୍ତମ ସାହୁ, ଗୋବର୍ଦ୍ଧନ ପ୍ରଧାନ ଓ କ୍ରୀଡ଼ା ଶିକ୍ଷକ ବସନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡ଼ାରେ ଥିବା କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଦୀନେଶ ଦେହୁରୀ ଓ ବାଳିକା ବିଭାଗରେ ଅଞ୍ଜନା ନାୟକ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ। ରାଜନୀତି ବିଜ୍ଞାନରେ ଲୋପାମୁଦ୍ରା ପ୍ରଧାନ, ଇତିହାସ ବିଭାଗରେ ପଦ୍ମିନୀ ପ୍ରଧାନ, ଓଡ଼ିଆରେ ବର୍ଷା ପ୍ରଧାନ, ଦର୍ଶନ ଶାସ୍ତ୍ରରେ ଜୁଲିରାଣୀ ଦେହୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଲିପ୍ସା ପ୍ରଧାନ ଭଜନ ପରିବେଷଣ କରିଥିଲା ବେଳେ ପ୍ରଜ୍ଞାସିନୀ ବେହେରା, ପ୍ରଜ୍ଞା ପାରମିତା ବେହେରା, ଦେବେନ୍ଦ୍ର ପାଣ୍ଡେ, ସ୍ୱାଗତ ସେଠୀ ବିଶ୍ୱଜିତ ସାହୁ, ବାଦଲ ସାହୁ ମୁଖ୍ୟଅତିଥିଙ୍କୁ କ୍ରୀଡ଼ା ପତାକା ପ୍ରଦାନ କରିଥିଲେ। ଅଧ୍ୟାପକ ତରଣୀସେନ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା।

ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମିପୂଜନ

ପାଲଲହଡ଼ା,୧୦ ।୧(ସମିସ): ପାଲଲହଡ଼ା ବ୍ଲକ ଉଦୟପୁରଠାରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଲକ୍ଷ୍ମୀପୂଜା ମଣ୍ଡପ ଓ ଜମରଡିହ ଆଶ୍ରମ ବିଦ୍ୟାଳୟରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଶୟନାଗାର ଏବଂ ଶୌଚାଳୟ ଭୂମିପୂଜନ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଭୂମିପୂଜନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାୟକ, ବିଡିଓ ନିଶାନ ମିଶ୍ର, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ବନ୍ଧାଭୂମି ପଞ୍ଚାୟତ ସମିତି ସଭ୍ୟ ଅନନ୍ତ ନାୟକ, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ପାଲଲହଡ଼ା ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

କିଶୋରନଗର ଲକ୍ଷ୍ମୀ ପୂଜା କମିଟି କର୍ମକର୍ତ୍ତା ଚୟନ

ସଞ୍ଜୟ ସଭାପତି, ନିରଞ୍ଜନ ସମ୍ପାଦକ

କିଶୋରନଗର,୧୦ ।୧(ସମିସ): କିଶୋରନଗର କଲେଜ ଛକ ଲକ୍ଷ୍ମୀପୂଜା କମିଟି ବୈଠକ ଘୋଷର ମାହେଶ୍ୱରୀ ମନ୍ଦିର ନିକଟ ପମ୍ପ ହାଉସଠାରେ ଅନୁଷ୍ଠିତ ହୋଇଛି। ପୂର୍ବତନ ଉପସଭାପତି ଆଲୋକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷ ମାଣବସା ଗୁରୁବାର ଲକ୍ଷ୍ମୀପୂଜା ଆୟବ୍ୟୟ ହିସାବ ଦିଆଯାଇଥିଲା।

ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସଞ୍ଜୟ କୁମାର ଦାଶ, ଉପସଭାପତି ଭାବେ ଲିପନ ସାହୁ, ସମ୍ପାଦକ ଭାବେ ନିରଞ୍ଜନ ସାହୁ(ମକୁନ୍ଦ), ସହସମ୍ପାଦକ ଭାବେ ପପୁନ ସାହୁ, କୋଷାଧ୍ୟକ୍ଷ ଭାବେ ସତ୍ୟଜିତ୍ ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ କୃପାସିନ୍ଧୁ ବିଶ୍ୱାଳ, ଚନ୍ଦନ ସ୍ୱାଇଁ, ତ୍ରିନାଥ ସାହୁ, ପବିତ୍ର ଦେହୁରୀ, ସରୋଜ ବିଶ୍ୱାଳ, ତାପସ ସାହୁ, ଅରୁଣ ମିଶ୍ର, ଭାଗୀରଥି ଭୋଇ, ରାଜେନ୍ଦ୍ର ରାଉଳ, ହିରୋଜ ସାହୁ, ଗୌରାଙ୍ଗ ବିଶ୍ୱାଳ, ଆନନ୍ଦ ପ୍ରଧାନ, ସୁଜିତ ରାଉଳ, ଆଲୋକ ପ୍ରଧାନ, ରତ୍ନାକର ପ୍ରଧାନଙ୍କୁ ଚୟନ କରାଯାଇଛି।

ଶିଳ୍ପ ବିପର୍ଯ୍ୟୟ ପ୍ରସ୍ତୁତିର ତଦାରଖ ପାଇଁ ମକ୍‌ଡ୍ରିଲ୍

ଅନୁଗୋଳ,୧୦ ।୧(ସମିସ): ଛେଣ୍ଡିପଦା ରୋଡ୍‌ସ୍ଥିତ ନିଶା ନିକଟରେ ଏକ ପୂର୍ଣ୍ଣାଙ୍ଗ ଜରୁରୀକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଶିଳ୍ପଗୁଡ଼ିକ ଜରୁରୀ ପରିସ୍ଥିତିରେ ଯୋଗାଯୋଗ ବ୍ୟବସ୍ଥା, ଜରୁରୀକାଳୀନ ଯନ୍ତ୍ରପାତି, ସମ୍ବଳ ସଂଗ୍ରହ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟର ପ୍ରଭାବଶାଳୀ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଏହି ଅଭ୍ୟାସ କରାଯାଇଥିଲା। ମକ୍‌ଡ୍ରିଲରେ ଅନୁଗୋଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡ. ରମେଶ ଚନ୍ଦ୍ର ବେହେରା, ଅନୁଗୋଳ ଜୋନ୍-୧ର କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ମନୋଜ ମିଶ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଛେଣ୍ଡିପଦା ସହକାରୀ ଶ୍ରମ ଅଧିକାରୀ ପଦ୍ମଜା ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶିଳ୍ପାନୁଷ୍ଠାନ ପକ୍ଷରୁ ଜିନ୍ଦଲ ଷ୍ଟିଲର ସେଫ୍‌ଟି ମୁଖ୍ୟ (ଅନୁଗୋଳ) ଜିତେନ୍ଦ୍ର ପରିଡ଼ା, ଏସବିବିପିପି ପ୍ଲାଣ୍ଟ ମୁଖ୍ୟ (ଏଚଓପି) ଗଜେନ୍ଦ୍ର ରାଓ୍ୱତ ଏବଂ ଏସବିପିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ) ମୁଖ୍ୟ ୟୁଭିଏମ୍ ରାଓଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଏବଂ ନିକଟବର୍ତ୍ତୀ ଶିଳ୍ପର ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ।

ଅନୁଗୋଳ ସାହିତ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୦ ।୧(ସମିସ): ଅନୁଗୋଳରେ ଆସନ୍ତା ମାର୍ଚ୍ଚରେ ଏକ ସାହିତ୍ୟ ମହୋତ୍ସବ ଆୟୋଜନ କରିବା ନେଇ ନବଜୀବନ ମଣ୍ଡଳ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମହୋତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ କମିଟି ଓ ଧଉଳି ରିଭ୍ୟୁ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ମହୋତ୍ସବ ଆୟୋଜିତ ହେବ। ଏଥିରେ ଦେଶର ବହୁ ଯୁବ ଓ ପ୍ରବୀଣ କବି, ଗାଳ୍ପିକ, ସମାଲୋଚକ ଯୋଗଦେବେ ବୋଲି କୁହାଯାଇଛି। ପ୍ରସ୍ତୁତି ବୈଠକରେ ଶିକ୍ଷାବିତ୍ ଶାନ୍ତନୁ କୁମାର ସର, ପଣ୍ଡିତ ମହେଶ ସାହୁ, ଡ. ରମାମଞ୍ଜରୀ ସାହୁ, ଡ. ଦଧିବାମନ ପ୍ରଧାନ, ବିଜୟ କୁମାର ମୋଦୀ, ରାଧାକାନ୍ତ ମହାନ୍ତି, ମନୋଜ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିବରାମ ମିଶ୍ର, ଅସିତ୍ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତାମତ ଦେଇଥିଲେ।

ସରକାରୀ ବୃତ୍ତିରେ ଶିଶୁମନ୍ଦିରର ସଫଳତା

ତାଳଚେର,୧୦ ।୧(ସମିସ): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ୨୦୨୫-୨୬ ସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଅର୍ଚ୍ଚିତା ସାହୁ, ଦିପେନର ବେହେରା, ହାର୍ଦ୍ଦିକ ନାୟକ ଓ ରକ୍ଷିରାଜ ସାହୁ ସଫଳ ହୋଇଛନ୍ତି।

ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବିଶ୍ୱଜିତ୍ ପ୍ରଧାନ ଓ ଜ୍ୟୋତିରାଦିତ୍ୟ ସାହୁ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ, ଗୁରୁଜୀ, ଗୁରୁମାମାନଙ୍କ ତ୍ୟାଗ, ପରିଚାଳନା ସମିତିର ପ୍ରୋତ୍ସାହନ ଓ ଅଭିଭାବକଙ୍କ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ସାହୁ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ, ଉପସଭାପତି ତପନ କୁମାର ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିକ୍ରମ ଜେନା, କୋଷାଧ୍ୟକ୍ଷ ପଞ୍ଚାନନ ବେହେରାଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ନିର୍ବାଚନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କିଶୋରନଗର,୧୦ ।୧(ସମିସ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ନୂତନ ଭୋଟରମାନଙ୍କ ପାଇଁ ଜାତୀୟ ଭୋଟର ଦିବସ ଅବ୍ୟବହିତ ପୂର୍ବରୁ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ନିର୍ବାଚନ ସାକ୍ଷରତା କ୍ଲବ ତରଫରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀସେନ ସାହୁ, ଅଧ୍ୟାପିକା ବୀଣାପାଣି ସାହୁ, ଶୁଭଶ୍ରୀ ବିଶ୍ୱାଳ, ଏବିଇଓ ଲକ୍ଷ୍ମଣ ଦେହୁରୀ ଏଥିରେ ଯୋଗଦେଇଥିଲେ। ନିର୍ବାଚନ ସଂକ୍ରାନ୍ତୀୟ ସ୍ଲୋଗାନ, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ପତ୍ରଫଡ଼ି ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ

ପୂର୍ବ ଶତ୍ରୁତାରୁ ହତ୍ୟା କରିଥିଲେ ମା' ଓ ପୁଅ

ପାଲଲହଡ଼ା,୧୦ ।୧(ସମିସ): ପାଲଲହଡ଼ା ଥାନା ସୁସବନାଳୀ ଗାଁ ମୁଣ୍ଡରେ ଥିବା ପତ୍ରଫଡ଼ି ନିକଟରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ କରିଛି ପୁଲିସ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମହିଳାଙ୍କୁ ହତ୍ୟା କରାଯାଇଥିଲା। ଜଣେ ମହିଳା ଓ ତାଙ୍କ ପୁଅ ମିଶି ହତ୍ୟା କରିଥିଲେ। ପୁଲିସ ମା' ଓ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସୁସବନାଳୀ ଗ୍ରାମର ଜେମା ସୁରି (୫୨) ଓ ତାଙ୍କ ପୁଅ ଦୁର୍ଲ୍ଲଭ ସୁରି (୩୦)।

ପୁଲିସ ସୂଚନା ଅନୁଯାୟୀ, ଗତ ସୋମବାର ସୁସବନାଳୀ ଗ୍ରାମର ଜନ ମୁଣ୍ଡାଙ୍କ ସହ ତାଙ୍କ ସମ୍ପର୍କୀୟ ଯାଆ ଜେମା ସୁରି ଓ ପୁତୁରା ଦୁର୍ଲ୍ଲଭ ସୁରିଙ୍କର ଗାଁ ନିକଟ ଚକ୍ରସାହିରେ ପାଟିତୁଣ୍ଡ ହୋଇଥିଲା। ଦୁର୍ଲ୍ଲଭ ରାଗରେ ଘରକୁ ଆସି ଏକ ଟାଙ୍ଗିଆ ଧରି ଫେରିଥିଲେ। ଜନ ମୁଣ୍ଡା ଏବଂ ଜେମା ସୁରି ଚାଲି ଚାଲି ଆସୁଥିବା ବେଳେ ଗାଁ ମୁଣ୍ଡ ପତ୍ରଫଡ଼ି ପାଖରେ ଦୁର୍ଲ୍ଲଭ ଜନ ମୁଣ୍ଡାଙ୍କୁ ଆକ୍ରମଣ କରିଥିଲେ। ପରେ ଜେମା ସୁରି ଜନ ମୁଣ୍ଡାଙ୍କ ହାତ ଧରି ଥିବା ବେଳେ ଦୁର୍ଲ୍ଲଭ ଟାଙ୍ଗିଆରେ ତାଙ୍କ ବେକକୁ ହାଣି ଦେଇଥିଲେ।

ଦୁର୍ଲ୍ଲଭ ମୃତଦେହ ଟେକି ନେଇ ପତ୍ରଫଡ଼ି ଘର ପାଖରେ ପକେଇ ଦେଇଥିଲେ। ପୁଲିସ ତଦନ୍ତ କରି ଶୁକ୍ରବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ପୁଲିସ ଆଗରେ ଦୋଷ ସ୍ୱୀକାର କରିଥିବା ଏସ୍‌ଡିପିଓ କୈଳାସ ସେଠୀ ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ତଦନ୍ତ ଅଧିକାରୀ ପ୍ରଦୀପ ମହାନ୍ତଙ୍କ ସମେତ ସମସ୍ତ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

ବିଭିନ୍ନ ଅବ୍ୟବସ୍ଥା ନେଇ ଗର୍ଜିଲା କଂଗ୍ରେସ

ଅନୁଗୋଳ,୧୦ ।୧(ସମିସ)

ଶନିବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଉଚ୍ଛେଦ, ଟାଟା ପାୱାରର ମନମାନି ଓ ଧାନ ସଂଗ୍ରହରେ ଅବ୍ୟବସ୍ଥାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲ୍ଲା ପ୍ରଭାରୀ ତଥା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଲେ, ମନରେଗା ଯୋଜନାକୁ ଯେଉଁ ଭଳି କେନ୍ଦ୍ର ବିଜେପି ସରକାର ଉଚ୍ଛେଦ କଲେ, ତାହା କଦାପି ଭାରତବର୍ଷ ବରଦାସ୍ତ କରିବ ନାହିଁ। ମହାତ୍ମା ଗାନ୍ଧୀଙ୍କୁ ସାରା ବିଶ୍ୱ ସମ୍ମାନ ଦେଉଥିବା ବେଳେ ତାଙ୍କ ଅହିଂସା ଆନ୍ଦୋଳନକୁ ବିଶ୍ୱ ଗ୍ରହଣ କରିଛି। ବିଶ୍ୱର ଯେକୌଣସି ରାଷ୍ଟ୍ରର ନେତୃତ୍ୱ ଭାରତ ଆସିଲେ ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଭୁଲି ନ ଥାନ୍ତି। ହେଲେ ଭାରତବର୍ଷରେ ନାଥୁରାମ ଗଡସେଙ୍କୁ ସମ୍ମାନ ଦେଉଥିବା ବିଜେପି ସରକାର ତାଙ୍କ ନାମରେ ପ୍ରଚଳିତ ଏକ ଜନକଲ୍ୟାଣ ଯୋଜନାରୁ ତାଙ୍କ ନାମକୁ କାଟି ଦେଲେ। ଭାରତର ବହୁ ଲୋକ କର୍ମ ସଂସ୍ଥାନ ନ ପାଇ ଅନାହାରରେ ମୃତ୍ୟୁବରଣ କରୁଥିବା ଜାଣି ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହ ଲୋକଙ୍କୁ ନିଶ୍ଚିତ କର୍ମନିଯୁକ୍ତି ଦେବା ପାଇଁ ଏହି ସର୍ବଗ୍ରହଣୀୟ ଜନହିତକର ଯୋଜନା ଲାଗୁ କରିଥିଲେ। ଏହା ଦ୍ୱାରା ଭାରତବର୍ଷର ବହୁ ଶ୍ରମିକ ଉପକୃତ ହେଉଥିଲେ। କିନ୍ତୁ ବିଜେପି ସରକାରଙ୍କୁ ମହାତ୍ମା ଗାନ୍ଧୀଙ୍କ ନାମକୁ ହଜମ ହେଲା ନାହିଁ ଫଳରେ ଏଭଳି ଜନହିତକର ଯୋଜନାକୁ ଉଚ୍ଛେଦ କରି ଏକ ଦିଗହରା ତଥା ଅପରିଣାମଦର୍ଶୀ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଯେପର୍ଯ୍ୟନ୍ତ ସରକାର ମନରେଗା ଯୋଜନାକୁ ପୁନଃ ପ୍ରଚଳନ କରିନାହାନ୍ତି ସେ ପର୍ଯ୍ୟନ୍ତ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ପ୍ରକାଶ କରିଥିଲେ।

ଟାଟା କମ୍ପାନୀର ମନମାନି ନିରୀହ ଜନତାଙ୍କୁ ଘୋର ଅନ୍ଧକାର ଭିତରକୁ ଟାଣି ନେଇଛି। ନିର୍ବାଚନରେ ୩୦୦ ୟୁନିଟ ବିଦ୍ୟୁତ ମାଗଣା ଦେବାକୁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କୁ ପ୍ରତାରଣା କରି ବୋଝ ଉପରେ ନଳିତା ବିଡ଼ା ଲଦିବାରେ ବ୍ୟସ୍ତ। ଆଜି ଏନେଇ ସାରା ରାଜ୍ୟରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଚୁପ ବସିବ ନାହିଁ। ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ବାହାର ରାଜ୍ୟରୁ ବିଦ୍ୟୁତ କିଣି ଆମ ରାଜ୍ୟଠାରୁ କମ ଦରରେ ବିଦ୍ୟୁତ ଯୋଗାଣ କରୁଥିବା ବେଳେ ଆମ ରାଜ୍ୟ ବିଦ୍ୟୁତ ଉତ୍ପାଦନରେ ଚାହିଦାଠାରୁ ଢେର ଅଧିକରେ ଥାଇ ରାଜ୍ୟବାସୀଙ୍କୁ ଅଧିକରେ ବିଦ୍ୟୁତ୍ ବିକ୍ରି କରୁଛନ୍ତି। ଏଣୁ ରାଜ୍ୟ ସରକାର ତୁରନ୍ତ ୩୦୦ ୟୁନିଟ ବିଦ୍ୟୁତ ମାଗଣା ଯୋଗାଇବା ସହ କୃଷିକ୍ଷେତ୍ରରେ ବିଦ୍ୟୁତ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି କରିଥିଲେ। ସେହିଭଳି ଚାଷୀମାନେ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରିବା ପାଇଁ ଯେଉଁ ଭଳି ସଂଗ୍ରାମ ଚଳାଇଛନ୍ତି ଏବଂ ରାଜ୍ୟ ସରକାର ତାଙ୍କୁ ଅବହେଳା କରି ଚାଲିଛନ୍ତି, ତାହା ରାଜ୍ୟବାସୀଙ୍କୁ ବାଧିଛି।

ଚାଷୀମାନଙ୍କୁ ୮୦୦ଟଙ୍କା ଅଧିକ ଦେବାକୁ କହି ସେମାନଙ୍କ ମନକୁ ମୋହି ଭୋଟ ହାତେଇଲା ପରେ ଏବେ କଟନୀଛଟନୀ ଚାଷୀଙ୍କ ମନରେ କଷ୍ଟ ଦେଇଛି। ମଣ୍ଡିରୁ ଧାନ ନେବାରେ ଅହେତୁକ ବିଳମ୍ବ, ଚାଷୀ ଟୋକନ ନ ପାଇ ବାରଦୁଆର ହେବା ଆଦି ବହୁ ସମସ୍ୟା ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ତୁରନ୍ତ ଚାଷୀ ସମସ୍ୟା ଦୂର କରିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିକାଶ ସାମଲ, ରୂପାଦୀପ୍ତା ମହାପାତ୍ର, ପ୍ରଫୁଲ୍ଲ ଦାସ, ଗୋପାଳ ଚନ୍ଦ୍ର ନାଥ, ଏଲ ମାଣିକପ୍ରଭା, ଚିତ୍ତରଞ୍ଜନ ନାଏକ, ସୁଦୀପ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିବାବେଳେ କଂଗ୍ରେସ ନେତା ବଳବୀର ସିଂହ, ତପନ ପ୍ରଧାନ, ବିନୋଦ ମାଝି, ରାକେଶ ମିଶ୍ର, ବାସୁଦେବ ସାମଲ, ସୁବାସ ସାହୁ, ଭଜନ ଦାସ, ଜଗନ୍ନାଥ ବେହେରା, ହେମନ୍ତ ମହାଳିକ, କସିଦା ଖାନ, ଅଳକା ମହାନ୍ତି, ଅଳକା ମହାପାତ୍ର, ଅରୂପ ସାମଲ, ଜମ୍ବେଶ୍ୱର ପଟ୍ଟନାୟକ, ଅଲେଖ ବେହେରା, ଅରୁଣ ଦାସ, କୁମୁଦ ବନ୍ଧୁ ଧର, ସଂଗ୍ରାମ ବେହେରା, ବିଜୟ କୁମାର ନାୟକ, ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼,
ଜାତୀୟ ରାଜପଥ ୧୬ ନମ୍ବର,
ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଦ୍ଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ

ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ପରିବେଷଣ

ପାରାଦୀପ,୧୦।୧(ସମିସ)

ପାରାଦୀପ ବନ୍ଦର ଏବଂ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନଠାରେ ଆୟୋଜିତ ଅଖିଳ ଭାରତ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହର ୩ୟ ସନ୍ଧ୍ୟାରେ କଲିକତା, ଭିଓ ଚିଦାମ୍ବରନାର, କୋଚିନ୍ ବନ୍ଦରର କଳାକାରମାନେ ନିର୍ଦ୍ଧାରିତ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଯେଉଁଥିରେ କଳାକାରମାନେ ନିଜ ନିଜର କଳା କ୍ଷେତ୍ରରେ ପାରଦର୍ଶିତାକୁ ଦେଖାଇଥିଲେ। ନିଜ ରାଜ୍ୟର ସାଂସ୍କୃତିକ ପରମ୍ପରାକୁ ପାରାଦୀପ ଅନ୍ତେବାସୀଙ୍କୁ ପରିଚିତ କରାଇଥିଲେ। ତିନୋଟି ଯାକ ବନ୍ଦରର କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ସାଂସ୍କୃତିକ ପରମ୍ପରାରେ ଭରପୁର କାର୍ଯ୍ୟକ୍ରମ ଗୁଡ଼ିକ କେବଳ ମନୋରଞ୍ଜନଧର୍ମୀ ନଥିଲା ତା' ସଙ୍ଗେ ସଙ୍ଗେ ସମାଜର କୌଣସି ନା କୌଣସି କଣରେ ଥିବା ଅନ୍ଧବିଶ୍ୱାସ, ଅସହିଷ୍ଣୁତା, ନିରକ୍ଷରତା ଆଦିର ସମାଜ ଉପରେ ପ୍ରଭାବ ସହିତ ପରିଚିତ କରାଇଥିଲା। ଭାଷା ଓ ସଂସ୍କୃତିର ବିଭିନ୍ନତା ଥିଲେ ମଧ୍ୟ କଳାକାରମାନଙ୍କର ପ୍ରଦର୍ଶନ ଦର୍ଶକଙ୍କର ମନକୁ ଛୁଇଁଥିଲା। କଲିକତା ବନ୍ଦରର କଳାକାରମାନେ ରବୀନ୍ଦ୍ର ସଙ୍ଗୀତ ଓ ଲୋକ ନୃତ୍ୟ ପରିବେଷଣ କରିଥିବା ବେଳେ ଅନ୍ୟ ଦୁଇଟି ବନ୍ଦର ସେମାନଙ୍କର ରାଜ୍ୟର ଶାସ୍ତ୍ରୀୟ ଓ ଲୋକ ସଂସ୍କୃତି ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ କେବଳ ଦର୍ଶକ ମାନଙ୍କର କରତାଳିକୁ ଆକର୍ଷିତ କରିନଥିଲା ତା ସଙ୍ଗେ ସଙ୍ଗେ ଦର୍ଶକ ମାନଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ୧୧ ତାରିଖ ରବିବାର ଉଦଯାପନୀ ସନ୍ଧ୍ୟାରେ ଆୟୋଜକ ପାରାଦୀପ ବନ୍ଦର ତାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ। ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ କୃତୀ ପ୍ରତିଯୋଗୀ ତଥା ବିଜୟୀ ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିବେ।

ବଡ଼ପଡ଼ିଆରେ ଜଲଶା ଆୟୋଜନ

ପାରାଦୀପ,୧୦।୧(ସମିସ): ଆଜି ପାରାଦୀପ ବଡ଼ପଡ଼ିଆ ଜାମା ମସ୍‌ଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଉପରେ ଏକ ଜଲଶାର ଆୟୋଜନ କରାଯାଇଥିଲା। ପାରାଦୀପ ଜାମା ମହଜିଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ବାହାର ରାଜ୍ୟର ମୌଲାନାମାନେ ଅଂଶଗ୍ରହଣ କରି ମହମ୍ମଦଙ୍କ ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପାରାଦୀପରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ରାକେଶ ପଟ୍ଟନାୟକ, ଗୋଲେଖ ଚନ୍ଦ୍ର ସାହୁ, ପାରିଷଦ ସୁବ୍ରତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଲ୍ଲାନା ତବରେଜ ଆଲମ, (କାନପୁର ୟୁପି ସାୟର ହବିବୁଲ୍ଲା ନୁରି (ଝାରଖଣ୍ଡ) ସାୟର ସାହିର ରଜ୍ଜା କଲିକତା, ମଲ୍ଲାନା ଆବରାରସମସି ପାରିଲ, ଜାମା ମସଜିଦ ପାରାଦିପ ସଭାପତି ସେଖ ରମଯାନ, ସମ୍ପାଦକ ସୁଫି ଅହେମଦ, ଉପ ସଭାପତି ଅବଦୁଲ ତାହିର ଖାନ, ସେଖ ଆବଦୁଲ ବାରି, ଅବଦୁଲ ରହିମ ଖାନ, ମିର ମମତାଯ ଅଲ୍ଲି, ଅକ୍ରାମ ଖାନ, ସେଖ ସିଦିଖ, ଅଫଜଲ ଖାନ, ସେଖ ଜାଫର, ସହୁଦ ଖାନ, ନସାଦ ଆନଶାରି, ଇନ୍ତାରୁଲ ହକ, ପୈଗମ୍ବର ହଜରତ ମହ୍ମଦଙ୍କ ଜଲସା ବହୁତ ଆଡମ୍ବର ସହିତ ଆଜି ପାଳନ କରାଯାଇଥିଲା। ଏଥିରେ ପାରାଦୀପ ବନ୍ଦରାଞ୍ଚଳର ବହୁ ମୁସଲମାନ ଭାଇମାନେ ଉପସ୍ଥିତ ଥିଲେ।

ଆଗପଛ ହୋଇ ଚାଲିଗଲେ ଭାଉଜ ଓ ଦିଅର

ରଘୁନାଥପୁର,୧୦।୧(ସମିସ): ଉତ୍ତରକୁଳ ଗ୍ରାମପଞ୍ଚାୟତର ଫିପୁର ଗ୍ରାମରେ ପାଖାପାଖି କିଛି ଘଣ୍ଟା ବ୍ୟବଧାନରେ ଭାଉଜ ଓ ଦିଅରଙ୍କ ମୃତ୍ୟୁ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଉଛନ୍ତି ପ୍ରେମଲତା ପରିଡ଼ା (୮୩) ଓ ତାଙ୍କ ଦିଅର ନିତ୍ୟାନନ୍ଦ ପରିଡ଼ା (୬୭)। ସକାଳ ପ୍ରାୟ ୯.୩୦ରେ ପ୍ରେମଲତାଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଘଟିଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ତିମସଂସ୍କାର ସାରି ଘରକୁ ଫେରିବା ପରେ ଦିଅର ନିତ୍ୟାନନ୍ଦଙ୍କ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ହସପିଟାଲ୍ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖଦ ଘଟଣା ପରିବାର ଲୋକଙ୍କୁ ହତବାକ କରିଥିଲାବେଳେ ଗ୍ରାମପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରି ଭାଉଜଙ୍କ ଜୁଇ ପାଖରେ ଦାହ କରାଯାଇଥିଲା।

ବଡ଼ବାପା ଦଶାହରେ ପୁତୁରାର ହୃଦ୍‌ଘାତ

ରଘୁନାଥପୁର,୧୦।୧(ସମିସ): ଦଶାହ କାର୍ଯ୍ୟ ସରିଥିଲା। ରାତି ପାଇଥିଲେ ହୋଇଥାନ୍ତା ବଡ଼ବାପାଙ୍କ ଏକାଦଶାହା କାର୍ଯ୍ୟ। ହେଲେ ବିଧିର ବିଧାନ ବିଚିତ୍ର। ବଡ଼ବାପାଙ୍କ ଦଶ କାର୍ଯ୍ୟ ସାରି ରାତିରେ ଶୋଇଥିଲା ବେଳେ ହୃଦ୍‌ଘାତରେ ଚାଲିଗଲା ଯୁବକଙ୍କ ଜୀବନ। ଏପରି ହୃଦୟ ବିଦାରକ ଘଟଣା ଘଟିଯାଇଛି ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ ଜଇପୁର ଗ୍ରାମରେ। ଯୁବକ ଜଣଙ୍କ ହେଲେ ଉକ୍ତ ଗ୍ରାମର ରମେଶ ମହାନ୍ତିଙ୍କ ବଡ଼ ପୁଅ ହିମାଂଶୁ ମହାନ୍ତି (୩୯)। ଶୁକ୍ରବାର ରାତିରେ ହିମାଂଶୁ ଶୋଇଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇଯାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଗ୍ରାମବାସୀ ତାଙ୍କୁ ଏକ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ଶ୍ମଶାନରେ ସତ୍କାର କରିଥିଲେ। ହିମାଂଶୁଙ୍କ ବିୟୋଗରେ ବଡବାପାଙ୍କ ଏକାଦଶାହ କାର୍ଯ୍ୟ ଅଧୁରା ରହିଯାଇଛି।

ମାତାମଠ ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ

କୁଜଙ୍ଗ,୧୦।୧(ସମିସ): କୁଜଙ୍ଗ ବ୍ଲକ ଗୋବର୍ଦ୍ଧନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହର ଆଶ୍ରମର ସନ୍ଥ ଦୟାନିଧି ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରଞ୍ଜନ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାଥମିକ ଶିକ୍ଷକ ମହାସଂଘ କୁଜଙ୍ଗ ବ୍ଲକ ସଭାପତି ଡ. କେଶବ ଚନ୍ଦ୍ର ଦଳାଇ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କୁଜଙ୍ଗ ବ୍ଲକ ଓଷ୍ଟାର ସମ୍ପାଦକ ବିନୋଦ କୁମାର ମୁଦୁଲି, ସମାଜସେବୀ ସୁରଥ କୁମାର ସୁତାର, ରଜତଜୟନ୍ତୀ କମିଟିର ସଭାପତି ଶ୍ରୀକାନ୍ତ ରାଉତରାୟ, ପରିଚାଳନା କମିଟି ସଭାପତି ଆଇନଜୀବୀ ଆଲୋକ ସାମନ୍ତରାୟ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ।

ଗାଦିବ୍ରହ୍ମ ବିଦ୍ୟାପୀଠର କ୍ରୀଡ଼ା ଉଦ୍‌ଯାପିତ

ଜଗତସିଂହପୁର,୧୦।୧(ସମିସ): ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଗାଦିବ୍ରହ୍ମ ସରକାରୀ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ ଦୁଇ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ଉତ୍ସବରେ ମୋ ସ୍କୁଲ୍ ଅଭିଯାନର ସଭାପତି ଆଇନଜୀବୀ ନରେଶ ଦାସ, ସିଆର୍‌ସିସି ସୁଶାନ୍ତ କୁମାର ବେହେରା, ଏସ୍‌ଏମ୍‌ସି ସଭାପତି ବଳରାମ ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାସିନୀ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ ସୁଦର୍ଶନ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଅଭୟ କୁମାର ମହାନ୍ତି ବାର୍ଷିକ କ୍ରୀଡ଼ା ଉତ୍ସବର ଆଭିମୁଖ୍ୟ ପ୍ରଦାନ ସହିତ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷକ ବିବେକାନନ୍ଦ ଦାସ, ଶିକ୍ଷୟିତ୍ରୀ ନଳିନୀପ୍ରଭା ଷଡ଼ଙ୍ଗୀ, ସୁରଭି ପ୍ରିୟଦର୍ଶିନୀ ଦାସ, ଦେବସ୍ମିତା ମିଶ୍ର, ବିଜୟଲକ୍ଷ୍ମୀ ମହାନ୍ତି, ଅରୁନ୍ଧତୀ ସେନାପତି, ରୋଜାଲିନ୍ ମହାପାତ୍ର ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ନିତ୍ୟାନନ୍ଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

ଦେଶୀ ମଦ ଜବତ; ଜଣେ ଗିରଫ

ପାରାଦୀପ,୧୦।୧(ସମିସ): ପାରାଦୀପ ଲକଥାନା ଅଧୀନ ପାରାଦୀପ ଗଡ଼ରୁ ଗତକାଲି ରାତିରେ ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେ ହେଲା ନିମିଡି ଗ୍ରାମର ଦୀପକ ସେଠୀ (୩୫)। ତା ନିକଟରୁ ୮.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ଲକ୍ଷାଧିକ ଟଙ୍କାର ହିରୋଇନ ଜବତ; ଜଣେ ଗିରଫ

ପାରାଦୀପ/ଜଗତସିଂହପୁର,୧୦।୧(ସମିସ): ପାରାଦୀପ ଅବକାରୀ ବିଭାଗ ରେଞ୍ଜ ଓ ଷ୍ଟେସନ ମିଳିତ ଭାବେ ଆଜି ଚଢ଼ଉ କରି ୭୮ ଗ୍ରାମର ହିରୋଇନ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ପାରାଦୀପ ଉପକଣ୍ଠ ମୂଷାଡିଆ ଅଞ୍ଚଳ ବ୍ରଜେନ ମଣ୍ଡଳ (୨୯)। ଆଜି ସକାଳ ପାଖାପାଖି ୧୦ଟା ସମୟରେ ବ୍ରଜେନ ମଣ୍ଡଳ ଇଫ୍‌କୋ ଗେଟ ସମ୍ମୁଖରେ ହିରୋଇନ ଗରାଖଙ୍କୁ ବିକ୍ରି କରିଥିବା ବେଳେ ଅବକାରୀ ବିଭାଗ ଟିମ୍ କାବୁ କରି ନେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୁପରିଟେଣ୍ଡେଣ୍ଟ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଇନ୍‌ସପେକ୍ଟର ପ୍ରଶାନ୍ତ ମହାନ୍ତି, ଏଏସଆଇ ଗୟାଧର ସେଠୀ, କନଷ୍ଟେବଳ ମନୋରଞ୍ଜନ ଦାସ, ନବଘନ ମାରାଣ୍ଡି ଓ ସନ୍ତୋସି ସାହୁ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ। ତେବେ ଅଭିଯୁକ୍ତକୁ ଆଜି ଏଡିଜେ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ଦୁଗ୍ଧ ଚାଷୀ ସମ୍ମିଳନୀ

ବିରିଡ଼ି,୧୦।୧(ସମିସ): ବିରିଡି ବ୍ଲକ ହାଜିପୁର ବନାସ୍ ଡାଏରୀ ପକ୍ଷରୁ ଦୁଗ୍ଧ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହାଜିପୁର ଶାଖା ମିଲ୍କ ପକ୍ୟୁମେଣ୍ଟ ଅଧିକାରୀ ବାସନ୍ତୀ ହେମ୍ବ୍ରମଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦକ୍ଷିଣପୂର୍ବ ଅପରେସନ ହେଡ୍ ଡ. କେଏନ୍ ପଟେଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଶିଳ୍ପା ରଥ, ସସ୍ମିତା ବେହେରା, ପ୍ରୀତିପର୍ଣ୍ଣା ରାଉତ, ସବିତା ସ୍ୱାଇଁ, ସୁଲୋଚନା ରାଉତ, ଅକ୍ଷୟ ପରିଡା, ଅରବିନ୍ଦ ନାୟକ, ଚିତ୍ତରଞ୍ଜନ ସାହୁ, ଦୁର୍ଗାପ୍ରସାଦ ବେହେରା, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଚାଷୀ ସମ୍ପାଦକ ଯୋଗଦେଇଥିଲେ। କର୍ମଚାରୀ ସୁଦେଷ୍ଣା ପଶାୟତ, ସନ୍ତୋଷ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଶ୍ରୀକୃଷ୍ଣ ଏକାଡେମୀର ପ୍ରତିଷ୍ଠା ଉତ୍ସବ

ଜଗତସିଂହପୁର,୧୦।୧(ସମିସ): ଜଗତସିଂହପୁର ଜିଲ୍ଲା ତଥା ରାଜ୍ୟର ସୁନାମଧନ୍ୟ ବିଦ୍ୟାଳୟ ଶ୍ରୀକୃଷ୍ଣ ଏକାଡେମୀର ୯୧ତମ ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ତଥା ବିଧାୟକ ଅମରେନ୍ଦ୍ର ଦାସ ଏଥିରେ ଅଧକ୍ଷତା କରି ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ।

ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ତଥା ବିଦ୍ୟାଳୟର ପୁରାତନ ଛାତ୍ର ଶ୍ରୀକାନ୍ତ ତରାଇ ଯୋଗଦେଇ ପାଠ ପଢ଼ିବା ସମୟର ଅଭୁଲା ସ୍ମୃତି ତଥା ସେ ସମୟର ଗୁରୁମାନଙ୍କର ସ୍ମୃତିଚାରଣ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ମାନନୀୟ ଅତିଥି ଭାବେ ପୌରାଧକ୍ଷା ଅର୍ଚ୍ଚନା ସିଂ, ଏଏସପି ସତ୍ୟବ୍ରତ ଦାଶ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଆଶୁତୋଷ ମିଶ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ, ପୁରାତନ ଛାତ୍ର ଗୌରାଙ୍ଗ ହୋତା ଏବଂ ନଟବର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣ ପୁରାତନ ଶିକ୍ଷକ ମୁରଲୀଧର ଦାସ, ହୃଷୀକେଶ ମିଶ୍ର ଏବଂ ପ୍ରସନ୍ନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବର୍ତ୍ତମାନର ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ମନୀଷା ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ରୀତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନାଟକ 'ଗାନ୍ଧୀ ମଣିଷ' ପରିବେଷଣ କରାଯାଇଥିଲା। ସଭା ପୂର୍ବରୁ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ନୂତନ ଭାବେ ସ୍ଥାପନ ହୋଇଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ସେହିପରି ବିଦ୍ୟାଳୟ ପରିସରରେ ଥିବା ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପୁରାତନ ଛାତ୍ରସଂସଦ ପାଇଁ ଉଦ୍ଦିଷ୍ଟ ଗୃହ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୁରାତନ ଛାତ୍ର ସଂସଦର କାର୍ଯ୍ୟକର୍ତ୍ତା, ସଦସ୍ୟ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ବୃତ୍ତି ପରୀକ୍ଷାରେ ବିକେସିଏମ୍ ସ୍କୁଲର ସଫଳତା

କୁଜଙ୍ଗ,୧୦।୧(ସମିସ): ବିକେ ଚୌଧୁରୀ ମେମୋରିଆଲ୍ ସ୍କୁଲ ବିଦ୍ୟାଭାରତୀ, ପଙ୍କପାଳର ଛାତ୍ରଛାତ୍ରୀ ୨୦୨୫ ମସିହାରେ ସେଣ୍ଟର ଫର ଚାଇଲ୍ଡ ୱେଲଫର ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ଦ୍ୱାରା ଅନୁଷ୍ଠିତ ହୋଇଥିବା ୨୬ତମ ରାଜ୍ୟସ୍ତରୀୟ ବୃତ୍ତି ପରୀକ୍ଷାରେ ବହୁ ବିଦ୍ୟାର୍ଥୀ କୃତିତ୍ୱ ହାସଲ କରିଥିବା ଜଣା ପଡ଼ିଛି। ଏହି ସଫଳତା ପାଇ ଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ଜଣ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ପ୍ରଥମ ଅତି ଉତ୍କର୍ଷ ବର୍ଗ, ୨୭ଜଣ ୬୦ ଶତକଡାରୁ ଅଧିକ ଅଙ୍କ ରଖି ଉତ୍କୃଷ୍ଟ ସ୍ଥାନ ଏବଂ ୨୨ଜଣ ୫୦ ଶତକଡାରୁ ଅଧିକ ରଖି ୩ୟସ୍ଥାନ ଅଧିକାର କରି ବିଦ୍ୟାଳୟର ମାନ ବୃଦ୍ଧି କରିଛନ୍ତି। ସେମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯିବା ସହିତ ସମସ୍ତ ଗୁରୁଜୀ ଗୁରୁମା ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିଦ୍ୟାଳୟରୁ କମ୍ପ୍ୟୁଟର ଚୋରି ଘଟଣା; ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ,୧୦।୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ବୋଧେଇ ସ୍ଥିତ ଜବାହର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗତ ୨୪ ଡିସେମ୍ବର ରାତିରେ ୪ କମ୍ପ୍ୟୁଟର ମନିଟର ଚୋରି ଘଟଣାରେ ପୁଲିସ ଆଜି ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ କୁଜଙ୍ଗ ଥାନା ନିଲକାନି ଗ୍ରାମର ସୁଜଳ ପାଇ। ପୁଲିସ ତା' ନିକଟରୁ ଗୋଟିଏ ମନିଟର ଜବତ କରିଛି। ସୁଜନ ତାର ସହଯୋଗୀ ସହ ବିଦ୍ୟାଳୟ ଛୁଟି ହୋଇଥିବାର ସୁଯୋଗ ନେଇ ବିଦ୍ୟାଳୟ ଇ-ଲାଇବ୍ରେରୀର ତାଲା କାଟି ୪ଟି ମନିଟର ଚୋରି କରିନେଇଥିଲା। ସେ ମନିଟର ଗୁଡ଼ିକୁ ନେଇ ଭୁବନେଶ୍ୱରକୁ ବିକ୍ରୟ କରିବାକୁ ଯାଇଥିଲା। କିନ୍ତୁ ସେଠାରେ ବିକ୍ରୟ କରି ନ ପାରି ନିମକଣା ରେଳ ଷ୍ଟେସନ ନିକଟ ବୁଦାରେ ଲୁଚାଇ ରଖିଥିଲା। ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଅଭିଯୁକ୍ତ ସୁଜଳକୁ ଗିରଫ କରିବା ସହ ରେଳଷ୍ଟେସନ ନିକଟ ବୁଦାରୁ ଗୋଟିଏ କମ୍ପ୍ୟୁଟର ମନିଟର ଜବତ କରିଥିଲା। ଆଜି ଅଭିଯୁକ୍ତକୁ ପୁଲିସ ଅଦାଲତ ଚାଲାଣ କରିଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ ସେଠୀ ସୂଚନା ଦେଇଛନ୍ତୀ। ପ୍ରଧାନ ଶିକ୍ଷକ ମନୋରଞ୍ଜନ ମଲ୍ଲିକ ଏ ସଂପର୍କରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ପାରାଦୀପରେ ସାଂସଦ ଖେଳ ମହୋତ୍ସବ

ପାରାଦୀପ,୧୦।୧(ସମିସ): ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ପାରାଦୀପ ନିର୍ବାଚନ ମଣ୍ଡଳୀର ସାଂସଦ ଖେଳ ମହୋତ୍ସବ ୨୦୨୬ ଆୟୋଜିତ ହୋଇଯାଇଛି। ଏହି ମହୋତ୍ସବରେ ଉଭୟ ବାଳକ ଓ ବାଳିକା ବର୍ଗରେ ଫୁଟବଲ ଓ ଭଲିବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳ ମହୋତ୍ସବର ଉଦଘାଟନୀ ଉତ୍ସବରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌର ପାରିଷଦ ପ୍ରତାପ ଚନ୍ଦ୍ର ନାୟକ ଓ ସାଂସଦଙ୍କ ପ୍ରତିନିଧି ଗୌତମ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ଧୂନଚନ୍ଦ୍ର ତରାଇ, ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ଗୋପବନ୍ଧୁ କ୍ରୀଡା ସଂସଦର ସଦସ୍ୟ ବିପ୍ଳବ କୁମାର ଜେନା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜଗତସିଂହପୁର ସଂସଦୀୟ ଏହି ସମସ୍ତ କ୍ରୀଡ଼ାକୁ ପାରାଦୀପ ବନ୍ଦର କ୍ରୀଡ଼ା ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ ସଂଯୋଜନା କରୁଥିବା ବେଳେ ଏହି ଖେଳକୁ କାଳନ୍ଦୀ ଚରଣ ନାଥ, ଭାଗବତ ବେହେରା, ସଞ୍ଜିତ ଜେନା, ରାଜ କିଶୋର ମଣ୍ଡଳ ସଫଳତାର ସହ ପରିଚାଳନା କରିଥିଲେ। ଶେଷରେ କୁଜଙ୍ଗ କ୍ଲବର କ୍ରୀଡା ସମ୍ପାଦକ ରଶ୍ମିକାନ୍ତ ଦାସ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେପି ସରକାର ଉପରେ ବର୍ଷିଲେ କଂଗ୍ରେସ ନେତା

ଜଗତସିଂହପୁର,୧୦।୧(ସମିସ)

ଶନିବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବପ୍ରସାଦ ନାୟକଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାଚାରୀ ଶାସନ ଏବଂ ଅପାରଗତାକୁ ନେଇ ବିଜେପି ଉପରେ ବର୍ଷିଥିଲେ ଏଥିରେ ଯୋଗ ଦେଇଥିବା ଦଳୀୟ ନେତା। ବିଶେଷ କରି କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ବିକୃତ କରି ଶ୍ରମିକମାନଙ୍କ ଅଧିକାର ଛଡାଇ ନେବା, ଟାଟା ପାୱାରର ମନମାନୀ ଏବଂ ଉପଭୋକ୍ତାମାନଙ୍କୁ ଶୋଷଣ କରିବା ଓ ଧାନ ସଂଗ୍ରହ ମଣ୍ଡି ଗୁଡିକରେ ରହୁଥିବା କଟନୀ ଛଟନୀ ସମସ୍ୟାକୁ ନେଇ ଆଗାମୀ ଦିନରେ କଂଗ୍ରେସ ଦଳର ବ୍ୟାପକ କାର୍ଯ୍ୟକ୍ରମ ସମ୍ପର୍କରେ ଏଥିରେ ସୂଚନା ଦିଆଯାଇଥିଲା। ଜାନୁଆରୀ ୧୧ରେ ମନରେଗା ଉଚ୍ଛେଦ କରିବା ଘଟଣାକୁ ବିରୋଧ କରି ଗାନ୍ଧୀ ଛକଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦଳୀୟ ନେତା, କର୍ମୀ ଓ ଜବକାର୍ଡଧାରୀଙ୍କୁ ନେଇ ଉପବାସ ପାଳନ ପୂର୍ବକ ପ୍ରତୀକାତ୍ମକ ପ୍ରତିବାଦ କରାଯିବ। ସେହିପରି ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ପଞ୍ଚାୟତରେ ଜନସମ୍ପର୍କ ଯାତ୍ରା, ବିଧାନସଭାସ୍ତରୀୟ ସଭା ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସହିତ ବିଧାନସଭା ଘେରଉ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ନାୟକ ସୂଚନା ଦେଇଥିଲେ। ଏଥିସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ 'ଚା କପ୍ ଗପସପ' କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ପାୱାର ଓ ସରକାର ମିଳିତ ଭାବେ କିପରି ସାଧାରଣ ଜନତାଙ୍କୁ ଲୁଟ୍ କରୁଛନ୍ତି ସେ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରାଯିବ। କଂଗ୍ରେସ ପର୍ଯ୍ୟବେକ୍ଷକ ଭାବେ ଓପିସିସି ଏସସି ସେଲ୍ ସଭାପତି ମାନସ ମଲ୍ଲିକ, ଏସ୍‌ସି ସେଲ୍ ପ୍ରଭାରୀ ଜେ. ଗୌତମ ଏବଂ ରାଜକିଶୋର ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ପୌରାଞ୍ଚଳର ପୂର୍ବତନ ସଭାପତି ପ୍ରଶାନ୍ତ ମହାପାତ୍ର, ଆଇନଜୀବୀ ଦୀପକ କୁମାର ପଶାୟତ, ମହମ୍ମଦ ଅବଦୁଲ ୱାହିଦ, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ଲକ୍ଷ୍ମୀଧର ମଲ୍ଲିକ, ବୃନ୍ଦାବନ ପ୍ରଧାନ, ଶ୍ରୀମୟୀ ସରସ୍ୱତୀ ସାହୁ, ସୁଚିସ୍ମିତା ପଣ୍ଡା, ଉମେଶ ସ୍ୱାଇଁ, ଦୋଳ ଗୋବିନ୍ଦ ପଟ୍ଟନାୟକ, ହିଫଜୁର ରେହମାନ, ଅଶ୍ୱିନୀ ସ୍ୱାଇଁ, ନିହାର ଦାସ, ସଫି ଆଜମ୍, ମହମ୍ମଦ ଇସମାଇଲ, ପ୍ରଦୀପ୍ତ ଦାସ, ସାରଦା ଜେନା, ଅସିମ ରାଉତ, ଅମ୍ରିତ ପଶାୟତ, ଆଲୋକ ସାହୁ, ରିଙ୍କୁ ପାଳ, ଗଗନ ବିହାରୀ ସାହୁ, ଶୁଭାଶିଷ ସ୍ୱାଇଁ, ପ୍ରତ୍ୟୁଷ ନାୟକ, ଅଭିନନ୍ଦନ ସେଠୀ, ସାଇ ପ୍ରଭଞ୍ଜନ ମହାପାତ୍ର ଏବଂ ବିଶ୍ୱଜିତ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ସକାଳ
THE SAKALA

ହାଡ଼ଭଙ୍ଗା ଜାଡ଼; ଜନଜୀବନ ଅସ୍ତବ୍ୟସ୍ତ

ତିଗିରିଆ,୧୦।୧(ସମିସ): ପ୍ରଚଣ୍ଡ ଜାଡ଼ରେ ଥରୁଛି ଆଠଗଡ ଉପଖଣ୍ଡ। ଆଠଗଡ଼ ସମେତ ତିଗିରିଆ, ବଡମ୍ବା ବ୍ଲକ ଅନ୍ତର୍ଗତ ଅଞ୍ଚଳ ମହାନଦୀ କୂଳବର୍ତ୍ତୀ ଅଞ୍ଚଳରେ ଥିବାରୁ ଅପରାହ୍ନ ୩ଟାଠାରୁ ଅନୁଭୂତ ହେଉଛି ଭୟଙ୍କର ଶୀତ। ମଝିରେ ମଝିରେ କୋହଲା ପବନ ବହିବା କାରଣରୁ ଶୀତ ବହୁଗୁଣିତ ହେଉଛି। ସଂଧ୍ୟା ୬ରୁ ସକାଳ ୧୧ ପର୍ଯ୍ୟନ୍ତ ଖୁଣ୍ଟୁଣୀଠାରୁ କମଲାଡିହ ପର୍ଯ୍ୟନ୍ତ ଦୀର୍ଘ ୯୦କିମି ରାସ୍ତାରେ ଯାନବାହନ ଚଳାଚଳ ଅସମ୍ଭବ ହୋଇପଡୁଛି। ବିଗତ ବର୍ଷଠାରୁ ଆଠଗଡ, ତିଗିରିଆ, ବଡମ୍ବା ଓ ନରସିଂହପୁର ଅଞ୍ଚଳର ଏଥର ତାପମାତ୍ରା କମ ରହିଛି। ସଂଧ୍ୟା ପରଠାରୁ ବିଭିନ୍ନ ଅଞ୍ଚଳର ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ସନ୍ଧ୍ୟା ୬ଟା ପରେ ଏହି ତାପମାନ ହ୍ରାସ ହୋଇ ୧୨ରୁ ୧୪ରେ ପହଞ୍ଚୁଛି। ଖୁଣ୍ଟୁଣୀ-ନରସିଂହପୁର ୬୫ନଂ ରାଜ୍ୟ ରାଜପଥ ଘନ କୁହୁଡିର ଆସ୍ତରଣ ତଳେ ଘୋଡାଇ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଚାଳକମାନେ ଗାଡିକୁ ଥୋଇ ଦେଇ କୁହୁଡି ହଟିବା ପର୍ଯ୍ୟନ୍ତ ଅପେକ୍ଷା କରି ରହୁଥିବାରୁ ବହୁ ସମୟରେ ରାସ୍ତା ଜାମ ରହୁଛି। ଆଠଗଡ ବ୍ଲକର ମହାନଦୀ କୂଳ ଅଞ୍ଚଳ ସହ ତିଗିରିଆର ଉତ୍ତର କୁଲାଟ, ବଡମ୍ବା ମହାନଦୀ କୂଳବର୍ତ୍ତୀ ପଞ୍ଚାୟତ ଏବଂ ସଂପୂର୍ଣ୍ଣ ନରସିଂହପୁର ଅଞ୍ଚଳରେ ଏହାର ବିଶେଷ ପ୍ରଭାବ ରହୁଛି। ଲୋକମାନେ ସନ୍ଧ୍ୟା ପରେ ଘରୁ ବାହାରୁ ନାହାନ୍ତି। ନରସିଂହପୁର ଅଞ୍ଚଳ ସହ ବଡମ୍ବାର କିଛି ଅଞ୍ଚଳରେ ଜନସାଧାରଣ ରାସ୍ତାକଡରେ ବଡ ବଡ କାଠଗଣ୍ଡିରେ ନିଆଁ ଲଗାଇ ନିଆଁ ପୁଆଁଉଥିବାର ଲକ୍ଷ୍ୟ କରାଯାଇଛି। ଲୋକ ନଥିବାରୁ ବ୍ୟବସାୟୀମାନେ ସ୍ୱଳ୍ପ ଦରରେ ପନିପରିବା ସହ ଅନ୍ୟାନ୍ୟ ବ୍ୟବସାୟିକ ପଣ୍ୟଦ୍ରବ୍ୟକୁ ବିକ୍ରି କରି ଘରକୁ ଫେରିବାକୁ ବାଧ ହେଉଛନ୍ତି। ଦୀର୍ଘ ୨୫ ବର୍ଷ ମଧ୍ୟରେ ଆଠଗଡ ଉପଖଣ୍ଡରେ ଏପରି ଶୀତ ଓ କୁହୁଡି ଦେଖାଯାଇ ନ ଥିବାର ପୁରୁଖା ଲୋକମାନେ ପ୍ରକାଶ କରିଛନ୍ତି।

ବ୍ଲକ୍‌ସ୍ତରୀୟ ମିଶନ୍ ମେରିଟ୍ କାର୍ଯ୍ୟକ୍ରମ

ନରସିଂହପୁର,୧୦।୧(ସମିସ): ନରସିଂହପୁର ବ୍ଲକରେ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଛି ମିଶନ ମେରିଟ୍ କାର୍ଯ୍ୟକ୍ରମ। ଏଥିରେ ବ୍ଲକର ୩୬ଟି ହାଇସ୍କୁଲର ୬୧ ମେଧାବୀ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ନରସିଂହପୁର ବାଳିକା ଉଚ୍ଚବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ବରିଷ୍ଠ ଶିକ୍ଷକମାନେ ଅଂଶଗ୍ରହଣ କରିଥିବା ସମସ୍ତ ୧୯୧ ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିବେ। ଏଥିପାଇଁ ନରସିଂହପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ସେମାନଙ୍କ ପଢିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଲୋପାମୁଦ୍ରା ରାଉତରାୟ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମିନ ବିହାରୀ, ସହକାରୀ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ପ୍ରଧାନ, ବିଜୟ କୁମାର ଭୂୟାଁ, ଲମ୍ବୋଦର ବେହେରା, ବରିଷ୍ଠ ପ୍ରଧାନ ଶିକ୍ଷକ ଶେଷଦେବ ବେହେରା, ବିଜ୍ଞାନନ୍ଦ ସାହୁ, ପ୍ରତାପଚନ୍ଦ୍ର ପଣ୍ଡା, ସୁଶୀଲ ମହାପାତ୍ର, ପ୍ରଦୀପ ମଲ୍ଲିକ, ସୁନନ୍ଦ ନାୟକ, ସୁଗମ ପ୍ରସାଦ ଡାଲୁଆ, ଆଲୋକ ଦଲେଇ, ଆଲୋକ ସାହୁ, ଦିଲ୍ଲୀପ ସାହୁ, କଳିଙ୍ଗ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପିଏମ୍‌ଶ୍ରୀ ଉତ୍ସବ ଓ ବିକଶିତ ଓଡ଼ିଶା ପ୍ରକଳ୍ପ ପ୍ରଦର୍ଶିତ

ସାଲେପୁର,୧୦।୧(ସମିସ): ପିଏମ୍‌ଶ୍ରୀ ସାଲେପୁର ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶ୍ରୀକାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଂଜନ ବାରିକ ମୁଖ୍ୟଅତିଥି ରୂପେ ଉଦ୍‌ଘାଟନ କରିବା ସହ ପିଏମ୍‌ଶ୍ରୀ ଯୋଜନାରେ ସାଲେପୁର ହାଇସ୍କୁଲ କଟକ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିବା ଏହି ହାଇସ୍କୁଲ ପାଇଁ ଅଧିକ ଗର୍ବ ଓ ଗୌରବ ଆଣିଛି ବୋଲି ପ୍ରକାଶ କରିଥିଲେ। ଅତିଥି ରୂପେ ସାଲେପୁର ବ୍ଲକର ଶିକ୍ଷାଧିକାରୀ ତଥା ଜଗତ୍‌ସିଂହପୁର ଜିଲ୍ଲାର ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଫିରୋଜ ଖାଁ, ପୁରାତନ ଛାତ୍ରସଂସଦର ସଭାପତି ମିହିର ଜେନା, ସାଲେପୁର ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାଶ, ସାମ୍ବାଦିକ ଶିଶିର ଦାଶ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରଶାନ୍ତ ଭୂୟାଁ, ପୂର୍ବତନ ଶିକ୍ଷକ କମଳାକାନ୍ତ ମୁଦୁଲି, ସିଆରସିସି ଦେବଦତ୍ତ ଦାଶ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ବିଶେଷ ଭାବରେବିକଶିତ ଭାରତ ଓ ବିକଶିତ ଓଡ଼ିଶାକୁ ଆଖିଆଗରେ ରଖାଯାଇ ଏଠାରେ ନବମ ଶ୍ରେଣୀ ଛାତ୍ରୀ ଋତୁପୂର୍ଣ୍ଣା ପୃଷ୍ଟି, ପ୍ରିୟାଂଶୀ ଶୁଭଦର୍ଶିନୀ ନୂତନ ଭାବରେ ଷ୍ଟାଡିୟମ୍ ନିର୍ମାଣ ସହ ଖେଳପଡ଼ିଆ ନିର୍ମାଣ କାର୍ଯ୍ୟର ପ୍ରକଳ୍ପ ତିଆରି କରି ସମସ୍ତଙ୍କ ପ୍ରଶଂସାଭାଜନ ହୋଇଥିଲେ। ଶିକ୍ଷୟିତ୍ରୀ ନିବେଦିତା ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ। ନିଶିଗନ୍ଧା ପ୍ରିୟଦର୍ଶିନୀ, ପ୍ରିୟଙ୍କା ସାମଲ, କଲ୍ୟାଣୀ ଯାଦବ, ଦିବ୍ୟରଂଜନ ସେଠୀ, ସୁଶ୍ରୀ ଦାଶ, ନିଳିମା ପ୍ରିୟଦର୍ଶିନୀ, ଜ୍ଞାନରଂଜନ ସ୍ୱାଇଁ ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ, ସୁଚିସ୍ମିତା ସାହୁ, ବନଶ୍ରୀ ସେଠୀ, ଅନଜାର ନକବି, ସଫିଉର ରହେମନ, ଆରତୀ ଆଚାର୍ଯ୍ୟ, ସ୍ୱାହା ନାୟକ, ସାନନ୍ଦ ଭୋଇ, ବିଚିତ୍ର ଷଡ଼ଙ୍ଗୀ, ପ୍ରଦୀପ୍ତ କୁମାର କବିଙ୍କ ସମେତ ବହୁ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

୩ ଏକର ଧାନ ଫସଲ ଜଳିଗଲା

ନେମାଳ,୧୦।୧(ସମିସ): ନେମାଳ ଥାନା ସାନ୍ତପୁର ଗ୍ରାମପଞ୍ଚାୟତ ଗଂହଁସ ଗହୀର ଧାନ ବିଲରେ ଅଚାନକ ନିଆଁ ଲାଗି ପାଖାପାଖି ୩ଏକର ଜମିରେ ଧାନ ଫସଲ ପୋଡି ପାଉଁଶ ହୋଇଯାଇଛି। ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ପ୍ରାୟ ୧କିଲୋମିଟର ଗଂହସ ଛକ, ମାଣିକପୁର, ଅରଖଦିଆ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ସୌଭାଗ୍ୟବସତ ବହୁ ଚାଷୀ ଧାନ କାଟି ଘରକୁ ନେଇ ଆସିଥିବା ବେଳେ ଗଂହଁସ ଗ୍ରାମର ବସନ୍ତ ମହାପାତ୍ର, ଗଣେଶ୍ୱର ରାଉତ, ଗୁରୁଚରଣ ରାଉତ, ନନ୍ଦକିଶୋର ସ୍ୱାଇଁ ଓ ପବିତ୍ର ବେହେରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

ସାଲେପୁର,୧୦।୧(ସମିସ): ଅବସରପ୍ରାପ୍ତ କର୍ମଚାରୀ ସଂଘର ସପ୍ତମ ପ୍ରତିଷ୍ଠା ଦିବସ ଜପକୁଦ ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ନରେନ୍ଦ୍ରନାଥ ଶତପଥି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଂସ୍କୃତ ପଣ୍ଡିତ ଡଃ ଗୌତମ ମହାରଣା ଯୋଗଦେଇଥିଲେ। ଏହି ସମାରୋହରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରୁ ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଦୁଃଖି ଓ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶେଷରେ ସ୍ଥାନୀୟ ଶିଶୁମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା।

ନିଗମାନନ୍ଦ ସରସ୍ୱତୀଙ୍କ ବାର୍ଷିକୋତ୍ସବରେ ନଗର ପରିକ୍ରମା

ନରସିଂହପୁର,୧୦।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀସ୍ଥିତ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୧୨ତମ ବାର୍ଷିକ ଉତ୍ସବ ଅବସରରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା, ପାରାଦ୍ୱୀପ, ରାହାମା, ବଡ଼ମ୍ବା, ଆଠଗଡ଼, କଟକ, ତାଳଚେର, ଅନୁଗୁଳ, ଗଣିଆ, ନୟାଗଡ଼, ସମ୍ବଲପୁର, ଢେଙ୍କାନାଳ ଆଦି ଅଞ୍ଚଳର ୨୦ଟି ଶାଖାର ଶତାଧିକ ସଦସ୍ୟ ଯୋଗ ଦେଇଛନ୍ତି। ନଗର ପରିକ୍ରମା ନରସିଂହପୁର ଟାଉନ ସମେତ ସମସ୍ତ ସାହିରେ ପରିକ୍ରମା କରିଥିଲା। ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ପଟ୍ଟନାୟକ, ସମ୍ପାଦକ ସୁବଳ ବାରିକ, କୋଷାଧ୍ୟକ୍ଷ ଅଞ୍ଜନ ପ୍ରଧାନ, ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନୁଷ୍ଠାନ ସହ ଜଡ଼ିତ ୪୮ଟି ପରିବାରର ଶତାଧିକ ଶ୍ରଦ୍ଧାଳୁ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ତିଗିରିଆ,୧୦।୧(ସମିସ): ତିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଜେମାଦେଇପୁର ଉଚ୍ଚବିଦ୍ୟାଳୟରେ ଗତ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଯାପନୀ ସଭାରେ ଅତିଥି ଭାବେ ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେବୁବ ଅହେମଦ ଖାଁ ଓ ସମାଜସେବୀ ରାମଚନ୍ଦ୍ର ବାରିକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜୟନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ସମାରୋହ

ତିଗିରିଆ,୧୦।୧(ସମିସ): ତିଗିରିଆ ବ୍ଲକ ନୂଆପାଟଣା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୀଠ, ଦେହାଂଶ ପ୍ରତିଷ୍ଠା ଦିବସ ସହ ୪୨ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତା ଓ କୋଷାଧ୍ୟକ୍ଷ ତଥା ମୁଖ୍ୟ ପରିଚାଳକ ମନୋଜ କୁମାର ଗୁଇଁଙ୍କ ସଂଯୋଜନାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ବିଶିଷ୍ଟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁଦେଷ୍ଣା ନନ୍ଦ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ବିଜୟ ଲକ୍ଷ୍ମୀ ସାମଲ, ଜିଲ୍ଲା ଶ୍ରୀ ଅରବିନ୍ଦ ବିଦ୍ୟାଳୟ ସମୂହର ପାଠଚକ୍ର ବିଭାଗ ସଂଯୋଜକ ମାୟାଧର ସାହୁ, ଉପଖଣ୍ଡସ୍ତରୀୟ ସଂଯୋଜକ ପ୍ରତାପ ଜୁଜ୍ଝାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ନୂତନ ଭାବେ ଖୋଲାଯାଇଥିବା ପ୍ଲେ ସ୍କୁଲ ଶ୍ରେଣୀଗୃହକୁ ଅତିଥିମାନେ ଉଦଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ନିହାର ରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଚେତନଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ପୁଷ୍ପାଞ୍ଜଳି ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରେମ ନାଁରେ ପ୍ରତାରଣା; ଯୁବକ ଗିରଫ

ସାଲେପୁର,୧୦।୧(ସମିସ): ଜଣେ ଯୁବତୀକୁ ପ୍ରେମ ଜାଲରେ ଫସାଇ ତାକୁ ଗର୍ଭବତୀ କରିବା ଓ ଯୁବତୀ ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ସଂପୃକ୍ତ ଯୁବକ ଜଣକ ତାକୁ ପ୍ରତାରଣା କରିବା ଅଭିଯୋଗରେ ସାଲେପୁର ପୁଲିସ ସଂପୃକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ପୁବସାହି ଗ୍ରାମର ରବିନ୍ଦ୍ର ବଳଙ୍କ ପୁତ୍ର ସୁଶାନ୍ତ ବଳ (୨୬) କେନ୍ଦୁପାଟଣା ଝୋଟକଳରେ ଚାକିରି କରନ୍ତି। ଏଠାରେ ରହିବା ସମୟରେ ପ୍ରାୟ ୧ବର୍ଷ ତଳେ ଜଣେ ୨୦ବର୍ଷର ଯୁବତୀକୁ ନିଜର ପ୍ରେମ ଜାଲରେ ଫସାଇ ତାକୁ ଗର୍ଭବତୀ କରିବା ଓ ସଂପୃକ୍ତ ଯୁବତୀ ଜଣକ ଏକ କନ୍ୟା ସନ୍ତାନକୁ ଜନ୍ମ ଦେବାପରେ ସୁଶାନ୍ତ ତାଙ୍କୁ ବିବାହ କରିବାକୁ ରାଜି ନହୋଇ ପ୍ରତାରଣା କରିଥିଲେ। ଏହାନେଇ ଯୁବତୀ ଜଣକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୬/୨୬ରେ ଏକ ମାମଲା ରୁଜୁ କରି ଆଇଆଇସି ଅନିତା ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼଼ଉ କରି ଶେଷରେ ସୁଶାନ୍ତକୁ ଯାଜପୁର ଅଞ୍ଚଳରୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ସୁଶାନ୍ତକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଶ୍ରୀମତୀ ସାହୁ ପ୍ରକାଶ କରିଛନ୍ତି।

■ ୩୫ତମ ଗଦାଧରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଚୌଦ୍ୱାରକୁ ହରାଇ ସେମିରେ ମେଣ୍ଢାଶାଳ

ତିଗିରିଆ,୧୦।୧(ସମିସ): ତିଗିରିଆ ବ୍ଲକ ଗଦାଧରପୁର ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ମା' ଭବାନୀ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୫ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବକୁ ୧୨୧ ରନରେ ପରାସ୍ତ କରି ଖୋର୍ଦ୍ଧା ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ୨୮୪ ରନ ସଂଗ୍ରହ କରିଥିବା ବେଳେ ଜବାବରେ ଚୌଦ୍ୱାର ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲେ। ବିଜୟୀ ମେଣ୍ଢାଶାଳ ଦଳର ଅରବିନ୍ଦ ସିଂହ ୪୩ ବଲରୁ ୧୦୦ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଜେମାଦେଇପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମେହେବୁବ ଅହମ୍ମଦ ଖାଁ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ନରେଶ ରାଉତ ଓ ରଶ୍ମିରଞ୍ଜନ ରାଉତ ପରିଚାଳନା କରିଥିଲେ। ଶରତ ରାଉତ ଖେଳର ଧାରା ବିବରଣୀ ଦେଇଥିଲେ।

ରାଜ୍ୟସ୍ତରୀୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଆଜି ମେଣ୍ଢାଶାଳ କ୍ଲବ୍-କୁମାରବସ୍ତ ଫାଇନାଲ୍

ଆଠଗଡ଼,୧୦।୧(ସମିସ): ଆଠଗଡ଼ ଭେଟେରାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ ଷ୍ଟାଡିୟମଠାରେ ଅନୁଷ୍ଠିତ ୨ୟ ରାଜ୍ୟସ୍ତରୀୟ ଧବଳେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଜଗତସିଂହପୁର କ୍ରିକେଟ କ୍ଲବକୁ ୮ ଉଇକେଟରେ ପରାସ୍ତ କରି କୁମାରବସ୍ତ କ୍ରିକେଟ କ୍ଲବ ଖୋର୍ଦ୍ଧା ଫାଇନାଲକୁ ପ୍ରବେଶ କରିଛି। ଫଳରେ ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚରେ ଖୋର୍ଦ୍ଧାର ଅନ୍ୟତମ ଦଳ ମେଣ୍ଢାଶାଳ କ୍ଲବକୁ ଭେଟିବ। ଟସ୍ ଜିତି ଜଗତସିଂହପୁର ଦଳ ପ୍ରଥମେ ବ୍ୟାଟିଂ କରି ରାକେଶ ସାହୁଙ୍କ ୪୦ବଲରୁ ୬୮ରନ୍ ସହାୟତାରେ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୫୪ରନ୍ ସଂଗ୍ରହ କରିଥିଲେ। କୁମାରବସ୍ତ ଦଳ ପକ୍ଷରୁ ନିରଞ୍ଜନ ବେହେରା ୨୧ରନ୍ ଦେଇ ୩ଟି ଉଇକେଟ ଓ ଚାମୁଣ୍ଡା ଶିବା ୧୬ ରନ୍ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ପରେ ୧୫୫ ରନର ଲକ୍ଷ ନେଇ କୁମାରବସ୍ତ ଦଳ ବ୍ୟାଟିଂ ଆରମ୍ଭ କରି ୨ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ପ୍ରଦୀପ ରାଉତଙ୍କ ୪୦ଟି ବଲରୁ ୯୧ ରନ୍ ଓ ଉତ୍ତମ ମହାନ୍ତିଙ୍କର ୨୮ ବଲରୁ ୫୬ରନ ସହାୟତାରେ ୧୧.୫ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ୧୫୫ରନ୍ ସଂଗ୍ରହ କରିବା ସହିତ ୮ ଉଇକେଟରେ ବିଜୟୀ ହୋଇଥିଲେ। କୁମାରବସ୍ତ ଦଳର ପ୍ରଦୀପ ରାଉତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆମ୍ପାୟାର ଭାବେ ଅଲୁପ ଦାଶ ଓ ଏମ୍.ଡି ସୂରଜ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ଲକ୍ଷ୍ମଣ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ସୁବ୍ରତ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଆଠଗଡ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା ଯୋଗ ଦେଇଥିଲେ। ମ୍ୟାଚ ଶେଷରେ ଜ୍ୟୋତି ମୋଟର୍ସ ଭୁବନେଶ୍ୱର ଆଞ୍ଚଳିକ ପରିଚାଳକ ସୂର୍ଯ୍ୟନାରାୟଣ ମହାପାତ୍ର ଓ ଶିବନାରାୟଣ ପ୍ରଧାନ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

ଓରିକଣ୍ଟା ବିଦ୍ୟୁତ ସେକ୍ସନ ଉପଭୋକ୍ତା ସଂଘ ଗଠିତ

ନେମାଳ, ୧୦।୧(ସମିସ): ଟାଟା ପାୱାର ଉପଭୋକ୍ତାଙ୍କୁ ଶୋଷଣ କରିବା ପ୍ରତିବାଦରେ ଓରିକଣ୍ଟା ବିଦ୍ୟୁତ ସେକ୍ସନ ଅଧୀନରେ ସମସ୍ତ ଉପଭୋକ୍ତା ଏକ ହେବାକୁ ସାଲେପୁର ଡିଭିଜନ ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁ ଆହ୍ୱାନ ଦେଇଛନ୍ତି। ନେମାଳଠାରେ ଆୟୋଜିତ ଏକ ସଭାରେ ଓରିକଣ୍ଟା ବିଦ୍ୟୁତ ସେକ୍ସନର ଶତାଧିକ ଉପଭୋକ୍ତା ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ଉପଭୋକ୍ତା ସଂଘର ଆବାହକ ରମାକାନ୍ତ ବେହେରାଙ୍କ ଆବାହକତ୍ୱରେ ଓରିକଣ୍ଟା ବିଦ୍ୟୁତ ସେକ୍ସନ ଉପଭୋକ୍ତା ସଂଘ ଗଠିତ ହୋଇଥିଲା।

ଜିଲ୍ଲା ବିଜେପିର ଭିବି ଜି-ରାମ୍-ଜି ସମୀକ୍ଷା

କଟକ,୧୦।୧ (ସମିସ): ବିକଶିତ ଭାରତ ଗଠନରେ ରୋଜଗାର ଏବଂ ଆଜିବିକା ମିଶନ ଗ୍ରାମୀଣ (ଭିବି.ଜି-ରାମ୍-ଜି.) ବିଲ୍‌ର ଲକ୍ଷ୍ୟ ଉପରେ କଟକ ଜିଲ୍ଲା ବିଜେପି ଦ୍ୱାରା ସମୀକ୍ଷା ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ପୂର୍ବରୁ ମନରେଗାରେ ମାହାତ୍ମା ଗାନ୍ଧୀଙ୍କ ନାମ ବ୍ୟବହାର କରି ମନରେଗାରେ ବିଭିନ୍ନ ରାଜ୍ୟରେ ଦୁର୍ନୀତିରେ ବିରୋଧୀ ଲିପ୍ତ ରହିଥିଲେ ଦଳ ବୋଲି ଶ୍ରୀଯୁକ୍ତ ସେଠୀ କହିଥିଲେ। ମନରେଗାରେ ଥିବା ୧୦୦ଦିନ କାର୍ଯ୍ୟ ବଦଳରେ ଭିବି.ଜି.-ରାମ୍.ଜି ବିଲ୍‌ରେ ୧୨୫ ଦିନର ରୋଜଗାର ସୁନିଶ୍ଚିତ ସହ ଦୁର୍ନୀତିମୁକ୍ତ ପ୍ରକଳ୍ପରେ ଉଭୟ କେନ୍ଦ୍ର ଓ ରାଜ୍ୟର ଦାୟିତ୍ୱବୋଧ ରହିବ। ଭାରତର ପୂର୍ବ ରାଜ୍ୟଗୁଡିକ ପାଇଁ ୯୦:୧୦, କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୧୦୦ ପ୍ରତିଶତ, ଅନ୍ୟ ରାଜ୍ୟଗୁଡିକରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଏବଂ ରାଜ୍ୟ ସରକାରଙ୍କ ୪୦ ପ୍ରତିଶତ ଭାଗିଦାରୀ ରହିବ ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସାଧାରଣ ସଂପାଦକ ସ୍ମୃତିରଞ୍ଜନ ମିଶ୍ର ସଞ୍ଚାଳନ କରିଥିବାବେଳେ ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅଶୋକ ସାହୁ, ଉପସଭାପତି ସୁନୀଲ ଦ୍ୱିବେଦୀ, ଭାଗୀରଥି ଦଳାଇ, ଜିଲ୍ଲା ସଂପାଦକ ସ୍ୱାଧୀନ ମହାନ୍ତି, ନିତାଇ ଗୌର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୂ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

ବଣିଆ ଦୋକାନରେ ନିଆଁ

ବାଲେଶ୍ୱର, ୧୦।୧(ସମିସ): ବାଲେଶ୍ୱର ସହରର ନୂଆବଜାରସ୍ଥିତ ଏକ ବଣିଆ ଦୋକାନର ଗୋଦାମ ଘରେ ଆଜି ଅପରାହ୍ନରେ ନିଆଁ ଲାଗିଯାଇଛି । ଏହା ଫଳରେ ସେଠାରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ବେଳେ ଗୋଦାମ ମାଲିକ କେହି ନିଆଁ ଲଗାଇଦେଇଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ଖବର ପାଇ ଦୁଇଟି ଦମକଳ ବାହାନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ । ନୂଆବଜାର ଅଞ୍ଚଳର ସୁଧୀର କୁମାର ରାଜଙ୍କ ଏକ ବଣିଆ ଦୋକାନ ରହିଛି । ଏକ ଗୋଦାମ ଘର ମଧ୍ୟ ରହିଛି । ଆଜି ଅପରାହଣ ପାଖାପାଖି ୧ଟା୩୦ରେ ନୂଆବଜାର ସ୍ଥିତ ଉକ୍ତ ଗୋଦାମ ଘରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା । ଖବରପାଇ ଦୁଇଟି ଦମକଳ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲା । ହେଲେ ଗୋଦାମରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ଯାଇଥିବା ବେଳେ କିଛି ସାମଗ୍ରୀ ଉଦ୍ଧାର କରାଯାଇଛି । ସୁଧିରଙ୍କ ଝିଅ ସୋନାଲୀ ମହାପାତ୍ରଙ୍କ କହିବା ଅନୁସାରେ, ବାପାଙ୍କ ଦୋକାନର ଗୋଦାମ ଘର ଛାତଟି କିଛି ସ୍ଥାନରେ ଭାଙ୍ଗିଯାଇଥିଲା । ସେଠାରେ ଜରିପାଲ ଦିଆଯାଇଥିଲା । ହେଲେ ପାଖରେ ଏକ ହୋଟେଲର କେହି ଅଘଟଣ ଘଟାଇଥିବା କୁହାଯାଉଛି ।

ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ

ମାନ୍ୟତା ଓ ଅନୁଦାନ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବାଲେଶ୍ୱର, ୧୦।୧(ସମିସ)

ସହରର ରାଣୀପାଟଣାଠାରେ ଦି ୱେଲଫେୟାର ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ନିମନ୍ତେ ଏକ ଆବାସିକ ବିଦ୍ୟାଳୟ ବା ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟ ୨୦୦୨ ମସିହାଠାରୁ ଆରମ୍ଭ ହୋଇଛି । ତେବେ ଏଠାରେ ଥିବା କର୍ମଚାରୀ ମାନେ ନିୟମିତ ହୋଇପାରିନାହାଁନ୍ତି । ୬ ବର୍ଷରୁ ଅଧିକ ଦିନ କାମ କରିବା ପରେ ବି ବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ମିଳିବା ଯୋଗୁଁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ମାତ୍ର ଦୀର୍ଘ ବର୍ଷ ପରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଯାହାକୁ ନେଇ ବିଦ୍ୟାଳୟ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହୋଇଛି । ତେବେ ସରକାର କେବେ ଏହି ନିର୍ଦ୍ଦେଶନାମା ପାଳନ କରି ବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

ସୂଚନାଯୋଗ୍ୟ, ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ୨୬ କର୍ମଚାରୀଙ୍କ ମଧ୍ୟରୁ ୩ ଜଣ ଅବସର ଗ୍ରହଣ କରିଛନ୍ତି । ଏବେ ୨୩ ଜଣ କର୍ମଚାରୀ ରହିଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ ପିଲା ପାଠ ପଢୁଛନ୍ତି । ଏହି ବିଦ୍ୟାଳୟରେ ଦିବ୍ୟାଙ୍ଗ ତଥା ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦାନ ଦିଆଯାଉଥିବା ବେଳେ ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ ବିଦ୍ୟାଳୟକୁ ମାନ୍ୟତା ଓ ଅନୁଦାନ ପ୍ରଦାନ ନିମନ୍ତେ ୧୯୮୫ ମସିହା ଅନୁଦାନ ନିୟମାବଳୀ ଆଧାରରେ ୨୦୦୪ ମସିହା ସେପ୍ଟେମ୍ବର ତାରିଖ ପତ୍ର ସଂଖ୍ୟା ୧୮୦୯ ଓ ପତ୍ର ସଂଖ୍ୟା ୧୯୯୮ ୧୧/୮/୧୧ ତାରିଖରେ ସରକାରଙ୍କୁ ସୁପାରିସ କରିଥିଲେ । ମାତ୍ର ତତ୍କାଳୀନ ମହିଳା ଶିଶୁ ବିକାଶ ବିଭାଗ ଉକ୍ତ ସୁପାରିସକୁ କାର୍ଯ୍ୟକାରୀ ନକରିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ-୮୧୮୨/୧୨ ଆଧାରରେ ବିଦ୍ୟାଳୟକୁ ମାନ୍ୟତା ଓ ଅନୁଦାନ ପ୍ରଦାନ ନିମନ୍ତେ ଆବେଦନ କରିଥିଲେ । ଜିଲ୍ଲାପାଳଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ୧୬/୬/୧୨ ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ମାତ୍ର ୨୮/୮/୧୨ ରେ ଏହା କାର୍ଯ୍ୟକାରୀ ନହେବାରୁ ପୁଣି ଅନୁଷ୍ଠାନ ଆଉ ଏକ ରିଟ ଡବ୍ଲୁପିସି

ନିୟମିତ ହୋଇପାରିବେ କାର୍ଯ୍ୟରତ ଶିକ୍ଷକ, ଅଣଶିକ୍ଷକ

ନଂ -୨୨୭୭୫/୧୨ ଅନୁଯାୟୀ ହାଇକୋର୍ଟରେ ଆବେଦନ କରିଥିଲେ । ଯାହାକି ୨୬/୩/୧୪ ରେ ଉଚ୍ଚ ନ୍ୟାୟାଳୟ ୧୧/୮/୧୧ ଜିଲ୍ଲାପାଳଙ୍କ ସୁପାରିସକୁ କାର୍ଯ୍ୟକାରୀ କରି ଚାରି ମାସ ଭିତରେ ବିଦ୍ୟାଳୟକୁ ମାନ୍ୟତା ଓ ଅନୁଦାନ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କଲେ । ପରେ ଉଚ୍ଚ ନ୍ୟାୟାଳୟ ୧୪/୧୨/୧୫ରେ ତୁରନ୍ତ ଜିଲ୍ଲାପାଳଙ୍କ ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଉଚ୍ଚ ନ୍ୟାୟାଳୟର ଡବ୍ଲୁପିସି ନଂ -୨୨୭୭୫/୧୨ ୨୬/୩/୧୪ ରେ ଆଦେଶ ବିରୁଦ୍ଧରେ ଓଡ଼ିଶା ସରକାର ରିଭିଜନ ମୋ .ନ ୨୦୧/୧୪ ଅନୁଯାୟୀ ଉକ୍ତ ଆଦେଶକୁ ସମୀକ୍ଷା ପାଇଁ କରିଥିବା ଆବେଦନକୁ କୌଣସି ପୃଷ୍ଠଭୂମି ନ ଥିବାରୁ ୧୪/୧୨/୧୫ ରେ ଉଚ୍ଚ ନ୍ୟାୟାଳୟ ଖାରଜ କରିବା ସହିତ ୨୬/୩/୧୪ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ମାତ୍ର ଏହାସତ୍ତ୍ୱେ ବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରାଗଲା ନାହିଁ । ଇତି ମଧ୍ୟରେ ସ୍ୱତନ୍ତ୍ର ବିଦ୍ୟାଳୟ ଅନୁଦାନ ଓ ମାନ୍ୟତା ପ୍ରଦାନ ନିୟମାବଳୀ ୮/୧/୧୩ ରିଜୋଲ୍ୟୁସନ ନଂ ୫୩୨/୨୦୧୩ ଡବ୍ଲୁସିଡି ଅନୁଯାୟୀ ପରିବର୍ତ୍ତନ କରାଗଲା । ଫଳରେ ଉଚ୍ଚ ନ୍ୟାୟାଳୟରେ ଆଉ ଏକ ରିଟ ନଂ ୧୪୭୫୭/୧୬ ରେ ଆଗତ କରାଗଲା । ଗତ ୨୦୨୫ ଡିସେମ୍ବର ୨୫ରେ ଉଚ୍ଚ ନ୍ୟାୟାଳୟ ଉକ୍ତ ରିଟ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣୀ କରି ଉଚ୍ଚ ନ୍ୟାୟାଳୟ ଦି ୱେଲଫେୟାର ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟକୁ ଜିଲ୍ଲାପାଳଙ୍କ ୧୧/୮/୧୧ ସୁପାରିସ ଅନୁଯାୟୀ ୧୯୮୫ ମସିହା ନିୟମାବଳୀ ଧାରା ୨ ଉପଧାରା ୪ ଅନୁଯାୟୀ ମାନ୍ୟତା ପ୍ରଦାନ ସହ ଅନୁଦାନ ପ୍ରଦାନ କରିବା ପାଇଁ ୪ ମାସ ସମୟ ପ୍ରଦାନ କରିଛନ୍ତି । ଉକ୍ତ ମାନ୍ୟତା ପ୍ରାପ୍ତ ପରେ ଅନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ, ଅଣଶିକ୍ଷକ ମାନେ ନିୟମିତ ହେବାର ସୌଭାଗ୍ୟ ପାଇବା ସହ ବର୍ଦ୍ଧିତ ହାରରେ ଦରମା ପାଇବାକୁ ସକ୍ଷମ ହେବେ । ଉଚ୍ଚ ନ୍ୟାୟାଳୟର ଡିସେମ୍ବର ୧୫ ତାରିଖ ଆଦେଶନାମା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ସଚିବଙ୍କୁ ଡିସେମ୍ବର ୨୩ ତାରିଖରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରଦାନ କରାଯାଇଛି । ସରକାର କେବେ ଉକ୍ତ ନିର୍ଦ୍ଦେଶନାମା ପାଳନ କରୁଛନ୍ତି ତାହାକୁ ବିଦ୍ୟାଳୟ ସମେତ ସମସ୍ତ ବୁଦ୍ଧିଜୀବୀ ଅପେକ୍ଷାରେ ରହିଛନ୍ତି ।

ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ ସମାରୋହ

ବାଲେଶ୍ୱର, ୧୦।୧(ସମିସ): ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଅଧକ୍ଷା ଡ. ସୋନାଲିସା ମହାନ୍ତି ଶିକ୍ଷା, ରାଜନୀତି ବିଜ୍ଞାନ ଏବଂ ସମାଜ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷାବିତ ମାନଙ୍କ ପାଇଁ ଏକ ନୂତନ ପୁସ୍ତକ 'କଣ୍ଟେମ୍ପରାରୀ ଟ୍ରେଣ୍ଡସ ଇନ ଏଜୁକେସନ, ପଲିଟି ଆଣ୍ଡ ସୋସାଇଟି' ଉନ୍ମୋଚନ କରିଥିଲେ । ଏହି ସମାରୋହରେ ବିଭିନ୍ନ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଏହି ପୁସ୍ତକଟିକୁ ତିନିଜଣ ବିଶିଷ୍ଟ ଶିକ୍ଷାବିତ ଓ ଗବେଷକ ମିଳିତ ଭାବେ ରଚନା ସହ ସମ୍ପାଦନା କରିଛନ୍ତି । ସେମାନେ ହେଲେ ବାଲେଶ୍ୱର ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସନ୍ତୋଷ ରାଉତ, ଶିକ୍ଷାବିତ ପ୍ରମୋଦ ବେହେରା ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ବିଭାଗୀୟ ମୁଖ୍ୟ

ଡ. ରମାନାଥ ଦ୍ୱିବେଦୀ । ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରସ୍ଥିତ 'ରମଣଶିଳ ପବ୍ଲିକେସନ' ଦ୍ୱାରା ପ୍ରକାଶିତ ଏହି ପୁସ୍ତକଟି ଶୈକ୍ଷିକ ଓ ଗବେଷଣା ସ୍ତରରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ପୁସ୍ତକଟିରେ ସାମ୍ପ୍ରତିକ ସମୟର ଶିକ୍ଷା ବ୍ୟବସ୍ଥା, ଶାସନ ପ୍ରଣାଳୀ ଏବଂ ସମାଜରେ ପରିଲକ୍ଷିତ ହେଉଥିବା ବିଭିନ୍ନ ପରିବର୍ତ୍ତନ ଓ ଧାରା ବିଷୟରେ ଗଭୀର ଆଲୋକପାତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ପୁସ୍ତକଟି ପ୍ରକାଶ ପାଇବା ପୂର୍ବରୁ ଆମେରିକାର ପ୍ରତିଷ୍ଠିତ ଅନଲାଇନ ପ୍ଲାଟଫର୍ମ 'ସ୍ଲାଇଡସେୟାର'ରେ ପ୍ରାକ୍-ସମୀକ୍ଷା କରାଯାଇଥିଲା ଓ ପରବର୍ତ୍ତୀ ସମୟରେ ଏହା ଆମେରିକାର ସ୍କ୍ରାଇବ ପତ୍ରିକାରେ ପ୍ରକାଶିତ ହୋଇଛି, ଯାହା ଏହାର ବୌଦ୍ଧିକ ଗୁଣବତ୍ତାକୁ ପ୍ରମାଣିତ କରୁଛି । ଏହି ସଫଳତା ପାଇଁ ଓଡ଼ିଶାର ଶିକ୍ଷା ଜଗତରେ ତିନି ଲେଖକଙ୍କୁ ବେଶ ପ୍ରଶଂସା କରାଯାଉଛି ।

ମିଳିତ ନିଶା ନିବାରଣ ପକ୍ଷରୁ ବୈଠକ

ବାଲେଶ୍ୱର, ୧୦।୧(ସମିସ): ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ମାସିକ ବୈଠକ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗ ସ୍ଥିତ ଅଫିସ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦିକା ଗତ ମାସର ବିବରଣୀ ପାଠ କରିଥିଲେ । ତାଙ୍କର ସୂଚନା କ୍ରମେ ଏହି ସଭାରେ କିଛିଦିନ ପୂର୍ବରୁ ମଦ୍ୟପାନଜନିତ ମୃତ୍ୟୁ ଯୋଗୁଁ ସିଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମ ପୁରୁଷଶୂନ୍ୟ ହୋଇଯିବା ଖବର ପ୍ରକାଶିତ ହେବା ପରେ 'ମନା' ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଏହି ଗ୍ରାମରେ 'ମନା' ପକ୍ଷରୁ ଏକ ସଚେତନତା ଶିବିର ଆୟୋଜନ ସହ ଘଟଣା ବିଷୟରେ ସବିଶେଷ ବିବରଣୀ ଗ୍ରହଣ କରିବା ପାଇଁ ସିଦ୍ଧାନ୍ତ ନିଆଗଲା । ଏହାବ୍ୟତୀତ ବାଲେଶ୍ୱର ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ 'ମନା' ଅନ୍ୟ ସଂଗଠନମାନଙ୍କ ସହ ସହଯୋଗ କରିବ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଗଲା । ଏହି ସଭାରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ତ୍ରିଦିବ ନାୟକ, ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ପ୍ରଭାକର ସାହୁ (ଖ), ଭାରତୀ ପଣ୍ଡା, କଲ୍ୟାଣୀ ନନ୍ଦ, ବେଣୁଧର ସାହୁ, ରବିନାରାୟଣ ଭୋଳ, ଭାସ୍କର ଚନ୍ଦ୍ର ମିଶ୍ର, ସତୀନ୍ଦ୍ର ଦାସ, ଗଙ୍ଗାଧର ପୃଷ୍ଟି, ଦୟାନିଧି ମହାପାତ୍ର, ପ୍ରସନ୍ନ ପାଢ଼ୀ, ଡ. ଲକ୍ଷ୍ମଣ ଚନ୍ଦ୍ର ବିଶ୍ୱାଳ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅବନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

କଂଗ୍ରେସର ମିଶ୍ରଣ ପର୍ବ

ବାଲେଶ୍ୱର, ୧୦।୧(ସମିସ): ବାଲେଶ୍ୱର ସଦର କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ବଇଁଚା ପଞ୍ଚାୟତରୁ ଶତାଧିକ ବିଜେପି କର୍ମୀ କଂଗ୍ରେସ ରେ ସାମିଲ ହୋଇଛନ୍ତି । ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସରୋଜ ଲେଙ୍କାଙ୍କ ନେତୃତ୍ୱରେ ସମସ୍ତେ କଂଗ୍ରେସର ସଦସ୍ୟତା ଗ୍ରହଣ କରିଥିଲେ । ପୂର୍ବତନ ୱାର୍ଡ ସଭ୍ୟ ଜୟ କିଶୋର ତରେଇ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀ ଶ୍ରୀପତି ମାଝୀଙ୍କ ସମେତ ମୋଟ ୧୧୨ଜଣ କଂଗ୍ରେସର ହାତ ଧରିଛନ୍ତି । ଅନନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ଅନୁପ କୁମାର ସ୍ୱାଇଁ, ପ୍ରମୁଖ ଉପସ୍ଥିତ ରହି ନବାଗତ ମାନଙ୍କୁ ଦଳୀୟ ଉତ୍ତରୀ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ । ସଂଖ୍ୟାଲଘୁ କଂଗ୍ରେସ ନେତା ସେଖ ଅସଗର ଅଲ୍ଲି ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ସମିତି ସଭ୍ୟ ବିଜୟ ମାଝୀ ଧନ୍ୟବାଦ ଦେଇଥିଲେ ।

୧୦୮ ହନୁମାନ ଚାଳିଶା ମହାଯଜ୍ଞ

ବାଲେଶ୍ୱର, ୧୦।୧(ସମିସ): ବାଲେଶ୍ୱର ସହରର ଗାନ୍ଧୀ ସ୍ମୃତି ଭବନ ପରିସରରେ ୧୭ତମ ୧୦୮ ହନୁମାନ ଚାଳିଶା ନାମଯଜ୍ଞ କମିଟି ପକ୍ଷରୁ ଶ୍ରୀ ଶ୍ରୀ ହନୁମାନ ଚାଳିଶା ନାମଯଜ୍ଞ ସମ୍ପନ୍ନ ହୋଇଛି । ଏହି ଅବସରରେ ଶୁକ୍ରବାର ସକାଳେ ସ୍ଥାନୀୟ ଝାଡେଶ୍ୱର ମହାଦେବଙ୍କ ମନ୍ଦିର ପୁଷ୍କରିଣୀରୁ ଘଟୋତ୍ତଳନ ସହ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବେଦଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ଶ୍ରୀ ଶ୍ରୀ ହନୁମାନଜୀଙ୍କ ଶୋଡ଼ଷ ଉପଚାର ପୂଜାନୀତି ଅନୁଷ୍ଠିତ ହୋଇଥିଲା । ହନୁମାନ ଚାଳିଶା କମିଟିର ଆବାହକ ଅନ୍ତର୍ଯ୍ୟାମୀ ପ୍ରଧାନ, ଅନୀଲ ଦାସ, ରବୀନ୍ଦ୍ର ନାଥ ବେହେରା, ଅଭୟ ଦାସ, ଶୀଲାବତୀ ଘୋଷାଲ, ଡମ୍ବୁରୁଧର ରାଉତ, ଡମ୍ବୁରୁ ରାଉତ, ଜଗନ୍ନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବିଦ୍ୟାଳୟସ୍ତରୀୟ ଭାରତ ସ୍କାଉଟ୍ସ୍ ଏବଂ ଗାଇଡ୍ସ୍ କ୍ୟାମ୍ପୋରୀ ଉଦ୍‌ଘାଟିତ

ବାଲେଶ୍ୱର, ୧୦।୧(ସମିସ): ପବ୍ଲିକ ହାଇସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ତଥା ବାଲେଶ୍ୱର ଜିଲ୍ଲା ଭାରତ ସ୍କାଉଟସ୍

ଏବଂ ଗାଇଡସ୍ ସଂଗଠନର ମିଳିତ ଆୟୋଜନରେ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କ୍ୟାମ୍ପୋରୀ ଉଦଘାଟିତ ହୋଇଯାଇଛି । ୧୦, ୧୧, ୧୨ ତିନିଦିନ ଧରି ହେବାକୁ ଥିବା ଏହି କ୍ୟାମ୍ପୋରୀରେ ଜିଲ୍ଲାର ୧୪୮ ଟି ସ୍କୁଲରୁ ୭୩୦ ଜଣ ସ୍କାଉଟସ୍ ଏବଂ ଗାଇଡସ୍, ୧୪୮ ଜଣ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ସମୁଦାୟ ୮୭୮ ଜଣ ଅଂଶଗ୍ରହଣ କରିଛନ୍ତି । ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଜ୍ଞେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନୀଳଗିରି ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ଯୋଗଦେଇ କହିଥିଲେ, ୟୁନିଫର୍ମ ଏକ ବିଶ୍ୱାସ, ଏକ ଦାୟିତ୍ୱ । ଏହାର ମର୍ଯ୍ୟାଦା ରକ୍ଷା କରିବା ଆମର କର୍ତ୍ତବ୍ୟ । ରାଜ୍ୟ ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ, ଜିଲ୍ଲା ସ୍କାଉଟ୍ କମିଶନର ପ୍ରଦୀପ ଦାସ, ଜିଲ୍ଲା ଗାଇଡ କମିଶନର ସୁମତି ମଣ୍ଡଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ସ୍କାଉଟସ୍ ଏବଂ ଗାଇଡସ୍ ସମ୍ପାଦକ ଚନ୍ଦ୍ରକାନ୍ତ ଘଡ଼ାଇ ବାର୍ଷିକ ବିବରଣୀ ପାଠ କରିଥଲେ । ସିନିୟର୍ ସ୍କାଉଟ୍ ମାଷ୍ଟର ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ ।

ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର, ୧୦।୧(ସମିସ): ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲର ବାର୍ଷିକ କ୍ରୀଡା ଦିବସ ଚାନ୍ଦମାରି ପଡ଼ିଆରେ ଆୟୋଜିତ ହୋଇଥିଲା । ନର୍ସରୀ, ଏଲ୍‌କେଜି, ୟୁକେଜି, ଶ୍ରେଣୀ ୧ଠାରୁ ୫ ଏବଂ ଶ୍ରେଣୀ୬ ଠାରୁ ୧୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ଗୋଷ୍ଠୀରେ ବିଭକ୍ତ ହୋଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଲେମନ୍ ସ୍ପୁନ୍ ରେସ୍, ସ୍ୟାକ୍ ରେସ୍, ୫୦ ମିଟର, ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ସଟ୍ ପୁଟ୍, ଡିସ୍କସ୍ ଥ୍ରୋ, ସ୍କିପିଂ, ଫ୍ରଗ୍ ଜମ୍ପ, ମ୍ୟୁଜିକ୍ ଚେୟାର ଓ କ୍ୱିକ୍ ମାଥ୍ସ୍ ରେସ୍ ପରି ଆକର୍ଷଣୀୟ ଇଭେଣ୍ଟ ଆୟୋଜିତ ହୋଇଥିଲା । ଶିକ୍ଷକ ଓ କର୍ମଚାରୀମାନେ ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ଭୂମିକା ନିଭାଇଥିଲେ । କ୍ରୀଡାବିତ୍ ରାମ ପ୍ରକାଶ ପାଣ୍ଡେ , ପିଲାମାନଙ୍କୁ ଶୃଙ୍ଖଳାର ସହିତ ଖେଳିବାରେ ଆଜି ଅନନ୍ୟ ଭୂମିକା ନିଭାଇ ଥିଲେ ।

ପୂର୍ବୋତ୍ତର ସମ୍ଭାଗ ୧୩ତମ ଖେଳକୁଦ ସମାରୋହ ଉଦ୍‌ଘାଟିତ

ବାଲେଶ୍ୱର, ୧୦।୧(ସମିସ): ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବୋତ୍ତର ସମ୍ଭାଗସ୍ତରୀୟ ୧୩ତମ ଖେଳକୁଦ ସମାରୋହ ସହରର ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ସେବା ନିବୃତ ସେନା ଅଧିକାରୀ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଖେଳକୁଦ ସମାରୋହର ଆରମ୍ଭ ନେଇ ଘୋଷଣା କରିଥିଲେ । ଶିକ୍ଷା ବିକାଶ ସମିତିର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ ଏଥିରେ ସ୍ୱାଗତ ଭାଷଣ ପ୍ରଦାନ ସହିତ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବୋତ୍ତର ସମ୍ଭାଗ ସଦସ୍ୟା ସୌନ୍ଦର୍ଯ୍ୟ ଲକ୍ଷ୍ମୀ ମହାନ୍ତି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ପୂର୍ଣ୍ଣ ବିକାଶରେ କ୍ରୀଡ଼ାର ମହତ୍ୱ ସହିତ ବିଦ୍ୟା ଭାରତୀର ପାଞ୍ଚ ଆଧାରଭୂତ ବିଷୟ ସମ୍ବନ୍ଧରେ କ୍ରୀଡା ପ୍ରତିଯୋଗୀମାନଙ୍କୁ ବୁଝାଇଥିଲେ । ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସମିତି ସଭାପତି ଭବେନ୍ଦ୍ର କୁମାର ରାଉତ ଉଦଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ମିନତିରାଣୀ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶିକ୍ଷା ବିକାଶ ସମିତିର ପୂର୍ବୋତ୍ତର ସମ୍ଭାଗର ଅନ୍ୟତମ ସଦସ୍ୟା ଜେମାମଣି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଖେଳକୁଦ ସମାରୋହରେ ପୂର୍ବୋତ୍ତର ସମ୍ଭାଗ ଅନ୍ତର୍ଗତ ୧୦ଟି ସଂକୁଳର ୨୨୫ଜଣ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ଏହାକୁ ୨୫ଜଣ ପରିଚାଳକ ପରିଚାଳନା କରୁଛନ୍ତି ।

ବ୍ରାଉନସୁଗର ଜବତ ବେଳେ ପୁଲିସକୁ ପଥର ମାଡ଼ ଘଟଣା

ପୁଲିସର ଅତର୍କିତ ଚଢ଼ଉ, ୧୦ ମହିଳା ଗିରଫ

ବାଲେଶ୍ୱର, ୧୦।୧(ସମିସ)

ବାଲେଶ୍ୱରର ଅରଡବଜାର ଅଞ୍ଚଳ ବ୍ରାଉନସୁଗର କାରବାରର ପେଣ୍ଠସ୍ଥଳୀ ପାଲଟିଛି । ଏଠାରେ ବାରମ୍ବାର ଚଢ଼ଉ ସତ୍ତ୍ୱେ ବ୍ରାଉନସୁଗର କାରବାର କମିବା ବଦଳରେ ବଢ଼ିଚାଲିଛି । ଗତ ଶୁକ୍ରବାର ଦିନ ପୁଲିସ ଅରଡବଜାର ଅଞ୍ଚଳରୁ ୬୮ଗ୍ରାମର ବ୍ରାଉନସୁଗର ଜବତ କରିବା ସହ ଦୁଇଜଣକୁ ଗିରଫ କରିଥିଲା । ପୁଲିସ ଚଢ଼ଉ କରିବାକୁ ଉକ୍ତ ଅଞ୍ଚଳକୁ ଯାଇଥିବେଳେ ପୁଲିସ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ସେମାନେ ପୁଲିସ ଉପରକୁ ଆକ୍ରମଣ କରିବାକୁ ମଧ୍ୟ ପଛାଇ ନ ଥିଲେ । ପୁଲିସ ଉପରକୁ ଢ଼େଲାପଥର ମାଡ କରିଥିଲେ । ପୁଲିସ ଉପରକୁ ଆକ୍ରମଣ କରିବା ଘଟଣାରେ ସହଦେବଖୁଣ୍ଟା ଥାନାରେ

ଏକ ମାମଲା ରୁଜୁ ହୋଇଥିଲା । ତେବେ ଏହି ମାମଲା ଉପରେ ଆଜି ପୁଲିସ ଆକ୍ସନ ନେଇଛି । ଆଜି ସକାଳେ ସହଦେବଖୁଣ୍ଟା ପୁଲିସର ଏକ ଟିମ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା । ଏହି ଚଢ଼ାଉ ବେଳେ ପୁଲିସ ଆକ୍ରମଣକାରୀଙ୍କୁ ଖୋଜିଥିଲା । ପୁଲିସକୁ ଦେଖି ସ୍ଥାନୀୟ ଲୋକେ ଛତ୍ରଭଙ୍ଗ ଦେଇଥିବା ବେଳେ ପୁଲିସ ଗୋଡେଇ ଗୋଡେଇ ପାଖାପାଖି ୩୦ରୁ ଅଧିକ ମହିଳାଙ୍କୁ ଅଟକ ରଖିଥିଲା । ଏହି ଘଟଣାରେ ଉଠାଇଥିବା କିଛି ମହିଳାଙ୍କର ଛୋଟ ପିଲାଥିବା ବେଳେ କିଛି ଅନ୍ୟ କାରଣ ପାଇଁ ପାଖାପାଖି ୨୦ରୁ ଅଧିକ ମହିଳାଙ୍କୁ ନୋଟିସ ଦେଇ ଛଡା ଯାଇଛି । ଅନ୍ୟପଟେ ୧୦ଜଣ ଆକ୍ରମଣକାରୀ ମହିଳାଙ୍କୁ ପୁଲିସ ଗିରଫ କରିଛି ବୋଲି ସହଦେବଖୁଣ୍ଟା ଥାନା ଅଧିକାରୀ ବିରଞ୍ଚି ସାହୁ ସୂଚନା ଦେଇଛନ୍ତି । ପୁଲିସକୁ ଆକ୍ରମଣ କରି ଗିରଫ ହୋଇଥିବା ମହିଳାମାନେ ହେଲେ ଗଳାପୋଲ ଅଞ୍ଚଳର ରାସିଦା ବିବି(୪୫), ଆଶୀୟା ବିବି(୫୦), ସାହିଦା ବିବି(୩୮), କୋହିନୂର ବେଗ୍ମ(୭୦), ମାର୍ଜିନା ବିବି(୨୮), ସୁବେରା ବେଗ୍ମ(୪୮), ଆମାତୁନ ବିବି(୫୦), ସାମିନା ବିବି(୪୫), ହୁରଜାହାନ ବେଗ୍ମ(୪୦) ଏବଂ ସାରିନା ବିବି(୪୫) ।

ଏ ନେଇ ସିଟି ଡିଏସପି ନିର୍ମାଳା ଗୋଛାୟତଙ୍କ କହିବା ଅନୁସାରେ, ଗତକାଲି ଏଠାରେ ଏକ ବ୍ରାଉନସୁଗାର ଜବତ ପାଇଁ ଚଢ଼ଉ ହେଉଥିଲା । ଏହି ସମୟରେ ସ୍ଥାନୀୟ ମହିଳାମାନେ ପୁଲିସ ଉପରକୁ ଟେକା ପଥର ପକାଇବା ସହ ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ବ୍ରାଉନସୁଗର ଚଢ଼ାଉ ବେଳେ ଦୋଷୀକୁ ଖସାଇ ନେବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ ବୋଲି କହିଛନ୍ତି ।

ଜନବିରୋଧୀ ନୀତିକୁ କଟକ ନଗର କଂଗ୍ରେସର ସମାଲୋଚନା

କଟକ,୧୦ ।୧(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଏହାକୁ ସମ୍ପୂର୍ଣ୍ଣ 'ଜନବିରୋଧୀ' ବୋଲି ନଗର କଂଗ୍ରେସ ପକ୍ଷରୁ ଅଭିହିତ କରାଯାଇଛି । ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ନଗର ସଭାପତି ଗିରିବାଳା ବେହେରା ଓ ଅନ୍ୟ ନେତୃବୃନ୍ଦ ଗରିବ ଲୋକଙ୍କ ଜୀବିକାର ପ୍ରମୁଖ ମାଧ୍ୟମ ସାଜିଥିବା 'ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା'କୁ ଯୋଜନାବଦ୍ଧ ଭାବେ ଉଚ୍ଛେଦ କରାଯିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି । ସେହିପରି ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ସେ ଅଭିଯୋଗ କରିଛନ୍ତି । ମଣ୍ଡିଗୁଡ଼ିକରେ ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖକୁ ସୁଫଳ ପହଞ୍ଚି ପାରୁନାହିଁ । ଟାଟା ପାୱାର ନିଜର ମନମାନି ଚଳାଇ ଖାଉଟିମାନଙ୍କୁ ଶୋଷଣ କରୁଛି । ବିନା ସୂଚନାରେ ବିଦ୍ୟୁତ କାଟ ଏବଂ ଆଖିବୁଜା ବିଲ୍ ଦ୍ୱାରା ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି । ଅତିରିକ୍ତ ଜମା ରାଶି ମାଧ୍ୟମରେ ଲୋକଙ୍କୁ ଲୁଟ କରାଯାଉଛି । ସରକାରୀ ସ୍ତରରେ ବିଭିନ୍ନ ମାଧ୍ୟମରେ ସରକାର ବିରୋଧୀ ଭୋଟ୍‌କୁ କାଟିଦେବା । କର୍ପୋରେଟର ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପସାୟତ ଓ ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା କମଲେସ ସାଗର, ଗୌରୀ ଦାସ, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ପ୍ରଭାତୀ ପଟ୍ଟନାୟକ, ଅନିତା ବେହେରା, ମାମାନି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

୧୪ରେ ମକର ସଂକ୍ରାନ୍ତି: ପୁଲିସ ଗଢ଼ିଲା ସ୍ୱତନ୍ତ୍ର ସ୍କ୍ୱାଡ

ନିଷିଦ୍ଧ ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇଲେ ଗିରଫ କରିବ ପୁଲିସ

କଟକ,୧୦ ।୧(ସମିସ):



ଥାନାୱାରୀ ସଚେତନ କରୁଛି କମିସନରେଟ୍ ପୁଲିସ

ସହରରେ ଚଢ଼ଉ ଜାରି ରହିବ: ପୁଲିସ କମିସନର

ମକରସଂକ୍ରାନ୍ତି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡ଼ା ପ୍ରତିଯୋଗିତା । କଟକ ସହରର ବିଭିନ୍ନ ଅଞ୍ଚଳରେ ଗୁଡ଼ି ଉଡ଼ାଇବା ଜୋରଦାର କରାଯିବ । ଏଠାରେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡାନ୍ତି । ପୂର୍ବବର୍ଷ ବର୍ଷଗୁଡ଼ିକରେ ଏହି ଗୁଡ଼ି ଉଡ଼ା ଯୋଗୁଁ ଅନେକ ଅଘଟଣ ଘଟିଛି । କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି । ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦସଙ୍କୁଳ ସ୍ଥାନରେ ଗୁଡ଼ି ଉଡାଇବାକୁ ବାରଣ କରାଯାଇଛି । ଆସନ୍ତାକାଲିଠାରୁ ପୁଣି ଥରେ ସହରର ଗୁଡି ଦୋକାନଗୁଡ଼ିକରେ ଚଢଉ କରାଯିବ ଏବଂ କଟକ ସହରରେ ଏହି ଚଢ଼ଉ ଜାରି ରହିବ ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି । ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ୍ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ସିପି ଶ୍ରୀ ସିଂ କହିଛନ୍ତି । ଯେଉଁମାନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦସଙ୍କୁଳ ସ୍ଥାନରେ ଗୁଡି ଉଡ଼ାଇବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏଠାରେ ସୂଚନାଯୋଗ୍ୟ, ଆଉ ମାତ୍ର ୩ ଦିନ ପରେ ମକରସଂକ୍ରାନ୍ତି ପାଳନ ହେବାକୁ ଥିବା ବେଳେ ଏବେଠାରୁ ସହରରେ ମାଳ ମାଳ ଗୁଡି ଉଡ଼ା ଆରମ୍ଭ ହେଲାଣି । ଏପରିକି ଗୁଡି ଉଡା ଲାଗି ମାଞ୍ଜା ସୂତା ଉପରେ ସମ୍ପୂର୍ଣ୍ଣ ଭାବେ କଟକଣା ରହିଛି । ତଥାପି ଏହି ବିପଦଜନକ ମାଞ୍ଜା ସୂତାର ବ୍ୟବହାର ଯୋଗୁ ଅନେକ ଲୋକଙ୍କ ପାଇଁ ଏହା ବିପଦ ଆଣୁଛି । ବହୁ ଲୋକେ ଛାତ ଉପରେ କିମ୍ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଛିଡା ହୋଇ ଗୁଡି ଉଡ଼ାଇଥାନ୍ତି । ଏପରିକି ଗୁଡି ଉଡାଇବା ଲାଗି ପ୍ରତିଯୋଗିତା ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥାଏ । ଗୁଡି ଉଡାଇବା ବେଳେ ପ୍ରତିପକ୍ଷର ଗୁଡି ସୂତାକୁ କିପରି କଟାଯିବ ଏହା ଉପରେ ଗୁରୁତ୍ୱ ଦେଇଥାନ୍ତି । ତେଣୁ ମାଞ୍ଜା ସୂତା ଅଧିକ ଶକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଇଥାଏ । ଏହି ସୂତାରେ କ୍ଷତିକାରକ କାଚଗୁଣ୍ଡ ଓ ପ୍ଲାଷ୍ଟିକ୍‌ର ଆବରଣ ରହିଥାଏ । ଯାହା ଅନ୍ୟ ଗୁଡି ସୂତାକୁ କାଟିବାରେ ସହାୟକ ହୋଇଥାଏ । ତେବେ ପ୍ରତିଯୋଗିତା ବେଳେ ଗୁଡି ସୂତା କଟିଯାଉଥିବା ବେଳେ ଏହି ସୂତା ଘର, ଗଛ କିମ୍ବା ରାସ୍ତାର ବିଭନ୍ନ ସ୍ଥାନରେ ଖେଳେଇ ହୋଇ ପଡିଥାଏ । ଫଳରେ ଜନସାଧାରଣଙ୍କ ଦେହରେ ଏହି ସୁତା ଗୁଡାଇ ହୋଇ କ୍ଷତି ପହଞ୍ଚାଇଥାଏ । ଏପରିକି ବିପଦଜନକ ମାଞ୍ଜାସୂତା ବେକରେ ଓ ହାତରେ ଗୁଡ଼ାଇ ହୋଇ କ୍ଷତ ସୃଷ୍ଟି କରିଥାଏ । ଅତୀତରେ ମାଞ୍ଜା ସୂତା ବେକରେ ଗୁଡ଼ାଇ ହୋଇ ଲୋକଙ୍କ ମୃତ୍ୟୁ ଘଟିଥିବା ନଜିର୍ ରହିଛି । ତେଣୁ ସିଏମ୍‌ସି, ପୁଲିସ ଓ ପ୍ରଶାସନ ଏବେଠାରୁ ମାଞ୍ଜା ସୂତାକୁ ନିଷିଦ୍ଧ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ପୂର୍ବବର୍ଷ ଗୁଡ଼ିକରେ ପଶ୍ଚିମବଙ୍ଗ ଅଞ୍ଚଳରୁ ମାଞ୍ଜା ସୂତା ଅଣାଯାଇ କଟକର ଚୌଧୁରୀବଜାର ସମେତ କେତେକ ସ୍ଥାନରେ ଏହା ବିକ୍ରି କରାଯାଉଥିବା ଦେଖିବାକୁ ମିଳିଥିଲା । ଏପରିକି ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୂତା ବିକ୍ରି କରାଯାଉଛି । ହେଲେ ଚଳିତ ବର୍ଷ ଏହି କଟକଣାକୁ କଡାକଡି କରାଯାଉଛି । ପ୍ରତ୍ୟେକ ଥାନାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଞ୍ଜା ସୂତା, ଗୁଡି ଏବଂ ନଟେଇ ଜବତ କରିବା ନିମନ୍ତେ କୁହାଯାଇଛି ।

ଅନ୍ୟପକ୍ଷରେ ୨୦୧୬ ମସିହାରେ ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଞ୍ଜା ସୂତାର ବ୍ୟବହାର ଓ ଗୁଡି ଉଡା ଉପରେ କଟକଣା ଲଗାଯାଇଥିଲା । ମାଞ୍ଜା ସୂତାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରାଯାଇଥିଲା । ଏହି ସୂତା ବିକ୍ରି କଲେ କିମ୍ବା ଗୁଡିରେ ବ୍ୟବହାର କଲେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ନିୟମ ହୋଇଥିଲା । ଏପରିକି ଜନଗହଳି ପୂର୍ଣ୍ଣ ସ୍ଥାନ କିମ୍ବା ଘରର ଛାତ ଉପରେ ଗୁଡି ଉଡ଼ା ଉପରେ କଟକଣା ଜାରି କରାଯାଇଥିଲା । ଛାତ ଉପରେ କିମ୍ବା ରାସ୍ତାରେ ଛିଡା ହୋଇ ଗୁଡି ଉଡାଇଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ଖେଳପଡିଆ, ନଦୀବାଲି କିମ୍ବା ଫାଙ୍କା ସ୍ଥାନରେ କଟନ ସୂତା ବ୍ୟବହାର କରି ଗୁଡି ଉଡାଇବାକୁ ଅଦାଲତ ଗୁରୁତ୍ୱାରୋପ କରିଥିଲେ । ମାତ୍ର ଅଦାଲତଙ୍କ ଏହି ନିର୍ଦ୍ଦେଶନାମା ଠିକ୍ ଭାବେ ପାଳନ କରାଯାଉ ନାହିଁ । ବହୁ ବ୍ୟବସାୟୀ ମାଞ୍ଜା ସୂତା ଅବାଧରେ ବିକ୍ରି କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।

ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କୁ ଶୋକାଞ୍ଜଳି

କଟକ,୧୦ ।୧(ସମିସ): ସାମ୍ବାଦିକା ଶୀଳା ପଟ୍ଟନାୟକଙ୍କ ସ୍ମୃତିରେ ଏକ ଶୋକସଭାରେ କଟକର ଇଲେକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆର ପ୍ରତିନିଧି ବାଲିଯାତ୍ରା ପଡ଼ିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଛନ୍ତି । ଏହାସହ ରାଜ୍ୟ ସରକାର ଶୀଳାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବା ପାଇଁ କଟକର ସାମ୍ବାଦିକମାନେ ଦାବି କରିଛନ୍ତି । ଏହି ଅବସରରେ ଶୀଳାଙ୍କ ସ୍ମୃତିରେ ସାମ୍ବାଦିକା ଶୀଳା ପଟ୍ଟନାୟକ ସ୍ମୃତି ସମ୍ମାନ ଆରମ୍ଭ କରିବା ପାଇଁ କଟକର ସାମ୍ବାଦିକମାନେ ନିଷ୍ପତ୍ତି ନେଇଛନ୍ତି । ପ୍ରତିବର୍ଷ ଜାନୁଆରୀ ୬ତାରିଖରେ ଶୀଳାଙ୍କ ସ୍ମୃତିରେ କଟକରେ ଏକ କାର୍ଯ୍ୟକ୍ରମ ଆୟୋଜନ କରି ରାଜ୍ୟର ଜଣେ ପ୍ରତିଭାବାନ ମହିଳା ସାମ୍ବାଦିକଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ଦେବା ପାଇଁ ଏହି ସ୍ମୃତି ସଭାରେ ସ୍ଥିର କରାଯାଇଛି । ସ୍ମୃତିସଭାରେ ସାମ୍ବାଦିକ ଦୀପକ ଷଡ଼ଙ୍ଗୀ, ଅଜୟ ଦାସ, ପ୍ରଫୁଲ୍ଲ ମହାନ୍ତି, ନଭେସ ମହାନ୍ତି, ଭରତ ମହାରଣା, ଦେବୀପ୍ରସାଦ ମହାନ୍ତି, ଦିପେସ ମହାପାତ୍ର, ଜୟ ମହାନ୍ତି, ନାରାୟଣ ସିହ୍ନା, ନୟରଣ ସାହୁ, ଜିତେନ୍ଦ୍ର କୁମାର, ଦେବାଶିଷ ମହାନ୍ତି , ଆରିତ୍ ମହାପାତ୍ର, ବିଶ୍ୱଜିତ୍ ମହାନ୍ତି, ପ୍ରବୀଣ ପ୍ରଧାନ, ମନୋଜ ସ୍ୱାଇଁ, ପ୍ରଦୀପ୍ତ ବେହେରା, ଦେବବ୍ରତ ସ୍ୱାଇଁ, ଲଳିତ ଦାସ, ସ୍ୱୟଂ ମହାନ୍ତି, ପ୍ରମୋଦ ସାମନ୍ତରାୟ, ଜୟଦେବ ପାଣି, ଶୁଭ୍ରାଂଶୁ ମହାରଣା, ପ୍ରଭାତ ବିଶୋଇ ଜଗନ୍ନାଥ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

■ ଜିଲ୍ଲାରେ ଧାନ ସଂଗ୍ରହରେ ଅବ୍ୟବସ୍ଥା

ଅଖାରେ ସାଢ଼େ ୩୭ କିଲୋ ଧାନ ଭର୍ତ୍ତି ନେଇ ଚାଷୀ ଅସନ୍ତୋଷ

କଟକ,୧୦ ।୧(ସମିସ): କଟକ ଜିଲ୍ଲାରେ ଧାନ ସଂଗ୍ରହରେ ଦେଖାଦେଇଛି ବ୍ୟାପକ ଅବ୍ୟବସ୍ଥା । ସରକାରୀ ନିଷ୍ପତ୍ତି ମୁତାବକ ଡିସେମ୍ବର ୨ୟ ସପ୍ତାହରେ ସେବା ସମବାୟ ସମିତିଗୁଡିକରେ ମଣ୍ଡି ଖୋଲାଯିବାର ନିଷ୍ପତ୍ତି ହୋଇଥିଲା; ହେଲେ ଆଜି ସୁଦ୍ଧା ହାତଗଣତି ମଣ୍ଡି କାର୍ଯ୍ୟକ୍ଷମ ହୋଇଥିଲା ବେଳେ ବାକି ମଣ୍ଡି ହୋଇପାରିଲା ନାହିଁ । ଫଳରେ ଚାଷୀମାନେ ଅଭାବୀ ବିକ୍ରି ଆରମ୍ଭ କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ଓଡିଶା କୃଷକ ସଭା, କଟକ ଜିଲ୍ଲା କମିଟି ଅଭିଯୋଗ କରିଛି । ଚାଷୀଙ୍କୁ ଝୋଟ ଅଖାରେ ୩୭ କିଲୋ ୫୦୦ ଓଜନର ଧାନ ଆଣିବାକୁ ସମିତିଗୁଡିକ ପକ୍ଷରୁ କୁହାଯିବା ନେଇ ଚାଷୀ କ୍ଷୁବ୍ଧ ହୋଇଛନ୍ତି । ଧାନ ବସ୍ତା ଗୁଡିକରେ ୩୭କିଲୋ ୫୦୦ଗ୍ରାମ ଧାନ ଭର୍ତ୍ତି କରିକରି ଆଣିବାକୁ ଯେଉଁ କଥା ସମିତିଗୁଡିକ ତରଫରୁ କୁହାଯାଉଛି, ତାହା ଅବାସ୍ତବ ଅଟେ । ଜିଲ୍ଲା ସଭାପତି ବିଷ୍ଣୁ ବେହେରା, ସମ୍ପାଦକ, ଡମ୍ବୁରୁଧର ସାହୁ, ଟାଙ୍ଗୀ ବ୍ଲକ ସଭାପତି ରମେଶ ବେହେରାଙ୍କ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବି କରିଛନ୍ତି । ମଣ୍ଡିରେ ବସିବା ଓ ପାନୀୟଜଳର ବ୍ୟବସ୍ଥା କରାଯିବା, ମିଲରମାନେ ମନମୁଖୀ ଭାବେ ଧାନ କାଟିବା ବନ୍ଦ କରିବା ଓ ପ୍ରତି ମଣ୍ଡିରେ ସପ୍ତାହକୁ ଦୁଇ ଦିନ ଧାନ ସଂଗ୍ରହ ପାଇଁ ଦାବି ହୋଇଛି ।

ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

କଟକ,୧୦ ।୧(ସମିସ): କଟକ ମହାବିଦ୍ୟାଳୟର କର୍ମଚାରୀ ତଥା ନିୟମିତ ରକ୍ତଦାତା ଭାବେ ପରିଚିତ ନାରାୟଣ ମହାରଣା ରକ୍ତଦାନ କରି ଅନେକେ ଅମୂଲ୍ୟ ଜୀବନ ରକ୍ଷାରେ ସହାୟକ ହୋଇଛନ୍ତି । କଟକ କଲେଜରେ ଆୟୋଜିତ ରକ୍ତଦାନ ଶିବିରରେ କଲେଜ ରେଡକ୍ରସ୍ ପକ୍ଷରୁ ଅଧ୍ୟକ୍ଷା ଡକ୍ଟର ଶୁଭଦର୍ଶିନୀ ମହାନ୍ତି ଶ୍ରୀ ମହାରଣାଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ରେଡକ୍ରସ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରଘୁନାଥ ବେହୁରା, ସୁରପ୍ରସାଦ ତ୍ରିପାଠୀ, ଡକ୍ଟର ରୁନୁବାଳା ମହାରଣା, ରେଡକ୍ରସ୍ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର, ଅଧ୍ୟାପିକା ଡକ୍ଟର ବନ୍ଦନା ସ୍ୱାଇଁ, ଅଧ୍ୟାପକ ଡକ୍ଟର ଦେବେନ୍ଦ୍ର ଓଝା, ଅଧ୍ୟାପକ ମଣ୍ଟୁ ଜେନା, ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ ।

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କର ଜୟନ୍ତୀ

କଟକ,୧୦ ।୧(ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କର ୬୮ତମ ଜୟନ୍ତୀ ସମୀର ଦେ ମେମୋରିଆଲ ଟ୍ରଷ୍ଟ ତରଫରୁ ପାଳିତ ହୋଇଯାଇଛି । ସେକ୍ଟର-୧୦ସ୍ଥିତ ସମୀର ଦେ ପାର୍କରେ ମାଲ୍ୟାର୍ପଣ ସହିତ ସ୍ମୃତିସଭା କରାଯାଇଥିଲା । ସହରର ବହୁ ବିଶିଷ୍ଟ ନେତା ଓ ମୁରବୀ ସମୀର ଦେଙ୍କର ସ୍ମୃତିଚାରଣ କରିବା ସହିତ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ମଧ୍ୟାହ୍ନରେ ବିଡାନାସୀସ୍ଥିତ ଏକ ମହିଳା ଆଶ୍ରମରେ ଅନ୍ତେବାସୀଙ୍କୁ ଭୋଜନ ସହ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଦେଙ୍କର ଧର୍ମପତ୍ନୀ ଡକ୍ଟର ଦୀପିକା ଦଉରାୟ ଏବଂ କନ୍ୟା ଡକ୍ଟର ଶିଳ୍ପୀ ଦେଙ୍କ ସମେତ ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଯ୍ୟୋଧନ ଲେଙ୍କା, ସଜ୍ଜନ ଶର୍ମା, ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଜ୍ୟୋତିପ୍ରକାଶ ଘୋଷ, ରଜନୀ ଦାସ, ନରେଶ ସାହୁ, ଦେବାଶିଷ ଘୋଷ, ଲଲାଟେନ୍ଦୁ ବଡୁ, ଆଡଭୋକେଟ ସଉରିଚନ୍ଦ୍ର ମହାପାତ୍ର, ମହମ୍ମଦ ମୋକିମ୍, ଦୀପକ ମହାନ୍ତି, ଦେବବ୍ରତ ଦଉରାୟ, ଭବାନୀ ମିଶ୍ର, ଇନ୍ଦ୍ରଜିତ୍ ସେନଗୁପ୍ତ, ୱାର୍ଡ ନମ୍ବର ୩ ବିଜେପି ନେତା ଦେବାଶିଷ ସାମନ୍ତରାୟ, ସୁରଜିତ ଦେ ପ୍ରମୁଖ ଯୋଗଦେଇଥିଲେ ।

ସେହିଭଳି ଭାରତମାତା ପୂଜନ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସମୀର ଦେ'ଙ୍କ ଜନ୍ମ-ଜୟନ୍ତୀ ପାଳନ କରାଯାଇଛି । ରିଂ-ରୋଡ ସିଡିଏସ୍ଥିତ ଭାରତମାତା ମନ୍ଦିର ପରିସରରେ ସ୍ଥାପିତ କରାଯାଇଥିବା ସ୍ୱର୍ଗତଃ ଦେ'ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତଃ ଦେ'ଙ୍କ ଧର୍ମପତ୍ନୀ ଡା. ଦୀପିକା ଦଉରାୟ, ପୂଜନ ସମିତିର ସଭାପତି ଭିକାରୀ ଦାସ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସମେତ କଟକ ମହାନଗର ଶାନ୍ତି କମିଟି ସଭାପତି ତଥା ୭୨ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପକୁମାର ସିହ୍ନା, ଉପସଭାପତି ତାପସକୁମାର ପ୍ରହରାଜ ଓ ରବୀନ୍ଦ୍ରକୁମାର ବେହେରା, ୨୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ, ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ବିଜେପି. ନେତା ଶ୍ରୀତମ ଦାସ, ଗୀତାରାଣୀ ଦାସ, ଭବାନୀପ୍ରସାଦ ମିଶ୍ରଙ୍କ ସମେତ ଶତାଧିକ ସଭ୍ୟସଭ୍ୟାମାନେ ସ୍ୱର୍ଗତ ଦେ'ଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ମାରିଜୁଆନା ଜବତ ମାମଲା

ଗିରଫ ଫାର୍ମାସୀ ଛାତ୍ରଙ୍କୁ ହାଇକୋର୍ଟଙ୍କ ଜାମିନ

କଟକ, ୧୦।୧(ସମିସ): 'ହାଇଡ୍ରୋପୋନିକ୍ ୱିଡ୍' ବା ମାରିଜୁଆନା ରଖିବା ଅଭିଯୋଗରେ ଗିରଫ ହୋଇଥିବା ଜଣେ ଫାର୍ମାସୀ ଛାତ୍ରଙ୍କୁ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ । କେ.ଅନୁଜିତ କୁମାରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଦୁଇଜଣ ଜାମିନଦାର ଓ ୫୦ ହଜାର ଟଙ୍କାର ବେଲ୍ ବଣ୍ଡ ବଦଳରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଅଭିଯୁକ୍ତଙ୍କୁ ତାଙ୍କ ପାସପୋର୍ଟ କୋର୍ଟରେ ଦାଖଲ କରିବାକୁ ହେବ । କୋର୍ଟଙ୍କ ବିନା ଅନୁମତିରେ ସେ ଦେଶ ବାହାରକୁ ଯାଇପାରିବେ ନାହିଁ । ପ୍ରତି ତାରିଖରେ କୋର୍ଟରେ ହାଜର ହେବା ସହ ନିଜର ବର୍ତ୍ତମାନର ଠିକଣା ଓ ମୋବାଇଲ ନମ୍ବର ତଦନ୍ତକାରୀ ସଂସ୍ଥାକୁ ଜଣାଇବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି । ଆବେଦନକାରୀଙ୍କ ନିକଟରୁ ୩. ୯ ୯୦ କିଲୋଗ୍ରାମ ମାରିଜୁଆନା ଜବତ କରାଯାଇଥିଲା । ଜବତ ହୋଇଥିବା ପରିମାଣ ଏନଡିପିଏସ ଆଇନ ଅନୁଯାୟୀ 'ମଧ୍ୟବର୍ତ୍ତୀ ପରିମାଣ' ଅଟେ । ଏହାକୁ 'ହାଇଡ୍ରୋପୋନିକ୍ ୱିଡ୍' ବା ମାରିଜୁଆନା କୁହାଯାଉଥିଲେ ସୁଦ୍ଧା ଏହା ଏକ ଗଞ୍ଜା ଉତ୍ପାଦ । ଯେପରି ଗଞ୍ଜେଇ କ୍ଷେତ୍ରରେ ୨୦ କିଲୋଗ୍ରାମରୁ ଅଧିକ ହେଲେ ତାହାକୁ 'ବ୍ୟବସାୟିକ ପରିମାଣ' କୁହାଯାଏ, ତେଣୁ ଏହି କ୍ଷେତ୍ରରେ ଏନଡିପିଏସ ଆଇନର କଠୋର ଧାରା ୩୭ ଲାଗୁ ହେବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ।

ଅଗ୍ନିଶମ କେନ୍ଦ୍ର ପରିସରରୁ ୧୮ ପରିବାର ସ୍ଥାନାନ୍ତର

କଟକ,୧୦।୧(ସମିସ): ଚାଉଳିଆଗଞ୍ଜ ଅଗ୍ନିଶମ ଓ ଜରୁରିକାଳୀନ ସେବାକେନ୍ଦ୍ର ପରିସରରେ ଦୀର୍ଘବର୍ଷ ଧରି ରହିଆସୁଥିବା କିଛି ଅନଧିକୃତ ବାସିନ୍ଦାଙ୍କ ସ୍ଥାନାନ୍ତରଣ ତଥା ଉଚ୍ଛେଦ ପ୍ରକ୍ରିୟା ସମ୍ପନ୍ନ ହୋଇଛି । ଅଗ୍ନିଶମ କେନ୍ଦ୍ରର ସୁରକ୍ଷା ଓ ଜରୁରିକାଳୀନ ସେବାର କାର୍ଯ୍ୟକ୍ଷମତାକୁ ଆଖି ଆଗରେ ରଖି ପୂର୍ବରୁ ଏହି ସରକାରୀ ସ୍ଥାନକୁ ଖାଲି କରିବା ପାଇଁ ଅନେକଥର ପ୍ରୟାସ କରାଯାଇଥିଲା । ସ୍ଥାନୀୟ କର୍ପୋରେଟର ଓ ସଚେତନ ନାଗରିକଙ୍କ ମଧ୍ୟସ୍ଥତାରେ, ମୋଟ ୧୮ଟି ପରିବାର ନିଜେ ନିଜେ ଘର ଭାଙ୍ଗି ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ । କଟକ ସଦର ତହସିଲଦାରଙ୍କ ପକ୍ଷରୁ ପ୍ରତ୍ୟେକ ପରିବାରକୁ ୩ଟି ଲେଖାଏଁ ପଲିଥିନ୍ ବଣ୍ଟନ କରାଯାଇଥିଲା । ଏଥିସହିତ ଅଗ୍ନିଶମ ଅଧିକାରୀ, କେନ୍ଦ୍ରାଞ୍ଚଳ କଟକ, ଉପ ଅଗ୍ନିଶମ ଅଧିକାରୀ, ସହକାରୀ ଅଗ୍ନିଶମ ଅଧିକାରୀ ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର କେନ୍ଦ୍ରାଧିକାରୀଙ୍କ ସହଯୋଗରେ ପ୍ରତ୍ୟେକ ପରିବାରକୁ ୩ଟି କମ୍ବଳ ଓ ଦୁଇ ଓଳି ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା ।

ଜାତୀୟସ୍ତରରେ ଓଡ଼ିଶାର ଟେକ ରଖିଲେ ଶ୍ରେୟା

ଜୁନିଅର ମିସ୍ ଇଣ୍ଡିଆରେ ପାଇଲେ ଦୁଇଟି ଶୀର୍ଷ ସମ୍ମାନ

କଟକ,୧୦ ।୧(ସମିସ):

ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଥିବା ଭାରତର ସବୁଠାରୁ ବଡ଼ ବାଳିକା ପ୍ରତିଯୋଗିତା ''ଜୁନିଅର ମିସ୍ ଇଣ୍ଡିଆ-୨୦୨୬'ରେ ଓଡ଼ିଆ ଝିଅ ଶ୍ରେୟା ସଂହିତା କୁଣ୍ଡୁ ନିଜର ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଜୟପୁରର ପ୍ରସିଦ୍ଧ ହୋଟେଲ କ୍ଲାର୍କ ଆମେରଠାରେ ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମେଗା ଇଭେଣ୍ଟରେ ଶ୍ରେୟା ୧୫-୧୬ ବର୍ଷ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ । ସେ ସମସ୍ତ ରାଉଣ୍ଡରେ ନିଜର ବୁଦ୍ଧିମତା ଓ କଳାନୈପୁଣ୍ୟ ପ୍ରଦର୍ଶନ କରି ''ସାଂସ୍କୃତିକ ରାଉଣ୍ଡ'ରେ ବିଜେତା ହେବା ସହ ''ମିସ୍ ଟ୍ୟାଲେଣ୍ଟ' ଉପାଧିରେ ଭୂଷିତ ହୋଇଛନ୍ତି । ଶ୍ରେୟା ଏହି ଜାତୀୟ ମଞ୍ଚରେ ଓଡ଼ିଶାର ସମୃଦ୍ଧ ଆଦିବାସୀ ସଂସ୍କୃତିକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଓଡ଼ିଶାର ପାରମ୍ପରିକ କୋଟପାଡ୍ ଶାଢ଼ି ପରିଧାନ କରିବା ସହ ଏଥିରେ ଡୋଙ୍ଗରିଆ ଶାଲ୍ ଏବଂ ଶୌରା କଳା ନିର୍ମିତ ପ୍ରସ୍ତ ବ୍ୟବହାର କରିଥିଲେ । ଏହି ନିଆରା ପରିଧାନ ଦ୍ୱାରା ଓଡ଼ିଶାର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କରାଯାଇଥିବା ପ୍ରୟାସ ତାଙ୍କୁ ସାଂସ୍କୃତିକ ରାଉଣ୍ଡରେ ଶ୍ରେଷ୍ଠ ପ୍ରତିଯୋଗୀର ସମ୍ମାନ ଆଣିଦେଇଥିଲା । ଏହି ପ୍ରଦର୍ଶନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ବୟନ ମନ୍ତ୍ରଣାଳୟ ପକ୍ଷରୁ ''ଉକ୍ରଳିକା'ର ଆଦିବାସୀ ହସ୍ତତନ୍ତ ଉତ୍ପାଦ ଯୋଗାଇ ଦିଆଯାଇ ସମର୍ଥନ କରାଯାଇଥିଲା । ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ଗ୍ରୁମିଂ ଓ ତାଲିମ ଅଧିବେଶନ ହୋଇଥିବା ବେଳେ ଦ୍ୱିତୀୟ ଦିନ ସାଂସ୍କୃତିକ ରାଉଣ୍ଡ ଏବଂ ଶେଷ ଦିନରେ ପଶ୍ଚିମା ପୋଷାକ ଓ ଗାଉନ୍ ରାଉଣ୍ଡ ଆୟୋଜିତ ହୋଇଥିଲା । ସାରା ଭାରତର ବିଭିନ୍ନ ପ୍ରାନ୍ତରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେୟାଙ୍କ ଏହି ଦ୍ୱୈତ ସଫଳତା ଓଡ଼ିଶାର କଳା ଓ ପରମ୍ପରା ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି । ଏନେଇ ଶ୍ରେୟାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଡବଲ୍ ଇଞ୍ଜିନ ସରକାରଙ୍କୁ ସମାଲୋଚନା

ରାୟଗଡ଼ା,୧୦।୧(ସମିସ): ମନେରଗା ନାମ ପରିବର୍ତ୍ତନ, ଟାଟା ପାୱାରର ଜନବିରୋଧୀ କାର୍ଯ୍ୟକଳାପ, ସରକାରଙ୍କ ଦ୍ୱାରା ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ବିରୋଧରେ ପ୍ରତିବାଦ କରି ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଂଗ୍ରେସ ଭବନରେ ଡିସିସି ସଭାପତି ତଥା ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିରୋଧୀ ଦଳ ନେତା ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ରାମଚନ୍ଦ୍ର କାଡାମ ଯୋଗ ଦେଇ ବିଜେପି ସରକାରଙ୍କ ଦ୍ୱାରା ମନରେଗା ଯୋଜନାର ନାମ ପରିବର୍ତ୍ତନ କରିବା ଉଦ୍ୟମକୁ ତୀବ୍ର ବିରୋଧ କରିଛନ୍ତି। ମନରେଗା ଏକ ନିୟମ ଥିଲା, ବିଜେପି ସରକାର ତାହାକୁ କାର୍ଯ୍ୟକ୍ରମରେ ପରିଣତ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଏହାର ପ୍ରତିବାଦ କରି କଂଗ୍ରେସ ଆହ୍ୱାନ କ୍ରମେ ମନରେଗା ବଂଚାଓ ସଂଗ୍ରାମ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ନେଇ ଶ୍ରୀ କାଡାମ ପ୍ରକାଶ କରିଛନ୍ତି। ଜାନୁଆରୀ ୧୧ ତାରିଖ ଦିନ ଉପବାସ ପ୍ରତୀକ ଧାରଣା ପ୍ରତି ଜିଲ୍ଲା ସଦର ମହକୁମା ସ୍ତରରେ ପାଳନ କରାଯିବାକୁ ଥିବା ବେଳେ ୧୨ ଜାନୁଆରୀରୁ ପ୍ରତିଟି ପଞ୍ଚାୟତ ଏବଂ ଗାଁ ସ୍ତରରେ କଂଗ୍ରେସର ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ଏବଂ ୩୦ ଜାନୁଆରୀରେ ବ୍ଲକ୍ ସ୍ତରରେ ଧାରଣା ଏବଂ ୩୧ତାରିଖରୁ ଫେବୃଆରୀ ୬ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ସେହିପରି ଟାଟା ପାୱାରର ଅତ୍ୟଧିକ ବିଦ୍ୟୁତ୍ ବିଲ ଓ ଉପଭୋକ୍ତାଙ୍କ ସମସ୍ୟାକୁ ଅଣଦେଖା କରିବା ମନୋଭାବକୁ କଂଗ୍ରେସ କଠୋର ଭାବେ ନିନ୍ଦା କରୁଥିବା ନେଇ ପୂର୍ବତନ ଜିଲ୍ଲା ସଭାପତି ତଥା ବର୍ତ୍ତମାନର ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଡ.ଦୁର୍ଗା ପ୍ରସାଦ ପଣ୍ଡା ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ସଭାପତି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତ୍ରୀ ଜୟନ୍ତି ମହାନନ୍ଦିଆ, ଜିଲ୍ଲା କମିଟି ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ଭୂଷଣ ବିଡିକା, ଜିତେଶ୍ୱର ରାଓଙ୍କ ସମେତ ଆସଲାମ ଖାନ, ହରିଶ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

ରାୟଗଡ଼ା ଓଭରବ୍ରିଜ୍‌ରେ ଯାତାୟାତ ବନ୍ଦ

ଦୁଇ ରାସ୍ତାରେ ଟ୍ରାଫିକ୍ ଜାମ୍, ଲୋକେ ହନ୍ତସନ୍ତ

ରାୟଗଡ଼ା,୧୦।୧(ସମିସ):

ରାୟଗଡ଼ା ସହରର ଲାଇଫ୍ ଲାଇନ୍ କୁହାଯାଉଥିବା ଓଭରବ୍ରିଜର ପୁନରୁଦ୍ଧାର, ନିର୍ମାଣ କାର୍ଯ୍ୟ ପାଇଁ ଶନିବାର ଠାରୁ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଯାତାୟାତ ବନ୍ଦ କରାଯାଇଛି। ଓଭରବ୍ରିଜ ରାସ୍ତା ବନ୍ଦ ଥିବା ବେଳେ ପ୍ରଶାସନ ପକ୍ଷରୁ କପିଳାସ ଛକରୁ ରେଳବାଇ ଅଣ୍ଡରପାସ ରାସ୍ତା ଦେଇ ତହସିଲ ଛକ ଏବଂ ଶିରିଗୁଡା ଛକରୁ ସାଇ ଇଣ୍ଟରନ୍ୟାସନାଲ ଛକ ପର୍ଯ୍ୟନ୍ତ ବାଇପାସ ରାସ୍ତାକୁ ବିକଳ୍ପ ରାସ୍ତା ଭାବେ ଚୟନ କରାଯାଇ ଉକ୍ତ ରାସ୍ତା ବ୍ୟବହାର ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ବ୍ରିଜ୍ ବନ୍ଦ ହେବା ପରେ ଆଜି ଉକ୍ତ ଦୁଇ ରାସ୍ତାରେ ଲୋକେ ଯାତାୟାତ କରିଥିଲେ। ଉଭୟ ପଟରୁ ଆସୁଥିବା ଲୋକଙ୍କ ପ୍ରବଳ ଭିଡ ଯୋଗୁଁ ଦୀର୍ଘ ଘଣ୍ଟା ଧରି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଥିବା ଦେଖିବାକୁ ମିଳିଥିଲା। କପିଳାଶ ଛକରୁ ରେଳବାଇ ଅଣ୍ଡରପାସ ରାସ୍ତା ସିଧା ସଳଖ ମୁଖ୍ୟ ବଜାରକୁ ଏବଂ ବସଷ୍ଟାଣ୍ଡକୁ ସଂଯୋଗ ହେଉଥିବା ଯୋଗୁଁ ସହରବାସୀ ଏହାକୁ ବହୁଳ ଭାବେ ବ୍ୟବହାର କରିଥିବାରୁ ଏହି ସଂକୀର୍ଣ୍ଣ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇପଡିଥିଲା। ଅଣ୍ଡରପାସ ରାସ୍ତାରେ ସ୍ଥାନୀୟ ପୁଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିଲେ ମଧ୍ୟ ବହୁ ସଂଖ୍ୟାରେ ଦୁଇ ଚକିଆ ଗାଡି, ତିନି ଚକିଆ ଠେଲା ଗାଡି ଆଦି ଯାତାୟାତ ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଣ୍ଡରପାସ ରାସ୍ତାରେ ଥିବା ହନୁମାନ ମନ୍ଦିରଠାରୁ ଅଣ୍ଡରପାସ ଯାଏଁ ଶତାଧିକ ଲୋକଙ୍କ ଗହଳି ହୋଇଥିଲା। ସେହିପରି ରାୟଗଡ଼ା ସହର ମଧ୍ୟକୁ ଆଉ ପ୍ରବେଶ ନ କରି କୋରାପୁଟ ଓ ଆନ୍ଧ୍ର ଅଭିମୁଖେ ଯାଉଥିବା ଗାଡି ଏବଂ ବିପରୀତ ଦିଗରୁ ଜେକେପୁର, ଗୁଣପୁର, ମୁନିଗୁଡା ପଟକୁ ଯାଉଥିବା ଅନେକ ମାଲବାହୀ ଗାଡି, ବସ, ଘରୋଇ କାର ଆଦି ଲମ୍ବା ଧାଡିରେ ସାଇ ଇଣ୍ଟରନ୍ୟାସନାଲ ଛକରୁ ବାଇପାସ ରାସ୍ତା ଦେଇ ଶିରିଗୁଡା ଛକ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ଅପରାହ୍ଣରେ ହୋଟେଲ ସାଇ ଇଣ୍ଟରନ୍ୟାସନାଲ ନିକଟରେ ଲେବଲ କ୍ରସିଂ ଠାରେ ଟ୍ରେନ ଯିବା ଆସିବା ସମୟରେ ଫାଟକ ବନ୍ଦ ଥିବା ଯୋଗୁଁ ଗାଡିଗୁଡିକ ଅଧିକ ସଂଖ୍ୟାରେ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫସିରହିଥିବା ଦେଖିବାକୁ ମିଳିଥିଲା। ସମସ୍ତ ନାଗରିକଙ୍କୁ ଟ୍ରାଫିକ ନିୟମକୁ କଡାକଡି ପାଳନ କରିବାକୁ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ଗାଡି ଚଳାଇବାକୁ ଅନୁରୋଧ କରାଯାଇଛି। ସମସ୍ତ ଗାଡି ଚାଳକ ଅନାବଶ୍ୟକ ଓଭରଟେକିଂ ଏଡାଇବାକୁ କୁହାଯାଇଛି । ଜରୁରୀକାଳୀନ ଯାନବାହନ,ବିଶେଷ କରି ଆମ୍ବୁଲାନ୍ସ ପାଇଁ ରାସ୍ତା ଖାଲି ରଖିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯିବା ଉଚିତ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ଘରେ ପଶି ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେଲେ ଦୁର୍ବୃତ୍ତ

ରାୟଗଡ଼ା,୧୦।୧(ସମିସ): ରାୟଗଡାରେ ଆଉ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ୍ ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଘରେ ପଶି ଜଣେ ମହିଳାଙ୍କୁ ମାଡ ମାରିବା ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମହିଳା ଜଣଙ୍କ ପିନ୍ଧିଥିବା ମଙ୍ଗଳ ସୂତ୍ରକୁ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡା ସହରର ରେଲୱେ ବିଭାଗର ଇଞ୍ଜିନିୟରିଂ କଲୋନୀରେ।

ଏହି କଲୋନୀରେ ରେଳ ବିଭାଗ, ଇଲେକ୍ଟ୍ରି ବିଭାଗରେ ଟେକ୍ନିସିଆନ୍ ଭାବେ କାମ କରୁଥିବା ଆର ନାଗମଣିଙ୍କ ଘରେ ଆଜି ସକାଳ ୬ଟା ସମୟରେ ମହିଳା ଜଣଙ୍କ ଶୌଚ ନିମନ୍ତେ ଘର ବାହାରେ ଥିବା ବାଥରୁମକୁ ଯିବା ସମୟରେ ସେଠାରେ ଲୁଚିରହି ଥିବା ଦୁଇ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିବା ସହ ସେ ପିନ୍ଧିଥିବା ପାଖାପାଖି ୨ଭରି ଓଜନ ସୁନାର ମଙ୍ଗଳ ସୂତ୍ରକୁ ଝାମ୍ପି ନେଇଥିଲେ। ମହିଳା ଜଣଙ୍କ ପାଟି କରିବାରୁ ପଡୋଶି ମାନେ ଆସି ତାଙ୍କୁ ଉଦ୍ଧାର କରିବା ପରେ ତାଙ୍କୁ ସ୍ଥାନୀୟ ରେଳବିଭାଗ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଘଟଣା ସମ୍ପର୍କରେ ରାୟଗଡା ଟାଉନ ଥାନା ଏବଂ ରେଳବାଇ ପୁଲିସରେ ଲିଖିତ ଅଭିଯୋଗ ପରେ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବରେ ଛାନଭିନ ଆରମ୍ଭ ହୋଇଛି। ସ୍ଥାନୀୟ କଲୋନୀ ବାସିନ୍ଦା ପି ରଜନୀକାନ୍ତ ଡାଲିମ୍ବ ମୁଦୀ ଅଭିଯୋଗ କରି କହିଛନ୍ତି, ଏଭଳି ଘଟଣା କେବଳ ଆଜି ନୁହେଁ, ବାରମ୍ବାର ଘଟୁଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉହେଉନାହିଁ। ଏ ନେଇ ରାୟଗଡା ପୁଲିସ ତଦନ୍ତ କରୁଥିବା ରାୟଗଡ଼ା ଆଇଆଇସି ପ୍ରସନ୍ନ କୁମାର ବେହେରା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଏ ନେଇ ରାୟଗଡା ଡିଭିଜନ ଡିଆରଏମ ଅଭିତାଭ ସିଂଘଲଙ୍କୁ ମଧ୍ୟ ଆଜି ଅବଗତ କରିଥିଲେ।

● ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା

ଅଭିଯୁକ୍ତକୁ କୋର୍ଟ ଚାଲାଣ କଲା ପୁଲିସ

ଅମ୍ବାଦଳା,୧୦।୧(ସମିସ): ଟାଙ୍ଗିଆରେ ହାଣି ସମ୍ପର୍କୀୟ ଭାଇକୁ ହତ୍ୟା ଘଟଣାରେ ଅଭିଯୁକ୍ତ ବିସମ୍ବର କଡିମକୁ ଆଜି ଆମ୍ବଦଳା ପୁଲିସ କୋର୍ଟ ଚାଲାଣ କରିଛି । ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧୀନସ୍ଥ ଇଚ୍ଛାପୁର ପଞ୍ଚାୟତ ବଡନାଗଝୋରି ଗାଁରେ ଘଟିଥିଲା ଏଭଳି ନିର୍ମମ ହତ୍ୟାକାଣ୍ଡ। ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ କାନ୍ଦୁଲ ବାଡ଼ିକୁ ଯିବା ସମୟରେ ସାନବାପା ପୁଅକୁ ନିର୍ମମ ଭାବେ ହତ୍ୟା କରିଥିଲା ବଡବାପା ପୁଅ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ବିସମ୍ବର ଓ ବଡନୁନାଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗାଁ ଲୋକ ଘଟଣା ସ୍ଥଳରେ ପହଞ୍ଚି ଅମ୍ବାଦଳା ପୁଲିସକୁ ଖବର ଦେବା ସହ ହତ୍ୟାକାରୀକୁ ଖୋଜିଥିଲେ। ଭୟରେ ହତ୍ୟାକାରୀ ବିସମ୍ବର ନିଜ ଘରେ ଲୁଚି ରହିଥିଲା। ଅମ୍ବାଦଳା ପୁଲିସ ବିସମ୍ବରକୁ ଥାନାକୁ ଆଣିବା ସହ ମୃତଦେହ ଜବତ କରିଥିଲେ। ସାଇଣ୍ଟଫିକ୍ ଟିମ୍ ପହଞ୍ଚି ମୃତକଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ବିସମ୍ବରକୁ ଧର ସିନ ରିକ୍ରିଏସନ୍ କରି ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଅମ୍ବାଦଳା ପୁଲିସ ଓ ଆଜି ଅଭିଯୁକ୍ତ ବିସମ୍ବରକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

ଧାନଗଦାରେ ନିଆଁ ଲାଗିଲା; ୨୦ କ୍ୱିଣ୍ଟାଲ ଧାନ ପୋଡ଼ି ପାଉଁଶ

ବିଷମ କଟକ,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ବ୍ଲକର ଡେପାଗୁଡା ଗ୍ରାମ ନିକଟରେ ଏକ ଧାନଗଦାରେ କୋଣସି କାରଣରୁ ନିଆଁ ଲାଗି ୨୦ କ୍ୱିଣ୍ଟାଲରୁ ଅଧିକ ଧାନ ନଷ୍ଟ ହୋଇଛି। ବିଷମ କଟକ ସହରର ଚାଷୀ ଶିବପ୍ରସାଦ ବେହେରାଙ୍କ ୧୨ ଏକର ଜମିର ୪୦୦ କ୍ୱିଣ୍ଟାଲ ଧାନ ଅମଳ କରି ଖଳାରେ ରଖାଯାଇଥିବା ବେଳେ ଆଜି ସଂଧ୍ୟାରେ କୌଣସି କାରଣରୁ ସେଥିରେ ନିଆଁ ଲାଗିଯାଇଛି। ଧାନଗଦାରେ ନିଆଁ ଲାଗିଥିବା ଦେଖି ଚାଷୀ ତୁରନ୍ତ ବିଷମକଟକ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇଁ ଅଗ୍ନିଶମ ବାହିନୀର ଟିମ ଘଟଣା ସ୍ଥଳେ ପହଞ୍ଚି ଧାନ ଗଦା ରେ ଲାଗିଥିବା ନିଆଁକୁ ଆୟତ କରିଛି। ଏହି ଅଗ୍ନିକାଣ୍ଡରେ ୨୦ କ୍ୱିଣ୍ଟାଲ ଧାନ ନଷ୍ଟ ହୋଇଥିବା ଜଣା ପଡିଛି। ଚାଷୀ ନିଜ ଧାନକୁ ମଣ୍ଡିରେ ବିକ୍ରି କରିବା ପାଇଁ ଧାନ ଗୁଡାକ ବସ୍ତା ରେ ଭର୍ତ୍ତି କରି ରଖିଥିଲେ।

କଂଗ୍ରେସର ମନରେଗା ବଞ୍ଚାଅ ଅଭିଯାନ

କୋରାପୁଟ,୧୦।୧(ସମିସ):

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ନାମ ପରିବର୍ତ୍ତନକୁ ନେଇ କଂଗ୍ରେସ ଦେଶବ୍ୟାପୀ ମନରେଗା ବଞ୍ଚାଅ ଅଭିଯାନ ଆରମ୍ଭ କରିଛି। ଏହି ମର୍ମରେ କୋରାପୁଟ ସଦର ମହକୁମା ପ୍ରେସକ୍ଲବ ଠାରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଧକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି ପର୍ଯ୍ୟବେକ୍ଷକ ତଥା ଚିତ୍ରକୋଣ୍ଡା ବିଧାୟକ ମଂଗୁ ଖିଲ ଯୋଗଦେଇ ମନରେଗା ନାଁ ପରିବର୍ତ୍ତନକୁ ବିରୋଧ କରିଥିଲେ। ମନରେଗା ପୁନଃ ସ୍ଥାପିତ କରିବା ଏବଂ ନୂତନ ଆଇନ ପ୍ରତ୍ୟାହାର ଦାବି ରହିଛି ବୋଲି ବିଧାୟକ ମଙ୍ଗୁ ଖିଲ କହିଛନ୍ତି। ଆସନ୍ତା କାଲି କୋରାପୁଟ ସହରର ଆମ୍ବେଦକର ପାର୍କ ସମ୍ମୁଖରେ ଏହାକୁ ନେଇ ଉପବାସ ଆନ୍ଦୋଳନ କରାଯିବ ବୋଲି ସଭାପତି ରୂପକ ତୁରୁକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସର ଅନୁସୂଚୀତ ଜାତି ସେଲ ଅଧ୍ୟକ୍ଷ ରମେଶ ଖରା, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଚିନ, କୋରାପୁଟ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଳଦୀପ, କୋଟପାଡ଼ ବିଧାୟକ ପ୍ରାର୍ଥୀ ଅନାମ ଦିଆନ, କୋରାପୁଟ ପୌର ପରିଷଦ କାଉନସିଲର ସନ୍ଧ୍ୟାରାଣୀ ଜେନା ଓ ଚନ୍ଦ୍ରପ୍ରଭା ହିଆଲ, ପୂର୍ବତନ କାଉନ୍‌ସିଲର ବିଜୟ କୁମାର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ସଂଜୟ ପାତ୍ରଙ୍କ ସ୍ମୃତିରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

ସୁନାବେଡ଼ା,୧୦।୧(ସମିସ): ସ୍ୱର୍ଗତ ସଂଜୟ ପାତ୍ରଙ୍କ ସ୍ମୃତିରେ ସୁନାବେଡ଼ା -୧ ସ୍ଥିତ ଜବାହର ଜ୍ୟୋତି ସ୍ପୋର୍ଟସ କ୍ଲବ୍ ଠାରେ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହୋଇଯାଇଛି। ଏହା ଜାନୁଆରୀ ୮ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୪ଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନରେ ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା ଓ ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର ଉପସ୍ଥିତ ଥିଲେ। ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମ୍ପାଦକ ଗଙ୍ଗାଧର ପ୍ରଧାନ, ସୁଶାନ୍ତ କୁମାର ଭଞ୍ଜ, ଅରବିନ୍ଦ ପାଢୀ, ରାକେଶ କୁମାର ଲେଙ୍କା, ପ୍ରଦୀପ ମହାରଣା, ମନୋଜ କୁମାର ମହାନ୍ତି, ଏ ହରିପ୍ରସାଦ ,ସୁବ୍ରତ ଗୌଡ଼, ସଞ୍ଜୟ ନାୟକ, ସୁଭାଷ ଗନ୍ତାୟତ, ରମେଶ ପ୍ରଧାନ, ସୀତାରାମ ଦାସ, ସନ୍ତୋଷ କୁମାର ରାଉତ, ସୁଶାନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ। ଚତୁର୍ଥ ଦିନର ଅନ୍ତିମ ଚରଣ ପ୍ରତିଯୋଗିତା ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ଚନ୍ଦ୍ରପୁର,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସିଛନ୍ତି ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍। ଏହି ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡା. ଶୁଭଜିତ୍ ରାଓ, ଡା. ବସନ୍ତ କୁମାର ସାହୁ, ଡା. ପ୍ରଶାନ୍ତ କୁମାର ସାବତ ପହଞ୍ଚି ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ୱାର୍ଡରେ ଥିବା ରୋଗୀ ମାନଙ୍କୁ ଠିକ୍ ଭାବରେ ଔଷଧ ଦିଆଯାଉଛି କି ନାହିଁ ରୋଗୀ ମାନଙ୍କୁ ପଚରି ବୁଝିଥିଲେ। ପରେ ପ୍ରସୂତି ବିଭାଗ ୱାର୍ଡକୁ ଯାଇଥିଲେ। ସେହିପର ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗ, ବର୍ହି ବିଭାଗ,, ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ, ବାହାରେ ପରିଷ୍କାର ପରିଚ୍ଛନ୍ନତା ନେଇ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଭାଗର ରେକର୍ଡ ପତ୍ର ଯାଞ୍ଚ କରି ନିରାମୟ ଔଷଧକେନ୍ଦ୍ର ଯାଇ ରେକର୍ଡ ଯାଞ୍ଚ କରିଥିଲେ ଟିମ। ଟିମ୍ ପରିଦର୍ଶନ କରିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିନ୍‌ଟେଣ୍ଡେଣ୍ଟ, ଡା. କେ ଡି ମଲ୍ଲିକ, ଡା. ସୁବ୍ରତ କୁମାର ଦାସ, ଡା. ସଙ୍ଗୀତା, ଫାର୍ମାସିଷ୍ଟ ଅମିତ୍ କୁମାର ମଲ୍ଲିକ, ଜଗନ୍ନାଥ ନାୟକ, ଭି ଭି ସନ୍ତୋଷ କୁମାର, ଜେ ଗୋବିନ୍ଦଙ୍କ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

ଜାତୀୟ ଯୁବ ଦିବସ ସପ୍ତାହ ପାଳିତ

ଚନ୍ଦାହାଣ୍ଡି,୧୦।୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଏକ ସପ୍ତାହ ବ୍ୟାପୀ ଯୁବ ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଶ୍ରେଣୀ ବିଚାରପତିଙ୍କ କୋର୍ଟ ଓ ତାଲୁକ୍ ଲିଗାଲ କମିଟି ତରଫରୁ ଜାତୀୟ ଯୁବ ଦିବସ ସପ୍ତାହ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ଜେଏମ୍ଏଫ୍‌ସି ଜରୀନ ଖାନଙ୍କ ନେତୃତ୍ୱରେ ସ୍ଥାନୀୟ ପାନାବେଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକ ବିଶାଳ ଶୋଭାଯାତ୍ରାରେ ନିଶା ବିରୋଧି ସ୍ଲୋଗାନ ଦେଇ ଚନ୍ଦାହାଣ୍ଡି ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବରିଷ୍ଠ ଓକିଲ ମହମ୍ମଦ ହୁସେନ, କ୍ଷେମରାଜ୍ ବାଘ, ହୁମେଶ୍ୱର୍ ହଂସ ,ଶ୍ୟାମ ସୁନ୍ଦର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋର୍ଟ କର୍ମଚାରୀ କେଶରୀ ମନହିରା, ନିଲୁ ପ୍ରସାଦ ଶବର ପ୍ରମୁଖ ପରିଚାଳନ କରିଥିଲେ। ପାନାବେଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ ମାଝୀ, ଘନଶ୍ୟାମ ସାହୁ, ଇନ୍ଦ୍ର ନାୟକ, ଦଇତାରୀ ସାହୁ, ଦେବବ୍ରତ ବିଶ୍ୱାସ, ରୋହିତ ଭୋଇ, ହେମାନି ମେହେର, ଦିଲୀପ କୁମାର ପାଣ୍ଡେ, ଚିନ୍ମୟ ସ୍ୱାଇଁ, ବିଭୂତେନ୍ଦ୍ର ଆଚାର୍ଯ୍ୟ, ଅଶୋକ ସାହୁ, ଚିତରଞ୍ଜନ ମାଝୀ, ବସନ୍ତ ମହାରଣା ଓ ଡୋଲେଶ୍ୱର୍ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ମାଥିଲି, ୧୦।୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସଦର ମହକୁମାରେ ଥିବା ନୂଆଗୁଡ଼ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ତିନିଦିନିଆ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ସଦର ପଞ୍ଚାୟତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନିହାର ରଞ୍ଜନ ବିଶ୍ୱାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଥିଲି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଏଫ୍ଏଲ୍ଏନ କାର୍ଯ୍ୟକ୍ରମର ୧୦ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଛନ୍ତି। ଶ୍ରେଣୀ ଗୃହରେ ଶିକ୍ଷା ଦାନ ସମୟରେ କିପରି ବିନା ଖର୍ଚ୍ଚ କିମ୍ବା ସ୍ୱଳ୍ପ ମୂଲ୍ୟରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସହ ଶ୍ରେଣୀ ପରିଚାଳନା କରିହେବ, ସେପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଉଛି। ତିନି ଦିନିଆ ଏହି କର୍ମଶାଳାରେ କାର୍ଡବୋର୍ଡ, ରଙ୍ଗୀନ କାଗଜ, ବିଭିନ୍ନ ରଙ୍ଗ ଦିଆଯାଇ ସୁନ୍ଦର ସୁନ୍ଦର ସାମଗ୍ରୀ ପ୍ରସ୍ତୁତି କରାଯାଉଛି। ଶେଷ ଦିନରେ ମାଟି ଓ ବିଭିନ୍ନ ଅବ୍ୟବହୃତ ବସ୍ତୁ ମାଧ୍ୟମରେ କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ନିରୀକ୍ଷଣ କରୁଛନ୍ତି। ଏହି ପରି ୨୦ଟି ପଞ୍ଚାୟତର ସିଆରସିଙ୍କ ଦ୍ୱାରା ଶିକ୍ଷଣ ସହାୟକ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହେଉଥିବା ଜଣାଯାଇଛି।

୧୦ଡିଗ୍ରୀ ତଳେ ପାରଦ

ଜାଡ଼ରେ ଥରୁଛି ରାୟଗଡ଼ା

ରାୟଗଡ଼ା,୧୦।୧(ସମିସ): ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ହାଡ଼ଭଙ୍ଗା ଜାଡ଼ରେ ସମଗ୍ର ରାଜ୍ୟ ଥରୁ ଥିବା ବେଳେ ଏଥିରେ ରାୟଗଡ଼ା ସମେତ ସମଗ୍ର ଦକ୍ଷିଣ ଓଡ଼ିଶା ସାମିଲ ହୋଇଛି। ଗତ କିଛି ସପ୍ତାହ ହେଲା ପାରଦ ତଳକୁ ଖସୁଥିବା ବେଳେ ସୀମାନ୍ତ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ସହରରେ ଜାଡ଼ର ପ୍ରକୋପ ବଢୁଥିବା ସହ ସକାଳ ୯ଟା ପର୍ଯ୍ୟନ୍ତ ଘନକୁହୁଡ଼ି ହେଉଥିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଦିନସାରା ମେଘୁଆ ପାଗ ସହ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରାତିରେ ତାପମାତ୍ରା ୧୨ ଡିଗ୍ରି ତଳକୁ ଖସୁଛି। ଅପରାହ୍ନରୁ ଧୀରେ ଧୀରେ କୋହଲା ପବନ ହେଉଥିବା ବେଳେ ସନ୍ଧ୍ୟା ପରେ ଶୀତର ପ୍ରକୋପ ବଢ଼ି ଅସହ୍ୟ ଥଣ୍ଡା ହେଉଛି। ଏଥି ସହ ରାତିରେ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି ଏବଂ ପାହାନ୍ତିଆ ବେଳକୁ ଘନକୁହୁଡ଼ି କାରଣରୁ ଗାଡ଼ି ଦୁର୍ଘଟଣା ଘଟିବାର ସମ୍ଭାବନା ସୃଷ୍ଟି କରୁଛି। ରାୟଗଡା ଜିଲ୍ଲାର କାଶ୍ମୀର ବୋଲାଉଥିବା କାଶୀପୁର ବ୍ଲକ୍‌ରେ ଶୀତର ପ୍ରକୋପ ଅଧିକ ରହିଥିବା ଯୋଗୁଁ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ବିଷମ କଟକ, ମୁନିଗୁଡା, ଚନ୍ଦ୍ରପୁର, କୋଲନରା, ରାମନାଗୁଡ଼ା ଓ ଗୁଡ଼ାରୀ ଆଦି ଅଞ୍ଚଳରେ ଲୋକେ ଶୀତରେ କଲବଲ ହେଉଛନ୍ତି। ଏହି କିଛିଦିନ ହେଲା ରାତିର ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଖଣି ଖାଦାନ ଭରା ଟିକିରି, କାଶୀପୁର ଅଞ୍ଚଳରେ ଧୂଳିଧୂଆଁ ଓ ଘନ କୁହୁଡ଼ି ଯୋଗୁ ରାସ୍ତାଘାଟ ଦେଖାଯାଉ ନାହିଁ। ସନ୍ଧ୍ୟା ଓ ସକାଳେ ବିଭିନ୍ନ ସ୍ଥାନରେ ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳୁଛନ୍ତି। ଗତ କିଛି ବର୍ଷ ହେଲା ଏଭଳି ଶୀତ ଉଭେଇ ଯାଇଥିଲା।

ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥୀଙ୍କ କାରଖାନା ଗସ୍ତ

ରାଉରକେଲା, ୧୦ ।୧(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା । ଏହି ପ୍ରୟାସ ଅଧୀନରେ ଷ୍ଟିଲ ମେଲ୍ଟିଂ ସପ୍‌-୨, କାକ୍ଲିଙ୍ଗ ପ୍ଲାଣ୍ଟ-୨ ଓ ଅଗ୍ନି ସେବା ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ କଞ୍ଚା ମାଲ ପରିଚାଳନା ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲମେଲ୍ଟିଂ ସପ୍‌-୨, ନୂତନ ପ୍ଲେଟ୍ ମିଲ, ହଟସ୍ଟ୍ରିପ ମିଲ ୨ ଏବଂ ଅଗ୍ନିସେବା ବିଭାଗ ପରିଦର୍ଶନରେ ନିଆଯାଇଥିଲା । ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଏଚ୍‌ଆର - ଆରଏମ୍ ଆଣ୍ଡ ଟି ବିଭାଗର ଏଜିଏମ୍ ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା । ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ । ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲଠାରୁ ଆରମ୍ଭ କରି ଚୂଡ଼ାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା । ମାନବସମ୍ବଳ ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ସିନ୍ଧୁର ବିଭାଗୀୟ ଦଳଙ୍କ ସହଯୋଗରେ ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଲୋକନାଟକ ମହୋତ୍ସବ ଉଦ୍‌ଯାପିତ

ମୃତ୍ୟୁଞ୍ଜୟ ଶ୍ରେଷ୍ଠ ଅଭିନେତା, ସ୍ୱର୍ଣ୍ଣପ୍ରଭା ଶ୍ରେଷ୍ଠ ଅଭିନେତ୍ରୀ

ରାଉରକେଲା, ୧୦।୧(ସମିସ)

କଲ୍‌ଚରାଲ ଏକାଡେମୀର ଆୟୋଜିତ ୩୮ତମ ଲୋକନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । 'ଏକ ନୂଆ ସକାଳର ଅପେକ୍ଷାରେ' ନାଟକରେ ପଙ୍କଜ ଭୂମିକାରେ ଅଭିନୟ କରିଥିବା ମୃତ୍ୟୁଞ୍ଜୟ ବରାଳ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲା ବେଳେ ସରିତା ଭୂମିକାରେ ଅଭିନୟ କରିଥିବା ସ୍ୱର୍ଣ୍ଣପ୍ରଭା ପାଢ଼ୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ । ଏହି ଉଦ୍‌ଯାପନୀ ସନ୍ଧ୍ୟାର ରଙ୍ଗକର୍ମୀ, ରାଉରକେଲା ନାଟ୍ୟ ସଂସ୍ଥା ପକ୍ଷରୁ ପ୍ରଦର୍ଶନୀମୂଳକ ନାଟକ 'ମାସୁଲ' ମଞ୍ଚସ୍ଥ ହୋଇଥିଲା । ଅବ୍‌ଦୁଲ ଜମାଲ ଖାଁ ଏବଂ ଶିବଲାଲ୍ ସାଗର ଉଦ୍‌ଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅକ୍ଷୟ କୁମାର ସାମଲ ସଞ୍ଚାଳନ କରିଥିଲେ । ସଭାପତି ପଶୁପତି ନାଥ ଚାଟାର୍ଜୀ ସ୍ୱାଗତଭାଷଣ ଦେବା ସହିତ ପରିଚୟ ପ୍ରଦାନ କରିଥିଲେ । ବିଚାରକ ଅବ୍‌ଦୁଲ ଜମାଲ ଖାଁ ଏବଂ ଶିବଲାଲ୍ ସାଗରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଡା. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ଏହାପରେ ଲୋକନାଟକ ବିଶେଷାଙ୍କ 'ନବପତ୍ର' ଉନ୍ମୋଚିତ ହୋଇଥିଲା । ଲୋକନାଟକ ବିବରଣୀ ପାଠ କରିଥିଲେ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର । ପୁରସ୍କାର ବିଷୟରେ ଡ. ଶ୍ରୀକାନ୍ତ ମହାନ୍ତି ଘୋଷଣା କରିଥିଲା ବେଳେ ଗୋକୁଳାନନ୍ଦ ଦାଶ ସହଯୋଗ କରିଥିଲେ । ଡ. ପ୍ରଭାତ ମଲ୍ଲିକ, ଡା. କୃପାସିନ୍ଧୁ ନାୟକ, ସୁଜିତ ନାୟକ, ଅକ୍ଷୟ ପଣ୍ଡା, ବଳରାମ ରାଉଳ, କିଶୋର ଚନ୍ଦ୍ର ବେହେରା, ନୃସିଂହ ରାଉତ, ସୁକାନ୍ତ ମହାପାତ୍ର, ପ୍ରତାପ କୁମାର ପଣ୍ଡା, ଡ. ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ପୂର୍ବତନ ସଭାପତି ବିଚିତ୍ରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରେଷ୍ଠ ଶିଶୁ କଳାକାର ଭାବେ କୁମାରୀ ଶିବାଙ୍ଗୀ ଦାସ, ଦ୍ୱିତୀୟ ଶ୍ରେଷ୍ଠ ଶିଶୁ କଳାକାର ଶ୍ରୀକାନ୍ତ ରାଉଳ, ତୃତୀୟ ଶ୍ରେଷ୍ଠ ଭାବେ ସନ୍ଧ୍ୟାରାଣୀ ରାଉତ, ପୁରସ୍କୃତ ହୋଇଥିଲେ । ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଭାବେ ଏକ ନୂଆ ସକାଳର ଅପେକ୍ଷାରେ ନାଟକର କୁମାରୀ ତପସ୍ୱିନୀ ସେଠୀ, ହୁଲର ପୁଷ୍ପଲତା ବିଶୋଇ ଦ୍ୱିତୀୟ ଏବଂ ସୁଆଦ୍ ସୁଆଦ ବଲି ଖାଏଲି କେନ୍ଦୁ, ନାଟକର ସରିତା ଶର୍ମା ତୃତୀୟ ପାର୍ଶ୍ୱ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଥିଲେ । ସେହିପରି ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା - ସନ୍ତୋଷ କୁମାର ପାତ୍ର, ପଞ୍ଚାନନ ପାତ୍ର, ତିଲକା, ହୁଲ୍, ପରିଚୟ, ରାଉରକେଲା ଦ୍ୱିତୀୟ ଏବଂ ତୃତୀୟ- ଚିନ୍ମୟ ତ୍ରିପାଠୀ, ଶ୍ରେଷ୍ଠ ମଞ୍ଚଶିଳ୍ପୀ ଭାବେ ଭୀଷ୍ମନାରାୟଣ ସ୍ୱାଇଁ, ପ୍ରଥମ ଜନ୍ମେଜୟ ମହାନ୍ତି ଦ୍ୱିତୀୟ ଏବଂ ଭବେଶ ପ୍ରଧାନ ତୃତୀୟସ୍ଥାନ ଅଧିକାର କରିଥିଲେ । ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ଶକ୍ତି ପ୍ରସାଦ ମିଶ୍ର, ହୁଲ୍, ପରିଚୟ, ରାଉରକେଲାର ଶ୍ରୀକାନ୍ତ ଗୁରୁ ଦ୍ୱିତୀୟ ଏବଂ ଭୋକର ଅନେକ ରଙ୍ଗ ନାଟକର ବିନୟ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବର୍ତ୍ତିକା, ହୁଲ୍. ପରିଚୟ, ରାଉରକେଲାର ପ୍ରଜ୍ଞାପାରମିତା ପାଣିଗ୍ରାହୀ, ସୁରଭୀ, ସୁଆଦ୍ ସୁଆଦ ବଲି ଖାଏଲି କେନ୍ଦୁ, ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ, ଖଡ଼ିଆଳର ନିବେଦିତା ରାଉତରାୟ ତୃତୀୟ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ ନିର୍ଲିପ୍ତ, ହୁଲ୍, ପରିଚୟ, ରାଉରକେଲାର ନରେନ ଦାସ ଏବଂ ଶେଷଦେବ, ଏକ ନୂଆ ସକାଳର ଅପେକ୍ଷାରେ, ନୂଆ ପରିଚୟ, ଭୁବନେଶ୍ୱରର ବିକ୍ରମ କେଶରୀ ଜେନା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ 'ଏକ ନୂଆ ସକାଳର ଅପେକ୍ଷାରେ' ବିକ୍ରମ କେଶରୀ ଜେନା, ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ବିଜୟ କୁମାର ଭୋଳ, ଏବଂ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ କମ୍ପାନୀ ସରକାର, ଉତ୍କଳୀ ସାଂସ୍କୃତିକ ଶିଳ୍ପୀ, ରାଉରକେଲାର ବିଲୋଚନ ପାତ୍ର ପୁରସ୍କୃତ ହୋଇଥିଲେ । ଏକ ନୂଆ ସକାଳର ଅପେକ୍ଷାରେ, ନୂଆ ପରିଚୟ, ଭୁବନେଶ୍ୱର ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଥିଲା ବେଳେ ପ୍ରଥମ- ଦ୍ୱିତୀୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ହୁଲ୍, ପରିଚୟ, ରାଉରକେଲା ପୁରସ୍କୃତ ହୋଇଥିବା ଜଣାପଡ଼ିଛି ।

ବଣାଇଗଡ଼ରେ ବ୍ରାହ୍ମଣ ସମାଜ ସମାବେଶ

ବଣାଇଁ, ୧୦।୧(ସମିସ): ବଣାଇଗଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବଣାଇଗଡ଼ ଅଞ୍ଚଳରେ ପରିଚାଳିତ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ବ୍ରାହ୍ମଣ ସାମୂହିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାଜର ବରିଷ୍ଠ ସଦସ୍ୟ ଶ୍ରୀନିବାସ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଆୟୋଜିତ ହୋଇଥିଲା । ସମାବେଶରେ ସୁନ୍ଦରଗଡ଼ରୁ ଯୋଗଦେଇଥିବା ବ୍ରାହ୍ମଣ ପ୍ରତିନିଧି ମଣ୍ଡଳୀର ପଣ୍ଡିତ ଗୌରାଚନ୍ଦ୍ର ଠାକୁର ବ୍ରାହ୍ମଣ ସମାଜର ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପଣ୍ଡିତ ରଜନୀକାନ୍ତ ପୁରୋହିତ ଗୁରୁକୁଳ ସ୍ଥାପନାର ଆବଶ୍ୟକତା ଉପରେ ମତ ରଖିଥିଲେ । ସେହିଭଳି ବରିଷ୍ଠ ବ୍ରାହ୍ମଣ ଦୟାନିଧି ଦିବାଡ଼ି ଓ ଯୁବ ବ୍ରାହ୍ମଣ ବିଶ୍ୱ ରଞ୍ଜନ ପୁରୋହିତ ବ୍ରାହ୍ମଣମାନଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟିକରି ବ୍ୟକ୍ତିଗତ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠିବା ପାଇଁ ଆହ୍ୱାନ କରିଥିଲେ । ସମାବେଶର ମୁଖ୍ୟଅତିଥି ଭାବେ ଗୋବିନ୍ଦ ଚନ୍ଦ୍ର ସୁଆର ଯୋଗଦେଇ ଥିଲେ । ଏହି ଅବସରରେ ପଦ୍ମଚରଣ ଆଚାର୍ଯ୍ୟ, ଭୋଳାନାଥ ମିଶ୍ର, କମଳେଶ ପ୍ରସାଦ ମିଶ୍ର, ମୁକୁନ୍ଦଦେବ ଶତପଥୀ, ପ୍ରଦୀପ ମିଶ୍ର, ଗୁଣନିଧି ମିଶ୍ର, ନାରାୟଣ ଚନ୍ଦ୍ର ତ୍ରିପାଠୀ, ଆବାହକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ନରେନ୍ଦ୍ର କୁମାର ମିଶ୍ର ଓ ଶ୍ରଦ୍ଧାନନ୍ଦ ଷଡ଼ଙ୍ଗୀ, ଯୁଧିଷ୍ଠିର ତ୍ରିପାଠୀ, ସୁଦାମ ତ୍ରିପାଠୀ, ସତ୍ୟନାରାୟଣ ଷଡ଼ଙ୍ଗୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ଶୁକଦେବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମାବେଶରେ ଗୁଡ଼ିଆଲି, ଜଗନ୍ନାଥପୁର, ବଣାଇଗଡ଼, ଜକେଇକେଲା, ପାଣ୍ଡୁରିଶିଳା, କେନ୍ଦ୍ରିକେଲା, ଉପରପଡ଼ା, ବରାମୁଣ୍ଡା, ସାନଗଗୁଆ, ଲଲେଇ, ଟାଙ୍କଜୋଡ଼ା, ତୁମକେଲା, ଇନ୍ଦ୍ରପୁର ଆଦି ଅଞ୍ଚଳରୁ ସର୍ବାଧିକ ବ୍ରାହ୍ମଣ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ଷଡ଼ଙ୍ଗୀ, ରୋହିତସ ମିଶ୍ର, ସିପୁନ ମିଶ୍ର, ସରୋଜ ମିଶ୍ର ସହାୟତା କରିଥିଲେ ।

ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

କୁତ୍ରା, ୧୦।୧(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ୩୬ତମ ବାର୍ଷିକ ପୁରସ୍କାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଦେଓମନି ପ୍ରଧାନ ଯୋଗଦେଇ ଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଛାତ୍ରଛାତ୍ରୀଙ୍କୁ ନେଇ ଏକ ନାଟକ 'ଛାୟା ବିଧାନସଭା' ମଞ୍ଚସ୍ଥ ହୋଇଥିଲା । ମଞ୍ଚସ୍ଥ ନାଟକର ପରିଚାଳନା ଡ. ନିତ୍ୟାନନ୍ଦ ବେହେରା ପ୍ରଧାନଶିକ୍ଷକ କଟଙ୍ଗ, ଉକ୍ତ ନାଟକର ନିର୍ଦ୍ଦେଶକ ରବୀନ୍ଦ୍ର ପଣ୍ଡା, ମହେନ୍ଦ୍ର ସିଂହ ଦାୟିତ୍ୱ ତୁଲାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଆଲିଶା ଟପ୍ପୋ, ପ୍ୟାରେଲାଲ ସାହୁ, ଭିକାରୀ ଦାସ ସହଯୋଗ କରିଥିଲେ । ଗ୍ରାମର ହେମନ୍ତ କୁମାର ସିଂ, ହରିଶଚନ୍ଦ୍ର ଅମାତ୍, ଚମ୍ପତି ବାଙ୍କରା ଓ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବରିଷ୍ଠଶିକ୍ଷକ ମହେନ୍ଦ୍ର ସିଂହ ସମସ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ଆର୍‌ଏସ୍‌ପିର ହଟ୍‌ଷ୍ଟ୍ରିପ୍ ମିଲ୍-୨ରେ ଡିଜିଟାଲ୍ ଆପ୍ଲିକେସନ୍ ଉଦ୍‌ଘାଟିତ

ରାଉରକେଲା, ୧୦।୧(ସମିସ): ଡିଜିଟାଲ୍ ପରିବର୍ତ୍ତନ ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହଟ୍‌ଷ୍ଟ୍ରିପ୍ ମିଲ୍-୨(ଏଚ୍‌ଏସ୍‌ଏମ୍-୨) ଦ୍ୱାରା ନିଜସ୍ୱ ବିକଶିତ ଡିଜିଟାଲ୍ ଆପ୍ 'ଏଚ୍‌ଏସ୍‌ଏମ୍-୨ଇକୋନେକ୍ଟ'ର ଶୁଭାରମ୍ଭ କରାଯାଇଛି । ଏଚଏସଏମ-୨ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଚ୍‌ଏସ୍‌ଏମ୍ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଏହି ଡିଜିଟାଲ୍ ଆପ୍ଲିକେସନ୍‌ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏଚ୍‌ଏସ୍‌ଏମ୍-୨(ବୈଦ୍ୟୁତିକ) ବିଭାଗର ଜିଏମ ତଥା ଏଚଓଏସ୍ ରଞ୍ଜିତ କୁଜୁର, ଏଚ୍‌ଏସ୍‌ଏମ୍-୨(ଅପରେସନ୍ସ) ବିଭାଗର ଜିଏମ ତଥା ଏଚଓଏସ୍ ଦୀପକ କୁମାର ଯାଦବ ଏବଂ ଏଚ୍‌ଏସ୍‌ଏମ୍-୨(ମେକାନିକାଲ) ବିଭାଗର ଜିଏମ ତଥା ଏଚଓଏସ ସୁବ୍ରତ କାନୁନଗୋଙ୍କ ସହିତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ଏହି ଆପ୍ ଏଚ୍‌ଏସ୍‌ଏମ୍-୨ରେ ଯୋଗାଯୋଗ, ରକ୍ଷଣାବେକ୍ଷଣ ସମନ୍ୱୟ ଏବଂ ସୂଚନା ଉପଲବ୍ଧତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି । ଉଲ୍ଲେଖନୀୟ ଯେ ଏହି ଆପ୍ଲିକେସନ୍‌କୁ ଏଚ୍‌ଏସ୍‌ଏମ୍-୨(ବୈଦ୍ୟୁତିକ) ବିଭାଗର ଏଜିଏମ୍ ଜ୍ୟୋତିର୍ମୟ ଜେନାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ଧାରଣା ଏବଂ ଡିଜାଇନ୍ ଦ୍ୱାରା ବିକଶିତ କରାଯାଇଛି, ଯାହା କାରଖାନାର ନବସୃଜନ, ଉତ୍ତରଦାୟିତ୍ୱ ଏବଂ ବ୍ୟବସ୍ଥା-ଚାଳିତ କାର୍ଯ୍ୟ ସଂସ୍କୃତି ଉପରେ ଦୃଢ଼ ଗୁରୁତ୍ୱକୁ ପ୍ରତିଫଳିତ କରେ । ଏକ ବ୍ୟାପକ ଡିଜିଟାଲ୍ ପ୍ଲାଟଫର୍ମ ଭାବରେ ବିକଶିତ, 'ଏଚଏସଏମ-୨ଇକୋନେକ୍ଟ' ଆପ୍ ଏଚ୍‌ଏସ୍‌ଏମ୍-୨ର ଦୈନନ୍ଦିନ କାର୍ଯ୍ୟକ୍ଷମ ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ସହିତ ଘନିଷ୍ଠ ଭାବରେ ସଂଯୁକ୍ତ । ଏହି ଆପ୍ଲିକେସନ୍‌ରେ ସରକାରୀ ବ୍ୟବହାର ପାଇଁ ଏକ ୱାଟସ୍‌ଆପ୍ ପରି ଇଣ୍ଟରଫେସ୍ ସହିତ ଏକ ସୁରକ୍ଷିତ ଏବଂ ସଂରଚିତ ଆଭ୍ୟନ୍ତରୀଣ ଯୋଗାଯୋଗ ମଡ୍ୟୁଲ୍ ରହିଛି, ଯାହା ଅନୌପଚାରିକ ଚ୍ୟାନେଲ୍‌ଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ କରିଥାଏ । ଏଥିରେ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପର ବ୍ୟବସ୍ଥାଗତ ପ୍ରବେଶ, ଟ୍ରାକିଂ ଏବଂ ଭବିଷ୍ୟତ ସନ୍ଦର୍ଭ ପାଇଁ ଏକ କ୍ଷେତ୍ରୀୟ ରକ୍ଷଣାବେକ୍ଷଣ କାର୍ଯ୍ୟ ମଡ୍ୟୁଲ୍ ମଧ୍ୟ ଅନ୍ତର୍ଭୁକ୍ତ । ରକ୍ଷଣାବେକ୍ଷଣ ଦକ୍ଷତାକୁ ଆହୁରି ସୁଦୃଢ଼ କରିବା ପାଇଁ, ଏହି ଆପ୍ଲିକେସନ୍ ବିଭିନ୍ନ କ୍ଷେତ୍ରରେ ବିସ୍ତୃତ ବୈଷୟିକ ସୂଚନାଧାରଣ କରିଥିବା ଏକ ବ୍ୟାପକ ମୋଟର ଡାଟାବେସ୍ ରଖିଛି, ଯାହା ଦ୍ରୁତ ସମସ୍ୟା ନିବାରଣ ଏବଂ ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ଯୋଜନାକୁ ସହାୟତା କରେ । 'ଏଚ୍‌ଏସ୍‌ଏମ୍-୨ଇକୋନେକ୍ଟ' ର ଶୁଭାରମ୍ଭ ଉନ୍ନତ ଦକ୍ଷତା, ସ୍ୱଚ୍ଛତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ଡିଜିଟାଲ୍ ସମାଧାନ ବ୍ୟବହାର କରିବା ପାଇଁ ଏଚ୍‌ଏସ୍‌ଏମ୍-୨ ର ପ୍ରତିବଦ୍ଧତାକୁ ସୁଦୃଢ଼ କରେ । ଏହି ଆପ୍ଲିକେସନ୍ ଦୈନନ୍ଦିନ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ପରିଚାଳନା ପାଇଁ ଏକ ଅବିଚ୍ଛେଦ୍ୟ ଉପକରଣ ହେବ ବୋଲି ଆଶା କରାଯାଉଛି, ଯାହା ଏଚ୍‌ଏସ୍‌ଏମ୍-୨ କାର୍ଯ୍ୟର ଉତ୍ପାଦକତା, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ।

ପ୍ରଗତି ଉତ୍କଳ ସଂଘର ସ୍କୁଲସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ

ରାଉରକେଲା, ୧୦।୧(ସମିସ): ପ୍ରଗତି ଉତ୍କଳ ସଂଘ ପ୍ରାୟୋଜିତ ଦ୍ୱିଦିବସୀୟ ସ୍କୁଲସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ସଂଘ ପରିସରରେ ଆରମ୍ଭ ହୋଇଛି । ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ତଥା ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଚେସ୍ ଆସୋସିଏସନର ପ୍ରାକ୍ତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସଂଘର ଉପଦେଷ୍ଟା ତଥା ଚେସ୍ ର ଜାତୀୟ ଖେଳାଳି ଶାନ୍ତନୁ କୁମାର ପରିଚ୍ଛା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପାଠ ସହ ଖେଳ, ମୁଖ୍ୟତଃ ଚେସ୍ ଖେଳର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବିଦ୍ୟାଳୟର ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ସହ ନଗଦ ଅର୍ଥ ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ବିଚାରକ ଭାବେ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଦିନେଶ କୁମାର ବେହେରା, ପ୍ରଦୀପ କୁମାର ବିଷୋୟୀ, ଜୀବନ ରାମମଣି ବେହେରା, ଶିଶିର ରଞ୍ଜନ ମଲ୍ଲିକ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସଂଘର ସର୍ବଶ୍ରୀ ରଶ୍ମିରଞ୍ଜନ ବୋଇତାଇ, ଘନଶ୍ୟାମ ଧଳ, ନାରାୟଣ ଚନ୍ଦ୍ର ମହନ୍ତ, ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଦେଇଥିଲେ ।

ଆର୍‌ଏସ୍‌ପିର ସାମଗ୍ରୀ ପୁନରୁଦ୍ଧାର ବିଭାଗ ଦ୍ୱାରା ଦୁଇଟି ରେକର୍ଡ



ରାଉରକେଲା, ୧୦।୧(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସାମଗ୍ରୀ ପୁନଃରୁଦ୍ଧାର ବିଭାଗ ସପ୍ତାହକ ମଧ୍ୟରେ ସ୍ଲାଗ୍ ପ୍ରେରଣରେ ଦୁଇଟି ନୂତନ ମାଇଲଖୁଣ୍ଟ ହାସଲ କରି ପୁଣିଥରେ ଉତ୍କର୍ଷପୂର୍ଣ୍ଣ କାର୍ଯ୍ୟ ଦକ୍ଷତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଇଛି । ଏଥିସହିତ ବିଭାଗ ନିଜର ଦକ୍ଷତା, ସମନ୍ୱୟ ଏବଂ ଦଳଗତ ମନୋଭାବରେ ଆଉ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଚଳିତ ଜାନୁଆରୀ ୩ ତାରିଖରେ ବିଭାଗ ୭, ୫୧୮.୧୨ ଟନ୍ ସ୍ଲାଗ୍ ପ୍ରେରଣ କରି ଏକ ଦିବସୀୟ ନୂତନ ରେକର୍ଡ ସ୍ଥାପନ କରିଛି । ଉତ୍କର୍ଷତାର ଧାରାକୁ ବଜାୟ ରଖି, ଏମଆରଡି ଦଳ ଗତ ଜାନୁଆରୀ ୭ ତାରିଖରେ ଗୋଟିଏ ଦିନରେ ସର୍ବାଧିକ ୨୭୭ ଟ୍ରିପ୍ ଏବଂ ୭୯୮୧.୫୮ ଟନ୍ ସ୍ଲାଗ୍ ପ୍ରେରଣ କରି ଆଉ ଏକ ସଫଳତାର ଶିଖର ଛୁଇଁଛି । ଏହି ସଫଳତାଗୁଡ଼ିକ ଚାହିଦାପୂର୍ଣ୍ଣ କାର୍ଯ୍ୟକ୍ଷମ ପରିସ୍ଥିତିରେ ମଧ୍ୟ ଏମଆରଡି ଦଳର ସ୍ଥିରତା, ଅନୁକୂଳନଶୀଳତା ଏବଂ ଦୃଢ଼ କାର୍ଯ୍ୟକାରିତାକୁ ସ୍ପଷ୍ଟକରେ । ଏଥିରେ ବରିଷ୍ଠ ପ୍ରବନ୍ଧନ ଏବଂ ବିଭାଗୀୟ ମୁଖ୍ୟଙ୍କ ଦୃଢ ନେତୃତ୍ୱ, ନିରନ୍ତର ସମର୍ଥନ ଏବଂ ପ୍ରୋତ୍ସାହନ, ଦଳକୁ ପ୍ରତିଦିନ ଉଚ୍ଚଲକ୍ଷ୍ୟ ହାସଲ କରିବା ଦିଗରେ ପ୍ରେରଣା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟଙ୍କ ପରଲୋକ

ବଣାଇଁ, ୧୦।୧(ସମିସ): ବଣାଇଁଗଡ଼ ସାମ୍ବାଦିକ ଜିତେନ୍ଦ୍ରିୟ ଆଚାର୍ଯ୍ୟଙ୍କ ପିତା ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟଙ୍କର ୭୦ ବର୍ଷ ବୟସରେ ଗତ ଗୁରୁବାର ପରଲୋକ ହୋଇଯାଇଛି । ସେ ପୂର୍ବରୁ ଜାତୀୟ ରାଜପଥ କାର୍ଯ୍ୟାଳୟରେ କାର୍ଯ୍ୟକରି ୨୦୧୪ରେ ଅବସର ନେଇଥିଲେ । ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାପରେ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ସତ୍ୟଭାମା ଆଚାର୍ଯ୍ୟ ଦୁଇ ପୁତ୍ର ଜିତେନ୍ଦ୍ରିୟ ଆଚାର୍ଯ୍ୟ, ରାଜେନ୍ଦ୍ର ଆଚାର୍ଯ୍ୟ, ଝିଅ, ଜ୍ୱାଇଁ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ବଣାଇଁ ବାଲିଆ ଟୋଟା ବ୍ରାହ୍ମଣୀ ନଦୀ ଶଯ୍ୟାରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା ଏବଂ ତାଙ୍କର ଜ୍ୟେଷ୍ଠପୁତ୍ର ଜିତେନ୍ଦ୍ରିୟଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ ।

ସାର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କୁତ୍ରା, ୧୦।୧(ସମିସ)

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମରେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଡ. ମୁରଲିଧର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାର ସହ ଅଧ୍ୟୟନ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପିନାଥ ଖାଖା, କୁତ୍ରା ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ସୁନ୍ଦରଗଡ଼ ଅତିରିକ୍ତ ଶିକ୍ଷାଧିକାରୀ ସାରଙ୍ଗଧର ବରିହା, କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ, ଜେଏସଡବ୍ଲୁ ଶିବା ସିମେଣ୍ଟର ସୁନିଲ ନାଥ, ଜେଏସଡବ୍ଲୁ ସିଏସଆରର ମୁଖ୍ୟ ସଂଗ୍ରାମ ରାଉତ, ଅଧୀକ୍ଷକ ଅଲେଖ ଦଲାଇ, ଓଆଇସିଏଲ ଏଚଆର ମୁଖ୍ୟ ରାଜୀବ କୁମାର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିନିରାଣୀ ସୋରେନ, ବିଦ୍ୟାଳୟର ପ୍ରତିଷ୍ଠାତା ବଇଲୋ କିଶାନ ଓ ତୁନମୁରା ସରପଞ୍ଚ ତରଣୀ ସେନ ବରିହା ପ୍ରମୁଖ ଯୋଗଦେଇ ଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନଭାଙ୍ଗୀ ନାଏକ ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସଫଳତା ଓ ଆଗାମୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଶିକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାର।। ପୁରସ୍କୃତ କରାଯାଇଥିଲା । ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଶେଷକରି ପରିବେଷ ସୁରକ୍ଷା।। ସଚେତନତା ଉପରେ ଆଧାରିତ କ୍ଷୁଦ୍ର ନାଟକ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ମଞ୍ଚ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସକାଳ
THE SAKALA

www.sakalaepaper.com

ଧାନମଣ୍ଡି ଖୋଲିବା, ସ୍ମାର୍ଟ ମିଟର ବ୍ୟବସ୍ଥା ରଦ୍ଦ ଓ ମନରେଗା ପୁନଃ କାର୍ଯ୍ୟକାରୀ ଦାବି

ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

ବାଲେଶ୍ୱର, ୧୦ ।୧(ସମିସ)

କେନ୍ଦ୍ର ଓ ଓଡ଼ିଶା ସରକାର ଜନ ବିରୋଧୀ ଆଇନ ପ୍ରଣୟନ କରି ତୁଚ୍ଛାରେ ଆତ୍ମ ବଡ଼ିମା ଦେଖାଉଛନ୍ତି । ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ ମହାନ୍ତି ଏଭଳି ଅଭିଯୋଗ କରିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ, ବିଦ୍ୟୁତ ଉପଭୋକ୍ତା ଓ ମନରେଗା ଯୋଜନାକୁ ପୂର୍ବ ଭଳି କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି । ସରକାର ନିଜ ନୀତି ରେ ତୁରନ୍ତ ସଂଶୋଧନ ନ କଲେ ପ୍ରଦେଶ କଂଗ୍ରେସର ପରାମର୍ଶ କ୍ରମେ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତର ରେ କଂଗ୍ରେସ ଦଳ ଓଡ଼ିଶାବାସୀଙ୍କୁ ସଚେତନ କରି ଏକ ଜନ ଆନ୍ଦୋଳନ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି । ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସୁଧୁରି ଯିବାକୁ ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି ।

ଶ୍ରୀ ମହାନ୍ତି କହିଥିଲେ କି ୟୁପିଏ ସରକାର ଦେଶର ଅଣ କୁଶଳୀ ଶ୍ରମିକ ବିଶେଷ କରି ତଫସିଲଭୁକ୍ତ ଜାତି, ତଫସିଲ ଭୁକ୍ତ ଉପଜାତି ଓ ଓବିସିର ଗ୍ରାମୀଣ ଲୋକଙ୍କୁ ୩୬୫ ଦିନ ମଧ୍ୟରୁ ୧୦୦ଦିନ ନିଶ୍ଚିତ କର୍ମ ନିଯୁକ୍ତି ଦେବା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଥିଲେ । ମାତ୍ର ମୋଦି ସରକାର ମନରେଗାର ଆଇନକୁ ପ୍ରତ୍ୟାହାର କରିନେଇ ଭି ଭି ରାମ ଜୀ ନାମରେ ଏକ ଯୋଜନା ପ୍ରଣୟନ କରି ଏଥିପାଇଁ ବଜେଟରେ ନିର୍ଦ୍ଦିଷ୍ଟ ପରିମାଣ ର ଅର୍ଥ ବ୍ୟୟ ବରାଦ କଲେ । ଯାହା ୟୁପିଏ ସରକାରଙ୍କ ଅମଳ ରେ ଆବଶ୍ୟକ ପଡ଼ିଲେ ଅଧିକ ଅର୍ଥ ଦେବାର ବ୍ୟବସ୍ଥା ସହ ଶ୍ରମିକ ଲଗାତାର ଭାବେ ପନ୍ଦର ଦିନ କାମ ନ ପାଇଲେ ମଧ୍ୟ ଅର୍ଥ ଦାବି କରିବାର ବ୍ୟବସ୍ଥା ଥିଲା । ଯାହାକୁ ମୋଦି ସରକାର ନୂତନ ଯୋଜନାରୁ ବାଦ ଦେଇଛନ୍ତି ଫଳରେ ଗରିବ ଶ୍ରମିକ ଆଉ କାମ ନ ପାଇଲେ ମଧ୍ୟ ପାରିଶ୍ରମିକ ଦାବି କରିପାରିବ ନାହିଁ । ପଞ୍ଚାୟତରେ ପଲ୍ଲୀସଭା ମାଧ୍ୟମ ରେ ଲୋକଙ୍କ ବିକାଶ ଓ ଭିତ୍ତିଭୂମି ର ବିକାଶ ପାଇଁ ଆଲୋଚନା କରି ନିଷ୍ପତ୍ତି ବ୍ୟବସ୍ଥା ଥିଲା ବେଳେ ଭି ଭି ରାମ ଜୀ ଯୋଜନାରେ ଦିଲ୍ଲୀରେ ବସି ପଲ୍ଲୀ ର ବିକାଶ ଯୋଜନା କରିବାକୁ ନିଷ୍ପତ୍ତି ନିଆଯାଇଛି ଏହାର ଅର୍ଥ କେନ୍ଦ୍ର ସରକାର କ୍ଷମତା ବିକେନ୍ଦ୍ରି କରଣ ନ କରି କ୍ଷମତାକୁ ନିଜ ପାଖରେ ଠୁଳ କରିବାକୁ ଚାହୁଁଛନ୍ତି ବୋଲି ପ୍ରମାଣ କରିଛନ୍ତି । ସେହିପରି ଅଭାବୀ ଧାନ ବିକ୍ରି କୁ ରୋକିବାକୁ ନିର୍ବାଚନ ପୂର୍ବରୁ ରାଜ୍ୟ ବିଜେପି ନେତାମାନେ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ଥିଲା ବେଳେ ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ମଣ୍ଡି ଖୋଲି ପାରିନାହିଁ ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ମୋହନ ସରକାର ମିଲ ମାଲିକଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଯୋଜନା କରିବା ସହ ମିଲର ମାନଙ୍କୁ ଆନ୍ଦୋଳନ କରିବାକୁ ପରାମର୍ଶ ଦେଇ ଚାଷୀଙ୍କଠାରୁ ଧାନ ନ କିଣିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ଫଳରେ ଦଲାଲ ମାନଙ୍କୁ ଚାଷୀ ଅଳ୍ପ ଡରରେ ଧାନ ବିକିବାକୁ ବାଧ୍ୟ କରୁଛନ୍ତି । ଯୋଗାଣ ଓ ସାଧାରଣ ବଣ୍ଟନ ବିଭାଗ ମନ୍ତ୍ରୀ ଓ ସମବାୟ ମନ୍ତ୍ରୀଙ୍କ ବିବୃତ୍ତିରେ କୌଣସି ତାଳମେଳ ରହୁ ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ନୀରବ ଦ୍ରଷ୍ଟା ସାଜିଛନ୍ତି । ଚାଷୀ ସରକାରଙ୍କ ଷଡ଼ଯନ୍ତ୍ରକୁ ବୁଝି ସାରିଲେଣି । ଏହା ବ୍ୟତୀତ ଏବେ ଡିଜିଟାଲ ମିଟର ଚାରି ବର୍ଷ ପରେ ପରିବର୍ତ୍ତନ କରି ସ୍ମାର୍ଟ ମିଟର ଲଗାଇ ଅଦାନୀ ଗ୍ରୁପକୁ ସାହାଯ୍ୟ କରିବାକୁ ଆଗଭର ହୋଇଛି । ଏବେ ଅଦାନୀ ଗ୍ରୁପ ସ୍ମାର୍ଟ ମିଟର ଲଗାଇବ ଓ ରାଜ୍ୟ ସରକାର ସ୍ମାର୍ଟ ମିଟର ପାଇଁ ୪୩୫ କୋଟି ଟଙ୍କା ଅଦାନୀକୁ ଦେଇ କମିଶନି କାରବାର ପାଇଁ ଷଡଯନ୍ତ୍ର କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିବା ସହ ଓଡ଼ିଶାରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି ର ମାତ୍ର ଆଠ ପ୍ରତିଶତ ସାଧାରଣ ଉପଭୋକ୍ତା ଓ ଦୁଇ ପ୍ରତିଶତ ଚାଷୀ ବ୍ୟବହାର କରୁଛନ୍ତି ଅବ ଶିଷ୍ଟ ଶକ୍ତି କୁ ଶିଳ୍ପପତି ଙ୍କୁ ରିହାତି ଦର ରେ ବିକ୍ରି କରୁଛନ୍ତି । ପଞ୍ଜାବ ଝାରଖଣ୍ଡ ଓ ତେଲେଙ୍ଗାନା ସରକାର ଚାଷୀଙ୍କୁ ମାଗଣା ଶକ୍ତି ସରକାର ଦେଉଥିବା ବେଳେ ବିଜେପି ଦଳ ତିନିଶହ ୟୁନିଟ ମାଗଣା ବିଦ୍ୟୁତ ପ୍ରଦାନର ପ୍ରତିଶ୍ରୁତି ଗଲା କୁଆଡେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସରୋଜ କୁମାର ଲେଙ୍କା, ଦେବଦତ୍ତ ଦାସ, ନିଶିତ୍ ବାରିକ, ତୁଷାରକାନ୍ତି ତପସୀ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ନାଟକ 'କାହାଣୀ ଲାଗୁଛି ନୂଆ ନୂଆ' ମଞ୍ଚସ୍ଥ

ଭୋଗରାଇ, ୧୦।୧ (ସମିସ): ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ କୁଚିଲାଡାଙ୍ଗି ଗ୍ରାମର ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ନାଟକ 'କାହାଣୀ ଲାଗୁଛି ନୂଆ ନୂଆ' ମଞ୍ଚସ୍ଥ ହୋଇଯାଇଛି । ସମ୍ପ୍ରତି ସାମାଜିକ ଜୀବନର ବାପା ପ୍ରତି ପୁଅର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସହ ଏହା ପ୍ରତି ସାମାଜିକ ସଚେତନତା ସୃଷ୍ଟି ଦିଗରେ ଏହା ବେଶ୍ ପ୍ରଭାବଶାଳୀ ବୋଲି ଦର୍ଶକମତ ପ୍ରକାଶ ପାଇଛି । ଅଷ୍ଟମ ଓ ନବମ ଶ୍ରେଣୀର କୁନି କୁନି କଳାକାରମାନଙ୍କର ନିଖୁଣ ଓ ଜୀବନ୍ତ ଅଭିନୟ ଦର୍ଶକମାନଙ୍କୁ ଖୁବ୍ ଅମୋଦିତ କରିଥିଲା । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପର୍ଶୁରାମ ଦାସଙ୍କ ରଚିତ ଓ କ୍ରୀଡା ଶିକ୍ଷକ ଚନ୍ଦନ ଜେନାଙ୍କ ବଳିଷ୍ଠ ନିର୍ଦ୍ଦେଶନା ଖୁବ୍ ଉଚ୍ଚକୋଟୀର ଥିଲା ଓ ଛାତ୍ରଛାତ୍ରୀଙ୍କର ଏଭଳି ଉଚ୍ଚକୋଟୀର ଅଭିନୟକୁ ପ୍ରଧାନଶିକ୍ଷୟିତ୍ରୀ, କମିଟିର ସଭାପତି ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

କମ୍ପ୍ୟୁଟର ସାର୍ଟିଫିକେଟ ସମ୍ବନ୍ଧୀୟ କର୍ମଶାଳା

ବାଲେଶ୍ୱର, ୧୦ ।୧(ସମିସ): ଏନସିଭିଇଟି ଅନୁମୋଦିତ ଓ ଏସଏସସି ନାସକମ କଂପ୍ୟୁଟର ସାର୍ଟିଫିକେଟ ସମ୍ବନ୍ଧୀୟ ଏକ କର୍ମଶାଳା ଖଇରାସ୍ଥିତ ଇଏଲଏସ କଂପ୍ୟୁଟର ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଇଏଲଏସ କଂପ୍ୟୁଟର ଏକାଡେମୀର ପରିଚାଳନା ନିର୍ଦ୍ଦେଶିକା କମଳିନୀ ମହାପାତ୍ର ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଶିକ୍ଷାବିତ ଶ୍ୟାମସୁନ୍ଦର ପଣ୍ଡା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଶେଷରେ ଓସିଏସର ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ସରକାରୀ ସାର୍ଟିଫିକେଟର ଆବଶ୍ୟକତା ଓ ଏସଏସି ନାସକାମ ସମ୍ପର୍କରେ ଆଲୋଚନା କରିଥିଲେ । ଓସିଏର ସଞ୍ଚାଳିକା ସଙ୍ଗିତା ପତି ଧନ୍ୟବାଦ ଦେଇଥିଲେ ।

ମେଡିକାଲ କଲେଜ ଓ ହସ୍ପିଟାଲରେ ଅଧିକ ପିଜି ସିଟ୍ ଖୋଲିବା ଦାବି

ବାଲେଶ୍ୱର, ୧୦ ।୧(ସମିସ): ବିଭିନ୍ନ ମେଡିକାଲ କଲେଜରେ ଓଡ଼ିଶା ସରକାରଙ୍କର ୫୦୨ଟି ଡାକ୍ତରୀ ପିଜି ସିଟ୍ ବଢ଼ିବାର ପ୍ରସ୍ତାବ ଥିବା ବେଳେ ବାଲେଶ୍ୱରର ନାମ ନଥିବାରୁ ଆଜି ମେଡିକାଲ କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ସାପ୍ତାହିକ ବୈଠକରେ ଉଦବେଗ ପ୍ରକାଶ ପାଇଛି । ଯଦିଓ ଫକୀରମୋହନ ମେଡିକାଲ କଲେଜରେ ପୂର୍ବରୁ ପ୍ରସୂତି ବିଭାଗରେ୨ଟି, ନାସା କର୍ଣ୍ଣ ଗଳା ବିଭାଗରେ ୨ଟି ଓ ନିଶ୍ଚେତକ ବିଭାଗରେ ଗୋଟିଏ ପିଜି ସିଟ ପାଇଁ ଅନୁମୋଦନ ହୋଇଛି ତଥାପି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା କାର୍ଡ଼ିଓଲୋଜି, ନ୍ୟୁରୋଲୋଜି, ନେଫ୍ରୋଲୋଜି, ୟୁରୋଲୋଜି, ଆଇପିଏମଆର ଆଦି ବିଭାଗରେ ପିଜି ସିଟ ଖୋଲାଯାଇ ନାହିଁ । ଏ ସମସ୍ତ ବିଭାଗରେ ପିଜି ସିଟ ଖୋଲିବା ପାଇଁ ଓଡ଼ିଶା ସରକାର ପୁନର୍ବିଚାର କରି ଫକୀରମୋହନ ମେଡିକାଲ କଲେଜରେ ପିଜି ସିଟ୍ ବଢ଼ାଇବାର ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି ।

● ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ

ତୃତୀୟ କ୍ୱାର୍ଟରରେ ଭଦ୍ରକ ସୂର୍ଯ୍ୟଶିଖା ବିଜୟୀ

ଖଇରା, ୧୦।୧ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା ଲଙ୍କେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲରେ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ବାରିପଦାର ଡିଆରକେ କ୍ଲବକୁ ୭ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ ୪ଉଟେକେଟ ହରାଇ ୨୨ ଓଭରରେ ୧୯୪ ରନ ସଂଗ୍ରହ କରିଥିଲା । ଜବାବରେ ସୂର୍ଯ୍ୟଶିଖା ୧୯.୪ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ଘୋଷିତ ହୋଇଥିଲା । ଅଭିମନ୍ୟୁ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, କମିଟିର ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ରାଉଳ, ରଣଜିତ ଜେନା ଓ କ୍ଷେତ୍ରମୋହନ ରାଉଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ହେମନ୍ତ ଜେନା, ଉଦୟଭାନୁ ପତି, ଦିନେଶ ଜେନା, ଗଗନ ଜେନା, ଦୟାନିଧି ପାଲ, ଭରତ ମହାରଣା, ନାରାୟଣ ଜେନା, ପର୍ଶୁରାମ ମହାକୁଡ, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ବାବା ସୋମନାଥ ସ୍ୱାଭିମାନ ବର୍ଷ

ନୀଳଗିରି, ୧୦।୧ (ସମିସ): ଆଜି ଭାରତର ପ୍ରମୁଖ ଜ୍ୟୋତିର୍ଲିଙ୍ଗ ତଥା ଗୁଜୁରାଟର ପ୍ରସିଦ୍ଧ ସୋମନାଥ ମନ୍ଦିର ଆକ୍ରମଣର ୧୦୦୦ବର୍ଷ ଏବଂ ମନ୍ଦିର ନିର୍ମାଣର ୭୫ବର୍ଷ ପୂରଣ ହେଉଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷକୁ 'ସୋମନାଥ ସ୍ୱାଭିମାନ ବର୍ଷ'ରୂପେ ପାଳନ କରାଯାଉଅଛି । ଏହି ଅବସରରେ ଆଜି ବିଜେପି ଯୁବମୋର୍ଚ୍ଚା, ନୀଳଗିରି ତରଫରୁ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ନୀଳଗିରି ନଗରର ଶଙ୍କରା ଖୁଣ୍ଟା ପୋଖରୀ ସ୍ଥିତ ବାବା ତାରକେଶ୍ୱର ଶିବ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ଓଁ କାର ମନ୍ତ୍ର ଜପ ସହ ପ୍ରଦୀପ ପ୍ରଜ୍ୱଳନ କରି 'ବାବା ସୋମନାଥ ସ୍ୱାଭିମାନ ବର୍ଷ' ପାଳନ କରାଯାଇଛି । ଏହା ସହିତ ଯୁବ ମୋର୍ଚ୍ଚାର ସଦସ୍ୟମାନେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଆଶୁ ଆରୋଗ୍ୟ କାମନା କରି ଭଗବାନଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଯୁବମୋର୍ଚ୍ଚାର ଗୋପୀବଲ୍ଲଭ ରାଉତ, ଆଲୋକ ବାରିକ, ଉମାକାନ୍ତ ଦାସ, ଦିବ୍ୟଜ୍ୟୋତି, ଦେବରଞ୍ଜନ ସ ପ୍ରମୁଖ ଉପସ୍ଥିତ ରହିଥିଲେ ।

କୁଲଡିହାରୁ ପୁଣି ଦୁଇ ଶିକାରୀ ଗିରଫ

ନୀଳଗିରି, ୧୦।୧ (ସମିସ): କୁଲଡିହା ଅଭୟାରଣ୍ୟରୁ ପୁଣି ଦୁଇ ଶିକାରୀଙ୍କୁ ଧରାଇଦେଲା ଏଆଇ କ୍ୟାମେରା । କିଛି ଦିନ ପୂର୍ବରୁ ମଙ୍ଗଳପୁର ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଏ.ଆଇ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ନୀଳଗିରି ଥାନା ଅଧିନସ୍ଥ କାଣ୍ଡଗରଡି ପଞ୍ଚାୟତର କାଣ୍ଡଗରଡି ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ପୁଅ ବାବୁ ପାତ୍ର (୪୮) ଓ ଉକ୍ତ ଗ୍ରାମର ମହେଶ୍ୱର ପାତ୍ରଙ୍କ ପୁଅ ଜଳଧର ପାତ୍ର (୬୭) ଜଙ୍ଗଲକୁ ଠେକୁଆ ଶିକାର ପାଇଁ ଗତ ନଭେମ୍ବର ମାସରେ କୁଲଡିହା ଅଭୟାରଣ୍ୟ ମଙ୍ଗଳପୁର ବିଟ୍ ଅଞ୍ଚଳକୁ ଯାଇଥିଲେ । ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଏ.ଆଇ କ୍ୟାମେରାରେ କଏଦ ହୋଇଥିବା ଏମାନଙ୍କ ଫଟୋ ରୁଟିନ୍ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନ କରିଥିଲା ବନବିଭାଗ । ପରେ ଶନିବାର ଏହି ଦୁଇଶିକାରୀଙ୍କୁ ବନବିଭାଗ ୧୬/୨୫-୨୬ ମାମଲା ରୁଜୁ କରି ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଛି ।

ସୂଚନା, ଶିକ୍ଷା, ବ୍ୟବହାର ପରିବର୍ତ୍ତନ ଓ ଯୋଗାଯୋଗ ଅଭିଯାନ

ସୋର, ୧୦।୧(ସମିସ): ସୋର ବ୍ଲକ ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସତ୍ୟ ସ୍ୱରୂପ ସିଂହଙ୍କ ଅଧ୍ୟକ୍ଷତାରେ ସୂଚନା, ଶିକ୍ଷା, ବ୍ୟବହାର ପରିବର୍ତନ ଓ ଯୋଗାଯୋଗ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକମାନଙ୍କୁ ମଧ୍ୟରେ ସଚେତନ ସୃଷ୍ଟି

କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଡାକ୍ତର ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନା ତଥା ସ୍ୱଚ୍ଛ ଭାରତ ଅଭିଯାନ, ମହିଳା ସଶକ୍ତି କରଣ, କିଶୋର କିଶୋରୀଙ୍କ ସ୍ୱାସ୍ଥ୍ୟ ଓ ନିଶା ନିବାରଣ ବିଷୟରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଗୀ କଲ୍ୟାଣ ସମିତିର ସଭ୍ୟ ନିତ୍ୟାନନ୍ଦ କର, ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ଡାକ୍ତରଖାନା ର ପରୀକ୍ଷାଗାର ଅଧିକାରୀ ସଦାଶିବ ନାଥ, ଅନନ୍ତପୁର ଫାଣ୍ଡି ଅଧିକାରୀଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ, ଆଶାକର୍ମୀ ଏବଂ ସେ ଅଞ୍ଚଳର ବୁଦ୍ଧିଜୀବୀ, ସ୍କୁଲ ପିଲାଙ୍କ ସହିତ ବ୍ଲୁ ଷ୍ଟାର କ୍ଲବ ଓ କିଛି କମ୍ୟୁନିଟି ସେଣ୍ଟରର ଯୁବକ ବନ୍ଧୁମାନେ ଉପସ୍ଥିତ ଥିଲେ ।

ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ

ନୀଳଗିରି, ୧୦।୧ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମ ପଞ୍ଚାୟତ ଅଧୀନ ସାନପାଟପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ହୀରକ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ ବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଡ. ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ସାହିତ୍ୟିକ ପ୍ରତାପ ଚନ୍ଦ୍ର ଚୈଧୁରୀ ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ । ଛାତ୍ର ସଂସଦର ସମ୍ପାଦକ ଦିପକ ବେହେରା ବିବରଣୀ ପଠନ କରିଥିଲେ । ମୁଖ୍ୟଅତିଥି ପୂର୍ବତନ ଔପଦା ବ୍ଲକର ଚେୟାରମ୍ୟାନ ରାମଚନ୍ଦ୍ର ବେହେରା ମୁଖ୍ୟବକ୍ତା କବି ସମାଲୋଚକ ଶରତ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ପୁରାତନ ଶିକ୍ଷକ ହୃଷିକେଶ ପଣ୍ଡା ସହିତ ଅନ୍ୟ ବହୁ ଗୁରୁଜି ଗୁରୁମା ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜନ୍ମଜୟ ପଟ୍ଟନାୟକ, ବିଦ୍ୟାଧର ପ୍ରଧାନ, ଦେବାଶିଷ ପାଣି, ଶନୈଶ୍ଚରଞ୍ଜନ ବେହେରା ମନୋରଞ୍ଜନ ମହାନ୍ତି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ । ପୁରାତନ ଛାତ୍ରୀ ଜ୍ୟୋତିଶ୍ରୀ ପାଣି ମଞ୍ଚ ଆହ୍ୱାନ କରିଥିଲେ । କୋଷାଧ୍ୟକ୍ଷ କପିଳେନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

୨ ଦିନରେ ୮ ଧାନମଣ୍ଡି ଖୋଲିଲା

ଖଇରା, ୧୦ ।୧ (ସମିସ): ଖଇରା ବ୍ଲକରେ ଗୁରୁବାର ଓ ଶନିବାର ୨ଦିନ ଧରି ୮ଟି ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇ ଯାଇଛି । ଏଥିରେ ସିମୁଳିଆ ବିଧାୟକ ତଥା ରାଜ୍ୟ ପବ୍ଲିକ ଅଣ୍ଡଟେକିଂ କମିଟି ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ସମିତି ସଭାପତି ଗଣେଷ ପ୍ରସାଦ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ଅଭିଳିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଓ ସଭ୍ୟା ରଶ୍ମିତା ମହାପାତ୍ର, ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖା ପରିଚାଳକ ଯଦୁନାଥ ସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶନିବାର ପ୍ରଥମେ ହରିପୁର ସେବା ସମବାୟ ସମିତିରେ ସମ୍ପାଦକ ଶୁଭଦା ଶଙ୍କର ମହାନ୍ତି, ସହ-ସମ୍ପାଦକ କାର୍ତ୍ତିକ କୁମାର ବେହେରା ସଭାପତି ଆନନ୍ଦ ଚରଣ ଜେନାଙ୍କ ତତ୍ତ୍ୱାବଧାନରେ ଧାନକିଣା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପରେ ଗଡ଼ପୋଖରୀ ସମିତିରେ ସମ୍ପାଦିକା ଶ୍ରଦ୍ଧାଞ୍ଜଳି ବିଶ୍ୱାଳ ଓ ସଭାପତି ପ୍ରଦୀପ କୁମାର ଜେନା ଏବଂ ଖଇରା ସେବା ସମବାୟ ସମିତିରେ ସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ସଭାପତି ସୌମ୍ୟ ରଞ୍ଜନ ନାୟକ ତଥା ସମସ୍ତ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଣ୍ଡିର ପୂଜାର୍ଚ୍ଚନା କରାଯାଇଥିଲା । ଏହାଛଡା ଗୁରୁବାର ଦିନ ବିଧାୟକ ତଥା ଅନ୍ୟ ଅତିଥି ମାନଙ୍କ ଦ୍ୱାରା ବର୍ତ୍ତନା, ଗୋବିନ୍ଦପୁର, ଗଗନଧୂଳୀ, କୁରୁଣ୍ଟା ଓ ମିର୍ଜାପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି । ବର୍ତ୍ତନାରେ ସମ୍ପାଦକ ଅକ୍ଷୟ କୁମାର ରାଉତ, ସଭାପତି ନିରଞ୍ଜନ ମହାପାତ୍ର, ସରପଞ୍ଚ ବୀଣାପାଣି ପଣ୍ଡା ଓ ରିନାକ୍ଷୀଲତା ନାୟକ, ସମିତିସଭ୍ୟା ରଶ୍ମିବାଳା କର ଉପସ୍ଥିତ ଥିବା ବେଳେ ଗୋବିନ୍ଦପୁରରେ ସମ୍ପାଦକ ପ୍ରଫୁଲ୍ଲ ଖଣ୍ଡା, ସଭାପତି ରବୀନ୍ଦ୍ର ବେହେରା ଓ ପରିଚାଳନା ବୋର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ସେହିଭଳି ଗଗନଧୂଳିରେ ସମ୍ପାଦକ ଗଗନ ବିହାରୀ ଜେନା, ସଭାପତି ହରେକୃଷ୍ଣ ଶତପଥି, ସରପଞ୍ଚ ମଦନ ସାନ୍ତରା, କୁରୁଣ୍ଟା ସମିତିରେ ସମ୍ପାଦକ ଗଜେନ୍ଦ୍ର ଜେନା, ସଭାପତି ମୁକୁନ୍ଦ ନାୟକ, ସରପଞ୍ଚ ରଘୁନାଥ ଜେନା ଓ ସମିତିସଭ୍ୟା କମଳିନୀ ମାଝୀ ଏବଂ ମିର୍ଜାପୁର ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ଦେବାଶିଷ ପାଢ଼ୀ, ସଭାପତି ସନ୍ତୋଷ କୁମାର ନାୟକ, ସରପଞ୍ଚ ପ୍ରତିନିଧି ସୁରେଶ କୁମାର ମାଝୀ ଓ କୈଳାସ ମାଝୀ, ବୁଲୁ ଲେଙ୍କା, ସୁପରଭାଇଜର ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୧୦।୧ (ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ବିଶିଷ୍ଟ ସମାଜସେବୀ ଶ୍ରୀହରି ଜେନା ଉଦଘାଟନ କରିଥିଲେ । ଏନେଇ ଆୟୋଜିତ ସଭାକୁ ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ସଞ୍ଚାଳନ କରିଥିଲେ । ମୁଖ୍ୟବକ୍ତା ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟାପକ ନବକୃଷ୍ଣ ଦେ ଓ ମୁଖ୍ୟଅତିଥି ବିଶିଷ୍ଟ ଶିକ୍ଷାବିତ ତଥା ସାରସ୍ୱତ ସାଧକ କାଳିକିଙ୍କର ଦାସ ଯୋଗ ଦେଇ କଠିନ ପରିଶ୍ରମ, ଗୁରୁଭକ୍ତି ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ଉପଦେଶ ଦେଇଥିଲେ । ସମ୍ମାନିତ ବକ୍ତା ଦକ୍ଷିଣ ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘର ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଶମ୍ଭୁନାଥ ଜେନା, ସମ୍ମାନିତ ଅତିଥି କାନ୍ଥଭଉଁରୀ ସରପଞ୍ଚ କିରଣବାଳା ଜେନା, ସମିତି ସଭ୍ୟ ପ୍ରଦୀପ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃତ୍ତିବାସ ସୁର, ହାଡ଼ିଗୋଛିଆ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନାଭଡେଶ୍ୱର ମାଝୀ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଲୋଚନ ମାଝୀ, ୱାର୍ଡସଭ୍ୟ ରବୀନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା, ଭଗିରଥ ଚନ୍ଦ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ବେହେରା ମଞ୍ଚ

ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ସମୀର ଦାସ, ଶିଶୁ ସାହିତ୍ୟିକ ଝାଡ଼େଶ୍ୱର ପ୍ରଧାନ ଓ ଶୃତିଶିଖା ଚାନ୍ଦ ପ୍ରତିଭାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବଳରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ନେତୃତ୍ୱ ତାଲିମ ଶିବିର

ବାଲିଆପାଳ, ୧୦।୧ (ସମିସ): ବାଲିଆପାଳ ବ୍ଲକ ଜଗାଇ ପିପିଲି କୃଷ୍ଣଚନ୍ଦ୍ର ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ନେତୃତ୍ୱ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ. ମାନସୀ ସାହୁଙ୍କ ପରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, ମୁଖ୍ୟବକ୍ତା ଭାବେ ଡା. ରତ୍ନାକର ଦାସ, ସମ୍ମାନିତ ଅତିଥି ଭାବେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଆଶୁତୋଷ ଦାସ, ଏସ୍‌ଡିପିଓ ରମେଶ ଚନ୍ଦ୍ର ପଣ୍ଡା, ପିଓ ସୁପ୍ରାଶିନୀ ବେହେରା, ଏନଏସଏସର ପୂର୍ବତନ ପିଓ ଶାନ୍ତିଲତା ଦାସ, ମଞ୍ଚ ପରିଚାଳନାରେ ଆଶିଷ ଓଝା ସହଯୋଗ କରିଥିଲେ ସମ୍ବାଦ ପ୍ରତିନିଧି ଶାନ୍ତନୁ କୁମାର ମହାପାତ୍ର ଏବଂଅଧ୍ୟାପକ ଅଭିଳାଷ ବେହେରାଙ୍କୁ ରିସର୍ସ ପର୍ସନ ଭାବେ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ଦେଶ ପ୍ରେମ ଉପରେ ମାର୍ଗଦର୍ଶନ କରିଥିଲେ । ଗୋପାଳପୁର ଏନ ଏସ ଏସ ର ପି ଓ ଡ଼. କଲ୍ୟାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଜଳେଶ୍ୱର ପ୍ରିମିୟର ଲିଗ୍ ସିଜିନ-୨(ଜୁନିୟର) କ୍ରିକେଟ ଆରମ୍ଭ

ଜଳେଶ୍ୱର, ୧୦।୧ (ସମିସ): ଜଳେଶ୍ୱର ପୌରାଞ୍ଚଳର ୩ନଂ ୱାର୍ଡ ଗୁଆଖଣା ଗୌରୀ କ୍ଲବ ଖେଳପଡ଼ିଆଠାରେ ଜଳେଶ୍ୱର ପ୍ରିମିୟର ଲିଗ ସିଜିନ-୨ (ଜୁନିୟର) କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ ବିଜେପି ବରିଷ୍ଠ ନେତା ତଥା ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ସେକ ହାସିରୁଦ୍ଦିନ ବକ୍ସ ଅଧ୍ୟକ୍ଷତା କରିଥିବା ବେଳେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ବ୍ରଜମୋହନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଫାଲଗୁନୀ ପାଣିଗ୍ରାହୀ, ରାଜେଶ କୁମାର ଖଟୁଆ, ତାପସ ପାଣିଗ୍ରାହୀ, ସଞ୍ଜୀବ ପାତ୍ର, ସେଖ ଜବାର, ରେହେମାନ ଖାଁ, ସେକ ଅବଦୁଲ ରେହେମାନ, ସେଖ ନାସିରୁଦ୍ଦିନ ବକ୍ସ, ଆସଲାମ ଖାଁ, ସେକ ସମସାଦ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ୬ ଓଭର ବିଶିଷ୍ଟ ୪ଦିନ ବ୍ୟାପୀ ହେବାକୁ ଥିବା ବେଳେ ୫ଟି ଟିମ ଏଥିରେ ଭାଗ ନେଇଛନ୍ତି । ଟିମ ଗୁଡିକ ହେଲା ପଦ୍ମା ସ୍ପୋର୍ଟ୍ସ, କେ.ଏମ୍.ସି ଫାଇଟର, ପାୱାର ହିଟର, କିଙ୍ଗସ୍ ଇଲେଭେନ ଷ୍ଟାର, ଏଲ ୱାରିୟସ୍ । ଉଦ୍‌ଘାଟନୀ ମ୍ୟାଚ କିଙ୍ଗସ୍

ଇଲେଭେନ ଷ୍ଟାର ଓ ଏଲ ୱାରିୟସ୍ ମଧ୍ୟରେ ହୋଇଥିଲା । ଏହି ଖେଳକୁ ସେକ୍ ଅମିର, ସେକ୍ ଫାଇଜଲ, ସେକ୍ ସମସାର, ସେକ୍ ଜାହିର, ସେକ୍ ଲକି ପରିଚାଳନା କରିଥିବା ବେଳେ ଗୌରୀ କ୍ଲବର ସେକ ଫଇଜୁ, ସେକ ଅନୁୟାର, ସେକ ଅସଲାମ, ସେକ ନାସିର ବକ୍ସ (ବବଲୁ) ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବିଧାୟକ ସନ୍ତୋଷ ଖଟୁଆ ହରଡ଼ଘଣାରେ

୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜାତୀୟ ମହିଳା କମିସନଙ୍କ ତାଗିଦ

ନୀଳଗିରି, ୧୦।୧ (ସମିସ)

ଦିନକୁ ଦିନ ବଢ଼ିଚାଲିଛି ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଅଡୁଆ । କେତେବେଳେ ଦଳୀୟକନ୍ଦଳରେ ଛନ୍ଦି ହେଉଛନ୍ତି ତ ଅନ୍ୟ କେତେବେଳେ ନାରୀନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବିବାଦରେ ଘାଣ୍ଟି ହେଉଛନ୍ତି । ଶ୍ରୀ ଖଟୁଆଙ୍କୁ ବିବାଦ ପିଛା ଛାଡୁନଥିବା ବେଳେ ଗତବର୍ଷ ଜୁଲାଇ ୨ତାରିଖରେ ଗଣମାଧ୍ୟମରେ ବିଜେଡିର ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଙ୍କ ପ୍ରତି ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ଟିପ୍ପଣୀକୁ ନେଇ ଡ. ସାମନ୍ତସିଂହାର ରାଜ୍ୟ ମହିଳା କମିଶନ ଏବଂ ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ଜାତୀୟ ମହିଳା କମିଶନ ୧୨ ଡିସେମ୍ବର ୨୦୨୫ ରେ ଖୋର୍ଦ୍ଧା ଏସ୍‌ପିଙ୍କୁ ଚିଠିଲେଖି ୧୫ଦିନ ମଧ୍ୟରେ ଅନ୍ତିମ କାର୍ଯ୍ୟାନୁଷ୍ଠାନ ରିପୋର୍ଟଦେବାକୁ କହିଛନ୍ତି । ନହେଲେ କମିଶନ ନିଜପଟୁ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବେ ।

ନୀଳଗିରି କୁଲଡିହା ଅଭୟାରଣ୍ୟ ମଧ୍ୟରେ ଶିକାରୀମାନେ ଏକ ଦନ୍ତାହାତୀକୁ ମାରି ଦାନ୍ତଲୁଟ୍ କରି ଘଟଣାରେ ସ୍ଥାନୀୟ ବିଧାୟକ ଶିକାରୀଙ୍କୁ ନିଜ ଫାର୍ମହାଉସରେ ଆଶ୍ରୟଦେଇଥିବା ଘଟଣାକୁ ନେଇ ବିଜେଡ଼ି ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାୟକଙ୍କ ସମ୍ପୃକ୍ତିନେଇ ବୟାନ ଦେବା ପରେ ବିଧାୟକ ସନ୍ତୋଷ ଖଟୁଆ ନୀଳଗିରିରେ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟ ପାଇଁ ସମାଜରେ ମାନହାନି ହେବା ଏବଂ ବିଧାୟକଙ୍କ ନାରୀଜାତି ପ୍ରତି ଘୋର ଅପମାନଜନକ ମନ୍ତବ୍ୟ ବୋଲି ବିଚାରକରି ପୁଲିସ, ନ୍ୟାୟାଳୟ ଏବଂ ଦିଲ୍ଲୀଠାରେ ଜାତୀୟ ମହିଳାକମିଶନଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟଭିକ୍ଷା କରିଥିଲେ ଡ. ସାମନ୍ତସିଂହାର । ଭୁବନେଶ୍ୱର ମହିଳା ଥାନାର କେସ ନଂ ୧୭୧/୨୫ରେ ତା ୪.୭.୨୫ରିଖ ଏକ ମାମଲା ରୁଜୁହୋଇ ଭାରତୀୟ ନ୍ୟାୟସଂହିତା ୭୫(୨), ୭୯, ୨୯୬, ୩୫୬ ଧାରାରେ ଆଇଆଇସି ଭାଗ୍ୟଶ୍ରୀ ସ୍ୱାଇଁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଛନ୍ତି । ତଦନ୍ତ ରିପୋର୍ଟରେ ୧୬ଜିବି ଏଚପିର ଏକ ପେନଡ୍ରାଇଭ୍, ସାକ୍ଷୀ ମାନଙ୍କୁ ପଚରାଉଚୁରା କରିବାସହିତ ଫରେନସିକ୍ ଯାଞ୍ଚ କରାଯାଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି । ଅନୁରୂପଭାବେ ରାଜ୍ୟମହିଳା କମିଶନ ମଧ୍ୟ ତୁରନ୍ତ ଫରେନ୍ସିକ ଯାଞ୍ଚକରି ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରସ୍ତୁତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲେଶ୍ୱର ଏସପିଙ୍କୁ ଚିଠିଲେଖିଥିବା ଜଣାଯାଇଛି ।

ସକାଳ
THE SAKALA

ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଦୁଇ ବୃଦ୍ଧା

ପୋଡ଼ାଗଡ଼,୧୦।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତ ଅନ୍ତର୍ଗତ ଟିକିରି ଗୁଡା ଗ୍ରାମରେ ସାଲାଇ ସାଉନ୍ତା ଓ ସିନାଇ ସାଉନ୍ତା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସାଲାଇ ସାଉଁନ୍ତା ବୟସ ୬୨ରୁ ଅଧିକା ହେବ। ତାଙ୍କ ସ୍ୱାମୀ ବୁଦୁ ସାଉଁନ୍ତାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ବିଧବା ଭତ୍ତା କିମ୍ବା ବାର୍ଦ୍ଧକ୍ୟ ଭତ୍ତା କିଛଇ ବି ମିଳୁନି। ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ତାଙ୍କୁ ସାମିଲ କରାଯାଇ ନଥିବା ଦେଖିବାକୁ ମିଳିଛି। ସାଲାଇ ଏବେ ଏକାକୀ ରହୁଛନ୍ତି। କାମ ଦାମ କରିବାକୁ ଯାଇ ପାରୁନାହାନ୍ତି । ବହୁ କଷ୍ଟରେ ଜୀବନ ଯାପନ କରୁଥିବା ଗ୍ରାମର ଲୋକ ମାନେ କହିଛନ୍ତି। ସେହିପରି ବୃଦ୍ଧା ଶିନାଇ ସାଉଁନ୍ତା ସୁଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣାପଡ଼ିଛି। ସୀନାଇ ସାଉଁନ୍ତାଙ୍କ ଆଧାର ନଥିବାରୁ ସେ ଭତ୍ତା କିମ୍ବା ଚାଉଳ ପାଉ ନାହାନ୍ତି। ଏହି ଦୁଇ ବୃଦ୍ଧାଙ୍କୁ ଭତ୍ତା ନେଇ ବାରମ୍ବାର ପଞ୍ଚାୟତର କର୍ମଚାରୀଙ୍କୁ ଅନୁରୋଧ କଲେ ସୁଦ୍ଧା ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି।

କଳାଶ୍ରୀ ପୁରସ୍କାର ପାଇବେ ଦୁଇ ବିଦ୍ୟାର୍ଥୀ

ସୁନାବେଡ଼ା,୧୦।୧(ସମିସ): ସୁନାବେଡ଼ା ନଗର ସ୍ଥିତ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୨୦୨୫ ଚିତ୍ରାଙ୍କନ ବାର୍ଷିକ ପରୀକ୍ଷାରେ ଭୁବନାନନ୍ଦ ମାଝୀ ଓ ନନ୍ଦିନୀ ଆଇକତ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ବିଦ୍ୟାର୍ଥୀଙ୍କ ନାମ କଳାଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ୍, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

● ବିଶ୍ୱ ଦକ୍ଷତା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ରୌପ୍ୟପଦକ ପାଇଲେ ହରପ୍ରିୟା ସାମଲ

କୋରାପୁଟ/ ଦାମନଯୋଡି,୧୦।୧ (ସମିସ): ଆଜି ଭୁବନେଶ୍ୱର ସରକାରୀ ଦକ୍ଷତା ବିକାଶ ମହାବିଦ୍ୟାଳୟ ଠାରେ ଆୟୋଜିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେଇ କୋରାପୁଟ ଜିଲ୍ଲା ଦାମନଯୋଡିର ଛାତ୍ରୀ କୁମାରୀ ହରପ୍ରିୟା ସାମଲ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି କୃତିତ୍ୱ ପାଇଁ ଆଜି ଲୋକସେବା ଭବନ ଠାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁଙ୍କ ଠାରୁ ମାନପତ୍ର ଏବଂ ପଦକ ଗ୍ରହଣ କରିଥିଲେ। କୋରାପୁଟ ଜିଲ୍ଲା ପାଇଁ ଏହା ଗୌରବ ବିଷୟ। ତାଙ୍କର ଏହି କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଏଥିପାଇଁ ସବୁ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। କୁମାରୀ ହରପ୍ରିୟା ସାମଲ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ସରକାରୀ ଦକ୍ଷତା ବିକାଶ ମହାବିଦ୍ୟାଳୟରେ ଅଧ୍ୟୟନରତ ତୃତୀୟ ବର୍ଷ ଛାତ୍ରୀ ଅଟନ୍ତି। ସେ କୋରାପୁଟ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନିକୁଞ୍ଜ କିଶୋର ସାମଲ ଏବଂ ରେଣୁକା ସାମଲଙ୍କ କନ୍ୟା। ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା ତଥା ରାଜ୍ୟ ପାଇଁ କୃତିତ୍ୱ ଆଣିବେ ବୋଲି ପ୍ରକାଶ କରିଛନ୍ତି।

ବିରଳ ପ୍ରଜାତିର ପ୍ରଜାପତି ଚିହ୍ନଟ

ନନ୍ଦପୁର,୧୦।୧ (ସମିସ): ନନ୍ଦପୁର ବ୍ଲକ ହିକିମ୍ପୁଟ୍ ସଦର ଗ୍ରାମପଞ୍ଚାୟତର ଏମ୍‌ବିକେ ଜସ୍ମିନି ଖରାଙ୍କ ଘର ପରିସରରୁ ଏକ ବିରଳ ପ୍ରଜାପତି ଉଦ୍ଧାର କରାଯାଇଛି। ଏହି ପ୍ରଜାତିକୁ ଦେଖି ପ୍ରଥମେ ତାଙ୍କ ପରିବାର ଲୋକେ କିଛିକ୍ଷଣ ଆତଙ୍କିତ ହୋଇଥିଲେ। କାରଣ ଏହି ପ୍ରଜାପତିର ରୂପ ସାଧାରଣ ପ୍ରଭାପତିଠାରୁ ଭିନ୍ନ। ତେବେ ଲୋକେ ଏହାର ଫଟୋ ନେଇ ଏଆଇ ସର୍ଚ୍ଚ କରି ପ୍ରଜାପତି ସମ୍ପର୍କରେ ଅବଗତ ହୋଇଥିଲେ। ଲୋକଙ୍କ ମନରୁ ଭୟ ଦୂର ହେବା ପରେ ଲୋକେ ପ୍ରଜାପତି ପାଖକୁ ଯାଇଥିଲେ।

ରେଳଯାତ୍ରୀଙ୍କୁ ପ୍ଲାଟ୍‌ଫର୍ମ ଯନ୍ତ୍ରଣା

୪ ନମ୍ବରରେ ଯାତ୍ରୀବାହୀ; ୧ ନମ୍ବରରେ ମାଲଗାଡ଼ି

■ ଦୁର୍ଦ୍ଦଶା ଭୋଗୁଛନ୍ତି ବୟସ୍କ, ଶିଶୁ, ମହିଳା ଓ ଦିବ୍ୟାଙ୍ଗ
■ ୩ ବର୍ଷ ହେଲା ଶୁଣିବାକୁ କେହି ନାହିଁ

କୋରାପୁଟ,୧୦।୧(ସମିସ): କୋରାପୁଟ ରେଳଷ୍ଟେସନରେ ରେଳ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଯାତ୍ରୀ। ଆଗରୁ ପ୍ଲାଟଫର୍ମ ନମ୍ବର ୧ରେ ନିର୍ଦ୍ଧାରିତ ସମୟସାରଣୀରେ ଯାତ୍ରୀ ଓହ୍ଲାଇବା ଓ ଚଢ଼ିବା ପାଇଁ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ ଲାଗୁଥିଲା । କିନ୍ତୁ ପ୍ରାୟ ୩ ବର୍ଷ ହେଲା ଆଧୁନୀକକରଣ ଓ ମରାମତି ଏବଂ ଷ୍ଟେସନର ସମ୍ପ୍ରସାରଣ କାର୍ଯ୍ୟ ଆଳ ଦେଖାଇ ୪ନମ୍ବର ପ୍ଲାଟଫର୍ମରେ ଯାତ୍ରୀବାହୀ ଟ୍ରେନ୍ ଯିବା ଆସିବା କରୁଛି। ଆଜି ଯାଏଁ ପ୍ଲାଟଫର୍ମ ୪ରୁ ୧କୁ ସ୍ଥାନାନ୍ତରିତ ହୋଇପାରୁନାହିଁ। କିନ୍ତୁ ମାଲଗାଡି ଗୁଡିକ ୧ ନମ୍ବର ପ୍ଲାଟଫର୍ମରେ ଯିବା ଆସିବା କରୁଛି। ଯାହାକୁ ନେଇ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ରେଳଯାତ୍ରୀ। ଅନ୍ୟପଟେ ବିଭିନ୍ନ ସମୟରେ ଏ ସମ୍ପର୍କିତ ଅସୁବିଧା ଯାତ୍ରୀ ଭୋଗୁଥିବା ନେଇ ରେଳ ମନ୍ତ୍ରଣାଳୟକୁ ଅବଗତ କରାଯାଇଥିଲା। ପୂର୍ବତଟ ରେଳବାଇର ବିଭାଗୀୟ ଅଧିକାରୀ ବାରମ୍ବାର କୋରାପୁଟ ଷ୍ଟେସନର ଆଧୁନୀକକରଣ କାର୍ଯ୍ୟ ତଦାରଖକୁ ଆସି ବୁଲି ଯାଉଥିଲେ ମଧ୍ୟ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଯାହାକୁ ନେଇ ତେଜୁଛି ଅସନ୍ତୋଷ। କୋରାପୁଟରୁ ଭୁବନେଶ୍ୱର, ଜଗଦଲପୁର, ରାଉଲକେଲା, ବିଶାଖାପାଟଣା ଓ ହାୱଡା ଭଳି ସ୍ଥାନରୁ ପ୍ରତିଦିନ ଯାତ୍ରୀବାହୀ ଟ୍ରେନ୍ ଯିବା ଆସିବା କରେ। କେତେବେଳେ ସକାଳୁ ତ କେତେବେଳେ ଅଧରାତିରେ ଟ୍ରେନ୍ କୋରାପୁଟ ଷ୍ଟେସନରେ ଲାଗେ। ପ୍ଲାଟଫର୍ମ ନମ୍ବର ୧ ରୁ ୪ ନମ୍ବରକୁ ଯିବା ପାଇଁ ଫୁଟ୍ ଓଭର ବ୍ରିଜରେ ୩ଟି ଷ୍ଟେସନ ଦେଇ ଓହ୍ଲାଇବାକୁ ପଡେ। ହୁଇଲ ଚେୟାର ଯାଉଥିବା ଦିବ୍ୟାଙ୍ଗ ହେଉ କିମ୍ବା ଗୁରୁତର ରୋଗୀ ଓ ବୟସ୍କ ବ୍ୟକ୍ତି ଏମାନଙ୍କ ପାଇଁ ନାହିଁ ଲିଫ୍ଟ କିମ୍ବା ସ୍ୱତନ୍ତ୍ର ବ୍ୟବସ୍ଥା । ଦୀର୍ଘ ସମୟ ଯାତ୍ରା କରି ଆସିଥିବା ଯାତ୍ରୀ ଲଗେଜ ସହ ଫୁଟଓଭର ବ୍ରିଜ ଦେଇ ଯିବା ପାଇଁ ହନ୍ତସନ୍ତ ହେଉଛନ୍ତି। ସମଲେଶ୍ୱରୀ, ହୀରାଖଣ୍ଡ, ରାଉଲକେଲା ଏକ୍ସପ୍ରେସ ଭଳି ଯାତ୍ରୀବାହୀ ଟ୍ରେନ ଗୁଡିକ ପୂର୍ବେ ନିର୍ଦ୍ଧାରିତ ସମୟ ଭିତରେ ୧ ନମ୍ବର ପ୍ଲାଟଫର୍ମରେ ଲାଗୁଥିଲା। ଦୀର୍ଘ ୩ବର୍ଷ ହେବ ଷ୍ଟେସନ ସଂପ୍ରସାରଣ ଓ ଦୋହରୀକରଣ କାର୍ଯ୍ୟ ଚାଲୁଥିବାରୁ କୌଣସି ଯାତ୍ରୀବାହୀ ଟ୍ରେନକୁ ୧ ନମ୍ବର ପ୍ଲାଟଫର୍ମରେ ରହଣୀ ପାଇଁ ଅନୁମତି ନଦେଇ ୪ ନମ୍ବରରେ ଅନୁମତି ଦିଆଯାଉଛି। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଦୃଷ୍ଟିବାଧିତ ଶ୍ରେଣୀର ଲୋକେ ଫୁଟଓଭର ବ୍ରିଜ ଦେଇ ଯାଇପାରୁନଥିବା ବେଳେ ଷ୍ଟେସନ କଡ଼ ପାଦଚଲା ରାସ୍ତାରେ ଟ୍ରାକ୍ ଡେଇଁ ବିପଦପୂର୍ଣ୍ଣ ଭାବେ ଯିବାକୁ ବାଧ ହେଉଛନ୍ତି। ନିଜ ପିଲାଛୁଆଙ୍କ ସହ ଲଗେଜ ନେଇ ଫୁଟ୍‌ଓଭରରେ ଚଢିଯିବା ସାଧାରଣ ଯାତ୍ରୀଙ୍କ ପାଇଁ କଷ୍ଟସାଧ ହେଉଥିଲେ ବି ଗୁଡସ୍ ବଗି ପାଇଁ ବ୍ୟବସାୟୀ ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଦୀର୍ଘଦିନ ହେଲା କେକେ ଓ କେଆର ଲାଇନ୍‌ର ଉନ୍ନତିକରଣ କାର୍ଯ୍ୟ ଚାଲିଛି। କେବେ ସରିବ କିଛି ଜଣାପଡୁନାହିଁ। କୋରାପୁଟରୁ ଭୁବନେଶ୍ୱର ଯିବା ପାଇଁ ଏକମାତ୍ର ଟ୍ରେନ ହୀରାଖଣ୍ଡ ଏକ୍ସପ୍ରେସ ବର୍ତ୍ତମାନ ୪ ନଂ ପ୍ଲାଟଫର୍ମରେ ଅଟକୁଛି। ଏହି ଅସୁବିଧା ଦୀର୍ଘ ୩ ବର୍ଷ ଧରି ଲାଗି ରହିଛି। ମାଲବାହୀ ଗାଡ଼ିକୁ ତିନି କିମ୍ବା ଚାରି ନମ୍ବରରେ ରଖାଯାଇ ଯାତ୍ରୀବାହୀ ଟ୍ରେନ୍‌କୁ ପ୍ରଥମରେ ରଖାଯାଉ ବୋଲି ଜିଲ୍ଲାବାସୀ ଦାବି କରିଛନ୍ତି। ଏନେଇ କୋରାପୁଟ ଷ୍ଟେସନ ମାଷ୍ଟର ଶ୍ରୀ ମାଝୀ କହିଛନ୍ତି କେକେ ଓ କେଆର ଲାଇନରେ ଦୋହରିକରଣ କାର୍ଯ୍ୟ ଜାରି ରହିଛି। ସମସ୍ୟା ଥିବାରୁ ୧ ନମ୍ବର ପ୍ଲାଟଫର୍ମର ଯାତ୍ରୀବାହୀ ଟ୍ରେନ୍ ଗୁଡିକ ଯିବା ଆସିବା କରି ପାରୁନାହିଁ। କିପରି ଏହି ସମସ୍ୟା ଦୂର ହେବ ସେଥିପାଇଁ କାର୍ଯ୍ୟ ଜାରି ରହିଛି । ରେଳ ବିଭାଗ ଯାତ୍ରୀମାନକୁ ସମସ୍ତ ସୁବିଧା ପ୍ରଦାନ ପାଇଁ ସର୍ବଦା ତତ୍ପର ବୋଲି ସେ କହିଛନ୍ତି।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଉମରକୋଟ,୧୦।୧(ସମିସ): ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ତିନୋଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା। ମୋଟ ୬୩୦ ଜଣ ପିଲା ପରୀକ୍ଷା ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟ ୨୨୭ ଜଣ, ସରକାରୀ ଏସଏସ ଉଚ୍ଚ ବିଦ୍ୟାଳୟ ଠାରେ ୨୨୫ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମୋଟ ୧୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟ ୮୦ଟି ସିଟ ଥିବାବେଳେ ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୧୫ଟି, ଅନୁସୂଚିତ ଜାତି ୫୨ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ୧୩ଟି ସିଟ ସଂରକ୍ଷଣ ରହିଛି।

● ସରୁନି ପଞ୍ଚାୟତ କୋଠା ନିର୍ମାଣ

ମନ୍ଦିର ଷ୍ଟଲରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ

କୁନ୍ଦୁରା, ୧୦।୧(ସମିସ): ଲୋକଙ୍କ ହିତ ପାଇଁ ସରକାର ବହୁ ଯୋଜନା କାର୍ଯକାରୀ କରୁଛନ୍ତି। କିନ୍ତୁ ତୃଣମୂଳ ସ୍ତରରେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନି। କୁନ୍ଦୁରା ବ୍ଲକ ପଖନାଗୁଡ଼ା ପଞ୍ଚାୟତରେ ନିର୍ମାଣ ସରୁନି ନୂତନ ପଞ୍ଚାୟତ କାର୍ଯ୍ୟାଳୟ କୋଠା କାମ। ଗତ ୨୦୧୬ ମସିହାରେ କୁନ୍ଦୁରା ବ୍ଲକରେ ଚାରିଟା ନୂତନ ପଞ୍ଚାୟତ ଗଠନ ହୋଇଥିଲା। ସେଥି ମଧ୍ୟରୁ ପଖନାଗୁଡ଼ା ପଞ୍ଚାୟତ ମଧ୍ୟ ରହିଛି। ଏହି ପଞ୍ଚାୟତରେ ୧୧ଟି ୱାର୍ଡ ରହିଛି। ଗତ ୨୦୧୯ ବର୍ଷରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ମନରେଗାରେ ୨୦ ଲକ୍ଷ ଟଙ୍କା, ଏସ୍‌ଏଫ୍‌ସି, ସିଏଫ୍‌ସିରେ ୧୫ ଲକ୍ଷକୁ ମିଶାଇ ସମୁଦାୟ ୩୫ ଲକ୍ଷ ଟଙ୍କାର ଅନୁଦାନ ରହିଛି। ହେଲେ ଆଜି ପର୍ଯ୍ୟନ୍ତ କାମ ସରୁନି। ଅଧପନ୍ତିରିଆ ହୋଇ ରହିଛି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ। ଗତ ୨୦୧୭ ଠାରୁ ଆଜିକୁ ୯ ବର୍ଷ ହେଲା ଅସ୍ଥାୟୀ ଭାବେ କାର୍ଯ୍ୟାଳୟ ଚାଲିଛି । ୧୦/୧୫ ଫୁଟର ମନ୍ଦିର ଷ୍ଟଲରେ ଚାଲିଛି କାର୍ଯ୍ୟାଳୟ। ସେଠାରେ ପିଡିଏସ୍ ସମାଗ୍ରୀ ବଣ୍ଟନ, ପେନସନ୍ ପ୍ରଦାନ ଓ କାର୍ଯ୍ୟାଳୟ ଚାଲିଛି । ବିଭିନ୍ନ ସଭା ସମିତି ନିକଟସ୍ଥ ମନ୍ଦିର ବାରଣ୍ଡାରେ କରାଯାଉଛି । ଏ ସବୁ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ଜନ ସାଧାରଣ ଓ ପଞ୍ଚାୟତ କର୍ତ୍ତୃପକ୍ଷ। ବିଶେଷକରି ବୟସ୍କ ଏବଂ ଦିବ୍ୟାଙ୍ଗ ମାନେ ବହୁ ସମସ୍ୟା ଭୋଗୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରି କାର୍ଯ୍ୟକ୍ଷମ କରିବାକୁ ପଞ୍ଚାୟତବାସୀ ଓ ସରପଞ୍ଚ ସଦାଶିବ ଭତରା ଅନେକ ଥର ଅଭିଯୋଗ କରିଆସୁଛନ୍ତି । ତଥାପି କିଛି ସୁଫଳ ମିଳୁନାହିଁ। ଏ ନେଇ ବିଡିଓ ପି ମାନସ୍ମିତାଙ୍କୁ ପଚାରିବାରୁ ବହୁ ବର୍ଷ ହେବ ଅଧାପନ୍ତରିଆ ଭାବେ ପଡ଼ି ରହିଥିଲା କୋଠା। ସେ ଦାୟିତ୍ୱରେ ରହିବା ପର ଠାରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ କମ୍ ଦିନ ମଧ୍ୟରେ କାମ ସରିବ ଓ ନୂତନ କୋଠାରେ କାର୍ଯ୍ୟାଳୟ ଚାଲିବ ବୋଲି ପ୍ରତିଶୃତି ଦେଇଛନ୍ତି।

ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ପଟ୍ଟାଙ୍ଗି,୧୦।୧(ସମିସ): କୋରାପୁଟ ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପଟ୍ଟାଙ୍ଗି ଠାରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ପଟ୍ଟାଙ୍ଗି ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପଟ୍ଟାଙ୍ଗିର ଅଧ୍ୟକ୍ଷ ରାମକୃଷ୍ଣ ସାମଲ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ପଟ୍ଟାଙ୍ଗି ଜୋନ ୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ବିଦ୍ୟାଳୟ ଆଲୁମିନା ସଦସ୍ୟ ପ୍ରତାପ ଚୌଧୁରୀ, ଶିକ୍ଷ ତାଲିମ କେନ୍ଦ୍ର ପଟ୍ଟାଙ୍ଗିର ଭାଇସ ପ୍ରିନ୍ସିପାଲ ଦେବ ପ୍ରସାଦ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ଚିକୁଡୁ, ସମାଜସେବୀ ବଳରାମ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଆତ୍ମନିଯୁକ୍ତି ନିମନ୍ତେ ବିଭିନ୍ନ ଖାଦ୍ୟ ସାମଗ୍ରୀ ଷ୍ଟଲ କରି କିଭଳି ବିକ୍ରି କରିବେ ଏବଂ ଆକାଂକ୍ଷା ମେଳା ଇନ୍ସ୍ପାରିଂ ଓଡ଼ିଶା ୨୦୩୬, ଆକାଂକ୍ଷି ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗ୍ୟାଲେରୀ ଷ୍ଟଲ କରି ନିଜର ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପ୍ରଫୁଲ୍ଲ କୁମାର ବେହେରା, ଶିବ ଶଙ୍କର ସାହୁ ଏବଂ ସୁପ୍ରଭା ପରିଡ଼ା କରିଥିଲେ। ସେହିଭଳି ନୃତ୍ୟ ଏବଂ ସଚେତନ ମୂଳକ ନାଟକ କାର୍ଯ୍ୟକ୍ରମ ପରିଚାଳନରେ ପ୍ରଫୁଲ୍ଲ କୁମାର ବେହେରା, ଶିବା ଶଙ୍କର ସାହୁ ଏବଂ ଅନିତା ରାଉତ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ସଫଳ ହୋଇଥିଲା।

■ ବିପଦରେ ଗୋ-ସମ୍ପଦ

ପ୍ରୋତ୍ସାହନ ନାହିଁ, ଅବାଧ ଗୋ-ଚାଲାଣ

ତେନ୍ତୁଲିଖୁଣ୍ଟି,୧୦।୧(ସମିସ): ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ଗୋ ପାଳନ। ଉପଯୁକ୍ତ ପ୍ରୋତ୍ସାହନ ଅଭାବ , ଗୋଚର ଜାଗା ଅଭାବ, ଗାଈଗୋରୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅବହେଳା, ଗୋପାଳନରେ ଉପଯୁକ୍ତ ପାରିଶ୍ରମିକ ନ ମିଳିବା ଆଦି ଗୋପାଳନ ସଂଖ୍ୟା ହ୍ରାସର ଅନ୍ୟତମ କାରଣ ହୋଇଛି। ସୂଚନା ଅନୁଯାୟୀ, ତେନ୍ତୁଲିଖୁଣ୍ଟି ବ୍ଲକରୁ ଶହ ଶହ ଗୋରୁ ବିନା ପ୍ରତିବନ୍ଧକରେ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି । ଫଳରେ ଅଞ୍ଚଳରେ ଗାଈଗୋରୁଙ୍କ ସଂଖ୍ୟା ହ୍ରାସ ପାଉଛି । ଗୋପାଳନରେ ଚାଷ ଦୈନିକ ଯେଉଁ ପରିଶ୍ରମ କରନ୍ତି, ତାହାର ଉପଯୁକ୍ତ ପାରିଶ୍ରମିକ ମିଳିପାରୁନଥିବା ଅଭିଯୋଗ ହେଉଛି। ଫଳରେ ଗୋପାଳନ ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଗାଈଗୋରୁଙ୍କ ଦେହ ଖରାପ ହେଲେ ଉପଯୁକ୍ତ ସମୟରେ ଚିକିତ୍ସା ମଧ୍ୟ ମିଳିପାରୁନଥିବା ଅଭିଯୋଗ ହେଉଛି । ଗୋଚର ଜମି ଅଭାବ ହେତୁ ଗାଈଗୋରୁ ରାସ୍ତା ଉପରେ ବୁଲାବୁଲି କରୁଛନ୍ତି । ଚାଷ ସମୟରେ ଅନ୍ୟ ଚାଷୀଙ୍କ ଜମିରେ ପଶି ଫସଲ ଖାଇବାକୁ ନେଇ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିବାରୁ ଗୋପାଳନ ପାଇଁ ଚାଷୀ ଇଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି। ପୂର୍ବରୁ ତେନ୍ତୁଲିଖୁଣ୍ଟି ବ୍ଲକର ଗ୍ରାମାଞ୍ଚଳରେ ଶହ ଶହ ସଂଖ୍ୟକ ଗୋରୁ ବିଚରଣ ପାଇଁ ବାହାରୁଥିଲେ। ସମୟ କ୍ରମେ ତାହା ହ୍ରାସ ପାଉଛି । ଗୋପାଳନ ହାର ଯେଉଁ ମାତ୍ରାରେ ନିମ୍ନ ଗାମୀ ହେଉଛି, ବେଳହୁଁ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ, ଆଗାମୀ ଦିନରେ ଗୋପାଳନ ସ୍ମୃତି ହୋଇ ରହିଯିବ ବୋଲି ମତ ପ୍ରକାଶ ପାଉଛି।

୧୫ ହଜାର ଧାନବସ୍ତା ପଡ଼ିରହିଛି

ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ

କୋଷାଗୁମୁଡା,୧୦।୧(ସମିସ): ଚାଷୀଙ୍କ ସମସ୍ୟାର ସମାଧାନ କରିବା ଦିଗରେ ସରକାର ବିଫଳ ହୋଇଛନ୍ତି। ଧାନ ଉଠିପାରୁ ନାହିଁ। ତେଣୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ କୋଷାଗୁମୁଡା ଧାନମଣ୍ଡିରେ ୧୫ ହଜାରରୁ ଅଧିକ ଧାନବସ୍ତା ପଡି ରହିଛି। ଏଯାଏ ଗୋଟେ ବି ବସ୍ତା ଧାନ ସରକାର ଉଠାଇ ନାହାନ୍ତି। ତେଣୁ ବ୍ଲକର ଚାଷୀ ଏକତ୍ରିତ ହୋଇ ଆଜି ଦିବା ୧୧ଟା କୋଷାଗୁମୁଡା -ଛତିଶଗଡ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଲିପିକା ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ବିରୋଧୀ ଦଳ ନେତା ଓ ନେତ୍ରୀ ଘଟଣା ସ୍ଥଳରେ ରହି ଚାଷୀଙ୍କୁ ସମର୍ଥନ ଜଣାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ରାଜରାସ୍ତା ଉପରେ ବସି ରହିବା ପରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସଂଯୁକ୍ତା ପ୍ରଧାନ, ସ୍ଥାନୀୟ ତହସିଲଦାର ତୁଳା ମୁଦଲି, ଏସ୍‌ଡିପିଓ ପାପଡାହାଣ୍ଡି ସତ୍ୟଜିତ କଣ୍ଡେଲକଲ, କୋଷାଗୁମୁଡା ଓ କୋଡିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହିତ ପ୍ରତିଦିନ ମଣ୍ଡିରୁ ଦୁଇ ହଜାର କ୍ୱିଣ୍ଟାଲ ହିସାବରେ ପ୍ରତିଦିନ ଧାନ ମଣ୍ଡିରୁ ଧାନ ଉଠାଣ ହେବ ଓ କୌଣସି ଚାଷୀଙ୍କ ଟୋକନ ଖାରଜ ହେବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିବା ଦେଖିବାକୁ ମିଳିଥିଲା।

ପିପୁଲ୍ସ ପ୍ଲାନ୍ ଅଭିଯାନ କର୍ମଶାଳା

ପଟ୍ଟାଙ୍ଗି,୧୦।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପଞ୍ଚାୟତ ସମିତି ସଭାଗୃହ ଠାରେ ଆର୍ଥିକ ବର୍ଷ ୨୦୨୬-୨୭ର ନିରନ୍ତର ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ପରିପ୍ରେକ୍ଷୀରେ ବ୍ୟାପକ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ପଟ୍ଟାଙ୍ଗି ପଞ୍ଚାୟତ ସମିତି ଓ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟୀ, କୋରପୁଟଙ୍କ ମିଳିତ ଆନୁକୁଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଅବଶ୍ୟକତା ନେଇ କହିଥିଲେ। ଜନ ପ୍ରତିନିଧି ଗଣ ତଥା ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଭ୍ୟ ଲଇଛନ ଖରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ ତଥା ଅତିରିକ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ମମିତା ନାୟକ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନିଲ ସେଠି, ଯୋଗାଣ ନିରୀକ୍ଷକ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମଟିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନରୁ ତାଲିମପ୍ରାପ୍ତ ସାଧନ ବ୍ୟକ୍ତି ଭାବେ ତପନ ଖୋସଲା ତାଲିମଦାତା ଭାବରେ ଉକ୍ତ ବିଷୟଗତ ଜ୍ଞାନ ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପ ପରିଚାଳକ କେ.ମୁରଲୀ କ୍ରୀଷ୍ଣା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ରଘୁରାମ ମୁଠାଇ, ଦିଲ୍ଲୀପ କୁମାର ଚମ୍ପି, ରମେଶ ଚୌଧୁରୀ, ଜଗଦୀଶ ପାତ୍ର, ନାମ୍ବି ରୋଜାଲିନା କାର୍ତ୍ତିକ, ସୁଶ୍ରୀତା ମିଶ୍ର, ଭାଗ୍ୟଶ୍ରୀ ସାହୁ, ଆଲୋକ ମହାରଣା, ମୋହନ ଯାନୀ, ବିଶ୍ୱନାଥ ତାଡିଙ୍ଗି ଓ ବିଭିନ୍ନ ପଞ୍ଚାୟତରୁ ଗୋଷ୍ଠୀ ସାଧନ ବ୍ୟକ୍ତି ସମୂହ ସହଯୋଗ କରିଥିଲେ।

ଅମ୍ବାଭୋନା ବ୍ଲକ୍ ବ୍ରାହ୍ମଣ ସମାଜର ସଭା

● ପଞ୍ଚମ ସାମୂହିକ ବ୍ରତୋପନୟନ ପାଇଁ ତାରିଖ ଘୋଷଣା

ଅମ୍ବାଭୋନା, ୧୦।୧(ସମିସ): ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ବ୍ଲକ ବ୍ରାହ୍ମଣ ସମାଜର ବାର୍ଷିକ ସାଧାରଣ ସଭା ଅମ୍ବାଭୋନା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସଭାପତି ଯୋଗୀନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଚଳିତ ବର୍ଷ ପାଇଁ ସମାଜ ତରଫରୁ ପଞ୍ଚମ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଅମ୍ବାଭୋନା କେଦାରନାଥ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ବୈଶାଖ୍ୟ କୃଷ୍ଣ ପକ୍ଷ ନବମୀ ତିଥିରେ ଚାରିକର୍ମ ଏବଂ ଦଶମୀ ତିଥିରେ ବ୍ରତୋପନୟନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାରେ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପଠନ କରାଯାଇଥିଲା। ବରିଷ୍ଠ ପଣ୍ଡିତ ମାନଙ୍କ ଉପସ୍ଥିତିରେ ବ୍ରତୋପନୟନ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବ୍ରତୋପନୟନ କରାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତି ମାନେ ଚଳିତ ଜାନୁଆରୀ ମାସ ୧୧ ତାରିଖରୁ ଆସନ୍ତା ମାର୍ଚ୍ଚ ମାସ ୨୫ ତାରିଖ ମଧ୍ୟରେ ରେଜିଷ୍ଟ୍ରେସନ କରିବାକୁ ଅନୁରୋଧ କରାଯାଇଛି। ଏଥିପାଇଁ ସମାଜର ଭୋଇନାତୁରା ଗାଁର ଶେଷଦେବ ପଣ୍ଡା ଏବଂ ଅମ୍ବାଭୋନା ଗାଁର ଜଗନ୍ନାଥ ପଣ୍ଡାଙ୍କ ସହିତ ଯୋଗାଯୋଗ କରି ପାରିବେ। ସଭାରେ ଦୁର୍ଗା ବାହିନୀ, ବରିଷ୍ଠ ପଣ୍ଡିତ ଓ ସମାଜର ଗଣ୍ୟମାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଭେଡେନ, ୧୦।୧(ସମିସ): ଭେଡେନ ବ୍ଲକ ଖୁଣ୍ଟୁଲିପାଲି ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ, ମୁଖ୍ୟ ବକ୍ତା ଭାବେ କଦୋବାହାଲ କଲେଜର ଓଡ଼ିଆ ଅଧ୍ୟାପକ ମାନଭଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ଏସସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଶକୁମାର, ଶିଳ୍ପପତି ପୁଟା ସୁରୁବାବୁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ମଦନ ମୋହନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭୋଜରାଜ ଦୁଆନ ବାର୍ଷିକ ବିବରଣୀ ପଠନ କରିଥିଲେ। ମାତୃଭାରତୀ ସମ୍ପାଦିକା ପ୍ରୀତିମୟୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଅର୍ପିତ ଝାଙ୍କର, ସ୍ୱିଟି ଝାଙ୍କର, ସୋହମ ମିଶ୍ର, ପ୍ରତୀକ ସାହୁ, ସ୍ୱସ୍ତିକା ପ୍ରିୟଦର୍ଶିନୀ ଖମାରି, ଆଦିତ୍ୟ ପୋଡ଼, ଶ୍ରେୟଂକ୍ଷଶି ସେଣ, ଆଦର୍ଶ ସେଟ ସମେତ ଅନେକ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଗଣ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

ସଂସ୍କୃତ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର

ପଦ୍ମପୁର, ୧୦।୧(ସମିସ): ବରିଖେଳ ସ୍ଥିତ ଲାଲାଜୀ ଗୋପାଲଜୀ ସଂସ୍କୃତ ମହାବିଦ୍ୟାଳୟରେ 'ସୁରେଶ ଚନ୍ଦ୍ର ଚୌହାନ' ସାହିତ୍ୟ ଆଲୋଚନାଚକ୍ର ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଶୁତୋଷ ପାଣିଗ୍ରାହୀ, ଦେବେନ୍ଦ୍ର ତ୍ରିପାଠୀ ଓ ଲୋକନାଥ ପଣ୍ଡାଙ୍କ ବେଦପାଠରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟାପକ ଭାଗିରଥୀ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଜରାଜ ବୁଡେକ ଉପସ୍ଥିତ ଥିଲେ। ସମ୍ମାନିତ ବକ୍ତା ସନ୍ତୋଷ ସିଂ ଠାକୁର ସୁରେଶ ଚନ୍ଦ୍ର ଚୌହାନଙ୍କ ରଚିତ ହଂସ୍ୱୀ କାବ୍ୟକୁ ଉନ୍ମୋଚିତ କରିଥିଲେ। ପ୍ରଖ୍ୟାତ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତି ନିଜ ମାଟି, ନିଜ ଅଞ୍ଚଳ, ନିଜ ଭାଷାକୁ ସମ୍ମାନ ଦେଲେ ସମାଜର ମଙ୍ଗଳ ସାଧିତ ହେବ ବୋଲି ମତ ରଖିଥିଲେ। ମାର୍ଜିତ ଭାଷା ସଂସ୍କୃତ ସାହିତ୍ୟକୁ ପାଥେୟ କରି ଦିନଚର୍ଯ୍ୟା ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ସନାତନ ବାରିକ ସାହିତ୍ୟ ସମାଜର ସଂସ୍କୃତି ରକ୍ଷକ ବୋଲି କହିଥିଲେ। ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର କବି ସୁରେଶ ଚନ୍ଦ୍ରଙ୍କ କାବ୍ୟ ସମୂହକୁ ବିଶ୍ଳେଷଣ କରି 'ସାହିତ୍ୟ ବିହିନ ସଂସ୍କୃତି ଶ୍ରୀହିନ' ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ସାହିତ୍ୟ ଅଧ୍ୟାପକ ସୀତାରାମ ସାହୁ ସଂସ୍କୃତିର ରକ୍ଷକ ସଭ୍ୟତାର ମୂଳାଧାର ସାହିତ୍ୟ ବୋଲି ମତ ରଖିଥିଲେ। ସଂସ୍କୃତ ସାହିତ୍ୟ ପ୍ରାଧ୍ୟାପିକା ସଂହିତା ବେହେରା ଓଡ଼ିଆ ସାହିତ୍ୟର ମହନୀୟତା ପ୍ରତିପାଦନ କରିଥିଲେ। ଇଂରାଜୀ ଅଧ୍ୟାପକ ପୌଲସ୍ତ୍ୟ ସାହା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ପୂଜାହାରୀ, ଅଧ୍ୟାପିକା ବିଭୂତି ଗିରି, ସୁକାନ୍ତି ସାହୁ, ରାଜ ମଲ୍ଲିକ, ବିଜୟ ରଞ୍ଜନ ମେହେର ପ୍ରମୁଖ ସହଯୋଗ କରିଥିଲେ।

ଚନ୍ଦ୍ରମଣିପୁର ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଝାରବନ୍ଧ, ୧୦।୧(ସମିସ): ଝାରବନ୍ଧ ବ୍ଲକ ଭଇଁସାଦର୍ହା ପଞ୍ଚାୟତ ହାଇସ୍କୁଲର ଚନ୍ଦ୍ରମଣିପୁରର ୨୦୧୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରମାନଙ୍କ ଦ୍ୱାରା ବନ୍ଧୁ ମିଳନ କାର୍ଯ୍ୟକ୍ରମ 'ପେଟଲି ଝରନ' ଡ୍ୟାମ ହାତୀ ଖାଲ ଠାରେ ଆୟୋଜିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ବନ୍ଧୁମାନେ ଏକାଠି ହୋଇ ପୁରୁଣା ଦିନର ସ୍ମୃତି, ଛାତ୍ରଜୀବନର ଅନୁଭବ ଓ ସ୍କୁଲ ଜୀବନର ମୁହୂର୍ତ୍ତଗୁଡ଼ିକୁ ସ୍ମରଣ କରିଥିଲେ। ଏହି ବନ୍ଧୁ ମିଳନ ସଭାରେ ଅନିଲ ଲୁହାର, ରାଜେଶ ବୁଡେକ୍, ଶରତ ଖର୍ସେଲ, ନରେଶ ମାଲି, ଶିବରଣା, ରୋହିତ ପଟେଲ, ବାସୁଦେବ ପଟେଲ, ଶିଲାଲ ଚୌଧୁରୀ, ଲିଙ୍ଗରାଜ ପଟେଲ, ତରଣିସେନ୍ ସାହୁ, ଗଣେଶ କେଉଁଟ, ରଘୁ ପଟେଲ, ନରେନ୍ଦ୍ର ନାଏକ, ଭୁବନେଶ୍ୱର ରାଉତ, ଅନିଲ ନାୟକ, ଆନନ୍ଦ ସାହୁ, ବିଜୟ ପଟେଲ, ତୁକେଶ ବାରିକ, ଯଦୁମଣି ପ୍ରଧାନ, ସନ୍ତୋଷ ପଟେଲ ଓ ନାଗେସ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

ପିଛା ଛାଡୁନି ଧାନ ବିକ୍ରି ସମସ୍ୟା

ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବିକ୍ଷୋଭ

ଅତାବିରା, ୧୦।୧(ସମିସ)

ଧାନବିକ୍ରି ସମସ୍ୟା ଚାଷୀଙ୍କ ପିଛା ଛାଡୁନାହିଁ। ବାରମ୍ବାର ଦାବି କଲାପରେ ମଧ୍ୟ ସମାଧାନ ବଦଳରେ ଚାଷୀଙ୍କୁ ଅପମାନ କରି ବିଦ୍ରୁପ କରାଯାଉଛି। ଏହାର ପ୍ରତିବାଦରେ ଜୟ କିଷାନ ଆନ୍ଦୋଳନର ଆହ୍ୱାନ କ୍ରମେ ଶନିବାର ବରଗଡ଼ ଜିଲ୍ଲା ଅତାବିରା ମୁଖ୍ୟ ବଜାର ପ୍ରାଙ୍ଗଣଠାରେ ଶତାଧିକ ଚାଷୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ଚାଷୀ ଓ ପୁଲିସ ଧସ୍ତାଧସ୍ତି ହେବା ଦେଖା ଦେଇଥିଲା। ପୁଲିସ ଚାଷୀଙ୍କୁ ରାସ୍ତାରୁ ଜୋର ଜବରଦସ୍ତ ଘୋଷାଡ଼ି ନେଇ ଗିରଫ କରିଥିଲା। କିଛି ଚାଷୀ ନେତାଙ୍କୁ ଗ୍ରାମାଞ୍ଚଳ ଥାନା ବରାହଗୋଡାରେ ରଖାଯାଇଥିବା ବେଳେ ଅନ୍ୟମାନଙ୍କୁ ରିଜର୍ଭ ପୁଲିସରେ ରଖାଯାଇଥିଲା। ଉଭୟ କେନ୍ଦ୍ରରୁ ମୋଟ ୬୦ ଜଣ ଚାଷୀ ପ୍ରତିନିଧିଙ୍କୁ ଅଟକ ରଖାଯାଇ ସଂଧ୍ୟା ସାଢ଼େ ୫ଟାରେ ଛଡାଯାଇଥିଲା।

ପୂର୍ବ କାର୍ଯ୍ୟକ୍ରମ ଅନୁସାରେ ଆଜି ବରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଅତାବିରା ବଜାର ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ସେଠାରେ ଧାନ ବିକ୍ରିରେ ଅଚଳାବସ୍ଥାକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଚାଷୀ ନେତା ଓ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାରେ

ରାଜପଥ ଅବରୋଧ ବେଳେ ଉଠାଇ ନେଲା ପୁଲିସ

ଅଧିକ ଧାନ ଚାଷ ହେଉଥିବା କାରଣରୁ ସରକାରଙ୍କୁ ଧାନ କିଣିବା ପାଇଁ ସମସ୍ୟା ସୃଷ୍ଟି ହେଉଛି ଏବଂ ଏଣୁ ଏଣିକି ଟୋକନ ଆସିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟ ପକ୍ଷରେ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସମସ୍ୟାକୁ ନୌଟଙ୍କି ବୋଲି ପୂର୍ବରୁ କହିଛନ୍ତି। ରାଜ୍ୟର ଉଭୟ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଏପରି ଚାଷୀ ବିରୋଧୀ ବେପରୁଆ ମନ୍ତବ୍ୟକୁ ଚାଷୀଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ସରକାରଙ୍କ ଏପରି ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଧାନ କିଣା ବିକା ସମସ୍ୟାକୁ ନେଇ ଆଦୌ ଚିନ୍ତିତ ନୁହେଁ ଏବଂ ଚାଷୀଙ୍କ କଷ୍ଟ ହୃଦୟଙ୍ଗମ କରିବାକୁ ସରକାର ଅସମର୍ଥ। ଓଲଟା କିପରି ଚାଷୀଙ୍କୁ ଧାନ ବିକ୍ରିରୁ କାଟ କରାଯିବ ସେ ନେଇ ସରକାର ଯୋଜନା କରୁଛନ୍ତି ବୋଲି ଚାଷୀ ନେତା ଲିଙ୍ଗରାଜ ତୀକ୍ଷ୍ଣ ସମାଲୋଚନା କରିଥିଲେ। ସରକାର ନିଜେ ଧାନ କିଣୁଥିଲେ ମଧ୍ୟ ମିଲରମାନଙ୍କ ବିନା ଧାନ ବିକ୍ରି ବ୍ୟବସ୍ଥା ହୋଇପାରୁ ନାହିଁ। ଏଣୁ ସଂଗଠନ ତରଫରୁ ଆଜି ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ କରି ସରକାରଙ୍କୁ ଚେତାବନୀ ଦିଆଯାଇଛି। ଆସନ୍ତା ଗୋଟିଏ ସପ୍ତାହରେ ଧାନ ବିକ୍ରି ସମସ୍ୟାର ସମାଧାନ ନହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ନେତା ଶିବ ପ୍ରସାଦ ପ୍ରଧାନ, ମହେଶ୍ୱର ପ୍ରଧାନ, ବିଶ୍ୱନାଥ ରଣା, ଚଞ୍ଚଳ ପ୍ରଧାନ, ଅରୁଣ ପ୍ରଧାନ, ଜିତୁ ବେହେରା, କିଶୋର ସାହୁ, ସୁରେନ୍ଦ୍ର ମେହେର, ଭଞ୍ଜନ ବାରିକ, ମିନିଷ୍ଟର କରିବା, ସରୋଜ ପଧାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ଆୟୁର୍ବେଦ ଚିକିତ୍ସାଳୟରେ ନିଦାନ କେନ୍ଦ୍ର ଉଦ୍‌ଘାଟିତ

ପାଇକମାଳ, ୧୦।୧(ସମିସ): ପାଇକମାଳ ସରକାରୀ ଆୟୁର୍ବେଦ ଚିକିତ୍ସାଳୟରେ ନିଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ଷ୍ଟେଟ ଅପରେସନ ମୁଖ୍ୟ ରାଜେନ୍ଦ୍ର ଜେନା, ସନ୍ତୋଷ ସାହୁ, ଡ.ଅଜିତ ଦରଜୀ ଯୋଗ ଦେଇଥିଲେ। ସାଂସଦ ଶ୍ରୀ ପୁରୋହିତ ଆଗାମୀ କିଛି ଦିନରେ ଏଠାରେ ଗୋଟିଏ ଏକ୍ସରେ ମେସିନ ବସିବ, ଆଜିଠାରୁ ରୋଗୀ ମାନଙ୍କର ୧୬ ପ୍ରକାର ମାଗଣା ପରୀକ୍ଷା ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୨ଟି ପରୀକ୍ଷା କରାହେବ ବୋଲି କହିଥିଲେ। ରକ୍ତ, ମଳ, ମୂତ୍ର ଇତ୍ୟାଦିର ପରୀକ୍ଷା କରାଯିବ। ଷ୍ଟାଫ ମାନଙ୍କ ପାଇଁ ୩ କୋଟି ଟଙ୍କା ବ୍ୟୟରେ କ୍ୱାର୍ଟର ନିର୍ମାଣ, ୬ କୋଟି ଟଙ୍କା ବ୍ୟୟରେ ୨୫ ବେଡର ହସ୍ପିଟାଲ ନିର୍ମାଣ ହେବା ସହ ଔଷଧୀୟ ବୃକ୍ଷ ରୋପଣ କରାଯିବ ବୋଲି କହିବା ସହ ଡାକ୍ତରଖାନାର ଷ୍ଟାଫ ମାନଙ୍କୁ ରୋଗୀ ମାନଙ୍କ ସହ ମିଠା କଥା କହି ଠିକ ଚିକିତ୍ସା କଲେ ଦିନେ ଆମର ଆୟୁର୍ବେଦ ଚିକିତ୍ସାଳୟ ବହୁତ ସୁନାମ ଅର୍ଜନ କରିବ ବୋଲି ସାଂସଦ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ସେ ବଗିଚାରେ ଏକ ଆମ୍ବ ବୃକ୍ଷ ରୋପଣ କରିଥିଲେ ଏବଂ ନିଜର ରକ୍ତ ପରୀକ୍ଷା କରିଥିଲେ। ସଭାରେ ସରକାରୀ ଆୟୁର୍ବେଦ ଉପଅଧୀକ୍ଷକ ଡ.ଶରତ ବେହେରା ସଭାପତିତ୍ୱ କରିଥିଲେ।

ଏଥିରେ ଡ.ଶ୍ରୀକାନ୍ତ ନାଗ, ଡ.ଶ୍ରୀକାନ୍ତ ରାଉତ, ଡ.ଲେବିୟା ସାଗର, ଡ.ସ୍ୱାଗତିକା ପ୍ରଧାନ, ଡ.ନିରୂପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡ.ଲେବିୟା ସାଗର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ପାଇକମାଳର ଅନେକ ବୁଦ୍ଧିଜୀବୀ, ସାମ୍ବାଦିକ, ତଥା ଅନେକ ପୁରୁଷ, ମହିଳା ଓ ଚିକିତ୍ସାଳୟର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ। ଶେଷରେ ଡ.ମୂରଲୀଧର ବାଗ ଧନ୍ୟବାଦ ଦେଇଥିଲେ।

କ୍ରିଷ୍ଣା ବିକାଶ ହସ୍ପିଟାଲ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ଝାରବନ୍ଧ, ୧୦।୧(ସମିସ): ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଏନଏସଏସ. ୟୁନିଟ, ମାରୱାଡ଼ି ଯୁବା ମଞ୍ଚ ଝାରବନ୍ଧ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖାର ମିଳିତ ଆନୁକୂଲ୍ୟରେ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ଓ କ୍ରିଷ୍ଣା ବିକାଶ ହସ୍ପିଟାଲ, ବରଗଡ଼ର ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖାର ସଭାପତି ନନ୍ଦକିଶୋର ଅଗ୍ରୱାଲ ଓ ବରିଷ୍ଠ ବିଜେପି ନେତା ଦୁର୍ଗା ପ୍ରସାଦ ଅଗ୍ରୱାଲ, ସମାଜସେବୀ ଗୋବିନ୍ଦ ପଟେଲ, ପୂର୍ବତନ ଜିଲ୍ଲା ପରିଷଦ ହରିହର ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୪୮୬ ଜଣ ରୋଗୀ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ ମାରୱାଡ଼ି ଯୁବାମଞ୍ଚର ଜୟ ଅଗ୍ରୱାଲ, ରାକେଶ ଅଗ୍ରୱାଲ (ପିଙ୍କୁ), ବିକାଶ ଅଗ୍ରୱାଲ, ମନୀଷ ଅଗ୍ରୱାଲ ଓ ମୋହିତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଶିବିରର ସଫଳତା ପାଇଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସାର୍ତ୍ତିକ ସାହୁ, ଅର୍ଥନୀତି ଅଧ୍ୟାପକ ନବୀନ ମେହେର, ଇଂରାଜୀ ଅଧ୍ୟାପକ ଗଗନ ବିହାରୀ ଡନସନା, ଶିକ୍ଷା ବିଭାଗ ଅଧ୍ୟାପିକା ଯାଜ୍ଞସେନି ନାୟକ, ଡ.ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକା ରଶ୍ମୀ ମହାଲିଙ୍ଗ, ରିତାଞ୍ଜଳୀ ଗୁରୁ, ମିନପ୍ରଭା ପ୍ରଧାନ, ଅଧ୍ୟାପକ ମୁକେଶ ବାଗ, ଚନ୍ଦ୍ରମଣି ବାଗ, କୁନି ସାହାଙ୍କ ସମେତ ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ ଓ ମଦନ ବାଗ ପ୍ରମୁଖ ଉପସ୍ଥିତ ସହଯୋଗ କରିଥିଲେ।

ଅଞ୍ଚଳ ମହାବିଦ୍ୟାଳୟରେ ଫୋଲ୍ଡସ୍କୋପ୍‌ର ଉପଯୋଗୀତା ଉପରେ ବକ୍ତୃତା

ପଦ୍ମପୁର, ୧୦।୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ 'ଜୀବବିଜ୍ଞାନ କ୍ଷେତ୍ରରେ ଫୋଲ୍ଡସ୍କୋପ୍‌ର ପ୍ରୟୋଗ' ଶୀର୍ଷକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଏଥିରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ସମ୍ପାଦକ ଭାବେ ଅରୁଣାଚଳ ପ୍ରଦେଶ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ ଅଧୀନ ଇଟାନଗର ସରକାରୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ.ପ୍ରଶାନ୍ତ ନନ୍ଦ ଯୋଗ ଦେଇଥିଲେ। କମ୍ ଖର୍ଚ୍ଚରେ ନିର୍ମିତ କାଗଜ ଅଣୁବୀକ୍ଷଣ ଯନ୍ତ୍ର ବା 'ଫୋଲ୍ଡସ୍କୋପ୍' ମାଧ୍ୟମରେ କିପରି ସୂକ୍ଷ୍ମ ଜୀବଜଗତକୁ ସହଜରେ ପରୀକ୍ଷା କରାଯାଇପାରିବ ଏବଂ ଏହା ଜୀବବିଜ୍ଞାନ ଗବେଷଣାରେ କିପରି ଏକ ନୂତନ ଦିଗନ୍ତ ସୃଷ୍ଟି କରିଛି ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ମାନସୀ ସ୍ୱାଇଁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଅଧ୍ୟାପକ ଡ.ସୁବୋଧ ତ୍ରିପାଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ନବକୃଷ୍ଣ ମିଶ୍ର ଉପସ୍ଥିତ ଥିଲେ। ସମ୍ମିଳନୀରେ ପ୍ରାଧ୍ୟାପିକା ତାପିନୀ ପଣ୍ଡା, ପ୍ରାଧ୍ୟାପକ ତାରା ପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ପ୍ରମୋଦ ତ୍ରିପାଠୀ, ସୁଦୀପ୍ତ ଦାଶ, ଘନଶ୍ୟାମ ପ୍ରଧାନ, ରବୀନ୍ଦ୍ର ନାଏକ ସମେତ ସମସ୍ତ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା କଳ୍ପନା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପି. ସତ୍ୟନାରାୟଣଙ୍କ ପରଲୋକ

ଅତାବିରା, ୧୦।୧(ସମିସ): ଅତାବିରା ବ୍ଲକ କୁଲୁଣ୍ଡା ଆନ୍ଧ୍ରପଡ଼ାର ପର୍ଚାଲା ସତ୍ୟନାରାୟଣ (୮୫)ଙ୍କ ଶନିବାର ପରଲୋକ ଘଟିଛି। ସେ ମଧ୍ୟାହ୍ନ ଭୋଜନ ଖାଉଥିବା ସମୟରେ ହଠାତ୍ ଟଳି ପଡ଼ିଥିଲେ। ତାଙ୍କର ଅନ୍ତିମ ସଂସ୍କାର ହୋଇଥିବା ବେଳେ ଏକମାତ୍ର ପୁଅ ପି ଭେଙ୍କଟ୍ରା ମୁଖାଗ୍ନି ଦେଇଥିଲେ। ହୀରାକୁଦ ଡ୍ୟାମ୍ ନିର୍ମାଣ ସମୟରେ ଆସି ଏଠାରେ କୃଷିକୁ ଆପଣାଇ ଉନ୍ନତମାନର ଚାଷ କାର୍ଯ୍ୟ କରିଥିଲେ। ସେ କୋଶଳ ଆନ୍ଧ୍ର କଲଚରାଲ ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟ ଥିଲେ।

ମା' ବହଳତଳିଏନ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା

ଗାଇସିଲେଟ, ୧୦।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ମିନି ଷ୍ଟାଡିଅମ ଠାରେ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ୨୮ତମ ମା' ବହଳତଳିଏନ ତ୍ରିଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ସମ୍ବଲପୁର ଦଳ ଓ ରାଉରକେଲା ଷ୍ଟିଲ ସିଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍‌ରେ କେହି କାହାରିକୁ ଗୋଲ ଦେଇପାରି ନଥିଲେ। ଶେଷରେ ଟାଇବ୍ରେକରରେ ରାଉରକେଲା ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କୁଚିଣ୍ଡା ଓ କଟକ ମଧ୍ୟରେ ଖେଳା ଯାଇଥିଲା। ଏଥିରେ କୁଚିଣ୍ଡା ଦଳ ୨-୧ରେ କଟକକୁ ପରାଜିତ କରିଥିଲା। କୁଚିଣ୍ଡା ଦଳ ପକ୍ଷରୁ ବିକ୍ରମ ମାଝୀ ୨ଟି ଗୋଲ ଦେଇଥିଲେ। ପ୍ରଶାନ୍ତ ବେହେରା, ଲିଙ୍ଗରାଜ ପ୍ରଧାନ, ଶଶିକାନ୍ତ ଦାସିଆ, ଜିତୁ ପାତ୍ର ଓ ଜିତେନ୍ଦ୍ରିୟ ଥନାପତି ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଡ.ବିଜୟ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ବିଜେପି ଯୁବ ନେତା ପ୍ରିତେଶ ବହିଦାର, ପ୍ରବୀଣ ପାଣିଗ୍ରାହୀ, ଆନନ୍ଦ ମଟାରୀ ପ୍ରମୁଖ ଯୋଗ ଦେଇଥିଲେ। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ସାଲନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଭେଡେନ, ୧୦।୧(ସମିସ): ଭେଡେନ ବ୍ଲକ ଅଧୀନ ସାଲନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଦୁଇଦିନ ଧରି ଚାଲିଥିବା ୫୦ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରଚନ୍ଦ୍ର ବାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବମ ଓ ଦଶମ ଛାତ୍ରଛାତ୍ରୀଙ୍କ ଦ୍ୱାରା ୨୫ଟି ଖେଳ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠିତ ସମସ୍ତ ଖେଳକୁ ପୂର୍ବତନ ଶିକ୍ଷକ ବାବୁଲାଲ ପଧାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ

ସମାରୋହରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ତୋଷବନ୍ତ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସନାତନ ମିଶ୍ର, ବାବୁଲାଲ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିବୃନ୍ଦ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସୁମନ୍ତ ବଇଗା ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠିତ ଖେଳକୁ ଶିକ୍ଷକ ବିକ୍ରମ ପୁରୋହିତ, ପ୍ରଫୁଲ୍ଲ ଭଏନା, ସୁକଦେବ ତାଣ୍ଡି, ଶଶାଙ୍କ ପୁରୋହିତ, ସାନନ୍ଦ ଶତପଥୀ, ଡଲି ସେଟ, ବିଜୟ ତ୍ରିପାଠୀ, କାଳିଆ ସନ୍ୟାସୀ, ରାଜେନ୍ଦ୍ର ମୁଦୁଲିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ପପଙ୍ଗା ପାହାଡ଼ ରାସ୍ତା ଶୋଚନୀୟ, ପର୍ଯ୍ୟଟକ ହନ୍ତସନ୍ତ

ଭେଡେନ, ୧୦।୧(ସମିସ)

ଭେଡେନ ବ୍ଲକର ଐତିହାସିକ ପର୍ଯ୍ୟଟନ ସ୍ଥଳୀ ପପଙ୍ଗା ପାହାଡ ରାସ୍ତାର ମରାମତି ଅଭାବରୁ ଶୋଚନୀୟ ଅବସ୍ଥା ହୋଇଛି। ଫଳରେ ଏହି ରାସ୍ତା ଦେଇ ଯିବା ଆସିବା କରିବା ବେଳେ ପର୍ଯ୍ୟଟକ, ସ୍ଥାନୀୟ ଲୋକଙ୍କୁ ଭୀଷଣ କଷ୍ଟ ସ୍ୱୀକାର କରିବାକୁ ହେଉଛି। ଶିବ ମନ୍ଦିରରୁ ପାହାଡ ପର୍ଯ୍ୟନ୍ତ ଥିବା ପ୍ରାୟ ୨ କିମି ରାସ୍ତାର ଅଧା କଙ୍କ୍ରିଟ ପୂର୍ବ ସରକାର ସମୟରେ ହୋଇଥିଲା। ଅଧା ରାସ୍ତା ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଗୋଡ଼ି ଗୁଡ଼ିକ ବାହାରି ରାସ୍ତାସାରା ପଡ଼ି ରହିଛି। ବର୍ତ୍ତମାନ ବଣଭୋଜି ଋତୁ ହୋଇଥିବାରୁ ପ୍ରତ୍ୟକ ଦିନ ଶତାଧିକ ଲୋକେ ଆସୁଛନ୍ତି। ଅନେକ ଲୋକ ଦୟନୀୟ ରାସ୍ତା ଯୋଗୁଁ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଏହି ପାହାଡ ସ୍ଥାନୀୟ ଅଞ୍ଚଳର ଇତିହାସର ଗାଥା ବହନ କରୁଛି। ଏହି ପାହାଡ ବୀର ସୁରେନ୍ଦ୍ର ସାଏ, ଭେଡେନ ଜମିଦାର ମନୋହର ସିଂ, ଛବିଳ ସାଏ ସମେତ ଅନେକ ସଂଗ୍ରାମୀଙ୍କ ବୀର କର୍ମକ୍ଷେତ୍ର ଥିଲା। ଏହି ପାହାଡ଼କୁ ବ୍ୟବହାର କରି ଇଂରେଜ ମାନଙ୍କ ସହିତ ସେମାନେ ଗରିଲା ଯୁଦ୍ଧ କରିଥିଲେ। ପୂର୍ବ ସରକାର ଏହି ପାହାଡକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେଇ ପାହାଡ ଉପରେ ଅନେକ ଉନ୍ନୟନ କାମ ମଧ୍ୟ କରିଛନ୍ତି। ଉକ୍ତ ରାସ୍ତାର ଅଧା କଙ୍କ୍ରିଟ ମଧ୍ୟ ହୋଇଛି। ବଳକା ପ୍ରାୟ ୧ କିମି ରାସ୍ତା କିନ୍ତୁ ଏବେ ଅବହେଳିତ ହୋଇ ସମ୍ପୂର୍ଣ୍ଣ ବେହାଲ ହୋଇଛି। ରାଜ୍ୟର ଏକ ପର୍ଯ୍ୟଟନ ସ୍ଥଳୀ ରାସ୍ତା ଏପରି ହେଲେ ଅନ୍ୟ ଅଞ୍ଚଳର ରାସ୍ତା କେମିତି ଥିବ ବୋଲି ବାହାରୁ ଆସୁଥିବା ଲୋକେ ଚର୍ଚ୍ଚା କରିଛନ୍ତି।

ଜାତୀୟସ୍ତରୀୟ କବାଡ଼ି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ପାଇକମାଳ, ୧୦।୧(ସମିସ): ଛତିଶଗଡ଼ର ଦୁର୍ଗରେ ଜାନୁଆରୀ ୬ରୁ ୯ ତାରିଖ ଯାଏଁ ସ୍କୁଲ ଗେମ୍ ଫେଡେରେସନ ଅଫ ଇଣ୍ଡିଆ ତରଫରୁ ୬୯ ତମ ଜାତୀୟସ୍ତରୀୟ ବିଦ୍ୟାଳୟ କବାଡି ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଧର୍ମରାଜ ରଣା ୧୪ ବର୍ଷରୁ କମ୍ ବାଳକ ବିଭାଗ ଓଡ଼ିଶା ଦଳ ପକ୍ଷରୁ ଖେଳିଥିଲେ। ତାଙ୍କୁ ଆଜି ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ପିଏମଶ୍ରୀ ପ୍ରଧାନଶିକ୍ଷୟିତ୍ରୀ ପୋର୍ଟା ମିନତୀ ଟେଟେଙ୍କ ସଭାପତିତ୍ୱ ସଭାରେ ଶିକ୍ଷକ ନରହରି ସିଂ, ପିଇଟି ଶିକ୍ଷକ ପଦ୍ମଲୋଚନ ମାଝୀ, କୃଷ୍ଣ ବାଗ, ନୀଳମଣି ବରିହା, ଶଙ୍କରଲାଲ ମହାନନ୍ଦ, ଅଭିଜିତରାଏ, ବିକ୍ରମ ସିଂ, ଅର୍ଜୁନ ଜେନା, କଲ୍ୟାଣୀ ଦନ୍ତା, ସଙ୍ଘମିତ୍ରା ବେହେରା, ସଲୋନୀ ପ୍ରିୟଦର୍ଶିନୀ ସେଠ, ସଦାନନ୍ଦ ଭୋଇ, ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିକଟସ୍ଥ ଧାରୋଲ ଗାଁର ଅର୍ଜୁନ ରଣାଙ୍କ ପୁଅ ଧର୍ମରାଜ ରଣା। ସେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ବ୍ଲକ, ଜିଲ୍ଲା ତଥା ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟ ଦଳ ପାଇଁ ମନୋନୀତ ହେବାସହ ଓଡ଼ିଶା ଦଳ ପାଇଁ ଖେଳି ମାଣ୍ଡୋସିଲ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ପିଏମଶ୍ରୀ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସଞ୍ଜିତା ପଟେଲ ଜାନୁଆରୀ ୧୯ ତାରିଖରେ ଆନ୍ଧ୍ରପ୍ରଦେଶ କ୍ରିଷ୍ଣା ଜିଲ୍ଲା ଗୁଡିୱାଡାରେ ହେବାକୁ ଥିବା ଜାତୀୟ ସ୍ତରୀୟ ବିଦ୍ୟାଳୟ ବାଳିକା କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି।

୮ .୫ ଲକ୍ଷ ଟଙ୍କା ଓ ଅଳଙ୍କାର ଜବତ; ୩ ଚୋର ଗିରଫ

କୁକୁଡ଼ାଖଣ୍ଡି,୧୦।୧(ସମିସ): ପ୍ରହ୍ଲାଦ ନଗର ଦ୍ୱିତୀୟ ଲାଇନ ବାସିନ୍ଦା ରାଜେଶ କୁମାର ପଣ୍ଡା ଚୋରି ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏନେଇ ନିମାଖଣ୍ଡି ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଚୋରି ଯାଇଥିବା ୮ ଲକ୍ଷ ୫୦ ହଜାର ଟଙ୍କା, ୧୮୨.୧୬ ଗ୍ରାମ ସୁନା ଓ ୨୯୬ ଗ୍ରାମ ରୁପା ଅଳଙ୍କାର ଉଦ୍ଧାର କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ଚିଣ୍ଟୁ ସେଠୀ (୨୮), ଗେଟ୍ ବଜାର, ଲକ୍ଷ୍ମୀ ନଗର, ଦୀପକ କୁମାର ପଟ୍ଟନାୟକ(୩୩), ଲକ୍ଷ୍ମୀ ବିହାର, ପ୍ରଥମ ଲେନ, ଆକାଶ କୁମାର ବେହେରା (୩୨), ଚନ୍ଦ୍ରମାପେଟା ସାହି। ଏମାନଙ୍କ ଠାରୁ ନଗଦ ଟଙ୍କା ସହ ସ୍କୁଟି, ଚୋରି ଅଳଙ୍କାର, ଗୋଟିଏ କଳା ବ୍ୟାଗ, ଗୋଟିଏ କଟର ଓ ଗୋଟିଏ ଲୁହା ରଡ୍ ଜବତ ହୋଇଛି। ତଦନ୍ତ ସମୟରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ ଏବଂ ଘର ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା। ଫୁଟେଜରୁ ଜଣାପଡ଼ିଥିଲା ଯେ ସୀମାଞ୍ଚଳ ପାତ୍ରଙ୍କ ଘର (କୋଣାର୍କ ନଗର, ଦ୍ୱିତୀୟ ଲେନ, ଲୋଚାପଡା) ତାଲା ଭାଙ୍ଗି ଦୁଇ ଜଣ ଚୋରି କରିଥିଲେ। ଏହାକୁ ଭିତ୍ତି କରି ସନ୍ଧାନ ସମୟରେ କୌଣସି ସୂତ୍ରରୁ ଖବର ପାଇ ପ୍ରଥମେ ଚିଣ୍ଟୁ ସେଠୀକୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ଚୋରି କରିଥିବା ସ୍ୱୀକାର କରି ଆକାଶ ଓ ଦୀପକ ସହଯୋଗୀ ବୋଲି କହିଥିଲା। ପରେ ଉଭୟଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

କଳିଙ୍ଗ ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା

ଜି.ଉଦୟଗିରି,୧୦।୧(ସମିସ): ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ତହସିଲ୍ ଆଇନ ସେବା ସମିତି ସୌଜନ୍ୟରୁ ନିଶା ନିବାରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ପ୍ରସନ୍ନ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଜି.ଉଦୟଗିରିର ବିଶେଷ ଲୋକ ଅଭିଯୋଜକ ବିଜୟ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ନିଶାସେବନର କୁପରିଣାମ ବିଷୟରେ ସଚେତନ କରାଇଥିଲେ। ବରିଷ୍ଠ ଓକିଲ କମଳ କୁମାର ରାୟ, ସ୍ୱାତୀ ସଂଗଠନର ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ଏବଂ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଚୌଧୁରୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯୁବ ରେଡ୍‌କ୍ରସର କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ, ଦେୱାନୀ ଅଦାଲତର ପ୍ରଶାସନିକ ଅଧିକାରୀ ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତହସିଲ୍ ଆଇନ ସେବା ସମିତିର କର୍ମକର୍ତ୍ତା କୃତାଞ୍ଜଳି ନାୟକ, ଉଷାରାଣୀ ଦିଗାଲ, ଅମିତ୍ କୁମାର ଭୋଇ ଏଥିରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସାମୂହିକ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟାପକ ନିରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ସେବା ଯୋଜନା ଅଧିକାରୀଙ୍କ ଭଞ୍ଜନଗର ଗସ୍ତ

ଭଞ୍ଜନଗର,୧୦।୧(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିକାରୀ ଡ. ଜୟନ୍ତ କୁମାର ପଣ୍ଡା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ପରିଦର୍ଶନ କରିଥିଲେ। ଡ. ପଣ୍ଡା ଗତ ସେପ୍ଟେମ୍ବର ମାସରେ ସ୍ୱତନ୍ତ୍ର ଚାରାରୋପଣ କ୍ୟାମ୍ପରେ ଲାଗିଥିବା ଚାରା ଗୁଡ଼ିକର ବର୍ତ୍ତମାନ ସ୍ଥିତି କିଭଳି ଅଛି ଦେଖିଥିଲେ। ଏହି ସମୟରେ ସେ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ଭବିଷ୍ୟତ କିଭଳି ଗଠନ କରିବେ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ବୁଝାଇଥିଲେ। ହାପରେ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ, ଗଞ୍ଜାମ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ, ଏନଏସଏସ କର୍ମଚାରୀ ଚିରଞ୍ଜିବି ବାଡତ୍ୟା, କଲେଜ ଜାତୀୟ ସେବା ଯୋଜନା ଶାଖାନଂ-୧ ଅଧିକାରୀ ବାବୁଲା ପ୍ରଧାନ, ଶାଖା ୨ ଅଧିକାରୀ ସସ୍ମିତା କୁମାରୀ ଦାସଙ୍କୁ ନେଇ ଏକ ବୈଠକ ହୋଇଥିଲା।

ମୃତକଙ୍କ ପରିବାରକୁ ସହାୟତା

ପୋଲସରା,୧୦।୧(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁର ରବୀନ୍ଦ୍ର ସାହୁ (୫୬) ଆନ୍ଧ୍ରପ୍ରଦେଶରେ କାମ କରିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଏବଂ ୫ ଜଣ ଝିଅ। ଝିଅ ମାନଙ୍କୁ ଶାଶୁ ଘର ପଠାଇବାବେଳେ ବାପା ଚାଲିଗଲେ ଆରପରିକୁ। ଘରର ମୁଖିଆ ଚାଲିଗଲା ପରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ। ଏଭଳି ଦୁଃଖଦ ଖବର ପାଇ 'ଗରିବର ବନ୍ଧୁ' ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଛନ୍ତି। ସରକାର ତୁରନ୍ତ ମୃତକଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ବିଜ୍ଞାନ ଶିବିର

ଜି.ଉଦୟଗିରି,୧୦।୧(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗାରେ ଥିବା ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆଧାରିତ ୩ ଦିନିଆ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧନ କର୍ମୀ ଭାବେ ଜି.ଉଦୟଗିରିର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଓ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଯୋଗଦେଇ ୧୦୦ରୁ ଅଧିକ ବିଜ୍ଞାନ ସମ୍ବନ୍ଧୀୟ ପରୀକ୍ଷା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ପୁରାତନ ଛାତ୍ରଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇ, ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷା କିପରି ଆନନ୍ଦମୟ ଓ ଆକର୍ଷଣୀୟ କରାଯାଇପାରିବ, ସେଥିପାଇଁ ବିଭିନ୍ନ କୌଶଳ ଅର୍ଜନ କରିଥିଲେ। ଶିବିରକୁ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ପରିଚାଳନା କରିଥିଲେ। ଶିବିରର ଅନ୍ତିମ ଦିବସରେ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ବିଜ୍ଞାନ ଶିକ୍ଷକ ବଳରାମ ସାହୁଙ୍କ ଆଗ୍ରହ, ନିଷ୍ଠା ଓ କାର୍ଯ୍ୟଦକ୍ଷତାକୁ ଉଚ୍ଚ ପ୍ରଶଂସା କରି, ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ବୁଗୁଡ଼ା,୧୦।୧(ସମିସ): ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମପୂରଣ କରିଥିବା ୨୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇନଭିଜିଲେଟର ଭାବେ ନିୟୋଜିତ ରହିଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ପୋଚାଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରମା ରଞ୍ଜନ ମିଶ୍ର ଯୋଗ ଦେଇଥିଲେ।

କଳା ସାଂସ୍କୃତିକ ସଂଘ କଳାକାରଙ୍କ ବନ୍ଧୁ ମିଳନ

ପୋଲସରା,୧୦।୧(ସମିସ): ପୋଲସରା ସହରର ଲୁଣିଘାଟି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବ୍ଲକ କଳା ସାଂସ୍କୃତିକ ସଂଘ କଳାକାରଙ୍କ ପକ୍ଷରୁ ଶୁକ୍ରବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାକାର ସଂଘର ଉପସଭାପତି ସନ୍ୟାସି ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୋଲସରା ବିଡିଓ ଶଶୀଭୂଷଣ ମହାପାତ୍ର ଶୁଭାରମ୍ଭ କରିଥିଲେ। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କଳାକାର ମାନଙ୍କୁ ଯୋଗ୍ୟତା ହିସାବରେ ସରକାରଙ୍କ ତରଫରୁ ଆସୁଥିବା ସହାୟତା ଯୋଗାଇଦେବା ପାଇଁ ବିଡିଓ ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିକାଶର ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା ଓ ଅମୂଲ୍ୟ ରତ୍ନ ବେହେରା ସମେତ ଅନ୍ୟ କଳାକାରଙ୍କ ମଧ୍ୟରେ ଆସ୍କା ସଭାପତି ମଙ୍ଗୁଲୁ ସ୍ୱାଇଁ, ଉପସଭାପତି ବନବାସୀ ନାହାକ, କବିସୂର୍ଯ୍ୟନଗର ଉପସଭାପତି ରଙ୍କନିଧି ବେହେରା, ଖଲ୍ଲିକୋଟ ଉପସଭାପତି ଦିଗାମ୍ବର ମହାରଣା, ପୁରୁଷୋତ୍ତମପୁର ଉପସଭାପତି ବଳରାମ ପଣ୍ଡା, ବୁଗୁଡା ଉପସଭାପତି କେଦାରନାଥ ଜେନା, ପୋଲସରା ବ୍ଲକ ଉପଦେଷ୍ଟା କାଳିଚରଣ ବେହେରା ମଞ୍ଚାସୀନ ହୋଇ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। କଳାକାର ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହାପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପହିଲି ଭୋଗର ଆସର ଜମିଥିଲା।

ବନ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସା ଶିବିର

ଦିଗପହଣ୍ଡି,୧୦।୧(ସମିସ): ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଲଖାରୀ ଅଭୟାରଣ୍ୟ ସଂଲଗ୍ନ ଆଦିବାସୀ ବହୁଳ ପୋଡ଼ାଖାଲ ଓ କନିଆସାହି ଗ୍ରାମରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳ ଭୀଷ୍ମଗିରି ସେକ୍ସନ କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନ ବ୍ୟାପୀ ଚାଲିଥିବା ପଶୁ ଚିକିତ୍ସା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗରାଜୁ ଏବଂ ଚନ୍ଦ୍ରଗିରି ରେଞ୍ଜର ରୂପକ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଭୀଷ୍ମଗିରି ଫରେଷ୍ଟର ଦେବାଶିଷ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫ ଶହରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁଙ୍କୁ ଆବଶ୍ୟକ ଚିକିତ୍ସା କରାଯିବା ସହ ଚାଷୀ ମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଭୀଷ୍ମଗିରି ପଶୁ ଚିକିତ୍ସାଳୟର ଡ଼ା.ଦୀପକ କୁମାର ପ୍ରଧାନ, କର୍ମଚାରୀ କୃଷ୍ଣଚନ୍ଦ୍ର ମହାରଣା, ବଳରାମ ମହାରଣା, ବାଲାଜୀ ଦୋରା ଓ ସୁବାସ ସେଠୀ ପ୍ରମୁଖ ଉପସ୍ଥିତ ରହି ଗୃହପାଳିତ ପଶୁ ମାନଙ୍କୁ ଚିକିତ୍ସା କରିଥିଲେ। ଫରେଷ୍ଟ ଗାର୍ଡ ଗିରିଜା ଶଙ୍କର ଦୋରା, ସରୋଜ ମଲ୍ଲିକ, ଲକ୍ଷ୍ମୀପତି ଗମାଙ୍ଗ, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ପାରା ବନକର୍ମଚାରୀ ସହଯୋଗ କରିଥିଲେ।

ଘୋଡାହାଡ଼ ଡ୍ୟାମ୍‌ରେ ୯୫ ମଗର ପ୍ରଜାତି କୁମ୍ଭୀର

ଦିଗପହଣ୍ଡି,୧୦।୧(ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ର ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖରଙ୍କ ତତ୍ତ୍ୱାବଧାନରେ ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ସଂଲଗ୍ନ ଘୋଡ଼ାହାଡ଼ ଡ୍ୟାମରେ ଚାଲିଥିବା କୁମ୍ଭୀର ଗଣନା ପ୍ରକ୍ରିୟା ଶେଷ ହୋଇଛି। ଚଳିତ ବର୍ଷ ଡ୍ୟାମ୍‌ରେ ୯୫ଟି ମଗର ପ୍ରଜାତିର କୁମ୍ଭୀର ରହିଥିବା ଗଣନାରୁ ଜଣାପଡ଼ିଛି। କୁମ୍ଭୀର ଗଣନା ପାଇଁ ବନ ବିଭାଗ ପକ୍ଷରୁ ୨୫ଟି ଟିମ ଗଠନ କରାଯିବା ସହ ଦିଗପହଣ୍ଡି ଭାରପ୍ରାପ୍ତ ରେଞ୍ଜର ସନ୍ତୋଷ ବିଷୋୟୀ ରତ୍ନଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ନିୟୋଜିତ ଥିଲେ। ଘୋଡାହାଡ ଡ୍ୟାମ୍‌ରେ ୬୩ଟି କୁମ୍ଭୀର ରହିଥିବା ବେଳେ ଆଖପାଖ ୧୬ଟି ପୋଖରୀରେ ୩୨ଟି କୁମ୍ଭୀର ରହିଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଗଣନା ସମୟରେ ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ, ଗଞ୍ଜାମ ବିଜ୍ଞାନ କଲେଜ ଜୀବ ବିଜ୍ଞାନ ପ୍ରାଧ୍ୟାପକ ଡ଼. ମହେନ୍ଦ୍ର ସେଠୀଙ୍କ ସମେତ ସମସ୍ତ ବନ କର୍ମଚାରୀ ନିୟୋଜିତ ଥିଲେ।

ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ

ଛତ୍ରପୁର,୧୦।୧(ସମିସ): ଛତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ବ୍ଲକର ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାଙ୍କୁ ନେଇ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୁକ୍ରବାର ନିଆରା ଢଙ୍ଗରେ ନୂତନ ବର୍ଷ ପାଳନ କରିଛନ୍ତି। ରିକାପଲ୍ଲୀ ସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା ଏବଂ ବ୍ଲକ ଉପାଧକ୍ଷା ଶାଡି ସାରଦା ରେଡ୍ଡୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛତ୍ରପୁର ବ୍ଲକ ଉପାଧକ୍ଷା ଶାଡି ସାରଦା ରେଡ୍ଡୀ, ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ବସନ୍ତ କୁମାରୀ ବେହେରା ଓ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଏବଂ ଯୁବନେତା ବନୋଜ ନାହାକ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ସଂଯୋଜନା କରିଥିବା ବେଳେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ପରିଚାଳନା କରିଥିଲେ।

ପ୍ରତାପପୁରରେ ଧାନମଣ୍ଡି ଉଦ୍‌ଘାଟିତ

ପୁରୁଷୋତ୍ତମପୁର,୧୦।୧(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ଶ୍ରୀ ତୁମ୍ବେଶ୍ୱର ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ପକ୍ଷରୁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ସମବାୟ ସମିତି ସଭାପତି ସୁଦର୍ଶନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ବ୍ଲକ ଅଧକ୍ଷା ପିଙ୍କି ବେହେରା, ୩୬ନଂ ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୋରଡ଼ାରେ ବିଜେପିର ମିଶ୍ରଣ ପର୍ବ

ସୋରଡ଼ା,୧୦।୧(ସମିସ): ସୋରଡ଼ା ନିର୍ବାଚନମଣ୍ଡଳୀର ଜଳ ଭଣ୍ଡାର ନିକଟ ପିକନିକ୍ ସ୍ପଟରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୬୪ ଓ ୬୩ ଜୋନର ୯ ଜଣ ସରପଞ୍ଚ, ୮ ଜଣ ସମିତିସଭ୍ୟ ଓ ବ୍ଲକ ଉପାଧକ୍ଷ ଅମୂଲ୍ୟ ସାହୁଙ୍କ ସହ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି। ୬୪ନଂ ଜିଲ୍ଲା ପରିଷଦ ରାମ ଶବର କହିଛନ୍ତି ଆମ ଏହି ଅଞ୍ଚଳ ଆଦିବାସୀ ଅନୁନ୍ନତ ଅଞ୍ଚଳ ଏବଂ ଆମ ରାଜ୍ୟର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ମଧ୍ୟ ଆଦିବାସୀ ଶ୍ରେଣୀର ଏବଂ ନୂତନ ଚିନ୍ତା ଧାରା ସହିତ ମୋ ଅଞ୍ଚଳର ବେଶ ସହାୟକ ହେବ ବୋଲି କହିଛନ୍ତି। ସେହିପରି ୬୩ ନଂ ଜିଲ୍ଲା ପରିଷଦ ସମରେନ୍ଦ୍ର ସାହୁ କହିଛନ୍ତି ଦୀର୍ଘ ୧୪ ବର୍ଷ ପରେ ମୋର ଘର ବାହୁଡା ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ ନୀଳମଣି ବିଷୋୟୀଙ୍କ ସହିତ ସାଂସଦ ପ୍ରତିନିଧି ବସନ୍ତ କୁମାର ବିଷୋୟୀ, ସୀମାଞ୍ଚଳ ଅଧିକାରୀ କାଉନସିଲର ରଜନୀକାନ୍ତ ମହାପାତ୍ର, ବାଇଧର ସ୍ୱାଇଁଙ୍କ ସମେତ ପୂର୍ବତନ ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ, ରାଧାମୋହନ ସ୍ୱାଇଁ ଓ ବର୍ତ୍ତମାନର ଭି ଜଗଦୀଶ ରାଜୁ, ଟୁକୁନା ଗୌଡ଼, ସତ୍ୟ ନାରାୟଣ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ

ଭଞ୍ଜନଗର,୧୦।୧(ସମିସ): ସ୍ଥାନୀୟ ବାହାଡ଼ାପଦର ଠାରେ ବିଦ୍ୟାଳୟସ୍ତରୀୟ ପଠନ ପ୍ରୋତ୍ସାହନ ସପ୍ତାହ 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ସାହିତ୍ୟିକ ତଥା ଘୁମୁସର ସମ୍ବାଦର ସମ୍ପାଦକ ନେତାଜୀ ବିଷୋୟୀ, ସିଆରସିସି ସୁରେନ୍ଦ୍ର କୁମାର ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଦାଶ ଯୋଗ ଦେଇ ପିଲାଙ୍କ ସାହିତ୍ୟ ସୃଜନୀ ଉପରେ ରହିଥିବା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ହୃଷିକେଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଛତ୍ରପୁର,୧୦।୧(ସମିସ): ଚମାଖଣ୍ଡି ଥାନା ପକ୍ଷରୁ ରଘୁନାଥପୁର ଗ୍ରାମରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜୁନିୟର ଏମଭିଆଇ ତାରାକାନ୍ତ ନନ୍ଦ ଯୋଗଦେଇ ଗ୍ରାମବାସୀଙ୍କୁ ରାସ୍ତାରେ କିପରି ଭାବରେ ଗାଡ଼ି ଚଳାଇବେ, ହେଲମେଟ୍ ପିନ୍ଧି ଗାଡି ଚଲେଇବା, ସରକାରଙ୍କ ନିୟମ ମାନିବା, ମଦ୍ୟପାନ କରି ଗାଡି ଚଲେଇବା ନାହିଁ ବୋଲି ଗ୍ରାମବାସୀ ମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଜ୍ୟୋତି ରଞ୍ଜନ ସାହୁ, ସମିତି ସଭ୍ୟା ବି. ସୋନାଲି ସେନାପତି ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।

ପାଣି ପଞ୍ଚାୟତ ରଥକୁ ସମ୍ବର୍ଦ୍ଧନା

ଧରାକୋଟ,୧୦।୧(ସମିସ): ଧରାକୋଟ ବ୍ଲକର ଡ଼ଉଗାଁ ସ୍ଥିତ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ତରଫରୁ ପାଣି ପଞ୍ଚାୟତ ରଥକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡଉଗାଁ ଜଳସେଚନ ବିଭାଗ କାର୍ଯ୍ୟାଳୟରୁ ବାହାରି ଏହି ରଥ ଧରାକୋଟ ବଡ଼ଗଡ଼, ସୋରଡ଼ା ଦେଇ ହରଭଙ୍ଗି ଜଳସେଚନ କାର୍ଯ୍ୟାଳୟ ଠାରେ ପହଞ୍ଚିବ। ସମ୍ବର୍ଦ୍ଧନା ସମୟରେ ଜଳସେଚନ ବିଭାଗର ସହକାରୀ ନିର୍ବାହି ଯନ୍ତ୍ରୀ କେ.ଦେବେନ୍ଦ୍ର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ, ଯୋଗେନ୍ଦ୍ର ସାସମଲ, ଡ଼ଉଗାଁ ସରପଞ୍ଚ ମନୁ ପାତ୍ର, ପାଣି ପଞ୍ଚାୟତ ସଭାପତି ସଞ୍ଜୟ ପାତ୍ରଙ୍କ ସମେତ ବହୁ ସଭ୍ୟ ଓ ଚାଷୀ ଉପସ୍ଥିତ ଥିଲେ।

ଆନ୍ତରିକତା ଅଭାବ ନା ରାଜନୈତିକ ଚାପ

କଇଥ ସାହିରେ ଏଣେତେଣେ ହେଉଛି ଶବ ସତ୍କାର

ଜଗନ୍ନାଥପ୍ରସାଦ,୧୦।୧(ସମିସ): ଜଗନ୍ନାଥପ୍ରସାଦ କଇଥ ସାହିରେ ସ୍ଥାୟୀ ଶ୍ମଶାନ ଗୃହ ନଥିବାରୁ ଏଣେତେଣେ ଶବଦାହ କରାଯାଉଛି। ଜଗନ୍ନାଥପ୍ରସାଦ ବ୍ଲକରୁ ଏବେ ଏନ୍‌ଏସି ହୋଇଛି। କିନ୍ତୁ ଅଦ୍ୟାବଧି ମୌଳିକ ସୁବିଧାରୁ ବଞ୍ଚିତ ସାହିବାସୀ। ଗତ କିଛିଦିନ ପୂର୍ବେ ମଧ୍ୟ ରାତ୍ରରେ ଜଣେ ଅବସରପ୍ରାପ୍ତ ସୈନିକଙ୍କ ମୃତ୍ୟୁ ପରେ ଶବକୁ ନଦୀ ଗର୍ଭରେ ଦାହ କରାଯାଇଥିଲା। ମରଶରୀରକୁ ୪ ଫୁଟ ପାଣିରେ କାନ୍ଧେଇ ନଦୀ ପାର ହୋଇ ଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ଏହାପରେ ସ୍ଥାନୀୟ ତହସିଲଦାର ଅଶୋକ କୁମାର ମୁଦୁଲି ଶ୍ମଶାନ ନିମନ୍ତେ ଜାଗା ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ରାଜସ୍ୱ ନିରୀକ୍ଷକ ସତ୍ୟନାରାୟଣ ସାହୁଙ୍କୁ ଚିଠି କରିଥିଲେ। ସେହିପରି ଗୋଚର ଜମିକୁ ଅକ୍ତିଆର କରିଥିବା ପରିବାରକୁ ନୋଟିସ କରି ତହସିଲ କାର୍ଯ୍ୟାଳୟକୁ ଡକା ଯାଇ ସମାଧାନ କରାଯାଇଥିଲା।

ହୋଇପାରୁନି ନୂତନ ଶ୍ମଶାନ ଓ ଶବଦାହ ଗୃହ

ଜାଗା ଚିହ୍ନଟରେ ସୀମିତ ରହିଛି କାମ

ଏନେଇ ବିଡିଓ ମନ୍ମଥ ନାଥ ମଲ୍ଲିକ, ପିଇଓ ବସନ୍ତ କୁମାର ସାହୁ, ବ୍ଲକ ଉପାଧକ୍ଷ ନୀଳାଞ୍ଚଳ ଖିଲାର ନଦୀ ପଠାକୁ ଯାଇ ଜାଗା ଚିହ୍ନଟ କରିଥିଲେ। ଏହାପରେ ଶ୍ମଶାନ ତିଆରି ପାଇଁ ନୂତନ ପାଣ୍ଠିରୁ ଅର୍ଥ ଯୋଗାଡ଼ ନିମନ୍ତେ ସ୍ଥିର କରାଯାଇଥିଲେ। ଇତି ମଧ୍ୟରେ ୩ମାସ ବିତି ଯାଇଥିଲେ ମଧ୍ୟ ଏଯାବତ୍ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ।

ସୂଚନା ଥାଉ କି, ଶ୍ମଶାନ ଗୃହ ନ ଥିବା ଅଭିଯୋଗ ପାଇ ନୂତନ ଶ୍ମଶାନ ନିମନ୍ତେ ୨୦୨୪ରେ ସ୍ଥାନୀୟ ବ୍ଲକ ଯନ୍ତ୍ରୀ ଜାଗା ଚିହ୍ନଟ କରି ଲେଆଉଟ ଦେଇଥିଲେ। ହେଲେ କିଛି ଖଳ ପ୍ରକୃତିର ଲୋକଙ୍କ ପାଇଁ କାର୍ଯ୍ୟ ବନ୍ଦ ହୋଇଗଲା। ଏନେଇ କଇଥ ସାହିର ଶତାଧିକ ଗ୍ରାମବାସୀ ପୂର୍ବତନ ତହସିଲଦାର ତଥା ବର୍ତ୍ତମାନ ଶିକ୍ଷା ବିଭାଗର ଆଡିସିନାଲ ସେକ୍ରେଟାରୀ ମନୋଜ କୁମାର ତ୍ରିପାଠୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ତହସିଲଦାରଙ୍କ ବଦଳି ପରେ କାର୍ଯ୍ୟ ଠପ ହୋଇଯାଇଥିଲା। ତେବେ ଜଗନ୍ନାଥ ପ୍ରସାଦକୁ ନୂତନ ଭାବେ ଏନ୍‌ଏସି ମାନ୍ୟତା ପାଇଲା ପରେ ଶ୍ମଶାନ କାର୍ଯ୍ୟ କାହିଁକି ବିଳମ୍ବ ହେଉଛି ନା ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ପ୍ରଶାସନ ଜାଣିଶୁଣି ଦୃଷ୍ଟି ଦେଉ ନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ବାଇକ୍ ଚାଳକଙ୍କୁ ମୋଟା ଜରିମାନା

କାରଖାନାର ପ୍ରଦୂଷଣ ରୋକିବ କିଏ

ଯାଜପୁର, ୧୦।୧(ସମିସ)

ଏବେ ପ୍ରଦ୍ୟୁଷଣ ସମସ୍ୟାକୁ ନେଇ ସବୁ ଆଡେ ଭାଳେଣି ଦେଖାଦେଇଛି। ଗାଁ ଠାରୁ ସହର ସବୁଠି ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରଦୂଷଣର ମାତ୍ର ମାପିବା ପାଇଁ ଏକ୍ୟୁଆଇର ସ୍ତରର ଧିରେ ଧିରେ ବଢ଼ିବା ସମସ୍ତଙ୍କୁ ଚିନ୍ତାଗ୍ରସ୍ତ କରିଛି। ସେଥିପାଇଁ ସରକାରୀ ସ୍ତରରେ ବିଭିନ୍ନ କଟକଣା ଜାରି କରାଯାଇଛି। ଗାଡ଼ି ମାଲିକଙ୍କୁ ପ୍ରଦୂଷଣ ପ୍ରମାଣପତ୍ର ସଂଗ୍ରହ କରିବାକୁ ବାଧତାମୂଳକ କରାଯାଇଥିବା ବେଳେ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟରେ ନାନା ପ୍ରତିବନ୍ଧକ ଲଗାଯାଉଛି। ବିଶେଷକରି ରାଜ୍ୟରେ ବାଇକ୍ ଓ କାର ମାଲିକ ମାନେ ପ୍ରଦୂଷଣ ପ୍ରମାଣପତ୍ର ସଂଗ୍ରହ କରିବା ପାଇଁ ହଜାର ହଜାର ଟଙ୍କାର ତଣ୍ଡ ଗଣୁଛନ୍ତି। ଯାହାର ପ୍ରତିବାଦରେ ଏବେ ଚାରି ଆଡ଼େ ଆନ୍ଦୋଳନ ଦେଖାଦେବା ପରେ ସରକାର ବ୍ୟାକଫୁଟକୁ ଯାଇ ଏହି ପ୍ରଦୂଷଣ ପ୍ରମାଣପତ୍ର ପାଇଁ କୋହଳ ମନୋଭାବ ପୋଷଣ କରିଛନ୍ତି। କିନ୍ତୁ କେବଳ ବାଇକ୍ କିମ୍ବା କାର ଓ ଅନ୍ୟାନ୍ୟ ଗାଡିକୁ ଛାଡିଲେ ରାଜ୍ୟର ଶିଳ୍ପସଂସ୍ଥା ମାନେ ପ୍ରଦୂଷଣର ମାତ୍ରା ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ତୁଲାଉଛନ୍ତି। କିନ୍ତୁ ଉକ୍ତ ପ୍ରଦୂଷଣକୁ ରୋକିବା କ୍ଷେତ୍ରରେ ରାଜ୍ୟ ସରକାର ସେତେଟା ତତ୍ପର ହେଉନଥିବାରୁ ଏହି ପ୍ରଦୂଷଣର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେତେବେଳେ ପ୍ରଦୂଷଣ ଆଇନର ଉଲଙ୍ଘନ ଅଭିଯୋଗରେ ଗାଡି ମାଲିକଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଛି କିମ୍ବା ପେଟ୍ରୋଲ ମିଳିବା ନେଇ କଟକଣା ଜାରି କରାଯାଉଛି ସେତେବେଳେ ପ୍ରଦୂଷଣ ସୃଷ୍ଟି କରୁଥିବା କଳକାରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ ସେଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲାରେ ଏବେ ୨୦ରୁ ଊର୍ଦ୍ଧ୍ୱ କଳକାରଖାନା ରହିଛି। ବିଶେଷକରି କଳିଙ୍ଗନଗରରେ ପ୍ରତିଷ୍ଠିତ ହୋଇଥିବା କଳକାରଖାନାମାନେ ପ୍ରଦ୍ୟୁଷଣ ଆଇନକୁ ମୋଡ଼ି ମକଚି ଦେବା ଫଳରେ ଏହା ରାଜ୍ୟର ଅନ୍ୟତମ ପ୍ରଦୂଷଣ ସହରର ମାନ୍ୟତା ପାଇଲାଣି। କିନ୍ତୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ରହିଥିବା ନିୟମକୁ ଖୋଲାଖୋଲି କାରଖାନାମାନେ ଉଲ୍ଲଙ୍ଘନ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ନାନା ରୋଗ ବ୍ୟାପୁଥିବା ଜଣାପଡ଼ିଛି। ନିକଟରେ କଳିଙ୍ଗନଗରରେ ରହିଥିବା ଏକ କାରଖାନା ବିରୋଧରେ ପ୍ରଦୂଷଣ ଆଇନ ଉଲ୍ଲଙ୍ଘନର ଅଭିଯୋଗ କରିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। କିନ୍ତୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେବଳ କୈଫିୟତ ତଲବ କରାଯାଇଛି। ସେହିପରି ଧର୍ମଶାଳା ବ୍ଲକରେ ରହିଥିବା ଏକ ସିମେଣ୍ଟ କାରଖାନା ବିରୋଧରେ ମଧ୍ୟ ସମାନ ପ୍ରଦୂଷଣ ଓ ପରିବେଶ ଆଇନର ଉଲ୍ଲଙ୍ଘନ କରିଥିବା ଅଭିଯୋଗ ଆସିଛି। ଏପରିକି ଏହି ମାମଲା ଏବେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ପହଞ୍ଚିଛି। କିନ୍ତୁ ଅଭିଯୋଗ ପରେ କେବଳ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଠି ପ୍ରଶ୍ନ ଉଠୁଛି ଛୋଟ ଛୋଟ ଗାଡି ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ପାଇଁ ହଜାର ହଜାର ଟଙ୍କାର ଜରିମାନା ଆଦାୟ କରାଯାଉଥିବା ବେଳେ ଯାଜପୁର ଜିଲ୍ଲାର ବଡ଼ ବଡ଼ କାରଖାନା ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କାହିଁକି। କେବଳ ଏହି ଦୁଇଟି ସିମେଣ୍ଟ କାରଖାନା ନୁହେଁ ଅନେକ କାରଖାନା, ଖଣି କମ୍ପାନୀମାନେ ମଧ୍ୟ ପରିବେଶ ଓ ପ୍ରଦୂଷଣ ଆଇନର ଖୋଲାଖୋଲି ଉଲଙ୍ଘନ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ନେଇ ଚିନ୍ତା ପ୍ରକଟ କରାଯାଉଛି।

ସିନ୍ଧୁରିଆ ପ୍ରିମିୟର ଲିଗ୍ କ୍ରିକେଟ୍

କେସିସି ସୁଙ୍ଗୁଡ଼ା ବିଜୟୀ

ଧର୍ମଶାଳା, ୧୦।୧(ସମିସ): ଧର୍ମଶାଳା ବ୍ଲକ ସିନ୍ଧୁରିଆ ଖେଳପଡ଼ିଆରେ ଚାଲିଥିବା ସିନ୍ଧୁରିଆ ପ୍ରିମିୟର ଲିଗରେ ଆଜି ସନସାଇନ କ୍ଲବ ସୁକିନ୍ଦାକୁ ୧୦୨ରନରେ ପରାସ୍ତ କରି କେସିସି ସୁଙ୍ଗୁଡା ଟିମ୍ ବିଜୟୀ ହୋଇଛି। କେସିସି ସୁଙ୍ଗୁଡା ଟିମ ଆଜି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ହରାଇ ୨୭୦ରନ କରିଥିଲା। ଦଳ ପକ୍ଷରୁ ସୋନୁ ରାଉତ ଧୁଆଁଧାର ୮୮ରନ ଓ କାଲୁ ସାହୁ ୬୫ ରନ ସଂଗ୍ରହ କରିଥିଲେ। ବିପକ୍ଷ ସୁକିନ୍ଦା ଦଳର ରୋହିତ ମହାନ୍ତ ଓ ଏମ୍‌ଡି ଅହେମଦ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ସନସାଇନ କ୍ଲବ ସୁକିନ୍ଦା ଟିମ ବ୍ୟାଟିଂ କରି ୧୫.୩ ଓଭରରେ ସମସ୍ତ ୱିକେଟ ହରାଇ ୧୬୮ରନ କରି ପରାଜିତ ହୋଇଥିଲେ। ଦ ପକ୍ଷରୁ ରୋହିତ ମାହନ୍ତ ୮୧ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କେସିସି ଟିମର କାଲୁ ସାହୁ ୩ଟି ଓ ବାବୁ ନାୟକ ୨ ୱିକେଟ ନେଇଥିଲେ। ଆଜିର ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ କେସିସି ସୁଙ୍ଗୁଡ଼ା ଟିମର କାଲୁ ସାହୁଙ୍କୁ ଘୋଷଣା କରାଯାଇଥିଲା। ଆଜିର ପୁରସ୍କାର ବିତରଣ ଉତ୍ସବରେ ଚଣ୍ଡିଖୋଲ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଶାଖା ପରିଚାଳକ ଆଶୁତୋଷ ଦାସ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଗାୟତ୍ରୀ ମୋବାଲ ପାଏଂଟ ଜାରକା ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚକୁ ରାଜେଶ ଭଦ୍ର ଓ ସୁଶାନ୍ତ ଖିଲାର ପରିଚାଳନା କରିଥିଲେ।

ସିଦ୍ଧ ବଳଦେବଜିଉ ମନ୍ଦିରରୁ ମୂର୍ତ୍ତି ଚୋରି ଘଟଣା

ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ

ଧର୍ମଶାଳା, ୧୦।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଞ୍ଚାୟତ ସିଦ୍ଧବଳଦେବଜୀଉ ମଠର ଅଷ୍ଟଧାତୁ ମୂର୍ତ୍ତୀ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ବିକାଶ ଯାଦବକୁ ଉତ୍ତରପ୍ରଦେଶ ସ୍ଥିତ ଆଗ୍ରାରୁ ଗିରଫ କରାଯାଇ ଧର୍ମଶାଳା ପୁଲିସ ଜିମା ଦିଆଯାଇଥିବା ଜଣାପାଇଛି। ସୂଚନା ମୁତାବକ, ୨୦୨୨ ମସିହା ନଭେମ୍ବର ୧୧ ତାରିଖ ରାତିରେ ଦୁର୍ବୃତ୍ତମାନେ ଗେଟ ଭାଙ୍ଗି ସିଦ୍ଧ ବଳଦେବଜିଉ ମନ୍ଦିରରେ ପୂଜା ପାଉଥିବା ଦୁର୍ଲଭ ଅଷ୍ଟଧାତୁ ମୂର୍ତ୍ତିକୁ ଚୋରି କରି ନେଇଥିଲେ। ମନ୍ଦିର ଟ୍ରଷ୍ଟି ବିନୋଦ ବିହାରୀ ଦାଶ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ୬୦୯/୨୨ରେ ଏକ ମାମଲା ରୁଜୁ ଘଟଣାର ତଦନ୍ତ ଚଳାଇଥିଲା ହେଲ ପୁଲିସ ଦୁର୍ବୃତ୍ତମାନଙ୍କର କୌଣସି ଟେର୍ ପାଇନଥିଲା। ଏନେଇ ମନ୍ଦିର ଟ୍ରଷ୍ଟି ଶ୍ରୀ ଦାଶ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ କ୍ରାଇମବ୍ରାଞ୍ଚ ଡିଜିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଘଟଣାର ୩ ବର୍ଷ ପରେ ମୂର୍ତ୍ତି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଶ୍ରୀ ଯାଦବଙ୍କୁ ପୁଲିସ ଥାନାରେ ପଚରା ଉଚୁରା କରିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଧର୍ମଶାଳା ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ; ଗ୍ରାମରେ ଉତ୍ତେଜନା

ବରୀ, ୧୦।୧(ସମିସ): ସ୍ଥାନୀୟ ଜନକ ଗ୍ରାମରେ ଏକ ଜଳସମ୍ପଦ ରାସ୍ତା ନିର୍ମାଣକୁ ନେଇ ବିଭ୍ରାଟ ହୋଇଛି। ସମ୍ପୃକ୍ତ ଠିକାଦାର, କନିଷ୍ଠ ଯନ୍ତ୍ରୀ ମିଳିମିଶି ଗୋଟିଏ ବ୍ୟକ୍ତିଗତ ମାଲିକାନା ଥିବା ଜମି ଉପରେ ବଳପୂର୍ବକ ଢଳେଇ ରାସ୍ତା ନିର୍ମାଣ କରିବା ନେଇ ଜମି ମାଲିକ ଅଦାଲତଙ୍କ ଆଶ୍ରୟ ନେଇଛନ୍ତି। ଅଦାଲତ ପକ୍ଷରୁ ସମ୍ପୃକ୍ତ ଠିକାଦାର, ଯନ୍ତ୍ରୀ, ଅଧକ୍ଷଣ ଯନ୍ତ୍ରୀଙ୍କୁ ନୋଟିସ୍ ଜାରି କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି।

ସୂଚନାଯୋଗ୍ୟ ଦର୍ପଣ ତହସିଲ ଅନ୍ତର୍ଗତ ଜନକ ମୌଜାର ଖାତା ନଂ ୯୨୧ ପ୍ଲଟ ନଂ ୧୨୯୩ର କିସମ ଘରୋଇ ରାସ୍ତା ରହିଛି। ରେକର୍ଡ (ପଟ୍ଟା) ଅନୁଯାୟୀ ଏହାର ମାଲିକାନା ସନାତନ ଆଗଲା ସିଂ ମହାପାତ୍ର, ଗଗନ ବିହାରୀ ଜେନା, ବାବନ ଚନ୍ଦ୍ର ଜେନା, ନବୀନ ଚନ୍ଦ୍ର ଜେନା, ବିନୋଦ ବିହାରୀ ଜେନା, ମନୋହର ଜେନା ପ୍ରମୁଖ ରହିଛନ୍ତି। ନିକଟରେ ଜନକ ଗାଧୁଆ ତୁଠ କଂକ୍ରିଟ ଗଡ଼ା-୩ ନାମକ ଏକ ଜଳସମ୍ପଦ ପ୍ରକଳ୍ପ ସମ୍ପୃକ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କ ମାଧ୍ୟମରେ ନିର୍ମାଣ କରାଯାଇଛି। ଯାହାକି ପ୍ଲଟ୍ ନଂ ଡେସିମିଲ ମଡ଼ାଯାଇ ନିର୍ମାଣ କରାଯାଇଛି ବୋଲି ମନୋହର ଜେନାଙ୍କ ପୁଅ ସୁବୋଧ ଜେନା ଅଭିଯୋଗ କରି ଅଦାଲତଙ୍କ ଆଶ୍ରୟ ନେଇଛନ୍ତି। ଯାଜପୁର ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ଅଦାଲତରେ ସୁବୋଧ ସମ୍ପୃକ୍ତ ଠିକାଦାର ଧର୍ମଶାଳ କାଏମାର ବ୍ରହ୍ମାନନ୍ଦ ସ୍ୱାଇଁ, ଜଳସମ୍ପଦ ଅଧକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାସ, ଯନ୍ତ୍ରୀ ପରମାନନ୍ଦ ରାଉତଙ୍କୁ ପକ୍ଷ କରି ୧୬୩ ଧାରାରେ ଏକ ମାମଲା ରୁଜୁ କରିଛନ୍ତି। ତାଙ୍କର ବ୍ୟକ୍ତିଗତ ଜମିରେ ଠିକାଦାର ଓ ଯନ୍ତ୍ରୀ ବଳପୂର୍ବକ ରାସ୍ତା ନିର୍ମାଣ କରାଇ ନେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ମାମଲା ରୁଜୁ ପରେ ଅଦାଲତ ପକ୍ଷରୁ ଗତ ଡିସେମ୍ବର ୧୯ ଓ ୨୯ରେ ଦୁଇଟି ତାରିଖରେ ପକ୍ଷ ରଖିବାକୁ କୁହାଯାଇଥିଲା। ମାତ୍ର ଦ୍ୱିତୀୟ ପକ୍ଷ ଅନୁପସ୍ଥିତ ରହିବାରୁ ଚଳିତ ମାସ ୧୩ରେ ତୃତୀୟ ତାରିଖ ରହିଛି। ପୂର୍ବରୁ ଏହି ଇଜିମାଇଲ ସତ୍ତ୍ୱକୁ ଭାଗ ପାଇଁ ଯାଜପୁର ଦେୱାନୀ ଅଦାଲତରେ ଟାଇଟଲ ସୁଟ କରାଯାଇଥିଲା। ଏହି ଅନୁଯାୟୀ ମାପ କରାଯାଇ ଜମି ଚିହ୍ନଟ ସରିଥିଲେ ମଧ୍ୟ ଆବେଦନକାରୀଙ୍କୁ ଦଖଲ ଦିଆଯାଉ ନାହିଁ। ଏଭଳି ସ୍ଥିତିରେ ପୁଣି ଜଳସମ୍ପଦ ବିଭାଗ ଏହି ରାସ୍ତା ଉପରେ ବଳପୂର୍ବକ ଢଳେଇ ରାସ୍ତା ନିର୍ମାଣ କରିବା ଘଟଣା ଯୋଗୁଁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।

ନାରାୟଣଜୀଉ ସ୍କୁଲର କ୍ରୀଡ଼ା ଉତ୍ସବ

ଧର୍ମଶାଳା, ୧୦।୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ମୁଣ୍ଡମାଳସ୍ଥିତ ନାରାୟଣଜୀଉ ନୋଡାଲ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ସମାଜସେବୀ ତଥା ମିନତୀ ସାହୁ ଯୋଗଦେଇଥି ସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହେଉଥିବା କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ଜାରକା ମଣ୍ଡଳ ବିଜେପି ସଭାପତି ଦେବଦତ୍ତ ପଣ୍ଡା ଓ ମିର୍ଜାପୁର ସରପଞ୍ଚ ପ୍ରଶାନ୍ତ ଦାସ ଓ ବୃନ୍ଦାବନ ବେହେରା ଓ ଅବସରପାପ୍ତ ଶିକ୍ଷକ ବିଭୂତି ଭୂଷଣ ପାଳ ଯୋଗଦେଇଥିଲେ। ବାଙ୍କସାହି ସିଆର୍‌ସିସି ପରୀକ୍ଷିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମୁଣ୍ଡମାଳ ସିଆରସି ଦୟାନିଧି ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲରେ ଦୁଇଦିନ ବ୍ୟାପି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାକୁ ଶିକ୍ଷୟିତ୍ରୀ ଭାନୁ ପ୍ରିୟା ନାୟକ, ଗୀତାଞ୍ଜଳି ଦାସ, ସୁନିତା ମଲ୍ଲିକ, ସଙ୍ଘମିତ୍ରା ସାହୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ବାର୍ଷିକ କ୍ରୀଡ଼ାର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସ୍କୁଲ କମିଟି ର ସଭାପତି ରତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପାଣିକୋଇଲି ମହୋତ୍ସବ ଉଦ୍‌ଯାପିତ

ପାଣିକୋଇଲି, ୧୦।୧(ସମିସ): ପାଣିକୋଇଲି ମହୋତ୍ସବ ଆଜି ୫ମ ଦିନରେ ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟିର ସଭାପତି ରାକେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ମହୋତ୍ସବ ଉଦଯାପନୀ ସଭାକୁ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ସ୍ୱତନ୍ତ୍ର ଅତିଥି ଭାବେ କୋରେଇ ବିଧାୟକ ଆକଶ ଦାସନାୟକ ଯୋଗଦେଇ ମହୋତ୍ସବ କିପରି ଅଞ୍ଚଳବାସୀକୁ ଏକସୂତ୍ରରେ ବାନ୍ଧି ରଖେ ଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀୟ ଅତିଥି ଭାବେ ଯୁବନେତା ପ୍ରକାଶ ଧଳ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ଗୋଳେଇପୁର ସରପଞ୍ଚ ସସ୍ମୀତା ମାଝୀ, ବନ୍ଦାଲୋ ସରପଞ୍ଚ ବିଷ୍ଣୁଚରଣ ରଥ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ପକ୍ଷରୁ ପ୍ରଫୁଲ୍ଲ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ତାରିଣୀ ପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

କୀର୍ତ୍ତିକୌମୁଦୀ ସ୍ମରଣିକା ଲୋକାର୍ପଣ

ଯାଜପୁର, ୧୦।୧(ସମିସ): ସ୍ଥାନୀୟ ଅମ୍ବିକାଇ ସ୍ଥିତ ରୋଟାରି ଭବନ ପରିସରରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ସାରସ୍ୱତ ସଂଗଠକ ସାଧୁଗୌଡେଶ୍ୱର ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ନବକିଶୋର ମିଶ୍ରଙ୍କ ଜୀବନ ଚର୍ଚ୍ଚା ଓ ତାଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ସ୍ମୃତି ସ୍ମରଣିକା କୀର୍ତ୍ତିକୌମୁଦୀ ଲୋକାର୍ପିତ ହୋଇଯାଇଛି। ଡ. ହରିଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଅତିଥି ଓ ବକ୍ତା ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ସାମଲ, ଯଜ୍ଞପ୍ରଭାର ମୁଖ୍ୟ ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସୁଲେଖିକା ବିଦ୍ୟୁତ୍‌ଲତା ଦାସ, ପ୍ରାକ୍ତନ ସଂସଦ ଅଞ୍ଚଳ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧୁ ଗୌଡ଼େଶ୍ୱର କଲେଜର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାସ, ଡା. ଗିରିଶ ବିହାରୀ ମିଶ୍ର, ଡ. ଦେବାଶିଷ ମିଶ୍ର, ଆୟୁଷ୍ମତି ମିଶ୍ର, ସମାଜସେବୀ ପଦ୍ମାକର ଗୁରୁ, ସୁବାସ ଚନ୍ଦ୍ର ମହାପାତ୍ର, ଅଧିକାରୀ ନବକିଶୋର ଦାସ, ପ୍ରଭାତ କୁମାର ମଲ୍ଲିକ, ପୂର୍ବତନ ଅଧକ୍ଷା ଜ୍ୟୋସ୍ନାରାଣୀ ସାହୁ, ଉଜ୍ଜ୍ୱଳକାନ୍ତ ଦାସ, ସ୍ମିତାରାଣୀ ଭଞ୍ଜ, ଲେଖକ କାର୍ତ୍ତିକ ଚନ୍ଦ୍ର ଦ୍ୱିବେଦୀ, ଡ. ଅଶୋକ କୁମାର ଦାସ, ଦିବ୍ୟଜ୍ୟୋତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ସଡ଼କ ସୁରକ୍ଷା ସଚେତନତା ଶିବିର

ମଙ୍ଗଳପୁର, ୧୦।୧(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ପକ୍ଷରୁ ଆଜି ଏକ ସଡ଼କ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସ୍ଥିତ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ମଙ୍ଗଳପୁର ଥାନାର ଏସ୍‌ଆଇ ଅନିତା ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଏଏସଆଇ ସଂଯୁକ୍ତା ପଣ୍ଡା, ସମ୍ମାନିତ ଅତିଥିଭାବେ ଏସଆଇ ଜଟାଧାରୀ ଦାସ, ଏଏସଆଇ ଘନଶ୍ୟାମ ନାୟକ, ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଟଳ ବିହାରୀ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ଅଭିମନ୍ୟୁ ଦାସ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ଉଚ୍ଚତର ବିଦ୍ୟାଳୟର ଗ୍ରନ୍ଥା ଗାରିକ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ଉପରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର କିରାଣି ହିମାଂଶୁ ନାୟକଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ ମାନେ ଶହଯୋଗ କରିଥିଲେ।

ଡ. ଶାନ୍ତିପ୍ରିୟା ମୁର୍ମୁ ସମ୍ବର୍ଦ୍ଧିତ

ସିଂହପୁର, ୧୦।୧(ସମିସ): ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଆୟୋଜିତ ସପ୍ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ଯାଜପୁର ଲୋକକଳା ମହୋତ୍ସବରେ ଡ. ଶାନ୍ତିପ୍ରିୟା ମୁର୍ମୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଜିଲ୍ଲାପାଳ ଡ. ମୁର୍ମୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେ ପୂର୍ବରୁ ଉତ୍କଳ ଫାଉଣ୍ଡେସନ ସମ୍ମାନ, ଅଖିଳଚକ୍ର ସମ୍ମାନ, ଘୁଙ୍ଗୁର ନାଟ୍ୟ ପରିଷଦ ସମେତ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

ହୃଦ୍‌ଘାତରେ ବରିଷ୍ଠ ଶିକ୍ଷାବିତ୍‌ଙ୍କ ପରଲୋକ

ଦଶରଥପୁର, ୧୦।୧(ସମିସ): ଦଶରଥପୁର ବ୍ଲକ ଚିତ୍ତାଳ ପଞ୍ଚାୟତ କୁରୁଳି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ ନରେନ୍ଦ୍ର କୁମାର ସାହୁ(୭୨)ଙ୍କ ହୃଦ୍‌ଘାତ ଯୋଗୁଁ ପରଲୋକ ହୋଇଛି। ରାତି ପ୍ରାୟ ୯ଟା ସମୟରେ ଘରେ ବସିଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜିଲ୍ଲା ଡାକ୍ତରଖାନା ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଯାଜପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ଶିକ୍ଷକତାରୁ ଅବସର ନେବା ପରେ ନିଜ ଗ୍ରାମ କୁରୁଳି ସମେତ ଆଖପାଖ ଅଞ୍ଚଳର ଏକାଧିକ ଶିକ୍ଷା ଏବଂ ସଂସ୍କୃତି ଭିତ୍ତିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ। ତାଙ୍କ ମୃତ୍ୟୁ ଖବର ଜାଣି ଯାଜପୁର ବିଧାୟକ ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ସମିତିସଭ୍ୟ ବିଶ୍ୱଜିତ ରାୟ, ପୂର୍ବତନ ସରପଞ୍ଚ ସୀତାକାନ୍ତ ଶତପଥୀ, ଦିଲ୍ଲୀପ ମହାନ୍ତି, ସମାଜସେବୀ ଅଜୟ ରାଉତ, ସୁରେଶ ରାଉତଙ୍କ ସମେତ ବହୁ ଜଣାଶୁଣା ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

ଖବର କାଗଜ ବିତରକଙ୍କ ପରଲୋକ

ମଙ୍ଗଳପୁର, ୧୦।୧(ସମିସ): ଦଶରଥପୁର ବ୍ଲକର ମଙ୍ଗଳପୁରସ୍ଥ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଖବର କାଗଜ ବିତରକ ବାବନ ଜେନା (୫୮)ଙ୍କ ବିୟୋଗରେ ସାମ୍ବାଦିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଡାହାଣହତା ପଞ୍ଚାୟତ ବଉଳାଙ୍ଗ ଗ୍ରାମର ବାବନ ଦଶରଥପୁର ବ୍ଲକ ଅଧିନସ୍ଥ ଝୁମ୍ପୁରୀ, କାଟିଆ, ବୌଳାଙ୍ଗ, ମଙ୍ଗଳପୁର ବଜାର ସମେତ ଆଖପାଖ ଅଞ୍ଚଳରେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଖବର କାଗଜ ବିତରଣ କର ଆସୁଥିଲେ। ସେ କିଛି ଦିନ ହେବ କ୍ୟାନ୍ସର ରୋଗରେ ପୀଡିତ ହୋଇ ଆଜି ସକାଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି। ଏହି ଶୋକସଭାରେ ସାମ୍ବାଦିକ ଶଙ୍କର୍ଷଣ କୁଣ୍ଡୁ, ଚନ୍ଦ୍ରଶେଖର ସାହୁ, ସୁଶାନ୍ତ ବେହୁରିଆ, ପ୍ରତ୍ୟୁଷ ନାୟକ, ପ୍ରତାପ ମାଲିକ, ମହେଶ୍ୱର ଜେନା, ଯତୀନ୍ଦ୍ରନାଥ କର, ସବ୍ୟସାଚୀ ଦାସ, ସୀତାଂଶୁ ଶେଖର ଜେନା, ବିଶ୍ୱଭୂଷଣ ବିଶ୍ୱାଳ, ଧୀରେନ୍ଦ୍ର ମଲିକ, ବିଶ୍ୱଜିତ ଦାସ, ସତ୍ୟଜିତ ସାମଲ ଯୋଗଦେଇ ଶୋକ ପ୍ରକଟ ଜଣାଇଥିଲେ। ତାଙ୍କ ବିୟୋଗରେ ପରିବାରକୁ ସହାୟତା ପାଇଁ କୌଶିକ ଦାସ, ମାନସ ଜେନା, ଜୟପ୍ରକାଶ ନାୟକ, ଅକ୍ଷୟ ନାୟକ, ପ୍ରଦୀପ ମହାନ୍ତି, ଜ୍ୟୋତି ପ୍ରକାଶ ଶତପଥୀ, ମନୋଜ ପୃଷ୍ଟି, ମନୋଜ ପରିଡ଼ା, ଉମାକାନ୍ତ ଧଳ, ମାନସ ସାହୁ, ମନୋରଞ୍ଜନ ମଲିକ, ରାକେଶ ସାହୁ, ସଞ୍ଜୟ ରାୟ ପ୍ରମୁଖ ଦାବୀ ଜଣାଇଛନ୍ତି।

ବ୍ରଜସୁନ୍ଦର ବିଦ୍ୟାଳୟର ବାର୍ଷିକ ଉତ୍ସବ

ମଙ୍ଗିନ୍ଦା, ୧୦।୧(ସମିସ): ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ୬୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ତିନି ଦିନ ଧରି ଉକ୍ତ କ୍ରୀଡ଼ାକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ହରେଶ କୁମାର ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ଧଳ ଓ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରେମଲତା ଧଳ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ୟାସନଗର ପ୍ରେସ୍ ଫୋରମ୍‌ର ବାର୍ଷିକ ଉତ୍ସବ

ବ୍ୟାସନଗର, ୧୦।୧(ସମିସ)



ବ୍ୟାସଦେବ ଟାଉନହଲ ଠାରେ ବ୍ୟାସନଗର ପ୍ରେସ ଫୋରମର ୧୯ତମ ପ୍ରତିଷ୍ଠା ଦିବସ ଅନୁଷ୍ଠାନର ସଭାପତି ଡ. ଅଭୟ ପତିଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାଟି ସମ୍ପୂର୍ଣ୍ଣ ରୂପେ 'କିନ୍ନର ସମାଜ'କୁ ଉତ୍ସର୍ଗ କରାଯାଇଥିଲା ବେଳେ ତୃତୀୟ ଲିଙ୍ଗୀଭାବେ ସେମାନଙ୍କୁ ଉଚିତ ସମ୍ମାନ ମିଳିବା ଉଚିତ ବୋଲି ଚତୁର୍ଥ ସ୍ତମ୍ଭ ପ୍ରେସ୍ ଫୋରମ ପକ୍ଷରୁ କରାଯାଇଥିବା ପ୍ରୟାସ ସ୍ୱାଗତ ଯୋଗ୍ୟ ବୋଲି ଉଦ୍‌ଘାଟକ ଭାବେ ଯୋଗଦାନ କରି ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥିଭାବେ କୋରାଇର ବିଧାୟକ ଆକାଶ ଦାସନାୟକ ଯୋଗଦେଇ ମହାଭାରତ ଓ ରାମାୟଣ ସମୟରେ କିନ୍ନରଙ୍କ ଭୂମିକା ଶୀର୍ଷ ସ୍ଥାନରେ ରହିଥିଲା। ବର୍ତ୍ତମାନ ସେମାନଙ୍କ ସମସ୍ୟାକୁ ସମାଧାନ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ଅଛନ୍ତି ବୋଲି ପ୍ରସଙ୍ଗାନୁଯାଇ କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଯୋଗଦେଇ ବ୍ୟାସନଗର ପ୍ରେସ୍ ଫୋରମ ଆଜି ଯେଉଁ ଥିମରେ ଉତ୍ସବ ପାଳନ କରିଛି; ତାହା ବାସ୍ତବରେ ପ୍ରଶଂସାଯୋଗ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ରାଜ୍ୟ କିନ୍ନର ମହାସଂଘର ସଭାପତି ମୀରା ପରିଡ଼ା ଅତିଥି ଭାବେ ଯୋଗଦେଇ ସାମ୍ବାଦିକ ମାନଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ବ୍ୟାସଜ୍ୟୋତି'କୁ ଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଫୋରମର ସମ୍ପାଦକ ମଳୟ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ଉପସଭାପତି ଦୟାନିଧି ନାୟକ ଅତିଥି ପରିଚୟ ଓ ମୁଖ୍ୟପରାମର୍ଶଦାତା ଉଦୟନାଥ ଖଣ୍ଡାଇ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ବିଶିଷ୍ଟ ସାହିତ୍ୟିକ ଡ. ଅକ୍ଷୟ କୁମାର ମହାନ୍ତି, ବରିଷ୍ଠ ଚିକିତ୍ସକ ଡା. ବିରଞ୍ଚି ନାରାୟଣ ମହାପାତ୍ର, କ୍ରୀଡାବିତ ଏସ୍‌କେ ଜହର ଅଲ୍ଲୀ, କ୍ରୀଡାସଂଗଠକ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ସାମ୍ବାଦିକ ଭକ୍ତଚରଣ ସାହୁ, ନୃତ୍ୟଶିଳ୍ପୀ ସୁଶ୍ରୀ ଦିବ୍ୟାଙ୍ଗୀ ସେନାପତି, କିନ୍ନର ସମ୍ମାନ ମୀର ପରିଡ଼ା, ସମାଜ ସେବୀ ଡ. ଦୈତାରୀ ଧଳ, ସ୍ୱତନ୍ତ୍ର ସମ୍ମାନ ଉଦୟନାଥ ଖଣ୍ଡାଇ ଓ ବିତରକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ବିଭିନ୍ନ ବିଭାଗର ପ୍ରତିଭାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ନିରବଚ୍ଛିନ୍ନ ପାନୀୟଜଳ ଯୋଗାଣରେ ସରକାର ବିଫଳ

ବାଲ୍‌ଟି ଓ ଗରା ଧରି ଜାତୀୟ ରାଜପଥ ଅବରୋଧ

ରାଇରଙ୍ଗପୁର, ୧୦।୧(ସମିସ): ଶୀତଋତୁରେ ପାନୀୟଜଳ ସଙ୍କଟ ଦେଖିବାକୁ ମିଳିଛି । ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବାରମ୍ବାର ଅଭିଯୋଗ ଜଣାଇବା ପରେ ମଧ୍ୟ କୌଣସି ସମାଧାନ ହେଉନି । ଯାହାକୁ ନେଇ ସମସ୍ୟାର ସମାଧାନ ଦାବି କରି ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରି ପାନୀୟଜଳ ଯୋଗାଣ ଦାବି କରିଛନ୍ତି । ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଜୋରଦାଠାରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ ୬ଟି ଗ୍ରାମର ଗ୍ରାମବାସୀ କରିଥିଲେ ।

ଜୋରଦା ପଞ୍ଚାୟତ ଅନ୍ତର୍ଗତ ଜାମୁଡ଼ିହି, ମହୁଲଡିହା, ରାମଜାଲି, ଅଙ୍ଗାରପୋଦା, କାଣ୍ଡସର ଓ ରାହେଳବେଡା ଗ୍ରାମର ଲୋକେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି । ୧୦୦୦ରୁ ଅଧିକ ବାସିନ୍ଦାଙ୍କ ପାଇଁ ସରକାର ବସୁଧା ଯୋଜନାରେ ପାଣିର ବ୍ୟବସ୍ଥା କରିଛନ୍ତି । କିନ୍ତୁ ଦୁଇବର୍ଷ ହେଲା ନିୟମିତ ପାନୀୟଜଳ ମିଳିପାରୁନାହିଁ । ସମୟକ୍ରମେ ଘର ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଗୋଟିଏ ପମ୍ପ ହାଉସ ଯୋଗେ ଏତେ ଘରକୁ ପାଣି ଯୋଗାଇବା ଅସମ୍ଭବ ହେଉଛି । ଏଥିପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ପରେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି । ଯାହାକୁ ନେଇ ୬ଟି ଗ୍ରାମର ମହିଳା ଓ ପୁରୁଷ ଉତ୍ତ୍ୟକ୍ତ ହୋଇ ଶନିବାର ପୂର୍ବାହ୍ନରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଆଗକୁ ଖରାଦିନ ଆସୁଥିବାରୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଦାବି କରିଛନ୍ତି । ଅନେକ ସମୟ ଧରି ରାଜପଥ ଅବରୋଧ ଯୋଗୁଁ ଶହ ଶହ ଗାଡ଼ି ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ । ଘଟଣାସ୍ଥଳରେ ପୁଲିସ ଓ ବ୍ଲକ ଅଧିକାରୀ ପହଞ୍ଚି ବହୁ ବୁଝାସୁଝା ପରେ ସମସ୍ୟା ସମାଧାନ ହୋଇଥିଲା । ଉତ୍ତ୍ୟକ୍ତ ଲୋକଙ୍କୁ ନିର୍ଭର ପ୍ରତିଶ୍ରୁତି ମିଳିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା । ଯଦ୍ୱାରା ଦୀର୍ଘ ୩ ଘଣ୍ଟା ପରେ ରାସ୍ତାରୋକରୁ ଉତ୍ତ୍ୟକ୍ତ ଲୋକେ ଓହରିଥିଲେ । ତେବେ ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ମନରେଗା ନାମ ପରିବର୍ତ୍ତନ, ଟାଟା ପାୱାରର ଶୋଷଣ ଓ କୃଷକ ସମସ୍ୟା ନେଇ ବର୍ଷିଲା କଂଗ୍ରେସ

ବାରିପଦା, ୧୦।୧(ସମିସ): ଶନିବାର ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି(ପୂର୍ବ)ର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ପର୍ଯ୍ୟବେକ୍ଷକ ଡ. ଦେବାଶିଷ ଭୂୟାଁ ଯୋଗଦେଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ କରିଥିବା ମନରେଗା ଯୋଜନାର ନାମ ଉଦ୍ଦେଶ୍ୟମୂଳକ ଭାବେ ପରିବର୍ତ୍ତନ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଦ୍ୱିତୀୟ ଥର ହତ୍ୟା କରିଛି ବିଜେପି ସରକାର ବୋଲି କହିଛନ୍ତି । ତତସହିତ ମୟୂରଭଞ୍ଜ ଜିଲ୍ଲାର ଧାନ ମଣ୍ଡିରେ କୃଷକ ମାରଣ ନୀତି ସମ୍ବନ୍ଧରେ ବର୍ଷିଥିଲେ । ମିଥ୍ୟା ପ୍ରତିଶ୍ରୁତିର ଡିଣ୍ଡିମ ପିଟୁଥିବା ଲୋକଙ୍କ ସରକାର ଆଜି ପୁଞ୍ଜିପତିଙ୍କ ସରକାରରେ ପରିଣତ ହୋଇଛି । ବିଜେପି ସରକାରର ୩୦୦ ୟୁନିଟ ବିଜୁଳି ମାଗଣା ପ୍ରତିଶ୍ରୁତି ଦୂରରେ ଥାଉ ଟାଟା ପାୱାର କମ୍ପାନୀ ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ବ୍ରିଟିଶ ଶାସନଠାରୁ ବଳିଯାଇଛି । ଆଗାମୀ ଦିନରେ କଂଗ୍ରେସ ଦଳ ପଞ୍ଚାୟତ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ସାମ୍ବାଦିକ ସମ୍ମିଳନୀ ସୂଚନା ପ୍ରଦାନ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ଏସଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, କୃଷକ ସେଲ ସଭାପତି ଦୀପକ ଦାଶ ଓ ଶାନ୍ତନୁ ପାଲ ପାଲ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଏଗାର ବର୍ଷର ବିଜେପି ସରକାରକୁ କଡ଼ା ସମାଲୋଚନା କରିଥିଲେ ।

ବନ ବିଭାଗ ଦ୍ୱାରା ସମ୍ବର ଉଦ୍ଧାର

କୁଆମରା, ୧୦।୧(ସମିସ): ଉଦଳା ରେଞ୍ଜ ଅଧୀନ ଖୁଣ୍ଟା ବ୍ଲକ କରକଚିଆ ପଞ୍ଚାୟତର ମାମୁଡିଆଠାରେ ଏକ ସମ୍ବର ଉଦ୍ଧାର ହୋଇଛି । ସମ୍ବରର ବୟସ ୮ରୁ ୧୦ ବର୍ଷ ହୋଇଥିବା ବନ ବିଭାଗ ଅନୁମାନ କରିଛି । ଉକ୍ତ ସମ୍ବରଟି ଗ୍ରାମ ଭିତରକୁ ହଠାତ୍ ପଶି ଆସିବା ପରେ ଗ୍ରାମ ଲୋକେ ଗୋଡାଇବାରୁ ଜୀବନ ବିକଳରେ ପ୍ରାଣ ବଞ୍ଚାଇବାକୁ ଯାଇ ସ୍ଥାନୀୟ ଏକ କେନାଲ ନିକଟରେ ପଡ଼ିଯାଇଥିଲା । ଗ୍ରାମ ଲୋକେ କୌଶଳକ୍ରମେ ସମ୍ବରକୁ ଘେରି ରହିଥିଲେ । ଖବର ପାଇ ଉଦଳା ରେଞ୍ଜର ସୁଶାନ୍ତ ବାଗ ସଦଳବଳେ ପହଞ୍ଚି ଉଦ୍ଧାର କରିଛନ୍ତି । ସମ୍ବରଟି ସୁସ୍ଥ କି ଅସୁସ୍ଥ ତାହା ଜଣାପଡ଼ି ନ ଥିବାବେଳେ ଡାକ୍ତରଙ୍କ ପରୀକ୍ଷା ପରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଶ୍ରୀ ବାଗ୍ କହିଛନ୍ତି ।

ସହିଦ ଭବନର ନବୀକରଣ ଦାବି

ଜିଲ୍ଲାପାଳଙ୍କୁ ଭେଟିଲେ ବାରିପଦା କଳାକାର ପରିବାର

ବାରିପଦା, ୧୦।୧(ସମିସ): କଳା ସଂସ୍କୃତିର ପୀଠ ମୟୂରଭଞ୍ଜ ହୋଇଥିବାବେଳେ ବାରିପଦା ସହିଦ ଭବନରେ ବର୍ଷ ତମାମ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ମାତ୍ର ସ୍ଥାନୀୟ ସହିଦ ଭବନରେ ଅତ୍ୟାଧୁନିକ ଆଲୋକ ଓ ଶବ୍ଦର ବ୍ୟବସ୍ଥା ନ ଥିବାରୁ କାର୍ଯ୍ୟକ୍ରମ ପରିବେଷଣରେ ଆୟୋଜକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ନାଟକ ମଞ୍ଚସ୍ଥ କରିବା ପାଇଁ ଏହା ଅଧିକ ବ୍ୟୟବହୁଳ ହୋଇଥାଏ । ଅନେକ ନାଟ୍ୟ ଅନୁଷ୍ଠାନ ରାଜ୍ୟ ଓ ଜାତୀୟସ୍ତରୀୟ ନାଟକ ମହୋତ୍ସବର ଆୟୋଜନ କରିବା ପାଇଁ ଚାହୁଁଥିଲେ ହେଁ ଆଲୋକ ଓ ଶବ୍ଦର ସୁବ୍ୟବସ୍ଥା ନ ଥିବାରୁ କରିପାରୁନାହାନ୍ତି । ଏହି ଅସୁବିଧା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ବାର୍ଷିକ ଉତ୍ସବ ପାଳନ କରିପାରୁନାହାନ୍ତି । ତେଣୁ ସହିଦ ଭବନରେ ଅତ୍ୟାଧୁନିକ ଆଲୋକ ଓ ଶବ୍ଦର ବ୍ୟବସ୍ଥା ସହ ନବୀକରଣ କରିବା ପାଇଁ ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡାଙ୍କ ସମେତ ପ୍ରସନ୍ନ ମହାନ୍ତି, ଅନ୍ନଦା ଶଙ୍କର ଦାଶ, ଡଃ କୁମରମଣି ନାୟକ, ରାଜୀବ ପାତ୍ର, ଡଃ ଗୋକୁଳ ଦାସ, ସୋମନାଥ ସିଂହ ପ୍ରମୁଖ ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଓ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମସ୍ୟାର ସମାଧାନ ପାଇଁ ଉଚିତ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

କୁମ୍ଭୀରାହୁଡ଼ି ମେଳା ପ୍ରସ୍ତୁତି ବୈଠକ

କୁଆମରା, ୧୦।୧(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତସ୍ଥ କୁମ୍ଭୀରାହୁଡ଼ି ମେଳା ଆସନ୍ତା ୧୫ ତାରିଖରେ ଆରମ୍ଭ ହେବ । ଏ ଅବସରରେ ସପ୍ତାହ ଧରି ପର୍ବତ ପାଦଦେଶରେ ବିଭିନ୍ନ ଦେବାଦେବୀ ପୂଜା ପାଇବେ । ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ରହିବ । ଏ ନେଇ ବ୍ଲକ ସଭା ଗୃହରେ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ତହସିଲଦାର ଓମ୍ ପ୍ରକାଶ ମହାନ୍ତିଙ୍କ ସମେତ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଅଗ୍ନିଶମ ବିଭାଗ, ବନ ବିଭାଗ, ବିଦ୍ୟୁତ ବିଭାଗ, ଜଳ ପରିମଳ ବିଭାଗ ଅଧିକାରୀ, ସରପଞ୍ଚ ଦୀପାଲି ସିଂ, ମେଳା କମିଟି ସଭାପତି ହରିମୋହନ ସିଂ, ସମ୍ପାଦକ ଭଗବାନ ସିଂ ପ୍ରମୁଖ ଯୋଗ ଦେଇ ମେଳା ସମ୍ପର୍କରେ ଆଲୋଚନା କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାର ଦେବାଶିଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।

ଶତାୟୁ ମହିଳାଙ୍କ ପରଲୋକ

କୁଳିଅଣା, ୧୦।୧(ସମିସ): କୁଳଅଣା ବ୍ଲକ ଚାନ୍ଦୁଆର 'ସକାଳ' ଖବରକାଗଜ ପ୍ରତିନିଧି ମନୋରଞ୍ଜନ ପରିଡ଼ାଙ୍କ ଜେଜେ ମାଆ ନିଶାମଣୀ ପରିଡ଼ାଙ୍କ ୧୦୭ ବର୍ଷରେ ପରଲୋକ ହୋଇଯାଇଛି । ତାଙ୍କର ଏକପୁତ୍ର ସମେତ ୨ ଝିଅ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ପୁଅ, ଜଣେ ଝିଅ ଆରପାରିକୁ ଚାଲିଯାଇଛନ୍ତି । ସେ ଜଣେ ଉଚ୍ଚଶିକ୍ଷିତ ମହିଳା ସହିତ ସମାଜସେବୀ ସହିତ ମିଷ୍ଟଭାଷୀ, ମେଳାପି ମହିଳା ଥିଲେ । ଆଜି ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ କରାଯାଇଛି । ଏ ଅବସରରେ ହଜାର ହଜାର ଲୋକ ଉପସ୍ଥିତ ଥିଲେ ।

ମାର୍ଚ୍ଚ ୧୫ରୁ ପ୍ରଥମ ସର୍ବଭାରତୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କପ୍ କ୍ରିକେଟ୍

ବାରିପଦା, ୧୦।୧(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେ ପ୍ରଥମ ବାର୍ଷିକ ସର୍ବଭାରତୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମୟୂରଭଞ୍ଜର ୨ଟି ଦଳ ସମେତ ରାଜ୍ୟ ଓ ରାଜ୍ୟ ବାହାରର ୧୬ଟି ଦଳକୁ ନେଇ ଟ୍ୱେଣ୍ଟି-୨୦ ଫର୍ମାଟରେ ଖେଳ ହେବ ବୋଲି ବୈଠକରେ ସ୍ଥିର କରାଗଲା । ଚାମ୍ପିଅନ ଦଳକୁ ୫ ଲକ୍ଷ ଓ ରନର୍ସଅପ ଦଳକୁ ୩ ଲକ୍ଷ ପୁରସ୍କାର ରାଶି ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବାର ସ୍ଥିର ହେଲା । ମୟୂରଭଞ୍ଜ ମହୋତ୍ସବ କମିଟି ଅଧ୍ୟକ୍ଷ ଅସିତ ପତିଙ୍କ ସଭାପତିତ୍ୱରେ ବୈଠକରେ ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଉପସଭାପତି ସଞ୍ଜୀବ ରାଉତ, ସାଂଗଠନିକ ସମ୍ପାଦକ ବିପ୍ଳବ ଭଞ୍ଜନ ବୁଗୁଡେଇ, ସମ୍ପାଦକ ତାପସ ପାଢ଼ୀ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପସଭାପତି ମନୋଜ ସାଓ, ସାଧାରଣ ସମ୍ପାଦକ ବିଜୟ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଫୁଟବଲ ସମ୍ପାଦକ ଅମର ସେଠୀ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ବରିଷ୍ଠ ଖେଳାଳି ସୁନୀଲ ଜେନା, ସଞ୍ଜୟ ମାଇତି, ପୱନ ଅଗ୍ରୱାଲା, ଲଲାଟେନ୍ଦୁ ବେହେରା, ଦେବୀଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୧୦।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉମଙ୍ଗ' ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି କୃତୀ ଛାତ୍ରଛାତ୍ରୀଙ୍କୁ

ପୁରସ୍କୃତ କରିବା ସହ ବିଦ୍ୟାଳୟର ପ୍ରଗତି କ୍ଷେତ୍ରରେ ଶିକ୍ଷକ /ଶିକ୍ଷୟିତ୍ରୀଙ୍କ ଅବଦାନ ପାଇଁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ନିମନ୍ତ୍ରିତ ଅତିଥି ଭାବେ ରଞ୍ଜନ ବାନାର୍ଜୀ ଯୋଗ ଦେଇଥିଲେ । ଶେଷ ପର୍ଯ୍ୟାୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଶିକ୍ଷକ ଓ ପିତାମାତାଙ୍କ ପ୍ରମୁଖ ଭୂମିକା ଥିବା ପ୍ରକାଶ କରିଥିଲେ । ୧୩୩ ଥର ରକ୍ତଦାନ କରିଥିବା ସମାଜସେବୀ ଡଃ ନିରୋଜ ପୋଥାଳ ଭବିଷ୍ୟତରେ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ ।

ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଏବିଇଓ ତପସ୍ୱିନୀ ଦାଶ, ସେକ୍ସନ ଅଫିସର ସତ୍ୟନାରାୟଣ ଦାସ, ସିଆରସିସି ଧନଞ୍ଜୟ ସାହୁ, ପରିଚାଳନା କମିଟି ସଭାପତି ଚୁମକି ବେହେରା, ବରିଷ୍ଠ ଶିକ୍ଷାବିତ ନବକିଶୋର ପାଲବାବୁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିଲେ । ଦୀପକ କୁଁଅର, ମହାବୀର ପାତ୍ର, ବିଷ୍ଣୁପଦ ମହାନ୍ତ, ସାଇ ସମ୍ଭବ ରାଉତ, ଦେବାଶିଷ ଗିରି, ପ୍ରିୟରାଣୀ ବେହେରା, ଦେବସ୍ମିତା ସାବତ, ଚରଣ ବେଶ୍ରା, ଈଶ୍ୱର ବିନ୍ଧାଣି, ଗାଜ ଟୁଡୁ, ନିମାଇଁ ମୁର୍ମୁଙ୍କ ସମେତ ୧୦୦ରୁ ଅଧିକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସୁମିତ୍ରା ରାଉତ, ସରୋଜ ସାବତ, ଗୌତମ ପଣ୍ଡା, ହରପ୍ରିୟା ବେହେରା ପ୍ରମୁଖ ସହଯୋଗ କରିଥିଲେ ।

ଶୁଳିଆପଦା: ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ନାରାଣ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ଶୁଳିଆପଦା ଗୋଷ୍ଠୀ ସାଧନ କେନ୍ଦ୍ର ଏବିଇଓ/ସିଆରସିସି ସରୋଜ ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଇମାତ ମୁର୍ମୁ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟନାରାୟଣ ରାଜ୍ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ଶିକ୍ଷାର ଆବଶ୍ୟକତା ବାବଦରେ ଉଦବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ କାଳୀଶଙ୍କର ଦାସ ଓ ୱାର୍ଡେନ୍ ସୁମତୀ ସୋରେନ୍ ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଙ୍କ ଦ୍ୱାରା ନାଚ, ଗୀତର କାର୍ଯ୍ୟକ୍ରମ 'ରଙ୍ଗୋଲୀ' ଆୟୋଜନ ହୋଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ୱାର୍ଡେନ୍ ଶ୍ରୀମତୀ ସୋରେନ୍ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଗୀତାଞ୍ଜଳି ବାରିକ, ଅହଲ୍ୟା ସାହୁ, ଜୟନ୍ତୀ ମହାନ୍ତ, ସୁଶୀଳା ଜେନା, ଦମୟନ୍ତୀ ମହାନ୍ତ, ଲକ୍ଷ୍ମୀମଣୀ ନାଏକ, ଶିକ୍ଷକ ଗୌରାଙ୍ଗ ଦାସ, ସୁରେଶ ମହାନ୍ତ, ଭାରତୀ ଟୁଡୁ, ସବିତା ମହାନ୍ତ, ମମତା ତୁଙ୍ଗ ପ୍ରମୁଖ ସହଯୋଗ କରିଥିଲେ ।



ପୁରୁଣିଆ: ସ୍ଥାନୀୟ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ରବୀନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଅଭୟ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡକ୍ଟର ହରପ୍ରସାଦ ପାଳ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ତୃପ୍ତି ପଟ୍ଟନାୟକ, ପରିଚାଳନା କମିଟି ସଭ୍ୟ ରାଧାମୋହନ ସେଠୀ ଓ ହରେକୃଷ୍ଣ ଦାସ, ଗ୍ରାମବାସୀ ନନ୍ଦକିଶୋର ଦାସ, ପୂର୍ବତନ କ୍ରୀଡ଼ା ଶିକ୍ଷକ ହରିଶ୍ଚନ୍ଦ୍ର ଭୋଇ ଓ ଶିକ୍ଷକ କାର୍ତ୍ତିକ ଦାସ ଯୋଗ ଦେଇଥିଲେ । ସଭାପତି ତଥା ପ୍ରଧାନଶିକ୍ଷକ ଶ୍ରୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଏ ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ବୋର୍ଡ଼ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସ୍ୱାଗତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ସ୍ୱାତୀ' ପରିବେଷଣ କରାଯାଇଥିଲା । ବିଜ୍ଞାନ ଶିକ୍ଷକ ରାଜେଶ ବେହେରା ମଞ୍ଚ ପରିଚାଳନା କରିଥିଲେ ।

ଖିଚିଂ: ଶୁକ୍ରୁଳି ପଞ୍ଚାୟତ ସମିତି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶରତ ଘଣାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶୁକ୍ରୁଳି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ କ୍ଷୀରମଣି ମହାନ୍ତ, ସମ୍ମାନିତ ଅତିଥି ଭାବେ ରରୁଆଁ ବ୍ଲକର ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ରଘୁନାଥ ବିଦ୍ୟାପୀଠ ଟାଙ୍ଗିଆର ପ୍ରଧାନଶିକ୍ଷକ ଭଗବାନ ତୁଙ୍ଗ, ପ୍ରାକ୍ତନ ପ୍ରଧାନଶିକ୍ଷକ ମନ୍ମଥ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ ସୁଲୋଚନା ନାଏକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ବୀଣାପାଣି ଖୁଣ୍ଟିଆ, ଜ୍ୟୋତ୍ସ୍ନାମୟୀ ପାତ୍ର, ସସ୍ମିତା ସାହୁ, କଳ୍ପନା ହେମ୍ବ୍ରମ, ରୋହିତ ମହାନ୍ତ, କୁମାର ସିଂ ତିରିଆ ପ୍ରମୁଖ ସହଯୋଗ କରିଥିଲେ । ପରେ ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କ୍ରୀଡ଼ା ଓ କଳା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଦେବବ୍ରତ ମହାପାତ୍ର, ଶିକ୍ଷୟିତ୍ରୀ ସସ୍ମିତା ଦାସ, ସସ୍ମିତା ଟୁଡୁ ଓ ଲୁବନା ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶିକ୍ଷକ ବିଦ୍ୟାରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ବେତନଟୀ: ବେତନଟୀ ବ୍ଲକ ଅନ୍ତର୍ଗତ ଧନପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନମିତା ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ଶାଳବଣି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଉପେନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ନହଣ୍ଡାଶୋଳ ସରପଞ୍ଚ ଗୋବିନ୍ଦ ହାଁସଦା, ବେତନଟୀ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ଅପର୍ଣ୍ଣା ସାହୁ, ଆଞ୍ଚଳିକ ସାଧନ କର୍ମୀ ସଞ୍ଜୟ ପଣ୍ଡିତ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ କରୁଣାକର ନାୟକ ମେମୋରିଆଲ ଫାଉଣ୍ଡେସନ ପକ୍ଷରୁ ଶ୍ରୀମତୀ କିରଣବାଳା ନାୟକ ତୃତୀୟ, ପଞ୍ଚମ ଓ ଅଷ୍ଟମ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରିଥିଲେ । ପରିଚାଳନା କମିଟି ସଭାପତି ଭବାନୀ ଶଙ୍କର ମହାନ୍ତଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ କମଳାକାନ୍ତ ସିଂ, ସ୍ୱାଗତିକା ରାଉତ, ସୁବୋଧ ସିଂ, ନରେନ୍ଦ୍ର ମହାନ୍ତ, ଆକାଶ ମହାନ୍ତ, କ୍ରୀଡ଼ା ଶିକ୍ଷକ ମନୋଜ କ୍ରିଷ୍ଣା ସାହୁ, ନୃତ୍ୟ ଶିକ୍ଷକ କେଶବ ମହାନ୍ତ ସହଯୋଗ କରିଥିଲେ ।

ମହୁଲଡିହା: ଠାକୁରମୁଣ୍ଡା ନିକଟସ୍ଥ ଚମକପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଇଓ କୁଞ୍ଜବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଶିଷ୍ଟ ଅତିଥି ଭାବେ ପିଏଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ମୁଖ୍ୟବକ୍ତା ଭାବେ କାଦଡିହା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ୍ ସଭାପତି ଶରତ ତ୍ରିପାଠୀ, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ଦାସ, ସମାଜସେବୀ ପଦ୍ମଲୋଚନ ନନ୍ଦ, ଠାକୁରମୁଣ୍ଡା ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ଅବସରପ୍ରାପ୍ତ ବିଇଓ ଭାଗ୍ୟରଥୀ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ଲାଲମୋହନ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ଅନସୂୟା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚକ୍ରଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ରାଜେଶ ସାହୁ, ଲଳିତା ମହାନ୍ତ, ଦୁର୍ଯ୍ୟୋଧନ ମାରାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ ।

ବଡ଼ସାହି: ବୀରେଶ୍ୱରପୁର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଦିଲ୍ଲୀପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନଶିକ୍ଷକ ସନ୍ତୋଷ କାସ୍ତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବସନ୍ତ ଦତ୍ତ ଯୋଗ ଦେଇଥିଲେ । ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା । ପୂର୍ବାହ୍ନର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟାର ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କାସ୍ତ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ରାଧାମୋହନ ଖିଲାର, ସମ୍ମାନିତ ଅତିଥି ଭାବେ କମିଟି ସଦସ୍ୟ ପ୍ରଦୀପ ପଣ୍ଡା, ବିଶ୍ୱନାଥ ଆଚାର୍ଯ୍ୟ ଓ ସମିତି ସଭ୍ୟା ରୁଚି ରଞ୍ଜନା ଆଚାର୍ଯ୍ୟ ଯୋଗ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ନନ୍ଦିନୀ ବେହେରା ବିବରଣୀ ପାଠ କରିଥିଲେ । ବିଜ୍ଞାନ ଶିକ୍ଷକ ଜଗନ୍ନାଥ ସାହୁ ମ୍ୟାଜିକ ଶୋ ପ୍ରଦର୍ଶନ କରିଥିଲେ । ବାଣୀବନ୍ଦନା ନାଏକ ଓ ବ୍ୟୋମକେଶ ଦାସ ସ୍ୱାଗତ ଭାଷଣ, ଦେବଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ଦୀପ୍ତି ବେହେରା, ନିଶା ଦେ, ଶିକ୍ଷକ କମଲ ପାତ୍ର, ଅର୍ଜୁନ ନାଏକ, ଅଭିଷେକ ଦଣ୍ଡପାଟ, ଆଶିଷ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

କୁଳିଅଣା: କୁଳିଅଣା ବ୍ଲକସ୍ଥ ଚାନ୍ଦୁଆ କେଜି ଭିବି ବିଦ୍ୟାଳୟରେରେ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ସଞ୍ଜଲି ମୁର୍ମୁ ଯୋଗ ଦେଇଥିବାବେଳେ ବ୍ଲକ ଶିକ୍ଷାଧିକାରୀ ରଶ୍ମିରଞ୍ଜନ ଗିରି ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ବିଡିଓ ଜିତେନ୍ଦ୍ର ମୁର୍ମୁ, ଅବସରପ୍ରାପ୍ତ ଏବିଓ ଶ୍ୟାମା ଶଙ୍କର ଶତପଥୀ, ୮ନଂ ଓ ୯ନଂ ଜୋନ ସଦସ୍ୟ ଦୁର୍ଗା ମାର୍ଣ୍ଡି ଓ ଆନନ୍ଦ ଟୁଡୁ, ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ସିଂ, ଶିକ୍ଷକ ନେତା ଦିଲ୍ଲୀପ ପାତ୍ର, ଅମୀୟ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଧା ଶିକ୍ଷୟିତ୍ରୀ ଆରକ୍ଷମଣି ବାସ୍କେ ମଞ୍ଚ ପରିଚାଳନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଶିରିଶ ଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ସସ୍ମିତା ପାତ୍ର, ପୁଷ୍ପିତା ଷଡ଼ଙ୍ଗୀ, ରୀନାରାଣୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଶୀତକାଳୀନ ସେବା ଶିବିର

ବାରିପଦା, ୧୦।୧(ସମିସ): ସ୍ଥାନୀୟ ତକତପୁର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧୀକାରୀ ଡଃ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଛି । ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ ମହାନ୍ତ ଯୋଗଦେଇ ଜାତୀୟ ସେବା ଯୋଜନାର ଗୁରୁତ୍ୱ ବିଷୟରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ଆଲବର୍ଟିନା ତିର୍କୀ, ଡଃ ଦୀପକ ବେହେରା, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡଃ ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ମାରାଣ୍ଡି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡଃ ପ୍ରିୟବ୍ରତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ । ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ । ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ । ଏହା ଆଶା । ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା ।

ଶୋକ ସନ୍ତପ୍ତ: ସାହୁ ପରିବାର
ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଲା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ ।

୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

ସକାଳ
THE SAKALA

● ଯାତ୍ରୀଙ୍କୁ ବିପଦ ଜି.ଉଦୟଗିରି-କଳିଙ୍ଗା ରାସ୍ତା

ହାତୀ ପରେ ଏବେ ବାଘ ଭୟ

ଜି.ଉଦୟଗିରି,୧୦।୧(ସମିସ): ଜି.ଉଦୟଗିରିରୁ କଳିଙ୍ଗା ରାସ୍ତାର ରାଇପଦା ନିକଟ ଏକ ଫାର୍ମରେ ବାଘ ବୁଲୁଥିବାର ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଏହା ମୋବାଇଲରୁ ମୋବାଇଲକୁ ଘୁରି ବୁଲିବା ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଫାର୍ମ ମାଲିକ ମୋଟର ଚୋରି ରୋକିବାକୁ ଲଗାଇଥିବା ସିସିଟିଭି କ୍ୟାମେରାରେ ବାଘର ଚଳପ୍ରଚଳ ଦୃଶ୍ୟ କଏଦ ହୋଇଛି । ଏହି ଅଞ୍ଚଳକୁ କେବେ ବାଘ ଆସିନଥିବା ବେଳେ ବର୍ତ୍ତମାନ ବାଘର ଭିଡିଓ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି । କାରଣ ଏହି ରାସ୍ତା ଦେଇ ଦିନକୁ ଶହ ଶହ ଯାନବାହନ ଚଳାଚଳ କରୁଛି । ବିଶେଷ କରି ଜି.ଉଦୟଗିରି ସହରକୁ ଦିନକୁ ଶହଶହ ଲୋକ ବାଇକ୍‌ରେ ଯିବାଆସିବା କରୁଛନ୍ତି । କିଛିମାସ ପୂର୍ବେ ଦନ୍ତା ହାତୀ ଆସି ଉପଦ୍ରବ କରୁଥିବା ବେଳେ ବର୍ତ୍ତମାନ ବାଘ ଚଳପ୍ରଚଳ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ଖବର ପାଇ ବନ ବିଭାଗ କର୍ମଚାରୀ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ବାଘର ଗତିବିଧି ଉପରେ ନଜର ରଖିଛି । ବାଘ ବୁଲୁଥିବାରୁ ସତର୍କ ରହିବାକୁ ଲୋକଙ୍କୁ ସଚେତନ କରାଯାଇଛି । ଏହା ସହିତ ବିଭାଗ ତରଫରୁ ନାଇଟ୍ ପାଟ୍ରୋଲିଂ କରାଯାଉଛି । ନିକଟସ୍ଥ ଚକାପାଦ ଜଙ୍ଗଲରୁ ବାଘ ଚାଲିଆସିଥିବା ବିନବିଭାଗ କହୁଛି ।

ବାବା ମୁକ୍ତେଶ୍ୱର ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ

ବେଲଗୁଣ୍ଠା,୧୦।୧(ସମିସ): ବେଲଗୁଣ୍ଠା ବ୍ଲକ ମଙ୍ଗଳପୁର ସ୍ଥିତ ବାବା ମୁକ୍ତେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଶିବ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ୧୨ଟି ଦଳକୁ ନେଇ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧକ୍ଷା ମମତା ଭୋଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଶୋଇ, ବଡ଼ବୋରସିଙ୍ଗ ସରପଞ୍ଚ ଏସ୍ ରାମେଶ୍ୱର ପାତ୍ର, ମଙ୍ଗଳପୁର ସମିତି ସଭ୍ୟା ରୁନିବାଳା ମଲିକ, ଉଡ଼ରା ସରପଞ୍ଚ ପ୍ରତିନିଧି ପଞ୍ଚାନନ ସାମଲ, ସରପଞ୍ଚ ପ୍ରତିନିଧି ଜ୍ୟୋତିରଞ୍ଜନ ନାୟକ, ଯୁବ ସମାଜସେବୀ ମାଧବ ଚନ୍ଦ୍ର ଆପଟ ପ୍ରମୁଖ ମଞ୍ଚାସିନ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ପୀତାମ୍ବର ଆପଟ ମଞ୍ଚ ପରିଚାଳନା କରିଥିବା ବେଳେ ଆସନ୍ତା ୧୪ ମକର ସଂକ୍ରାନ୍ତିରେ ଫାଇନାଲ୍ ମ୍ୟାଚ ହେବ ବୋଲି କମିଟି ସୂତ୍ରରୁ ଜଣାପଡିଛି । ବିଜେତାଙ୍କୁ ୪୫୫୫୧ ଟଙ୍କା ଓ ଟ୍ରଫି ରନର୍ସଅପକୁ ୩୫୫୫୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ଓ ଅନ୍ୟ ଉତ୍ତମ ଖେଳାଳି ମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି ।

ଶ୍ରୀଜଗନ୍ନାଥ କଲେଜର ବାର୍ଷିକ କ୍ରୀଡ଼ା

ରମ୍ଭା,୧୦।୧(ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ବିଚିତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱନାଥ ରଥ (ବେଦ ମନ୍ତ୍ର) ଉଚ୍ଚାରଣ କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜୀବ ବିଜ୍ଞାନ ଡେମନ୍‌ଷ୍ଟ୍ରେଟର ବିଚିତ୍ରା ନନ୍ଦ ସାହୁ ଦେଇଥିଲେ । ଇଂରାଜୀ ଅଧାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମ୍ଭା ଏନଏସି ଅଧକ୍ଷା ମାନସୀ ସ୍ୱାଇଁ (ମୁଖ୍ୟ ଅତିଥି), ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର ଅଧକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ(ମୁଖ୍ୟବକ୍ତା), ପ୍ରତିଷ୍ଠାତା ତଥା ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, ପ୍ରାକ୍ତନ ଅଧକ୍ଷ ଡ଼ଃ ରଞ୍ଜନ କୁମାର ଦାସ, ପ୍ରାକ୍ତନ ପ୍ରାଣୀ ବିଜ୍ଞାନ ଅଧାପକ ପ୍ରକାଶ ଚନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସିନ ଥିଲେ । ଏଥି ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅଧାପିକା ଐଶ୍ୱର୍ଯ୍ୟା ଶାଳଗ୍ରାମ ଧନ୍ୟବାଦ ଦେଇଥିଲେ । ପରିଶେଷରେ ପ୍ରାକ୍ତନ ପ୍ରାଧାପକ ଡ଼ଃ ବିଜୟାନନ୍ଦ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଘୁମୁସର ବନଖଣ୍ଡରେ ହାତୀ-ମଣିଷ ଲଢେଇ

ଭଞ୍ଜନଗର,୧୦।୧(ସମିସ): ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ କିଛି ମାସ ହେବ ହାତୀ-ମଣିଷ ଲଢ଼େଇ ଜାରି ରହିଛି । କେଉଁଠି ଫସଲ ପାଇଁ ତ ଆଉ କେଉଁଠି ହାତୀର ଦାନ୍ତ ପାଇଁ ଶିକାରୀ ଓ ହାତୀ ମଧ୍ୟରେ ଲଢ଼େଇ ହେଉଛି । ଯାହାକୁ ନେଇ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରିଛନ୍ତି । ଅନେକ ସମୟରେ ଖାଦ୍ୟ ଅନ୍ୱେଷଣରେ ହାତୀ ଜଙ୍ଗଲ ବାହାରକୁ ଚାଲି ଆସୁଥିବାବେଳେ ମଣିଷ ଓ ହାତୀ ମଧ୍ୟରେ ଲଢ଼େଇ ହେବା ସହ ଉଭୟ ବିପଦରେ ପଡୁଛନ୍ତି । ଦୁଇଦିନ ପୂର୍ବେ ଜଗନ୍ନାଥପ୍ରସାଦ ରେଞ୍ଜରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲେ । ଏହା ପୂର୍ବରୁ ଶିକାରୀ ଆକ୍ରମଣରେ ମୁଜାଗଡ ରେଞ୍ଜରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି । ଏଭଳି ପରିସ୍ଥିତିରେ ତାରସିଂ ପୁଲିସ ଶୁକ୍ରବାର ରାତିରେ ଖୁରୁଡୁଗୋଛା ଜଙ୍ଗଲରୁ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି । ସେ ହେଲେ ବିଶ୍ୱନାଥ ବାଗ । ତାଙ୍କ ଠାରୁ ଦୁଇଟି ଚୋରା ବନ୍ଧୁକ ଜବତ କରାଯାଇଛି । ବାଗ ବନ୍ୟପ୍ରାଣୀ ଶିକାରୀ ପାଇଁ ଜଙ୍ଗଲ ଭିତରେ ଘୁରି ବୁଲୁଥିବା ବେଳେ କୌଣସି ସୂତ୍ରରୁ ପୁଲିସ ସୂଚନା ପାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

ଅନ୍ୟପଟେ ହାତୀମାନେ ଜଙ୍ଗଲରୁ ବାହାରି ଶୁକ୍ରବାର ରାତିରେ ଦୁବସ୍ଥିତ ସୁଶାନ୍ତ ପ୍ରଧାନଙ୍କ କୃଷି ଫାର୍ମରେ ଲକ୍ଷାଧିକ ଟଙ୍କାର ଫସଲ କ୍ଷତି କରିଛନ୍ତି । ସୁଶାନ୍ତ ଲଗାଇଥିବା ୭୦୦ ପାମ ଗଛକୁ ହାତୀପଲ ପଶି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି । ଏଥିସହ ଗୋଦାମ ଘରେ ଥିବା ୨୦ରୁ ଉର୍ଦ୍ଧ୍ୱ ମାଛ ଦାନା ପ୍ୟାକେଟ୍‌କୁ ବୋହି ନେଇ ପୋଖରୀରେ ପକାଇ ଦେଇଛନ୍ତି । ଏଥିସହ ପାଣି ପାଇପ ଉପାଡ଼ି ନଷ୍ଟ କରିଦେଇଛନ୍ତି । ଯାହାକୁ ନେଇ ଚାଷୀ ସୁଶାନ୍ତ ପ୍ରଧାନ ହତୋତ୍ସାହିତ ହୋଇପଡିଛନ୍ତି । ଏଥିସହ ସୋସିଆଲ ମିଡିଆରେ ଚାଷୀ ମାନଙ୍କ ପ୍ରତି କିଭଳି ଜଙ୍ଗଲ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅବହେଳା କରାଯାଉଛି ସେନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ହାତୀ ଯେଉଁଆଡ଼େ ଯାଉଛନ୍ତି ସେହି ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ରାତି ତମାମ କାଟି ଦିଆଯାଉଛି । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଗକୁ ପିଲାଙ୍କ ବୋର୍ଡ ପରୀକ୍ଷା । ଏହିଭଳି ଯଦି ବିଦ୍ୟୁତ୍ କାଟ ହେବ ତେବେ ଏହାଦ୍ୱାରା ଛାତ୍ରୀଛାତ୍ର ମାନଙ୍କ ପାଠପଢ଼ା ପ୍ରଭାବିତ ହେବାର ସମ୍ଭାବନା ରହିଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ସ୍ୱପ୍ନରେ ରହିଯିବ କି ବ୍ରହ୍ମପୁରରେ ‘ମଲ୍ଟି ଲେଭଲ କାର୍ ପାର୍କିଂ’

● ନିର୍ଦ୍ଧାରିତ ସମୟର ଦେଢ଼ବର୍ଷ ପରେ ବି ସରୁନି ନିର୍ମାଣ କାମ
● ବଦଳିବ ନାମ: ‘ମିଶନ ଶକ୍ତି ବଜାର’ ହେବ ‘ସୁଭଦ୍ରା ଶକ୍ତି ବଜାର’
● ଉଭୟ ପ୍ରକଳ୍ପରେ ଦୋକାନ ଗୃହ ଆବଣ୍ଟନକୁ ନେଇ ଆରମ୍ଭ ହେଲାଣି ଦ୍ୱନ୍ଦ୍ୱ

ବ୍ରହ୍ମପୁର,୧୦।୧(ସମିସ): ଦେଶର ବିଭିନ୍ନ ମେଟ୍ରୋ ସହର ଓ ରାଜଧାନୀ ଭୁବନେଶ୍ୱର ଭଳି ବ୍ରହ୍ମପୁରରେ ଦୁଇଟି ମେଗା ପ୍ରକଳ୍ପକୁ ନେଇ ସ୍ୱପ୍ନ ଦେଖିଥିଲେ ସହରବାସୀ । ପୂର୍ବ ସରକାର ଅମଳରେ ଯାହାର ପରିକଳ୍ପନା କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଗୋଟିଏ ନିଜସ୍ୱ ହୋଇଥିବା ବେଳେ ଅନ୍ୟଟିର ନିର୍ମାଣ କାର୍ଯ୍ୟ ହାତକୁ ନେଇଛି ବିଇଡିଏ । ଏଥିପାଇଁ ପ୍ରାୟ ୧୪କୋଟି ଟଙ୍କା ବ୍ୟୟର ଅଟକଳ କରାଯାଇ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଥିଲା । ସେଥିମଧ୍ୟରୁ ଗୋଟିଏ ହେଉଛି ‘ମଲ୍ଟି ଲେଭେଲ କାର ପାର୍କିଂ’ ଓ ଅନ୍ୟଟି ‘ମିଶନ ଶକ୍ତି ବଜାର’ । ବର୍ଷକ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖି ଏପ୍ରିଲ ୨୦୨୩ରେ ପ୍ରାୟ ୧୦କୋଟି ବ୍ୟୟରେ ପୁରୁଣା ବସଷ୍ଟାଣ୍ଡ ଠାରେ ‘ମଲ୍ଟି ଲେଭଲ୍ କାର୍ ପାର୍କିଂ’ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେହିଭଳି ପ୍ରାୟ ୪କୋଟି ଟଙ୍କା ବ୍ୟୟରେ ସହରର କମ୍ପାପଲ୍ଲୀ ଓ ଟାଟାବେଞ୍ଚ ଛକ ମଧ୍ୟରେ ଥିବା ୧୪ହଜାର ୫୨୬ବର୍ଗଫୁଟ ସରକାରୀ ଜମିରେ ‘ମିଶନ ଶକ୍ତି ବଜାର’ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଇତି ମଧ୍ୟରେ ଉଭୟ ପ୍ରକଳ୍ପକୁ ବିତିଯାଇଛି ଦୀର୍ଘ ସମୟ । ଏହା ଭିତରେ ବଦଳି ଯାଇଛି ସରକାର ଆଉ ତା ସାଙ୍ଗକୁ ପ୍ରକଳ୍ପର ରୂପରେଖ ଓ ନାମକରଣ । ୨୦୨୩ମସିହା ଏପ୍ରିଲରେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟକୁ ବର୍ଷକ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସରିନାହିଁ । ଫଳରେ ସହରରେ ପ୍ରଥମ ‘ମଲ୍ଟି ଲେଭଲ କାର ପାର୍କିଂ’ ପ୍ରକଳ୍ପ ବର୍ତ୍ତମାନ ପରିସ୍ଥିତିରେ ସ୍ୱପ୍ନ ଭଳି ମନେ ହେଉଛି । ପୁରୁଣା ବସଷ୍ଟାଣ୍ଡରେ ୧୨୬୩ ବର୍ଗମିଟର ପରିମିତ ଜମିରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨ ମହଲା ବିଶିଷ୍ଟ ମଲ୍ଟି ଲେଭେଲ କାର ପାର୍କିଂ ପାଇଁ ଯୋଜନା କରାଯାଇଥିଲା । ଯେଉଁଥିରେ ପ୍ରାୟ ୩୦ଟି ଦୋକାନ ଘର ସହିତ ପାର୍କିଂ ସ୍ଥଳୀରେ ଏକକାଳୀନ ୨୦୬ଟି କାର ଓ ୧୨୮ଟି ବାଇକ୍ ରହିପାରିବ । ପାର୍କିଂ ସ୍ଥଳରେ ଶୌଚାଳୟ, ପାନୀୟ ଜଳର ବ୍ୟବସ୍ଥା ସହିତ ସୁରକ୍ଷା ସମ୍ବର୍ଦ୍ଧିତ ସମସ୍ତ ବ୍ୟବସ୍ଥା ରହିଛି । ଏଥିପାଇଁ ପ୍ରାୟ ୧୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ବ୍ରହ୍ମପୁରର ସାରଥୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଟେଣ୍ଡର ଜରିଆରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ବର୍ଷକ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲେ ହେଁ ତାହା ସମ୍ଭବପର ହୋଇନାହିଁ । ପ୍ରକଳ୍ପ ନିର୍ମାଣର ବିଳମ୍ବ ପଛରେ ରହିଥିବା ବିଭିନ୍ନ କାରଣ ମଧ୍ୟରୁ ଖୋଦ୍ ପୁଲିସ ଓ ବିଏମସି ବାଧକ ସାଜିଥିବା ଜଣାପଡିଛି । ଅର୍ଦ୍ଧନିର୍ମିତ କୋଠାକୁ ପୁଲିସ ବିଭାଗ ପକ୍ଷରୁ ଜବତ ଗାଡିଗୁଡିକୁ ଗଚ୍ଛିତ କରାଯିବା ଓ ପୁରୁଣା ବସଷ୍ଟାଣ୍ଡରେ ବିଏମସି ପକ୍ଷରୁ ପ୍ରତିଷ୍ଠା ହୋଇଥିବା ୱାଟର ଫିଲ୍ଟରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ଅହେତୁକ ବିଳମ୍ବ ହୋଇଥିଲା । ପରବର୍ତ୍ତି ସମୟରେ ନିର୍ମାଣାଧିନ କୋଠାରେ ଅସ୍ଥାୟୀ ଭାବେ ଆହାର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ପରିସ୍ଥିତିରେ ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ଭାବେ ରହିଥିବା ବେଳେ ଏହାକୁ ଶେଷ କରିବାକୁ ଅନ୍ୟୁନ ୩ରୁ ୪ମାସ ସମୟ ଲାଗିବ ବୋଲି ଅନୁମାନ କରାଯାଇଛି । ସେପଟେ ଏହି ପ୍ରକଳ୍ପରେ ଥିବା ପ୍ରାୟ ୩୦ଟି ଦୋକାନକୁ କାହାକୁ କିଭଳି ଦିଆଯିବ ସେନେଇ ମଧ୍ୟ ଉଠିଛି ପ୍ରଶ୍ନ ।

ଅନ୍ୟପକ୍ଷରେ ପୂର୍ବ ସରକାର ଅମଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବା ଲକ୍ଷ୍ୟରେ ସହରରେ ସ୍ୱତନ୍ତ୍ର ଭାବେ ‘ମିଶନ ଶକ୍ତି ବଜାର’ର ପରିକଳ୍ପନା କରାଯାଇଥିଲା । ଏଥିପାଇଁ ସରକାରୀ ଜମି ଚିହ୍ନଟ ସହିତ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରାୟ ୪କୋଟି ଟଙ୍କା ବ୍ୟୟରେ ଏକ ମାର୍କେଟ କମ୍ପ୍ଲେକ୍ସର ଯୋଜନା କରାଯାଇଥିଲା । ଯାହାର ନାମ ଥିଲା ‘ମିଶନ ଶକ୍ତି ବଜାର’ । ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟ କମ୍ପ୍ଲେକ୍ସକୁ ବିଇଡିଏ ନିର୍ମାଣ କରୁଥିବା ବେଳେ ଏଥିରେ ପାର୍କିଂ, ପାନୀୟଜଳ ଯୋଗାଣ, ଦୋକାନ ଘର ଏବଂ ସ୍ୱତନ୍ତ୍ର ଭାବେ ‘ମିଲଟ କାଫେ’ର ବ୍ୟବସ୍ଥା ରହିଛି । ବର୍ତ୍ତମାନ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସରକାର ବଦଳିବା ସହିତ ପ୍ରକଳ୍ପର ନାମକରଣରେ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି । ମିଶନ ଶକ୍ତି ବଜାରକୁ ବର୍ତ୍ତମାନ ‘ସୁଭଦ୍ରା ଶକ୍ତି ବଜାର’ ନାମରେ ନାମିତ କରିବାକୁ ଆପାତତଃ ନିଷ୍ପତ୍ତି ହୋଇଥିବା ଜଣାପଡିଛି । ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ରହିଛି । ତେବେ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ନ୍ୟାୟରେ ଏଠାରେ ମଧ୍ୟ ଦୋକାନ ଗୃହ ଆବଣ୍ଟନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି ।

■ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଆସିଲେନି ମନ୍ତ୍ରୀ; ନିରାଶ ହେଲେ ଚାଷୀ

ଜଗନ୍ନାଥପ୍ରସାଦ,୧୦।୧(ସମିସ): ଜଗନ୍ନାଥ ପ୍ରସାଦ ଯୁଧିଷ୍ଠିର ବିଦ୍ୟାପୀଠ ଖେଳ ପଡ଼ିଆ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ସଭାରେ ଯୋଗ ଦେଉଥିବା ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ଥିବା ଜାଣି ଶତାଧିକ ଶୁଭେଚ୍ଛୁ ଅପେକ୍ଷା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ । ମନ୍ତ୍ରୀଙ୍କ ପ୍ରଥମ ଗସ୍ତକୁ ନେଇ କିଛି ଅଭିଯୋଗ ନେଇ ଅନେକ ଚାଷୀ ଉପସ୍ଥିତ ଥିବା ବେଳେ ମନ୍ତ୍ରୀଙ୍କୁ ନ ଦେଖି ନିରାଶରେ ଫେରିଥିଲେ ।

ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ.ନିହାର ରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ନୀଳାଞ୍ଚଳ ଖିଲାର, କନ୍ଧମାଳ ସାଂସଦ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ସମିତିସଭ୍ୟ ଯୁଧିଷ୍ଠିର ସେଠି, ଆମ୍ବା ଅଧକ୍ଷ ପ୍ରତାପ ପ୍ରଧାନ, ଛାମୁଣ୍ଡା ମଠ ମହନ୍ତ ସଦାନନ୍ଦ ମହାରାଜ, ତ୍ରିବିକ୍ରମ ଦାସ ମହାରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥ ନାଥ ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ ଜେ.ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା.ଗଣେଶ ଚନ୍ଦ୍ର ମହାନ୍ତି, ସହକାରୀ ମତ୍ସ୍ୟ ଅଧିକାରୀ ସଂସ୍କୃତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଭଞ୍ଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ସୋମ୍ୟରଞ୍ଜନ ପତି ମଞ୍ଚ ସଞ୍ଚାଳନ କରିଥିବା ବେଳେ ସହକାରୀ ମତ୍ସ୍ୟ ଅଧିକାରୀ ସଂସ୍କୃତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

୧୧ରୁ ଖଲ୍ଲିକୋଟ ମର୍ଦ୍ଦରାଜ ମହୋତ୍ସବ

ଖଲ୍ଲିକୋଟ,୧୦।୧(ସମିସ): ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୬ତମ ଜନ୍ମ ବାର୍ଷିକୀରେ ୧୧ ରୁ ୧୩ ତିନି ଦିନ ଧରି ମର୍ଦ୍ଦରାଜ ମହୋତ୍ସବ ଅନୁଷ୍ଠିତ ହେବ । ରାଣୀ ସୁଜ୍ଞାନୀ ଦେବୀଙ୍କ ଆବର୍ତ୍ତମାନରେ ଏହା ହେବ ପ୍ରଥମ ମହୋତ୍ସବ । ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଉଦଯାପନୀ ଦିବସରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଅଧକ୍ଷ ସଂଗ୍ରାମ ଶେଖର ପଣ୍ଡା, କଟକ ଉନ୍ନୟନ ସଚିବ ଶ୍ୱେତ କୁମାର ଦାସ ଅତିଥି ଭାବେ ଯୋଗ ଦେବେ । ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସଭାପତି ଡ଼. ସାକେତ ରାମା ରାଓ ସଭାପତିତ୍ୱ କରିବେ । ଏହି ଅବସରରେ ଖଲ୍ଲିକୋଟରେ ଜନ୍ମିତ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସକାଳ ଖବରକାଗଜର ଦିବଂଗତ ଦକ୍ଷିଣ ଓଡିଶା ମୁଖ୍ୟ ଜଗନ ମୋହନ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ଚଳିତ ବର୍ଷର ମର୍ଦ୍ଦରାଜ ସମ୍ମାନ ପ୍ରଦାନ କରାଯିବ । ଏହା ସହିତ ମେଜର ରମା ରମଣ ପାଢ଼ୀଙ୍କୁ ମଧ୍ୟ ସମ୍ମାନିତ କରାଯିବ । ୧୨ ତାରିଖରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ମର୍ଦ୍ଦରାଜ ମହୋତ୍ସବରେ ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କୃଷ୍ଣଚନ୍ଦ୍ର

ଜଗନ ମୋହନ ମହାପାତ୍ରଙ୍କୁ ମରଣୋତ୍ତର ‘ମର୍ଦ୍ଦରାଜ ସମ୍ମାନ’

ପାଠୀଙ୍କୁ ଚଳିତ ବର୍ଷର ରାମଚନ୍ଦ୍ର ମର୍ଦ୍ଦରାଜ ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ ସ୍ଥାନୀୟ ଯୁବରାଜ ବଙ୍ଗଳାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସାଂସ୍କୃତିକ ପରିଷଦର ବରିଷ୍ଠ ସଦସ୍ୟ ଡାକ୍ତର ହରପ୍ରସାଦ ମହାପାତ୍ର, ଇଂ. ଅନିରୁଦ୍ଧ ସାହୁ, ଅଶ୍ୱିନୀ କୁମାର ମିଶ୍ର, ଜନକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

ବେଲଗୁଣ୍ଠା ସହରରେ ଅସହ୍ୟ ଶୀତରୁ ରକ୍ଷା ପାଇଁ ଲୋକେ ନିଆଁ ପୋଉଁଛନ୍ତି ।

ମନରେଗାକୁ କଦର୍ଥ କରିବା ନିନ୍ଦନୀୟ

ଆସିକା,୧୦।୧(ସମିସ): ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ) ଆସିକା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ଅଧକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଦେଶ ଓ ରାଜ୍ୟରେ ଶାସକ ଦଳ ବିଜେପି ଉପରେ ଗର୍ଜିଛନ୍ତି ଶ୍ରୀ ଜେନା । ମନରେଗାର ନାମ ପରିବର୍ତ୍ତନ କରିବା, ବିଦ୍ୟୁତ ବିଭାଗର ମନମାନି, ଚାଷୀ ମଣ୍ଡି ନାମରେ ଲୁଟିବା, ମାଗଣା ବିଦ୍ୟୁତ ଯୋଗାଣ ସଂକ୍ରାନ୍ତରେ ବିଜେପିର କିଭଳି ଦୃଷ୍ଟି ଭଙ୍ଗୀ ରହିଛି ତାହାର ସମାଲୋଚନା କରିଥିଲେ । ସେଭଳି କଂଗ୍ରେସର ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବଜେପି ସରକାର ଉପରେ ଅନୁରୂପ ବିଷୋଦଗାର କରିଥିଲେ । ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଯୁବ ନେତା ପ୍ରିୟାଂଶୁ ପରିଡା ଓ ଚିତ୍ରସେନ ବେହେରାଙ୍କ ସମେତ ସୋରଡ଼ା ବିଧାୟକ ପ୍ରାର୍ଥୀ ଏବଂ ବହୁ କଂଗ୍ରେସ ଛାମୁଆ ନେତା ମାନେ ଉପସ୍ଥିତ ଥିଲେ ।

‘ଭଞ୍ଜବିହାର’ରେ ‘ଓଡିଆ ଅସ୍ମିତା’କୁ ଉପହାସ





ବ୍ରହ୍ମପୁର,୧୦।୧(ସମିସ): ନିକଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଜର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡିଆ ଭାଷା, ସଂସ୍କୃତି ଓ ଅସ୍ମିତାକୁ ଭୁଲି ଯାଇଥିବା ନେଇ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାପରେ ମଧ୍ୟ ସ୍ଥିତିରେ ପରିବର୍ତ୍ତନ ଆସିବା ତ ଦୂରର କଥା କ୍ୟାମ୍ପସରେ ଓଡିଆ ଭାଷା ଓ ଅସ୍ମିତାକୁ ଉପହାସ କରାଯାଉଥିବା ଦେଖିବାକୁ ମିଳିଛି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ପ୍ରଶାସନିକ କୋଠାଠାରୁ ଆରମ୍ଭ କରି ପିଜି କାଉନ୍‌ସିଲ ସେଣ୍ଟ୍ରାଲ ଅଫିସ ବା ବିଭାଗ ସମୂହ ଅଧକ୍ଷଙ୍କ କୋଠା, ସମସ୍ତ ବିଭାଗ ଏପରିକି ବିଭିନ୍ନ ସ୍ଥାନରେ ଥିବା ସମସ୍ତ ସୂଚନା ଫଳକ ଓ ନାମ ଫଳକ ସବୁକିଛି ଇଂରାଜୀରେ ଉଲ୍ଲେଖ ରହିଛି । ଆଉ ଏଥିପାଇଁ ସ୍ୱର ଉତ୍ତୋଳନ କରିବାକୁ କେହି ନାହାଁନ୍ତି ।

କ୍ୟାମ୍ପସ୍‌ରେ ପୁଲିସ ମାନୁନି ପ୍ରଦୂଷଣ କଟକଣା

ଖୋଦ୍ ମୁଖ୍ୟମନ୍ତ୍ରୀ ଓଡ଼ିଆରେ ସରକାରୀ ନଥିପତ୍ର ଲେଖିବାକୁ ଆହ୍ୱାନ ଦେଉଥିବା ବେଳେ ରାଜ୍ୟର ଉଭୟ ଉଚ୍ଚଶିକ୍ଷା ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ଅଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ବିଭାଗ ପକ୍ଷରୁ ଅନ୍ତତଃ ପକ୍ଷେ ସମସ୍ତ ନାମ ଓ ସୂଚନା ଫଳକରେ ଶତକଡ଼ା ୬୦ ପ୍ରତିଶତ ଓଡିଆ ରହିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କିନ୍ତୁ ଭଞ୍ଜବିହାରରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି । ସବୁଠାରୁ ବଡ଼କଥା ହେଲା ଛୋଟବଡ଼ ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ପ୍ରଶାସନ ଚଢ଼ଉ କରୁଥିବାବେଳେ ଏହା ପ୍ରତି କାହାର ନଜର ନାହିଁ । କ୍ୟାମ୍ପସର ସମସ୍ତ ନାମ ଓ ସୂଚନା ଫଳକକୁ ଓଡ଼ିଆରେ ଲେଖାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ରଖି, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାର ଅଭାବ ବୋଧ ସ୍ୱର ଓଡ଼ିଆ ଅସ୍ମିତା ପ୍ରତି କରୁଣ ପ୍ରହାର ସଦୃଶ । ଏହାଦ୍ୱାରା ଅନୁଷ୍ଠାନ ଭଞ୍ଜବିହାର ନାମର ଗରିମାକୁ ନଷ୍ଟ କରିବା ସହ ଓଡ଼ିଆ ଭାଷା ପ୍ରତି ଏକ ପ୍ରକାର ଛଳନା ଓ ଦୋଷୀଙ୍କ ବିରୁଦ୍ଧରେ ଦଣ୍ଡବିଧାନ ଦାବି କରିଛନ୍ତି ଭାଷା ଆନ୍ଦୋଳନର ଓଡ଼ିଶା ସଭାପତି ଡାକ୍ତର ସାଗର ରଂଜନ ତ୍ରିପାଠୀ ।

ସେହିଭଳି ପ୍ରଦୂଷଣକୁ ରୋକିବାକୁ ଯାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସପ୍ତାହରେ ଅନ୍ତତଃ ଦିନଟିଏ ଅର୍ଥାତ୍ ଶନିବାର କ୍ୟାମ୍ପସରେ ଯାନବାହାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି । ଶନିବାର କ୍ୟାମ୍ପସ ଭିତରକୁ କେହି ଯାନବାହାନ ନେଇ ଯାଉନଥିବା ବେଳେ ଯାନବାହନକୁ ମୁଖ୍ୟଫାଟକ ନିକଟରେ ଛାଡ଼ି ଚାଲିଚାଲି ଯାଉଛନ୍ତି । ଖୋଦ୍ କୁଳପତି ମଧ୍ୟ ବ୍ୟାଟେରି ଗାଡିରେ ଯାଉଛନ୍ତି । ଶନିବାର କ୍ୟାମ୍ପସରେ ଅନୁଷ୍ଠିତ ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସୁବର୍ଣ୍ଣ ଜୟନ୍ତୀ ଅବସରରେ ନିମନ୍ତ୍ରିତ ସମସ୍ତ ଅତିଥିମାନେ ମଧ୍ୟ ଚାଲି ଚାଲି ଅଥବା ବ୍ୟାଟେରି ଗାଡ଼ିରେ ଯାଇଥିଲେ । ମାତ୍ର ସୁରକ୍ଷା ଆଳରେ ପୁଲିସ ଗାଡ଼ି କ୍ୟାମ୍ପସରେ ଚକ୍କର ମାରୁଥିବା ବେଳେ ସ୍କୁଲ ଯାନବାହାନ ପାଇଁ ମଧ୍ୟ କଟକଣାରେ କୋହଳ କରାଯାଇଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

(ରଘୁନାଥ ପୁର, ମେଇନ ରୋଡ୍,
ଜାତୀୟ ରାଜପଥ ୧୬ ନମ୍ବର,
ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ । ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ । ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ । ଏହା ଆଶା । ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା ।

ଶୋକ ସନ୍ତପ୍ତ: ସାହୁ ପରିବାର
ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିକୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅଦ୍ୱିତ, ଅନସ୍ୱ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ ।

ଅଣ୍ଡରପାସ ସ୍ଥଳ ପରିଦର୍ଶନ କଲେ ଜିଲ୍ଲାପାଳ

ମାର୍ଶାଘାଇ,୧୦।୧(ସମିସ):ମାର୍ଶାଘାଇ ବ୍ଲକ ଶିଳିପୁରଳ ଛକ ୫୩ନଂ ରାଜପଥ ତ୍ରୁଟିପୂର୍ଣ୍ଣ ଅଣ୍ଡରପାସ ନିର୍ମାଣ କରାଯାଇଛି। ଆଜି ଜିଲ୍ଲାପାଳ ରଘୁରାମ ଆର ଆୟାର ପରିଦର୍ଶନ କରିଛନ୍ତି। ଅଣ୍ଡରପାସ ପରିଦର୍ଶନ କାଳରେ ସାଧାରଣ ଲୋକଙ୍କ ସମସ୍ୟାକୁ ଜିଲ୍ଲାପାଳ ହୃଦୟଙ୍ଗମ କରିଥିଲେ। ପୂର୍ବରୁ ତ୍ରୁଟିପୂର୍ଣ୍ଣ ଅଣ୍ଡରପାସ ଉଚ୍ଚତା ବୃଦ୍ଧି ପାଇଁ ବୈଷୟିକ ସମସ୍ୟା ରହିଛି। ଶିଳିପୁର ବାଇପାସ ପିଏନ୍‌ବି ବ୍ୟାଙ୍କ ଛକ ନିକଟରେ ଅନ୍ୟଏକ ଅଣ୍ଡରପାସ ପାଇଁ କ୍ରିୟାନୁଷ୍ଠନ କମିଟି ଜିଲାପାଳଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ।

ଜିଲ୍ଲାପାଳ ଜନସାଧାରଣଙ୍କ ଯାତାୟତ ସୁବିଧା ନିମିତ୍ତ ଯାହା ସମ୍ଭବ ତାହା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ୩ଦିନ ମଧ୍ୟରେ ଅଣ୍ଡରପାସ କ୍ରିୟାନୁଷ୍ଠାନ କମିଟିକୁ ଅବଗତ କରାଇବେ ବୋଲି ନର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କ ଘଟଣାସ୍ଥଳ ପରିଦର୍ଶନ ଓ ଆନ୍ଦୋଳନକାରୀଙ୍କୁ ଭେଟି ଅଣ୍ଡରପାସ ପାଇଁ ପ୍ରତିଶ୍ରୁତି ଓ ସୌହାର୍ଦ୍ଦପୂର୍ଣ୍ଣ ଆଲୋଚନାକୁ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି। ଏ ଅବସରରେ ଭିକାରୀ ବେଉରା, ସରପଞ୍ଚ ମଧୁସ୍ମିତା ପରିଡ଼ା, ସମିତିସଭ୍ୟା ଭାରତ କାନୁନ୍‌ଗୋ, ବୈବମନୁ ବେଉରା, ପୂର୍ବତନ ସରପଞ୍ଚ ଯୁଗଳ ଦାସ, ଗୌରାଙ୍ଗ ଜେନା, ଗଙ୍ଗାଧର ଦାସ, ରତିକାନ୍ତ ବେଉରା, ସୁମନ୍ତ ବେଉରା, ନରହରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଗାୟତ୍ରୀ ଜାତୀୟ ଫୁଟବଲ ଦଳର ସହକାରୀ ପ୍ରଶିକ୍ଷକ ନିଯୁକ୍ତ

ଆଳି,୧୦।୧(ସମିସ): ଓଡ଼ିଶା ଫୁଟବଲର ଏନ୍ତୁଡ଼ିଶାଳ କହିଲେ ଆଳିକୁ ବୁଝାଏ। ଆଳି ଷ୍ଟାଡିୟମରୁ ବହୁ ଫୁଟବଲ ତାରକା ରାଜ୍ୟ ଓ ଦେଶ ପାଇଁ ଫୁଟବଲ ଖେଳି ବହୁ ସୁନାମ ଅର୍ଜନ କରିଛନ୍ତି। ଭାରତୀୟ ମହିଳା ଦଳର ପୂର୍ବତନ ଖେଳାଳି ଗାୟତ୍ରୀ ମଲ୍ଲିକ ଭାରତୀୟ ସିନିୟର ଜାତୀୟ ମହିଳା ଫୁଟବଲ୍ ଦଳର ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଆଳି ମହିଳା ଫୁଟବଲ୍ ଦଳର ପୂର୍ବତନ ବରିଷ୍ଠ ଖେଳାଳି ତଥା ଭାରତୀୟ ରାଜ୍ୟ ଦଳରେ ମଧ୍ୟ ସହକାରୀ ପ୍ରଶିକ୍ଷିକା କାର୍ଯ୍ୟ ତୁଲାଇଥିବା ଗାୟତ୍ରୀ ମଲ୍ଲିକ ଆଜି ପୁଣିଥରେ ଆଳି ପାଇଁ ସୁନାମ ଅର୍ଜନ କରିଛନ୍ତି। ଏ ଖବର ପାଇ ଆଳି ଆଥଲେଟିକ ଆସୋସିଏସନ୍‌ର ସଭାପତି ପ୍ରତାପ କେଶରୀ ଦେବ, ସମ୍ପାଦକ ବିଜୟସେନାପତି, ଆଳି ମହିଳା ଫୁଟବଲ୍ ଦଳର ସହସମ୍ପାଦକ ଡାକ୍ତର ଦେବସ୍ମିତା ଶର୍ମା, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡ଼ା ଶିକ୍ଷକ ସୁଶାନ୍ତ ମଲ୍ଲିକଙ୍କ ସହ ଆସୋସିଏସନର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

ମହିଳା ଡିଗ୍ରୀ କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୦।୧(ସମିସ): ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ ମହାବିଦ୍ୟାଳୟର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଛି। ଅଧ୍ୟକ୍ଷ ଶ୍ରୀଧର ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏମ୍‌ଏନ୍ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ

ଶଶାଙ୍କ ଶେଖର ସାହୁ, ସହକାରୀ ଶିକ୍ଷକ ଶ୍ରୀକାନ୍ତ ମଲିକ, ମହିଳା କଲେଜ କ୍ରୀଡ଼ା ଶିକ୍ଷକ ଅଳକା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ କ୍ରୀଡା ପତାକା ଧରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ଖେଳ ପଡିଆରେ ପହଞ୍ଚିବା ପରେ କ୍ରୀଡ଼ା ସଂଯୋଜିକା ଶୁଭଶ୍ରୀ ପ୍ରିୟଦର୍ଶନୀ ତରାଇ, ସହସଂଯୋଜିକା ଜ୍ୟୋତିର୍ମୟୀ ଦାସ, ସରିତାରାଣୀ ଦାସଙ୍କ ଦ୍ୱାରା କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। କ୍ରୀଡ଼ାକୁ ସୁକାନ୍ତ ନାଥ, ରତିରଞ୍ଜନ ନାୟକ, ମଧୁସ୍ମିତା ବସନ୍ତରାୟ, ସସ୍ମିତା ସାମନ୍ତରାୟ, ଏଲିନା ପ୍ରିୟଦର୍ଶନୀ ନାୟକ, ନିର୍ମଳ ସେଠୀ, ଅମିତ ନାୟକ, ଚାମଲ ନାୟକ, ରୋଜାଲିନ ସାହୁ, ଲିତାଲି ଲେଙ୍କା, ସ୍ୱପ୍ନାରାଣୀ ମଲିକ, ବିନୋଦିନୀ ନାୟକ, ଅନନ୍ୟା ଆନଜା ମଲିକ, ସୋନାଲି ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

ଡେରାବିଶ, ୧୦।୧(ସମିସ): ଡେରାବିଶ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ ହୋଇଛି। ଇତିହାସ ବିଭାଗ ମୁଖ୍ୟ ନଗେନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସମ୍ମାନିତ ଅତିଥି ଭାବେ ସମାଜବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ସେଠୀ, ଅଧ୍ୟାପକ ବିଶ୍ୱଜିତ ସାହୁ,

ସଞ୍ଜୟମିଶ୍ର, ଅଧ୍ୟାପିକା ଡଃ ପ୍ରଜ୍ଞା ପଟ୍ଟନାୟକ, ପ୍ରଜ୍ଞାପାରମିତା ରାଉତରାୟ, ଡେମୋନଷ୍ଟ୍ରେଟର ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଡକ୍ଟର ରୁଦ୍ରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସୁଭାଷିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷିକା ସୌଦାମିନୀ ଓ ସ୍ଥିତିପ୍ରଜ୍ଞା ଖୁଣ୍ଟିଆ ତାଲିମ ପ୍ରଦାନ କରୁଛନ୍ତି।

ରାଜମାତା ସୁଶ୍ରୀଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

ଆଳି,୧୦।୧(ସମିସ): ପୂର୍ବତନ ବିଧାୟିକା ରାଜମାତା ସୁଶ୍ରୀଦେବୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା ଆଳି ଗିରିବନ୍ଧ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଧାୟକ ଶ୍ରୀ ଦେବ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ପରେ ସୁଶ୍ରୀ ଦେବୀ ମହିଳା ମହାବିଦ୍ୟାଳୟରେ ରାଜମାତା ସୁଶ୍ରୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ମୃତିଚାରଣ ସଭାରେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ଶେଖର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ମୁଖ୍ୟବକ୍ତା ଭାବେ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତଙ୍କ ସମେତ ବହୁ ପୁରୁଖା ରାଜନେତା ଓ ସାଧାରଣ ଲୋକ ଯୋଗ ଦେଇଥିଲେ। ଯୁବ ନେତା ମନୋଜ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ପ୍ରଫେସର ଦୁର୍ଯ୍ୟୋଧନ ମଲ୍ଲିକ ସମ୍ପାଦକୀୟ ପାଠ କରିଥିଲେ। ଏ ଅବସରରେ ବିଶିଷ୍ଟ ପରିବେଶବିତ ପ୍ରମୋଦ ଧଳ, ଯୁବ ଉଦ୍ୟୋଗୀ ବିକାଶ ଶେଖର ନାୟକଙ୍କ ଭଳି ୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆଳି ବ୍ଲକର ସମସ୍ତ +୨ ଓ ମ୍ୟାଟ୍ରିକ ଟପ୍ପର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ସେନା ଅଧିକାରୀ ଗଣେଶ୍ୱର ସାମଲ ଧନ୍ୟବାଦ ଦେଇଥିଲେ।

ସଂଘମିତ୍ରା ମଲିକ ସରକାରୀ ଓକିଲ ନିଯୁକ୍ତ

କେନ୍ଦ୍ରାପଡା,୧୦।୧(ସମିସ): ଆଇନଜୀବୀ ଶ୍ରୀମତୀ ସଂଘମିତ୍ରା ମଲିକଙ୍କୁ ରାଜ୍ୟ ସରକାର ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଯୁଭେନାଇଲ ଜଷ୍ଟିସ ବୋର୍ଡର ଏପିପି ଭାବେ ନିଯୁକ୍ତି ଦେଇଛନ୍ତି। ସେ ସାମ୍ବିଧାନିକ ଆଇନ ବ୍ୟବସ୍ଥା ଉତ୍ତମଭାବେ ପାଳନ କରିବା ସହିତ ପୀଡ଼ିତଙ୍କୁ ନ୍ୟାୟପ୍ରଦାନ କରିବାରେ ସାହାଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କର ନୂତନ ନିଯୁକ୍ତି ପାଇଁ ସଂଘମିତ୍ରା ମଲିକ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସାଂସଦ ବୈଜୟନ୍ତ ପଣ୍ଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତା ଲଳିତ ବେହେରାଙ୍କ ସମେତ ସମସ୍ତ ବିଜେପି କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

୧୧କେଭି ବିଦ୍ୟୁତ୍ ତାରରୁ ନିଆଁ ଝୁଲଖସି ଜଳିଗଲା ଧାନ ଓ ପାଳଗଦା

ରାଜନଗର,୧୦।୧(ସମିସ): ଭିତରଗଡ଼ ପଞ୍ଚାୟତ ଶିଳପୋଖରୀ ଗାଁ ନିକଟରେ ୧୧ କେଭି ବିଦ୍ୟୁତ୍ ତାରରୁ ନିଆଁଝୁଲ ଖସି ଧାନଗଦା ସହ ପାଳଗଦା ପୋଡ଼ି ପାଉଁଶ ହୋଇଯାଇଛି। ଟ୍ରାକ୍ଟରରେ ପାଳଲଦି ଘର ନିକଟ ଜମିରେ ପାଳ କାଢୁଥିବାବେଳେ ଓହଳିଥିବା ୧୧ କେଭି ବିଦ୍ୟୁତ ତାରରେ ବାଜିଥିଲା। ସେଥିରୁ ନିଆଁଝୁଲ ଖସି ବିଜୟ ମଣ୍ଡଳଙ୍କ ପାଳଗଦା ସହ ଧାନଗଦା ପୋଡି ଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବହୁ ପରିମାଣରେ କ୍ଷୟକ୍ଷତି ହୋଇଛି। ଅପରପକ୍ଷେ ଟ୍ରାକ୍ଟର ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

ମକର ସଂକ୍ରାନ୍ତି ପାଇଁ ପ୍ରଶାସନର ବୈଠକ

ଧାଡ଼ି ଦର୍ଶନ, ପିଇବା ପାଣି, ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୦।୧(ସମିସ):

ଆସନ୍ତା ୧୪ ତାରିଖ ବୁଧବାର ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ଆଶଙ୍କା ଥିବାରୁ ଶୃଙ୍ଖଳା, ସୁରକ୍ଷା ଓ ସୁବ୍ୟବସ୍ଥିତ ଦର୍ଶନକୁ ନେଇ ମନ୍ଦିର ପ୍ରଶାସନ, ପୁଲିସ ଅଧିକାରୀ ଓ ସେବାୟତଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟ ବୋର୍ଡ ସଭାପତି ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମକର ସଂକ୍ରାନ୍ତି ଦିନ ସଠିକ୍ ସମୟରେ ନୀତିକାନ୍ତି, ଭକ୍ତଙ୍କ ଧାଡ଼ି ଦର୍ଶନ, ପିଇବା ପାଣି, ସ୍ୱାସ୍ଥ୍ୟ ସେବା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯିବା ନେଇ ସିଦ୍ଧାନ୍ତ ହୋଇଛି। ପୂର୍ବରୁ ବାଟ ମନ୍ଦିରରୁ ଧାଡ଼ି ଦର୍ଶନ ଥିବା ବ୍ୟବସ୍ଥା ପରିବର୍ତ୍ତେ ଏବେ ତୁଳସୀ ଚଉରା ନିକଟରୁ ଭକ୍ତ ସିଧାସଳଖ ବାଇଶି ପାହାଚ ଦେଇ ବଡ଼ ଦେଉଳରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଗର୍ଭଗୃହ ଦର୍ଶନ ଉପରେ କଟକଣା ଲାଗୁ କରିବା ପ୍ରଶାସନର ପ୍ରସ୍ତାବକୁ ସେବାୟତ ଅଗ୍ରାହ୍ୟ କରିଥିଲେ। ଗର୍ଭଗୃହରେ ଭକ୍ତ ଦର୍ଶନ ବହୁବର୍ଷର ପରମ୍ପରା ବୋଲି ସେବାୟତ ମତ ପ୍ରକାଶ କରିଥିଲେ। ବିଶେଷକରି ନବାଙ୍କ ବେଢା ପରିକ୍ରମା ସମୟରେ କୌଣସି ଭକ୍ତ ବିଜେ ପ୍ରତୀମା ବିମାନକୁ ସ୍ପର୍ଶ କରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସଂପୂର୍ଣ୍ଣ କଟକଣା ଜାରି କରାଯାଇଛି।

ଭକ୍ତଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ମନ୍ଦିର ସମ୍ମୁଖରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ଉପଜିଲ୍ଲାପାଳ ଅରୁଣ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ହୃଷିକେଶ ରଥ, ସୁପରଭାଇଜର ନୃସିଂହ ପତ୍ରୀ, ବଡ଼ପଣ୍ଡା ମାଧବ ପତ୍ରୀ ସହ ବଳରାମ ପତ୍ରୀ, ସୁରେଶ ପତ୍ରୀ, ସୋମନାଥ ପତ୍ରୀ, ରଞ୍ଜନ ସୁଆର, ରବୀନ୍ଦ୍ର ପତ୍ରୀ, ଜୟଦେବ ପତ୍ରୀ, ବିଜୟ ପତ୍ରୀ, ପରୀକ୍ଷିତ କର, ଦାମୋଦର ପତ୍ରୀ, ପ୍ରମୋଦ କର ସମେତ ଅନ୍ୟାନ୍ୟ ସେବାୟତ ଯୋଗ ଦେଇଥିଲେ।

ମନରେଗା ନାମ ପରିବର୍ତ୍ତନକୁ ନେଇ ବର୍ଷିଲା କଂଗ୍ରେସ

କେନ୍ଦ୍ରାପଡ଼ା, ୧୦।୧ (ସମିସ): ମନରେଗା ବଞ୍ଚାଅ ସଂଗ୍ରାମକୁ ନେଇ କଜଳାସ୍ଥ ଜିଲ୍ଲା କଂଗ୍ରେସ ଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ

ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଦଳର ପର୍ଯ୍ୟବେକ୍ଷକ ତଥା ମୁଖପାତ୍ର ଆଇନଜୀବୀ ଲଲାଟେନ୍ଦୁ ଦାସ କହିଲେ, ଏମଜିଏନଆରଇଜିଏ ଗ୍ରାମୀଣ ଲୋକଙ୍କ ପାଇଁ କାମର ଆଇନଗତ ଅଧିକାର ଓ ଜୀବିକା ସୁରକ୍ଷାର ମୂଳ ଆଧାର। କେନ୍ଦ୍ର ସରକାର ନୂତନ ଆଇନ ଓ ବଜେଟ କଟୋତି ମାଧ୍ୟମରେ ମନରେଗାକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଫଳରେ ଗ୍ରାମୀଣ ରୋଜଗାର କମିବା ସହ ଦାଦନ ପ୍ରବାସ ବୃଦ୍ଧି ପାଇବ ବୋଲି କଂଗ୍ରେସ ଆଶଙ୍କା ପ୍ରକାଶ କରିଛି। ମନରେଗାର ମୂଳ ଅଧିକାର, ଆଧାରିତ ରୂପକୁ ସୁରକ୍ଷା କରିବା ପାଇଁ ଆସନ୍ତା ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ଏମଜିଏନଆରଇଜିଏ ବଞ୍ଚାଅ ସଂଗ୍ରାମ ଚାଲିବ ବୋଲି ଘୋଷଣା କରାଯାଇଛି। ଏହାର ଅଂଶ ଭାବେ ଜିଲ୍ଲା ମୁଖ୍ୟାଳୟରେ ଦିନିକିଆ ଉପବାସ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ମିଳନୀରେ ଟିପିସିଓଡିଏଲ ପକ୍ଷରୁ ଜୋର୍ ଜବରଦସ୍ତି ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ କଂଗ୍ରେସ ପ୍ରତିବାଦ କରିଛି। ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ନିରୂପମା ପାତ୍ର, ବିଧୁଭୂଷଣ ମହାପାତ୍ର, ଡ. ରତିକାନ୍ତ କାନୁନଗୋ, ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ପଟ୍ଟାମୁଣ୍ଡାଇ କଲେଜରେ ଅର୍ଥନୀତି ସେମିନାର

ପଟ୍ଟାମୁଣ୍ଡାଇ, ୧୦।୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ 'ଜ୍ଞାନ ଅର୍ଥନୀତି ଓ ସ୍ଥାୟୀ ବିକାଶ' ଶୀର୍ଷକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସେମିନାରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସୁଧାକର ପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ସହଯୋଗୀ ପ୍ରଫେସର ଡ. ମନୋଜ ଦାସ ଯୋଗଦେଇ ଆଲୋଚନା କରିଥିଲେ। ଅଧ୍ୟକ୍ଷ ସ୍ୱାଗତ ଭାଷଣ ଓ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ବିଷୟପତ୍ର ପ୍ରସ୍ତୁତ କରିଥିଲେ। ଅଧ୍ୟାପକ ସୁଭାଶିଷ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଳାଭର କଲେଜ ଅଧ୍ୟାପିକା ମହିମା ପାଢୀ ରିପୋର୍ଟିୟର ଦାୟିତ୍ୱ ସମ୍ପାଦନ କରିଥିଲେ। ପ୍ରଥମ ପ୍ରାଯୁକ୍ତି ପତ୍ରରେ ପ୍ରଫେସର ଡ ସୁଧାକର ପାତ୍ର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଶୁଭସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପ୍ରାଯୁକ୍ତି ପତ୍ରରେ ପ୍ରଫେସର ଡ. ମନୋଜ ଦାସ ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ଜଳୁଛି ଟ୍ରାନ୍ସଫର୍ମର, ନିଦାବିଷ୍ଟ ସାଜିଛି ବିଭାଗ

ରାଜନଗର,୧୦।୧(ସମିସ): ଈଶ୍ୱରପୁର ପଞ୍ଚାୟତ ନୂଆଖୁଣ୍ଟା-ଶିପୋଖରୀ ଗାଁ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ସମୟ ଧରି ଜଳୁଥିବା ଦେଖିବାକୁ ମିଳିଛି। ଟ୍ରାନ୍ସଫର୍ମର ଦୀର୍ଘ ସମୟ ଜଳିବା ପରେ ସ୍ଥାନୀୟ ଅଞ୍ଚଳରେ ସରବରାହ ବ୍ୟାହତ ହୋଇଛି। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଜଳୁଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦେଖା ନ ମିଳିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସତ୍ୟପ୍ରସାଦ ସାହୁଙ୍କୁ ପଚାରିବାରୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

■ ପଞ୍ଚୁପାଣ୍ଡବ ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ

ଶୀତ କାକରରେ ଥରୁଛନ୍ତି ଯାତ୍ରୀ

ପଞ୍ଚୁପାଣ୍ଡବ,୧୦।୧(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ନିର୍ମାଣ କାମ ଚାଲିଥିବାବେଳେ ପଞ୍ଚୁପାଣ୍ଡବ ଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣରେ ବିଳମ୍ବ ହେଉଥିବାରୁ ଯାତ୍ରୀ ଶୀତ କାକରରେ ଘଣ୍ଟା ଘଣ୍ଟା ଠିଆ ହୋଇ ରହୁଥିବା ଦେଖିବାକୁ ମିଳୁଛି। କଟକ ଓ ଭୁବନେଶ୍ୱର ଯିବା ଆସିବା ପାଇଁ ସକାଳ ସମୟରେ କୁହୁଡି ପଡୁଥିବାରୁ ଯାତ୍ରୀ ନାନା ପ୍ରକାର ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏହି ୫୩ନଂ ଜାତୀୟ ରାଜପଥର ୪ ଲେନ ରହିଥିବାବେଳେ ଏବେ ଏହାକୁ ୮ ଲେନ କରାଯାଉଛି। ତେବେ ପଞ୍ଚୁପାଣ୍ଡବ ଛକରେ ଠିକାଦାର କାର୍ଯ୍ୟରେ ବିଳମ୍ବ କରୁଥିବାରୁ ଯାତ୍ରୀ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଛକରେ କେତେକ ବସ୍ ଓଭରବ୍ରିଜ ଉପରେ ଯାତାୟାତ କରୁଥିବାରୁ ଯାତ୍ରୀ ପ୍ରାୟ ଅଧ କିଲୋମିଟର ଦୂରକୁ ଚାଲି ଚାଲି ଯିବା ଆସିବା କରୁଥିବା ଦେଖିବାକୁ ମିଳୁଛି। ପଞ୍ଚୁପାଣ୍ଡବ ଛକରେ ସବୁ ସମୟରେ ଜନଗହଳି ଲାଗି ରହିଥାଏ। ବ୍ରିଜ ତଳ ପିଚୁ ହୋଇ ନ ଥିବାରୁ ଗୋଡ଼ି ମେଣ୍ଟାଲ୍ ଉଠିଯାଇଥିବା ଦେଖିବାକୁ ମିଳିଛି। ଏହାର ତଦନ୍ତ କରାଯାଇ ତୁରନ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ସହ ବିଭିନ୍ନ କାର୍ଯ୍ୟ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ତରାସ ଗ୍ରାମରେ ମଦମୁକ୍ତ ଗାଁ ଅଭିଯାନ

ରାଜକନିକା,୧୦।୧(ସମିସ): ରାଜକନିକା ବ୍ଲକ୍ ଅନ୍ତର୍ଗତ ତରାସ ଗ୍ରାମରେ ନେତାଜୀ କ୍ଲବ୍ ଆୟୋଜନରେ ଗ୍ରାମକୁ ମଦମୁକ୍ତ କରିବା ଲକ୍ଷ୍ୟରେ ଏକ ସଚେତନତାମୂଳକ ଅଭିଯାନ ଆରମ୍ଭ ହୋଇଛି। ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ଗ୍ରାମରେ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ମଦ ବିକ୍ରି ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଅଭିଯାନ ସମୟରେ ମହିଳାମାନେ କହିଥିଲେ, ମଦ ବିକ୍ରି ହେତୁ ଗ୍ରାମର ଶାନ୍ତି, ସୁରକ୍ଷା ଓ ପାରିବାରିକ ସମ୍ପ୍ରିତି ବାଧାପ୍ରାପ୍ତ ହେଉଛି। ତେଣୁ ଗ୍ରାମକୁ ସୁସ୍ଥ ଓ ସୁରକ୍ଷିତ କରିବା ପାଇଁ ମଦ ବିକ୍ରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବା ଆବଶ୍ୟକ। ଆଗାମୀ ଦିନରେ ଯଦି କେହି ଏହି ଅନୁରୋଧକୁ ଅଣଦେଖା କରି ମଦ ବିକ୍ରି ଜାରି ରଖନ୍ତି, ତେବେ ସେମାନଙ୍କ ପ୍ରତି ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସତର୍କ କରାଇଥିଲେ। ଏହି ଅଭିଯାନରେ ନେତାଜୀ କ୍ଲବ୍ ସଭାପତି ବନଜ ବାରିକ, ସମ୍ପାଦକ ସୁବ୍ରଜିତ ବିଶ୍ୱାଳ, କ୍ଲବ ସଦସ୍ୟ ଅଶୋକ ନାଥ, ଅଭିଷେକ ନାଥ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି କୃତ୍ତିବାସ ଜେନା, ବନମାଳି ରାଉତ ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟ କପିଳ ମିଶ୍ରଙ୍କ ସହ ଗ୍ରାମର ବହୁ ମହିଳା ସଦସ୍ୟା ଉପସ୍ଥିତ ଥିଲେ। ସସ୍ମିତା ନାୟକ, ଅହଲ୍ୟା ମଲିକ, ହରପ୍ରିୟା ମଲିକ, ସତ୍ୟଭାମା ମଲିକ, ମନୋରମା ମଲିକ, ରିଲ ମଲିକ, ତିଳୋତ୍ତମା ମଲିକ, ବାସନ୍ତୀ ମଲିକ ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ମଦମୁକ୍ତ ଗାଁ ଅଭିଯାନକୁ ଗ୍ରାମବାସୀ ସମର୍ଥନ କରିଥିବା ଦେଖାଯାଇଛି।

ଯୁବତୀ ମୃତ୍ୟୁ ଘଟଣା

ବିବାହ ପ୍ରତିଶ୍ରୁତି ଦେଇ ଧୋକା, ପ୍ରେମିକ ଗିରଫ

କେନ୍ଦ୍ରାପଡ଼ା,୧୦।୧(ସମିସ):

ସୁନାଇଲୋରେ ଏକ ଭଡ଼ା ଘରୁ ଉଚ୍ଚଶିକ୍ଷିତା ଯୁବତୀ ପ୍ରତୀକ୍ଷା ନାୟକଙ୍କ ମୃତଦେହ ଉଦ୍ଧାର ଘଟଣା ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ଆଜି ଏହି ମାମଲା ନୂଆ ମୋଡ଼ ନେଇଛି। ଟାଉନ ପୁଲିସ ଏହି ଘଟଣାରେ

ମାନସିକ ନିର୍ଯାତନାରେ ଆତ୍ମହତ୍ୟା ଅଭିଯୋଗ

ଯୁବତୀଙ୍କ ପ୍ରେମିକ ସତ୍ୟନାରାୟଣ ନାୟକ (୩୦), କପାଳେଶ୍ୱର ଅଞ୍ଚଳର ବାସିନ୍ଦାଙ୍କୁ ଗିରଫ କରିଛି। ବିବାହ ପ୍ରତିଶ୍ରୁତି ଦେଇ ପରେ ଧୋକା ଦେବା, ଦୀର୍ଘଦିନ ଧରି ମାନସିକ ଚାପ ସୃଷ୍ଟି କରିବା ଓ ସମ୍ପର୍କରେ ତିକ୍ତତା ହେବା ହିଁ ଯୁବତୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ନେଇ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି।

ଉଚ୍ଚଶିକ୍ଷା ସ୍ୱପ୍ନ ଦେଖୁଥିଲେ ପ୍ରତୀକ୍ଷା: ମୃତ ପ୍ରତୀକ୍ଷା ନାୟକ ରାଜକନିକା ଥାନା ଅଧୀନ ତରାସ ଗାଁର ଭୀମସେନ ନାୟକଙ୍କ କନ୍ୟା। ସେ ୨୦୨୪ରେ କେନ୍ଦ୍ରାପଡ଼ା ପୌରପାଳିକାରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ। ପରେ ଚାକିରି ଛାଡ଼ି ବିଇଡି ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ନେବା ଉଦ୍ଦେଶ୍ୟରେ ସୁନାଇଲୋରେ ଭଡ଼ା ଘରେ ରହୁଥିଲେ। ଏହି ସମୟରେ ପ୍ରତୀକ୍ଷାଙ୍କ ସହ ସତ୍ୟନାରାୟଣଙ୍କ ପରିଚୟ ହୋଇଥିଲା। ବନ୍ଧୁତାରୁ ଆରମ୍ଭ ହୋଇ ସମ୍ପର୍କ ପ୍ରେମରେ ପରିଣତ ହୋଇଥିଲା। ପ୍ରେମିକ ବିବାହର ପ୍ରତିଶ୍ରୁତି ଦେଇଥିଲେ। ପରେ ବିଭିନ୍ନ କାରଣରୁ ସମ୍ପର୍କରେ ତିକ୍ତତା ହୋଇଥିଲା। ବିବାହ କରିବାକୁ ମନା କରିଦେବାରୁ ପ୍ରତୀକ୍ଷା ମାନସିକ ଭାବେ ଭାଙ୍ଗିପଡ଼ିଥିଲେ।

ସନ୍ଦେହଜନକ ମୃତ୍ୟୁରୁ ଗିରଫ ଯାଏ: ଗୁରୁବାର ଅପରାହ୍ନରେ ଘର କବାଟ ଭାଙ୍ଗି ପୁଲିସ ପ୍ରତୀକ୍ଷାଙ୍କ ମୃତଦେହ ଉଦ୍ଧାର କରିଥିଲା। ବେକରେ ଶାଢ଼ି ଗୁଡ଼ାଇ ଥିବାରୁ ପ୍ରଥମେ ଆତ୍ମହତ୍ୟା ଆଶଙ୍କା କରାଯାଇଥିଲା। କିନ୍ତୁ ପରିବାର ପକ୍ଷରୁ ଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଆଣି ଥାନାରେ ଏଫଆଇଆର ଦାଖଲ କରାଯାଇଥିଲା। ତଦନ୍ତକାରୀ ପୁଲିସ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସିଡିଆର ଯାଞ୍ଚରେ ସତ୍ୟନାରାୟଣଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ପଷ୍ଟ ହେବା ପରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି।

ଯନ୍ତ୍ରୀ ଅଟକ, ଚର୍ଚ୍ଚା ଜୋର: ଏହି ଘଟଣାରେ ଗତକାଲି ଡ୍ରେନେଜ ବିଭାଗର ଜଣେ ଯନ୍ତ୍ରୀଙ୍କୁ ସନ୍ଦେହରେ ଅଟକ ରଖାଯାଇଥିବା ଓ ଆଜି ପ୍ରେମିକଙ୍କୁ ଗିରଫ କରାଯିବା ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ନାନା ଚର୍ଚ୍ଚା ଚାଲିଛି। କେତେକ ମହଲରେ ଘଟଣା ପଛରେ ଅନେକଙ୍କ ଭୂମିକା ରହିଛି କି ବୋଲି ପ୍ରଶ୍ନ ଉଠୁଛି।

ବ୍ୟବଚ୍ଛେଦ ରିପୋର୍ଟ ଉପରେ ନଜର: ପୁଲିସ କହିଛି ଯୁବତୀ ମାନସିକ ନିର୍ଯାତନାରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ଭାବେ ସ୍ପଷ୍ଟ ହୋଇଛି। ତେବେ ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟର ସତ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ଆଶା ପ୍ରକାଶ କରିଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ଼। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିକୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୂ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

ଜିନ୍ଦଲ୍ ଷ୍ଟିଲ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ଯୋଡ଼ା, ୧୦।୧(ସମିସ): ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ସହ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଜିନ୍ଦଲ ଷ୍ଟିଲ ପକ୍ଷରୁ ନୂତନ ବର୍ଷ ଅବସରରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଆଇରନ ଓ ଡୋଲୋମାଇଟ ମାଇନ୍ସ ଓ ରୋଇଡା-ଓ ମାଇନ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମ ମୁଖିଆ, ସରପଞ୍ଚ, ସମିତିସଭ୍ୟ ଓ ସମାଜସେବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦେଓଝରରେ ଆୟୋଜିତ ଜନସମ୍ପର୍କ କାର୍ଯ୍ୟକ୍ରମରେ ଦେଓଝର ସମିତିସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଦେଓଝର ନାଏବ ସରପଞ୍ଚ କାଦମ୍ବିନୀ ନାଏକ, କଣ୍ଡରା ସମିତିସଭ୍ୟ ସୋମନାଥ ମହାନ୍ତ, ବୀରକଳା ସମିତିସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ଦେଓଝରର ପୂର୍ବତନ ସମିତିସଭ୍ୟ, ଯୁଧିଷ୍ଠିର ପଲେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରବର ନାଏକ, ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ଦୋଲଗୋବିନ୍ଦ ନାଏକ ଓ ଜନାର୍ଦ୍ଦନ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସମାଜସେବୀ ତ୍ରିଲୋଚନ ପଲେଇ, କାଳୀଚରଣ ମୁଣ୍ଡା, ପାଣ୍ଡିଆ ମୁଣ୍ଡା, ବିଳାସିନୀ ନାଏକ, ଅର୍ଜୁନ ମୁଣ୍ଡା, ପ୍ରଫୁଲ୍ଲ ନାଏକଙ୍କ ସହ ଶିଆଳିଯୋଡ଼ା, ଦେଓଝର, କଣ୍ଡରା, ଗୋବର୍ଦ୍ଧନପୁର ଓ ଅଁଶେଇକଳା ସମେତ ଅନେକ ଗ୍ରାମର ପ୍ରମୁଖ ବ୍ୟକ୍ତି ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର, ବଡ଼ବିଲ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନ, ସିଏସଆର ହେଡ୍ ଭର୍ଜିଲ ଲାକ୍ରା ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡଙ୍କ ନେତୃତ୍ୱରେ କାଶିଆ ମାଇନ୍ସ ଓ ରୋଇଡା- ଓ ମାଇନ୍ସର ପାରିପାର୍ଶ୍ୱିକ ଅଞ୍ଚଳର ଜନପ୍ରତିନିଧି, ସମାଜସେବୀ ଓ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେରେଣ୍ଡା ସରପଞ୍ଚ ସୁସ୍ମିତା ସିଦ୍ଧୁ, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ ଭୂୟାଁରୋଇଡ଼ା ସରପଞ୍ଚ ତୁଳସୀ ବୋବାଙ୍ଗା ଯୋଗ ଦେଇଥିଲେ। ସେରେଣ୍ଡା ସମିତିସଭ୍ୟ ଶଙ୍କର ଚଟମ୍ବା, ଭଦ୍ରାସାହି ସମିତିସଭ୍ୟ ଯଶବନ୍ତ ପାତ୍ର ଓ ୱାର୍ଡମେମ୍ବର ଭାଗବତ ପଲେଇଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତୀ ବନରା, ସମାଜସେବୀ ମଦନ ବେହେରା, କୁବେର ପଲେଇ, ପୁରୁଷୋତ୍ତମ ବାରିକ, ସୁନୀଲ ଦତ୍ତ, ବିପିନ ନାଏକ, ସଞ୍ଜୟ ପାତ୍ର, ନିଶିକାନ୍ତ ପଲେଇ ସଞ୍ଜୀବ ପଲେଇ ଓ ଗୌତମ ପଲେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

କାଞ୍ଜିପାଣି ଅଞ୍ଚଳର ଗଞ୍ଜେଇ ଚାଷରେ ମିଳିତ ଚଢ଼ଉ

କେନ୍ଦୁଝର, ୧୦।୧(ସମିସ):

କେନ୍ଦୁଝର ଜିଲ୍ଲାର ଅଭ୍ୟନ୍ତରୀଣ ଅଞ୍ଚଳର ବ୍ୟାପକ ଗଞ୍ଜେଇ ଚାଷ ହୋଇଛି। ଏହାକୁ ନଷ୍ଟ କରିଛି ମିଳିତ ଟିମ। ଜିଲ୍ଲାର ଦୁର୍ଗମ କାଞ୍ଜିପାଣି

ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟକଲେ ଟିମ୍

ଅଞ୍ଚଳରେ ସୁଚିନ୍ତିତ ଏବଂ ସୁପରିକଳ୍ପିତ ଭାବେ ଗଞ୍ଜେଇ ଚାଷ କରାଯାଇଥିଲା। ଚାଷ ସମ୍ପର୍କରେ ଗୁଇନ୍ଦା ଖବର ପାଇବା ପରେ ବନ ବିଭାଗ, ଅବକାରୀ ବିଭାଗ ଏବଂ ପୁଲିସ ମିଳିତ ଭାବେ ଚଢ଼ଉ କରି ସବୁ ନଷ୍ଟ କରି ଦେଇଛନ୍ତି। ଶନିବାର ଏହି ଅଭିଯାନକୁ ମିଶାଇ ଜିଲ୍ଲାରେ ପାଖାପାଖି ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଯାହା ଜିଲ୍ଲାରେ ଏକ ବଡ଼ ସଫଳତା ବୋଲି ଜଣାପଡ଼ିଛି।

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଦୁର୍ଗମ କାଞ୍ଜିପାଣି ଅଞ୍ଚଳର ସୁନାଝରୀ ଗାଁ ପାଖ ଜଙ୍ଗଲ। ଶନିବାର ଦୂର ଦିଗବଳୟ ଯାଏ ଏଠାରେ ଧୂଆଁର ବଳୟ ଦୃଶ୍ୟମାନ ହେଉଥିଲା। ଯେଉଁଠି ପାଦରେ ଚାଲିଯିବା ମଧ୍ୟ ଅସମ୍ଭବ ସେଠାରେ ବ୍ୟାପକ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ସଦଳବଳେ ପହଞ୍ଚିଥିଲେ ବନ ବିଭାଗ, ଅବକାରୀ ବିଭାଗ ଏବଂ କାଞ୍ଜିପାଣି ଥାନା ପୁଲିସ। ସମସ୍ତ ଗଞ୍ଜେଇ ଗଛ କାଟି ଏକ ସଙ୍ଗେ ନିଆଁ ଲଗାଇ ନଷ୍ଟ କରି ଦିଆ ଯାଇଥିଲା। ଏଥିରେ ସାମିଲ୍ ହୋଇଥିଲେ ସମସ୍ତ କର୍ମଚାରୀ ଓ ଅଧିକାରୀ। ୪୦ ଲକ୍ଷରୁ ଅଧିକ ଟଙ୍କାର ଗଞ୍ଜେଇ ଗଛକୁ ମିଶାଇ ଜିଲ୍ଲାରେ ପାଖାପାଖି ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା କହିଛନ୍ତି ବନ ବିଭାଗ ଅଧିକାରୀ।

ଏଭଳି ଦୁର୍ଗମ ଅଞ୍ଚଳରେ ଗଞ୍ଜେଇ ଚାଷ ଠାବ କରିବା ବିଭାଗ ପାଇଁ ଏତେ ସହଜ ନଥିଲା। ଏଥିପାଇଁ ପ୍ରଥମେ ଡ୍ରୋନ୍ କ୍ୟାମେରା ବ୍ୟବହାର କରିଥିଲା ବନ ବିଭାଗ। ସ୍ୱତନ୍ତ୍ର ଭାବେ ଗାତ ଖୋଳାଯାଇ ସେଠାରେ ଗଞ୍ଜେଇ ଗଛ ଲଗାଯାଇଥିଲା ବେଳେ ଗଞ୍ଜେଇ ଗଛକୁ ସୁରକ୍ଷା ଦେବାପାଇଁ ଚାରିପଟେ ବାଡ଼ ଦିଆଯାଇଥିଲା। ଗଛରେ ପାଇପ୍ ଯୋଗେ ଏଠାରେ ବହିଯାଉଥିବା ଝରଣାର ଜଳକୁ ଯୋଗାଇ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଗଞ୍ଜେଇ ଗଛରେ ଖତ, ସାର ଦେବାର ବ୍ୟବସ୍ଥା ମଧ୍ୟ କରିଥିଲେ ମାଫିଆ। ଆଗକୁ ବିଭାଗ ତରଫରୁ ବେଆଇନ ଗଞ୍ଜେଇ ଗଛ ଚାଷ ନଷ୍ଟ ଅଭିଯାନ ଜାରି ରହିବ ବୋଲି ସୂଚନା ମିଳିଛି।

ମା'ତାରିଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଆମ୍ଭୋର ଚାମ୍ପିଅନ

ଆନନ୍ଦପୁର, ୧୦।୧ (ସମିସ): ଆନନ୍ଦପୁର ବ୍ଲକ ଖଡ଼ିବିଲଠାରେ ୧୫ତମ ମା'ତାରିଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲରେ ଶାଳପଡ଼ାକୁ ଆମ୍ଭୋର ୪ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଛି। ଦଳର ମଙ୍ଗଳମୟ ନାୟକ ୧୬ ବଲରେ ୪୫ କରି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ୍ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ପିସିସି ଅନୁସୂଚିତ ଜାତି ସେଲ୍ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ସମ୍ମାନିତ ଅତିଥି ବାବାସାହେବ ଆମ୍ବେଦକର ସଂଘର ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ସରୋଜ ବିଶ୍ୱାଳ, ସାମ୍ବାଦିକ ସୁଶାନ୍ତ ସାହୁ, ନୀଳମଣି ଜେନା, ଦାମୋଦର ଜେନା ଓ କଳାକାର ଜେନା ଯୋଗ ଦେଇଥିଲେ। ବିଚିତ୍ର ପେରେଇ ଓ ଚନ୍ଦନ ଜେନା ଅମ୍ପାୟାର ଥିବା ବେଳେ ସ୍କୋରର ଭାବେ ଶକ୍ତିରଞ୍ଜନ ପେରେଇ ଦେବବ୍ରତ ପେରେଇ ଏବଂ ସୁରେଶ ଜେନା ଧାରା ବିବରଣୀରେ ସହଯୋଗ କରିଥିଲେ। କ୍ଲବ୍ ସମ୍ପାଦକ ସୁରେଶ ଜେନା, ସମ୍ପାଦକ ସିପୁନ ଜେନା, ମକରନ୍ଦ ଜେନା, ବାପି ଜେନା, ସନ୍ତୋଷ ପେରେଇ, ଫୁକୁନ ଜେନା, ଲିପୁନ ଜେନା, ଆଲୋକ ଜେନା, ତପୁ ଜେନା, ଜଗନ ଜେନା, ମନୋଜ ଜେନା, ସୁଶୀଳ ଜେନା, ରାଜା ଦଳେଇ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ।

ଧଳାଜହର ଜବତ; ୨ ଗିରଫ

ହାଟଡ଼ିହୀ, ୧୦।୧(ସମିସ): ନନ୍ଦିପଦା ଥାନା ହାଟଡ଼ିହୀ ଟ୍ରେଜେରୀ ଅଫିସ୍ ନିକଟରୁ ଧଳାଜହର ଜବତ ସହ ଦୁଇଜଣ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଛି ପୁଲିସ। ଗତ ଶୁକ୍ରବାର ସନ୍ଧ୍ୟାସମୟରେ ନନ୍ଦିପଦା ପୁଲିସ ଘସିପୁରା ଥାନା ଝାରଖଣ୍ଡ ଅଞ୍ଚଳର ସ୍ମୃତିରଞ୍ଜନ ଦାସ ଓ ଶାଳପଡ଼ା ଅଞ୍ଚଳର ସ୍ୱୟଂପ୍ରକାଶ ପତିଙ୍କଠାରୁ ୨ଗ୍ରାମର ଧଳାଜହର ଜବତ କରିବା ପରେ ଉଭୟଙ୍କୁ କେସ ନଂ ୧୫/୨୬ରେ କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି

ରାଜନଗରରେ ମକର ବୁଡ଼ ପକାଇବେ ମୁଖ୍ୟମନ୍ତ୍ରୀ; ଜିଲ୍ଲା ପ୍ରଶାସନ ତତ୍ପର

ତୁରୁମୁଙ୍ଗା, ୧୦।୧(ସମିସ): ପବିତ୍ର ମକରସଂକ୍ରାନ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତୋୟା ବୈତରଣୀ ନଦୀରେ ବୁଡ଼ ପକାଇବେ।

ଏଥିପାଇଁ ପାଟଣା ବ୍ଲକ ପ୍ରଶାସନ ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ବୁଡ଼ ପକାଇବା ପାଇଁ ଭୀମକୁଣ୍ଡ ଓ ରାଜନଗର ବୈତରଣୀନଦୀ ଘାଟକୁ ପ୍ରଶାସନ ପକ୍ଷରୁ ଚୟନ କରାଯାଇଥିବା ବେଳେ ରାଜନଗର ହାଇସ୍କୁଲ ନିକଟ ପଡ଼ିଆରେ ହେଲିପ୍ୟାଡ ନିର୍ମାଣ କରାଯାଇଛି। ଏଥିସହ ପାର୍କିଂସ୍ଥଳ ନିର୍ମାଣ କରାଯିବା ସହ ଗାଧୁଆସ୍ଥଳ ନିକଟ ରାସ୍ତାକୁ ସଫେଇ କରାଯାଇଛି। ସେହିପରି ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡରେ ମଧ୍ୟ ଜୋରଦାର ପ୍ରସ୍ତୁତି ଚାଲିଛି। ନଦୀରେ ପାହାଚ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତରେ ଚାଲୁଛି। ଶନିବାର ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ଯନ୍ତ୍ରୀ ଖେଳାରାମ ମୁର୍ମୁ, ଏପିଓ ଦୀପକ ବେହେରା, ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାଏକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ବିଦ୍ୟାଧର ମହାନ୍ତ ପ୍ରମୁଖ ରାଜନଗର ବୈତରଣୀ ନଦୀର ଶୈବ୍ୟାକାବେରୀ ଘାଟ ଅଞ୍ଚଳ ପରିଦର୍ଶନ କରିଥିଲେ।

ଗୁଳି ଫୁଟାଇ ଔଷଧ ଦୋକାନୀଙ୍କୁ ଲୁଟ୍

ଆନନ୍ଦପୁର, ୧୦।୧ (ସମିସ): ଦୋକାନୀଙ୍କୁ ଔଷଧ ମାଗିବା ପରେ ଜବରଦସ୍ତି ଲୁଟି ନେଲେ ତାଙ୍କ ସୁନାଚେନ। ଲୋକ ପାଟି କରିବାରୁ ଦୁର୍ବୃତ୍ତ କଲେ ଫାଙ୍କା ଗୁଳି ଚାଳନା କରି ଚମ୍ପଟ ମାରିଛନ୍ତି। ଘସିପୁରା ଥାନା ବେଲବାହାଳି ବଜାରରେ ସୁବାସ ଖୁଣ୍ଟିଆଙ୍କ ଔଷଧ ଦୋକାନରେ ଏଭଳି କାଣ୍ଡ କରି ଦୁର୍ବୃତ୍ତ ଖୋଲାଖୋଲି ଲୁଟ୍ ତରାଜ କରିଛନ୍ତି। ଦୋକାନୀ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ତାଙ୍କୁ ଠେଲି ପକାଇଦେବା ସହ ଫାଙ୍କା ଗୁଳି ଚାଳନା କରି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଥିଲେ। ସେଠାରୁ ବାଇକ ଯୋଗେ ଫେରାର ହୋଇଯିବାରେ ସଫଳ ହୋଇଛନ୍ତି। ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିବା ସହ ଛାନଭିନ ଆରମ୍ଭ କରିଛି। ସନ୍ଧ୍ୟା ସମୟରେ ବଜାର ଅଞ୍ଚଳରେ ଏଭଳି ଗୁଳି ଫୁଟାଇବା ଭଳି ଘଟଣା ସାରା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ନବନିର୍ମାଣ କୃଷକ ସଂଗଠନର ବୈଠକ

ବେତନଟୀ,୧୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ନିକଟସ୍ଥ ମହୁରୀ ପଡ଼ିଆରେ ନବନିର୍ମାଣ କୃଷକ ସଂଗଠନର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଚାଷୀ ନେତାମାନେ ଧାନ ମଣ୍ଡିରେ ଚାଲିଥିବା କଟ୍‌ନି ଛଟ୍‌ନିକୁ ଦୃଢ଼ ନିନ୍ଦା କରିଛନ୍ତି। ଯାହା ମିଲରଙ୍କ ମନମାନି ଓ ସରକାରୀ ବିଫଳତାର ପ୍ରମାଣ ବୋଲି କହିଛନ୍ତି। ଏହା ସମଗ୍ର ଜିଲ୍ଲାର ଚାଷୀଙ୍କୁ ଶୋଷଣ କରୁଛି ଓ ରାଜ୍ୟର କୃଷି ଅର୍ଥନୀତିକୁ ଦୁର୍ବଳ କରୁଛି ବୋଲି କହିଛନ୍ତି ଚାଷୀ ନେତା। ବ୍ଲକ୍ ସଭାପତି ପ୍ରଶାନ୍ତ କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ଏହି ଦୁର୍ନୀତିର ମୂଳ ଉପୁଡ଼ାଇବାକୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ପ୍ରଭାରୀ ଚିନୁ ଦାଶ କହିଛନ୍ତି, ଅନ୍ୟ ଜିଲ୍ଲା ତୁଳନାରେ ମୟୂରଭଞ୍ଜରେ ଏତେ ଅଧିକ ହରିଲୁଟ କାହିଁକି? ଏହା ରାଜନୈତିକ-ବ୍ୟବସାୟିକ ଷଡ଼ଯନ୍ତ୍ରର ସଙ୍କେତ। ଯାହାକୁ ଭିଜିଲାନ୍ସ ତଦନ୍ତ ଦରକାର। ଏ ନେଇ ୨୧ ତାରିଖରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବା ନେଇ ନିଷ୍ପତ୍ତି ହୋଇଛି। ବୈଠକରେ ମଙ୍ଗଲ ସିଂ, ମହେନ୍ଦ୍ର ମହାନ୍ତ, ପଦ୍ମଲୋଚନ ମହାନ୍ତ, ଦଲୁରାମ ସିଂ, ଶ୍ରବଣ ଛାଟିଆ, ସୁବଳ ସାମଲ, ଜୟନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଉଦଳା ପ୍ରାଥମିକ ଶିକ୍ଷକ ମହାସଂଘର ସମ୍ମିଳନୀ

ଉଦଳା, ୧୦।୧(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘର ନବବର୍ଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ସଭାପତି ବିରେନ୍ଦ୍ରନାଥ ମଢେଇଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ସକାଳେ ଉଦଳାରୁ ବସ୍ ଯୋଗେ ଯାତ୍ରା ଆରମ୍ଭ କରି ଶମିବୃକ୍ଷରେ ପହଞ୍ଚିଥିଲେ। ବିଧାୟକ ଭାସ୍କର ମଢେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥିରେ ଏକ୍ସ କ୍ୟାଡର ସଂଘ ସଭାପତି ଶାନ୍ତନୁ ନାୟକ, ଏମ୍‌ଏଲ୍‌ଇ ସଂଘ ସଭାପତି ରବିନ୍ଦ୍ର ସୋରେନ, ଜୁନିୟର ଶିକ୍ଷକ ସଂଘ ସଭାପତି ବିଭୁଦତ୍ତ ବିଦ୍ଧାଣି, ବରିଷ୍ଠ ଶିକ୍ଷକ ଅଜୟ ପଣ୍ଡା, ସୁଧାଂଶୁ ବେହେରା, ଲାଲମୋହନ ମାରାଣ୍ଡି, ହିରଣ୍ୟ ବେହେରା, ରମେଶ ଖଣ୍ଡେଇ, ରଜତ ମହାପାତ୍ର, ପ୍ରଭାତ ଶଙ୍ଖୁଆ, ନରୋତ୍ତମ ପ୍ରଧାନ, ମୁକ୍ତିକାନ୍ତ ନାଏକ, ଶିକ୍ଷୟିତ୍ରୀ ଅସୀମା ଅରୁନ୍ଧତୀ, ପଦ୍ମଗନ୍ଧା ଦାସବାବୁ ପ୍ରମୁଖ ସାମିଲ ଥିଲେ।

ବଡ଼ସାହି କଲେଜ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବଡ଼ସାହି,୧୦।୧(ସମିସ): ସ୍ଥାନୀୟ ତାଳପଦାସ୍ଥ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। 'ଭାରତର ସମ୍ବିଧାନ ଏକ ଜୀବନ୍ତ ଦସ୍ତାବିଜ; କ୍ରମବିକାଶ ଓ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ରରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାପକ ଶ୍ରୀକାନ୍ତ ରାଉତ ଓ ବେଦନନୀ କଲେଜର ବରିଷ୍ଠ ଅଧାପକ ଦେବବ୍ରତ ମହାପାତ୍ର, ରିସୋର୍ସ ପରସନ୍ ଭାବେ ଯୋଗଦେଇ ବିଷୟଭିତ୍ତିକ ଅଭିଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ବିନୋଦ ପରିଡ଼ା "ବିଷୟଭିତ୍ତିକ ମୁଖ୍ୟାଂଶ' ଅଭିଭାଷଣ ମାଧ୍ୟମରେ ପ୍ରଦାନ କରି ଭାରତୀୟ ସମ୍ବିଧାନର ମହାନତା ଓ କ୍ରମ ବିକାଶ ସହିତ ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧାପକ ଡ. ଅନ୍ତର୍ଯ୍ୟାମୀ ବେରିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ମିନତୀ ସିଂ, ପ୍ରିୟଦର୍ଶିନୀ ପଣ୍ଡା, ଲିପିକା ନାଏକ, ଛାତ୍ର ସତ୍ୟଜିତ୍ ସିଂ, ଶରତ ବେହେରା ସନ୍ଦର୍ଭ ପାଠ କରିଥିଲେ। ଅଧାପିକା ଗୀତିସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ରୟାଲ୍ସ ପ୍ରିମିୟର ଲିଗ୍ | ପରୀ ଚ୍ୟାଲେଞ୍ଜର ଓ ଭି ରୋର ଫାଇନାଲ୍‌କୁ ଉନ୍ନୀତ

ବାରିପଦା,୧୦।୧(ସମିସ): ଷ୍ଟେସନ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଏକାଦଶତମ ରୟାଲ୍ସ ପ୍ରିମିୟର ଲିଗର ଅଷ୍ଟମ ଦିନରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ସଂଗଠକ ସୌମ୍ୟ ସ୍ୱରୂପ ମହାପାତ୍ର ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପଓନ କୁମାର ଅଗ୍ରୱାଲ, କ୍ଲବ୍ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ କ୍ୱାଲିଫାୟାର ମ୍ୟାଚ୍‌ରେ ପରୀ ଚ୍ୟାଲେଞ୍ଜର ୩୪ ରନରେ ଆଞ୍ଜେଲ ରଣା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଶୁଭେନ୍ଦୁ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଲିମିନେଟର ମ୍ୟାଚରେ ଭି ରୋର ୭ ୱିକେଟରେ ମା' ତାରିଣୀ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ଆଦିତ୍ୟ ବସା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚରେ ଭି ରୋର ୭ ୱିକେଟରେ ଆଞ୍ଜେଲ ରଣା ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଆଦିତ୍ୟ ବସା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଳିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବାବେଳେ ବିଭୁ ସ୍କୋରର ଓ ରାଜେଶ ସାହୁ ମ୍ୟାଚ୍ ରେଫରୀ ଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

■ ନାବାଳକ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ

କୋଚିଂ ସେଣ୍ଟର ଶିକ୍ଷକ ଗିରଫ

ଉଦଳା,୧୦।୧(ସମିସ):କୋଚିଂ ସେଣ୍ଟରରେ ଶିକ୍ଷକଙ୍କ ହୀନ କାମ। ଜଣେ ୮ ବର୍ଷର ନାବାଳକ ଛାତ୍ର ସହିତ ରଖିଲେ ଅପ୍ରାକୃତିକ ଯୌନ ସମ୍ପର୍କ। ଏ ନେଇ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଶିକ୍ଷକଙ୍କୁ ଗିରଫ କରାଯାଇଛି। ଉଦଳା ଥାନା ଏନଏସିର ୧୧ନଂ ୱାର୍ଡରେ ଥିବା ଏକ କୋଚିଂ ସେଣ୍ଟର ଶିକ୍ଷକ ଚିନ୍ମୟ ପାତ୍ର କୋଚିଂ କ୍ଲାସ ସରିବା ପରେ ସେହି ସେଣ୍ଟରରେ ପଢୁଥିବା ୮ ବର୍ଷର ନାବାଳକ ସହ ଜୋର ଜବରଦସ୍ତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଛାତ୍ର ଜଣକ ଗୁରୁତର ହୋଇଥିଲେ ଓ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଏ ନେଇ ଉଦଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଘଟଣା ଭିଆଇବା ପରେ ଶିକ୍ଷକ ଚିନ୍ମୟ ପାତ୍ର ଫେରାର ହୋଇଥିବାବେଳେ କୋଚିଂ ସେଣ୍ଟରର ବ୍ୟାନର ଓ ସାଇନ ବୋର୍ଡ ହଟାଇ ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ଠାକୁରମୁଣ୍ଡା/ମହୁଲଡ଼ିହା,୧୦।୧(ସମିସ): ଶନିବାର ଦିନ ପ୍ରାୟ ୧୧ଟା ସମୟରେ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ଯାଉଥିବା ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ କରଞ୍ଜିଆ ଏସଡିପିଓ ନବକିଶୋର ନାୟକ ଧରି ଠାକୁରମୁଣ୍ଡା ଥାନାରେ ଆଣି ଅଟକ ରଖିଛନ୍ତି। ଠାକୁରମୁଣ୍ଡାରୁ ଏକ ପିକଅପ ଭ୍ୟାନ ଯୋଗେ ୬ଟି ଗୋରୁ ବୋଝେଇ କରି କରଞ୍ଜିଆ ଆଡକୁ ଯାଉଥିବାବେଳେ କରଞ୍ଜିଆରୁ ଠାକୁରମୁଣ୍ଡା ଆସୁଥିବା ପୁଲିସ ଏସଡିପିଓ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣି ଓ ଆସନବଣି ନିକଟରୁ ଭ୍ୟାନକୁ ଅଟକାଇ ଧରିଥିଲେ।

ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ରାସଗୋବିନ୍ଦପୁର,୧୦।୧(ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ବିନୋଦ ବିହାରୀ ଆଞ୍ଚଳିକ ମହାବିଦ୍ୟାଳୟରେ ମନୋରଞ୍ଜନ ମଲ୍ଲିକ ନୂତନ ଭାବେ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ଅବସରରେ ତାଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ତତ୍‌ସହିତ ରାସଗୋବିନ୍ଦପୁର ପ୍ରେସ କ୍ଲବର ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା। ନୂତନ ଅଧକ୍ଷ ଭାବେ କଲେଜର ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମଲ୍ଲିକ ମହାବିଦ୍ୟାଳୟ ଉନ୍ନତି କରିବା ସହିତ ମହାବିଦ୍ୟାଳୟର ସମସ୍ୟାର ସମାଧାନ କରିବେ ଓ ପିଲାଙ୍କ ପାଠପଢା ସହ କିଭଳି ପିଲାମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେ ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବେ। ଅଧାପକ ଡ ଦିଲ୍ଲୀପ କୁମାର ରଥ, ବିଭାସବିନ୍ଦୁ ମହାପାତ୍ର, ତପନ ଦାସ, ଜୟନ୍ତ ପରିଡ଼ା, ନକୁଳି ମାହାଲା, ରତିକାନ୍ତ ଦାସଅଧିକାରୀ, ମନୋରଞ୍ଜନ ଦାସ, ବିଶେଶ୍ୱର ଘୋଷ, ଜୟନ୍ତ ରାଉଳ, ଅଧାପିକା ଆରତୀ ଷଡ଼ଙ୍ଗୀ, ବରଦାଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସିମ ନଦୀପଠାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା/ମହୁଲଡ଼ିହା,୧୦।୧(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ରାଇପଦା ଗ୍ରାମ ନିକଟ ସିମ ନଦୀପଠାରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଖଣ୍ଡବନ୍ଧ ପଞ୍ଚାୟତ ବାଲିପକ୍ଷି ଦେହୁରୀ ସାହିର ବାବୁ ନାଏକ (୨୨) ବୋଲି ଜଣାପଡ଼ିଛି। ଠାକୁରମୁଣ୍ଡା ଥାନା ପୁଲିସ ମୃତଦେହ ଉଦ୍ଧାର କରି ୧/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଦେହୁରୀ ସାହିର ସ୍ୱର୍ଗତ ନୀଳମଣି ନାୟକଙ୍କ ପୁଅ ବାବୁ ଗ୍ରାମ ନିକଟରେ ଶୁକ୍ରବାର ଦିନ ରାଇପଦା ଗ୍ରାମରେ ହେଉଥିବା ସାପ୍ତାହିକ ହାଟକୁ ଯାଇଥିଲେ। କୌଣସି କାରଣରୁ ହାଟ ନିକଟରେ ପ୍ରବାହିତ ସିମ ନଦୀକୁ କୂଳରେ ପାଣିରେ ପଡିଯାଇଥିଲେ। ତାଙ୍କ ମୃତଦେହକୁ ସ୍ଥାନୀୟ ଲୋକେ ପରଦିନ ସକାଳେ ଦେଖିବା ପରେ ଠାକୁରମୁଣ୍ଡା ଥାନାକୁ ଖବର ଦେଇଥିଲେ।

ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର

ଥାନାରେ ଅଭିଯୋଗ, ଭିଡିଓ ଭାଇରାଲ

ରାଇରଙ୍ଗପୁର,୧୦।୧(ସମିସ):

ରାଇରଙ୍ଗପୁରସ୍ଥ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସ୍ଥାନୀୟ ଲୋକଙ୍କୁ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ହୋଇଛି। ଯାହାକୁ ନେଇ ଦୁର୍ବ୍ୟବହାରର ଶିକାର ସୁଲୋଚନା ସାହୁ ଓ ପରିବାର ଲୋକେ ଶନିବାର ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଟିତୁଣ୍ଡ ନେଇ ଭିଡିଓ ଭାଇରାଲ ହେଉଛି। ଯାହାକି ମୋବାଇଲରୁ ମୋବାଇଲ ଘୁରି ବୁଲିବାରେ ଲାଗିଛି। ଏ ନେଇ ଥାନାରେ ଅଭିଯୋଗ ହୋଇଛି।

ରାଇରଙ୍ଗପୁରସ୍ଥ କଚେରୀ କ୍ୟାଣ୍ଟିନ ନିର୍ମାଣ ହୋଇଥିବାବେଳେ ବିଭିନ୍ନ ସମସ୍ୟା ପାଇଁ ତାହା ଆରମ୍ଭ ହୋଇପାରୁନି। ଉକ୍ତ କ୍ୟାଣ୍ଟିନ ପରିଚାଳନା ନିମନ୍ତେ ସ୍ଥାନୀୟ ଅଞ୍ଚଳର ସନ୍ତୋଷ ସାହୁଙ୍କୁ ଟେଣ୍ଡର ପ୍ରଦାନ କରାଯାଇଛି। ଏ ନେଇ ୯,୭୦,୦୦୦ଟଙ୍କା ଖର୍ଚ୍ଚ କରିଥିଲେ। ୩ ବର୍ଷ ୬ ମାସର ଏଗ୍ରିମେଣ୍ଟ ମଧ୍ୟ ହୋଇଛି। କିଛିଦିନ ପୂର୍ବେ ସାଂସଦ ନବଚରଣ ମାଝୀ ଉଦଘାଟନ କରିଥିବାବେଳେ ପୁନଶ୍ଚ ବନ୍ଦ ହୋଇଯାଇଛି। କ୍ୟାଣ୍ଟିନ ଆରମ୍ଭ ନ ହେବାରୁ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ କ୍ୟାଣ୍ଟିନ ଚାବି ମାଗିବା ପାଇଁ ସେ ଓ ତାଙ୍କ ସ୍ତ୍ରୀ, ପୁଅ ଓ ମହିଳା ଜଣକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କ ପାଖକୁ ଶୁକ୍ରବାର ଅପରାହ୍ନ ସମୟରେ ଯାଇଥିଲେ। ଶ୍ରୀ ସାହୁ ଅନେକ ଟଙ୍କା ଖର୍ଚ୍ଚ କରିସାରିଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କ୍ୟାଣ୍ଟିନ ଆରମ୍ଭ କରି ନ ପାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତାଙ୍କୁ କ୍ୟାଣ୍ଟିନ ଚାବି ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କୁ କହିଥିଲେ। ସେ କ୍ରୋଧିତ ହୋଇ ଦୁର୍ବ୍ୟବହାର କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ପାଟିତୁଣ୍ଡ ହୋଇଥିଲା। ମୋବାଇଲରେ ତାହାକୁ ଭିଡିଓ ଉତ୍ତୋଳନ କରିବାରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ତାଙ୍କୁ ଚ୍ୟାମ୍ବରରୁ ବାହାର କରି ଦେଇଥିଲେ। ଏମିତିକି ପେଲି ବାହାର କରି କବାଟ ବନ୍ଦ କରି ଦେଇଥିଲେ। ଏହାର ଭିଡିଓ ମୋବାଇଲରେ ଉତ୍ତୋଳନ ହୋଇଥିବାବେଳେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଘଟଣା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳଙ୍କୁ ପଚାରିବାରୁ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମୋବାଇଲରେ ଭିଡିଓ ଉତ୍ତୋଳନ କରିବାରୁ ତାଙ୍କୁ ଚ୍ୟାମ୍ବରରୁ ବାହାର କରିଦେଇଥିବା କହିଛନ୍ତି। ତେବେ ଶ୍ରୀମତୀ ସାହୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ବ୍ୟବହାର କରିଥିବା ନେଇ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। କ୍ୟାଣ୍ଟିନ ଚାବି ପାଇବା ପାଇଁ ଆଗକୁ ଆଇନ ଆଶ୍ରୟ ନେବେ ବୋଲି କହିଛନ୍ତି। ଲୋକଙ୍କ ସରକାରରେ ଜଣେ ପ୍ରଶାସନିକ ଅଧିକାରୀ ସାଧାରଣ ଜନତାଙ୍କୁ ଏଭଳି ବ୍ୟବହାର ସ୍ୱାଗତଯୋଗ୍ୟ ନୁହେଁ ବୋଲି ମତ ପ୍ରକାଶ କରିଛନ୍ତି।

ଜାରି ରହିଛି ଘନ କୁହୁଡ଼ି; ଯାତାୟାତ ବାଧାପ୍ରାପ୍ତ

ଖୋର୍ଦ୍ଧା,୧୦।୧(ସମିସ):

ଚଳିତ ବର୍ଷ ଶୀତର ପ୍ରଭାବ ଜୋର ରହିଛି। କିଛିଦିନ ହେବ ଶୀତର ପ୍ରକୋପ ଜୋର ଧରିଥିବାବେଳେ ସେହି ଅନୁପାତରେ ଦିନ ବେଳା ମଧ୍ୟ ଖରାର ପ୍ରକୋପ ଜୋର ଧରିଛି। ପ୍ରାୟ ସପ୍ତାହ ହେବ ସକାଳୁ ଖୋର୍ଦ୍ଧା ସମେତ ଏହା ଉପକଣ୍ଠରେ ଘନକୁହୁଡ଼ି ହୋଇଥିବା ଦେଖାଯାଇଛି। ଖୋର୍ଦ୍ଧା ସହର ସମେତ ବିଭିନ୍ନ ଜାତୀୟ ରାଜପଥକୁ ଡାଙ୍କୁଣୀ ଭଳି ଘନକହୁଡ଼ି ଘୋଡ଼ାଇ ରଖିବା ଦୃଶ୍ୟ ଦେଖିବାକୁ ମିଳିଛି।

ପ୍ରାୟ ଦିନ ସାଢେ ୯ଟା ଯାଏଁ ପରିସ୍ଥିତି ଏ ଭଳି ହେଉଛି ଯାହାଫଳରେ ରାସ୍ତା ଉପରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ହାତ ଗଣତି କେତକ ଯାନବାହାର ରାସ୍ତାରେ ଚାଲୁଥିବାବେଳେ ଆଉ କେତକ ଗାଡ଼ି ଚାଳକ କୁହୁଡ଼ି ନ ଥମିବା ଯାଏଁ ରାସ୍ତା ଉପରକୁ ଆସିବାକୁ ଉଚିତ ମନେ କରୁନଥିବା କୁହାଯାଉଛି। କୁହୁଡ଼ିର ପରିମାଣ ଏମିତି ଯାହା ଫଳରେ ଗୋଟିଏ ଗାଡ଼ି ଚାଳକ ତାଙ୍କ ଗାଡ଼ିର ପ୍ରାୟ ୫ଫୁଟ ଦୂରତା ମଧ୍ୟରେ ଅନ୍ୟଏକ ଗାଡ଼ିକୁ ଦେଖିବା କଷ୍ଟକର ହୋଇପଡ଼ିଛି। ଘନକୁହୁଡ଼ି ପ୍ରଭାବରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟ ମାନ୍ଦା ଦେଖାଯାଇଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ତେବେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀବାହୀ ଗାଡ଼ି ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଗନ୍ତବ୍ୟ ସ୍ଥଳରେ ପହଁଚି ପାରୁନଥିବାବେଳେ ଜରୁରୀକାଳୀନ ସେବା କ୍ଷେତ୍ରରେ ନିୟୋଜିତ ଗାଡିଗୁଡିକ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ପରିଲକ୍ଷିତ ହୋଉଛି। କୁହୁଡ଼ି ଏବଂ ସୂର୍ଯ୍ୟକିରଣ ଲୁଚକାଳି ଫଳରେ ଥଣ୍ଡା ପ୍ରକୋପ ବଢ଼ିବାରେ ଲାଗିଛି। ତେଣୁ ଅନେକ ଉଠାବ୍ୟବସାୟୀ ନିଆଁ ଜାଳି ଥଣ୍ଡାରୁ ସାମାନ୍ୟ ରକ୍ଷା ପାଉଥିବା ଦେଖିବାକୁ ମିଳିଛି। ବେଳକୁ ବେଳ ବାୟୁମଣ୍ଡଳରେ ପରିବର୍ତ୍ତନ ଫଳରେ କୁହୁଡ଼ି ମାତ୍ରା ବୃଦ୍ଧି ପାଉଥିବା ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ତେଣୁ ମୁଖ୍ୟତଃ ବାୟୁ ପ୍ରଦୁଷଣ ରୋକିବା ଉପରେ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ କୁହୁଡ଼ି ଦ୍ୱାର କେବଳ ଜନଜୀବନ ଅସ୍ତବ୍ୟସ୍ତ ନୁହେଁ ବରଂ ଦୁର୍ଘଟଣାରେ ଅନେକ ମୂଲ୍ୟବାନ ଜୀବନ ଚାଲିଯିବା ସେମାନେ ଆଶଙ୍କା କରିଛନ୍ତି।

ଅନ୍ୟପକ୍ଷରେ କିଛିଦିନ ହେବ ଜାରୀ ରହିଥିବା ଘନ କୁହୁଡି ଯୋଗୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି। ଯାହାର ସଦ୍ୟ ଉଦାହରଣ ଗତକାଲି ଜାତୀୟ ରାଜଥରେ ଗଙ୍ଗପଡା ଛକ, ଦଧିମାଛଗାଡିଆ ଛକ ଓ ବାଲୁଗାଁଅଞ୍ଚଳର ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟଣା ସ୍ପଷ୍ଟ କରୁଛି। ସେହିପରି ଖୋର୍ଦ୍ଧା ସହରର ଭେଟେନାରୀ ଛକରେ କୁହୁଡି ପ୍ରଭାବରେ ରାସ୍ତା ନ ଦେଖାଯିବାରୁ ଏକ ବାଇକ୍‌କୁ ଅଟୋ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ଜିତେନ୍ଦ୍ର କୁମାର ସ୍ୱାଇଁ ଆହତ ହୋଇଥିଲେ। ଏଥିସହିତ ୫ଦିନ ତଳେ ୫୭ନଂ ଜାତୀୟ ରାଜପଥରେ ଭାରସ୍ୟାମ ହରାଇ ଏକ ପିକଅପ ଭ୍ୟାନ ରାସ୍ତାକଡକୁ ଖସିଯାଇଥିଲା। ମାତ୍ର ଏଥିରେ କାହାରକିଛି କ୍ଷତି ହୋଇନଥିଲା।

ତେବେ ସହର ମଧ୍ୟରେ ଥିବା ସ୍କୁଲର ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ୟବସାୟୀମାନେ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି। ଖୋର୍ଦ୍ଧା ଏସ୍‌ପି ଟ୍ରାନସ୍‌ପୋର୍ଟରେ ବ୍ୟବହୃତ ଟ୍ରକ ଗୁଡିକ ଯେପରି ପାଲ ଢ଼ାଙ୍କି କିମ୍ବା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନକରି ବାଲି, ଗୋଡି, ପ୍ରଥର ପ୍ରଭୃତି ପରିବହନ ନ କରନ୍ତି, ସେ ଦିଗରେ ପଦକ୍ଷେପ ନେବାପାଇଁ ସହରବାସୀ ଦାବି କରିଛନ୍ତି। ଏ ଦିଗରେ କଡାକଡି ପଦକ୍ଷେପ ନେବାକୁ ସହରର ବୁଦ୍ଧିଜୀବିମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

ଜଳ ବିଭାଜିକା ମହୋତ୍ସବରେ ଆଡ଼ିବନ୍ଧ ଲୋକାର୍ପଣ

ବେଗୁନିଆ,୧୦।୧(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର ପଞ୍ଚାୟତ ନିକଟସ୍ଥ ପଞ୍ଚୁଦୋଳ ପଡିଆରେ ଜଳ ବିଭାଜିକା ମହୋତ୍ସବ ପାଳନ ଅବସରରେ ଆଡିବନ୍ଧ ଉଦଘାଟିତ ହୋଇଛି। ଏଥିରେ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ରଙ୍କ ଅଧକ୍ଷତାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟଅତିଥି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ଲାବଣ୍ୟ ଜୟସିଂହ, ହାଡୁବନ୍ଧୁ ମହାପାତ୍ର ଓ ସମିତି ସଭ୍ୟ ନଳିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଜଳ ବିଭାଜିକା ପ୍ରକଳ୍ପରେ ଆଡ଼ିବନ୍ଧ ଦ୍ୱାରା ଚାଷୀ ମାନେ ମରୁଡି ସମୟରେ ଚାଷ କାର୍ଯ୍ୟ ପାଇଁ ଉପଯୋଗ କରି ପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ଶ୍ରୁତି ନନ୍ଦ, ଟାଙ୍ଗୀ ବ୍ଲକର ମାନସୀ ମହାପାତ୍ର, ସହକାରୀ ମୃତ୍ତିକା ସଂରକ୍ଷଣ କୃଷି ଯନ୍ତ୍ରୀ ଡ. ପ୍ରେରଣା ପ୍ରିୟଦର୍ଶିନୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମନୋଜ କୁମାର ମାଝୀ, ସହକାରୀ କୃଷି ଅଧିକାରୀ ଶୁଭ୍ରାନ ରାଉଳ, ଭ୍ରାମ୍ୟମାଣ ପଶୁ ଚିକିତ୍ସା ଅଧିକାରୀ ବନ୍ଦିତା ବେହେରା ଓ ଉଦ୍ୟାନ ବିଭାଗ ଓଭରସିଅର ହୁଲାସ ଦେଈଙ୍କ ସମେତ ଜନ ସାଧାରଣ ଉପସ୍ଥିତ ରହିଥିଲେ।

ଗିନି କପ୍ କ୍ରିକେଟ : ଫାଇନାଲରେ ସୋଲାର କ୍ଲବ ଆଲଫା

ଖୋର୍ଦ୍ଧା,୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଂଟ୍‌ର ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୋଲାର କ୍ଲବ, ଆଲଫା ବ୍ରହ୍ମପୁରକୁ ୪୨ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଆଲଫା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତି ନେଇଥିଲେ। ସୋଲାର କ୍ଲବ ନିର୍ଧାରିତ ୨୦ଓଭରରେ ୮ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲେ। ଜବାବରେ ଆଲଫା ଦଳ ୧୬ ଓଭର ୩ ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୧୨୮ ରନ୍ ରେ ସୀମିତ ରହିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସୋଲାର କ୍ଲବ୍ ର ଜାମଳା ମହାପାତ୍ରଙ୍କୁ ଅତିଥି ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ ଏବଂ ଖୋର୍ଦ୍ଧା ପୌରଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ପୁରସ୍କୃତ କରିଥିଲେ। ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଂଚ ପରିଚାଳନା କରିଥିଲେ। ଶରତ ଚନ୍ଦ୍ର ସାହୁ ଏବଂ ଅଭିନନ୍ଦନ ପାତ୍ର ଖେଳ ପରିଚାଳନା କରିଥିବା ବେଳେ ଜନ୍ମେଜୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ।

ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର

ବାଣପୁର,୧୦।୧(ସମିସ) : ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଛାତ୍ରୀ ମାନେ ନିଜେ ନିଜକୁ କିପରି ସୁରକ୍ଷିତ ରଖିବେ, ସେଥିପାଇଁ ରାଜ୍ୟର ସମସ୍ତ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍ ଦିଆଯାଉଛି। ଏହି କ୍ରମରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ଶ୍ରେଣୀର ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଚଳିତ ମାସ ୯ ତାରିଖ ଠାରୁ ଆରମ୍ଭ କରି ୧୯ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମା ଯୋଗଦେଇ ଆତ୍ମରକ୍ଷା କୌଶଳର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଉକ୍ତ ଶିବିରର କାର୍ଯ୍ୟକ୍ରମ ସଂଯୋଜିକା ଭାବେ ଅଧ୍ୟାପିକା ମିକି ମନସ୍ୱିନୀ ଦାୟିତ୍ୱ ତୁଲାଇ ଥିବା ବେଳେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନି ମୁଦୁଲି ଓ ଜି. ସାବିତ୍ରୀ ଆଚାରୀ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ

ବେଗୁନିଆ,୧୦।୧(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ମାଁ ବରମୂଳେଇ ପୀଠରେ ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ ଉତ୍ସବ ଓ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧକ୍ଷତା ଓ ବରିଷ୍ଠ ସଭ୍ୟ ବଳରାମ ରଣସିଂହଙ୍କ ସଂଯୋଜନାରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ରାମ ଶଙ୍କର ପଟ୍ଟନାୟକ ମୁଖ୍ୟଅତିଥି, ବୋଲଗଡ ବ୍ଲକ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବୈକୁଣ୍ଠ ମହାରଣା ମୁଖ୍ୟବକ୍ତା ଓ ବରିଷ୍ଠ କର୍ମକର୍ତ୍ତା ଗଙ୍ଗାଧର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସରକାର ଗୁରୁତ୍ୱ ଦେଇ ସୁବିଧା ଓ ସୁଯୋଗ ପ୍ରଦାନ କରିବାକୁ ମତ ପ୍ରକାଶ ପାଇଥିଲା। ପରେ ବେଗୁନିଆ ପୁଲିସ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କରାଯାଇଥିବାବେଳେ ସମ୍ପାଦକ ମନ ମୋହନ ମିଶ୍ର ଧନ୍ୟବାଦ କରିଥିଲେ।

ବୃତ୍ତି ପରୀକ୍ଷାରେ ବିଜେବି ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ବାଣପୁର,୧୦।୧(ସମିସ) : ଚଳିତ ବର୍ଷର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବାଣପୁର ବ୍ଲକ ଅଲାଇଡିହସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ବିଶେଷ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ସ୍ୱାଇଁ ପଞ୍ଚମ ଶ୍ରେଣୀ ଓ ଛାତ୍ର ବିଭୁ କଲ୍ୟାଣ ସାହୁ, ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଲାଭ କରିଛନ୍ତି। ସେହିପରି ଛାତ୍ରୀ ସାଇଶ୍ରୀ ପ୍ରିୟଦର୍ଶିନୀ ମାଳି ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ମନୋଜ କୁମାର ମହାନ୍ତି ଓ ଶିକ୍ଷକ ପ୍ରତିନିଧି ଅନ୍ନପୂର୍ଣ୍ଣା ପ୍ରଧାନ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି।

ବସ୍‌ରୁ ଧରାହେଲେ ୨ ନକଲି ପୁଲିସ

ବେଗୁନିଆ,୧୦।୧ (ସମିସ): ଶୁକ୍ରବାର ଦିନ ରାତ୍ର ୧୦ ଘଟିକା ସମୟରେ ଯାତ୍ରୀବାହୀ ବସରୁ ଦୁଇ ନକଲି ପୁଲିସ ଅଧିକାରୀଙ୍କୁ ଧରିବା ବେଳେ ୧୧୨ରେ କାର୍ଯ୍ୟରତ ଜଣେ ଅସଲି ସହାୟକ ପୁଲିସ ଅଧିକାରୀ ସହ ଗାଡ଼ିର ଚାଳକକୁ ମାଡ଼ ମାରି ଲହୁଲୁହାଣ କରି ଦେଇଥିବାର ପୁଲିସ ପକ୍ଷରୁ ସୂଚନା ଦେଇଛନ୍ତି। ଭୁବନେଶ୍ୱରରୁ-ସିନାପଲି ଯାଉଥିବା ଦିଲଖୁସ ଯାତ୍ରୀବାହୀ ବସ୍‌ରେ ସଦର ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମର ତୋଫାନ ସାବତ (୨୭) ଓ କାହ୍ନୁ ସାବତ (୩୦) ଖୋର୍ଦ୍ଧା ସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରୁ କଳାହାଣ୍ଡି ଜିଲ୍ଲାର ନର୍ଲା ଯିବା ପାଇଁ ଚଢ଼ିଥିଲେ। ପରେ ଗାଡ଼ି ଭିତରେ ଧୂମ୍ରପାନ କରୁଥିବା ବେଳେ ଜଣେ ଯାତ୍ରୀ ଅସୁସ୍ଥ ଅନୁଭବ କରିବାରୁ ଧୂମ୍ରପାନରୁ ନିବୃତ ହେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଯାତ୍ରୀଙ୍କ ଗନ୍ତବ୍ୟ ସ୍ଥଳରେ ପହଁଚିଲେ ଶ୍ରୀ ସାବତ ଲୋକ ଲଗାଇ ମାଡ଼ ମାରିବାକୁ ଧମକାଇ ଥିଲେ। ଏହି ଘଟଣାରେ ବସ୍ କଣ୍ଡକ୍ଟର ପହଁଚି ବୁଝାସୁଝା କରିବା ପରେ ମଧ୍ୟ ନିବୃତ ହୋଇ ନ ଥିବା ବେଳେ ସେଥିମଧ୍ୟରୁ ଅନ୍ୟ ଜଣେ ଯାତ୍ରୀଙ୍କୁ ଅସହ୍ୟ ବୋଧ ହେବାରୁ ୧୧୨ ପୁଲିସକୁ କଲ କରିଥିଲେ। ଏଥି ମଧ୍ୟରେ ବସ୍‌ଟି ବେଗୁନିଆ ଥାନା ଅନ୍ତର୍ଗତ ଗଡତରା ଠାରେ ପହଁଚି ଯାଇଥିବା ବେଳେ ପୁଲିସ ଦୁଇ ଯୁବକଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହା ପରେ ଜଣେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପରିଚୟ ଦେଇଥିବା ବେଳେ ଅନ୍ୟ ଜଣେ ଅତିରିକ୍ତ ଏସପି ବୋଲି ପରିଚୟ ଦେଇ ଅସଲି ପୁଲିସକୁ ଆକ୍ରମଣ କରିବାରୁ ୧୧୨ରେ କାର୍ଯ୍ୟ କରୁଥିବା ସହକାରୀ ଉପନୀରିକ୍ଷକ ଜଗନ୍ନାଥ ସେଠୀ ଓ ଗାଡ଼ିର ଚାଳକ ଅବଦୁଲ ମେରାଜ୍ ଖାଁ ଆହତ ହୋଇଛନ୍ତି। ପରେ ଉଭୟଙ୍କୁ ଥାନାକୁ ଆଣି ଏକ ମାମଲା ରୁଜୁ କରି ତଦନ୍ତ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ କହିଛନ୍ତି।

୧୯୮୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ନିରାକାରପୁର,୧୦।୧ (ସମିସ): ଖୋରଧା ଜିଲ୍ଲା ସିକୋ ଚନ୍ଦ୍ରେଶେଖର ହାଇସ୍କୁଲ ୧୯୮୪ ମସିହା ବ୍ୟାଚ ମାଟ୍ରିକ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ସ୍ଥାନୀୟ ତାରାଦେଇ ପୀଠରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ମନୋଜ କୁମାର ପାତ୍ର ଓ ମହମ୍ମଦ ଇଲିଆସ ଖାଁ ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରଛାତ୍ରୀଙ୍କ ମଙ୍ଗଳ କାମନା କରିଥିଲେ। ବିଜୟ ରାଉତରାୟ, ବିଶ୍ୱନାଥ ମଙ୍ଗରାଜ, ଅର୍ଜୁନ ସିଂହ, ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଭାତ ସାହୁ, ପ୍ରମୋଦ ସାହୁ, ପାଣ୍ଡବ ସାହୁ, ମନୋଜ ସାହୁ, ପଦ୍ମାରବିନ୍ଦ ରାୟ, ପ୍ରଭାତ ମହାନ୍ତି, ଦାଶରଥି ପ୍ରହରାଜ, ବୈକୁଣ୍ଠ ସ୍ୱାଇଁ, ସତ୍ୟବ୍ରତ ହରଣସିଂହ, ବୀଣାପାଣି ନରେନ୍ଦ୍ର, ପ୍ରଭାସିନୀ ନରେନ୍ଦ୍ର ଓ ମଞ୍ଜୁବାଳା ମାର୍ଥା ପ୍ରମୁଖ ସହଯୋଗ କରିଥିଲେ।

ଆଜି ମେଗା ସ୍ୱାସ୍ଥ୍ୟ ଶିବିର

ବାଲୁଗାଁ,୧୦।୧(ସମିସ) : କିମ୍ସ ହସ୍ପିଟାଲ ଭୁବନେଶ୍ୱର ତରଫରୁ ରବିବାର ନାଚୁଣୀ ମହାବିଦ୍ୟାଳୟ ପରିସରରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଅଛି। ଶିବିର ସୁପରିଚାଳନା ଲାଗି ଶୁକ୍ରବାର ମହାବିଦ୍ୟାଳୟ ପରିସରରେ କିଟ ଓ କିମ୍ସ ଉପଦେଷ୍ଟା ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣୀଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ କିମ୍ସ ହସ୍ପିଟାଲର ଡକ୍ଟର ହରିଶ ଚୌଧୁରୀ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା ଓ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଧୃଷ୍ଟମନ୍ତ ହରିଚନ୍ଦନ, ବାଲୁଗାଁ ବିଜେପି ନଗର ସଭାପତି ସନ୍ତୋଷ ପାଇକରାୟ ଉପସ୍ଥିତ ଥିଲେ। ଉକ୍ତ ଶିବିର ସକାଳ ୯ ଘଟିକା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ଯାଏଁ ଚାଲିବାକୁ ଥିବା ବେଳେ ୨୫ଟି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ବିଭିନ୍ନ ରୋଗରେ ପୀଡ଼ିତ ଥିବା ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ହସ୍ପିଟାଲ ତରଫରୁ ନିଶୁଳ୍କରେ ଔଷଧ ବଣ୍ଟନ ଓ ବିଭିନ୍ନ ପ୍ରକାର ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି।

ଖୋଲିନି ଧାନମଣ୍ଡି, ମିଲରଙ୍କ ଦେଖାନାହିଁ

ନିରାକାରପୁର,୧୦।୧ (ସମିସ): ଜିଲ୍ଲାରେ ଧାନ ମଣ୍ଡି ଜାନୁଆରୀ ୭ ତାରିଖରୁ ଆରମ୍ଭ ହେଲେ ମଧ୍ୟ ଏଯାବତ୍ କୌଣସି ଗୋଟିଏ ବି ସମିତି ତରଫରୁ ଧାନ ମଣ୍ଡି ଖୋଲି ହୋଇ ପାରିନାହିଁ। ଏହାର ପ୍ରମୁଖ ଏବଂ ବଡ଼ କାରଣ ହେଉଛି ଅଧିକ ଲୋକଙ୍କର ଟୋକନ ଏପର୍ଯ୍ୟନ୍ତ ଆସିନାହିଁ। ଜିଲ୍ଲା ସହକାରୀ ନିବନ୍ଧକ ଭାଗମତ ମାରାଣ୍ଡିଙ୍କୁ ଟୋକାନ ବିଳମ୍ବ ବାବଦରେ ପଚାରିବାରୁ ପ୍ରଥମ ପର୍ଯ୍ୟାୟରେ କିଛି ଟୋକନ୍ ଯାଇଛି ଏବଂ ପର୍ଯ୍ୟାୟ କ୍ରମେ ସବୁ ଟୋକନ୍ ଯିବ। ଯଦି ଟୋକନ୍ ଆସିବ ତେବେ କେବେ ଆସିବ ଧାନ ମଣ୍ଡି ତ ଜିଲ୍ଲାରେ ଆରମ୍ଭ ହୋଇ ଗଲାଣି। ଯେଉଁ ମାନଙ୍କର ଟୋକନ୍ ଆସୁନି ସେମାନେ କଣ ପଛରେ ଧାନ ଦେବେ , କିଛି ଲୋକଙ୍କର କହିବା କଥା ପଛେ ଦେଇଥିବା ଲୋକଙ୍କର ଟୋକନ୍ ଆସିଲାଣି କିନ୍ତୁ ଆଗ ଦେଇ ମଧ୍ୟ ଟୋକନ୍ ଆସି ନାହିଁ ଯାହାକି ଆଲୋଚନାର ବିଷୟ ହୋଇଛି।

ଟାଙ୍ଗୀ ବ୍ଲକର ଶ୍ରୀ ଜଗନ୍ନାଥ ମିଲକୁ ୫ ଟି ସମିତି ଯଥା ବଡ଼ପାରୀ, ଟାଙ୍କୋଲ , ଟାଙ୍ଗୀ, ନୂଆଗଡ, କାଶିପୁର -୨ ଏବଂ ଶ୍ରୀ ଚଣ୍ଡୀ ହର ଦେବ ରାଇସ ମିଲ କୁ ୯ ଟି ସମିତି ଯଥା ଭୁଷନଡ଼ପୁର, କନ୍ତଲବାଇ, ଲେଣ୍ଡୋ, ରାମେଶ୍ୱର, ବଡପୋଖରୀଆ, ସୁନ୍ଦରପୁର, କମାଗୁରୁ, କୁହୁଡ଼ି, ରାମେଶ୍ୱର ଏବଂ ଶ୍ରୀ ଗଣେଶରାଇସ ମିଲ ସହ କେବଳ ଗୋଟିଏ ସମିତି ଓଲାସିଂହ, ଶ୍ରୀ ଶକ୍ତି ତାରିଣୀ ରାଇସ ମିଲ କାଶୀପୁର -୨, ରାମେଶ୍ୱର, ଲେଣ୍ଡୋ ସମିତିରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଜଣାଇ ଦିଆଯାଇଛି। ଯଦି ଧାନ ମଣ୍ଡି ବିଳମ୍ବରେ ଆରମ୍ଭ ହୁଏ ତାହେଲେ ଚାଷୀମାନେ ହଇରାଣ ହେବାକୁ ପଡିବ କାରଣ ଟୋକନ୍ ଅବଧି ଭିତରେ ଯଦି ଧାନ ନ ଉଠେ ତାହେଲେ ଲୋକେ ବାଧ ହୋଇ ମିଲ ପଏଣ୍ଟ ରେ ନେଇ ଧାନ ଦେବେ ଯାହା ଫଳରେ ମିଲର ମାନେ ମାଲେ ମାଲ ହେବେ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି। ଯଦି ମିଲର ଟାର୍ଗେଟ ପକେଇ ସାରିଲେଣି ତାହେଲେ ଧାନ କିଣୁନାହାନ୍ତି କାହିଁକି ଯେତେ ବିଳମ୍ବ ହେବ ସେତେ କଟନି ଛଟନି ହେବେ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି।

ଆପାର୍ଟମେଣ୍ଟ କାମ ଶୀଘ୍ର ସାରିବାକୁ ଶ୍ରମିକ କଂଗ୍ରେସର ଦାବି

ଜଟଣୀ,୧୦।୧(ସମିସ): ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଅବସ୍ଥିତ ରେଳ କର୍ମଚାରୀଙ୍କ ପରିବାର ରହଣି ନିମନ୍ତେ ପାଞ୍ଚବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଆପାର୍ଟମେଣ୍ଟ ଅର୍ଦ୍ଧନିର୍ମିତ ଭାବେ ପଡ଼ିରହିଛି। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରୀ ରମେଶ ସାହୁ ଓ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ଶାଖା ସମ୍ପାଦକ ଏଲ ଡି ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କର୍ମଚାରୀଙ୍କ ମୌଳିକ ସୁବିଧା ପାଇଁ ଖୋର୍ଦ୍ଧାରୋଡ ଷ୍ଟେସନ ଓ ଲୋକୋ କଲୋନୀ ପରିଦର୍ଶନ କରି ନିର୍ମାଣ ପାଇଁ ଦାବି ଉପସ୍ଥାନ କରିଥିଲେ। ଏତେଗୁଡାଏ ଅର୍ଥ ଖର୍ଚ୍ଚ କରି ଅର୍ଦ୍ଧନିର୍ମିତ ରେ ଛାଡ଼ିଦେବା ଦ୍ୱାରା ବାସ ଗୃହ ପାଇଁ ରେଳ କର୍ମଚାରୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ତା ସହିତ ଖୋର୍ଦ୍ଧାରୋଡ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୫ ପଲାସା ଏଣ୍ଡରେ ଜଳ ନିଷ୍କାସନ ନିମନ୍ତେ ଉଦ୍ଦିଷ୍ଟ ନାଳକୁ ସଫା କରାଯାଉନଥିବାରୁ ଶହେ ମିଟର ପର୍ଯ୍ୟନ୍ତ ଉଭୟ ନାଳ ଓ ଲାଇନ ପଙ୍କ କାଦୁଅ ଜମିରହି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଶାଖା ସମ୍ପାଦକ ଶ୍ରୀ ମହାନ୍ତି ତୁରନ୍ତ ସ୍ୱାସ୍ଥ୍ୟ ଅଧିକାରୀ ମନୁ କୁମାରଙ୍କୁ ଘଟଣା ସ୍ଥଳକୁ ଡାକି ଅବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଟିଆରଡି ଡିପୋ ରେ ବାକି ଥିବା କାମ ଶୀଘ୍ର ସାରିବାକୁ କର୍ମଚାରୀ ମାନେ ଦାବି କରିଥିଲେ। ଟିଆରଡ଼ି ଡିପୋ କାମ ଉପରେ ଶ୍ରମିକ କଂଗ୍ରେସର ଦାବିପତ୍ରକୁ ମଞ୍ଜୁରୀ ମିଳିଛି ଖୁବ୍ ଶୀଘ୍ର କାମ ଆରମ୍ଭ ହେବ। ଆପାର୍ଟମେଣ୍ଟ ଓ ଡିଜେଲ ପାଇପ ତୁରନ୍ତ ହଟାଇବା ପାଇଁ ଲିଖିତ ଦାବିପତ୍ର ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ହାଜି ମୁସ୍ତାକ ଅଲ୍ଲୀ, ଉପସଭାପତି ଫକୀର ନାୟକ, ସହ ସମ୍ପାଦକ ସୁନୀଲ ପରିଡା, ବିକ୍ରମ ସାହୁ ଓ ଅନ୍ୟ କର୍ମୀ ଉପସ୍ଥିତ ଥିଲେ।

ପ୍ଲାଷ୍ଟିକମୁକ୍ତ ସଚେତନତା ଅଭିଯାନ

ବାଲୁଗାଁ,୧୦।୧(ସମିସ) : ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡକ୍ରସ ଓ ରୋଭର୍ସ ଶାଖାର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକମୁକ୍ତ ସ୍ଥାୟୀ ପରିସର ସମ୍ପର୍କିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟାପକ କୈଳାଶ ଚନ୍ଦ୍ର ମହାରଣା, ମୋନାଲିସା ମାନସିଂହ, ଅଧ୍ୟାପିକା ରୀନା ରାଉତ, ମନସ୍ୱିନୀ ପଟ୍ଟନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ଝରଣା ନାଥ, ଅଧ୍ୟାପକ ଶିବରାମ ସିଂହ ଓ ଧୋବି ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ପଡିଥିବା ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନା ଆଦି ସଫେଇ କରିଥିଲେ।

ଅବସରପ୍ରାପ୍ତ ସେସୁ କର୍ମଚାରୀଙ୍କ ବିୟୋଗରେ ଶୋକ

ନିରାକାରପୁର,୧୦।୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଡିଆ ପଞ୍ଚାୟତ ଅନ୍ତର୍ଗତ କପିଳେଶ୍ୱର ଗ୍ରାମର ଅବସରପ୍ରାପ୍ତ ସେସୁ କର୍ମଚାରୀ ବିନୋଦ ବିହାରୀ ଜେନା (୯୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ପତ୍ନୀ, ୩ପୁତ୍ର, ୩ ପୁତ୍ର ବଧୂ ଓ ନାତିନାତୁଣୀଙ୍କ ସହ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତାଙ୍କର ପାର୍ଥିବ ଶରୀର ଗ୍ରାମର ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା ସମାପନ କରାଯାଇଛି।

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଜଟଣୀ,୧୦।୧(ସମିସ) : ରାଷ୍ଟ୍ରଗୀତ "ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଅବସରରେ ଜଟଣୀ ପୌର ପରିଷଦ ସ୍ତରୀୟ ପ୍ରଶିକ୍ଷଣ ଓ ସାମୁହିକ ଗାନ କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ ହଲ (ସ୍ରଷ୍ଟା), ଜଟଣୀ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌରାଞ୍ଚଳ ଅଧୀନ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରୁ ଜଣେ ଲେଖାଏଁ ଶିକ୍ଷକ ପ୍ରଶିକ୍ଷଣ ନେବା ପାଇଁ ସରକାଙ୍କ ନିର୍ଦ୍ଦେଶ କ୍ରମେ ଆସିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ନଗରପାଳ ଅନନ୍ତ ବେହେରା, ଉପାଧକ୍ଷା ଆରତୀ ରାଉତ, ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସମନ୍ତସିଂହାର, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦାନ କରିବା ସହ ମାଷ୍ଟର ଟ୍ରେନର ଭାବେ ଜଟଣୀ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡାକ୍ତର ବିଜୟ ଶଙ୍କର, ରାଜା ବଜାର ବିଦ୍ୟାଳୟର ମାନଗୋବିନ୍ଦ ସାହୁ, ଲୋକୋ ସେଟଲମେଣ୍ଟ ବିଦ୍ୟାଳୟର ଶ୍ରୀନିବାସ ପାଇକରାୟ ଉପସ୍ଥିତ ଥିବା ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ୧୨ତାରିଖରେ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ବିଦ୍ୟାଳୟ ସ୍ତରରେ ସମୂହ ଗାନ କରିବା ସହ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରିବେ। ଏହି କାର୍ଯ୍ୟକ୍ରମକୁ ଜଟଣୀ ପୌର ପରିଷଦ ପକ୍ଷରୁ ସୁଜ୍ଞାନୀ ପାଢ଼ୀ, ମନସ୍ୱିନୀ ମହାରଣା, ଜ୍ୟୋତିରଞ୍ଜନ ରାଉତରାୟ, ସତ୍ୟବ୍ରତ ତ୍ରିପାଠୀଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

ଚୋରା ପଥର ଟ୍ରକ ଜବତ

ବେଗୁନିଆ,୧୦।୧(ସମିସ): ବାଘମାରୀ ଥାନା ଅନ୍ତର୍ଗତ କୋଟପଲା - ଓସ୍ତପୁର ମଧ୍ୟରେ ବେଆଇନ ଭାବେ ପଥର ବୋଝେଇ ଟ୍ରକ୍ ଜବତ ହୋଇଥିବା ବେଳେ ଚାଳକ ଫେରାର ହୋଇ ଯାଇଛି। ବାଘମାରୀ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ସୂଚନା ଅନୁଯାୟୀ ଘଟଣା ସ୍ଥଳରେ ଉପନୀରିକ୍ଷକ ଚନ୍ଦନ ଦାସ ପହଁଚି ଏକ କେସ ରୁଜୁ ସହ ଗାଡ଼ିକୁ ଜବତ କରି ଥାନାକୁ ଆଣିଛନ୍ତି ବୋଲି କହିଛନ୍ତି।

ଅଖିଳ ଭାରତ ଆଦିବାସୀ ମହାସଭାର ବାର୍ଷିକ ସମ୍ମିଳନୀ

ବୋଲଗଡ଼,୧୦।୧(ସମିସ): ଖୋର୍ଦ୍ଧା ଜିଲ୍ଲା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ଦଶମ ବାର୍ଷିକୀ ଅଖିଳ ଭାରତ ଆଦିବାସୀ ମହାସଭାର ବାର୍ଷିକ ସମ୍ମିଳନୀ ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ବିରଞ୍ଚି ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଦିବାସୀ ମହାସଂଘ ର ଉପଦେଷ୍ଟା କ୍ଷୀରୋଦ ସିଂଦେଓ, ମୁଖ୍ୟବକ୍ତା ଭାବେ ରାଜ୍ୟ ଆଦିବାସୀ ମହାସଭାର ମୁଖ୍ୟ ଉପଦେଷ୍ଟା ବସନ୍ତ ପାଇକରାୟ ଏବଂ ସମ୍ମାନିତ ଅତିଥି ରୂପେ ସିପିଆଇର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଆଇନଜୀବୀ ଅମୀୟ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ବିଜୟ ଗୁମାନସିଂହ, ଶ୍ରମିକ ନେତା ସୁମନ୍ତ ଛୋଟରାୟ, ଉତ୍କଳ ମହିଳା ସମିତି ର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ବ୍ଲକ ସଭାପତି ଲଛମନ ନାଏକ, ଉପସଭାପତି ଆଶିଷ ନାଏକଙ୍କ ସମେତ ହରିବନ୍ଧୁ ରଣସିଂହ, ଭକ୍ତ ବଲ୍ଲଭ ପଟନାୟକ, ବସନ୍ତ ସେଠୀ, ଫକୀର ନାଏକ, ସୁବାସିନୀ ନାଏକ, କନକ ଦେଇ, ଶ୍ୟାମାକାନ୍ତ ପଟନାୟକ, କେଲୁ ଦେହୁରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଶୀଘ୍ର ଧାନ ମଣ୍ଡି ଖୋଲାଯାଉ, ସମସ୍ତ ଚାଷୀ ମାନଙ୍କୁ ମଣ୍ଡିରେ ଧାନ ବିକ୍ରି ପାଇଁ ଟୋକନ ପ୍ରଦାନ କରାଯାଉ, ବିଧବା ଓ ବାର୍ଦ୍ଧକ୍ୟ ହିତାଧିକାରୀ ମାନଙ୍କୁ ସଠିକ ସମୟରେ ଭତ୍ତା ଅର୍ଥ ରାଶି ପ୍ରଦାନ କରାଯାଉ, ଭତ୍ତା ପାଇଁ ଆବେଦନ କରିଥିବା ୬୦ବର୍ଷରୁ ଉଦ୍ଧ୍ୱର୍ ବ୍ୟକ୍ତି ଏବଂ ବରିଷ୍ଠ ବାର୍ଦ୍ଧକ୍ୟ ବୟସ ୮୦ବର୍ଷ ରୁ ଉର୍ଦ୍ଧ ଯୋଗ୍ୟ ଆବେଦନ କାରୀଙ୍କୁ ହିତାଧିକାରୀ ଭାବେ ପଞ୍ଜିକୃତ କରାଯାଇ ଭତ୍ତା ପ୍ରଦାନ କରାଯାଉ । ଆଦିବାସୀ ମାନଙ୍କ କ୍ଷେତ୍ରରେ ସଅର ପରିବର୍ତ୍ତେ ଶବର କରାଯାଇ ଜାତିଗତ ପ୍ରମାଣ ପତ୍ର ପ୍ରଦାନ, ଗ୍ରାମାଞ୍ଚଳର ସମସ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ଗୁଡିକୁ ମରାମତି କରାଯାଇ । ଯୋଗ୍ୟ ହିତାଧିକାରୀ ମାନଙ୍କୁ ଖାଉଟି କାର୍ଡ ଯୋଗାଇ ଦିଆଯାଉ ଇତ୍ୟାଦି ଦାବି କରାଯାଉଛି। ଏହି ଦାବୀ ଗୁଡିକ ପୁରଣ ନହେଲେ ଆଗାମୀ ଦିନରେ ଆଦିବାସୀ ମହାସଂଘ ପକ୍ଷରୁ ବୋଲଗଡ଼ ବ୍ଲକ ଘେରଉ କରାଯିବ ବୋଲି ବୈଠକରେ ରାଜ୍ୟ ସମ୍ପାଦକ ବିରଞ୍ଚି ମାଝୀ ଓ ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ପାଇକରାୟ ଚେତାବନୀ ଦେଇଥିଲେ। ବେଣୁଧର ଭୁଜବଳ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରାଉନସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା,୧୦।୧(ସମିସ): ଭାଲିଆବାଡି ନୂଆ ମହୋତ୍ସବ ପଡିଆ ନିକଟରୁ ପୁଲିସ ୨ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ କଲ୍ୟାଣପୁର ସନ୍ତୋଷ କୁମାର ରାଉତରାୟ ଓରଫ୍ ସନ୍ତୁ (୪୩) ଏବଂ ବିଜେବି ନଗରର ସୂର୍ଯ୍ୟକାନ୍ତ ନାୟକ ଓରଫ୍ ବାବୁ (୩୩)। ପୁଲିସ ତା ଠାରୁ ୧୪ଗ୍ରାମ ବ୍ରାଉନସୁଗର ଓ ଦୁଇଟି ଫୋନ୍ କୁ ଜବତ କରିଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୧ଲକ୍ଷ ୪୦ହଜାର ହେବ ବୋଲି ପୁଲିସ ଆକଳନ କରିଛି। ଅତିରିକ୍ତ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରି ଦୁଇଜଣଙ୍କୁ କାବୁ କରିଥିଲେ। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

ନରେଗା ଯୋଜନାରେ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଃ ଯୋଡ଼ନ୍ତୁ କେନ୍ଦ୍ର ସରକାର

ରାଜରାସ୍ତାରେ ପ୍ରତିବାଦ କରିବ କଂଗ୍ରେସ

ଖୋର୍ଦ୍ଧା,୧୦।୧(ସମିସ):

ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜନସାଧାରଣଙ୍କୁ ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟା ଯିବା ସମ୍ପର୍କରେ ସଚେତନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ଯୋଗଦେଇ ୟୁପିଏ ସରକାର ସମୟରେ ବେକାରୀ ଲୋକଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ମହାତ୍ମା ଗାନ୍ଧୀ ନରେଗା ଯୋଜନାରେ କୋଟି କୋଟି ଜନସାଧାରଣ ଉପକୃତ ହେଉଥିଲେ। ଖୁବ୍ ନିକଟରେ ବିଜେପି ଷଡଯନ୍ତ୍ର କରି ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇ ନୂତନ ଯୋଜନା କରି ଏହି ଯୋଜନାର ଲକ୍ଷ୍ୟ ପୂରଣ ଦିନରେ ପ୍ରତିବନ୍ଧକ ସାଜିଛନ୍ତି। ଏହାକୁ କଂଗ୍ରେସ ଦଳ ତୀବ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛି। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏହାକୁ ପୂର୍ବଭଳି ମହାତ୍ମା ଗାନ୍ଧୀଙ୍କ ନାମ ନ ଯୋଡ଼ନ୍ତି କଂଗ୍ରେସ ଦଳ ରାହୁଲ ଗାନ୍ଧୀ ଓ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଦୃଢ଼ ପ୍ରତିବାଦ କରିବ ବୋଲି କହିଥିଲେ।

ସେହିଭଳି ରାଜ୍ୟରେ ବିଜୁଳି ଉପଭୋକ୍ତାମାନଙ୍କୁ ଟାଟା କମ୍ପାନୀ ଯେଉଁଭଳି ଭାବରେ ଶୋଷଣ କରୁଛି ତାହା ଅତ୍ୟନ୍ତ କ୍ଷୋଭର ବିଷୟ। ଉପଭୋକ୍ତାମାନଙ୍କ ପାଇଁ ଥିବା ବ୍ୟବସ୍ଥାକୁ କାର୍ଯ୍ୟ କରାଯାଉ ନାହିଁ। ମନମୁଖି ଶୁଳ୍କ, ସ୍ମାର୍ଟ ମିଟର ପାଇଁ ଦେୟ ଉପଭୋକ୍ତା ମାନଙ୍କୁ ଆର୍ଥିକ ସଂକଟ ମଧ୍ୟକୁ ଠେଲି ଦେଇଛି ବୋଲି ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ କହିଥିଲେ। ଏଥିସହିତ ରାଜ୍ୟରେ ଧାନର ଅଭାବି ବିକ୍ରୀ ଉତ୍କଟ ହେଲାଣି। ଚାଷୀଭାଇ ମାନେ ଅମଳ କରିଥିବା ଧାନକୁ ସରକାର ଉଠାଉ ନାହାନ୍ତି। ମଣ୍ଡିରେ ଶହ ଶହ ବସ୍ତା ଧାନ ପଡ଼ିରହିଛି। ଯେତିକି ଧାନ ଉଠୁଛି କଟନି ଛଟନି ଚାଷୀଭାଇମାନଙ୍କୁ ଅତ୍ୟନ୍ତ ବାଧୁଛି। ଏ ସମସ୍ତ ଦିଗ ପ୍ରତି ସରକାର ସଚେତନ ନହେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱିବଲଭ ପଟ୍ଟନାୟକ, ସ୍ୱାଗତିକା ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ଶିଶିର ପରିଡ଼ା, ଅମିତ ମହାନ୍ତି, ରଣଜିତ ମହାପାତ୍ର, ଅଶୋକ ମଙ୍ଗରାଜ ଉପସ୍ଥିତ ଥିଲେ।

ସକାଳ
THE SAKALA

ବିଭିନ୍ନ କାର୍ଯ୍ୟକ୍ରମର ଜିଲ୍ଲାପାଳଙ୍କ ପରିଦର୍ଶନ ଓ ସମୀକ୍ଷା

ଝାରସୁଗୁଡ଼ା, ୧୦।୧(ସମିସ)

ମିଶନ ଆଶ୍ରା ଓ ଜରାଶ୍ରମ ପରିଦର୍ଶନ

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ହଠାତ୍ ଏଚ୍. କାଟାପାଲି ସ୍ଥିତ ମାନସିକ ଅନଗ୍ରସର କେନ୍ଦ୍ର (ମିଶନ ଆଶ୍ରା-୧) ଏବଂ ସୁଲଡିଆପଡ଼ା ସ୍ଥିତ ଜରାଶ୍ରମ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ କେନ୍ଦ୍ରର ପରିଚାଳନା ବିଷୟରେ ସମୀକ୍ଷା କରିଥିଲେ। ଏଥିସହ ଅନ୍ତେବାସୀଙ୍କ ଗହଣରେ କିଛି ସମୟ ବିତାଇବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ କେନ୍ଦ୍ରରେ ମିଳୁଥିବା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ତେବାସୀମାନଙ୍କୁ ସମୟାନୁସାରେ ଉତ୍ତମ ଖାଦ୍ୟ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ସେ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ବିଶେଷ କରି 'ସ୍ନେହ ସେତୁ' କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯେଉଁ ଅନ୍ତେବାସୀମାନେ ବିଭିନ୍ନ ସମୟରେ ଉଦ୍ଧାର ହୋଇ କେନ୍ଦ୍ରରେ ରହୁଛନ୍ତି, ସେମାନଙ୍କ ଘରର ଠିକଣା ତୁରନ୍ତ ଖୋଜି ବାହାର କରିବାକୁ ସେ କେନ୍ଦ୍ର ଇନଚାର୍ଜଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ସ୍ନେହ ସେତୁ' ମାଧ୍ୟମରେ ସେମାନଙ୍କୁ ନିଜ ପରିବାର ସହ ପୁନଃମିଳନ କରାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମିଶନ ଆଶ୍ରା-୧ର ଅନ୍ତେବାସୀମାନଙ୍କ ଦ୍ୱାରା ତିଆରି କରାଯାଉଥିବା ବାଉଁଶ ହସ୍ତଶିଳ୍ପକୁ ଜିଲ୍ଲାପାଳ ଦେଖିଥିଲେ। ଏହା ସେମାନଙ୍କ ମାନସିକ ବିକାଶ ଓ ଆତ୍ମନିର୍ଭରଶୀଳତା ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ।

ପଞ୍ଚପଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମୀକ୍ଷା

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପଞ୍ଚପଡ଼ା ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ଉପଲବ୍ଧ ଚିକିତ୍ସା ସେବା ଓ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଏହି ସମୟରେ ସେ ବିଭିନ୍ନ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ୟୁପିଏଚସିରେ ଥିବା ଡେଣ୍ଟାଲ୍ ଚେୟାରଟି ଅଚଳ ଥିବା ଦେଖି ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ଆସନ୍ତା ୭ ଦିନରେ କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସମ୍ପୃକ୍ତ ମେଡିକାଲ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଉଦ୍ଦିଷ୍ଟ ଶ୍ରେଡର ମେସିନ ବ୍ୟବହାର ହେଉ ନଥିବାରୁ, ସେଠାରେ ତୁରନ୍ତ 'ଥ୍ରୀ-ଫେଜ୍' ବିଦ୍ୟୁତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଥମ ମହଲା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଆରଆଣ୍ଡବି ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କଥା ସେ ପଚାରି ବୁଝିଥିଲେ। ଏହା ସହିତ ଗର୍ଭବତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ (ପିଏମ୍ଏସ୍ଏମ୍ଏ) ସେବାର ମଧ୍ୟ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଲାବୋରେଟୋରୀ ଓ ଏହାର କାର୍ଯ୍ୟକାରିତା ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ଓ ଶୃଙ୍ଖଳିତ ରୋଗୀ ସେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା ବୈଠକ

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜଳ ଓ ପରିମଳ ମିଶନର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ମେଗା ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପର ଅଗ୍ରଗତି ଏବଂ ସେଗୁଡିକର ସଫଳ ରୂପାୟନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଲଖନପୁର ବ୍ଲକର ୧୬ଟି ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଲୋକଙ୍କୁ ଯେପରି ନିରନ୍ତର ଏବଂ ସ୍ୱଚ୍ଛ ପାନୀୟ ଜଳ ମିଳିପାରିବ, ସେଥିପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତିଶୀଘ୍ର ୧୬ଟି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଅବଶିଷ୍ଟ ୪୨ଟି ପଞ୍ଚାୟତରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜଳଯୋଗାଣ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଅନ୍ୟାନ୍ୟ ପ୍ରକଳ୍ପଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ବୈଠକରେ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ପ୍ରକଳ୍ପର ସମ୍ପୃକ୍ତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

■ ଏପସିଲନ କାର୍ବନ କମ୍ପାନୀ ଦ୍ୱାରା ବେଆଇନ ଜଙ୍ଗଲ ଜମି ଜବରଦଖଲ ଘଟଣା

କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ଚେତାବନୀ

ଝାରସୁଗୁଡ଼ା, ୧୦।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଶ୍ରୀପୁରା ପଞ୍ଚାୟତ ସ୍ଥିତ ଏପସିଲନ କାର୍ବନ କମ୍ପାନୀ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲ ରଖି ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ମଧ୍ୟ କରାଯାଇଛି। ଏହା ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରାଯିବା ସହ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରଉ କରାଯିବ ବୋଲି ଶ୍ରୀପୁରା ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏପସିଲନ କମ୍ପାନୀ ଗାଁ ସଭାର ବିନା ଅନୁମତିରେ ବେଆଇନ ଭାବେ ଗ୍ରାମ୍ୟ ଜଙ୍ଗଲକୁ ନିଜ କମ୍ପାନୀର ରାସ୍ତା ଭାବେ ବ୍ୟବହାର କରିବା ନେଇ ଶ୍ରୀପୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ପାଦଚଲା ରାସ୍ତାର ଦୁଇପାର୍ଶ୍ୱରେ ଥିବା ଗଛ ଗୁଡିକୁ କାଟି କମ୍ପାନୀ ପରିବହନ ପାଇଁ ରାସ୍ତାକୁ ଚଉଡା କରାଯାଉଥିବା ଅଭିଯୋଗ ରହିଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ଯେ କୌଣସି ଜଙ୍ଗଲ ଜମିର ପରିବର୍ତ୍ତନ କି ହସ୍ତାନ୍ତର ପୂର୍ବରୁ ଗାଁ ସଭାର

ଅନୁମୋଦନ ଆବଶ୍ୟକ। ମାତ୍ର ଉକ୍ତ କମ୍ପାନୀ ରାସ୍ତା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମସଭାର ମଞ୍ଜୁରୀ ପାଇଁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ଅପରପକ୍ଷରେ ଜଙ୍ଗଲ ସୃଷ୍ଟି ପାଇଁ ଗ୍ରାମବାସୀ ଜଙ୍ଗଲ ଜମିରେ 'ଏକ ପେଡ ମାଁ କେ ନାମ' କାର୍ଯ୍ୟକ୍ରମ ଅନ୍ତର୍ଗତ ଜଙ୍ଗଲ ବିଭାଗ ସହିତ ମିଶି ୧ ହଜାର ଚାରାରୋପଣ କରିଥିଲେ। ସେହି ଗଛ ଗୁଡିକର ସୁରକ୍ଷା ପାଇଁ ବାଡ଼ କରାଯାଇଥିଲା। ମାତ୍ର ରାସ୍ତା ସଙ୍କୁଚିତ ହେଉଥିବା ଆଳ ଦେଖାଇ ଝାରସୁଗୁଡ଼ା ତହସିଲଦାର

ନିଦାବିଷ୍ଟ ପ୍ରଶାସନ, ଗ୍ରାମବାସୀଙ୍କ କ୍ଷୋଭ

ବାଡ଼କୁ ହଟାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୁଣି ଶ୍ରୀପୁରା ଗ୍ରାମବାସୀ ବିଗତ ଦିନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ଜିଲ୍ଲାପାଳ ତଥା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଝାରସୁଗୁଡ଼ା ଜିଲ୍ଲାପାଳ ଏବଂ ଡିଏଫ୍ଓଙ୍କୁ ଗାଁର ଶତାଧିକ ଜନସାଧାରଣ ଯାଇ ଘଟଣା ତଦନ୍ତ କରି ଜଙ୍ଗଲ ଜମିକୁ ମୁକ୍ତ କରିବା ପାଇଁ ନିବେଦନ କରିଥିଲେ। ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ତଥା ଜନ ପ୍ରତିନିଧି ଏପ୍ସିଲନ କମ୍ପାନୀ ଆଗରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିଥିଲେ। କମ୍ପାନୀ ବିରୋଧରେ ଏନଜିଟିରେ ମଧ୍ୟ ମାମଲା କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଏଯାଏଁ ତଦନ୍ତ ଆରମ୍ଭ କରିନାହାନ୍ତି। ଯାହାକୁ ନେଇ ଶ୍ରୀପୁରା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିବା ସହିତ ଜିଲ୍ଲା ପ୍ରଶାସନ ତଦନ୍ତ ପ୍ରକ୍ରିୟାରେ ବହୁ ବିଳମ୍ବ କରୁଥିବାରୁ ଆଗାମୀ ଦିନରେ ଶ୍ରୀପୁରା ଗ୍ରାମବାସୀରାଜରାସ୍ତାରେ ଆନ୍ଦୋଳନ କରିବା ସହିତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ନେଇଥିବା ନେଇ ଶ୍ରୀପୁରା ଗାଁର ଜିଲ୍ଲା ପରିଷଦ ସଦସ୍ୟ ଥିବା ଦିଗାମ୍ବର ଭୋଇ, ଶ୍ରୀପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ବିରଞ୍ଚି ମାଝୀ, ରୀନା ବାଗ, ମିନତୀ ପାତ୍ର ପ୍ରମୁଖ ମତ ପ୍ରକାଶ କରିଛନ୍ତି।

ଆବଣ୍ଟନ ହେଉନି ନବନିର୍ମିତ ଦୋକାନ ଗୃହ

ରାଉରକେଲା/ବଣାଇଁ, ୧୦।୧ (ସମିସ): ସରକାରୀ ଅର୍ଥ କେମିତି ଅପଚୟ ହୁଏ, ଲୋକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅନ୍ୟର ସ୍ୱାର୍ଥସାଧନ ପାଇଁ ବିଭାଗୀୟ ଯନ୍ତ୍ରୀ ସରକାରୀ କାର୍ଯ୍ୟକୁ କିଭଳି ଦଳିମକଚି ବଦଳାଇ ଦେଇ ପାରନ୍ତି ତାର ଏକ ଉଦାହରଣ ଦେଖିବାକୁ ମିଳିଛି ବଣାଇଁ ସହରରେ। ବଣାଇଁ ବ୍ଲକ ସଦର ମହକୁମା ଠାରୁ ଲଲେଇ ସେତୁକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବଣାଇଁ ତହସିଲ ଖାତା ନଂ ୬୦୮, ପ୍ଲଟ ନମ୍ବର ୧୦୫୭ ରେ ୦.୩୮ ଡେସିମିଲି ସରକାରୀ ଜମି ରହିଛି। ୨୦୨୨/୨୩ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ପାଣ୍ଠିରୁ ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବଣାଇଁ ବ୍ଲକ ପକ୍ଷରୁ ଏହି ଜମି ଉପରେ ଏକ ମାର୍କେଟ କମ୍ପ୍ଲେକ୍ସ (୫ଟି ବିପଣୀ ଗୃହ) ନିର୍ମାଣ କାର୍ଯ୍ୟ କରାଯାଇଛି। ଏହି ସରକାରୀ ଜମିକୁ ଲାଗି ପଛପଟେ ଏକ ବେସରକାରୀ ଜମି ରହିଥିବା ବେଳେ ସେ ଜମିକୁ ଯିବା ପାଇଁ କୌଣସି ପ୍ରକାର ରାସ୍ତା ନାହିଁ। ଯଦ୍ୱାରାକି ବଜାରରେ ସେ ଜାଗାର ଗୁରୁତ୍ୱ ଓ ମୂଲ୍ୟ ବୃଦ୍ଧି ହେଉନାହିଁ। ଉକ୍ତ ଜମି ମାଲିକଙ୍କ ସହିତ ସଲାସୁତୁରା କରି ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ ଶୈଳୀକୁ ଦିଗ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସର ମୁହଁ ରାସ୍ତା ସାମ୍ନାକୁ ହୋଇଥିବା ବେଳେ ଏଠାରେ ଜାଣିଶୁଣି ଦିଗ ପରିବର୍ତ୍ତନ କରାଯାଇଛି। ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ଦୋକାନ ଗୃହ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେଗୁଡ଼ିକ କାହାରିକୁ ଆବଣ୍ଟନ କରା ନ ଯିବାରୁ ଧୀରେ ଧୀରେ ସେହି ସ୍ଥାନଟି ଏବେ ଲତା ବୁଦାରେ ପରିପୂର୍ଣ୍ଣ ହୋଇ ଜଙ୍ଗଲ ହୋଇ ସାରିଲାଣି। କେଉଁ କାରଣରୁ ଘର ଗୁଡ଼ିକ ବଣ୍ଟନ

ହେଉନାହିଁ ତାହା ଏବେ ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୂର୍ବରୁ ବଣାଇଁ ବିଡିଓଙ୍କୁ ସାକ୍ଷାତ କରି ଏ ବିଷୟରେ ଅବଗତ କରାଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ପଦକ୍ଷେପ ନେଇ ନ ଥିବା ଜଣାପଡ଼ିଛି। ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଣାଇଁର ଜନସାଧାରଣ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

ମନରେଗା ନାମ ଉଚ୍ଛେଦ କରିବା ଦୁର୍ଭାଗ୍ୟ ଜନକ: କଂଗ୍ରେସ

ଦେବଗଡ଼, ୧୦।୧(ସମିସ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ, ଦେବଗଡ଼ ଜିଲ୍ଲାରେ ଦେଖାଦେଇଥିବା ଧାନ ବିକ୍ରି ଅବ୍ୟବସ୍ଥା ଓ ବିଦ୍ୟୁତ ଉପଭୋକ୍ତାଙ୍କ ସମସ୍ୟା ନେଇ କଂଗ୍ରେସ

ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପରେ ବର୍ଷିଲା କଂଗ୍ରେସ

ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଶନିବାର ସଂଧ୍ୟାରେ ଦେବଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଡବଲ ଇଞ୍ଜିନ ସରକାରକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ସଂଯୋଜନାରେ ସମ୍ମିଳନୀ ଆୟୋଜିତ ହୋଇଥିଲା। କେନ୍ଦୁଝର ଲୋକସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ସାଂସଦ ତଥା ରାଜ୍ୟ କଂଗ୍ରେସ ଆଦିବାସୀ ସେଲ୍‌ଫ ସଭାପତି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ପୂର୍ବତନ ସାଂସଦ ଶ୍ରୀ ଲାଗୁରୀ ଏହି ଅବସରରେ କହିଥିଲେ ଯେ, ଶ୍ରମିକ ଓ ନିମ୍ନ ମଧ୍ୟବିତ ଶ୍ରେଣୀର ଲୋକଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୟୁପିଏ ସରକାର ମହାତ୍ମାଗାନ୍ଧୀଙ୍କ ନାମରେ ଏମ୍‌ଜିଏନଆରଇଜିଏ ଯୋଜନାକୁ ଆରମ୍ଭ କରିଥିଲା। କିନ୍ତୁ ବିଜେପି ସରକାର ଏହାକୁ

ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛି ବୋଲି ସେ ଅଭିଯୋଗ କରିଥିଲେ। ଏହା ବିରୋଧରେ ଦେଶବ୍ୟାପୀ ଜନ ଆନ୍ଦୋଳନ ସୃଷ୍ଟି କରିବା ପାଇଁ କଂଗ୍ରେସ ଆଗକୁ ଆସିଛି। ଅନ୍ୟପକ୍ଷେ ସରକାର ରାଜ୍ୟରେ ଆବଶ୍ୟକତା ଠାରୁ ଅଧିକ ବିଜୁଳି ଉତ୍ପାଦନ ହେଉଛି ବୋଲି ଦାବି କରୁଥିବା ବେଳେ ବିଦ୍ୟୁତ ଉପଭୋକ୍ତା ଶୋଷଣର ଶିକାର ହେଉଛନ୍ତି ଏବଂ ରାଜ୍ୟରେ ଧାନ ବିକ୍ରି ଅବ୍ୟବସ୍ଥା ଦିନକୁ ଦିନ ଜଟିଳ ହେବାରେ ଲାଗିଛି ବୋଲି ସେ ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ମଞ୍ଜୁଳ ନାଏକ, ରମେଶ ଚନ୍ଦ୍ର ପାତ୍ର, ସୁଶିଲ ଗୁଡିଆ, ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, କ୍ଷୀରୋଦ ନାରାୟଣ ସାହୁ, ଆଜାଶ ଦାଶ ଓ ଆନନ୍ଦକୁଲା ପ୍ରମୁଖ ମଞ୍ଚାସୀନ ଥିଲେ।

ଘରକୁ ଫେରିଲେ ବିହାରର ଫୁଲନ ଖାତୁନ

ଝାରସୁଗୁଡ଼ା, ୧୦।୧(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ତତ୍ତ୍ୱାବଧାନ ଓ ମାନବିକ ପ୍ରଚେଷ୍ଟା ଯୋଗୁଁ ଜଣେ ନିଖୋଜ ମହିଳା ନିଜ ପରିବାର ସହ ପୁନଃମିଳିତ ହୋଇଛନ୍ତି। ବିହାର ସୀତାମାଢ଼ି ଜିଲ୍ଲାର ଫୁଲନ ଖାତୁନଙ୍କୁ

ଶନିବାର ଜିଲ୍ଲାପାଳଙ୍କ ଉପସ୍ଥିତିରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହାରୁ ଫୁଲନ ଖାତୁନଙ୍କୁ ଥେଲକୋଲୋଇ ପୁଲିସ ଦ୍ୱାରା ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାପରେ ତାଙ୍କୁ ଜିଲ୍ଲା ପ୍ରଶାସନର ସହାୟତାରେ 'ଦି ପିପୁଲ୍ସ ଫୋରମ୍' ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ସାମଗ୍ରୀ ପରିଚାଳନା ବିଭାଗରେ 'ସାବାସ' ପୁରସ୍କାର

ରାଉରକେଲା, ୯।୧(ସମିସ): ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ସମ୍ମିଳନୀକକ୍ଷରେ ସାମଗ୍ରୀ ପରିଚାଳନା ବିଭାଗର କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିବା ପାଇଁ ଏକ ସମାରୋହ ଆୟୋଜନ କରାଯାଇଥିଲା। ଆର୍ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ଏମ୍ଏମ୍ ବିଭାଗର ସିଜିଏମ ଟି. ବିନୋଦ ଏବଂ ମାର୍କେଟିଂ ବିଭାଗର ଜିଏମ ଇନଚାର୍ଜ ଅଜୟ ଶୁକ୍ଳାଙ୍କ ସହିତ ସାମଗ୍ରୀ ପରିଚାଳନା ବିଭାଗର ୧୫ ଜଣ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଅନୀଲ କୁମାର ବିଭାଗୀୟ ଏବଂ ସାଂଗଠନିକ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଉତ୍ସର୍ଗ, ବୃତ୍ତିଗତତା ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ସାମଗ୍ରୀ ପରିଚାଳନା କାର୍ଯ୍ୟକୁ ସୁଦୃଢ଼ କରିବା ଏବଂ ସଂଗଠନର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ଦଳଗତ କାର୍ଯ୍ୟ, ନବସୃଜନ ଏବଂ ଉତ୍ତରଦାୟିତ୍ୱର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ ଯେ, ବର୍ଗ-୧ ଅଧୀନ ବର୍ଗ-୨ ଅନ୍ତର୍ଗତ ଜିଏମ (ଏମଏମ) ଆନସେଲମ ଓମଡେନ ନାମଚୁ, ଏମ୍ଏମ୍‌ଷ୍ଟୋର ବିଭାଗର ସିନିୟର ମ୍ୟାନେଜର ମନୀଷ କୁମାର ଧାକଡ଼, ମାର୍କେଟିଂ ବିଭାଗର ଡେପୁଟି ମ୍ୟାନେଜର ଅକ୍ଷୟ କୁମାର ସେଠୀ ଏବଂ ତପନ କୁମାର ନାୟକ ପ୍ରମୁଖ ମୋଟ ୧୧ ଜଣ କର୍ମଚାରୀ ପୁରସ୍କାର ଲାଭ କରିଥିଲେ।

ନାଟକ 'ଶୂନ୍ୟ ପଞ୍ଜୁରୀ' ମଞ୍ଚସ୍ଥ

ପପୁ ଶ୍ରେଷ୍ଠ ଅଭିନେତା, ରାନୁ ଶ୍ରେଷ୍ଠ ଅଭିନେତ୍ରୀ ଓ କୁଞ୍ଜନ ବୋଷ ଶ୍ରେଷ୍ଠ ନିର୍ଦ୍ଦେଶକ

ରାଉରକେଲା, ୧୦।୧(ସମିସ)

ଅନ୍ୱେଷଣ ଥିଏଟର ଗ୍ରୁପ୍ ଦ୍ୱାରା ଆୟୋଜିତ ସପ୍ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ ଯାଜପୁର ଲୋକକଳା ମହୋତ୍ସବର ସାଂସ୍କୃତିକ କଳାପରିଷଦ 'ସଂକଳ୍ପ' ଦ୍ୱାରା ଯାଜପୁରସ୍ଥିତ ଗୌତମବୁଦ୍ଧ ସଂସ୍କୃତିଭବନଠାରେ ନାଟକ 'ଶୂନ୍ୟ ପଞ୍ଜୁରୀ' ମଞ୍ଚସ୍ଥ ହୋଇଥିଲା। ନାଟକଟିକୁ ଡ. ରତ୍ନାକର ଚଇନି ରଚନା କରିଥିବା ବେଳେ କୁଞ୍ଜନଲାଲ ବୋଷ ନିର୍ଦ୍ଦେଶନା ଓ ପ୍ରକାଶ କୁମାର ସାହାଣୀ ସହ ନିର୍ଦ୍ଦେଶନା ଦାୟିତ୍ୱ ନିର୍ବାହ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅମୂଲ୍ୟ ବିଶୋଇ, ମଞ୍ଚ ପରିଚାଳନା ପ୍ରିୟଦର୍ଶନ ରାଉତ, ମୁଖ୍ୟ ବ୍ୟବସ୍ଥାପକ ସଭାପତି ଡ. କିଶୋରୀ ଦାଶ ଥିବାବେଳେ ସହଯୋଗୀ ଥିଲେ ଅକ୍ଷୟ କୁମାର ଧଳ। ବିଭିନ୍ନ ଭୂମିକାରେ ପ୍ରଜ୍ଞାନନ୍ଦ ମହାନ୍ତି,

ଅଭିଳାଷ ସାହୁ, ପ୍ରବିର କୁମାର ଜେନା ଓ ରାନୁ ମହାପାତ୍ର ଅଭିନୟ କରିଥିଲେ। ବଳିଷ୍ଠ କାହାଣୀ, ନିଖୁଣ ଅଭିନୟ ତଥା ସଂଳାପ ଉଚ୍ଚାରଣ ଶୈଳୀ ଯୋଗୁଁ ନାଟକଟି ସର୍ବାଙ୍ଗ ସୁନ୍ଦର ରୂପେ ଉପସ୍ଥାପିତ ହେବା ସହ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା। ପ୍ରତିଯୋଗିତାରେ 'ସଂକଳ୍ପ'ର ଅଭିନେତା ପ୍ରଜ୍ଞାନନ୍ଦ ମହାନ୍ତି (ପପୁ) ଶ୍ରେଷ୍ଠ ଅଭିନେତା, ରାନୁ ମହାପାତ୍ର ଶ୍ରେଷ୍ଠ ଅଭିନେତ୍ରୀ, ପ୍ରବିର କୁମାର ଜେନା ଶ୍ରେଷ୍ଠ ପାଶ୍ୱର୍ ଅଭିନେତା, କୁଞ୍ଜନଲାଲ ବୋଷ ଶ୍ରେଷ୍ଠ ନିର୍ଦ୍ଦେଶକ, ଅମୂଲ୍ୟ ବିଶୋଇ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଡଃ ରତ୍ନାକର ଚଇନି ଶ୍ରେଷ୍ଠ ନାଟ୍ୟକାର ଭାବେ ବିବେଚିତ ହେବା ସହ 'ସଂକଳ୍ପ'କୁ ଶ୍ରେଷ୍ଠ ପ୍ରଯୋଜିତ ଦଳବାବେ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ଅନ୍ତିମ ଦିବସରେ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ଉଦ୍‌ଯାପନୀ ଉତ୍ସବର ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ନାଟକ ପରିବେଷଣ ପୂର୍ବରୁ ଏହାର ନିର୍ଦ୍ଦେଶକ କୁଞ୍ଜନଲାଲ ବୋଷ ଓ ସହ ନିର୍ଦ୍ଦେଶକ ପ୍ରକାଶ କୁମାର ସାହାଣିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ସଂକଳ୍ପ'ର ଏହି ସଫଳତା ନିମନ୍ତେ ଏହାର ସଭାପତି ଡ. କିଶୋରୀ ଦାଶ ଓ ଅନ୍ୟତମ ପୃଷ୍ଠପୋଷକ ମଞ୍ଜୁ ମୁଖାର୍ଜୀ ଅଭିନନ୍ଦନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ ଇ-ବସ୍ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମ

ଭିଡ଼ ପାଇଁ ବିଦ୍ୟାର୍ଥୀଙ୍କୁ ହଇରାଣ

ସମ୍ବଲପୁର, ୧୦।୧(ସମିସ)

ସମଲେଶ୍ୱରୀ ମନ୍ଦିର ପାର୍ଶ୍ୱସ୍ଥ ମହାନଦୀ ରିଭରଫ୍ରଣ୍ଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଇ-ବସ୍ ସେବା ଶୁଭାରମ୍ଭ କରିଛନ୍ତି।ଏହି ସେବା ସକାଶେ ସେଠାରେ ଭବ୍ୟ ଆୟୋଜନ ହୋଇଥିବାବେଳେ ଅତିଥି ଭାବେ ରାଜ୍ୟ ମନ୍ତ୍ରୀମଣ୍ଡଳର ମନ୍ତ୍ରୀ, ସମ୍ବଲପୁର ବିଧାୟକ ତଥା ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ପର୍ଯ୍ୟାୟରେ ୨୫ଟି ଇ-ବସ୍ ସେବା ଆରମ୍ଭ କରାଯାଇଥିବା ବେଳେ ଚଳିତମାସ ଶେଷ ସୁଦ୍ଧା ସମ୍ବଲପୁରକୁ ଆଉ ୨୫ଟି ଇ-ବସ୍ ଆସିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାର୍ଚ୍ଚ ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ୪ଟି ରୁଟ୍‌ରେ ୨୫ଟି ସାଧାରଣ ଓ ବାତାନୁକୂଳିତ ବସ୍ ଏବେ ବି ଚାଲୁଛି। ଧନୁପାଲି, ଭତରା, ସିନ୍ଦୂରପଙ୍କ, ତାଲବ ଆଦି ସମ୍ବଲପୁରର ବିଭିନ୍ନ ଅଞ୍ଚଳବାସୀ ବସ୍‌ସେବା ସକାଶେ ଦାବି କରୁଥିବାବେଳେ ସେମାନଙ୍କ ସକାଶେ ଅପହଞ୍ଚ ହୋଇରହିଛି।

ଇ-ବସ୍ ଶୁଭାରମ୍ଭରେ ସ୍କୁଲ ପିଲା...

ଆଜି ସମ୍ବଲପୁରରେ ଇ-ବସ ସେବାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ସମ୍ବଲପୁରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅଣାଯାଇଥିଲା। ଶୁଭାରମ୍ଭ ସାଢ଼େ ୧ଟା ପରେ ହୋଇଥିଲା। କିନ୍ତୁ ସ୍କୁଲ ପିଲାଙ୍କୁ ଦିନ ୧୦ଟାରୁ କାର୍ଯ୍ୟକ୍ରମସ୍ଥଳକୁ ଡକାଯାଇଥିଲା। ଆଗକୁ ସ୍କୁଲର ବାର୍ଷିକ ପରୀକ୍ଷା ରହିଛି। ପିଲାମାନେ ପରୀକ୍ଷା ପାଇଁ ପାଠ ମଧ ପଢୁଛନ୍ତି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀ ଓ କଲେଜ ଛାତ୍ରଛାତ୍ରୀଙ୍କୁ ଏକାଠି କରିବାର ଆବଶ୍ୟକ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଉକ୍ତସ୍ଥାନରେ କେବଳ ବସ୍‌ର ଶୁଭାରମ୍ଭ ରହିଥିଲା। ଛାତ୍ରଛାତ୍ରୀଙ୍କ ଉପଯୋଗୀ କୌଣସି କାର୍ଯ୍ୟକ୍ରମ ରହିନଥିଲା। କିନ୍ତୁ ଅଯଥା ପିଲାମାନଙ୍କୁ ହଇରାଣ କରାଯାଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସ୍କୁଲ ଓ କଲେଜରୁ ଏତେ ସଂଖ୍ୟାରେ ପିଲାଙ୍କୁ ଡକାଯାଇଥିଲା ଯେ, ସମସ୍ତଙ୍କ ପାଇଁ ବସିବା ବ୍ୟବସ୍ଥା ହୋଇନଥିଲା। ଏପରିକି ଶହେରୁ ଅଧିକ ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମସ୍ଥଳରୁ ଅନ୍ୟତ୍ର ଛିଡ଼ା କରାଯାଇଥିଲା। ତେଣୁ କାର୍ଯ୍ୟକ୍ରମରେ ଭିଡ଼ ଦେଖାଇବା ପାଇଁ ପରୀକ୍ଷା ସମୟରେ ବିଦ୍ୟାର୍ଥୀଙ୍କ ଏପରି ହଇରାଣ କରାନଯାଉ ବୋଲି ଦାବି ହୋଇଛି।

ଗୀତ ନ ଶୁଣିଲେ ବିଦ୍ୟାରାଣ...

ଇ-ବସ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମ ଭିଡ଼ ପାଇଁ ଛାତ୍ରଛାତ୍ରୀଙ୍କୁ ଏକତ୍ର କରାଯାଇଥିଲା। କାର୍ଯ୍ୟକ୍ରମ ବିଳମ୍ବ ହେବାରୁ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ କରାଯାଉଥିଲା। ପ୍ରଥମେ ପ୍ରଥମେ ଛାତ୍ରଛାତ୍ରୀ ସାମିଲ ହୋଇ ଗୀତ ଗାଉଥିବାବେଳେ ଅଧିକ ସମୟ ଅପେକ୍ଷା କରିବାରୁ ବିରକ୍ତିଭାବ ପ୍ରକାଶ କରିଥିଲେ। ଯାହାକୁ ନେଇ ଗୀତ ଗାଉଥିବା ଗାୟକ ଜଣକ ରାଣ ପକାଇଥିଲେ। ଛାତ୍ରଛାତ୍ରୀ ବିରକ୍ତ ହେବାରୁ ଗୀତ ନ ଶୁଣିଲେ ବିଦ୍ୟାରାଣ ଓ ମା' ରାଣ ବୋଲି ଛୁଆମାନଙ୍କୁ କହୁଥିବା ଦେଖାଯାଇଥିଲା।

ସାମ୍ବାଦିକଙ୍କୁ ବାଡ଼, ଦଳୀୟ କର୍ମୀଙ୍କୁ ଛାଡ଼

ମୁଖ୍ୟମନ୍ତ୍ରୀଙ୍କ ଇ-ବସ୍ ସେବା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗୋଟିଏ ପଟେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବସିବା ସୁବିଧା କରାଯାଇଥିବା ବେଳେ ନଦୀପଟକୁ ମଞ୍ଚ ରହିଥିଲା। ଛାତ୍ରଛାତ୍ରୀଙ୍କ ସାମ୍ନାରେ ବ୍ୟାରିକେଡ୍ କରି ତାହା ଭିତରେ ସାମ୍ବାଦିକଙ୍କୁ ରହିବାକୁ କୁହାଯାଇଥିଲା। ପୁଲିସର ଅନୁରୋଧ ପରେ ସାମ୍ବାଦିକମାନେ ତାହା ଭିତରେ ପଶି ନିୟମ ମାନିଥିଲେ। ତେବେ, ମୁଖ୍ୟମନ୍ତ୍ରୀ ଆସିବାର କିଛି ସମୟ ପୂର୍ବରୁ ଦଳୀୟ କର୍ମୀମାନେ ଆସି ବାହାରେ ଛିଡ଼ା ହୋଇଥିଲେ। ସେମାନେ କୌଣସି ନିୟମ ମାନି ନଥିଲେ କିମ୍ବା କାହାରି କଥା ଶୁଣିନଥିଲେ। ମୁଖ୍ୟମନ୍ତ୍ରୀ ଆସିବାପରେ ତାଙ୍କ ପଛେ ପଛେ ଯାଇ ମଞ୍ଚ ସମ୍ମୁଖରେ ଭିଡ଼ ଜମାଇଥିଲେ। ଏପରିକି କ୍ୟାମେରାମ୍ୟାନ୍‌ଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିବାରୁ ଫଟୋ ନେବାକୁ ଅସୁବିଧା ହୋଇଥିଲା। ପୁଲିସ ଅନୁରୋଧ କଲେ ମଧ ତାହା ଶୁଣିନଥିଲେ। ଶେଷରେ ବରିଷ୍ଠ ବିଜେପି ନେତା ସମୀର ରଞ୍ଜନ ବାବୁ ଆସି ସେମାନଙ୍କୁ ଗୋଟିଏ ପଟକୁ କରିବା ପରେ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମର କ୍ୟାମେରାମ୍ୟାନ୍‌ମାନେ ଫଟୋ ନେଇ ପାରିଥିଲେ।ଏହାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଦୀର୍ଘଦିନର ଦାବିକୁ ମୁଖ୍ୟମନ୍ତ୍ରୀ ପୂରଣ କରନ୍ତୁ: ରୋହିତ

ସମ୍ବଲପୁର, ୧୦।୧(ସମିସ): ସମ୍ବଲପୁରରେ ଆଜି ମୁଖ୍ୟମନ୍ତ୍ରୀ ଇ-ବସ୍ ସେବାର ଶୁଭାରମ୍ଭ କରିଛନ୍ତି। ପରିବେଶ ଅନୁକୂଳ ପରିବହନ ଦିଗରେ ଯେକୌଣସି ପଦକ୍ଷେପ ସ୍ୱାଗତଯୋଗ୍ୟ, କିନ୍ତୁ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଯଥାର୍ଥ ଦାବିକୁ ଅଣଦେଖା କରି କେବଳ ପ୍ରତିକାତ୍ମକ ଉଦ୍‌ଘାଟନ ମାଧ୍ୟମରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରାଯାଇପାରିବ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ସମ୍ବଲପୁରବାସୀଙ୍କୁ କେବଳ ବାହ୍ୟ ଚମକର ଦରକାର ନାହିଁ; ସାମ୍ବିଧାନିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟସେବା, ସାଂସ୍କୃତିକ ତଥା ଭାଷାର ସ୍ୱୀକୃତି ଏବଂ ଗଣତାନ୍ତ୍ରିକ ଶାସନ ଦରକାର। ଦଶନ୍ଧି ଧରି, ସମ୍ବଲପୁର ଏବଂ ପଶ୍ଚିମ ଓଡ଼ିଶାର ଜନସାଧାରଣ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି କରିଆସୁଛନ୍ତି। ଟ୍ରିପଲ୍ ଇଞ୍ଜିନ ସରକାରର ନିର୍ବାଚନୀ ପ୍ରତିଶ୍ରୁତି, ଜନସାଧାରଣଙ୍କ ପ୍ରତିବାଦ ଏବଂ ପୂର୍ବ ବିଜେଡି ସରକାରର କେନ୍ଦ୍ର ସରକାରଙ୍କୁ ସୁପାରିଶ ସତ୍ତ୍ୱେ, ବର୍ତ୍ତମାନର ଟ୍ରିପଲ୍ ଇଞ୍ଜିନ ସରକାର ତଥା ସମ୍ବଲପୁର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ନିରବତା ଆମର ସମ୍ବଲପୁର ତଥା ପଶ୍ଚିମଓଡ଼ିଶାର ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ନୈରାଶ୍ୟଜନକ। ସେହିପରି ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପ୍ରସଙ୍ଗରେ ସରକାର ଅଣଦେଖା କରି ଚାଲିଛନ୍ତି। ସମ୍ବଲପୁରୀ ଭାଷାକୁ ସରକାରୀ ସ୍ୱୀକୃତିପ୍ରାପ୍ତ ଭାଷା ଭାବରେ ମାନ୍ୟତା ଦେବା ପ୍ରସଙ୍ଗରେ ସରକାରଙ୍କ ନୀରବତା ଅତ୍ୟନ୍ତ ନିରାଶାଜନକ। ସମ୍ବଲପୁର ମହାନଗର ନିଗମ ନିର୍ବାଚନ କାହିଁକି କରାଯାଉ ନାହିଁ ବୋଲି ଶ୍ରୀ ପୂଜାରୀ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନର ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ଚାଷୀ ଭାଇଙ୍କ ବାରମ୍ବାର ଆନ୍ଦୋଳନ, ବନ୍ଦ ଏବଂ ପ୍ରତିବାଦ ସତ୍ତ୍ୱେ ମଧ ସମାଧାନ ନ ହେବା ଏବଂ ଏହାର ସମାଧାନ ପାଇଁ ସରକାର ଚେଷ୍ଟା ନ କରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ଅତ୍ୟନ୍ତ ଚିନ୍ତାଜନକ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ କେବଳ ଏକ 'ଉତ୍ସବ ସ୍ଥଳ' ଭାବେ ବ୍ୟବହାର ନକରି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତୁରନ୍ତ ଠୋସ୍ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ଶ୍ରୀଗଣେଶ ହାଇସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୦।୧ (ସମିସ) : ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅବସରପ୍ରାପ୍ତ ଆୟକର ଅଧିକାରୀ ରାଧାକାନ୍ତ ସେଠ ମୁଖ୍ୟବକ୍ତା ଏବଂ ଆଇନଜୀବୀ ଅଶୋକ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

କିଲାସମା ଉଚ୍ଚ ବିଦ୍ୟାଳୟରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୦।୧ (ସମିସ): ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ଅଧିନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, କିଲାସମାରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସେଠଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ତଥା ସାଧନକର୍ମୀ ଭାବରେ ଭିଖମପୁର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ସେନାପତି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱ ସେବା ଉଚ୍ଚ ବିଦ୍ୟାଳୟ, କୁଲୁଣ୍ଡିର ଶିକ୍ଷକ ସମୀର ଭୋଇ, ଚନ୍ଦ୍ରମା କୁମୁରା, ବିଦ୍ୟାବତୀ ବିଶ୍ୱାଳ, ସୁକଲ୍ୟାଣୀ ବାରିକ, ରଞ୍ଜନ ସାହୁ, ବିକାଶ ରଞ୍ଜନ ସାହୁ, ପ୍ରଜ୍ଞାସିନୀ ପ୍ରଧାନ, ରାକା ପଶାୟତ, ରତୁପର୍ଣ୍ଣା ରଣା ପ୍ରମୁଖ

ମଞ୍ଚାସୀନ ଥିଲେ। ସୁରକ୍ଷିତ ଓ ସୁସ୍ଥ ଅଭ୍ୟାସ ଟ୍ରାଫିକ ସଚେତନତାର ବୈଶିଷ୍ଟ୍ୟ ବୋଲି ମୁଖ୍ୟ ସାଧନକର୍ମୀ ନିଜର ମତାମତ ପ୍ରଦାନ କରିଥିବାବେଳେ ଅନ୍ୟତମ ସାଧନକର୍ମୀ ଶ୍ରୀ ଭୋଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ମଡେଲ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ 'ବିଦ୍ୟାଳୟ ଖବର'ର ନବମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ସୁଧାଂଶୁ ଭୂଷଣ ଷଣ୍ଢ ସଂଯୋଜନା କରିଥିଲେ।

ସରକାରୀ ଚାରାରୋପଣ ଜମିରେ ନିଆଁ

କୁଚିଣ୍ଡା, ୧୦।୧(ସମିସ): ରେଳ ବିଭାଗ କର୍ମଚାରୀଙ୍କ ଅସାବଧାନତା ଯୋଗୁଁ ବାମରା ବ୍ଲକ କେଛୁପାଣି ସାପ୍ତାହିକ ହାଟ ନିକଟସ୍ଥ ସରକାରୀ ବୃକ୍ଷରୋପଣ ଜମିରେ ନିଆଁ ଲାଗିଥିବା ବେଳେ ଦମକଳ ବାହିନୀ ନିଆକୁ ଆୟତ୍ତ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ କେଛୁପାଣି ସାପ୍ତାହିକ ହାଟ ନିକଟରେ ଥିବା ରେଳ ଲାଇନ କଡ ବୁଦାରେ ଦିନ ପ୍ରାୟ ୧୨ ଟା ସମୟରେ ବୁଦା ସଫା ଉଦ୍ଦେଶ୍ୟ ନେଇ କେତେକ ରେଳ କର୍ମଚାରୀ ନିଆ ଲଗାଇଥିଲେ। ଅସାବଧାନତା ବଶତଃ ନିଆଁ ବ୍ୟାପି ପାଖ ବୃକ୍ଷରୋପଣ ଜମିକୁ ମାଡ଼ି ଯାଇଥିଲା।ସ୍ଥାନୀୟ ସମାଜସେବୀ ଯୋଗ ବିହାରୀ ପରିଡ଼ା, ମିତ୍ରଭାନୁ କେହ୍ଲ, ଅବନୀ ବାଗ, ବିରବଲ ପଟେଲ, କଷ୍ଟୁ ବାଗ ଓ ଅଜିତ ପରିଡ଼ା ବାମରା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ଲୋକମୁକ୍ତି ସଂଗଠନ ପକ୍ଷରୁ ଶ୍ରମିକ ସଚେତନତା ସଭା

କୁଚିଣ୍ଡା, ୧୦।୧(ସମିସ): ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ ଘୁନଘୁଟି ଗ୍ରାମଠାରେ ଜନସନ ପୁର୍ତ୍ତିଙ୍କ ସଭାପତିତ୍ୱରେ ଲୋକମୁକ୍ତି ସଂଗଠନ ବାମରା କ୍ଷେତ୍ରର ବ୍ଲକସ୍ତରୀୟ ମନରେଗା ଶ୍ରମିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଲୋକମୁକ୍ତି ସଂଗଠନ ପକ୍ଷରୁ ଉପଦେଷ୍ଟା ଅନନ୍ତ ଯୋଗଦାନ କରି ମନରେଗା ଶ୍ରମିକଙ୍କୁ ସଚେତନ କରି ଜଣାଇ ଥିଲେ ଯେ ପୂର୍ବରୁ ଥିବା ମନରେଗା ଯୋଜନା ଓ ବର୍ତ୍ତମାନର କେନ୍ଦ୍ର ସରକାର ତରଫରୁ ପାରିତ କରାଯାଇଥିବା ନୂତନ ଯୋଜନା ଦେଶର ମନରେଗା ଶ୍ରମିକଙ୍କ ଉପରେ ବଡ଼ ଧରଣର ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ପ୍ରକାଶ ଯୋଗ୍ୟ ଯେ ଭାରତର ଗ୍ରାମୀଣ ଗରିବ ଓ ଶ୍ରମିକ ଶ୍ରେଣୀ ପାଇଁ ୨୦୦୫ ମସିହାରେ ପ୍ରଚଳିତ ମନରେଗା ଏକ ଐତିହାସିକ ଅଧିକାର ଆଧାରିତ ଆଇନ୍ ଥିଲା।କିନ୍ତୁ ଡିସେମ୍ବର ୨୦୨୫ରେ କେନ୍ଦ୍ର ସରକାର ଦ୍ୱାରା ଆଣାଯାଇଥିବା ବିକଶିତ ଭାରତ ଗ୍ୟାରାଣ୍ଟି ଫର ରୋଜଗାର ଓ ଆଜୀବିକା ମିଶନ (ଗ୍ରାମୀଣ)ଆଇନ ଗ୍ରାମୀଣ ରୋଜଗାର ବ୍ୟବସ୍ଥାକୁ ଏକ ନୂଆ ଦିଗକୁ ନେଇଯାଇଛି। କେନ୍ଦ୍ର ସରକାରଙ୍କ ଏହି ନୂଆ ଆଇନ ଉପରେ ବ୍ୟାପକ ଜନଆଲୋଚନା ଓ ଶ୍ରମିକଙ୍କ କାମର ଅଧିକାର ସୁରକ୍ଷା ପାଇଁ ଲୋକତାନ୍ତ୍ରିକ ପୁନର୍ବିଚାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ନୂତନ ଭିବି-ଜି ରାମ-ଜି ଆଇନ୍ ୨୦୨୫କୁ ଲୋକମୁକ୍ତି ସଂଗଠନ ପକ୍ଷରୁ ବିରୋଧ କରି ଆଗାମୀ ଫେବୃଆରୀ ୧୩ ତାରିଖରେ ବାମରା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ବାମରା ବିଡିଓଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାର ଆୟୋଜନ କରାଯିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଭାରେ ସଂଯୋଜକ ଗ୍ରେଗୋରି ସାମାଦ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଂଯୋଜକ ରବୀନ୍ଦ୍ର ନାଏକ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସିମନ ସାମାଦ, ଆଶୀୟାନି ସୁରିନ୍, ସୀମା ବାର୍ଲା, ମଙ୍ଗଲି ନାଏକ, ଉମ୍ଲାନ ତପ୍ନ, ଆବନେର ଲୁଗୁନ, ସୁଲେମାନ ଟେଟେ, ମାଙ୍ଗ୍ରା ସାଙ୍ଗା, ଉତ୍ତମ କୁଲୁ ପ୍ରମୁଖ ସହଯୋଗ କରିଥିଲେ।

ସାଂଗ୍ରାମାଲ କ୍ୟାମ୍ପ ପ୍ରତିଷ୍ଠାତା ଭରତ ରାମ ଭୋଇଙ୍କ ଶ୍ରାଦ୍ଧ ବାର୍ଷିକ

ଜମନକିରା/ସମ୍ବଲପୁର, ୧୦।୧(ସମିସ): ହୀରାକୁଦ ନଦୀବନ୍ଧ ବିସ୍ଥାପିତ ତଥା ମାନେଶ୍ୱର ବ୍ଲକ ସାଂଗ୍ରାମାଲ କ୍ୟାମ୍ପ ଅଞ୍ଚଳର ପ୍ରାଣ ପ୍ରତିଷ୍ଠାତା ଭରତରାମ ଭୋଇଙ୍କ ଶ୍ରାଦ୍ଧ ବାର୍ଷିକ ମୁରା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ସ୍ମୃତି ସଂସଦ ତରଫରୁ କୃଷ୍ଣ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ମୂରା କଲେଜର ଅଧକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ସମ୍ବଲପୁରୀ ଗୀତିକାର ତଥା ମୁରା କଲେଜ ଇଂରାଜୀ ଅଧ୍ୟାପକ ଯତୀନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ସଞ୍ଜୟ କୁମାର ପଣ୍ଡା, ସରପଞ୍ଚ ପ୍ରତିମା ସାହୁ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ, କ୍ଷମାଶିଳ ଭୋଇ, ଜଗଦୀଶ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ଭରତରାମ ଭୋଇ ହୀରାକୁଦ ଡ୍ୟାମ ବିସ୍ଥାପିତ କ୍ୟାମ୍ପ ଅଞ୍ଚଳ ପ୍ରତିଷ୍ଠା ପରେ ସରକାର ତରଫରୁ ସ୍ୱତନ୍ତ୍ର କ୍ଷମତା ପାଇଁ ପ୍ରଥମ ସରପଞ୍ଚ ଓ ଜିଲ୍ଲା ବୋର୍ଡ ସଭ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ମୁରା ଉଚ୍ଚ ବିଦ୍ୟାଳୟ, କଲେଜ ଓ ପରମାଣପୁର ଉଚ୍ଚ ବିଦ୍ୟାଳୟ, କଲେଜର ପ୍ରତିଷ୍ଠାତା ମୁଖ୍ୟ ଥିଲେ। ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ମୁରା



ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ବର୍ଷା ମେହେର ଏବଂ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଣ୍ଣମୟୀ ସାହୁଙ୍କୁ ଭରତରାମ ଭୋଇ ସ୍ମୃତି ସମ୍ମାନ-୨୦୨୬ରେ ସମ୍ମାନ କରାଯାଇଥିଲା। ଶିକ୍ଷକ ସୁବାସ ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ମୋ ସ୍କୁଲ ଅଭିଯାନର ସଭାପତି କ୍ଷମାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

(ରଘୁନାଥ ପୁର, ମେଇନ ରୋଡ଼,
ଜାତୀୟ ରାଜପଥ ୧୬ ନମ୍ବର,
ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଟିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା
ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

ଉଭିଦ ବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ

ସମ୍ବଲପୁର, ୧୦।୧ (ସମିସ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟର ସ୍ନାତକ ଉଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ସଭାପତିତ୍ୱରେ 'ରିସେଣ୍ଟ ଟ୍ରେଣ୍ଡସ୍ ଇନ୍ ବାୟୋଲୋଜିକାଲ୍ ସାଇନ୍ସ : ଫ୍ରମ୍ ସେଲ୍‌ଫ ଟୁ ଥେରାପ୍ୟୁଟିକ୍ସ' ଶୀର୍ଷକ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତଥା ସ୍ନାତକୋତ୍ତର ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ଡଃ ମଳୟ ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ମିନତୀ ଛତ୍ରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ଆଦିତ୍ୟ ମେହେର, ଆଇକ୍ୟୁଏସି ସଂଯୋଜକ ଡଃ ରଘୁମଣି ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ବିଭାଗର ପ୍ରଫେସର ଡଃ ସନ୍ଧ୍ୟାରାଣୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବୈଷୟିକ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗମୁଖ୍ୟ ପ୍ରଫେସର ରାଜେନ୍ଦ୍ର ବେହେରା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରଫେସର ଡଃ ମଣ୍ଟି କୁଜୁର, ନୂଆଦିଲ୍ଲୀସ୍ଥିତ ଏଆଇଆଇଏମ୍‌ଏସ୍‌ର ବୈଜ୍ଞାନିକ ଡଃ ବିମଳ ପ୍ରସାଦ ଜିତ୍, ମଧ୍ୟପ୍ରଦେଶ ଗୋଆଲିୟରସ୍ଥିତ ସରକାରୀ ମହାବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡଃ ରାମପ୍ରତାପ ସିଂହ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ଗବେଷକ-ଗବେଷିକା ମାନେ ଗବେଷଣାଧର୍ମୀ ନିବନ୍ଧ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଅଧିବେଶନରେ ବିଭାଗୀୟ ମୁଖ୍ୟ ପ୍ରଫେସର ମିନତୀ ଛତ୍ରିଆଙ୍କ ସଭାପତିତ୍ୱରେ ଅଧକ୍ଷ ଡଃ ପ୍ରଦୀପ ହରପାଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବାବେଳେ ନାକ୍ ସଂଯୋଜକ ଡଃ ଶ୍ୟାମ ଭୋଇ, ଆଇକ୍ୟୁଏସି ସଂଯୋଜକ ଡଃ ରଘୁମଣି ନାଏକ, ଶୈକ୍ଷିକ ଅଧିକାରୀ ସହକାରୀ ପ୍ରଫେସର ହରିହର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡଃ ସେନ୍ ସେଟ୍ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର ସିଟି

ରାସ୍ତାମଝିରେ ଜଳିଗଲା ଚଳନ୍ତା 'ଆମ ବସ୍'

ଭୁବନେଶ୍ୱର, ୧୦।୧(ସମିସ): ଆମ ବସର ପିଛା ଛାଡୁନାହିଁ ବିପଦ। ଶନିବାର ସକାଳ ପ୍ରାୟ ସାଢେ ୬ଟା ବେଳେ କଳିଙ୍ଗ ଷ୍ଟୁଡିଓ ଛକରେ ଏକ ଚଳନ୍ତା ଆମ ବସ୍‌ରେ ରାସ୍ତାମଝିରେ ଜଳିଯାଇଛି। ତେବେ ବାଟୋଇଙ୍କ ଯୋଗୁଁ ବସ୍‌ରେ ୨୬ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

■ ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ୨୬ ଯାତ୍ରୀ
■ ଆମ ବସ୍‌ର ଫିଟ୍‌ନେସ୍ ଯାଞ୍ଚ ନେଇ ପ୍ରଶ୍ନବାଚୀ



ବସଟି ଯାଉଥିବା ବେଳେ ବ୍ୟାଟେରି ୟୁନିଟ୍‌ର ମୁଖ୍ୟ ବିଦ୍ୟୁତ୍ ତାରରୁ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟାଟେରି ୟୁନିଟରୁ ଧୂଆଁ ବାହାରିବା ବେଳେ ବସ୍ ଚାଳକ ଜାଣି ପାରିଥିଲେ। ତେଣୁ ତୁରନ୍ତ ଗାଡି ରଖି ଯାତ୍ରୀ ମାନଙ୍କୁ ଓହ୍ଲାଇ ଦେଇ ଧୂଆଁକୁ ଆୟତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଦୁଇଟି ଗାଡି ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ଆମ ବସରେ ଅଗ୍ନିକାଣ୍ଡ ପରେ ବସର ଫିଟନେସକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ଆମ ବସ୍ ରୁଟ୍ ନମ୍ବର୍ ୨୩ ଓଡି୦୫ଟି ୭୦୫୨ ଆମ ବସ ଭୁବନେଶ୍ୱର ରେଳ ଷ୍ଟେସନରୁ ଆଇଜିକେସି ହସ୍ପିଟାଲ ପର୍ଯ୍ୟନ୍ତ ପ୍ରଥମ ଟ୍ରିପ୍‌ରେ ଯାତ୍ରୀମାନଙ୍କୁ ନେଇ ଛାଡ଼ି ଦ୍ୱିତୀୟ ଟ୍ରିପରେ ଭୁବନେଶ୍ୱର ରେଳ ଷ୍ଟେସନ୍ ଫେରୁଥିଲେ। ଷ୍ଟୁଡିଓ ଛକ ଷ୍ଟପେଜ୍‌ରେ ବ୍ୟାଟେରୀ ୟୁନିଟ୍‌ରୁ ଧୂଆଁ ବାହାରୁଥିବାର ଚାଳକ ଜାଣିବାକୁ ପାଇଲେ। ତୁରନ୍ତ ବସ୍‌ରୁ ଓହ୍ଲାଇ ଯାତ୍ରୀମାନଙ୍କୁ ବାହାରକୁ ସ୍ଥାନାନ୍ତର କରିଥିଲେ। ପରେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ଫଳରେ ବସ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଅଗ୍ନି ଶମ ବାହିନୀକୁ ଆସି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥବା ବେଳେ ବସଟି ପୋଡ଼ିଯାଇଥିଲା। ଘଟଣାସ୍ଥଳରେ ଅଧିକ କିଛି ଦୁର୍ଘଟଣା ଘଟିବା ପୂର୍ବରୁ ଜରୁରିକାଳୀନ ସ୍ଥିତିରେ ଅନ୍ୟ ଏକ ବସ୍‌କୁ ୨୬ ଜଣ ଯାତ୍ରୀମାନଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା। ଆମ ବସ୍ କ୍ୟାପଟେନ ଏବଂ ଗାଇଡ୍ର ଅଘଟଣରୁ ଯାତ୍ରୀମାନଙ୍କୁ ବଞ୍ଚାଇଥିବାରୁ ସେମାନଙ୍କ ସାହସିକତା ଓ ଉପସ୍ଥିତ ବୁଦ୍ଧି ଯୋଗୁଁ କ୍ରୁଟ୍ ପକ୍ଷରୁ ସାବାସି ଜଣାଯାଇଛି।

ଏହି ଅଗ୍ନିକାଣ୍ଡ ପାଇଁ ସମ୍ପୃକ୍ତ ଅପରେଟରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ଅନ୍ୟ ୩୦ଟି ପୁରୁଣା ବସ୍‌ର ତୁରନ୍ତ ଫିଟନେସ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ତୃତ ଭାବେ ଅଗ୍ନୀ ସଂଯୋଗର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ସ୍ଥାନୀୟ ମୋଟର ଯାନ ନିରୀକ୍ଷକ ଏବଂ ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ବିଶେଷଜ୍ଞ ମତାମତ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଛି। ସେପରି ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କ୍ରୁଟ୍ ପକ୍ଷରୁ ଚଳାଚଳ ହେଉଥିବା ଭୁବନେଶ୍ୱର ପୁରୀ ଟ୍ରାନ୍ସପୋର୍ଟ ସର୍ଭିସେସ ଲିମିଟେଡର ୧୦/୧୨ ବର୍ଷର ପୁରୁଣା ରିଫର୍ବିସଡ୍ ଡିଜେଲ ବସ୍‌ଗୁଡ଼ିକୁ ହଟାଇ ୫୦ଟି ୭ ମିଟର ମିନି ଇ-ବସ୍ ଭୁବନେଶ୍ୱର ଏବଂ କଟକ ଜିଲ୍ଲାରେ ନିୟୋଜିତ କରାଯିବା ପାଇଁ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚ ସ୍ତରୀୟ କମିଟିରେ ନିଷ୍ପତ୍ତି ନିଆଯାଇଛି। ହେଲେ ଏଠାରେ କଥା ଉଠୁଛି ଯେ ସପ୍ତାହ ହୋଇନାହିଁ ଆମ ବସ ଦୁର୍ଘଟଣାରେ ଏବେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ ପୁଣି ଏକ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କୈଣସି ଧନଜୀବନ ହାନି ହୋଇନାହିଁ କିନ୍ତୁ ଯଦି ସେହିଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ହେବେ ଏହା ପାଇଁ ଦାୟୀ କିଏ ହୋଇଥାନ୍ତା ବୋଲି ଅନେକ ଯାତ୍ରୀ କହିଛନ୍ତି।

ସହରରେ ୧୭୦ଟି ଏସି ବସ୍ ଓ ୨୦୦ ପାଖାପାଖି ନନଏସି ବସ୍ ଚାଲୁଅଛି। ଏହି ବସ୍ ଗୁଡ଼ିକର ଫିଟ୍‌ନେସ ଠିକ୍ ଅଛି ନା ନାହିଁ ଏହି ଅଗ୍ନିକାଣ୍ଡ ପରି ଆଉ କେଉଁ ବସରେ ଯଦି ଅଗ୍ନିକାଣ୍ଡ ଘଟେ ତେବେ ଏଥିପାଇଁ କିଏ ଉତ୍ତର ଦାୟୀ ରହିବ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ କ୍ରୁଟ୍‌ର ଜଣେ ଅଧିକାରୀ କହନ୍ତି ଏହି ଘଟଣା ପରେ ସମସ୍ତ ବସ୍‌କୁ ଫିଟ୍‌ନେସ୍ ଯାଞ୍ଚ ପାଇଁ ଆରଟିଓକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

୨୪ ଘଣ୍ଟାରେ ୩ ଦୁର୍ଘଟଣା; ୨ ମୃତ

ଯାଁଳା, ୧୦।୧(ସମିସ): ଇନ୍‌ଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ଯାଁଳା ମଧ୍ୟରେ ଗତକାଲିଠାରୁ ଆଜି ମଧ୍ୟରେ ୨୪ ଘଣ୍ଟା ମଧ୍ୟରେ ୩ଟି ଦୁର୍ଘଟଣା ଘଟିଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଗୁରୁତର ଆହତ ହୋଇଛନ୍ତି। ଯାଁଳା ସର୍ଭିସ୍ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତ୍ରରେ ବାହୁଡ଼ା ସ୍ୱାଇଁ (ଖୁକନ) ନାମକ ୩୭ ବର୍ଷୀୟ ଯୁବକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏନ୍‌ଏଚ୍ ୧୬ ସର୍ଭିସ୍ ରାସ୍ତାରେ ଏକ ଟ୍ରକ ଛିଡ଼ା ହୋଇଥିବା ଅବସ୍ଥାରେ ପଛପଟୁ ପିଟି ହୋଇଯାଇଥିଲେ। ଫଳରେ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସହ ଛାତି ଏବଂ ପିଞ୍ଜରାରେ ଗୁରୁତର ଆଘାତ ହୋଇଥିଲା। ଇନ୍‌ଫୋଭ୍ୟାଲି ଥାନା ପ୍ରଥମେ ଦୁର୍ଘଟଣା ଶିକାର ହୋଇଥିବା ଯୁବକଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ତାଙ୍କ ଦେହ ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି, ଇନ୍‌ଫୋଭ୍ୟାଲି ଥାନା ଦୁର୍ଘଟଣା ସ୍ଥଳରୁ ଦୁଇ ଗାଡିକୁ ଜବତ କରିଛି। ସେହିଭଳି ଶୁକ୍ରବାର ସକାଳେ ମଧ୍ୟ ଗଙ୍ଗପଡ଼ା ଛକରେ ହାଇୱା ଧକ୍କାରେ ଜଣେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମୃତ ମହିଳା ହେଲେ ଲକ୍ଷ୍ମୀସାଗର ଅଞ୍ଚଳର ସୁସ୍ମିତା ରଣା (୩୫)। ଦୁର୍ଘଟଣାରେ ସୁସ୍ମିତାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ୫ ବର୍ଷ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଶୁକ୍ରବାର ସକାଳେ ମଧ୍ୟ ଅନ୍ୟ ଏକ ଦୁର୍ଘଟଣାରେ ୧୬ ନମ୍ବର ଜାତୀୟ ରାଜପଥର ଯାଁଳା ନିକଟରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

୩ ସୁନା ଚେନ୍ ଲୁଟେରା ଗିରଫ

ଭୁବନେଶ୍ୱର, ୧୦।୧ (ସମିସ): ସୁନା ଚେନ୍ ଛଡ଼ାଇ ନେଇଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ତାରିଣୀ ବସ୍ତିର ଆକାଶ ନାୟକ (୨୧) ଓ କମଳାକାନ୍ତ ଦାସ ଓରଫ୍ ବାବୁ (୨୧)। ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ରେ ହାଜର କରାଯାଇଛି।

ପୁଲିସ ସୂଚନାନୁଯାୟୀ, କଳିଙ୍ଗନଗର କେ୪ ଅଞ୍ଚଳର ଉମାକାନ୍ତ ଜୟସିଂହଙ୍କ ଶାଶୁ ପ୍ରାତଃ ଭ୍ରମଣରେ ଯାଉଥିଲେ। ସେହି ସମୟରେ ଆକାଶ, ବାବୁ ଓ ନାବାଳକ ଏକ ବାଇକରେ ଆସି ତାଙ୍କ ବେକରୁ ସୁନା ମଙ୍ଗଳସୂତ୍ର ଛଡ଼ାଇ ନେଇ ପଳାଇଥିଲେ। ଶ୍ରୀ ଜୟସିଂହ ଏନେଇ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଭରତପୁରର ଶିବ ମନ୍ଦିର ନିକଟରୁ ଆକାଶ, ବାବୁ ଓ ନାବାଳକକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ସୁନା ଚେନ୍, ଗୋଟିଏ ପଲସର ବାଇକ, ୨ଟି କେଏଟିଏମ୍ ବାଇକ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଥିଲା।

ସର୍ଟସର୍କିଟରୁ ଘରପୋଡ଼ି ଛାରଖାର

ହଂସପାଳ, ୧୦।୧(ସମିସ): ପାହାଳ ଥାନା ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଜୟର ଶାସନ ବସ୍ତିରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୨ ଜଣଙ୍କ ଘର ଛାରଖାର ହୋଇଯାଇଛି। କାଲମ ଖାଁ ଓ ସଲିମ ଖାଁ ଙ୍କ ଘରେ ହଠାତ୍ ନିଆଁ ଲାଗି ହୁତୁହୁତୁ ହୋଇ ଜଳିଲା। ସୂଚନା ଅନୁସାରେ ସର୍ଟସର୍କିଟ ଯୋଗୁଁ ପ୍ରଥମେ କାଲମ ଖାଁଙ୍କ ଘରେ ନିଆଁ ଲାଗିଯାଇଥିଲା। ପରେ ସଲିମ୍ ଖାଁଙ୍କ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ରଖିଥିବା ଦୋକାନ ସାମଗ୍ରୀ ଫୋଡ଼ି ଗଦି ଜଳିବା ସହ ବାଇକ୍, ସ୍କୁଟି, ଲକ୍ଷାଧିକ ଟଙ୍କାର ଆସବାପତ୍ର ଏବଂ ୨ ବଖରା ଘର ସମ୍ପୂର୍ଣ୍ଣ ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ନିଆଁ ଲିଭାଇବା ସମୟରେ ଜଣେ ସ୍ଥାନୀୟ ଯୁବକ ନିଆଁ ଲାଗି ଆହତ ହୋଇଥିଲେ। ଖବର ପାଇ ପାହାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଜଗନ୍ନାଥ ପୁର ସରପଞ୍ଚ ବିଶ୍ୱଜିତ୍ ଭୋଇ, ୧୬ ନମ୍ବର୍ ବିଜେଡି ଜିଲ୍ଲାପରିଷଦ ମହେଶ୍ୱର ଦାସ, ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ ସଙ୍ଗେ ସଙ୍ଗେ ପହଞ୍ଚି ସାହାର୍ଯ୍ୟ ସହଯୋଗ ର ହାତ ବଢ଼ାଇବା ସହ ପ୍ରଶାସନିକ ଅଧିକାରୀଙ୍କୁ ଘଟଣା ବିଷୟରେ ଅବଗତ କରାଇଥିଲେ।

ଖଣ୍ଡାରେ ଜନ୍ମଦିନ କେକ୍ କାଟି ୪ ଗିରଫ

ଭୁବନେଶ୍ୱର, ୧୦।୧(ସମିସ): ମହଙ୍ଗା ପଡ଼ିଲା ଖଣ୍ଡାରେ ଜନ୍ମଦିନ କେକ୍ କାଟିବା। ହତ୍ୟାକାଣ୍ଡ ମାମଲାରେ ଜେଲ ଯାଇଥିବା ଅଭିଯୁକ୍ତ ଏବେ ଖଣ୍ଡାରେ କେକ୍‌କାଟି ପୁଣିଥରେ ଗିରଫ ହୋଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ। ଉତ୍ପାତ କରିବା ଖଣ୍ଡାରେ କେକ୍ କାଟି ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିରଞ୍ଜନ ନାୟକ, ଗଗନ ନାୟକ, ସୋମନାଥ ସିଂ ଓ ପ୍ରତ୍ୟୁଷ ପାଟଶାଣୀ। ଏମାନଙ୍କ ଠାରୁ ଏକ ଖଣ୍ଡା ଜବତ ହୋଇଛି।

■ ସର୍ବସାଧାରଣ ସ୍ଥାନରେ ରଚିଥିଲେ ଆତଙ୍କ
■ ପୂର୍ବରୁ ବି ଗିରଫ ହୋଇଥିଲେ ଅଭିଯୁକ୍ତ

ପୁଲିସ ସୂଚନା ମୁତାବକ, ଏସଆଇ ଜଗନ୍ନାଥ ନାୟକ ଓ ତାଙ୍କର ଟିମ ଲକ୍ଷ୍ମୀସାଗର ବିଡିଏ କଲୋନୀ ଏବଂ ଥାନା ପରିସରଭୁକ୍ତ ଅଞ୍ଚଳରେ ସନ୍ଧ୍ୟା ପାଟ୍ରୋଲିଂ ଡ୍ୟୁଟିରେ ଥିଲେ। ଏହି ସମୟରେ କିଛି ଅସାମାଜିକ ଏବଂ ଉତ୍ପୀଡକ ବ୍ୟକ୍ତି ଲକ୍ଷ୍ମୀସାଗର ହାଇସ୍କୁଲ ସୀମା ନିକଟରେ ବେଆଇନ ଭାବରେ ଏକତ୍ରିତ ହୋଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସେମାନେ ଏକ ଲମ୍ବା ଖଣ୍ଡା ସହିତ କେକ୍ କାଟି ଏକ ଜନ୍ମଦିନ ପାଳନ କରିଥିଲେ। ଧମକପୂର୍ଣ୍ଣ ଭାବରେ ଖଣ୍ଡା ଦେଖାଇ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରିବା ସହ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଏକ ସାର୍ବଜନୀନ ସ୍ଥାନରେ ଜୋରରେ ଅଶାନ୍ତ ଶବ୍ଦ ସୃଷ୍ଟି କରିଥିଲେ। ଅଭିଯୁକ୍ତମାନେ ଘଟଣାକୁ ରେକର୍ଡ କରି ସୋସିଆଲ ମିଡିଆରେ ଅପଲୋଡ୍ କରି ହିଂସାକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲେ।

ଅଭିଯୁକ୍ତମାନଙ୍କ ମଧ୍ୟରୁ କିଛି ଅଭ୍ୟାସଗତ ଅପରାଧୀ ଯାହାଙ୍କର ପୂର୍ବରୁ ଅପରାଧିକ ପୂର୍ବ ସ୍ଥିତି ଅଛି। ସେମାନେ ସଂଗଠିତ ଅପରାଧିକ କାର୍ଯ୍ୟକଳାପରେ ଜଡିତ, ଯାହା ସାର୍ବଜନୀନ ଶାନ୍ତି ଏବଂ ଶୃଙ୍ଖଳା ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି। ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଘଟଣାସ୍ଥଳରେ ଚଢାଉ କରାଯାଇଥିଲା। ୪ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କର ହେପାଜତରୁ ଏକ ଖଣ୍ଡା ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ଯାଞ୍ଚ ପରେ ସେମାନେ ଅପରାଧ ସ୍ୱୀକାର କରିଛନ୍ତି।

ଖଣ୍ଡାରେ ଆକ୍ରମଣ ଉଦ୍ୟମ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୦।୧(ସମିସ): ଖଣ୍ଡାରେ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆଗାଁର ଚିନ୍ମୟ ମୁଦୁଲି (୨୩)। ପୁଲିସ ସୂଚନାନୁସାରେ, ନୂଆଗାଁର ମାଧବ ବେହେରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଭାଇ ସମରେଶ ପ୍ରସାଦ ବେହେରା, ଭଣଜା ରୁଦ୍ର ବେହେରା ଓ ବନ୍ଧୁ ଜ୍ୟୋତି ରଞ୍ଜନ ସାହୁ ତାଙ୍କୁ ଖୋଜିବାକୁ ମାଷ୍ଟରକ୍ୟାଣ୍ଟିନ ଆଡ଼କୁ ଯାଇଥିଲେ। ରାତି ପ୍ରାୟ ୧୨ଟା ୩୦ରେ ଭାଇଙ୍କୁ ନପାଇ ଘରକୁ ଫେରୁଥିଲେ। ନୂଆଗାଁ ଛକରେ ଚିନ୍ମୟ ସେମାନଙ୍କୁ ଅଟକାଇ ଗାଳିଗୁଲଜ କରିଥିଲା। ବିରୋଧ କରିବାରୁ ଖଣ୍ଡା ବାହାର କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ସେମାନେ କୌଶଳକ୍ରମେ ଚିନ୍ମୟକୁ ଆୟତ କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଉଠାଇ ନେବା ସହ ଖଣ୍ଡା ଜବତ କରିଥିଲା। ସମରେଶଙ୍କ ଅଭିଯୋଗ କ୍ରମେ ଚିନ୍ମୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବର୍ଷ ଆରମ୍ଭରୁ ଅପରାଧ ଉପରମୁହାଁ

ଭୁବନେଶ୍ୱର, ୧୦।୧ (ସମିସ): ଜାନୁୟାରୀ ୫ ଦିନ ୩ଟା। ସପ୍ତସତୀ ନଗରର କବିତା ମିଶ୍ର ତାଙ୍କ ପୁଅଙ୍କ ସହ ସ୍କୁଟିରେ ଯାଉଥିଲେ। ମଞ୍ଚେଶ୍ୱର ଥାନା ସତ୍ୟ ବିହାର କେନାଲ ରୋଡରେ ଦୁଇ ଜଣ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। କବିତା ଚିତ୍କାର କରିବା ବେଳକୁ ସେମାନେ ଅପରପାର୍ଶ୍ୱ କେନାଲ ରୋଡରେ ଫେରାର ହୋଇ ଯାଇଥିଲେ। ଏନେଇ ସେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ସେହିପରି କଟକ ସଦର ଥାନା ଗୋପାଳପୁରର ଅଜୟ କୁମାର ସାହୁ ନୂଆବର୍ଷ ଦିନ ଇସ୍କନ ମନ୍ଦିରକୁ ଆସିଥିଲେ। କାଉଣ୍ଟରରୁ ପ୍ରସାଦ କିଣୁଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ପ୍ୟାଣ୍ଟ ପଛ ପକେଟରୁ ୧୦ ହଜାର ଟଙ୍କା ଓ ସୁନା ଚେନ୍ ଚୋରିକରି ନେଇଥିଲା। ଅଜୟଙ୍କ ଅଭିଯୋଗକ୍ରମେ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରିଛି। କେବଳ ଏମିତି ନୁହେଁ, ରାଜଧାନୀରେ ବର୍ଷ ଆରମ୍ଭରୁ ଅପରାଧୀଙ୍କ ଉତ୍ପାତ ଦେଖିବାକୁ ମିଳିଲାଣି। କେଉଁଠି ଘର ତାଲା ଭାଙ୍ଗି ଚୋରି କରୁଛନ୍ତି ତ ଆଉ କେଉଁଠି ଘର ଲୋକଙ୍କୁ ତାଲା ପକାଇ କଳାକନା ବୁଲାଉଛନ୍ତି। ସ୍ଥିତି ଏମିତି ହେଲାଣି ଯେ, ଭୁବନେଶ୍ୱର ଏବେ ବାଇକ୍ ଚୋରଙ୍କ ଭୂସ୍ୱର୍ଗ ପାଲଟିଗଲାଣି। ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ଲୋକଙ୍କୁ ସୁରକ୍ଷା ଦେଉଥିବା ପିସିଆର ଭ୍ୟାନଟି ମଧ୍ୟ ଅପରାଧୀଙ୍କ କବଳରୁ ବାଦ୍ ପଡ଼ିନାହିଁ।

■ ବିଜେବି ନଗର, ପଳାଶୁଣିରେ ସିନ୍ଧିଚୋର ଆତଙ୍କ
■ ମଞ୍ଚେଶ୍ୱରରୁ ସୁନାଚେନ୍ ଛଡ଼ାଇଲେ
■ ପିସିଆର ଭ୍ୟାନରୁ ମୋବାଇଲ ନେଇଗଲେ

୨୨ ବର୍ଷୀୟା ନିତାଲି ରାଉତ ତାଙ୍କ ଅଜା ଓ ଆଇଙ୍କ ସହ ବଡ଼ଗଡ଼ ହରିହର ହାଇସ୍କୁଲ ନିକଟରେ ରୁହନ୍ତି। ଦ୍ୱିତୀୟ ମହଲା ଭଡ଼ାରେ ଲାଗିଥିବା ବେଳେ ପ୍ରଥମ ମହଲାରେ ଜିନିଷପତ୍ର ରଖି ନିଜେ ତଳ ମହଲାରେ ରହୁଛନ୍ତି। ସବୁଦିନ ଭଳି ରାତିରେ ଖାଇପିଇ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତଳ ଓ ଦ୍ୱିତୀୟ ମହଲା ଘରର ମୁଖ୍ୟ ଦ୍ୱାରକୁ ତାଲା ପକାଇ ଦେଇଥିଲେ। ମାଲିକ ଓ ଭଡ଼ାଟିଆଙ୍କୁ ଏକପ୍ରକାର ବନ୍ଦୀ କରି ଦ୍ୱିତୀୟ ମହଲାରେ କଳାକନା ବୁଲାଇଥିଲେ। ଘର ଭିତର ଆଲମିରାରୁ ସୁନା ହାର, ୨ଟି ସୁନା ବାହୁଟି, ସୁନା ଚେନ୍ ୨ଟି, ୩ଟା ସୁନା ମୁଦି, ରୁପା ପାଉଁଜି ଓ ନଗଦ ଦେଢ଼ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ଭୋରରୁ ଉଠିବା ବେଳକୁ ବାହାରୁ କବାଟ ବନ୍ଦ ଥିବା ଦେଖି ଭଡ଼ାଟିଆଙ୍କୁ ଫୋନ୍ କରିଥିଲେ। ହେଲେ ସେମାନଙ୍କ ଅବସ୍ଥା ମଧ୍ୟ ସମାନ ବୋଲି ଜାଣିବା ପରେ ବାଡ଼ିପଟ କବାଟ ଦେଇ ବାହାରକୁ ଆସିଥିଲେ। ଉପୋରକ୍ତ ସୁନା ଓ ଟଙ୍କା ଚୋରି ନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସପ୍ତସତୀ ନଗରର ହରପ୍ରିୟା ଦାଶ ସନ୍ଧ୍ୟା ୬ଟାରେ କୌଣସି କାମରେ ବାହାରକୁ ଯାଇ ୮ଟା ବେଳକୁ ଫେରିଥିଲେ। ଏହି ଦୁଇ ଘଣ୍ଟା ମଧ୍ୟରେ ଦୁର୍ବୃତ୍ତ କବାଟ ତାଲା ଭାଙ୍ଗି ଘର ଭିତରୁ ସୁନା ମୁଦି, ସୁନା ଚେନ, ଲାପଟପ୍ ଓ ନଗଦ ଟଙ୍କା ଚୋରି କରି ନେଇଥିଲେ। ଅଭିଯୋଗ ପରେ ମଞ୍ଚେଶ୍ୱର ପୁଲିସ ମାମଲା ରୁଜୁ କରିଛି।

ଜୟଦେବ ବିହାର ଓଭରବ୍ରିଜ ଉପରେ ଦୁର୍ଘଟଣା ହୋଇଥିବା ଖବରପାଇ ସହିଦନଗର ଥାନା ପିସିଆର୍ ୫ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପଠାଇବା ସହ ଚଳାଚଳ ସ୍ୱଭାବିକ କରିଥିଲା। ଏତିକି ବେଳେ ପିସିଆର୍ ଭ୍ୟାନରୁ ମୋବାଇଲ ଚୋରି କରି ନେଇଥିଲେ ଦୁର୍ବୃତ୍ତ। ପିସିଆର ଚାଳକ ପ୍ରକାଶ ଚନ୍ଦ୍ର ଦାସ ସହିଦନଗର ଥାନାରେ ଏତଲା ଦେଇଛନ୍ତି। ସେପଟେ ଲୁଟେରା, ସିନ୍ଧି ଚୋରଙ୍କ ପରେ ବାଇକ୍ ଚୋର ମଧ୍ୟ ପଛରେ ପଡ଼ିନାହାନ୍ତି। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ନିଜର ଦବଦବା ଦେଖାଇଛନ୍ତି। ପୁଲିସ ସୂତ୍ର କହୁଛି, ବର୍ଷର ପ୍ରଥମ ସପ୍ତାହରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ୧୫ରୁ ଅଧିକ ବାଇକ୍ ଚୋରି ହେଲାଣି। କେତେକ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ ମଧ୍ୟ କରିଛି। ମାତ୍ର ୧୦ ଦିନ ମଧ୍ୟରେ ରାଜଧାନୀର ବିଭିନ୍ନ ଥାନାରେ ମୋଟ ମାମଲା ସଂଖ୍ୟା ୩୦୦ ଟପିବା, ଅପରାଧ ଉପର ମୁହାଁ ହେଉଥିବା କଥାକୁ ସ୍ପଷ୍ଟ କରିଛି। ବର୍ଷ ଆରମ୍ଭରୁ ଅପରାଧୀଙ୍କ ଉତ୍ପାତ କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

ହେଭେନ୍ସ ଗ୍ରୁପର ବାର୍ଷିକ ଉତ୍ସବ 'ଗୀତ ଗୀତିକା'

ଭୁବନେଶ୍ୱର, ୧୦।୧(ସମିସ): ହେଭେନ୍ସ ଗ୍ରୁପର ୧୫ ତମ ବାର୍ଷିକ ଉତ୍ସବ 'ଗୀତ ଗୀତିକା' ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଲୋକପ୍ରିୟ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ପ୍ରଣବ ଜ୍ୟୋତି ନାଥ, ସୁଶାନ୍ତ ପଣ୍ଡା, ସ୍ମରଣିକା ନାୟକ, ଶ୍ରୀନିବାସ ରାଓ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଦିଲ କିୟା କରେ, କୋଇ ସାଗର ଦିଲ କୋ, କାହା ପାଦ ଶବଦରେ ନିଦ ଭାଙ୍ଗିଗଲା, ଫେରିଆ ଫେରିଆ ଶାରୀ, ଏକ ପ୍ୟାର କା ନଗମା ହେ.. ଆଦି କ୍ଲାସିକ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ର ଗୀତଗୁଡ଼ିକ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଡ. ସତ୍ୟଜିତ ମହାନ୍ତି, ଡ ଲଳିତ ଦାସ, ହେବେନ୍ସ ଗ୍ରୁପର ସଭାପତି ବିଜୟକୁମାର ପଟ୍ଟନାୟକ, ଆଦ୍ୟାଶା ଦାସ, ପରିଚାଳକ ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୁଲସନ ନଦିମ ପରିଚାଳନା କରିଥିଲେ।

ମହାକାଶକୁ ଯିବ ଓଡ଼ିଶା ନିର୍ମିତ ପ୍ରଥମ ଉପଗ୍ରହ

୧୨ରେ ଶ୍ରୀହରିକୋଟାରୁ ଉତ୍କ୍ଷେପଣ

ଭୁବନେଶ୍ୱର, ୧୦ ।୧(ସମିସ): ଆସନ୍ତା ୧୨ ତାରିଖରେ ଆନ୍ଧ୍ର ଶ୍ରୀହରିକୋଟାରୁ ଅନ୍ତରୀକ୍ଷକୁ ଉତକ୍ଷେପଣ ହେବ ପିଏସଏଲଭି ସି-୬୨ ରକେଟ୍। ସିଜିୟୁଏସ୍ଏଟି-୧ ଉପଗ୍ରହକୁ ଅନ୍ତରୀକ୍ଷରେ ସ୍ଥାପିତ କରିବ । ଏହି ଅତ୍ୟାଧୁନିକ ଉପଗ୍ରହକୁ ନିର୍ମାଣ କରିଛି ଭୁବନେଶ୍ୱରସ୍ଥିତ ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ । ଜରୁରୀକାଳୀନ ପରିସ୍ଥିତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୋଗାଯୋଗର ପ୍ରମୁଖ ମାଧ୍ୟମ ସାଜିବ । ବିଶ୍ୱବିଦ୍ୟାଳୟର ଏହି ସଫଳତା ଅନ୍ତରୀକ୍ଷ କ୍ଷେତ୍ରରେ ଓଡ଼ିଶା ପାଇଁ ଏକ ନୂତନ ଇତିହାସ ସୃଷ୍ଟି କରିବାକୁ ଯାଉଛି ।

ଏହି ଉପଗ୍ରହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀ ବାର୍ତ୍ତା ପ୍ରଦାନ କରିବ । ବିଶେଷକରି ଯେଉଁ ସମୟରେ କୌଣସି ଯୋଗାଯୋଗର ମାଧ୍ୟମ କାମ କରୁନଥିବ, ସେତେବେଳେ ମଧ୍ୟ ସିଜିୟୁଏସ୍ଏଟି-୧ ଉପଗ୍ରହ ତଥ୍ୟ ପ୍ରେରଣ କରିବ । ବାତ୍ୟା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ଏହାକୁ ବାର୍ତ୍ତା ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ଭାବେ ବ୍ୟବହାର କରିପାରିବେ । ଉପଗ୍ରହର ଗ୍ରାଉଣ୍ଡ ଷ୍ଟେସନ ସଂରକ୍ଷକ ସୌମ୍ୟା ମିଶ୍ରଙ୍କ ସୂଚନା ଅନୁଯାୟୀ, ଲିଓ ଅର୍ବିଟ୍‌ରେ ଉପଗ୍ରହ ଅବତରଣ କରିବା ପରେ ସାରା ବିଶ୍ୱ ଉପରେ ଘୂରିବ । ଯେତେବେଳେ ଭୁବନେଶ୍ୱର ଉପରକୁ ଆସିବ, ସେତେବେଳେ ସର୍ବାଧିକ ସିଗନାଲ ମିଳିବ । ଫଳରେ ଏହା ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେଶ ପ୍ରଦାନ କରିବା ସହଜ ହେବ । ବିଶ୍ୱବିଦ୍ୟାଳୟର ୧୧ ଶିକ୍ଷକ ଓ ୨୦ ଛାତ୍ରଙ୍କ ଏକ ମିଳିତ ଦଳ ଏହି ସଫଳତା ପାଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯାଇ ଛାତ୍ରଛାତ୍ରୀଙ୍କୁ ନିଜସ୍ୱ ସ୍ୟାଟେଲାଇଟ୍ ନିର୍ମାଣ, ଟ୍ରାକିଂ, ଇମେଜ୍ ପ୍ରୋସେସିଂ ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି । ପ୍ରଶିକ୍ଷଣ ଆରମ୍ଭର ମାତ୍ର ବର୍ଷେ ମଧ୍ୟରେ ଏହି ଉପଗ୍ରହକୁ ନିର୍ମାଣ କରାଯାଇଥିବା ବିଶ୍ୱବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ସୁନୀଲ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ପାତ୍ରପଡ଼ା ଔଷଧିୟ ବୃକ୍ଷ ଜ୍ଞାନକେନ୍ଦ୍ର ପୁରସ୍କୃତ

ଭୁବନେଶ୍ୱର, ୧୦ ।୧(ସମିସ): ଆଞ୍ଚଳିକ ଉଦ୍ଭିଦ ସମ୍ପଦ ଗବେଷଣା କେନ୍ଦ୍ର ଠାରେ ୩୭ତମ ରାଜ୍ୟସ୍ତରୀୟପୁଷ୍ପପ୍ରଦର୍ଶନୀରଦ୍ୱିତୀୟଦିନଅବସରରେପାତ୍ରପଡ଼ାଔଷଧିୟବୃକ୍ଷଜ୍ଞାନକେନ୍ଦ୍ରକୁ ଲାର୍ଜ ଗାଡ଼େନ୍‌ରେ ପ୍ରଥମ, ସ୍ମଲ୍ ଗାଡ଼େନ୍‌ରେ ପ୍ରଥମ, ସ୍ମଲ୍ ନର୍ସରୀରେ ଦ୍ୱିତୀୟ, ବୈଦ୍ୟରାଜ ଲକ୍ଷ୍ମଣ ମିଶ୍ର ସ୍ମାରକ ଟ୍ରଫି, ଔଷଧିୟ ବୃକ୍ଷ ଶିକ୍ଷା ଓ ରିସର୍ଚ୍ଚ ନିମନ୍ତେ ଆରପିଆରସି ଟ୍ରଫି ପ୍ରଦାନ କରାଯାଇଛି । ଏହି ପୁଷ୍ପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ପ୍ରେମ୍ କୁମାର ଝା, ପ୍ଲାଣ୍ଟ ଲଭରସ୍ ଆସୋସିଏସନ୍‌ର ସଭାପତି ଶ୍ରୀ ପଟ୍ଟନାୟକଙ୍କ ଠାରୁ ୯ଟି ପୁରସ୍କାର ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ବନପାଳ ସମୀର ବେହେରା, ପ୍ରମୋଦ ସିଂ ଗ୍ରହଣ କରିଛନ୍ତି ।

ବିମାନବନ୍ଦର ରନ୍‌ୱେ ନିକଟସ୍ଥ ପଡ଼ିଆରେ ଭୟାବହ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୦।୧(ସମିସ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ରନ୍‌ୱେ ନିକଟସ୍ଥ ପଡ଼ିଆରେ ଭୟାବହ ଅଗ୍ନିକାଣ୍ଡ । ଶୁଖିଲା ଘାସ ହୁତୁ ହୁତୁ ହୋଇ ଜଳିଗଲା । ବହୁ ସମୟ ଧରି ନିଆଁ ଜଳିଥିଲା । ଯାହାକୁ ଆୟତ୍ତ କରିବାକୁ ଅଗ୍ନିଶମ ବିଭାଗ ନାକେଦମ୍ ହୋଇ ଯାଇଥିଲା । ବିମାନବନ୍ଦରରେ ପାର୍କିଂ ହୋଇଥିବା ବିମାନ ଗୁଡ଼ିକର କୌଣସି କ୍ଷୟକ୍ଷତି ହୋଇ ନାହିଁ । ଏହା ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ । ମିଳିଥିବା ସୂଚନା ମୁତାବକ, ଶନିବାର ସକାଳ ସମୟରେ ଅଗ୍ନିକାଣ୍ଡ ଘଟିଥିଲା । ଚାହୁଁ ଚାହୁଁ ନିଆଁ ବ୍ୟାପିବାକୁ ଲାଗିଥିଲା । ଆକାଶ କିଛି ସମୟ ପାଇଁ ଧୂଆଁ ଧୂଆଁ ହୋଇ ଯାଇଥିଲା । ବିମାନବନ୍ଦର ପରିସର ମଧ୍ୟରେ ଏପରି ଅଗ୍ନିକାଣ୍ଡ ଦେଖି ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ତେବେ କର୍ମଚାରୀଙ୍କ ଅସାବଧାନତା ଯୋଗୁଁ ବିମାନବନ୍ଦର ରନୱେ ପଡ଼ିଆ ନିକଟରେ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି ।

କିମ୍ସରେ ଏଏପିଆଇ ଗ୍ଲୋବାଲ୍ ହେଲ୍‌ଥକେୟାର ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୧୦ ।୧(ସମିସ): ଆମେରିକାନ ଆସୋସିଏସନ ଅଫ୍ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ-ଏଏପିଆଇ) ପକ୍ଷରୁ କିମ୍ସରେ ୧୯ତମ ଗ୍ଲୋବାଲ୍ ହେଲଥ୍‌କେୟାର ସମ୍ମିଳନୀ-୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଜାନୁଆରୀ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଉର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଛନ୍ତି । ପ୍ରଥମ ଥର ପାଇଁ ଓଡିଶାର କିମ୍ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି ବୋଲି କହିଛନ୍ତି ।

କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସାମନ୍ତ କହିଲେ, ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି । ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚଏସ୍ ଅଧ୍ୟକ୍ଷ ଡା. ଅମିତ ଚକ୍ରବର୍ତ୍ତୀ ଯୋଗଦେଇ କହିଛନ୍ତି, ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ । କିମ୍ସରେ ଏହି ସମ୍ମିଳନୀ ଆୟୋଜନ କରିବା ଦ୍ୱାରା କିଟ୍ ଓ କିମ୍ସର ବିଶ୍ୱସ୍ତରୀୟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ପରିଦର୍ଶନ କରିବା ସହ ପ୍ରତିନିଧିମାନେ ଓଡିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଅଭିଜ୍ଞତା ଲାଭ କରିବେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା. ଅତଶୁ ନାୟକ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡ. ଆର.ସି ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କିମ୍ସ ମହାନିର୍ଦ୍ଦେଶକ ଡା. ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା କରାଯାଉଛି ।

ସିଫା ପକ୍ଷରୁ 'ତେଜ୍' ଉଦ୍‌ଯାପିତ

● କ୍ରୀଡ଼ା ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଅତ୍ୟନ୍ତ ଅତ୍ୟାବଶ୍ୟକ

ଭୁବନେଶ୍ୱର, ୧୦ ।୧(ସମିସ): କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର ସିଫା ପକ୍ଷରୁ ଆୟୋଜିତ ଆଇସିଏଆର୍ ପୂର୍ବମଣ୍ଡଳ କ୍ରୀଡ଼ା ସମାବେଶ 'ତେଜ୍୨୦୨୫' କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହୋଇଯାଇଛି । ଚାରିଦିନିଆ ଏହି କ୍ରୀଡ଼ା ସମାବେଶରେ ଉତ୍ତରପୂର୍ବ ଭାରତରେ ଅବସ୍ଥିତ ଆଇସିଏଆର୍ ଅନ୍ତର୍ଗତ ୨୪ଟି ପ୍ରତିଷ୍ଠାନରୁ ୭୨୨ ଜଣ କ୍ରୀଡ଼ାବିତ୍ ୩୯ଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ ସମାରୋହରେ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ ଅଧ୍ୟକ୍ଷତା କରି କ୍ରୀଡ଼ାବିତ୍‌ମାନଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ କ୍ରୀଡ଼ା ସହଯୋଗ, ସକରାତ୍ମକ କାର୍ଯ୍ୟ ସଂସ୍କୃତି ଓ ସାଂଗଠନିକ ଉତ୍କର୍ଷରେ ଗୁରୁତ୍ୱ ରହିଛି ବୋଲି କହିଥିଲେ । ଏହି ପ୍ରତିଯୋଗିତାରେ କଟକସ୍ଥିତ ସିଆରଆରଆଇ ସାମଗ୍ରିକ ଜୋନାଲ ଚାମ୍ପିଅନ୍‌ସିପ୍ ହାସଲ କରିଥିବାବେଳେ ଆଇସିଏଆର୍ ମୁଖ୍ୟାଳୟ, ନୂଆଦିଲ୍ଲୀ ରନର୍ସଅପ୍ ହୋଇଛି । ସିଆରଆରଆଇର ଅମିତ୍ କୁମାର ଦାସ ପୁରୁଷ ବର୍ଗରେ ଓ ନୂପୁର ଚୌଧୁରୀ ମହିଳା ବର୍ଗରେ ଶ୍ରେଷ୍ଠ ଆଥଲେଟ୍ ଘୋଷିତ ହୋଇଛନ୍ତି ।

ଜାତୀୟ ସ୍ତରରେ ଟେକ ରଖିଲେ ଓଡ଼ିଶା ଝିଅ

● ଜୁନିଅର ମିସ୍ଇଣ୍ଡିଆରେ ପାଇଲେ ଦୁଇଟି ଶୀର୍ଷ ସମ୍ମାନ

ଭୁବନେଶ୍ୱର/କଟକ, ୧୦ ।୧(ସମିସ): ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଥିବା ଭାରତର ସବୁଠାରୁ ବଡ଼ ବାଳିକା ପ୍ରତିଯୋଗିତା 'ଜୁନିଅର ମିସ୍ ଇଣ୍ଡିଆ-୨୦୨୬'ରେ ଓଡ଼ିଆ ଝିଅ ଶ୍ରେୟା ସଂହିତା କୁଣ୍ଡୁ ନିଜର ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଜୟପୁରର ପ୍ରସିଦ୍ଧ ହୋଟେଲ କ୍ଲାର୍କ ଆମେରଠାରେ ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ମେଗା ଇଭେଣ୍ଟରେ ଶ୍ରେୟା ୧୫-୧୬ ବର୍ଷ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ । ସେ ସମସ୍ତ ରାଉଣ୍ଡରେ ନିଜର ବୁଦ୍ଧିମତା ଓ କଳାନୈପୁଣ୍ୟ ପ୍ରଦର୍ଶନ କରି 'ସାଂସ୍କୃତିକ ରାଉଣ୍ଡ'ରେ ବିଜେତା ହେବା ସହ 'ମିସ୍ ଟ୍ୟାଲେଣ୍ଟ' ଉପାଧିରେ ଭୂଷିତ ହୋଇଛନ୍ତି । ଶ୍ରେୟା ଏହି ଜାତୀୟ ମଞ୍ଚରେ ଓଡ଼ିଶାର ସମୃଦ୍ଧ ଆଦିବାସୀ ସଂସ୍କୃତିକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଓଡ଼ିଶାର ପାରମ୍ପରିକ କୋଟପାଡ୍ ଶାଢ଼ି ପରିଧାନ କରିବା ସହ ଏଥିରେ ଡୋଙ୍ଗରିଆ ଶାଲ୍ ଏବଂ ଶୌରା କଳା ନିର୍ମିତ ପ୍ରପ୍ସ ବ୍ୟବହାର କରିଥିଲେ । ଏହି ନିଆରା ପରିଧାନ ଦ୍ୱାରା ଓଡ଼ିଶାର କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କରାଯାଇଥିବା ପ୍ରୟାସ ତାଙ୍କୁ ସାଂସ୍କୃତିକ ରାଉଣ୍ଡରେ ଶ୍ରେଷ୍ଠ ପ୍ରତିଯୋଗୀର ସମ୍ମାନ ଆଣିଦେଇଥିଲା । ଏହି ପ୍ରଦର୍ଶନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ବୟନ ମନ୍ତ୍ରଣାଳୟ ପକ୍ଷରୁ 'ଉତ୍କଳିକା'ର ଆଦିବାସୀ ହସ୍ତତନ୍ତ ଉତ୍ପାଦ ଯୋଗାଇ ଦିଆଯାଇ ସମର୍ଥନ କରାଯାଇଥିଲା । ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରଥମ ଦିନ ଗ୍ରୁମିଂ ଓ ତାଲିମ ଅଧିବେଶନ ହୋଇଥିବା ବେଳେ ଦ୍ୱିତୀୟ ଦିନ ସାଂସ୍କୃତିକ ରାଉଣ୍ଡ ଏବଂ ଶେଷ ଦିନରେ ପଶ୍ଚିମା ପୋଷାକ ଓ ଗାଉନ୍ ରାଉଣ୍ଡ ଆୟୋଜିତ ହୋଇଥିଲା । ସାରା ଭାରତର ବିଭିନ୍ନ ପ୍ରାନ୍ତରୁ ଆଞ୍ଚଳିକ ଅଡିସନ୍ ମାଧ୍ୟମରେ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ଶ୍ରେୟାଙ୍କ ଏହି ଦ୍ୱୈତ ସଫଳତା ଓଡ଼ିଶାର କଳା ଓ ପରମ୍ପରା ପାଇଁ ଏକ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି । ଏନେଇ ଶ୍ରେୟାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

'କେଳୁଚରଣ-କୀର୍ତ୍ତି-ଶତକମ୍'ର ଉଦ୍‌ଯାପିତ

ଭୁବନେଶ୍ୱର, ୧୦ ।୧(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ମିଳିତ ସହଯୋଗରେ ତିନିଦିନ ଧରି ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ହେଉଥିବା 'କେଳୁଚରଣ-କୀର୍ତ୍ତି-ଶତକମ୍'ର ଉଦଯାପିତ ହୋଇଯାଇଛି । ଏହି ଅବସରରେ ବାଲୁକା କଳା, ଫଟୋ ପ୍ରଦର୍ଶନୀ ଏବଂ ବିଭିନ୍ନ ସ୍ଥାନରେ ଗୁରୁଜୀଙ୍କ ଜୀବନ ଏବଂ ସମୟ ବିଷୟରେ ସୂଚନାପ୍ରଦ ଚିତ୍ର ସହିତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳ ଅଧିବେଶନରେ ବରିଷ୍ଠ ଓଡ଼ିଶୀ ନୃତ୍ୟାଙ୍ଗନା ଶାରୋନ ଲୋୱେନ, ମୁକ୍ତିଲତା ପାଲ, ସିକତା ଦାସ, ଝେଲମ ପରାଞ୍ଜପେ, ଶୁଭଦା ଭାରତକର, ଶର୍ମିଳା ମୁଖାର୍ଜୀ, ସୃଜନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ପ୍ରଖ୍ୟାତ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁ ପ୍ରମୁଖଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଆଦି ପରିବେଷିତ ହୋଇଥିଲା । ଅଧିବେଶନ ଶେଷରେ କୁମକୁମ ମହାନ୍ତି ଦର୍ଶକମାନଙ୍କୁ ତାଙ୍କ ଅଭିଜ୍ଞତା ସହିତ ସ୍ମୃତିକୁ ପୁନଃପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ । ସନ୍ଧ୍ୟା ଅଧିବେସନରେ ଶ୍ରୀମତୀ ଶାରୋନ ଲୋୱେନଙ୍କ ଦ୍ୱାରା ଶତାବ୍ଦୀର କବି ଜୟଦେବଙ୍କ ମହାନ ରଚନା ଗୀତ ଗୋବିନ୍ଦର ଏକ ପ୍ରବନ୍ଧ ପଶ୍ୟତି ଦିଶି ଦିଶି ପରିବେଷଣ କରିଥିଲେ । ଏହାପରେ ଗୋବିନ୍ଦର ଅନ୍ୟ ଏକ ପ୍ରବନ୍ଧ ପ୍ରିୟେ ଚାରୁଶୀଳେକୁ ଝେଲମ ପରାଞ୍ଜପେ ଉପସ୍ଥାପନ କରିଥିଲେ । ସେହିପରି ଜ୍ୟୋତି ରାଉତଙ୍କ ଭଜ ଗୋବିନ୍ଦମ୍, ମନୋରଞ୍ଜନ ପ୍ରଧାନ ଏବଂ ମିନତି ପ୍ରଧାନଙ୍କ ଦ୍ୱାରା ଅର୍ଦ୍ଧନାରୀଶ୍ୱର, ମୀରା ଦାସଙ୍କ ଦ୍ୱାରା ଓଡିଆ ଅଭିନୟ ବିଭୂଷଣ ପୁଷ୍ପ, ସୁଶ୍ରୀ ବିପଞ୍ଚି ଦାସଙ୍କ ଦ୍ୱାରା କୃଷ୍ଣ ପ୍ରିତି ଓ ସୁହାଗ ନଳିନୀ ଦାସଙ୍କ ଦ୍ୱାରା ରସ ପଞ୍ଚକ ପରେ ଦଳଗତନୃତ୍ୟରେ ହଂସଧ୍ୱନି ପଲ୍ଲବୀ ପରିବେଷଣ ହୋଇଥିଲା । ଏହାପରେ ସୁରଭି ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଆଶାବରୀ ପଲ୍ଲବୀ ଏବଂ ସନ୍ଧ୍ୟାର ଶେଷ ଉପସ୍ଥାପନାରେ ସୁରମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନାଚନ୍ତି ରଙ୍ଗେ ଶ୍ରୀ ହରି ପରିବେଶେ ହୋଇଥିଲା । ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବିଜୟ ନାୟକଙ୍କ ହିନ୍ଦୀ ଗଳ୍ପ ସଂକଳନ 'ଅରଣ୍ୟ ରୋଦନ' ଲୋକାର୍ପିତ

ଭୁବନେଶ୍ୱର, ୧୦।୧(ସମିସ): ଏନ୍‌ବିଟି ଦ୍ୱାରା ଆୟୋଜିତ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାର ଥିମ୍ ମଣ୍ଡପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସ୍ପେନ୍‌ର ସଂସ୍କୃତି ମନ୍ତ୍ରୀ ଏର୍ଣ୍ଣାଷ୍ଟ ଉର୍ଟାସୁନ୍ କଥାଶିଳ୍ପୀ ବିଜୟ ନାୟକଙ୍କ ହିନ୍ଦୀ ଗଳ୍ପ ସଂକଳନ 'ଅରଣ୍ୟ ରୋଦନ' କୁ ଆଜି ଲୋକାର୍ପଣ କରିଛନ୍ତି । ନୂଆଦିଲ୍ଲୀର ପ୍ରଲେଖ ପ୍ରକାଶନ ପକ୍ଷରୁ ପ୍ରକାଶିତ ଶ୍ରୀ ନାୟକଙ୍କ ଏହି ଗଳ୍ପ ସଂଗ୍ରହରେ ୨୧ଟି ଗଳ୍ପ ସ୍ଥାନିତ ହୋଇଛି । ସୁପରିଚିତ ଅନୁବାଦକ ଡକ୍ଟର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ଦ୍ୱାରା ଅନୁବାଦିତ ଗଳ୍ପଗୁଡ଼ିକ ବିଭିନ୍ନ ହିନ୍ଦୀ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକପାଠିକାମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଶ୍ରୀ ନାୟକଙ୍କ ଗଳ୍ପଗୁଡ଼ିକର ଭୂମି ସ୍ଥାନୀୟ କିନ୍ତୁ ଭାବ ବୈଶ୍ୱିକ ହୋଇଥିବାରୁ ପୁସ୍ତକଟି ସର୍ବଭାରତୀୟ ସ୍ତରରେ ଆଦୃତ ହେବ ବୋଲି ପୁସ୍ତକାର୍ପଣ ଅବସରରେ ମତପ୍ରକାଶ ପାଇଛି । ଏହି ଉତ୍ସବରେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ସଚିବ ବିନୀତ ଜୋଶୀ, ଏନ୍‌ବିଟିର ଅଧ୍ୟକ୍ଷ ମିଲିନ୍ଦ ସୁଧାକର ମରାଠେ, ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ ମଞ୍ଚାସୀନ ହୋଇଥିବାବେଳେ ଜ୍ଞାନରଞ୍ଜନ ନନ୍ଦ, ସୁରତ ମହନ୍ତ, ପ୍ରମୋଦ ସର, ରାମଚନ୍ଦ୍ର ନାଥ, ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପୁସ୍ତକ ଉନ୍ମୋଚନ କରି ଶ୍ରୀ ପ୍ରଧାନ ଓ ଅନ୍ୟମାନେ ଲେଖକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମେଗା 'ଶିଶିର ସରସ-୨୦୨୬' ଉଦ୍‌ଘାଟିତ

ଭୁବନେଶ୍ୱର,୧୦ ।୧(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନସ୍ଥ ଓଡିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟୀ (ଓର୍‌ମାସ୍) ପକ୍ଷରୁ ସ୍ଥାନୀୟ ୟୁନିଟ୍ ୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଛି ବାର୍ଷିକ ମେଗା 'ଶିଶିର ସରସ-୨୦୨୬' ମେଳା । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, 'ଶିଶିର ସରସ' କେବଳ ଏକ ମେଳା ନୁହେଁ, ବରଂ ଓଡିଶାର ଗ୍ରାମୀଣ ଆତ୍ମଶକ୍ତି, ସ୍ୱଦେଶୀ ପରିଚୟ ଓ ସାଂସ୍କୃତିକ ଐତିହ୍ୟର ଏକ ସଜୀବ ଉତ୍ସବ । 'ଭୋକାଲ୍ ଫର୍ ଲୋକାଲ୍' ଆହ୍ୱାନକୁ ସାକାର କରୁଥିବା ଏହି ମେଳା ମାଧ୍ୟମରେ ସ୍ୱଦେଶୀ ଓ ଜିଆଇ ଟ୍ୟାଗପ୍ରାପ୍ତ ଉତ୍ପାଦ ଜାତୀୟ ସ୍ତରରେ ପରିଚୟ ପାଉଛ ବୋଲି କହିଛନ୍ତି । ସମାରୋହରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଉପସ୍ଥିତ ରହି ମେଳାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଗ୍ରାମୀଣ ଅର୍ଥନୀତି ସୁଦୃ?କରଣରେ ଏହାର ଭୂମିକାକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଓର୍‌ମାସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶନୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓର୍‌ମାସ୍ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ସିଂହ ଧନ୍ୟବାଦ ଜ୍ଞାନ କରିଥିଲେ ।

■ ସ୍ୱଦେଶୀ ଓ ଜିଆଇ ଟ୍ୟାଗପ୍ରାପ୍ତ ଓଡ଼ିଶା ଉତ୍ପାଦକୁ ଜାତୀୟ ସ୍ତରରେ ନୂଆ ପରିଚୟ: ମନ୍ତ୍ରୀ
■ ପ୍ରଥମ ଦିନରେ ଫୁଡ୍ ଜୋନ୍ ଓ ସେଲ୍ଫି ପଏଣ୍ଟରେ ଭିଡ଼
■ ଆକର୍ଷଣ ସାଜିଛି ଗ୍ରାମୀଣ କଳା, ମହିଳା ସଶକ୍ତିକରଣ ଓ ସ୍ୱଦେଶୀ ଉତ୍ପାଦ

ଚଳିତବର୍ଷ ମେଳାରେ ମୋଟ ୩୪୦ ଷ୍ଟଲ୍ ଖୋଲାଯାଇଥିବା ବେଳେ ୩୫ଟି ଖାଦ୍ୟ ଷ୍ଟଲ୍ ରହିଛି । ଯେଉଁଠାରେ ପ୍ରଥମ ଦିନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଓଡିଶାର ୩୦ ଜିଲ୍ଲା ସହିତ ଦେଶର ଅନ୍ୟ ୨୦ଟି ରାଜ୍ୟର କାରିଗର ଓ ଉତ୍ପାଦକମାନେ ଅଂଶଗ୍ରହଣ କରିଛନ୍ତି, ଯାହାକି ଏକ 'ମିନି ଇଣ୍ଡିଆ ବଜାର'ର ଭ୍ରମ ସୃଷ୍ଟି କରୁଛି । ମେଳା ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ବଲିଉଡ଼ର କଣ୍ଠଶିଳ୍ପୀ ଦିବ୍ୟ କୁମାର ଓ ଓଲିଉଡର ବିଭିନ୍ନ କଳାକାରଙ୍କ ପ୍ରସ୍ତୁତି ସହ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ 'ହ୍ୟୁମାନ ସାଗର ନାଇଟ୍' ମେଳାର ଏକ ବିଶେଷ ଆକର୍ଷଣ ସାଜିବ । ଏହା ସହ ମେଳା ପରିସରର 'ସେଲ୍ଫି ପଏଣ୍ଟ' ପରିଦର୍ଶକଙ୍କ ମନ ମୋହୁଛି । ସେହିପରି ମେଳା ପରିସରକୁ ପରିଷ୍କାର, ସୁସଜ୍ଜିତ ଓ ପ୍ଲାଷ୍ଟିକମୁକ୍ତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ, ପରିଦର୍ଶକମାନଙ୍କ ସୁବିଧା ପାଇଁ ଆବଶ୍ୟକୀୟ ସୁବିଧା ଉପଲବ୍ଧ କରାଯାଇଛି । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଶିଶିର ସରସ–୨୦୨୬' ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ ।

ମାଞ୍ଜାସୂତାରେ ଗୁଡ଼ି ଉଡ଼ାଇଲେ ଗିରଫ କରିବ ପୁଲିସ

ଭୁବନେଶ୍ୱର/କଟକ, ୧୦ ।୧(ସମିସ): ମକରସଂକ୍ରାନ୍ତି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡ଼ା ପ୍ରତିଯୋଗିତା । କଟକ ସହରର ବିଭିନ୍ନ ଅଞ୍ଚଳରେ ଗୁଡ଼ି ଉଡ଼ାଇବା ଜୋରଦାର କରାଯିବ । ଏଠାରେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡାନ୍ତି । ପୂର୍ବବର୍ଷ ବର୍ଷଗୁଡ଼ିକରେ ଏହି ଗୁଡ଼ି ଉଡ଼ା ଯୋଗୁଁ ଅନେକ ଅଘଟଣ ଘଟିଛି । କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି । ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିସନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦସଙ୍କୁଳ ସ୍ଥାନରେ ଗୁଡ଼ି ଉଡାଇବାକୁ ବାରଣ କରାଯାଇଛି । ଆସନ୍ତାକାଲିଠାରୁ ପୁଣି ଥରେ ସହରର ଗୁଡି ଦୋକାନଗୁଡ଼ିକରେ ଚଢଉ କରାଯିବ ଏବଂ କଟକ ସହରରେ ଏହି ଚଢ଼ଉ ଜାରି ରହିବ ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି । ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ୍ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ସିପି ଶ୍ରୀ ସିଂ କହିଛନ୍ତି । ଯେଉଁମାନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦସଙ୍କୁଳ ସ୍ଥାନରେ ଗୁଡି ଉଡ଼ାଇବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

● ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ କରାଟେ ଚାମ୍ପିଅନ

ବାଲକାଟିର ୫ ପ୍ରତିଯୋଗୀଙ୍କୁ ୧୦ ପଦକ

ବାଲିଅନ୍ତା, ୧୦ ।୧(ସମିସ): ଚଳିତ ମାସ ୪ ରେ କଲିକତାର ରାୟଗଞ୍ଜ ମ୍ୟୁନିସିପାଲଟି ପାର୍କ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆନ୍ତର୍ଜାତୀୟ କରାଟେ ଚମ୍ପିୟାନ ସିପ ୨୦୨୬ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ ଭାରତ, ନେପାଳ, ଭୁଟାନ, ବାଙ୍ଗଲାଦେଶ ଓ ଶ୍ରୀଲଙ୍କା ଦେଶ ଭାଗ ନେଇଥିଲେ । ପ୍ରତିଯୋଗିତାରେ ଓଡ଼ିଶା ଖୋର୍ଦ୍ଧା ଜିଲ୍ଲା ବାଲକାଟି ଅଞ୍ଚଳର ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ମୋଟ ୫ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୦ ଗୋଟି ପଦକ ହାସଲ କରିଛନ୍ତି । ସେଥି ମଧ୍ୟରୁ ସିନିୟର୍ ବାଳିକା ବିଭାଗରେ ସୁଦେଶେସ୍ନା ଶୁଭଦର୍ଶନୀ (୭୫-୮୦) କାଟା ଓ କୁମିତେରେ ୨ଟି ସ୍ୱର୍ଣ୍ଣ, ବାଳକ ବିଭାଗରେ କୁମାର ଅଭିଷେକ ଭୋଇ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ପାଇଥିବା ବେଳେ ଜୁନିଅର ବାଳକ ବିଭାଗରେ ଭବେସ କୁମାର ମହାନ୍ତି ଗୋଟିଏ ରୌପ୍ୟ ଓ ଗୋଟିଏ ତାମ୍ର ପଦକ, ଆଦିତ୍ୟ ନମନ ମହାନ୍ତି ଦୁଇଗୋଟି ତାମ୍ର, ସାଇ କ୍ରିଷ୍ଣା ଦାସ ଦୁଇଟି ତାମ୍ର ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଛନ୍ତି । କୃତିତ୍ୱକୁ ସମ୍ମାନ ଜଣାଇବା ପାଇଁ ଅଞ୍ଚଳରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି । ଏନେଇ ଆଜି ବାଲକାଟି ଦୁଲ୍ଲାଦେବୀ ମନ୍ଦିର ସଭାକକ୍ଷରେ ସ୍ୱସ୍ତିକ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱତନ୍ତ୍ର ସଭାରେ ସଂସ୍ଥାର ଅଧ୍ୟକ୍ଷ ଭୁବ୍ରତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, କପିଳ ମହାରଣା, ରଞ୍ଜନ ମହାପାତ୍ର, କଣ୍ଠ ଶିଳ୍ପୀ ଉପେନ୍ଦ୍ର ପ୍ରଧାନ ଏବଂ ଦୀନବନ୍ଧୁ ଭୋଇ ଉପସ୍ଥିତ ଥିଲେ ।

ଶୀତର ଆସର; ଚା'ର ଆଦର

ସାରା ରାତି ଦୋକାନ ଖୋଲା

ଭୁବନେଶ୍ୱର, ୧୦ ।୧(ସମିସ): ରାଜଧାନୀରେ ଶୀତର ପ୍ରକେପ ବଢ଼ି ବଢ଼ି ଚାଲିଛି । ସକାଳୁ ସକାଳୁ ଏହି ଶୀତରେ ଦେହରୁ କମ୍ବଳକୁ ଦୂରେଇ ଚା'ଦୋକାନରେ ଭିଡ଼ ଜମାଉଛନ୍ତି ସହରିଆ । ଖବର କାଗଜ ସହ ରାଜନୀତି, ଅର୍ଥନୀତି, ସାହିତ୍ୟ ଏହିପରି ଅନେକ ବିଷୟକୁ ସରଗରମ କରିପକାଉଛି ଚା' ଖଟି । ଷ୍ଟେସନ ହେଉ ଅବା ସହରର ବିଭିନ୍ନ ଛକ ଓ ହାଟ ସମେତ ରାସ୍ତାଘାଟ, ମେଡ଼ିକାଲ, ବସଷ୍ଟାଣ୍ଡ ଆଦି ସ୍ଥାନରେ ଚା' ଦୋକାନ ରହିଛି । ଏହି ଚା' ଦୋକାନ ସବୁ ଭୋରୁ ଭୋରୁ ଖୋଲୁଥିବା ବେଳେ ଆଉ କିଛି ଚା' ଦୋକାନ ବିଶେଷ କରି ବରମୁଣ୍ଡା ଏବଂ ମେଡ଼ିକାଲ ଆଖପାଖର ଚା' ଦୋକାନ ୨୪ ଘଣ୍ଟା ଖୋଲା ରହୁଛି । କ୍ଷୀର ଚା' ହେଉ ଅବା ନାଲି ଚା' ଗ୍ରାହକଙ୍କ ପସନ୍ଦ ମୁତାବକ ପ୍ଲାଷ୍ଟିକ୍ ଏବଂ ମାଟି ଗ୍ଲାସରେ ଗରାଖଙ୍କ ହାତକୁ ବଢ଼ାଇ ଦେଇଥାନ୍ତି ଦୋକାନୀ । ବିଶେଷ କରି ମେଡ଼ିକାଲ ଷ୍ଟେସନ, ବସଷ୍ଟାଣ୍ଡରେ ଅହରହ ଲୋକଙ୍କ ଯିବା

ଆସିବା ଲାଗି ରହିଥିବାରୁ ଏହି ସବୁ ସ୍ଥାନ ଗୁଡ଼ିକରେ ଚା' ଦୋକାନ ଖୋଲା ରହୁଛି । ଫଳରେ ବସ୍ ଟ୍ରେନ୍ ପାଇଁ ଅପେକ୍ଷା ହେଉ ଅବା ଡାକ୍ତରଖାନାରେ ରୋଗୀକୁ ଜଗିବା କାର୍ଯ୍ୟରୁ ଚା' ଅନେକ ଲୋକଙ୍କ ପାଇର୍ ସାହାରା ପାଲଟିଛି ।

ଏଥିସହିତ ସହରରେ ଏବେ ସ୍ୱାସ୍ଥ୍ୟ ଉପଯୋଗୀ ଚା' ମଧ୍ୟ ଉପଲବ୍ଧ ହେଉଅଛି । ଫିଟ୍‌ନେସ ପ୍ରେମୀ ହୁଅନ୍ତୁ ଅବା ସେଲିବ୍ରେଟି, ଡ଼ାଏଟିସିଆନ୍‌ଙ୍କ ସମେତ ବଡ଼ ବଡ଼ ଉଚ୍ଚପଦସ୍ଥ ଅଧିକାରୀ ମାନେ ମଧ୍ୟ 'ହର୍ବାଲ ଚା', 'ମାଚା ଟି' ସହିତ 'ମିଲେଟ୍ ଟି' 'ଗ୍ରୀନ ଟି'କୁ ବେଶ ପସନ୍ଦ କରୁଛନ୍ତି । ମେଳା ମହୋତ୍ସବ ହେଉ ଅବା ବଡ଼ ବଡ଼ ହୋଟେଲର ମେନୁରେ ଏହି ଚା'ର ନାମ ରହିଛି ।

ବରମୁଣ୍ଡା ବସଷ୍ଟାଣ୍ଡ ପାଖରେ ଜଣେ ଦୋକାନ କରିଥିବା ଚା'ଦୋକାନୀ କୁହନ୍ତି ସାରା ରାତି ଚା'ଦୋକାନ ଖୋଲା ହେଲେ ବି ଭୋରୁ ଭୋରୁ ଚା' ଅଧିକ ବିକ୍ରି ହୁଏ । ଗୋଟିଏ ଦିନରେ ପ୍ରାୟ ସେ ୧ଶହ ଚା' କପ୍ ବିକ୍ରି କରନ୍ତି । ରାତିରେ ମଧ୍ୟ ୫୦ ପାଖାପାଖି ଚା' କପ୍ ବିକ୍ରି ହୁଏ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ବରିଷ୍ଠଙ୍କ ଭିତରେ ଅନେକ ମଧୁମେହ ରୋଗୀ ରହୁଛନ୍ତି ଏଥିପାଇଁ ବିନା ଚିନିରେ ଚା' କରି ଅଲଗା ରଖିବାକୁ ପଡୁଛି ବୋଲି ସେ କହିଛନ୍ତି ।

କଳାହାଣ୍ଡିର ଲୋକକଳା, ପରମ୍ପରା ଓ ସଂସ୍କୃତି ଉଜ୍ଜୀବିତ ରହୁ

ଷ୍ଟାର୍ ନାଇଟ୍‌ରେ ଝୁମିଲେ ଦର୍ଶକ

କୋକସରା, ୧୦।୧(ସମିସ)

୪ ହଜାର ବର୍ଷ ପୂର୍ବରୁ କୋକସରା ମାଟିରୁ ହିଁ କଳାର ମାଟି ଜନ୍ମ ହୋଇଛି। କଳାହାଣ୍ଡି ସର୍ବଗୁଣେ ସମ୍ପନ୍ନ, କଳାହାଣ୍ଡିରେ କ'ଣ ନାହିଁ, ସବୁ କଛି ରହିଛି, ସବୁ କଳା ରହିଛି। କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ କହିଛନ୍ତି। ବ୍ଲକ

କୋକସରା ବ୍ଲକ

ଅଧକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇ, କୋକସରା ବିଡିଓ ଡ଼. ହିମାଞ୍ଚଳ ମାଝୀ, ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚଲ ସାହୁ, ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲକସ୍ତରୀୟ

ଉତ୍ସବରେ ଯେଉଁ ଯୋଗମାୟା ପୀଠ ଗୁର୍ଜିମୁଣ୍ଡା ଓ ପୁରାତନ ସଂସ୍କୃତିକୁ ମଞ୍ଚ ମାଧ୍ୟମରେ ଉପସ୍ଥାପନ କରିଥିବା ବ୍ଲକ ପ୍ରଶାସନର ଉଦ୍ୟମକୁ ଭୂୟସୀ ପ୍ରଶଂଶା କରିବା ସହ କଳାହାଣ୍ଡିର ଲୋକ କଳା, ପରମ୍ପରା ଓ ସଂସ୍କୃତି ଉଜ୍ଜୀବିତ ହୋଇ ରହିଥାଉ ବୋଲି କହିଥିଲେ। ପରେ ଢେମସା ଓ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ପଶ୍ଚିମ ଓଡ଼ିଶାର ଲୋକପ୍ରିୟ କଳାକାର ଉମାକାନ୍ତ ବାରିକ ଓ ଟିମ୍‌ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ଶୀତୁଆ ରାତିରେ ବିମୋହିତ ହୋଇ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ବ୍ଲକ ପ୍ରଶାସନ ପକ୍ଷରୁ ମହୋତ୍ସବକୁ ସଫଳ କରିଥିବା କମିଟିର କର୍ମକର୍ତ୍ତା ଓ କୋକସରା ପଞ୍ଚାୟତ ସମିତିର ଜନ ପ୍ରତିନିଧି, ବ୍ଲକର ଅଧିକାରୀ, କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚଳନାରେ ଅଧ୍ୟାପକ ମୋହନ ଚରଣ ବିଶି, ଶିକ୍ଷକ ଦେବାନନ୍ଦ ରାଉତ, ପଙ୍କଜ ମୁଖ ଚୌଧୁରୀ, ଶିକ୍ଷୟିତ୍ରୀ ଭାରତୀ ହୋତା, ପ୍ରଜ୍ଞା ବିନୋଦିନି, ଛାତ୍ରୀ ଅନ୍ୱେଷାଶ୍ରୀଷ୍ଟି ପଣ୍ଡା, ଅନନ୍ୟା ଚିନ୍ଦା, ଅର୍ପିତା ପଟ୍ଟନାୟକ ସହଯୋଗ କରିଥିଲେ। ଜିଲ୍ଲାର କଳାକାର ସମେତ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର କଳାକାରଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ କୋକସରା ବ୍ଲକର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ବ୍ଲକ ପ୍ରଶାସନ, ଜନପ୍ରତିନିଧି ଉତ୍ସବ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

ମ.ରାମପୁର ବ୍ଲକ୍‌ସ୍ତରୀୟ ଉତ୍ସବ ଉଦ୍‌ଯାପିତ

ମ.ରାମପୁର, ୧୦।୧(ସମିସ): ମ.ରାମପୁର ବ୍ଲକସ୍ତରିୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମ.ରାମପୁରର ଇଷ୍ଟ ଦେବୀ ମା'ଡୋକରୀଙ୍କ ଠାରେ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରାରେ ବାହାରିଥିଲା। ଘଣ୍ଟ, ଶଙ୍ଖ, ହୁଳହୁଳି, ସିଂବଜା, ଆଦିବାସୀ ନୃତ୍ୟ, ଘୁମୁରା, କିର୍ତ୍ତନ, ଡାବ ନୃତ୍ୟର ଧ୍ୱନୀରେ ମ.ରାମପୁର ସହର ପ୍ରକମ୍ପିତ ହୋଇଥିଲା। ହଜାର ହଜାର ଲୋକଙ୍କ ସହ ମଶାଲ ଯାତ୍ରା ଉତ୍ସବ ପଡ଼ିଆକୁ ପହଞ୍ଚି ଥିଲା। ପରେ ଉଦ୍‌ଘାଟନି ସଭା ଅନୁଷ୍ଠିତ ହୋଇଥିଲା। ମ.ରାମପୁର କଣ୍ଠଶିଳ୍ପୀ ସନ୍ତୋଷ ଦୁବେଙ୍କ ଟିମ୍ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ସମ୍ମାନିତ ଅତିଥି ଭାବେ ମ.ରାମପୁର ତହସିଲଦାର ମିମାଂସା ସାହୁ, ଉପାଧ୍ୟକ୍ଷ ଶମ୍ଭୁନାଥ ପଧାନ, ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ଧରୂଆଁ ଯୋଗଦେଇ ଥିବା ବେଳେ ବିଡ଼ିଓ ଶରତ କୁମାର ସେଠୀ ସଭାରେ ପୋରାହିତ୍ୟ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ ସିଂ ଦେଓ ଉତ୍ସବ ଘୋଷଣା କରିଥିଲେ। ମଞ୍ଚ ପରିଚାଳନା ସତ୍ୟ ସାହୁ ଓ ଶିବ ପଟ୍ଟନାୟକ କରିଥିଲେ। ଅତିଥିମାନେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲ ପରିଦର୍ଶନ କରିଥିଲେ। ପରେ

ବିଭିନ୍ନ ଛାତ୍ର ଛାତ୍ରୀ ଓ ସର୍ବସାଧାରଣ ମଧ୍ୟରେ ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରତିଯୋଗିତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁଷ୍ପେନ୍ଦ୍ର ସିଂଦେଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ମୁଖ୍ୟବକ୍ତା ପଦ୍ମଲୋଚନ ମିଶ୍ର, ସମ୍ମାନିତ ଅତିଥି ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ମ.ରାମପୁର ସରପଞ୍ଚ ବିଣାପାଣି ସାହୁ ଯୋଗ ଦେଇଥିବା ବେଳେ ବିଡ଼ିଓ ଶରତ ଚନ୍ଦ୍ର ସେଠୀ ପୋରାହିତ୍ୟ କରିଥିଲେ। ସତ୍ୟ ସାହୁ ଓ ସୁଧୀର ନାୟକ ସଭା ପରିଚାଳନା କରିଥିଲେ। ବିକାଶ ସିଂ ଦେଓ, ପ୍ରଦିପ ପାଣିଗ୍ରାହୀ, ଭଗବାନ ଭୋଇ, ପ୍ରେମ ଶାଗର ନାଏକ, ଏବିଡିଓ ଲକ୍ଷ୍ମଣ ପଧାନ, ଏଇଇ ବଳବିନ୍ଦର ସିଂହ ଯାଦବ, ନୟନ ନାଏକ ସମସ୍ତ ପଞ୍ଚାୟତ ନିର୍ବାହୀଅଧିକାରୀ, ମ.ରାମପୁର ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରି ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ପରେ ବଲାଙ୍ଗିର ଓ କନ୍ଧମାଳରୁ ଆସିଥିବା ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ।

ଏନ୍‌ଏସିସ୍ତରୀୟ ଉତ୍ସବ ଉଦ୍‌ଘାଟିତ | ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

କେସିଙ୍ଗା, ୧୦।୧(ସମିସ): କେସିଙ୍ଗା ବ୍ଲକରେ କଳାହାଣ୍ଡି ଉତ୍ସବ 'ଘୁମୁରା'ର ଉଦ୍‌ଯାପନୀ ପରେ ଶନିବାର କେସିଙ୍ଗା ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଘାଟିତ ହୋଇଛି। ସକାଳୁ କେସିଙ୍ଗାର ଇଷ୍ଟଦେବୀ ମାଁ ବୁଢ଼ା ଡଙ୍ଗର ମନ୍ଦିରରୁ ବିଶାଳ ମଶାଲ ଯାତ୍ରା କେସିଙ୍ଗା ସହର ପରିକ୍ରମା ପରେ ଉତ୍ସବସ୍ଥଳ ବିଦ୍ୟାପୀଠ ଖେଳ ପଡ଼ିଆ ଠାରେ ସ୍ଥାପନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ଓ ମଶାଲ ଯାତ୍ରାରେ କେସିଙ୍ଗା ନଗରପାଳ ନୃପରାଜ ଯାଦବ, ଏସ୍‌ଡିପିଓ ସନ୍ଦୀପ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଉପନଗରପାଳ ସରସ୍ୱତୀ ସାହାଙ୍କ ସମେତ ସମସ୍ତ ୱାର୍ଡ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। ପରେ ୱାକାଥନ, ଲୋକଗୀତ, ଲୋକନୃତ୍ୟ, ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଉଦ୍‌ଘାଟନୀ ଉତ୍ସବର ସାଂସ୍କୃତିକ ସନ୍ଧ୍ୟା ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଭାବରେ କେସିଙ୍ଗା

ଏସ୍‌ଡିପିଓ ଏବଂ ଉପନଗରପାଳ ସରସ୍ୱତୀ ସାହାଙ୍କ ସମେତ ସମସ୍ତ ୧୨ଜଣ ୱାର୍ଡ କାଉନସିଲର ପ୍ରମୁଖ ମଞ୍ଚାସିନ ଥିଲେ।ପରେ ଅତିଥିମାନେ ଶିକ୍ଷା, ସମାଜ ସେବା, କ୍ରୀଡା, ସାହିତ୍ୟ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ ସାଙ୍ଗକୁ ମୟୂରୀ ଏକାଡେମୀ ଭବାନୀପାଟଣା ପକ୍ଷରୁ ଚିତା କର୍ଷକ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅଞ୍ଚଳର ବରିଷ୍ଠ ଉଦ୍‌ଘୋଷକ ବି ଚନ୍ଦ୍ରଶେଖର ଆଚାରୀ।

■ ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଉଦ୍‌ଯାପିତ

ସର୍ବେଶ୍ୱର ଭୋଇଙ୍କ ମେଲୋଡି କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ଲାଞ୍ଜିଗଡ଼, ୧୦।୧ (ସମିସ): ଦୁଇଦିନ ବ୍ୟାପି ଚାଲିଥିବା ଲାଞ୍ଜିଗଡ଼ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ ଉଦଯାପିତ ହୋଇଯାଇଛି। ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ଖେଳ ପଡ଼ିଆ ଜଳପୁରୁଷ କାର୍ଜୀ ମାଝୀ ମଞ୍ଚରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ତହସିଲଦାର ଡ଼.ବନମାଳୀ ମେହେର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ତପନ କୁମାର ଭୋଇ ଓ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିଲେ। ସୂର୍ଯ୍ୟକାନ୍ତ ଭୁଏ ଓ ଗୋପାଳଦାସ ମହାନନ୍ଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିନତମାମ ବିଭିନ୍ନ

କାର୍ଯ୍ୟକ୍ରମ ସହିତ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ପ୍ରମୋଦ କୁମାର ପରିଡ଼ା ଓ ସର୍ବ ଭାରତୀୟ କରାଟେ ପ୍ରତିଯୋଗିତାରେ ୩ ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା କରାଟେ ଛାତ୍ର ହିତେଶ କୁମାର ମହାଖୁଡଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିଭାଗ, ମିଶନ ଶକ୍ତି ବିଭାଗ, କୃଷି ବିଭାଗ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଆକର୍ଷଣୀୟ ଷ୍ଟଲମାନ କରାଯାଇଥିଲା। ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ଲୋକଗାୟକ ସର୍ବେଶ୍ୱର ଭୋଇଙ୍କ ମେଲୋଡି କାର୍ଯ୍ୟକ୍ରମକୁ ବିଳମ୍ବିତ ରାତିଯାଏଁ ଲୋକେ ଉପଭୋଗ କରିଥିଲେ। ବିଶ୍ୱନାଥପୁର ପୁଲିସ ଏବଂ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ଉତ୍ସବସ୍ଥଳରେ ଆଇନଶୃଙ୍ଖଳା ଓ ଆପାତକାଳୀନ ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଥିଲା।

ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ

ଏନଏସ୍‌ଏସ ପକ୍ଷରୁ ଶୀତକାଳୀନ ଶିବିର ଉଦ୍‌ଘାଟିତ

ଭବାନୀପାଟଣା, ୧୦।୧ (ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ଉଦ୍‌ଘାଟିତ ହେଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଡ.ରାଧାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଶିବିର ୯ ତାରିଖ ଠାରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବ। ଶିବିରରେ ମୋଟ ୫୦ ଜଣ ଛାତ୍ରୀ ଭାଗ ନେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ କୋଅର୍ଡିନେଟର ଡ.ଚିତ୍ତରଞ୍ଜନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଚେତନତା ମୂଳକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଏନଏସ୍‌ଏସ୍ ଜିଲ୍ଲା ନୋଡାଲ ଅଧିକାରୀ ଜୟନ୍ତ କୁମାର ଦନସନା ଯୋଗ ଦେଇ ସ୍ୱେଚ୍ଛାସେବୀଙ୍କୁ ସମାଜରେ ତାଙ୍କ ଅବଦାନ ସମ୍ପର୍କରେ ଉଦ୍‌ବୋଧନ ତଥା ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଧୀରେଶ ଚନ୍ଦ୍ର ନନ୍ଦ ଏବଂ ହେମନ୍ତ କୁମାର ମାଝୀ ଯୋଗଦାନ କରିଥିଲେ।ଡ .ରାଧାରାଣୀ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରୀ ଅର୍ଚ୍ଚନା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ସମସ୍ତେ ଉପସ୍ଥିତ ରହି ସହଯୋଗ କରିଥିଲେ।

ବିଦ୍ୟୁତ୍ ବିଭାଗର ମନମାନି

କେସିଙ୍ଗା, ୧୦।୧(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ମାସିକ ମେଣ୍ଟେନାନ୍ସ କାମ ଅଛି କହି ଶୁକ୍ରବାର ଦିନ ଡ଼ାକବାଜି ଯନ୍ତ୍ରରେ ସହରରେ ବୁଲି ବୁଲି ସକାଳ ୯ ରୁ ଦିନ ୧ ପର୍ଯ୍ୟନ୍ତ ଲାଇନ କଟିବ ବୋଲି ଘୋଷଣା କରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ଅଗୁଆ ସୂଚନା ପାଇ ବିଦ୍ୟୁତ୍ ଉପଭୋକ୍ତା, ହୋଟେଲ, ଛୋଟ ଛୋଟ ବ୍ୟବସାୟୀମାନେ ଭୋରୁ ଉଠି ନିଜ କାମ ସାରିଥିବା ବେଳେ କିଛି ବ୍ୟବସାୟୀ ଦୋକାନ ଖୋଲି ନଥିଲେ।୯ ଟା ବେଳେ ଲାଇନ କଟିବାର ଥିଲା ହେଲେ ଲାଇନ କଟିଲା ନାହିଁ କାହିଁକି ଲାଇନ ଗଲା ନାହିଁ କେହି ଜାଣି ନାହାନ୍ତି। ହେଲେ ବିଦ୍ୟୁତ୍ ବିଭାଗର ମାନମାନୀ ଘୋଷଣା ପାଇଁ ଛୋଟ ଛୋଟ ବ୍ୟବସାୟୀ ଆଜି ଦିନକର ଜୀବିକା ହରାଇଲେ ତାକୁ କିଏ ଭରଣ କରିବ ତାହାର ଉତ୍ତର କାହା ପାଖରେ ନାହିଁ। ଅଯଥାରେ ବିଦ୍ୟୁତ୍ କାଟ ଘୋଷଣା କରି ବିଦ୍ୟୁତ୍ ନ କାଟି ଲୋକଙ୍କୁ ହଇରାଣ କରୁଥିବାରୁ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଟେମରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଝାରକୁଣ୍ଡାମାଲକୁ ହରାଇ ବ୍ରଦର୍ସ-୧୧ ଚାମ୍ପିଅନ୍

କୋକସରା, ୧୦।୧(ସମିସ) : କୋକସରା ବ୍ଲକ ଟେମରା ଲଙ୍କେଶ୍ୱରୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଟେମରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଥିଲା। ବ୍ରଦର୍ସ ୧୧ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଫାଇନାଲ ଖେଳ ଝାରକୁଣ୍ଡାମାଲ ଓ ବ୍ରଦର୍ସ ୧୧ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ସ୍କୋର କରି ପାରି ନଥିଲେ। ପରେ ଟ୍ରାଇ ବେକରେ ଧାରାକୁଣ୍ଡାମାଲ ଦଳକୁ ହରାଇ ବ୍ରଦର୍ସ-୧୧ଟୁର୍ଣ୍ଣାମେଣ୍ଟର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଖେଳ ଶିକ୍ଷକ ତାପସ ଦାସ ଖେଳ ପରିଚାଳନା କରିଥିବା ବେଳେ ଭୁପେନ୍ଦ୍ର ଗୋପାଳ ଓ ସଞ୍ଜୀବ ଦୁର୍ଗା ସହଯୋଗ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଯୁବ ଶିଳ୍ପପତି ପ୍ରଶାନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଯୁବନେତା ରାଜେନ୍ଦ୍ର ନାଏକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ସୁଧୀର କୁମାର ପାତ୍ର, ଜୟଲାଲ ନାଏକ, ଚୌବନ ରଣା, ପରମେଶ୍ୱର ପୁଝାରୀ, କ୍ଷିରସିନ୍ଧୁ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ହୃଷିକେଶ ଦୁର୍ଗା ଓ ଅଖିଳ ପଟେଲ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଲଙ୍କେଶ୍ୱରୀ ୟୁଥ୍ କ୍ଲବ୍ ର ପ୍ରଦୀପ କୁମାର ସାହୁ, ଆଶିଷ ରଞ୍ଜନ ମାଝୀ, ମୁକେଶ କୁମାର ସାହୁ, କୁମୁଦ କାନ୍ତ ମାଝୀ, କେଦାର ଦଳପତି ପ୍ରମୁଖ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଲା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଚିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

ସ୍ୱ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

ମୌଳିକ ସୁବିଧାରୁ ବଞ୍ଚିତ ଦୁର୍ଗମ ଆଦିବାସୀ ଗାଁ ରାଏମାଲ୍

ରାସ୍ତା ନାହିଁ, ଆବାସ ଯୋଜନା ସ୍ୱପ୍ନ

ଥୁଆମୂଳରାମପୁର, ୧୦।୧(ସମିସ)

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ସ୍ୱାଧୀନତାର ୭୮ ବର୍ଷ ବିତିସାରିଥିଲେ ମଧ୍ୟ ଏବେ ବି ବ୍ଲକରେ ରହିଛି ଅନେକ ଦୁର୍ଗମ ଇଲାକା। ଯାହାକୁ ଅନ୍ଧାରୀ ଇଲାକା ସବୁ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଇଲାକା ଗୁଡିକରେ ସରକାରଙ୍କ ମାଳମାଳ ଯୋଜନାରୁ କଣିକାଏ ଛିଟା ପଡ଼ିପାରିନି। ସତେ ଯେମିତି ଏସବୁ ଗାଁକୁ ବିକାଶ ବାଟବଣା ହୋଇପଡ଼ିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଜୁଳି ଭଳି ମୌଳିକ ସୁବିଧାରୁ ବଞ୍ଚିତ ଏସବୁ ଗାଁଏଭଳି ଏକ ଗାଁ ହେଉଛି ରାଏମାଲ୍। ନାକୁରୁଣ୍ଡି ପଞ୍ଚାୟତ ଅଧିନ ଏହି ଗାଁକୁ ରାସ୍ତା ଖଣ୍ଡେ ନାହିଁ ବୋଲି ଅଦୃଶ୍ୟ ହୋଇପଡ଼ିଛି ବିକାଶ। ବିକାଶ ଯିବାକୁ ବାଟ ନଥିବା ବେଳେ ମୌଳିକ ସୁବିଧା ଯେ କିପରି ପହଞ୍ଚିବ ତାହା ଏକ ବଡ ପ୍ରଶ୍ନ ପାଲଟିଣି ଏହି ଗାଁ ପାଇଁ। ବକ୍ସାଇଟ ଭଳି ଖଣିଜ ସମ୍ପଦଭରା କେଲୁଆମାଳିର ପାଦଦେଶର ଥିବା ପ୍ରାୟ ୨୨ ଆଦିବାସୀ ପରିବାର ବସବାସ କରୁଥିବା ଏହି ଗାଁରେ ପାନୀୟଜଳ ପାଇଁ କେବଳ ଗୋଟିଏ ମାତ୍ର ନଳକୂପ ଭରସା।ଆଉ ଏକ ନଳକୂପରୁ ପାଣି ବାହାରୁଛି ହେଲେ ତାହା ବ୍ୟବହାର ଯୋଗ୍ୟ ନୁହଁ ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ପାନୀୟଜଳ ସମସ୍ୟା ସୁଧାରିବାକୁ ଯାଇ ଦୁଇ ଦୁଇଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି ହେଲେ ଦୁଇଟି ଯାକ ପ୍ରକଳ୍ପ ଆରମ୍ଭର ମାତ୍ର କିଛି ଦିନ କିଛି ମାସ ପରେ ଅଚଳ ହୋଇ ପଡ଼ିରହିଛି। ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଆଜି ଖତ ଖାଉଛି। ଆବାସ ଯୋଜନା ଏହି ଗାଁ ପାଇଁ ସାତସପନ ପାଲଟିଛି। ସରଳ ନିରୀହ ଗରିବ ଆଦିବାସୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ପାଇଁ ନା ଅଛନ୍ତି ଜନ ପ୍ରତିନିଧି ନା ପ୍ରଶାସନିକ ଅଧିକାରୀ। ଏହି ଗାଁର କୌଣସି ପରିବାରକୁ ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରୁ ଘର ଖଣ୍ଡିଏ ନ ମିଳିବା ବିଡମ୍ବନାର

ବିଷୟ। ଏପଟେ ସରକାର ପ୍ରତ୍ୟେକ ଯୋଗ୍ୟ ଗରିବ ହିତାଧିକାରୀଙ୍କ ଚୟନ କରି ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ସେଇ ଅଧିକାରୀ ଏବଂ କର୍ମଚାରୀଙ୍କ ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଛନ୍ତି। ହେଲେ ଗତ ବର୍ଷ ଏକ ସର୍ଭେରେ ଏହି ଗାଁର କିଛି ପରିବାରର ନାମ ଚୟନ କରାଯାଇଛି ବୋଲି ବ୍ଲକ ଆବାସ ଯୋଜନା ସଂଯୋଜକ ରାଜେନ୍ଦ୍ର ନାରାୟଣ ଦେବ ସୂଚନା ଦେଇଛନ୍ତି। ତଥାପି ବି ଅନେକ ପରିବାର ଏହି ଚୟନ ପ୍ରକ୍ରିୟାରୁ ବଞ୍ଚିତ ରହିଥିବା ଜଣାପଡ଼ିଛି।ଗାଁର ଛୋଟ ଛୋଟ ଛୁଆ ଅଙ୍ଗନବାଡି ହେଉ କି ବିଦ୍ୟାଳୟ ପାଠ ପଢ଼ିବା ପାଇଁ ଜଙ୍ଗଲର ଦୁର୍ଗମ ପାଦଚଲା ରାସ୍ତା ଦେଇ ପ୍ରାୟ

ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଟୁରିଭେଜିଗୁଡା ଏବଂ ମୋହନଗିରି ବିଦ୍ୟାଳୟକୁ ଯିବାକୁ ପଡ଼ିଥାଏ।ଏପରି ବିପଦ ସଙ୍କୁଳ ଜଙ୍ଗଲିଆ ରାସ୍ତାରେ ଛୁଆଙ୍କୁ କିପରି ଛାଡିବେ ଯାହା ଅଭିଭାବକ ଚିନ୍ତାର କାରଣ ହୋଇଛି। ଫଳରେ ଏଠାକାର କୋମଳମତୀ ଶିଶୁଙ୍କ ଭବିଷ୍ୟତ ନଷ୍ଟ ହେବାକୁ ବସିଛି। ଗାଁରେ ଅନେକ ବୃଦ୍ଧ ବୃଦ୍ଧା ଭିନ୍ନକ୍ଷମ ବ୍ୟକ୍ତି ସାମାଜିକ ସୁରକ୍ଷା ଯୋଜନାରୁ ମଧ୍ୟ ବଞ୍ଚିତ ଥିବା ଅଭିଯୋଗ ସାମ୍ନକୁ ଆସିଛି। ଗାଁକୁ ବିଜୁଳି ସଂଯୋଗ ହୋଇନଥିବା ବେଳେ ଜଙ୍ଗଲ ନିକଟରେ ଅବସ୍ଥିତ ଗାଁ ସବୁବେଳେ ଅନ୍ଧାରରେ ରହୁଛି। ବ୍ଲକ ତଥା ଜିଲ୍ଲା ପ୍ରଶାସନ ଏହି ଗାଁକୁ ଆଉ ଅବହେଳା ନକରି ଗମନାଗମନ ସହିତ ସମୂହ ବିକାଶ ପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।